# ସ୍ୱପ୍ନ

## ମାର୍ଚ୍ଚ ୨୦୨୪



ISSN NO – 2582-208X

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids: vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ମନୁଷ୍ୟ ଜୀବନ ସୀମିତ । ସେଥି ମଧ୍ୟରୁ କେବଳ ବାଲ୍ୟ କାଳ ହିଁ ମନୁଷ୍ୟ ସବୁଠାରୁ ଖୁସିରେ ଥାଏ । କାରଣ ଦୁନିଆର ରିତି ନିତି ପ୍ରତି ତାର କିଛି ଯାଏଆସେ ନାହିଁ । ଧିରେ ଧିରେ ଛୁଆଟି ବଡ ହେଲା ପରେ ତାର ପାଠ ପଢିବା ଆରମ୍ଭ ହୁଏ । ଏଠାରେ କୁହାଯାଇପାରେ ଯେ ଆଗରୁ ୬ ବର୍ଷ ବୟସରୁ ପାଠ ପଢା ଆରମ୍ଭ ହେଉଥିଲା । କିନ୍ତୁ ଏବେ ପ୍ରାୟ ୩ ବର୍ଷ ସମୟରେ ଯେଉଁ ସମୟରେ ପିଲା ଖେଳିବା କୁଦିବା କଥା, ସେହି ସମୟରେ ତାକୁ ସ୍କୁଲ ପଠାଇ ଦିଆଯାଉଛି ଆଉ ଏହାଦ୍ୱାରା ତାର ବାଲ୍ୟକାଳ ପ୍ରଭାବିତ ହେଉଛି । ସ୍କୁଲରେ କିଛି ପଢିବା ସମୟରେ ମଧ୍ୟ ଭଲ ପାଠ ପଢିବା ଏବଂ ଭଲ ନମ୍ବର ରଖିବା ପାଇଁ ତା ଉପରେ ଅନେକ ପ୍ରେସର ଦିଆଯାଉଛି । ସ୍କୁଲ ପାଠ ପଢି ସାରିବା ପୂର୍ବରୁ ସେ କଣ ବନିବ, କଣ ପଢିବ ସେ ସବୁ ଠିକ୍ କରିଦିଆ ଯାଉଛି ଏବଂ ସେଇଥିପାଇଁ ମାଟ୍ରିକ ପରୀକ୍ଷା ଦେଇସାରିବା ପରେ ଆସନ୍ତା ୨ ବର୍ଷ ପିଲାମାନେ ଅତ୍ୟନ୍ତ ପରିଶ୍ରମ କରୁଛନ୍ତି କେବଳ କଣ ପଢିବେ ଆଉ କଣ ବନିବେ ସେଇଥିପାଇଁ । ତା ଭିତରେ ସ୍କୁଲ କଲେଜ ପାଠ ପଢା ସହିତ କୋଚିଂ କ୍ଲାସ ମଧ୍ୟ ଚାଲିଥାଏ ଯାହାଦ୍ୱାରା ପିଲାମାନେ କିଛି ସମୟ ପାଇଁ ଶାନ୍ତିରେ ଶୋଇବା ପାଇଁ ଆଉ ବସିବା ପାଇଁ ସମୟ ନଥାଏ । ବୁଲିବାକୁ ଯିବା ଏବଂ ଖେଳିବାକୁ ଯିବା କଥା ତ ଭୂଲି

ISSN NO.
2582-208X

ଯାଆନ୍ତୁ । ଏହାଦ୍ୱାରା ବନ୍ଧୁବାନ୍ଧବ ମାନଙ୍କ ସହିତ ଏପରିକି ସାଙ୍ଗସାଥି ମାନଙ୍କ ସହିତ ମିଶିବା ପ୍ରାୟତଃ ବନ୍ଦ ହୋଇଯାଇଥାଏ ।

ଏହାପରେ ଆରମ୍ଭ ହୁଏ ଚାକିରୀ ପାଇବା ପାଇଁ ପ୍ରତିଯୋଗିତା । ସେଥିପାଇଁ ଅନେକ ପରିଶ୍ରମ କରିବାକୁ ପଡେ । କିଛି ସମୟ ପରେ ଚାକିରୀ ମିଳିଯିବା ପରେ ମଧ୍ୟ ଶାନ୍ତି ନାହିଁ । କାରଣ ଅଫିସ ମାନଙ୍କରେ କାର୍ଯ୍ୟ ଭାର ଏତେ ଅଧିକା ଯେ ନିଶ୍ୱାସ ମାରିବାକୁ ସମୟ ନାହିଁ । ଆଉ ସେଥିପାଇଁ ଆଜିକାଲି ଅନେକ ବୈବାହିକ ଜୀବନ ଝଡଝଞ୍ଜା ଭିତରେ ଗତି କରୁଛି । ପିଲାଙ୍କ ପାଇଁ ସମୟ ଦେବାପାଇଁ ବାପା ମା ଙ୍କ ପାଖରେ ସମୟ ନାହିଁ । ଆଉ ମହାନଗର ମାନଙ୍କର ଜୀବନଶୈଳୀ କଥା ତ କହିଲେ ନଚଳେ । ପିଲାମାନଙ୍କ ପାଇଁ ସମୟ ଦେବା ତ ଦୂରର କଥା ସେମାନଙ୍କୁ ଦେଖିବାକୁ ବି ସମୟ ନାହିଁ ।

ଏହା ହେଉଛି ଆଜିକାଲିର ସମସ୍ୟା । ସମସ୍ତେ ପଇସା ତ କମାଉଛନ୍ତି, ମାତ୍ର କାହାପାଖରେ ସମୟ ନାହିଁ କିମ୍ବା ଶାନ୍ତି ନାହିଁ । ତେଣୁ ଏଥିରୁ ଏଥିରୁ ତ୍ରାହି ପାଇବା ପାଇଁ ପଇସା ପଛରେ ନଭାଗି ଅଳ୍ପ ଧନରେ ମଧ୍ୟ ଶାନ୍ତିରେ ରହିବା ଶିଖିବା ଦରକାର । ଏହାଦ୍ୱାରା ନିଜେ ଶାନ୍ତିରେ ରହିବା ସହ ପରିବାର ପରିଜନ ମଧ୍ୟ ଶାନ୍ତିରେ ରହିପାରିବେ । ଜୀବନରେ ଯଦି ଜଣେ ଖୁସିରେ ରହିଲା ତେବେ ତାହାଠାରୁ ଅଧିକ ଶାନ୍ତି ଆଉ କେଉଁଥିରେ ନାହିଁ ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ (ଧାରାବାହିକ) | ଅଶୋକ ବିଶ୍ୱାଳ | ୧୩ |
| ମୋ ଜନ୍ମଭୂମି | ଡ. ପ୍ରସନ୍ନ କୁମାର ବଳ | ୨୩ |
| ପୁଅ ଜନମ ବାଙ୍ଗାଲୋରକୁ | ଶଶଧର ମହାପାତ୍ର | ୨୫ |
| ରାଜ୍ୟର ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ: ଏକ ପକ୍ଷପାତ | ଗୁରୁକଲ୍ୟାଣ ମହାପାତ୍ର | ୩୦ |
| ମଶାଣିର ଅଟ୍ଟହାସ୍ୟ | ବିନୋଦିନୀ ଦାଶ | ୩୬ |
| ଜହ୍ନ ରାତି | ଅଳକା ମହାନ୍ତ | ୩୮ |
| କାକର, କୁହୁଡି, କରକାପାତ | ଇଂ. ସୁଶାନ୍ତ କଶୋର ବଳ | ୪୦ |
| ଗୋଟିଏ ମୁହୂର୍ତ୍ତ | ଡଃ ମାଙ୍ଗଳକା ମହାପାତ୍ର | ୪୩ |
| ନୂଆବର୍ଷ ୨୦୨୪ | ଡକ୍ଟର ବିଜ୍ଞାନୀ ଦାସ | ୪୫ |
| ସିଏ, ତୁମେଇ ତ ଥିଲ | ବିନୟ ମହାପାତ୍ର | ୫୭ |
| ମାନସିକତା ସତ୍ୟର ଅନ୍ୱେଷଣରେ | ଭାସ୍କର ଚନ୍ଦ୍ର ଖଣ୍ଡୀ | ୫୯ |
| ସବୁ ଫେରିଗଲା ପରେ... | ଜୟଶ୍ରୀ ପଟ୍ଟନାୟକ | ୬୧ |
| କ୍ୟାଲେଣ୍ଡର | ମଧୁମିତା ମିଶ୍ର | ୬୩ |
| ସ୍ନେହର ଋଣ | ଶାନ୍ତିଲତା ମିଶ୍ର | ୬୫ |
| ଉଡାନ୍ ରେ ପ୍ରାଣପକ୍ଷୀ | ଦଣ୍ଡାସି ପ୍ରଧାନ | ୭୦ |
| ଆୟୁଷ | ସ୍ମିତିପ୍ରଜ୍ଞା ସ୍ୱାଇଁ | ୭୩ |
| ଭକ୍ତ ବତ୍ସଳ ଭାବଗ୍ରାହୀ | ସୁଶ୍ରୀ ଶୁଭସ୍ମିତା ମହାନ୍ତ | ୭୫ |

ISSN NO.
2582-208X


| | | |
|---|---|---|
| ଲଳିତ ନିବନ୍ଧ- ଢେଙ୍ଗା ମୁଣ୍ଡରେ ଠେଙ୍ଗା | ବଦ୍ରୀ ମହାନ୍ତ | ୭୭ |
| ସମୟ ସୁଅରେ ବାପା | ସୁସ୍ମିତା ମହାପାତ୍ର | ୮୧ |
| ଜୀବନ ଧାରା | ଆଶୁତୋଷ ମେହେର | ୮୩ |
| ପବନ | ରଘୁନାଥ ତ୍ରିପାଠୀ | ୮୪ |
| ଝାଡ଼ଖଣ୍ଡରେ ଓଡ଼ିଆ ଲୋକ ସାହିତ୍ୟର ସ୍ୱରୂପ | ପ୍ରଫେସର ହରିହର ପ୍ରଧାନ | ୮୬ |
| ମୋ ଭାଷା | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୮୯ |
| କ୍ଷୁଧା | ଡକ୍ଟର ମନୋରଞ୍ଜନ ବିଷୋୟୀ | ୯୧ |
| କି ନାମେ ଡ଼ାକିବି | ମନ୍ଦାକନୀ ପାଢ଼ୀ | ୯୩ |
| ଜଗନ୍ନାଥ ସଂସ୍କୃତି ଏକ ଅନନ୍ୟ ସଂସ୍କୃତି | ଭାରତୀ ମୁଦୁଲି | ୯୫ |
| ଜଙ୍ଗଲ ମହୋତ୍ସବ | ଅଜିତ କୁମାର ରାଉତ | ୯୮ |
| ଅସମାହିତ | ଡଃ. କଶୋର ମହାନ୍ତ | ୯୯ |
| ଡ଼କ୍ଟର ଶୁଭେନ୍ଦୁ ମୋହନ ଶ୍ରୀ ଚନ୍ଦନ ସିଂ ସ୍ମରଣେ | ଡ଼କ୍ଟର ସୀମାଞ୍ଚଳ ପ୍ରଧାନ | ୧୦୦ |
| ପ୍ରତିଭା ରାୟଙ୍କ ଉପନ୍ୟାସରେ ନାରୀ | ବିଶ୍ୱଜଲକ୍ଷ୍ମୀ ସାହୁ | ୧୦୨ |
| ଏକାତ୍ମବୋଧ | ଦିବାକର ନାୟକ | ୧୧୬ |
| ଦୁହିତା | ଦିଲ୍ଲୀପ ଶତପଥୀ | ୧୧୮ |
| ଜୀବନ | ଅରୁଣ କୁମାର ମହାପାତ୍ର | ୧୨୦ |

ISSN NO.
2582-208X


| | | |
|---|---|---|
| କବି ନୀଳକଣ୍ଠ ମିଶ୍ରଙ୍କ କବିତାରେ ଜନ୍ମ ମାଟି ମୋହ | ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ | ୧୨୨ |
| ଖୋଜିଛି ମୁଁ ପାଇନାହିଁ | କାର୍ତ୍ତିକେଶ୍ୱର ନାୟକ | ୧୨୭ |
| ରଘୁପତି | ସତ୍ୟନାରାୟଣ ପ୍ରସାଦ ନାୟକ | ୧୩୦ |
| ଆମ ଭବିଷ୍ୟତ ଆମ ହାତରେ | ଛବି ରାଣୀ ପତି | ୧୩୨ |
| ମୃତ୍ୟୁର ସଂଜ୍ଞା | ପ୍ରଦୀପ୍ତ କୁମାର ମିଶ୍ର | ୧୩୪ |
| ଆଞ୍ଚଳେ ନାରୀ ଗୀତ | ସୁଜିତ କୁମାର ମିଶ୍ର | ୧୩୬ |
| କୋଣାର୍କ | ଡ଼ଃ ପ୍ରଦୀପ କୁମାର ପଣ୍ଡା | ୧୩୮ |
| ବାଜ ପାଇଁ ବକ ମରେ | ସିନ୍ଧୁ ନନ୍ଦିନୀ | ୧୪୦ |
| ଫଗୁବୋଲା ଚିଠି | କୁଞ୍ଜ ବିହାରୀ ସାହୁ | ୧୪୨ |
| ନାରୀ ଏକ ରେଖାଚିତ୍ର | କୁଞ୍ଜବିହାରୀ ରାଉତ | ୧୫୨ |
| ଝିଲିମିଲି ସାହୁ | ଝିଲିମିଲି ସାହୁ | ୧୫୪ |
| ଦୂରଦେଶ ଉଡା ଚଢେଇ ଟିଏ ମୁଁ | ନଳନୀ ଦାଶ | ୧୫୫ |
| ଉଠ୍ ପୁଟୁର୍ (ଧାରାବାହିକ) | ଆରତୀ ସାହୁ (ଆଶା) | ୧୫୮ |
| ଦରଜ | ନିରୂପମା ପଟେଲ | ୧୬୬ |
| ବିନମ୍ର | ବାସନ୍ତୀ ଲତା ଜେନା | ୧୬୮ |
| ମୁଁ ଓଡ଼ିଆ ମୋ ଭାଷା ଓଡ଼ିଆ | ଡ. ଅଭିମନ୍ୟୁ କାନୁନଗୋ | ୧୭୦ |
| ଜୀବନ ଜୀବିକା | ସସ୍ମିତା ପ୍ରଧାନ | ୧୭୧ |
| ସାମ୍ପ୍ରତିକ ସମାଜରେ ଲୋକନାଟକର ସ୍ଥିତି ଓ ବ୍ୟାପ୍ତି | ଡ଼କ୍ଟର ସ୍ୱାଧୀନ ଚନ୍ଦ୍ର ପଧାନ | ୧୭୪ |
| ତୁମେ ବି ଏମିତି | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୧୮୩ |
| ଦୁଇଟି ଅଣୁ କବିତା | ଡ. ଜ୍ଞାନେଶ୍ୱର ମିଶ୍ର | ୧୮୫ |

ISSN NO.
2582-208X




| | | |
|---|---|---|
| ଆଜିର ଗଣତନ୍ତ୍ର | ଦେବାର୍ଚ୍ଚନ ମେହେର | ୧୮୬ |
| ଜୟ ଜୟ ଗୁରୁ ରାମରାଜ୍ୟ ଫେରୁ | ରଂଜିତା ମହାଳକ | ୧୮୮ |
| କଳା ଜହ୍ନା | ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ | ୧୯୦ |
| ମରତେ ଆସିଛି ଶୀତ | ବେଣୁଧର ସୂତାର | ୧୯୩ |
| ଶିକ୍ଷା ଲବ୍ଧଜ୍ଞାନ ଓ ବ୍ୟାବହାରିକ ଜ୍ଞାନ | ପ୍ରସନ୍ନ କୁମାର ମେହେର | ୧୯୬ |
| ସ୍ୱାଧୀନ ଭାରତ | ଜୟ କୁମାର ମିଶ୍ର | ୧୯୮ |
| ମନୁଆ ଠାକୁର | ରଶ୍ମିତା ସାହୁ | ୨୦୧ |
| ବାସ୍ତବବାଦୀ ଗାଳ୍ପିକ ଦେବପ୍ରସାଦ ଦାଶଙ୍କ କାନ୍ଥ : ଏକ ଅନୁଶୀଳନ | ଅପରାଜିତା ମହାରଣା | ୨୦୩ |
| ଜୟ ଶ୍ରୀ ରାମ | ଝରଣା ବାରିକ | ୨୦୯ |
| ନିଃସଙ୍ଗ ବାର୍ଦ୍ଧକ୍ୟ | ଅକ୍ଷୟ ମହାନ୍ତ (ନିର୍ମାଲ୍ୟ) | ୨୧୧ |
| ତମେ | ବିଶ୍ୱନାଥ କର | ୨୧୪ |
| ଓଡିଆ ଭାଷା ସଂରକ୍ଷଣରେ 'ବର୍ଣ୍ଣବୋଧ' ର ଭୂମିକା | ଅସିତ ମହାନ୍ତ | ୨୧୬ |
| ଜୀବନ | କୀର୍ତ୍ତନ ସାହୁ | ୨୨୦ |
| ଦଗାଦିଆ ଠାକୁର | ନରେନ୍ଦ୍ର ପ୍ରସାଦ ବେହେରା | ୨୨୧ |
| ମଥୁରା ନଗରୀର କୁବୁଜ୍ଜା | ବିରଞ୍ଚି ନାରାୟଣ ମିଶ୍ର | ୨୨୪ |
| ନିଃସ୍ୱ ମଣିଷ | ଡ. ଅର୍ଜୁନ ଚରଣ ବାରିକ୍ | ୨୨୬ |
| ଜୀବନ ବଦଳି ଯାଉ | ରାଜକଶୋର ସ୍ୱାଇଁ | ୨୩୦ |
| ଜୟ ମା ବିଣାପାଣୀ | ବାଙ୍କାବିହାରୀ ମହାକୁର | ୨୩୨ |
| ନାଆଁଟା ମୋର କମ୍ବଳ | କାଳପ୍ରସାଦ ମହାପାତ୍ର | ୨୩୪ |

ISSN NO.
2582-208X


| | | |
|---|---|---|
| ଆଧୁନିକ ଓଡ଼ିଆ ଗୀତି କବିତାରେ ଚତୁର୍ଦ୍ଦଶପଦୀ କବିତାର ପ୍ରଭାବ | ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ | ୨୩୬ |
| ମା ଲକ୍ଷ୍ମୀଙ୍କ ଅଭିମାନ | ହର ପ୍ରସାଦ ସୁଆର | ୨୪୨ |
| ଜହ୍ନ ରାଇଜରେ ଆମରି ଦେଶ | ଦୀନବନ୍ଧୁ ବେଜ | ୨୪୪ |
| ସର୍ବଦେବ କୃତ ଶ୍ରୀ ଲକ୍ଷ୍ମୀ ସ୍ତୋତ୍ରମ୍ | ଅଧ୍ୟାପକ ଅବିନାଶ ବାରିକ୍ | ୨୪୬ |
| ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡିଆ ଉପନ୍ୟାସ ସାହିତ୍ୟରେ ରାଜନୈତିକ ଚିତ୍ର" | ସତ୍ୟବ୍ରତ ଦାସ | ୨୪୮ |
| ବନ୍ଧୁତା | ଶୁଭେନ୍ଦୁ ମେହେର | ୨୫୬ |
| ମୃତ୍ୟୁର ଆଇନା | ଶୁଭ୍ରାଙ୍ଗୀ ପ୍ରିୟବାଦିନୀ | ୨୫୭ |
| ଧନୁ ଯାତ୍ରା | ସୁହାସିନ ବାରିକ୍ | ୨୫୯ |
| ମୋ ଗାଁ | ସୁକାନ୍ତ ଦାସ | ୨୬୦ |
| ମହାଳୟା | ଅଧ୍ୟାପିକା ଗ୍ରେଜାଲିନ୍ ବାରିକ୍ | ୨୬୩ |
| ବସନ୍ତ | ପ୍ରତିଭା ଦାସ | ୨୬୬ |
| ସରିନାହିଁ ମୋର | ବିଜୟ କୁମାର ସାହୁ | ୨୬୮ |
| ତୁମ ପ୍ରେମ | ଅଲେଖ ମେହେର | ୨୭୦ |
| ବାପା.... ଏକ ବ୍ୟକ୍ତିତ୍ୱ ର ବୈଶିଷ୍ଟ୍ୟ | ମାନସ ରଞ୍ଜନ ନାୟକ | ୨୭୨ |
| ମାନସୀ ମନ | ବିନୟାନନ୍ଦ ବସ୍ତସ୍ୟ | ୨୭୪ |
| ଗୋଟିଏ ସନ୍ଧ୍ୟା: ଜରଓ୍ୱାଙ୍କ ଗହଣରେ (ଭ୍ରମଣ କାହାଣୀ) | ପ୍ରିୟବ୍ରତ ପାତ୍ର | ୨୭୬ |
| ଦହିବରା ଜଳଖିଆ | ଦୀନବନ୍ଧୁ ପୋଇ | ୨୮୦ |
| ତୁମ୍ଭେ ଥାଉ ରାମ ରାମ | ତ୍ରିପତି ପ୍ରଧାନ | ୨୮୨ |

ISSN NO.
2582-208X


| | | |
|---|---|---|
| ଭ୍ରମର | ଶିବରାମ ସାହୁ | ୨୮୪ |
| ନାଟକ-<br>।।ଭଲ ମଣିଷ ଖୋଜିବା ଆସ ।। | ସୁଧାଂଶୁ ଶେଖର ଦ୍ୱିବେଦୀ | ୨୮୫ |
| ସୁଖ ହାତ ଛାଡ଼ି ଦୁଃଖ ଦେଇଗଲ | ତାରାପ୍ରସାଦ ଜେନା | ୨୮୮ |
| ଜୀବନର ମାନେ | ନରଞ୍ଜନ ସାହୁ | ୨୯୦ |
| ଶୂନ୍ୟତା ଭିତରେ ପୂର୍ଣ୍ଣତା | ଅମୃତନାରାୟଣ ଶତପଥୀ | ୨୯୧ |
| ମଧୁ ମାଳତୀ (ଧାରାବାହିକ) | ଡାଃ. ଅନତା ପଣ୍ଡା | ୨୯୨ |
| ସାହିତ୍ୟ ଆକାଶେ ଧ୍ରୁବ ତାରା | ପ୍ରଶାନ୍ତ କୁମାର ନାଥ | ୩୦୦ |
| ସରିନି ସପନ | ଜୟନ୍ତ କୁମାର ମଲ୍ଲିକ୍ | ୩୦୨ |
| ଅଯୋଧ୍ୟାର ରାମଲଲା | ଅମରନାଥ ବାରିକ | ୩୦୩ |
| ରୂପ | ପ୍ରଜ୍ଞା ପାରମିତା ଦାଶ (ମିଶ୍ର) | ୩୦୫ |
| ପ୍ରେମ ହେଲା ଷ୍ଟେସନରେ | ବନ ଲତା ଦାସ | ୩୦୭ |
| ବୈକୁଣ୍ଠ ସମାନ ଅଟେ ଆମଘର | ହରେରାମ ପଣ୍ଡା | ୩୧୦ |
| ଜାତି | ମାନସୀ ସାହୁ | ୩୧୨ |
| ଅପ୍ରିୟ ସତ୍ୟ (ଧାରାବାହିକ) | ଖଗେଶ୍ୱର ବାଗ | ୩୧୩ |
| ମକର ସଂକ୍ରାନ୍ତି | ଜୟନ୍ତୀ ଦେବୀ | ୩୧୭ |
| ଗେରୁଆ ଓ ତ୍ରିରଙ୍ଗା ତଳେ ସଂସ୍କୃତି ରଚନା | ଡୁଇଟ୍ ଡେଭିଡ ଫିଲିପ | ୩୧୮ |
| ପାପ-ପୁଣ୍ୟ | ଯଜ୍ଞଦତ୍ତ ସାମନ୍ତରାୟ | ୩୧୯ |
| ଧର୍ମ ପରାୟଣ ବ୍ୟକ୍ତି | ସିଦ୍ଧେଶ୍ୱର ତ୍ରିପାଠୀ | ୩୨୦ |
| ସମୟର ସୁଅ | ରାମଚନ୍ଦ୍ର ବେହେରା | ୩୨୨ |
| ଦୂର ପାହାଡ଼ ସୁନ୍ଦର | ଦେବଯାନୀ ବାରିକ୍ | ୩୨୪ |

ISSN NO.
2582-208X


| | | |
|---|---|---|
| ତମେ ମୋତେ | ଚତରଂଜନ ବେହେରା | ୩୨୫ |
| ମୋହନ ବଂଶୀ | ସତ୍ୟନାରାୟଣ ମିଶ୍ର | ୩୨୭ |
| ସାଥି | ଅଜୟ କୁମାର ରାଉତ | ୩୨୯ |
| ମନ୍ଥରା ରାମ ଜଣାଣ | ପ୍ରବୋଧ କୁମାର ହୋତା | ୩୩୧ |
| ପ୍ରେମ | ଜନ୍ମଜୟ ନାୟକ | ୩୩୩ |
| ଲୌହ ଦାନବ ର ରକ୍ତ ଭୋଜି | ମୋନାଲିସା ପଣ୍ଡା | ୩୩୫ |
| ଗାନ୍ଧୀ ତୁମେ ଫେରିଆସ | ପବିତ୍ର ନାରାୟଣ ବେହେରା | ୩୩୮ |
| ଅବହେଳା | ପ୍ରକାଶ କୁମାର ଗୃନ୍ଦ | ୩୪୦ |
| ଅଧୁରା ଦେବଦାସୀ | ପ୍ରଶାନ୍ତ ବ୍ରହ୍ମା | ୩୪୨ |
| ଏକବିଂଶ ଶତକର କବିତାର ଧରା ଓ ଧାରା | ମାନସ କୁମାର ସେନାପତି | ୩୪୩ |
| ତୁହି ଗୋଲାପ | ସୁଲତା ସାହୁ | ୩୫୬ |
| ବାପା | ଆଦ୍ୟାଶା ନନ୍ଦ | ୩୫୮ |
| ପରିବର୍ତ୍ତିତ ସମାଜ ଓ ମୁଁ | ଆକାଂକ୍ଷାମୟୀ ଦାଶ | ୩୬୦ |
| ଆତ୍ମଜୀବନୀ ଅନୁଶୀଳନ | ସ୍ମୃତିରଞ୍ଜନ ସେଠୀ | ୩୬୩ |
| ବାବା ଅଭିରାମ | ଅନନ୍ତ କୁମାର ଦାସ | ୩୬୯ |
| ହେ ଜଗନ୍ନାଥ | ଯଯାତି କେଶରୀ ମହାକୁଡ଼ | ୩୭୨ |
| ମୁଁ ଓଡ଼ିଆ ମୋ ଭାଷା ଓଡ଼ିଆ | ଲକ୍ଷ୍ମୀପ୍ରିୟା ବିଶ୍ୱାଳ | ୩୭୫ |
| ପୁରୁଣାକୁ ନୂଆ କରେ ନୂଆକୁ ନିଆରା | ସୂର୍ଯ୍ୟ ନାରାୟଣ ସାହୁ | ୩୭୬ |
| ଧନୁ ଯାତ୍ରା | ଅଳକା ବାରିକ୍ | ୩୮୨ |
| ସ୍ୱପ୍ନର ଭାରତ | ପ୍ରକାଶ ଚନ୍ଦ୍ର ପଣ୍ଡା | ୩୮୩ |

ISSN NO.
2582-208X

| | | |
|---|---|---|
| ଆସିଛି ମୋ ରାମ | ଅନାଦି ଚରଣ ବେହେରା | ୩୮୪ |
| ପଦୁଅଁ ପୋଖରୀ | ଦାସ କମଳ କୁମାର | ୩୮୬ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୩୯୦ |
| ଗୀତା ମାହାତ୍ମ୍ୟ | ମାଳତୀ ଦେବୀ | ୩୯୨ |
| ନଈରେ ଭାସୁଛି ଦୁଃଖ | ଦୁଷ୍ମନ୍ତ ବେହେରା | ୩୯୪ |
| ଅହଙ୍କାରୀର ଧର୍ମ | ଅଶୋକ କୁମାର ପଧାନ | ୩୯୮ |
| ଅସରା କଲମ | କେଶବ ମେହେର | ୪୦୦ |
| ଆତଙ୍କୀର ସନ୍ଧ୍ୟା ୧୪ ଫେବୃଆରୀ ୨୦୧୯ | ଅନନ୍ତ କୁମାର | ୪୦୨ |
| ଫୁଲ ବଗିଚା | ରାଧା ରାଣୀ ରାଉଳ | ୪୦୪ |
| ବୋଉ | ରେଶମା ସୁଲତାନା | ୪୦୫ |
| ନାରୀ | ସଙ୍ଗୀତା ମହାନ୍ତ | ୪୦୬ |
| ପ୍ରିୟ ବାନ୍ଧବୀ | ରୋହନ ନାଏକ | ୪୦୭ |
| କିଛି ଭୁଲ କଲି କି ? | ସୀତାକାନ୍ତ ତୁମୁନଆଁ | ୪୧୦ |
| ମଗୁଶିର ମାସ | ସମ୍ପଦା ଦେବୀ | ୪୧୨ |
| **ସ୍ୱାସ୍ଥ୍ୟ ବିଭାଗ** | | |
| ପାଣି ସିଙ୍ଗଡ଼ା,ପଦ୍ମନାଡ ଓ ଆମ ସ୍ୱାସ୍ଥ୍ୟ | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୪୧୬ |
| **ଆମ ହାଣ୍ଡିଶାଳ** | | |
| ସଜନା ତରକାରୀ | ଅରବିନ୍ଦ ମିଶ୍ର | ୪୨୧ |

ISSN NO.
2582-208X


| ଆଞ୍ଚଳିକ | | |
|---|---|---|
| ମୋର୍ ଦୁଖ୍ ଟାତ, କେତେ ନି କେତେ କମ୍ | ସନ୍ତୋଷ କୁମାର ବେହେରା | ୪୨୪ |
| କେନ୍ତା କରି ଏକଲା | ଗଜାନନ ମିଶ୍ର | ୪୨୬ |
| ଆମର୍ ପାଏନ୍ ପବନ୍ ମଧୁର୍ | ସୁହଂସ ଭୋଇ | ୪୨୮ |
| କବିତା | ସୁନୀଲ କୁମାର ଅଗସ୍ତି | ୪୩୦ |
| **ଶିଶୁ ବିଭାଗ** | | |
| କାଙ୍କୁ ଖିରି | ଡ଼ଃ ରଞ୍ଜିତ କୁମାର ସାହୁ | ୪୩୩ |
| ରଙ୍ଗପରବ ହୋଲି | ନୀଳମଣି ଗନ୍ଧ | ୪୩୭ |
| ଗୋ ମାତା ର ସେବା | ବିକାଶ କୁମାର ହୋତା | ୪୩୯ |
| ଆଇ ମାଆ କବିତା | ଦାସ କମଳ କୁମାର | ୪୪୧ |
| ଚଗଲା ରିଷି ବଦଳି ଗଲା | ରାମ ଚନ୍ଦ୍ର ପ୍ରଧାନ | ୪୪୪ |
| କୁନା ଶିଖିଲା ପିମ୍ପୁଡ଼ିଠାରୁ | ଅମରନାଥ ବାରିକ୍ | ୪୪୭ |
| ନୀରବ ପ୍ରାର୍ଥନା | ଆକାଂକ୍ଷା ମିଶ୍ର | ୪୫୦ |
| ଚିତ୍ର | ଆଦବିକା ପଟ୍ଟନାୟକ | ୪୫୧ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୪୫୨ |
| ମାର୍ଚ୍ଚ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୪୫୬ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୪୫୭ |

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୨୧-ବିସ୍ମୟକର ଜୀବଗଣ

### କ-ଅନ୍ଧାରିଆ ଗୁମ୍ଫାର ସୁଇଫ୍ଟଲେଟ ଚଢେଇ

ଅସୀମଙ୍କ ଆକର୍ଷଣ ଏବେ ସମୁଦ୍ର, ନଦୀ, କ୍ରୀକ, ଜଙ୍ଗଲ ଆଉ ଆଶ୍ଚର୍ଯ୍ୟଜନକ ପ୍ରାଣୀମାନ ହୋଇଯାଇଛି । କ୍ୟାମ୍ପବେଲ ବେ ଭଳି ଅଞ୍ଚଳରେ ଆଡଭେଞ୍ଚର ସବୁବେଳେ ଦରକାର । ମନ ଆଉ ଶରୀର ପ୍ରସ୍ତୁତ ହୋଇ ରହିଛି । ଏ ଆଣ୍ଡାମାନ ନିକୋବରରେ ଦ୍ୱୀପପୁଞ୍ଜରେ କେତେ ଅଦ୍ଭୁତ ଜୀବଜନ୍ତୁ ଅଛନ୍ତି । ଆଉ ଅଛି କେତେ କେତେ ଆଶ୍ଚର୍ଯ୍ୟଜନକ ଗଛ ଲତା। ସି ମହୋଗ୍ୱା, ଗର୍ଜନ, ଆଣ୍ଡାମାନ ପାଡକ ଆଦି ଗଛ ଜଙ୍ଗଲକୁ ଦେଉଛି ଶୋଭା । ଅରଣ୍ୟରେ ବାସ କରୁଛନ୍ତି ନିକୋବରୀ ପିଜନ, ମେଗାପଡ, କଙ୍କଡା ଖିଆ ମାଙ୍କଡ, ରବର କ୍ରାବ ଭଳି ଅତି ଦୁର୍ଲଭ ପ୍ରାଣୀମାନ । ଜ୍ୟାଣ୍ଟ ଲେଦରବ୍ୟାକ କଚ୍ଛପ ଆସେ ଆଣ୍ଡାମାନ ନିକୋବର ଦ୍ୱୀପ ସମୂହର ବେଳାଭୂମିକୁ । ସବୁଠାରୁ ବେଶି ଆଶ୍ଚର୍ଯ୍ୟକର ପ୍ରାଣୀ ଅଛନ୍ତି ଏଇ ଗ୍ରେଟ ନିକୋବର ଦ୍ୱୀପରେ ।

ଏମିତିବି କିଛି ନା କିଛି କାମ କଲାବେଳେ ଅସୀମଙ୍କ କାଗଜ ଭିତରକୁ ଆଶ୍ଚର୍ଯ୍ୟଜନକ ପ୍ରାଣୀମାନେ ଆସନ୍ତି । ସେମାନଙ୍କୁ ନ ଦେଖିବା ପର୍ଯ୍ୟନ୍ତ ମନ ଆଉ ଥୟ ଧରେନି । ତାଙ୍କ ସାଙ୍ଗରେ ସେମିତି କିଛି ଲୋକ ମିଳିଯାଇଥିଲେ ଯେଉଁମାନେ ମନକୁ ବାଧା ଭିତରେ ରଖିବାକୁ ଚାହୁଁନଥିଲେ । ଅସୀମଙ୍କ ଆଖି ଉଦାସ ହୋଇଗଲେ ବା ଅତି ଉଜ୍ଜ୍ୱଳ ହୋଇଉଠିଲେ

ISSN NO.
2582-208X

ରାମଦାସ ବା ପ୍ରସାଦବାବୁ ବା ବେଳେବେଳେ ପଦ୍ମଶିବ ବା ଡୋମିନିକ ଆଗ୍ରହୀ କରିବା ପାଇଁ କିଛି ନୂଆ ଉପାଦାନ ନେଇଆସନ୍ତି । ସେମାନଙ୍କ ସ୍ଥାନୀୟ ଜ୍ଞାନ ଅସୀମଙ୍କ ଭିତରେ ଅମାପ ଶକ୍ତି ଯେମିତି ଖୁନ୍ଦିଦିଏ ।

ଏମିତି ବି କ୍ୟାମ୍ପବେଲ ବେରେ ଓ୍ୱାଇଲ୍ଡ ଲାଇଫ ଅଫିସରେ ଏକ ମ୍ୟୁଜିଅମ କରାଯାଇଥିଲା। ଦ୍ୱୀପରେ ମିଳୁଥିବା ବନ୍ୟପ୍ରାଣୀ ଜୀବଙ୍କ ଦେହର ଅବଶେଷ, ଯଥା ସ୍କଲ, ହାଡ ଇତ୍ୟାଦି ଏକ ଲମ୍ବା କାଠପଟା ଉପରେ ସଜାଇ କରି ରଖାଯାଇଥିଲା । ସେଥିରେ ଥିଲା ଏକ କୁମ୍ଭୀର, ବନ୍ୟ ଶୂକର ତଥା ମାଙ୍କଡର ଖପୁରୀ, ଟର୍ଟଲମାନଙ୍କ କଠିନ ଖୋଳପା । କୁମ୍ଭୀରର ଖପୁରୀ ଅନ୍ୟମାନଙ୍କ ଅପେକ୍ଷା ବହୁ ବଡଥିଲା । ଏକ କୁମ୍ଭୀରର ଚମଡାକୁ ଟଙ୍ଗାଇ ରଖାଯାଇଥିଲା । ସେହି କୁମ୍ଭୀରଟିକୁ ଚୋରା ଶିକାରୀମାନେ ମାରି ଦେଇଥିଲେ ଆଉ ତା'କୁ ରେଞ୍ଜ ଅଫିସର ଜବତ କରିଥିଲେ ଆଉ ସେଇଥି ପାଇଁ ସେମାନେ ଏକ କେଶ ମଧ୍ୟ କରିଥିଲେ । ଲୋବଷ୍ଟରର ସେଲ ତ ବହୁତ ବଡ ଥିଲା । ଆଉ ଥିଲା ବଡ ଆକାରର ସି ଫ୍ୟାନ ବା ଗଛ ପରି ଦେଖାଯଉଥିବା ସମୁଦ୍ର ତଳେ ବଢିଥିବା ଝାଡିମାନ। ଏହା ଏକ ପ୍ରକାର କୋରାଲ ।

ଗ୍ରେଟ ନିକୋବର ଦ୍ୱୀପର ଜୈବ ବିବିଧତା ଏକ ବୁଢୀଆଣୀ ଜାଲ ଭଳି । ଗୋଟିଏ ପରେ ଗୋଟିଏ ସୂତା ଖିଅ ଆଉ ପଜଲକୁ ଖୋଲିଚାଲ । ଜୀବ ଜୀବନ ଏଠାରେ ମଧ୍ୟ ଏକ ଏକ ପଜଲ । ଅଡୁଆ ସୂତାଖିଅ ନୁହେଁ । ବୁଝିନଜାଣିଲେ ସଂମ୍ପୂର୍ଣ ଅଡୁଆ, ବାଟ ମିଳିବନି ଆଉ ବୁଢିଆଣୀ ଜାଲରେ ଗୁଡାଇ ହୋଇଯିବା କଥା । କିନ୍ତୁ ଜାଣିପାରିଲେ ବୁଢୀଆଣୀ ପରି ଅତି ସହଜରେ ଜାଲର ଏକ କୋଣରୁ ଆଉ ଏକ କୋଣ ପର୍ଯ୍ୟନ୍ତ ଚାଲିଯାଇହୁଏ । ସେମିତ ଏଥର କଥା ଥିଲା ଏକ ଆଶ୍ଚର୍ଯ୍ୟଜନକ ଛୋଟ ପକ୍ଷୀରୁ । ଜଙ୍ଗଲରେ ଅଛି ଏକ ସବୁବେଳେ ଉଡନ୍ତା ପକ୍ଷୀ ସୁଇପ୍ଟଲେଟ ଯାହାକୁ ଏଠାକାର ଭାଷାରେ ହାୱାବିଲ କହୁଛନ୍ତି । ସେହି ହାୱାବିଲ ରହୁଛି ନିକାଞ୍ଚନ ସ୍ଥାନମାନଙ୍କରେ । ଶିକାରୀମାନେ କେଉଁ ଅପହଞ୍ଚ ଯାଗାକୁ ଆସି ସେମାନଙ୍କର ବସାକୁ ଚୋରାଇ ନେଇ ଯାଉଛନ୍ତି । ଏମିତିଆ ବସା କୁଆଡେ ସ୍ୱାଦିଷ୍ଟ ସୁପ ପାଇଁ ବ୍ୟବହୃତ ହୁଏ ।

"ଲାଳରୁ ତିଆରି ବସା ଲୋକେ ଚୋରି କରିନେଉଛନ୍ତି ।"- ରାମଦାସ କହିଲେ ।

ISSN NO.
2582-208X

"ପ୍ରକୃତରେ ସୁଇଫ୍ଟଲେଟ ଚଢ଼େଇ ନିଜର ଲାଳରେ ବସା ତିଆରି କରେ ।"- ରାମଦାସ କହିଲେ ଆଉଥରେ ।

କଥାଟା କହିବାର ଆବଶ୍ୟକତା ଥିଲା । ତାଙ୍କ କଥା ଅସୀମଙ୍କ ସନ୍ଦେହକୁ ବିଶ୍ୱାସରେ ବଦଳାଉଥିଲା ।

"ଏ ପକ୍ଷୀ ଅନ୍ଧାରିଆ ପଥର ଗୁମ୍ଫାରେ କେଉଁଠି ବସା ବାନ୍ଧିବ ପ୍ରଥମେ ନିଶ୍ଚୟ କରେ । ଏତେ ଅନ୍ଧାର ଯେ ମଣିଷ ଟର୍ଚ୍ଚ ଲାଇଟ ବିନା କିଛି ଦେଖିପାରିବ ନାହିଁ । ତା'ପରେ ପଥର ଉପରେ ନିଜର ଛେପ ଫୋପାଡେ । ଏମିତି ୮-୧୦ ଥର ଛେପ ପକାଇ ଏକ ଅର୍ଦ୍ଧ ଗୋଲାକାର ବା ଘୋଡାନାଲ ଆକାରର ଢାଞ୍ଚା ତିଆରି କରେ । ତା'ପରେ ସେ ଥଣ୍ଟରୁ ଲାଳକୁ ସୂତା ହିସାବରେ ବାହାର କରି ଗୁଡାଏ । ଏମିତି କରିକରି ସେ ବସା ବନାଏ । ଅଣ୍ଡିରା ଆଉ ମାଇ ସୁଇଫ୍ଟଲେଟ ଚଢ଼େଇ ମିଶି ବସା କରୁଥାନ୍ତି । ବସା ବନେଇବା କାମ ମାସ ମାସ ଧରି ଲାଗିଥାଏ ।"- ରାମଦାସ କହିଲେ ।

କ୍ୟାମ୍ପବେଲ ବେର ବହୁତ କଥା ପରି ଏ କଥା ମଧ୍ୟ ଅସୀମଙ୍କୁ ବିସ୍ମୟକର ଲାଗୁଥିଲା । କେଉଁ ଚଢ଼େଇ ବସା ନିଜ ଲାଳରେ କରିବା କେମିତି ସମ୍ଭବ ହେବ ? ବୁଢ଼ୀଆଣୀମାନେ ଲାଳରୁ ନିଜ ଜାଲ ତିଆରି କରନ୍ତି । ସେଇଟାତ ଅତି ଛୋଟ ଜିନିଷ । କିନ୍ତୁ ଏକ ବସା କରିବା ଅର୍ଥ ହେଉଛି ଚଢ଼େଇ ସେଠାରେ ବସିବ, ଆଉ ଅଣ୍ଡାଦେବ । ସେଥିରେ ଛୁଆ ଫୁଟିବେ । ତେଣୁ ଚଢ଼େଇ ଓଜନ ସମ୍ଭାଳିବା ଭଳି ବସାର ଆକର ବଡ ହେବା ଦରକାର ଆଉ ଶକ୍ତ ମଧ୍ୟ ହେବା ଦରକାର । ତେଣୁ ଜିଭର ଲାଳରୁ ବସା କରିବା ଅଦ୍ଭୁତ ଥିଲା । କିଛି ପ୍ରାଣୀ ସତରେ ଅତି ବିଚିତ୍ର ।

ସୁଇଫ୍ଟଲେଟ ବା ହାଓ୍ୱାବିଲ ଏକ ଛୋଟ ଚଢ଼େଇ । ସବୁବେଳେ ଉଡୁଥାଏ । ମୋଟେ ବସେନି । ଏମିତିକି ପୁରା ରାତି ଉଡି କଟାଇଏ । ଏମିତି କି ଉଡୁଉଡୁ ଆକାଶରେ ଶୋଇଯାଇପାରେ । ରାତିରେ ଉଡି ଶୋଇଲା ବେଳେ ବହୁ ଉଚ୍ଚକୁ ଉଡିଯାଇଥାଏ । ବୋଧହୁଏ ମସ୍ତିଷ୍କର ଏକ ଅଂଶ ଶୁଏ, ଆଉ ଏକ ଅଂଶ ଚେଇଁଥାଏ । ଉଡୁ ଉଡୁ କେହି ନପହଁଚିବା ଭଳି ଅତି ତୀଖ ପାହାଡିଆ ଖୋଲର ଉପରେ, କାନ୍ଥରେ ନିଜ ଲାଳରୁ ବସା ତିଆରି କରେ ।"- ରାମଦାସ ପୁଣି କହିଲେ ।

ISSN NO.
2582-208X

"କଣ କହୁଛନ୍ତି! କିନ୍ତୁ ସେମାନେ ଅଛନ୍ତି କେଉଁଠି?"

"ନେଭିଡେରା ପରେ ଲାଫୁଲ ଆଡକୁ ପ୍ରାୟ ଅଧଘଣ୍ଟାରୁ ପଇଁଚାଳିଶି ମିନିଟ ବୋଟ ଯାତ୍ରାପରେ କିଛି ପାହାଡିଆ ଜାଗା ଅଛି । ଆଗକୁ କଣ୍ଟୁଲ, ପିଲୋବା ଇତ୍ୟାଦି ଜାଗା । ସେଆଡକୁ ପ୍ରାୟ ଲୋକବାକ ଯାତାୟତ ନାହିଁ । ସମୁଦ୍ର ଧାରରୁ ପାହାଡ ବାହାରିଛି । ଫାଙ୍କରେ ଯାଇ ଭିତରକୁ ଛାତ ଭଳିଆ ଅଛି । ସେମିତି ସମୁଦ୍ରକୂଳରେ ଥିବା ଜାଗାରେ, ଅନ୍ଧାରିଆ ପାହାଡ ଖୋଲ ଭିତରେ ସେମାନେ ରୁହନ୍ତି ।"- ସାମୁଏଲ ଦିନେ କହିଥିଲେ ।

ଅସୀମ କ୍ୟାମ୍ପବେଲ ବେର ମ୍ୟାପକୁ ଅନାଇଲେ । ଗ୍ରେଟ ନିକୋବର ଦ୍ୱୀପର ପୂର୍ବ ଆଡକୁ ଅଛି ନେଭିଡେରା କ୍ୟାମ୍ପ । ତା'ପରେ ଉତ୍ତରର ଉପର ଆଡକୁ ଅଛି ଲିଟଲ ନିକୋବର । ସେପଟେ ଟ୍ରିଙ୍କେଟ ଆଦି ଜାଗା । ସେପଟେ କେଉଁଠି ପାହାର ତୀଖ ଭିତରେ ଅନ୍ଧାରୁଆ ଗୁମ୍ଫାରେ ରହୁଛନ୍ତି ଏ ଛୋଟ ପକ୍ଷୀମାନେ । ଆଖ ପାଖରେ ଜନବସତି ନାହିଁ । କେଉଁ ଦୂରରେ ଅଛି କେତେଟା ନିକୋବରୀ ଗାଁ । କେତେଜଣ ଲୋକ ରହୁଥିବେ ।

"ଏହି ପକ୍ଷୀର ଲାଳରୁ ତିଆରି ବସାକୁ ଚୋରମାନେ ଚୋରାଇ ନେଉଛନ୍ତି । ସେଥିରୁ ସୁପ ତିଆରି ହେବ ।"- ଏଥର ପଦ୍ମଶିବ କହିଲେ । ସେକଥା ଆଗରୁ ହରଦାସ ମଧ୍ୟ କହିଛନ୍ତି ।

ପ୍ରକୃତରେ କିଛି ଅସାମାଜିକ ଲୋକ କ୍ୟାମ୍ପବେଲ ବେ ଅଞ୍ଚଳରୁ ଉପରେ ଉପରେ ଜଙ୍ଗଲ ରାସ୍ତାରେ ଯାଇ ସେ ଜାଗାରେ ପହଞ୍ଚିଯାଉଛନ୍ତି । ଜାଣିକରି ପାଣି ରାସ୍ତାରେ ଯାଉ ନାହାନ୍ତି, କାଳେ କିଏ ଲକ୍ଷ୍ୟ କରିନେବ । ଦୁଇ ତିନୋଟି କୁମ୍ଭୀର ଥିବା ନାଳାକୁ ପାରିହୋଇ ସେ ଜାଗାରେ ପହଞ୍ଚୁଛନ୍ତି । କୁମ୍ଭୀରମାନେ ଯେ ମଣିଷଖିଆ ତାହା ଭାବୁନାହାନ୍ତି । ତା'ପରେ ପାହାଡ ଉପରୁ ରଶିରେ ଓହ୍ଲାଇ ଗୁମ୍ଫା ମୁହଁରେ ପହଞ୍ଚୁଛନ୍ତି । ପାଣି ବାଟେ ସମସ୍ତଙ୍କୁ ଲୁଚାଇ ବୋଟ ଆଉ ଛୋଟ ଭେଳା ନେଇକରି ଯିବା ମୋଟେ ସମ୍ଭବ ନୁହେଁ । ହାଇ ଟାଇଡ ବା ଜୁଆରରେ ଗୁମ୍ଫା ମୁହଁ ପୁରା ପାଣିରେ ବନ୍ଦ ହୋଇଯାଏ । ଲୋ ଟାଇଡରେ ବେଶି ପାଣିରେ ବୋଟ ରଖି ଭେଳାକରି ମୁହଁରେ ପହଞ୍ଚିହେବ । ଏମିତି ଜାଗାରୁ ଚୋରୀ ହେଉଛି। ଆଉ ଚୋରୀ କରୁଛନ୍ତି କ'ଣ? ହାଓ୍ୱାବିଲ ଭଳି ଏକ ଛୋଟ ଚଢେଇର ବସା ।

ISSN NO.
2582-208X

ପକ୍ଷୀର ଲାଳରୁ ତିଆରି ବସାରେ ସୁପ! ପୋକ ଖାଇବା, ପତଙ୍ଗ ଖାଇବା ଏସବୁ ଅସୀମଙ୍କ ଖାଇବା ମେନୁର ବାହରେ ଥିଲା । କି ବିଚିକିଚିଆ ଲାଗୁଥିବ । ଅସୀମଙ୍କ ଦେହ କେମିତି କେମିତି ହୋଇଗଲା । ସେ ମୁଣ୍ଡ ହଲାଉଥିଲେ । ରାମଦାସ ତା' ଲକ୍ଷ୍ୟ କରିଥିଲେ ।

"ଆପଣ ଜାଣିନଥିବେ ଏ ସୁପ ବୋଧହୁଏ ପୃଥିବୀର ସବୁଠାରୁ ଦାମିକିଆ ସୁପ । ଚାଇନା, ହଙ୍ଗକଙ୍ଗ ଇତ୍ୟାଦି ଦେଶରେ ଏହାର ବହୁତ ଚାହିଦା ଅଛି । ଅତି ନାମୀଦାମୀ ହୋଟେଲରେ କେବଳ ମିଳିବ ।"- ସେ ପୁଣି କହିଲେ । ଅସୀମ ଭାବୁଥିଲେ ଏକଥା ହୋଇପାରେ । ଏମିତି ଶୁଖୁଆ ତ ଦେଶରେ ବହୁତ ଲୋକ ଖାଉନାହାନ୍ତି । କିନ୍ତୁ ଦାମ ତ ବେଶ ଅଧିକ । କିଏ କିଏ କୁହନ୍ତି ଯେ ଏ ସୁପ ପିଇ କେତେ ଲୋକ ଅସାଧ୍ୟ ରୋଗରୁ ଭଲ ହୋଇଯାଇଛନ୍ତି । ଆଣ୍ଠୁଗଣ୍ଠି ବାତ ପାଇଁ ମହୌଷଧି । ଦେହ ଅତି ଗରମ କରିଦିଏ ଏ ସୁପ ।

ଏସବୁ କଥା ଅସୀମଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲା । କେଉଁ ସୁଦୂର ଦ୍ୱୀପ ଏ ଗ୍ରେଟ ନିକୋବର ବା ଅନ୍ୟ ଆଣ୍ଡାମାନର ଦ୍ୱୀପସମୂହ । ଏ ଅପନ୍ତରାରେ ପକ୍ଷୀର ଲାଳରୁ ତିଆରି ବସାକୁ ପୁଣି ଚୋରମାନେ ଆସି ଚୋରାଇ ନେଉଛନ୍ତି ଆଉ ହଂକଂ, ବେଜିଙ୍ଗ ଭଳି ଜାଗା ପର୍ଯ୍ୟନ୍ତ ପହଞ୍ଚାଇଦେଉଛନ୍ତି । ବିଶ୍ୱାସ ହେଉନି । ଆକାଶରେ ଅନେକ ପକ୍ଷୀ ଉଡୁଥିଲେ । ସମୁଦ୍ରକୂଳ ଆକାଶରେ ଅନେକ ପକ୍ଷୀ ଦେଖାଯିବା ସାଧାରଣ କଥା । କେତେଟା ଚିଲ ଜାତୀୟ ପକ୍ଷୀ ବଡ ଗଛରେ ବସିଥିଲେ । ତେଣୁ ଏ ପକ୍ଷୀର ଆକାର ଆଦି ଉପରେ ଜାଣିବାକୁ ଅସୀମଙ୍କ ଇଚ୍ଛା ହେଲା । ସେଇଟା ପ୍ରସାଦବାବୁ ଠିକ ଭାବରେ କହିଦେଲେ ।

ସୁଇଫ୍ଟଲେଟ ଏକ ଛୋଟ ପକ୍ଷୀ । ଓଜନ ବେଶିରେ ଦଶ-ବାର ଗ୍ରାମ ପର୍ଯ୍ୟନ୍ତ ହେବ ଆଉ ଲମ୍ବା ଅତି ବେଶିରେ ଦଶ ସେଣ୍ଟିମିଟର ପର୍ଯ୍ୟନ୍ତ ହେବ । ସାଧାରଣ ପକ୍ଷୀଭଳି ଏ ପକ୍ଷୀ ଗଛରେ ବସିପାରିବନି । ଏହାର ଗୋଡ ଠିକଭାବରେ ବିକଶିତ ହୋଇନାହିଁ । ଏହା ସେମାନଙ୍କୁ ଗଛରେ ସିଧା ବସାଇ ଦିଏନାହିଁ । ତା'କୁ ସବୁବେଳେ ଉଡିବାକୁ ପଡିବ । ଉଡୁଉଡୁ ପୋକଯୋକ ସଂଗ୍ରହ କରି ଖାଇନିଏ । ଏମାନଙ୍କର ପଞ୍ଝାର ନଖମାନ କେବଳ ଝୁଲିବା ପାଇଁ ଉପଯୋଗ ହୋଇପାରେ । କୁହାଯାଇପାରେ ସବୁଠାରୁ ବେଶି ଉଡୁଥିବା ପକ୍ଷୀ। ଅତିବେଶିରେ ଏ ପକ୍ଷୀ କିଛିକୁ ଧରି ବାଦୁଡି ଭଳିଆ ଓହଳି ପାରିବ । ଏ ପକ୍ଷୀକୁ ଗଛରେ କିମ୍ବା ମାଟିରେ ବସିଥିବାର କେହି ଦେଖିନାହାନ୍ତି । ଶରୀରର ଆକାର ହିସାବରେ

ISSN NO.
2582-208X

ଏହାର ଡେଣା ବଡ, ସରୁଆ ଆଉ ଲମ୍ବ । ଏମାନେ ଉଡିଲାବେଳେ ବେଶ କୌଶଳରେ ଶୂନ୍ୟରେ ଅବିଶ୍ୱାସନୀୟ କଳାକାରୀ କରିପାରନ୍ତି । ବେଳେବେଳେ ଅଳ୍ପ ଦୂର ପାଇଁ ପାଖାପାଖି ୧୫୦ କିମି ବେଗରେ ଗତି କରିପାରନ୍ତି । ଏମାନେ ଦଳଦଳ ହୋଇ ଗୁମ୍ଫା ଭିତରେ ରୁହନ୍ତି ଆଉ ଅନ୍ଧାରୁଆ କୋଣରେ କାନ୍ଥରେ ବସା ବାନ୍ଧନ୍ତି । ପ୍ରଣୟ ଓ ମିଳନ ଆଶ୍ଚର୍ଯ୍ୟ ଭାବେ ଉଡୁଥିଲା ବେଳେ ସଂଘଟିତ ହୁଏ । ପ୍ରାୟ ସକାଳେ ବା ମୁହଁ ସଂଜରେ ମିଳନ ଘଟେ । ସେମାନେ ପ୍ରାୟ ଫେବୃୟାରୀରୁ ସେପ୍ଟେମ୍ବର ମଧ୍ୟରେ ନିଜର ବସା ବନାନ୍ତି। ଏକ ବସାରେ ଏ ଚଢେଇ ଗୋଟାଏରୁ ଦୁଇଟା ଅଣ୍ଡା ଦିଏ । ଏମାନେ କ୍ଲିକ କ୍ଲିକ କରି ନିଜର ପ୍ରକୃତ ଉପସ୍ଥିତିକୁ ପ୍ରତିଧ୍ୱନୀ ଶୁଣି ଜାଣିପାରନ୍ତି । ବାଦୁଡି ଭଳି ଅନ୍ଧାରରେ ଇକୋ ଲୋକେସନ କରିପାରନ୍ତି ।

ତେଣୁ ନିଶ୍ଚିତ ହେଲା ସୁଇଫ୍‌ଟଲେଟ ରହୁଥିବା ଅଞ୍ଚଳକୁ ବୋଟରେ ଯିବେ । ସେମାନଙ୍କ ଯିବା ଖବର କ୍ୟାମ୍ପବେଲ ବେରେ ମଧ୍ୟ ଖେଳିଯିବ । ଚୋରା ଶିକାରୀମାନେ ଡରିଯିବେ । ଫରେଷ୍ଟ ଷ୍ଟାଫ ମଧ୍ୟ ଅପନ୍ତରା ଜାଗାକୁ ଯାଉଛନ୍ତି । ଅସୀମଙ୍କର ହାଓ୍ୱାବିଲ ନେଷ୍ଟ ଦେଖିବା ଛଡା ଚୋରା ଶିକାରୀଙ୍କ ପାଖକୁ ଏକ ଷ୍ଟ୍ରଙ୍ଗ ମ୍ୟାସେଜ ଦେବାକୁ ଆନ୍ତରିକ ଇଚ୍ଛା ଥିଲା । ଏଥର ଶୋଭନାଙ୍କୁ ସାଥିରେ ନେବା ଅସୀମଙ୍କ ମନରେ ପ୍ରଶ୍ନ ମଧ୍ୟ ଥିଲା । ନକହି ଚାଲିଗଲେ ଶୋଭନା ମନଦୁଃଖ କରିବେ । ଅନେକ ସମୟୟରେ ଜଙ୍ଗଲ ବୁଲିବାକୁ ଶୋଭନା ସାଙ୍ଗରେ ଆସିପାରନ୍ତି ନାହିଁ । ଜଙ୍ଗଲ ଭିତରେ ପାହାଡ ଚଢିବା ହୁଏତ ତାଙ୍କ ପକ୍ଷେ ସମ୍ଭବ ହୁଅନ୍ତାନି । କିନ୍ତୁ ସମୁଦ୍ର ଯାତ୍ରାରେ ଏତେ ଅସୁବିଧା ନାହିଁ । ଏଠି ଶକ୍ତି ମିଳୁଛି କିରୋସିନ ବା ଡିଜେଲ ଚାଳିତ ଇଂଜିନରୁ । ନିଜ ଶକ୍ତି ନିଜ ଭିତରେ ସଞ୍ଚୟ ହୋଇ ରହୁଛି । ତେଣୁ ଅସୀମ ନିଜ ଉପରେ ବଶ୍ୱ୍ୱାସ ରଖି ଶୋଭନାଙ୍କୁ ଅନାଇଲେ ।

"ଶୋଭନା, ତୁମେ ସାଥିରେ ଯିବ ?"-ଅସୀମ ପଚାରିଲେ ଆଉ ଶୋଭନା ସାଥିରେ ଆସିଥିଲେ ।

ପ୍ରକୃତରେ ସମୁଦ୍ରରେ ଛୋଟ ଖୋଲା ବୋଟରେ ଯିବା ପାଇଁ ଶୋଭନାଙ୍କୁ ଡର ଲାଗେ । ଅନନ୍ତ ସମୁଦ୍ର । ଠିକ ଦ୍ୱୀପ ପରେ ପରେ କେଉଁ ଅତଳ ଗଭୀରରେ ଥିବ ସମୁଦ୍ର ତଳ । କୂଳରେ ଅଳ୍ପ ପାଣିରେ ଥିବ ସମୁଦ୍ରର କୋରାଲ ଉଦ୍ୟାନ । ତା'ପରେ ଗାଢ ନୀଳ ପ୍ରାୟ

ISSN NO.
2582-208X

କଳା ଦେଖାଯାଉଥିବା ସୀମାହୀନ ଗଭୀରତା । ଏକ ଛୋଟ ଖୋଲା ବୋଟରେ ଗଲାବେଳେ ଶୋଭନା ଅସୀମଙ୍କ ଉପରେ ଡରି ଆଉଜି ପଡନ୍ତି ।

ଉପଯୁକ୍ତ ପ୍ରସ୍ତୁତିପରେ ସୁଇଫ୍ଟଲେଟ ରହୁଥିବା ଜାଗାକୁ ସେମାନଙ୍କର ଯାତ୍ରା ଆରମ୍ଭ ହେଲା। ସ୍ଥାନ ବିପଦଭରା । ଏକଦମ ପାହାଡିଆ । ପୂର୍ବ ଉପକୂଳର ଲଫୁଲ ଆଖପାଖ ଅଞ୍ଚଳରେ କିଛି ପାହାଡ ଅଛି । ସେଇଠି କୁଆଡେ ଅଛି ସୁଇଫ୍ଟଲେଟ ମିଳୁଥିବା ଗୁମ୍ଫାମାନ । ସମୁଦ୍ରକୂଳରୁ ଆସିବା କଷ୍ଟ, ବୋଟ ଲାଗିବାକୁ ଜାଗା ନାହିଁ । ଜୋରରେ ପାଣି ଲହଡି ମାରୁଛି । ଏମିତି କିଛି ପଥୁରିଆ ସ୍ଥାନରେ ଅନ୍ଧାରୁଆ ଛୋଟ ଗୁମ୍ଫାମାନ ପ୍ରକୃତି ତିଆରି କରିଛି । ସେଇମିତି ଗୁମ୍ଫାମାନଙ୍କରେ, ଶିକାରୀମାନେ ସହଜରେ ପହଞ୍ଚୁନଥିବା ସ୍ଥାନରେ ସୁଇଫ୍ଟଲେଟ ଚଢେଇମାନେ କଲୋନୀ ବା ଦଳବାନ୍ଧି ରୁହୁଛନ୍ତି । ସହଜରେ ତ ପହଁଞ୍ଚିହେବନି । ଏମାନଙ୍କ ଯାତ୍ରାରେ ଯିବା ପାଇଁ ବୋଟରେ ଏକ ଆଉଟ ବୋର୍ଡ ଇଂଜିନ ଫିଟ ଥିଲା । ଦରକାର ପଡିଲେ ଇଞ୍ଜିନକୁ ଉପରକୁ ଉଠାଇ ହୁଏ ଆଉ ବୋଟ ଏକ ସାଧାରଣ ଡଙ୍ଗା ଭଳି ବ୍ୟବହୃତ ହୋଇପାରେ । ଏମିତି ବୋଟରେ ସାମାନ୍ୟ ବାଲିଥିବା ଚଡା ପର୍ଯ୍ୟନ୍ତ ଯାଇହୁଏ । ଗ୍ରେଟ ନିକୋବର ଦ୍ୱୀପରେ ଚାରିଆଡେ ଲମ୍ବା ବାଲିଚର ଥିବା କୂଳ ନାହିଁ । ଅଧିକାଂଶ ଜାଗାରେ କୂଳରେ ପଥର । କୋରାଲର ବ୍ୟାପକ ବୃଦ୍ଧିଯୋଗୁ ସବୁଯାଗାରେ ସମୁଦ୍ରରୁ ପହଞ୍ଚି ମଧ୍ୟ ହୁଏ ନାହିଁ ।

ସେମାନଙ୍କ କାନ ଚାରିପାଖେ ଇଂଜିନର ଫଟ୍ ଫଟ୍ ଶବ୍ଦ ଥିଲା ଆଉ ବୋଟ ପାଣି ଉପରେ ନାଚୁଥିଲା । ଶୋଭନା ଆଗଭଳି ଡରିଯାଇ ଆଖି ବନ୍ଦ କରି ଅସୀମଙ୍କ ଉପରେ ଆଉଜି ପଡିଲେ । ପାଣିରେ ଧପ୍ କରି ପଡୁଥିବା ଶବ୍ଦରେ ତାଙ୍କର ଛାତିର ଗତି ବଢିଗଲା ପରି ଲାଗୁଥିଲା । ଏତେ ଜୋରରେ ପାଣିରେ ବାଡେଇ ହେଲେ ଯଦି ବୋଟଟା ଫାଟିଗଲା ତେବେ ? ଅସୀମଙ୍କୁ ଡର ଲାଗୁ ନଥିଲା ତ ନୁହେଁ । ସେ ନିଜର ଡରକୁ ସଂଜତ କରି ନୀଳ ସମୁଦ୍ର ଧାରରେ ଥିବା ସବୁଜ ରେଖାକୁ ଦେଖୁଥିଲେ । ଡାହାଣରେ ମହା ସମୁଦ୍ର, କୁଆଡକୁ କିଛି ଆଖି ପାଉନି । ଏପଟ ବାମରେ କୂଳ ଯାହା ସାହାରା । କୂଳରେ ଭାଙ୍ଗି ପଡୁଥିବା ଧଳା ରେଖା ମନରେ ସାହାସ ଦେଉଥିଲା । ସବୁବେଳେ ପାଣିର ଧକ୍କାରେ ଭାସୁଥିବା କାଠ ମଧ୍ୟ ଏକ କୂଳରେ ଲାଗିବ । ମଣିଷ କିନ୍ତୁ ପାଣିରେ ବୁଡିଯିବ । କିନ୍ତୁ କାଠ ସାହାରାରେ ମଣିଷ କୂଳରେ ପହଞ୍ଚିଯାଇପାରେ ।

ISSN NO.
2582-208X

"ଅସୀମ ।"- ଶୋଭନା ଧିରେ କହିଲେ । ଶୋଭନା ଅସୀମଙ୍କ ହାତକୁ ଧିରେ ସାଉଁଳୁଥିଲେ । ଅସୀମ ଶୋଭନାଙ୍କ ମନରେ ଉଠୁଥିବା ତରଙ୍ଗଙ୍କୁ ମାପି ନେଉଥିଲେ । ଅସୀମ ଶୋଭନାଙ୍କ ହାତକୁ ସାମାନ୍ୟ ଆଉଁସି ଦେଲେ । ଶୋଭନା ଏ ପର୍ଯ୍ୟନ୍ତ ନିଜ ଡରକୁ ସଂଜତ କରି ପାରି ନାହାନ୍ତି । କିନ୍ତୁ ଅସୀମଙ୍କୁ ଶୋଭନାଙ୍କ ମନର ସାହାସ, ଅବଶ୍ୟ ତାହା ପ୍ରକୃତ ବାସ୍ତବତାକୁ ନବୁଝି କହୁଥିବା ସାହାସ, ଭଲ ଲାଗୁଥିଲା । ଏମିତି ଅବୁଝା ସାହାସ ତ ସାଧାରଣ ମଣିଷ ମନରେ ଉତ୍ସାହ ଭରିଦିଏ । ଅସୀମ ଶୋଭାନାଙ୍କ ପାଖରେ ନିଜକୁ ଅସାଧାରଣ ମନେକଲେ ।

"ଡର ନାହିଁ ।"- ଅସୀମ ଧିରେ କହିଲେ ।

ଶୋଭନା ଅସୀମଙ୍କ ହାତକୁ ଟିକେ ଜୋରରେ ଜାବୁଡି ଧରିଲେ । ଅସୀମ ଜାଣିଲେ ଶୋଭନା ସାହାରା ମାଗୁଛନ୍ତି ମନରେ । କିଏ ନିଜର ପାଖରେ ଥିଲେ ଏତେ ଡର ଲାଗେନାହିଁ । ଡର ତ ସ୍ୱାଭାବିକ । କିନ୍ତୁ ସାମାନ୍ୟ ପରଶରେ, ସାମାନ୍ୟ କଥାରେ ଡର ମନରୁ ଚାଲିଯାଏ ଆଉ ସାହାସ ତା'ର ସ୍ଥାନ ନିଏ ।

ଏଣେ ବୋଟ ଏକ ପାହାଡିଆ କୂଳର ପ୍ରାୟ ଶହେ ମିଟର ଦୂରରେ ଥିଲା । ସେଇଠି ବଡ ବଡ ପଥର । ଜୋରରେ ପାଣି ବାଡେଇ ହେଉଛି ଆଉ ପ୍ରାୟ ଏକ ମହଲା କୋଠା ଉଚ୍ଚା ପାଣି ଛିଟିକି ହେଉଛି । ଏ ବୋଟ ସେଠିକି ଯାଇପାରିବ । କିନ୍ତୁ ପାଣି ବାଡେଇ ହେବ ଜାଗାର ଠିକ ଓଲଟାରେ, ସେଠି ପାଣି ଜୋରରେ ନାଚୁଥିବ, ପଥରରେ ବାଡେଇ ହେଉଥିବ। ଏମିତି ସ୍ଥାନରେ ପଥରରେ ଓହ୍ଲାଇବା ପାଇଁ ବୋଟ ଚାଳକ ଅତି କୁଶଳୀ ହେବା ଦରକାର । ବୋଟର ଇଂଜିନ ପୁରା ଉଠିବନି, ଷ୍ଟାର୍ଟରେ ଥିବ । ଦରକାର ହେଲେ ମଙ୍ଗ ମୋଡି ସାମାନ୍ୟ ଚଲାଇ ସେମିତି ପଥର ପାଖରେ ପହଞ୍ଚି ହେବ ।

ଶୋଭନା ଭାଙ୍ଗି ପଡୁଥିବା ଲହଡିମାନଙ୍କୁ ଏକ ଧ୍ୟାନରେ ଅନାଇ ରହିଲେ । ସେ ଆଉ ଏତେ ଡରୁ ନଥିଲେ । ଏବେ ଟିକେ ସିଧା ହୋଇ ବସିଲେଣି । ଏକ ବଡ ପଥର ତୀଖ ହୋଇ ଉପରକୁ ଉଠିଛି । ଆଉ ଏକ ବଡ ପଥର କୋଣ ହୋଇ ଯାଇଛି । ସେ ପଥର ଆଗରେ ଅନେକ ବଡ ବଡ ଗୋଲ ପଥର । ଏକ ଏକ ଡଙ୍ଗାଠାରୁ ବଡ । ମଝିରେ ମଝିରେ ପାଣି । ଆଉ ସେଇଠି ଭାଙ୍ଗୁଛି ବେଶ ବଡ ଲହଡି । ଏତେ ବଡ ପଥରର ଅଧା ପର୍ଯ୍ୟନ୍ତ ପାଣି ଛିଟିକି ପଡୁଛି । ତାଙ୍କୁ ଲାଗୁଥିଲା ମଣିଷ ମନଟା ଏକ ବିଶାଳ ଲହଡିର

ISSN NO.
2582-208X

ଭଳି। ଏକ ଅଫୁରନ୍ତି ଉତ୍ସାହ ନେଇ ଲକ୍ଷ୍ୟ ଆଡକୁ ପ୍ରବାହିତ ହେଉଛି ଅସରନ୍ତି ଶକ୍ତିରେ, ସମୁଦ୍ରର ଶକ୍ତି, ବାୟୁର ଶକ୍ତି ସହ । ଭାଙ୍ଗି ପଡୁଛି କୂଳରେ । ସେଇ ତା'ର ଲକ୍ଷ୍ୟ । ସେଇଠି ଭାଙ୍ଗି ପଡିବ । ମଣିଷ ମନର ଉଦ୍ଦୀପନା ସେମିତି ଲକ୍ଷ୍ୟର ସମୀପରେ ନିଜର ଶକ୍ତି ହରାଇବସିବ । କିନ୍ତୁ ପୁଣି ଥରେ ଶକ୍ତି ଜାତ ହେବ ମହାସମୁଦ୍ରରେ, ମନର ଗଭୀର ପ୍ରଦେଶରେ । କୂଳ ଆଡକୁ ଅଫୁରନ୍ତ ଶକ୍ତି ସହ ପ୍ରବାହିତ ହେବ । ଏହାହିଁ ତ ଜୀବନ । ଏକ ବିଶାଳ ଲହଡି ଜୋରରେ ବାଡେଇ ହୋଇଗଲା ପଥରରେ । ଆକାଶକୁ ଛୁଇଁ ଜଳକଣା, ସେମାନଙ୍କ ଉପରେ ବିଞ୍ଚି ହୋଇଗଲା । ଶୋଭନା ଅସୀମଙ୍କୁ ଆଉଥରେ ଟିକେ ଆଉଁଷି ଦେଲେ ।

ବୋଟମ୍ୟାନ ପାଖକୁ ଆସି ଇଞ୍ଜିନ ବନ୍ଦ କରିଦେଲା । ତା'ପରେ ସେମାନେ ଆହୁଲା ମାରି ପାଣି ବାଡେଇ ହେଉଥିବା ପଥର ପାଖକୁ ଆସିଗଲେ । ଏକଦମ କୂଳକୁ ଆସିପାରିବେନି । ଅସୀମ ଜାଣି ଶୋଭନାଙ୍କୁ ଚଢିବାକୁ କହିବେନି, ଏମିତି ବିପଦଜନକ ଯାଗାକୁ ନେବେନି । ତୀଖ ପାହାଡ, ଗଛ ବୃକ୍ଷ ନାହିଁ । ସେଇଠି ଓହ୍ଲାଇ ଅଳ୍ପ ଚଢିବାକୁ ମିଳିବ । ଉପର ଆକାଶରେ କିଛି ସୁଇଫ୍ଟଲେଟ ଉଡୁଥିବାର ଦେଖାଗଲା । ଏକଦମ ଛୋଟ ଛୋଟ, ଏରୋପ୍ଲେନ ଭଳି ଦେଖାଯାଉଥିବା ପକ୍ଷୀମାନେ ଏପଟ ସେପଟ ହୋଇ ଜୋରରେ ଉଡୁଛନ୍ତି। କେହି କାହା ଦେହରେ ବାଡେଇ ହେଉନାହାନ୍ତି । ଉପରକୁ ଏକ ଛୋଟ ଖୋଲା ସ୍ଥାନ । ତା' ଭିତରକୁ କୁଆଡେ ଥିବ ଅନ୍ଧାରିଆ ଗୁମ୍ଫାର ଗହ୍ୱର । ପଥର ଭିତରେ ପ୍ରାୟ ସିଧା, ଆଉ ପାଦ ରଖି ଉପରକୁ ଚଢିବାଭଳି ଜାଗା ମୋଟେ ନଥିଲା କୁହାଯାଇପାରେ । ଟର୍ଚ୍ଚ ନେଇ ଭିତରକୁ ଯିବାକୁ ପଡିବ । ଗୁମ୍ଫାର ମୁହଁ ସରୁଆ ଥିଲା । ପାଣି ପ୍ରାୟ ମୁହଁରେ । ଏ ଭିତରେ ପାଣି ବଢୁଥିଲା । ଗୁମ୍ଫାର ମୁହଁ ପାଣିରେ ବନ୍ଦ ହୋଇଯିବ ଆଉ ବହୁତ ବଡ ବଡ ଢେଉ ଆସିବ । ସେଠି ଏ ଭେଳାରେ ବସିବା ଆଉ ସମ୍ଭବ ହେବନି । କେଉଁଠି ଅଟକିବାକୁ ଜାଗା ନାହିଁ ।

"ଏତିକି ଫାଙ୍କ, ପଥୁରିଆ ଜାଗା । ବହୁତ ସାପ ଥିବେ ।"- ଅସୀମ ପଚାରିଲେ । ସମୁଦ୍ର ସାପ ବେଶ ବିଷାକ୍ତ ।

"ଏ ଗୁମ୍ଫା ଆଉ ଫାଟମାନଙ୍କରେ ସାପ ଅଛନ୍ତି । ସାପମାନେ ସୁଇଫ୍ଟଲେଟ ଗୁମ୍ଫାର କାନ୍ଥରେ ଓହଳି ରହିଥାନ୍ତି ଓ ଗୁମ୍ଫା ମୁହଁରୁ ପକ୍ଷୀକୁ ଧରିନିଅନ୍ତି ।"- ସାମୁଏଲ କହିଲେ ।

ISSN NO.
2582-208X

"କି ଭୟଙ୍କର ଜାଗା । ଲୋକେ ତଥାପି ବି ଚୋରି କରୁଛନ୍ତି ।"- ଅସୀମ କହୁଥିଲେ । ସେଇଟା ତାଙ୍କ ମନର ଅବିଶ୍ୱାସ ଥିଲା ।

"ଅର୍ଥ ପାଇଲେ ଚୋର କଅଣ ନକରିବେ । ସେମାନେ ଅବଶ୍ୟ ସବୁ ସୁରକ୍ଷା ସହ ଆସୁଛନ୍ତି । ଗୋଡରେ ରବର ବୁଟ, ହାତରେ ଗ୍ଲୋଭସ ଇତ୍ୟାଦି ।"- ପଦ୍ମଶିବ କହିଲେ ।

-୦-୦-

 କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# ମୋ ଜନ୍ମଭୂମି



ଡ. ପ୍ରସନ୍ନ କୁମାର ବଳ

ଜନମିଛି ମୁହିଁ ଭାରତ ଭୂମିରେ, ମୋ ଜୀବନ ସତେ ଧନ୍ୟ,
ପୂଣ୍ୟ ଏହି ମାଟି, ପୂଣ୍ୟ ତା'ର ନାମ ବାରମ୍ବାର ନେବି ଜନ୍ମ ।୧।

ଇତିହାସ ଏଠି ମୂକଶାଖୀ ପରା, କି କଷ୍ଟ ଭୋଗିଛେ ଆମେ ,
ଭୂଗୋଳ ଆମର ବଦଳାଇଦେଲେ ଦୁର୍ଦ୍ଦଶ ଇଂରେଜ ମାନେ ।୨।

ଭାରତ ମାଟିର ମୋହତ ଅଲଗା ସଭିଙ୍କୁ ଆଣିଛି ଟାଣି ,
ମୋଗଲ, ଇଂରେଜ, ଡଚ, ପର୍ତ୍ତୁଗୀଜ ଆସିଗଲେ ସବୁ ପୁଣି ।୩।

ଭାରତ ମାଟିକୁ ଲୁଣ୍ଠନ କଲେ ବାରମ୍ବାର ଯୁଦ୍ଧ କରି,
ମନ ନ ଲଭିଲା ଶେଷରେ ଏଠାରେ ଶାସନ କରିଲେ ରହି ।୪।

ଭାରତ ମାଟିର ସୁଯୋଗ୍ୟ ସନ୍ତାନ ନ ସହି ପାରିଲେ ୟାକୁ ,
ଗାନ୍ଧୀଜୀଙ୍କ ନେତୃତ୍ୟରେ ଲଢିଗଲେ ନ ଡରି ପୁଣି କାହାକୁ ।୫।

ISSN NO.
2582-208X

ଅହିଂସା ଆମର ଥିଲା ମୁଖ୍ୟ ଅସ୍ତ୍ର, ଅଜଣା ଅଶୁଣା ଇଏ,

ଦୁର୍ଦ୍ଦଶ ଇଂରେଜ ବାଧ୍ୟ ହୋଇ ପୁଣି ଦେଶ ଛାଡି ଚାଲିଗଲେ ।୬।

ସେବେଠୁ ଆମେତ ଆମର ଭାଗ୍ୟକୁ ନିୟନ୍ତ୍ରଣ କରୁଅଛେ,

ପ୍ରଗତିର ପଥେ ଆଗେଇ ଚାଲିଛେ ଦୁନିଆ କୁ ଦେଖାଉଛେ।୭।

ପୃଥିବୀର ଏକ ଶକ୍ତିଶାଳୀ ଦେଶ ରୂପେ ଉଭା ହୋଇ ଅଛେ,

ଆପତ୍ତି, ବିପତ୍ତି ସମୟରେ ଆମେ ଅନ୍ୟକୁ ସାହା ହୋଇଛେ।୮।

ସବୁ ପଡୋଶୀର ଦୁର୍ଦ୍ଦିନରେ ପରା ହୋଇଛେ ପାଖରେ ଠିଆ,

ହତଭାଗା ମରିସସ ପୁଣି ଆଜି ଭୁଲି ଯାଉଛି ସେ ସାହା ।୯।

ଅନ୍ତର୍ଜାତିକ ସ୍ତ'ରେ ଆମେ ତ ପୁଣି ବହୁତ ଉପରେ ଅଛୁ,

ସବୁ ଦେଶ ପାଇଁ ସ୍ନେହ ଆଉ ପ୍ରୀତି ଡୋରୀ ଧରି ରହି ଅଛୁ ।୧୦।

ମାତୃଭୂମିକୁ ମୋ ଖରାପ ଦୃଷ୍ଟିରେ ଯିଏ ବା ଦେଖିବ ଯଦି,

"SurgicalStrike" କରି ଆମେ ପୁଣି ପ୍ରତିଶୋଧ ନେବୁ ଆଜି ।୧୧।

ଧନ୍ୟ ମୋର ଦେଶ,ଧନ୍ୟ ମୋର ମାଟି, ଇଏ ତ ଆମ ଜୀବନ,

ତାର ସେବା କରି ଋଣ ହିଁ ଶୁଝିବା, ତା ପାଇଁ ଦେବା ଜୀବନ ।୧୨।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ପୁଅ ଜନମ ବାଙ୍ଗାଲୋରକୁ



ଶଶଧର ମହାପାତ୍ର

ଯେଉଁ ବାପ ମା'ଙ୍କ ଜୀବନ କଟିଲା
ଦିନ ରାତି ଖଟିଖଟି
ଉପାସ ଭୋକରେ ନିଜେ ରହି ଦିହେଁ
ସୁଖ ଦେଉଥିଲେ ବାଣ୍ଟି ।
ଭାବିଥିଲେ ଦିନେ ପୁଅ ବଡ଼ହେଲେ
ସମ୍ଭାଳିବ ଘରଦ୍ୱାର
ଚାକିରି ପାଇଲେ ଭାଗ୍ୟ ବଦଳିବ
ହସି ଉଠିବ ସଂସାର ।
ଝିଅଟିକୁ ବାହା ଦେବେ ଆନନ୍ଦରେ
ଯୋଗ୍ୟ ପାତ୍ରଟିଏ ଖୋଜି
ଯାନି ଯଉତୁକ ହେବନାହିଁ ଊଣା
ବରଘର ହେବେ ରାଜି ।
ପୁଅକୁ କରିଲେ ଆଇ.ଟି ଇଂଜିନିୟର
ସବୁ ଜମିବାଡ଼ି ବିକି
ଭାବିଲେ ଜୀବନ କଟିବ ଖୁସିରେ
ଯେତେଦିନ ଅଛି ବାକି ।
ପୁଅଟି ତାଙ୍କର ଚାକିରି କରିବ
ନିଜ ରାଜ୍ୟ ଓଡ଼ିଶାରେ

ISSN NO.
2582-208X

ବାପା ମା'ଙ୍କର ମନର କଳ୍ପନା
ରହିଗଲା କଳ୍ପନାରେ ।
ଆଶା ସମ୍ଭାବନା ମଉଳି ଯେ ଗଲା
ଗ୍ରାଜୁଏଟ୍ ହେଲାପରେ
ଓଡ଼ିଶା ମାଟିକୁ ଗୁଡ୍‌ବାୟ୍ କରି
ପହଁଚିଲା ବାଙ୍ଗାଲୋରରେ ।
ସଂଘର୍ଷ କରୁଛି ବିଚରା ପୁଅଟି
ଛାଡ଼ିଯାଇ ଭିଟାମାଟି
ଚାକିରି ନ ପାଇ ଫେରିବନି ଘର
ବେକ ଯାଉ ପଛେ କଟି ।
ତିନି ସାଙ୍ଗ ମିଶି ନିଜ ହାତେ ରାନ୍ଧି
ରହୁଛନ୍ତି ଭଡ଼ା ଘରେ
ରହିବା ଖାଇବା ବହୁତ ମହଙ୍ଗା
ବାଙ୍ଗାଲୋର ସହରରେ ।
ରୋଷେୟା ଆସୁନି କରୋନା ଭୟରେ
ତଥାପି ନେଉଛି ମୂଲ
ନାକରେ କାନରେ ପଶିଲାଣି ପାଣି
କରୋନା ବିଛେଇ ଜାଲ ।
ଚାକିରି ଖୋଜିବା ଚାକିରି ପାଇବା
ନୁହଁଇ ସହଜ କାମ
ତିନିବର୍ଷ ହେଲା ଚାକିରି ଖୋଜୁଛି
ବାବୁ ଆମ ପ୍ରିୟତମ ।
ବାପ ମା'ଙ୍କର ମନ ହାଇଁପାଇଁ
ପୁଅ ମାଡୁନାହିଁ ଘର
ଆସିବ ଆସିବ କହି ଭଣ୍ଡୁଅଛି
ତା' କଥା ପାଣିରେ ଗାର ।
ଝିଅ ବା' ହେଲା ବିନା ଯୌତୁକରେ
ପାଖ ଗାଁ ପୁଅ ଦେଖି

ISSN NO.
2582-208X

ପ୍ରେମ ବା'ଘର ମନ୍ଦିରରେ ହେଲା
ପୂଜାରୀ ରହିଲେ ସାକ୍ଷୀ ।
ବିନା ଖର୍ଚ୍ଚରେ ବରଣମାଳାଟେ
ଲମ୍ବିଗଲା ଗଳାଟିରେ
ସାହି ପଡ଼ିଶା, ସବୁ ସାଙ୍ଗସାଥୀ,
ବାପା ମା' ରହିଲେ ଦୂରେ ।
ଅଭାବରେ ହୁଏ ସ୍ୱଭାବର ନଷ୍ଟ
ଏ କଥା ସଭିଙ୍କୁ ଜଣା
ଦୁଃଖ ଯାତନାକୁ ଯିଏ ବୁହେ କାନ୍ଧେ
ସିଏ ବୁଝେ ତା' ବେଦନା ।
ସବୁ ରାଇଜରେ ଇଣ୍ଡଷ୍ଟ୍ରି ହେଉଛି
ଓଡ଼ିଶାରେ କିଛି ନାହିଁ
ଏମ୍.ଓ.ୟୁ ସାଇନ୍ ହେଉଛି କେବଳ
ଜନତା ଜାଣିବା ପାଇଁ ।
ପ୍ରଗତି ପଥରେ ଓଡ଼ିଶା ଧାଇଁଛି
ତୁଣ୍ଡ ବାଇଦରେ ଭାଇ
କଥାରେ ଗରମ କାମରେ ନରମ
ଆମରି ଓଡ଼ିଶା ଭୂଇଁ ।
ଧରାଶାୟୀ ଆଜି ବିପକ୍ଷ ପାର୍ଟି
ଶୁଣିବାକୁ କେହି ନାହିଁ
ସୁଶାସନ ନାଁ'ରେ କୁଶାସନ ଚାଲେ
ଦୁଃଶାସନ ଅଛି ଚାହିଁ ।
ପାଞ୍ଚ ଟଙ୍କାରେ ଭାତ ଡାଲମା
ଖାଇ ସମସ୍ତେ ଖୁସି
ଦିବା ନିଶିରେ ଅନେକ ସପନ
ଦେଖନ୍ତି ଓଡ଼ିଶାବାସୀ ।
ଭାତ ଡାଲମା ଖାଉଥାନ୍ତା ପୁଅ
କେତେ ଆନନ୍ଦରେ ବସି

ISSN NO.
2582-208X

ପାଖରେ ଥାଆନ୍ତା ଘରକୁ ଫେରନ୍ତା
ବାପାକୁ ଦେଖନ୍ତା ଆସି ।
ବାପା ଚାହିଁଥିଲା ପୁଅ ଜନ୍ମ କରି
ମୁଖାଗ୍ନି ଦେବ ଦିନେ
ଯେବେ ଉପରୁ ଆସିଲା ଡାକରା
ଖୋଜେ ପୁଅ ମନେମନେ ।
ଗାଁ ଲୋକେ ନେଲେ କାନ୍ଧରେ ବସେଇ
ବୁଢ଼ାଟିକୁ ଶମଶାନ
ବୁଢ଼ା ଚାଲିଗଲା ବୁଢ଼ୀ ରହିଗଲା
ସହିବାକୁ ଏ ଦହନ ।
ଏଥର ବନ୍ୟାରେ ପଡ଼ିଗଲା କାନ୍ଥ
ଉଡ଼ିଗଲା ଘର ଛାତ
ଦେହରେ ଆଘାତ ମନରେ ଆଘାତ
କରିଦେଲା ହନ୍ତସନ୍ତ ।
ମିଳିଥିଲା କିଛି ଚାଉଳ ଓ ଚୂଡ଼ା
ରିଲିଫ୍‌ର ମାଧ୍ୟମରେ
କେବେ ମିଳିବ ଇନ୍ଦିରା ଆବାସ
ବୁଢ଼ୀ ଅଛି ଅପେକ୍ଷାରେ ।
ସତୁରୀ ବର୍ଷର ବୃଦ୍ଧା ମୁଣ୍ଡ ଗୁଂଜେ
ପଡ଼ିଶାଙ୍କ ଚାଳିଆରେ
ଯେଉଁ ପୁଅପାଇଁ ସବୁ ତେଜିଥିଲା
ତା' ପାଇଁ ଝୁରି ମରେ ।
ଯେଉଁ ପୁଅ ଜନ୍ମେ ଓଡ଼ିଶା ରାଇଜେ
ତା' ଭାଗ୍ୟ ଖରାପ ଜାଣ
ତା' କୁଣ୍ଡଳୀରେ ଲେଖା ଯାଇଅଛି
ଭୋଗିବାକୁ ଏ କଷଣ ।

ISSN NO.
2582-208X

ଝିଅଟିର ଜନମ ଶାଶୁଘରକୁ ଲୋ
ପୁଅ ଜନମ ବାଙ୍ଗାଲୋରକୁ
ପେଟ ପୋଷିବାକୁ ଯାଅ ଅନ୍ୟ ରାଜ୍ୟ
ଯେଉଁଠି ଚାକିରି ମିଳେ ତୁମକୁ ।

(ମୋର ଜଣେ ଭଣଜା ଯିଏକି ଜଣେ ଆଇ.ଟି ଇଂଜିନିୟର / ମ୍ୟାନେଜର । ଏହି ବିଷୟବସ୍ତୁକୁ ନେଇ କବିତାଟିଏ ଲେଖିବାକୁ ଗତ ସପ୍ତାହରେ କହିଥିଲା । ସିଏ ନିଜେ ବାଙ୍ଗାଲୋରରେ ବହୁତ ବର୍ଷ ଚାକିରି କରିବା ପରେ ଏବେ ମୁମ୍ବାଇରେ ଅଛି । କ'ଣ ଲେଖାଯାଇପାରେ ସେ କଥା ଭାବି ଭାବି ଏଇଠି ମୁଁ ପହଂଚିଛି । ଏ ଏକ ବାସ୍ତବବାଦୀ କବିତା । ଆଶା କବିତାଟି ସମସ୍ତଙ୍କ ମନକୁ ଛୁଇଁବ ।)

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ରାଜ୍ୟର ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ: ଏକ ପକ୍ଷପାତ



ଗୁରୁକଲ୍ୟାଣ ମହାପାତ୍ର

ଆସନ୍ତା ଫେବୃଆରୀ ମାସ ୩, ୪ ଓ ୫ ତାରିଖରୁ ଓଡିଶାର ରାଜଧାନୀ ଭୁବନେଶ୍ୱରର ଜନତା ମଇଦାନଠାରେ ତ୍ରିଦିବସୀୟ "ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ" ର ଆୟୋଜନ କରାଯାଉଛି । ରାଜ୍ୟ ଐତିହ୍ୟ ମନ୍ତ୍ରିମଣ୍ଡଳର ବୈଠକରେ ଓଡିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅଧ୍ୟକ୍ଷତା କରି ଏ ସମ୍ପର୍କରେ ନିଷ୍ପତ୍ତି ନେଇଥିବା ପ୍ରକୃତରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ।

ଗତ ଡିସେମ୍ବର ମାସ ୧୯ ତାରିଖ (୧୯୨୩) ରେ ଐତିହ୍ୟ ମନ୍ତ୍ରିମଣ୍ଡଳର ବୈଠକ ଅନୁଷ୍ଠିତ ହେବା ପରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଶ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ସମେତ ରାଜ୍ୟର ମୁଖ୍ୟ ସଚିବ ଶ୍ରୀ ପ୍ରଦୀପ ଜେନା ଓ ବିଭାଗୀୟ ଶାସନ ସଚିବ ଶ୍ରୀମତୀ ସୁଜାତା ଆର୍. କାର୍ତ୍ତିକେୟନ ଗଣମାଧ୍ୟମକୁ ସୂଚନା ଦେଇ ଏପରି ଏକ ସମ୍ମିଳନୀକୁ ସଫଳ କରିବାକୁ ନିବେଦନ କରିଛନ୍ତି ।

ଗତ ୨୦୨୦ ମସିହାରେ ମେସିନ୍ ଲାର୍ଣ୍ଣିଂ ର ବିଶ୍ୱ ସମ୍ମିଳନୀ ଆଭାସି ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ଶ୍ରୀ ଅଞ୍ଜନ କୁମାର ପଣ୍ଡା ଏହାର ଆବାହକ ଥିଲେ । ଶ୍ରୀ ଶ୍ୟାମ ସୁନ୍ଦର ଦାସ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ । ଓଡିଶା ସରକାରଙ୍କ ତରଫରୁ ତତକାଳୀନ ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି.ର ଶାସନ ସଚିବ ଶ୍ରୀ ମନୋଜ କୁମାର ମିଶ୍ର ଏଥିରେ

ISSN NO.
2582-208X

ପ୍ରତିନିଧିତ୍ୱ କରି ପ୍ରଶାସନିକ ଓ ଉଦ୍ୟୋଗ ସ୍ତରରେ ଓଡିଆ ଭାଷାର ତଥା କୃତ୍ରିମ ବୁଦ୍ଧିମତାର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ ।

ଅତୀତରେ ଓଡିଶା ବିଧାନସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗୀୟ ଯୁଧିଷ୍ଠିର ଦାଶଙ୍କ ଅଧ୍ୟକ୍ଷତାରେ କଟକଠାରେ ବିଶ୍ୱ ଓଡିଆ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ମାତ୍ର ପରବର୍ତ୍ତୀ କାଳରେ ସେପରି ବୈଠକ ହୋଇପାରିନଥିଲା ଆଉ ବୈଠକର ଉଦ୍ଦେଶ୍ୟ ଫଳପ୍ରଦ ହୋଇପାରି ନଥିଲା ବୋଲି ମନେ ହୋଇଥିଲା ।

୧୯୬୮ ମସିହାରେ ବିଦେଶରେ ସମ୍ଭବତଃ ମାଲେସିଆର କୁଆଲାଲୁମ୍ପୁର ଠାରେ ବିଶ୍ୱ ତାମିଲ ସମ୍ମିଳନୀ ପାଇଁ ଆୟୋଜନ ହୋଇଥିଲା । ଏଥିପାଇଁ ବିଶିଷ୍ଟ ଓଡିଆ ସାହିତ୍ୟିକ ତଥା ତତ୍କାଳୀନ ସଂସ୍କୃତି ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ମହାପାତ୍ର ନିମନ୍ତ୍ରଣପତ୍ର ପାଇଥିଲେ । ମାତ୍ର ତାଙ୍କୁ ଯିବା ଲାଗି ତତକାଳୀନ ମୁଖ୍ୟମନ୍ତ୍ରୀ ଅନୁମତି ଦେଇ ନଥିଲେ । ଏ ସଂକ୍ରାନ୍ତରେ ସ୍ୱର୍ଗୀୟ ମହାପାତ୍ର ତାଙ୍କ ଆତ୍ମଜୀବନୀରେ କ୍ଷୋଭର ସହିତ ଲେଖିଛନ୍ତି, "ମୁଁ ମନ୍ତ୍ରୀ ଥିବା ସମୟରେ ବିଶ୍ୱ ତାମିଲ ସମ୍ମିଳନୀ ପାଇଁ ନିମନ୍ତ୍ରଣ ପାଇଥିଲି । ଏହି ସମ୍ମିଳନୀ ଭାରତ ବାହାରେ ସେ ବର୍ଷ ଅନୁଷ୍ଠିତ ହେବାର ଥିଲା । ସେତେବେଳେ ମୁଁ ଜଣେ ସାଧାରଣ ମନ୍ତ୍ରୀ ହିସାବରେ ବିଦେଶକୁ ଯିବାକୁ ହେଲେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଅନୁମତି ନେବାକୁ ପଡିବ ବୋଲି ମୋର ଅଧସ୍ତନ ସେକ୍ରେଟେରୀ ନିର୍ଦ୍ଦେଶ ଦେଲେ । ତଦନୁସାରେ ମୁଁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ଫାଇଲ ତାଙ୍କ ନିକଟକୁ ପଠାଇଦେଲି । ସେ ନାସ୍ତି କରିଦେଲେ । ତେଣୁ ମୁଁ ସେଠାରେ ଯୋଗ ଦେଇ ପାରିଲି ନାହିଁ । କିନ୍ତୁ ବିଶ୍ୱ ନିଖିଳ ତାମିଲ ସମ୍ମିଳନୀର ଆଦର୍ଶରେ ଅନୁପ୍ରାଣୀତ ହୋଇ ମୁଁ ଗୋଟାଏ All India Conference on Orissan Studies ବା ଓଡିଶାର ତତ୍ତ୍ୱ ଅଧ୍ୟୟନ ନିମନ୍ତେ ଏକ ନିଖିଳ ଭାରତୀୟ ସମ୍ମିଳନୀ ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲି । ସାଂସ୍କୃତିକ କ୍ଷେତ୍ରରେ ଓଡିଶାର ଅବଦାନ ଏବଂ ସାମୁଦ୍ରିକ ସଂଚାଳନ (Maritime Activities) ସମ୍ବନ୍ଧରେ ଆଲୋକପାତ କରିବା ହିଁ ଏହାର ଲକ୍ଷ୍ୟ ଥିଲା । ଏହି ସମ୍ମିଳନୀରେ ସଭାପତିତ୍ୱ କରିବା ନିମନ୍ତେ ମାଡ୍ରାସର (ଏବେ ତାମିଲନାଡୁ) ର ସ୍ୱନାମଧନ୍ୟ ସଂସ୍କୃତ କ୍ଷେତ୍ରରେ ପ୍ରବୀଣ ଅଧ୍ୟାପକ ପ୍ରଫେସର ଭି. ରାଘବନ୍ ସମ୍ମତି ପ୍ରଦାନ କରିଥିଲେ । ପଣ୍ଡିତ ରାଘବନଙ୍କ ମତ ଅନୁସାରେ କବି ଜୟଦେବଙ୍କ ଜନ୍ମ ଓ

ISSN NO.
2582-208X

କର୍ମସ୍ଥାନ ଓଡିଶା ହିଁ ଥିଲା । ବିଶେଷତଃ ସେଥିପାଇଁ ଏ ପ୍ରସ୍ତାବିତ ସଙ୍ଗଠନର ସଭାପତି ହେବା ପାଇଁ ସେ ସ୍ଥିର କରିଥିଲେ । କିନ୍ତୁ ଅତି ଦୁଃଖର କଥା ଯେ, ସଂସ୍କୃତି ବିଭାଗର ଉଦାସୀନତା ଓ ଅସହୋଯୋଗ ପାଇଁ ଅଳ୍ପ କ୍ଷଣସ୍ଥାୟୀ ମନ୍ତ୍ରିମଣ୍ଡଳରେ ସଭ୍ୟ ରୂପେ ମୁଁ ଏ ଦିଗରେ ଆଗେଇ ପାରିଲି ନାହିଁ ।" ("ନିତ୍ୟାନନ୍ଦ ମହାପାତ୍ର ସଞ୍ଚୟନ" ପୁସ୍ତକର ୩୩ ଓ ୩୪ ପୃଷ୍ଠା, ବିଷୟ – ମୁଁ ଯେବେ ମନ୍ତ୍ରୀ ହେଲି, ସଂକଳନ ଓ ସମ୍ପାଦନା-ଗୁରୁକଲ୍ୟାଣ ମହାପାତ୍ର, ପ୍ରକାଶକ-ସାହିତ ଅକାଦମୀ, ନୂଆଦିଲ୍ଲୀ, ୨୦୧୯)

ଦୁଃଖର କଥା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଅବସ୍ଥା ଏବେ ବି ସୁଧୁରି ନାହିଁ। ଆମ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିଜେ ଜଣେ ଲେଖକ । ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଉନ୍ନତି ପାଇଁ ସେ ଧ୍ୟାନ ରଖୁଥିବା ଆନନ୍ଦର କଥା। ବିଭାଗୀୟ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ କୁମାତ୍ର ପାତ୍ର ଓ ବିଭାଗୀୟ ଶାସନ ସଚିବ ଶ୍ରୀମତୀ ସୁଜାତା ଆର୍. କାର୍ତ୍ତିକେୟନ୍ ଙ୍କର ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଆନ୍ତରିକତା ଥିବାରୁ ଏହି ସମ୍ମିଳନୀକୁ ସେମାନେ ସଫଳ କରାଇ ପାରିବେ ବୋଲି ଆଶା କରାଯାଉଛି। କାରଣ ଆସନ୍ତା ଫେବୃୟାରୀ ମାସରେ ହେବାକୁ ଥିବା ଏହି ସମ୍ମିଳନୀରେ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଥିବା ଭାଷାବିତ୍ ଓ ଗବେଷକମାନଙ୍କୁ ଆମନ୍ତ୍ରଣ କରାଯିବ ବୋଲି ବିଭାଗୀୟ ଶାସନ ସଚିବ ଶ୍ରୀମତୀ କାର୍ତ୍ତିକେୟନ ପ୍ରକାଶ କରିଛନ୍ତି। ରାଜ୍ୟର ଯୁବକ ଓ ଛାତ୍ରମାନଙ୍କୁ ଏହି ସମ୍ମିଳନୀରେ ସାମିଲ କରାଯିବା ପ୍ରକୃତରେ ବଡ କଥା। ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟମାନଙ୍କୁ ଏହି ସମ୍ମିଳନୀରେ ମଧ୍ୟ ସାମିଲ କରାଯାଉଛି । ରାଜ୍ୟ ସରକାର ପ୍ରକାଶ କରିଛନ୍ତି ଯେ ଏହି "ବିଶ୍ୱ ଓଡିଆ ଭାଷା ସମ୍ମିଳନୀ" ଆୟୋଜିତ ହୋଇ ରାଜ୍ୟ ମଧ୍ୟରେ ଓ ରାଜ୍ୟ ବାହାରେ ଓଡିଆ ଭାଷାର ପ୍ରଚାର, ପ୍ରସାର ତଥା ଗବେଷଣା କାର୍ଯ୍ୟ ତ୍ୱରାନ୍ୱିତ ହେବ ଏବଂ ଭବିଷ୍ୟତରେ ଓଡିଆ ଭାଷାର ସ୍ମିତାକୁ ବଜାୟ ରଖିବା ଲାଗି ଏହି ସମ୍ମିଳନୀର ସୁଦୂରପ୍ରସାରୀ ପ୍ରଭାବ ରହିବ ବୋଲି ଆଶା କରାଯାଉଛି ।

ଉଲ୍ଲେଖନୀୟ ଯେ, ୧୯୨୧ ମାର୍ଚ୍ଚ ୨୩ ତାରିଖ ସକାଳେ, ଦୋଳପୂର୍ଣ୍ଣିମା ଦିନ ଗାନ୍ଧିଜୀ ପ୍ରଥମ ଓଡିଶା ଗସ୍ତରେ ଆସି କଟକଠାରେ ପହଞ୍ଚିଥିଲେ । ସେଦିନ ସନ୍ଧ୍ୟାରେ କଟକର କାଠଯୋଡି ନଦୀ ଶଯ୍ୟାରେ ଏକ ବିରାଟ ଜନସମାବେଶରେ ଗାନ୍ଧିଜୀ ଉଦବୋଧନ

ISSN NO.
2582-208X

ଦେଇଥିଲେ । ସେହି ସଭାରେ ଗାନ୍ଧିଜୀ ଇଂରାଜୀ ଶିକ୍ଷାରେ ବ୍ୟର୍ଥତା ପ୍ରତିପାଦିତ କରି ଆଞ୍ଚଳିକ ଭାଷା ବା ଓଡିଆ ଭାଷର ଗୁରୁତ୍ୱ ବିଷୟରେ ପ୍ରକାଶ କରିଥିଲେ, ଯାହା ବେଶ୍ ପ୍ରଭାବଶାଳୀ ଥିଲା । ଅବଶ୍ୟ ଗାନ୍ଧିଜୀଙ୍କ ଏହି କଥାକୁ ସେତେବେଳେ କତିପୟ ଇଂରେଜ ଶିକ୍ଷିତ ବ୍ୟକ୍ତି, ବ୍ରାହ୍ମ ସମାଜର ସମର୍ଥକ ଓ କେତେକ ଇଂରାଜୀ ଭାଷାର ସମ୍ବାଦପତ୍ର ବିରୋଧ କରିଥିଲେ । ମାତ୍ର ଗାନ୍ଧିଜୀ ସେ କଥାକୁ ବିରୋଧ କରାଯାଉଥିଲା ବୋଲି ଜାଣିପାରି ନଥିଲେ ସେତେବେଳେ । ପରେ ୧୯୨୧ ଏପ୍ରିଲ ମାସରେ "ୟଙ୍ଗ ଇଣ୍ଡିଆ" ପତ୍ରିକାରେ ଗାନ୍ଧିଜୀ ତାହାର ସ୍ୱଷ୍ଟୀକରଣ ଦେଇଥିଲେ ଏହିପରି – "ଜଣେ ବନ୍ଧୁ ଇଂରାଜୀ ଶିକ୍ଷା ସମ୍ପର୍କରେ ତଥା କଟକରେ ମୋ ବକ୍ତୃତାର ବିଷୟରେ ମତ ଦେବାପାଇଁ ଲେଖିଛନ୍ତି । ମୋ ବକ୍ତୃତାର ବିବରଣୀ ମୁଁ ପଢିନାହିଁ । କିନ୍ତୁ ବନ୍ଧୁଙ୍କ ଇଚ୍ଛାକୁ ମୁଁ ଆନନ୍ଦ ମନରେ ଗ୍ରହଣ କରୁଛି । ଏହା ମୋର ସ୍ଥିର ନିର୍ଦ୍ଦିଷ୍ଟ ମତ ଯେ ଯେଉଁପରି ଭାବରେ ଇଂରାଜୀ ଶିକ୍ଷା ଦିଆଯାଉଛି, ସେଥିରେ ଇଂରାଜୀ ଶିକ୍ଷିତ ଓ ଭାରତବାସୀ ନିର୍ଜୀବ ହୋଇଯାଉଛନ୍ତି । ଏହା ଭାରତୀୟ ଛାତ୍ରଙ୍କର ସ୍ନାୟୁବିକ ଶକ୍ତିର ଅପଚୟ ଘଟାଉଛି ଏବଂ ଏହା ଆମମାନଙ୍କୁ ଅନୁକରଣକାରୀ କରାଇ ଦେଉଛି । ଦେଶୀୟ ଭାଷାକୁ ଯେପରି ଉଠାଇ ଦିଆଗଲା, ତାହା ଭାରତ ସହିତ ବ୍ରିଟିଶ ସଂପର୍କର ଇତିହାସ ରେ ସବୁଠାରୁ ଦୁଃଖଦାୟକ ଅଧ୍ୟାୟ" । ("ଗାନ୍ଧିଜୀ ଓଡିଶାରେ ପାଦ ଦେବାର ଶହେ ବର୍ଷ ପରେ", ଲେ.-ଗୁରୁକଲ୍ୟାଣ ମହାପାତ୍ର, ଦୈନିକ "ନିତିଦିନ", ୨୩ ମାର୍ଚ୍ଚ, ୨୦୨୧ ପୃଷ୍ଠା-୮)

ଗାନ୍ଧିଜୀ ଆଞ୍ଚଳିକ ଭାଷା ଉପରେ ଗୁରୁତ୍ୱ ଦେଇ ବକ୍ତୃତା ଦେବାର ପ୍ରାୟ ଶହେ ବର୍ଷ ପରେ ଉଭୟ ଭାରତ ସରକାର ଓ ରାଜ୍ୟ ସରକାର ଏବେ ରାଜ୍ୟରେ ବୈଷୟିକ ଶିକ୍ଷା ପ୍ରଦାନ ଯଥା ଇଂଜିନିଅରିଙ୍ଗ ଓ ଡାକ୍ତରୀ ପାଠକ୍ରମକୁ ଓଡିଆ ଭାଷାରେ ଆରମ୍ଭ କରିବା ଲାଗି ଯେଉଁ ଉଦ୍ୟମ ଜାରି ରଖିଛନ୍ତି, ତାହା ପ୍ରଶଂସନୀୟ । ତେଣୁ ପ୍ରଥମ ଥର ଲାଗି ରାଜ୍ୟରେ ହେବାକୁ ଥିବା ଏହି ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଆଶା କରାଯାଉଛି ।

ଓଡିଶା ସରକାରଙ୍କ ଆନ୍ତରିକତା ଓ ଭାରତ ସରକାରଙ୍କ ଅନୁମୋଦନକ୍ରମେ ୨୦୧୪ ରେ ଓଡିଆ ଭାଷା ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷା ଭାବରେ ସ୍ୱୀକୃତି ଲାଭ କରିପାରିଛି ।

ISSN NO.
2582-208X

ଅତୀତରେ ଅଣ ଓଡିଆ ପ୍ରଶାସକ ରେଭେନ୍ସା ସାହେବ ଓ ଜନ ବୀମସ୍ ମଧ୍ୟ ରାଜ୍ୟ ସ୍କୁଲ ମାନଙ୍କରେ ବଙ୍ଗଳା ଭାଷା ପରିବର୍ତ୍ତେ ଓଡିଆ ଭାଷାର ପ୍ରଚଳନ କରାଇଥିଲେ । ଏ କଥା ବ୍ୟାସକବି ଫକୀର ମୋହନ ସେନାପତି ମଧ୍ୟ ସ୍ୱୀକାର କରିଛନ୍ତି । ବାଲେଶ୍ୱର ଜିଲ୍ଲା ସ୍କୁଲର ତତକାଳୀନ ପଣ୍ଡିତ ଥିଲେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ । "ଓଡିଆ ସ୍ୱତନ୍ତ୍ର ଭାଷା ନୟ" (ନୁହେଁ) ଶୀର୍ଷକ ଏକ ପୁସ୍ତକ ଲେଖି ସ୍କୁଲମାନଙ୍କରୁ ଓଡିଆ ଭାଷାକୁ ଉଠାଇ ବଙ୍ଗଳା ଭାଷାର ପ୍ରଚଳନ ପାଇଁ ସେ ଉଦ୍ୟମ କରିଥିଲେ । ଫକୀର ମୋହନଙ୍କ ଭାଷାରେ – "ସେହି ସମୟରେ ସରକାରୀ କାର୍ଯ୍ୟ ଉପଲକ୍ଷେ ଉତ୍କଳରେ ବାସ କରୁଥିବା ସମଗ୍ର ବଙ୍ଗବାସୀ କାନ୍ତି ବାବୁଙ୍କର ପୃଷ୍ଠପୋଷକତା କରିବାକୁ ଲାଗିଲେ । ବାଲେଶ୍ୱରବାସୀ କେତେଜଣ ଯୁବକ ମାତୃଭାଷା ରକ୍ଷା ନିମନ୍ତେ ଭୟଙ୍କର ଆନ୍ଦୋଳନ କରିବାକୁ ଲାଗିଲେ ।" କଟକରେ "ଉତ୍କଳ ଦୀପିକା" ସେହି ସମୟରେ ଆପଣା କର୍ତ୍ତବ୍ୟ କର୍ମ ସାଧନାରେ ତ୍ରୁଟି କରି ନଥିଲେ । ଆନ୍ଦୋଳନ କ୍ରମଶଃ ବୃଦ୍ଧିପ୍ରାପ୍ତ ହୋଇ ରାଜପୁରୁଷମାନଙ୍କ କର୍ଣ୍ଣଗୋଚର ହେଲା । ଉତ୍କଳର ତତକାଳିକ କମିଶନର ମହାମତି ରେଭେନ୍ସା ଏବଂ ବାଲେଶ୍ୱର ଜିଲ୍ଲାର କଲେକ୍ଟର ଭାଷାତତ୍ତ୍ୱବିତ୍ ଶ୍ରୀଯୁକ୍ତ ବୀମସ୍ ସାହେବ ମହୋଦୟମାନଙ୍କ ଆଦେଶରେ ଉତ୍କଳ ବିଦ୍ୟାଳୟମାନଙ୍କରୁ ବଙ୍ଗ ଭାଷା ଏକାବେଳକେ ବିଦାୟ ପ୍ରାପ୍ତ ହେଲା । ଉତ୍କଳ-ଭାଷା ଇତିହାସରେ ଏହା ଗୋଟିଏ ନିତାନ୍ତ ଶୁଭଙ୍କର ଏବଂ ବିଶେଷ ଘଟଣା ଅଟେ । ଉତ୍କଳବାସୀମାନେ ଚିରକାଳ ଏହି ମହାତ୍ମାମାନଙ୍କ ନାମ ସ୍ମରଣ କରିବେ । ("ଉତ୍କଳ ଭାଷାରଭୂତ ଭବିଷ୍ୟତ" – ୧୯୧୫ ରେ ଉତ୍କଳ ସାହିତ୍ୟ ସମାଜରେ ଫକୀର ମୋହନଙ୍କ ବକ୍ତୃତାରୁ କିୟଦଂଶ )

ଆମ ଅଦାଲତମାନଙ୍କରେ ଓଡିଆ ଭାଷା ପ୍ରଚଳିତ ହୋଇପାରିନାହିଁ । ସ୍ୱାଧୀନତାର ୭୬ ବର୍ଷ ଏବଂ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ୮୭ ବର୍ଷ ପରେ ମଧ୍ୟ ସାଧାର୍ଣ ଲୋକେ କ୍ଳିଷ୍ଟ ଇଂରାଜୀ ଭାଷାରଏ ଆବେଦନ, ଯୁକ୍ତିତର୍କ, ଆଦେଶ ଓ ରାୟ ପ୍ରଭୃତିକୁ ବୁଝିବା କଷ୍ଟକର ବୋଲି ମନେ ହେଉଛି । ଅବଶ୍ୟ କେତେକ ସାଂସ୍କୃତିକ ସଂସ୍କାର ଦାବି ଫଳରେ ଭାରତ ସରକାର ଓ ସର୍ବୋଚ୍ଚ ଅଦାଲତ ଏବେ ଅଦାଲତମାନଙ୍କରେ ଆଞ୍ଚଳିକ ଭାଷାରଅ ପ୍ରଚଳନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ଏ ସଂକ୍ରାନ୍ତରେ ସୁନ୍ଦର

ISSN NO.
2582-208X

ଦୃଷ୍ଟାନ୍ତଟିଏ ରହିଛି । ତାଙ୍କ ଭାଷାରେ – "ଗଞ୍ଜାମରେ ଓଡିଆର ସ୍ୱତ୍ତ୍ୱ ଓ ଅଧିକାର ସରକାର ସ୍ୱୀକାର କରିଅଛନ୍ତି। ଓଡିଆ ସ୍କୁଲର ସଂଖ୍ୟା ଦିନ ଦିନ ବଢୁଅଛି। ମାତ୍ର ବିଚାର ଅଦାଲତରେ ଓଡିଆ ଏ ପର୍ଯ୍ୟନ୍ତ ଉପଯୁକ୍ତ ସ୍ଥାନ ପାଇନାହିଁ। କେବଳ ଘୁମୁସର ତାଲୁକରେ ଓଡିଆ ଏକମାତ୍ର କଚେରୀ ଭାଷା ରୂପେ ଜାରି ହୋଇଅଛି । ଅନ୍ୟାନ୍ୟ ପୂରା ଓଡିଆ ଭାଷା ତାଲୁକାରେ ଏପର୍ଯ୍ୟନ୍ତ ପୂର୍ଣ୍ଣ ଅଧିକାର ମିଳିନାହିଁ ।... (ଓଡିଆ ଭାଶା – ଭାଷା ଭାବନା, ସଂକଳନ ଓ ସଂପାଦନା – ବିଜୟଲକ୍ଷ୍ମୀ ମହାନ୍ତି )

ଆଗାମୀ "ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ" ରେ ଓଡିଆ ଭାଷାର ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ସ୍ଥାନ ପାଇବ ବୋଲି ଆମେମାନେ ଆଶା କରୁଛୁଁ ।

ଭୁବନେଶ୍ୱର

ISSN NO.
2582-208X

# ମଶାଣିର ଅଟ୍ଟହାସ୍ୟ



ବିନୋଦିନୀ ଦାଶ

ତୁଳସୀ ପାଦପ ଭଗ୍ନ ଖର୍ପର
ଠାଏ ଠାଏ ଛିଣ୍ଡା ବାସ,
ପାଉଁଶ କୁଢ଼ରୁ ସତେ କି ଶୁଭଇ
ମଶାଣିର ଅଟ୍ଟହାସ୍ୟ !

ସୂଚାଇ ଦିଅଇ ହେ ଚେତନଗଣ
ଯାହା ପାଇଁ ହିଂସା ଦ୍ୱେଷ,
ପୂତିଗନ୍ଧମୟ ସେ ନରକ ଦେହ
କେବଳ ମୋ ଦେହେ ଶେଷ ।

ଯେତେ ବଡ଼ପଣ ଗର୍ବ ଅହଂକାର
ରଖିଛ ହୃଦେ ସାଇତି,
ନାଶ ଦିନେ ସବୁ ମାଟି ଦେହ ସହ
ଚିରସ୍ଥାୟୀ ନୁହଁ କ୍ଷିତି ।

ISSN NO.
2582-208X

ଏପରି ଗୁଣର ହୋଇ ଅଧିକାରୀ
ପାଅ କିଆଁ ଅପଯଶ ?
ଆନକୁ ପରଖି ନ ଚେତ କାହିଁକି
ରହେ ନି କି ଅବସୋସ ?

ରାମ ନାମ ସତ୍ୟ ହରି ନାମ ସତ୍ୟ
ମଶାଣି ବାହକ ଗାଇ
ବୋହି ଆଣେ ଯେବେ ମର ଶରୀରକୁ
ନିଜ କଥା କି ଭୁଲଇ ?

ଲେଲିହାନ ଶିଖା ତୋଳି ଜଳେ ଜୁଇ
ନ ହୁଏ କି ପ୍ରଭାବିତ ?
ଆଣ୍ଠ ଭାଙ୍ଗି ମନ ନ ବୁଝେ କାହିଁକି
ମୋ ମାଟିଟି ଶେଷ ପଥ ।

ମୋ ପାଖରେ ନାହିଁ ଧନୀ କି ଗରିବ
ନିଏ ଆଦରେ କୋଳେଇ
ବୃଥା ଆସ୍ଫାଳନ କିଆଁ ତୁମେ କର
ମୁଁ ପରା ସାଥୀ ସବୁରି ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ଜହ୍ନ ରାତି



ଅଳକା ମହାନ୍ତ

ସାଥୀ ଟିଏ ମୁହିଁ କଇଁ ଫୁଲ ପରି
ଖୋଜୁଥିଲି ଜହ୍ନ ରାତି,
ଶୀତଳ ସମୀରେ ଶୀତଳ କିରଣେ
ନିର୍ବାପିତ ହେବ ତାତି l

ସାଥୀ ତୁମେ କେଉଁ ଅଜଣା ରାଇଜେ
ବିକିରଣ କର ପ୍ରୀତି,
ମୋ ପାଇଁ ଏଇଠି ଅମାବାସ୍ୟା ତିଥି
ଖୋଜୁଥିଲି ଜହ୍ନ ରାତି l

ବାଟୋଇ ର ତୁମେ ପଥ ପ୍ରଦର୍ଶକ
ବିସ୍ମୟ ଚନ୍ଦ୍ରିକା ଆଭା,
ଧରଣୀ ମାଆ କୁ ରୂପେଲି କିରଣେ
ବଢ଼ାଉଛ ତାର ଶୋଭା l

ଅଜଣା ପଥର ପଥିକ ଯେ ମୁହିଁ
ଲକ୍ଷ୍ୟ ର ଅନ୍ୱେଷଣେ,

ISSN NO.
2582-208X

ସହସ୍ର ଭୁଜ କିରଣ ତୁମର
ଖୋଜୁଥଲି ପ୍ରତି କ୍ଷଣେ ।

ହାତ ଧରି ମୋର ସାଥେ ଚାଲିଯିବ
ପହଞ୍ଚିବି ଲକ୍ଷ୍ୟ ସ୍ଥଳେ,
ତୁମ ଆଗମନେ ଅମାବାସ୍ୟା ଯିବ
ପଥ ବି ଦିଶିବ ଜଳେ ।

ପ୍ରିନ୍ସପାଲ, ବକ୍ସି ଜଗବନ୍ଧୁ ଇଂରେଜୀ ମିଡିୟମ ସ୍କୁଲ
ଭୁବନେଶ୍ୱର ୭୫୨୧୦୦ / ମୋ: 7303264377

ISSN NO.
2582-208X

# କାକର, କୁହୁଡି, କରକାପାତ



ଇଂ. ସୁଶାନ୍ତ କିଶୋର ବଳ

ଜଳୀୟବିଂନ୍ଦୁର ଏ ତିନି ସମାହାର
ଜଳଅଟେ ତାଂକ ପ୍ରାଣବିଂନ୍ଦୁ,
ଭିନ୍ନ ଅବୟବେ ପରିପ୍ରକାଶ,
ଭିନ୍ନ ସମୟେ ତାଂକ ଅବତରଣ .

ରାତ୍ରୀ ଯେପରି ଆଗକୁ ବଢିଚ଼ାଲେ
କମିକମି ଆସେ ବାୟୁମଣ୍ଡଳେ ତାପମାନ,
ଧିରେ ସୃଜିତ ହୁଏ ଶିଶିର ବିଂନ୍ଦୁ,
ପଡେ ଲତାପତ୍ରପରେ ଜମେ କାକରବିଂନ୍ଦୁ.
ରୌପ୍ୟରଂଗେ ଢଂକିତ ଧରିତ୍ରୀ,
ଲାଗେ ଭିଗାଭିଗା ବାୟୁମଣ୍ଡଳ
ଚଉଦିଗ ଲାଗେ ଆର୍ଦ୍ର ସୁଶୀତଳ
ବୃଖ୍ୟଡାଳୁ ପଡେ ନୀର ଟୁପଟୁପ .
ଦୁବଘାସ ଠାରୁ ତରୁ, ମହାଦ୍ରୁମ
ସର୍ବେଥାନ୍ତି ଶିଶିରେ ଆଚ୍ଛାଦିତ
ଧବଳଚାଦରେ ଥାନ୍ତି ଆବେଷ୍ଟିତ.
ବାଳାର୍କର ନମ୍ର ତାପେ ଧିରେ,
ଅପସରିଥାନ୍ତି ହୋଇ ଜଳୀୟକଣା .

ISSN NO.
2582-208X

ଧୂଳି, ଆବର୍ଜନା, ଧୂମ୍ରକଣା ଯେତେ
ଉଭାନ ହୋଇଥାଏ ତାର ପ୍ରଭାବୁ.
ନବ୍ୟବଧୂ ବେଶେ ସଜ୍ଜିତ ହୋଇ
ଭବ୍ୟ, ନବୀନ ଦିଶୁଥାଇ ଉର୍ବୀ
ଦୂରିଯାଇଥାଏ ଯେତେ କଦର୍ମ .

କୁହୁଡି ଆସଇ ଭିନ୍ନ ରୂପନେଇ,
କୁହେଳିକାମୟ ଲାଗେ ବସୁଧା .
ଦୃଷ୍ଟି ବାଧିତେ ଦିଶେନାହିଁ ବସ୍ତୁ
କଲେବି ଯେତେ ନେତ୍ର ଫାଡିତ.
ରାସ୍ତା,ଘାଟ,ସରଣୀ ତା ପ୍ରଭାବେ
ହୋଇଯାଇଥାନ୍ତି ଅଦୃଶ୍ୟ .
ଅପେକ୍ଷିତ ଜନେ ସୂର୍ଯ୍ୟରଶ୍ମୀକୁ
ଉଭାନହୁଏ କାହିଁ ଲଭିତା' ସାନ୍ନିଧ୍ୟ .
ହାଲକା ଜଳୀୟବାଷ୍ପ ବକ୍ଷେ୍ୟବହି
ଭାସୁଥାଏ ପବନେ ଉର୍ଦ୍ଧ୍ୱମୁଖ ହୋଇ
ଧିରେ ମିଟିଯାଏ ତା' ସାନ୍ନୀଧ୍ୟ.
ଶସ୍ୟକ୍ଷେତ୍ରେ ତା' କୁପ୍ରଭାବ ମିଳେ
ଅଂକୁରୋଦଗମ ହୁଏ ବିଳମ୍ବିତ ;
ବ୍ୟୋମ ଛାଇଥାଏ ଧବଳବର୍ଣ୍ଣେ
ବ୍ୟୋମଜାନ ଚାଳକ ଶଂକିତ .
ଉଡ୍ଡାନ, ଅବତରଣ ହୁଏ ବାଧିତ
ପରିସାନ ହୁଅନ୍ତି ବ୍ୟୋମପଥିକ .

କୁଆପଥରର ଅନ୍ୟନାମ କରକାପାତ
ପ୍ରସ୍ତରଶକ୍ତେ ପଡିଥାଏ ସ୍ୱର୍ଗୁ ,
କରିଥାଏ ଶରୀରକୁ କ୍ଷ୍ୟତାକ୍ତ .

ISSN NO.
2582-208X

ବାରିଧ ଯେବେ ଜଡିଭୂତ ହୁଏ,
ସୃଷ୍ଟି ହୋଇଥାଏ ମୁଣ୍ଡାମୁଣ୍ଡା କରକା.
ଉର୍ବୀରେ ଉର୍ଦ୍ଧ୍ବରୁ ହୁଏ କରକାପାତ .
ବୃଖ୍ୟ, ଲତା, ଦୁବ, ମହାଦ୍ରୁମ,
କାନନ,ବାଟିକା,ସୁମନ ଉଦ୍ୟାନେ
ଖ୍ୟତି ଘଟାଇ ଥାଏ ପ୍ରଭୂତ .
ଫାଟିଥାଏ ବାଦଲ ଚଉଦିଗ ଜଳାର୍ଣବ
ପାହାଡ,ପରବତ,ଶୈଳ ଧଂସିତ .
ତା' ପ୍ରଭାବେ ଭାସିଯାନ୍ତି ଜନ, ଗୋଧନ
ହାନି ହୋଇଥାଏ ଧନ, ଜୀବନ
ତ୍ରସ୍ତ, ଶଂକିତେ ଥାଏ ଜନମାନସ .

କଟକ

ISSN NO.
2582-208X

# ଗୋଟିଏ ମୁହୂର୍ତ୍ତ



ଡଃ ମାଙ୍ଗଳିକା ମହାପାତ୍ର

ଗୋଟିଏ ମୁହୂର୍ତ୍ତ ଦରକାର
ବଦଳେଇବାକୁ ମଣିଷର ଜୀବନ..
ଖିନ୍ ଭିନ୍ ହେଇ ତୁଟିଯାଏ
ସେଥିରେ ଦେଖିଥିବା ସବୁ ସ୍ୱପ୍ନ...
ସେଇ ଗୋଟିଏ ମୁହୂର୍ତ୍ତରେ
ବେଳେ ବେଳେ ଯୋଡ଼ି ହେଇଯାଏ
ଦୀର୍ଘ ଦିନରୁ ଭାଙ୍ଗି ଯାଇଥିବା ମନ..

ବେଳେ ବେଳେ...
କିଛି ହରାଇ ପାଇବାକୁ ହୁଏ
ବେଳେ ବେଳେ...
ପାଇସାରି ବି ଖୋଜିବାକୁ ହୁଏ...

ସେଇ ଗୋଟିଏ ମୁହୂର୍ତ୍ତରେ
କାହାର ଜୀବନ ଚାଲିଯାଏ...
ବହୁତ୍ କିଛି ପାଇବା ଆଶାରେ
କିଏ ତାର ସର୍ବସ୍ୱ ଅଜାଡ଼ି ଦିଏ...

ISSN NO.
2582-208X

କିଏ କୁହେ ତା ପାଇଁ
ସମୟ ହିଁ ନାହିଁ...
ଆଉ କିଏ ଅଳି କରେ
ଟିକିଏ ମୁହୂର୍ତ୍ତ ପାଇଁ...

କଣ ଅଛି ମହତ୍ତ୍ୱ ଏହି ମୁହୂର୍ତ୍ତର
ଯିଏ ଭୋଗିଛି ତା ପାଇଁ ଜାଣିବାର
ହେଲେ କିଏ ଛୋଟ କିଏ ବଡ
ଦେବା ଲୋକ ନା ନେବା ଲୋକ
ଦେବା ନେବାରେ ଚାଲିଛି ଦୁନିଆ
ନ ଭାବି ହେଉଛି ମନ ଦିଆ ନିଆ...

ବିରହରେ ଛଟପଟ
ଏ ଜୀବନ ବଡ଼...
ନା ବିରହ ପରେ ଗୋଟିଏ
ମୁହୂର୍ତ୍ତର ମିଳନ ବଡ଼...!!!

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ନୂଆବର୍ଷ ୨୦୨୪



ଡକ୍ଟର ବିଜ୍ଞାନୀ ଦାସ

ନୂଆବର୍ଷ ୨୦୨୪ ଏବର୍ଷ ତନୁଜା ପାଇଁ ସଂପୂର୍ଣ୍ଣ ଅଲଗା ଥିଲା । ମେରୀଲାଣ୍ଡର ଥିବା ବେଳେ, ନୂଆବର୍ଷ ପାଇଁ ସବୁବେଳେ ସେ ପ୍ରସ୍ତୁତ ହୋଇ ରହେ । ସମସ୍ତ ସାଙ୍ଗସାଥୀମାନଙ୍କୁ କି ବାର୍ତ୍ତା ପଠେଇବ, ସେ ବାର୍ତ୍ତା ସହିତ କି କବିତା ଲେଖାହେବ, ଯେଉଁଟା କି ଅନ୍ୟ ସମସ୍ତ ନୂଆବର୍ଷର କବିତାଠାରୁ ଭିନ୍ନ ଥିବ, ଏସବୁ ବିଚାର ସିଏ ଆଗରୁ କରି ପ୍ରସ୍ତୁତ ରହିଥାଏ । ଡିସେମ୍ବର ୨୫ ତାରିଖ ପରେ ଦୋକାନ ମାନଙ୍କରେ ଦରଦାମ କମିଯାଏ । ସେ ସମୟରେ ସିଏ ଦୋକାନ ଯାଇ କିଛି ଉପହାର କିଣିଆଣି ଘରେ ରଖିଥାଏ। କିଏ ଯଦି ପାର୍ଟି ପାଇଁ ଡାକନ୍ତି, ତେବେ ଆଉ କିଛି ଭାବିବାକୁ ନଥିବ । ନୂଆବର୍ଷ ଦିନ କେଉଁ ମନ୍ଦିର କେତେବେଳେ ଯିବ, ତାର ବି ଗୋଟିଏ ତାଲିକା ଥାଏ । ହେଲେ ଏବର୍ଷ ସେମାନେ ସମସ୍ତେ ଓଡିଶାରେ ଥିଲେ । ତାର ମନ ମୁତାବକ କିଛି କରିବାର ସ୍ୱାଧୀନତା ରହିଥିଲେ ମଧ୍ୟ ସିଏ ଅନ୍ୟମାନଙ୍କୁ ପ୍ରାଧାନ୍ୟ ଦେଉଥିଲା ଓ ସେମାନଙ୍କର ଇଚ୍ଛା ଅନୁଯାୟୀ ସବୁ କାମ କରୁଥିଲା।

ନୂଆବର୍ଷ ୨୦୨୪ର ଆଗମନୀ ପାଇଁ କେତେକେତେ ବନ୍ଧୁଙ୍କର ନିମନ୍ତ୍ରଣ ଗୋଟିଏ ମାସ ଆଗରୁ ଆସିସାରିଥିଲା । ହେଲେ ତନୁଜା ସମସ୍ତଙ୍କୁ ଦୁଃଖର ସହିତ ଆସିପାରିବନି ବୋଲି ଜଣେଇଦେଲା । "ଆମେ ଡିସେମ୍ବର ୨୪ ତାରିଖ ଦିନ ଓଡିଶା ଯାଉଛୁ । ଏ ବର୍ଷର ସମସ୍ତ

ISSN NO.
2582-208X

ପାର୍ଟି ଓ ବନ୍ଧୁମିଳନର ମଜା ଆମେ ଆଉ ନେଇପାରିବୁନି । ଫେରିଲେ କେବେ ଦେଖି ସମସ୍ତେ ମିଶିବା ଓ ନୂଆବର୍ଷକୁ ଆମ ଘରେ ପାଳିବା ।'

ଓଡିଶାରେ ନୂଆବର୍ଷ କେମିତି ପାଳିବା, ସେ ବିଷୟରେ ବି ତନୁଜା କିଛି ଯୋଜନା କରିଥିଲା। କିନ୍ତୁ ସେ ଯୋଜନା କାର୍ଯ୍ୟକାରୀ ହୋଇପାରିବ କି ନା, ସେ ବିଷୟରେ ତାର ସନ୍ଦେହ ଥିଲା । ସିଏ ଜାଣିଥିଲା ଯେ, ସ୍ୱାମୀ ତନ୍ମୟଙ୍କ ଉପସ୍ଥିତିରେ କେବଳ ତାଙ୍କ କଥା ହିଁ ରହିବ । ତନୁଜାର କୌଣସି କଥା ବି ରହିବନି । ଏ ବୟସରେ ଏସବୁ କଥାକୁ ନେଇ ଆଉ ଯୁକ୍ତିତର୍କ କରିବା ଭଳି ମାନସିକତା ତାର ନଥିଲା । ତେଣୁ ଯାହା ହେବାର ଥିବ, ହେବ; ନୂଆବର୍ଷ ଯେମିତି ବିତିବ ବିତୁ, କଣଟା ଆଉ ବେଦ ଅଶୁଦ୍ଧ ହୋଇଯିବ ଯେ ? ସବୁ ଦିନ ଭଳି ନୂଆବର୍ଷଟା ସେମିତି ଏକ ଦିନଟିଏ । ମାନିଲେ ଦେବତା, ନ ମାନିଲେ ପଥର । ସେମିତି ମାନିଲେ, ନୂଆବର୍ଷ ଗୋଟିଏ ବିରାଟ କଥା । ସେଦିନ ପାର୍ଟି ହେବା ଉଚିତ, ଭଲ ଖାଇବା ହେବା ଉଚିତ, ଭଲ ପିନ୍ଧିବା ଉଚିତ ଓ ସେଇଭଳି ଅନେକ ସବୁ ପ୍ରାଚୁର୍ଯ୍ୟର ତାଲିକା । ଆଉ ନ ମାନିଲେ, "ହଁ ମ, ସେଇ ଏକା ଭଳିଆ ଦିନଟିଏ ତ । ସୂର୍ଯ୍ୟ ସେମିତି ସକାଳୁ ଉଠିବେ, ଅନ୍ୟଦିନ ଭଳି ସେଦିନ ମଧ୍ୟ ମଧ୍ୟାହ୍ନ ହେବ ଓ ସୂର୍ଯ୍ୟାସ୍ତ ହେବ । ଦୋକାନରେ ବିକାକିଣା ହେବ ଓ ଭିକାରୀ ମାନେ ରାସ୍ତାକଡରେ ବସି ଭିକ ମାଗୁଥିବେ ।' ଏମିତି ଚିନ୍ତା କରି ତନୁଜା ନିଜକୁ ପ୍ରସ୍ତୁତ କରୁଥିଲା ଓ ମନକୁ ପ୍ରବୋଧନା ଦେଉଥିଲା ।

ଡିସେମ୍ବର ୩୧ ତାରିଖ ଦିନ ଅପରାହ୍ନରେ ସେମାନେ ସମସ୍ତେ ଗାଁରୁ ବାହାରି ଭୁବନେଶ୍ୱର ଅଭିମୁଖେ ଯାତ୍ରା କଲେ । ସାଥୀରେ ତନ୍ମୟ, ଝିଅ ଚାରୁ, ତାର ଆମେରିକାନ ସ୍ୱାମୀ ଏରିକ ଓ ଦେଢବର୍ଷର ପୁଅ ଆଦି ଥିଲେ। ସକାଳେ ବାହାରିବାକୁ ତନୁଜା ପରାମର୍ଶ ଦେଇଥିଲା, ହେଲେ ତନ୍ମୟ କାଟିଦେଲେ । ଅବଶ୍ୟ ତାଙ୍କ କାଟିବାର କାରଣ ଥିଲା ଓ ସେଥିପାଇଁ ତନୁଜା ଯୁକ୍ତି କଲାନି । ସୋନାର ଦିଅର ଦେବ ଓ ସାନ ଯା ସୋନା ଅନ୍ୟ ଗୋଟିଏ ଗାଡିରେ ବାହାରିଗଲେ । ସେଦିନ ଭୁବେନେଶ୍ୱରରେ ରହୁଥିବା ଝିଅାରୀ ସେମାନଙ୍କୁ ରାତ୍ରଭୋଜନ ପାଇଁ ନିମନ୍ତ୍ରଣ କରିଥିଲା । ଦେବ ଓ ସୋନା, ଝିଅାରୀର ଆପାର୍ଟମେଣ୍ଟ ପାଖାପାଖି ରହୁଥିଲେ । ଭୁବନେଶ୍ୱର ପୂର୍ବରୁ ସମସ୍ତେ ଟ୍ରାଫିକ୍ ଜାମ୍ ରେ ପଡିଗଲେ ।

ISSN NO.
2582-208X



ସେଇ ରାସ୍ତାଟା ନନ୍ଦନକାନନ ରାସ୍ତା ଥିଲା ଓ ସମସ୍ତେ ସେଇଦିନ ବଣଭୋଜି କରୁଥିବାରୁ ରାସ୍ତାରେ ଭିଡ ଥିଲା । ଗୋଟିଏ କଥା ତନୁଜା ଜାଣିଲା ଯେ, ଏଠି ନୁଆବର୍ଷ ଦିନ ଆମେରିକା ଭଳି ଛୁଟି ରହେନି । କେବଳ ଡିସେମ୍ବର ୩୧ ତାରିଖ ଦିନଟି ଛୁଟି ରହେ । ସେଥିପାଇଁ ସମସ୍ତେ ବଣଭୋଜି, ଉତ୍ସବ, ପାର୍ଟି ଇତ୍ୟାଦି ଡିସେମ୍ବର ୩୧ ତାରିଖ ଦିନ ହିଁ କରିଥାନ୍ତି । ଜାନୁଆରୀ ୧ ତାରିଖ ଦିନ ଯଦି ରବିବାର ନଥାଏ, ତେବେ ସମସ୍ତେ ନିଜନିଜ କାମକୁ ଯାଆନ୍ତି । ତେଣୁ ଦେବଙ୍କର ଆପାର୍ଟମେଣ୍ଟରେ ପହଞ୍ଚୁପହଞ୍ଚୁ ଆଠଟା ବାଜିଗଲା । ସେ ଆପାର୍ଟମେଣ୍ଟରେ ରହିଥିବା ପାର୍କରେ ସେଦିନ ଆପାର୍ଟମେଣ୍ଟର ସମସ୍ତ ଅନ୍ତେବାସୀ ମିଶି ନୂଆବର୍ଷ ପାଳନ କରୁଥିଲେ । ସେଥିପାଇଁ ତଳେ ଦୋକାନ, ବଜାର ବସିଥିଲା ଓ ଗୀତ, ନାଚ ଚାଲିଥିଲା । ସମସ୍ତେ ଭାବିଲେ ପ୍ରଥମେ ଝିଆରୀ ଘରକୁ ଯିବେ, ସେଠି ରାତ୍ରଭୋଜନ ସାରି ଆସି ନୂଆବର୍ଷ ପାଳନ ଉତ୍ସବରେ ସାମିଲ ହେବେ । କିନ୍ତୁ ଝିଆରୀ ଘରୁ ଫେରୁଫେରୁ ରାତି ସାଢେ ଦଶ ବାଜିଗଲା । ସମସ୍ତେ କ୍ଲାନ୍ତି ଅନୁଭବ କରୁଥିଲେ । ତେଣୁ ସମସ୍ତେ ବିଶ୍ରାମ କରିବା ପାଇଁ ପ୍ରସ୍ତୁତି ଆରମ୍ଭକଲେ ।

ଦେବଙ୍କର ଆପାର୍ଟମେଣ୍ଟରେ ତିନୋଟି ରୁମ୍ ଥିଲା । ଦୁଇଟି ରୁମ୍ ସହିତ ପ୍ରାଇଭେଟ୍ ବାଥ୍‌ରୁମ୍ ଓ ଲାଟ୍ରିନ୍ ସଂଯୁକ୍ତ ଥିଲା । ଆଉ ଗୋଟିଏ ରୁମ୍ ରେ ଠାକୁର ପୂଜା ପାଉଥିଲେ ଓ ସେଠି ଗୋଟିଏ ଖଟ ପଡିଥିଲା । ଆଉ ଗୋଟିଏ ଗାଧୁଆଘର ଓ ପାଇଖାନା କୌଣସି କୋଠରି ସହିତ ସଂଯୁକ୍ତ ନଥିଲା । ଘରକୁ ଆସୁଥିବା ଅତିଥି, ଅଭ୍ୟାଗତଙ୍କ ପାଇଁ ତାହା ଉଦ୍ଦିଷ୍ଟ ଥିଲା । କାଳେ କିଏ ପରିବାରର ଅନ୍ୟ ଲୋକ ଆସିବେ, ସେମିତି ଭାବି ଦେବ ସେ ଆପାର୍ଟମେଣ୍ଟ କ୍ୟାମ୍ପସ୍ ଭିତରେ ଥିବା ଅତିଥିଭବନରେ ଦୁଇଟି କୋଠରି ବୁକ୍ କରିଥିଲେ । ଅନ୍ତତଃ ଏମିତି ଏକ ସୁବିଧା ରହିଛି, ସେଇଟା ବଡ କଥା । ପରିବାରର ବେଶି ଲୋକ କିଏ ପହଞ୍ଚିଗଲେ, ଗୃହସ୍ୱାମୀଙ୍କୁ ଆଉ ହଇରାଣ ହେବାକୁ ପଡିବନି । ତନ୍ମୟ ଅତିଥିଭବନ ଯିବା ପାଇଁ ଅଡିବସିଲେ । ତେଣୁ ତନୁଜା ବି ତାଙ୍କ ସହିତ ବାହାରିଲା । ଆଉ ନୂଆବର୍ଷ ପାଇଁ ଗୀତ, ନାଚ ଦେଖିବାର ମାନସିକତା ନଥିଲା କି ବାରଟା ପର୍ଯ୍ୟନ୍ତ ଚେଇଁ ରହିବାକୁ ଇଚ୍ଛା ନଥିଲା ।

ISSN NO.
2582-208X

ଦେବଙ୍କ ଆପାର୍ଟମେଣ୍ଟ ଥାଏ ଦଶ ମହଲାରେ । ସେଠୁ ଏଲିଭେଟର୍ ନେଇ ତନୁଜା ଓ ତନ୍ମୟ ତଳକୁ ଆସିଲେ ଓ ଅତିଥିଭବନ ଅର୍ଥାତ୍ ଗେଷ୍ଟହାଉସରେ ପାଞ୍ଚ ମିନିଟ୍ ଭିତରେ ପହଞ୍ଚିଗଲେ । ସେଠି ଦାୟିତ୍ୱରେ ଥିବା ଗାର୍ଡଙ୍କ ଠାରୁ ଚାବି ନେଇ ସେମାନେ ଦ୍ୱିତୀୟ ମହଲାରେ ଥିବା ନିଜ ପାଇଁ ଉଦ୍ଦିଷ୍ଟ କୋଠରି ନିକଟକୁ ଗଲେ । ଯେହେତୁ ଦୁଇଟି କୋଠରି ବୁକ୍ ହୋଇଥିଲା, ସେଥିପାଇଁ ତନୁଜା ଅଲଗା କୋଠରିକୁ ଯିବ ବୋଲି ଭାବିଲା । ତାର କାରଣ ହେଲା ତନ୍ମୟ ଶୋଇବା ସମୟରେ ଆଲୁଅ ସହିପାରନ୍ତିନି । ତେଣୁ ତନୁଜା କହିଲା, "ତମେ ଆରାମରେ ୨ ନମ୍ବର କୋଠରିରେ ଶୁଅ । ମୁଁ ୩ ନମ୍ବର କୋଠରିକୁ ଯାଉଛି । ମୋର ମାସ ଶେଷର ଟାଇମ୍ ସିଟ୍ ପୂରଣ କରି ଦସ୍ତଖତ କରିବାର ଅଛି । ସେ କାମ ମୁଁ ସାରିବି । କାରଣ ଆଉ କେତେବେଳେ ସମୟ ମିଳିବ କି ନା । ତାପରେ ଟିକେ ଇ-ଚିଠି ଚେକ୍ କରିବି ।'

ଏମିତି କହି ତନୁଜା ୩ ନମ୍ବର କୋଠରିକୁ ଆସିଲା । ସେ କୋଠରିରେ ମଶା ଥିଲେ । କାମୁଡିବାରୁ ତନୁଜାର ଗୋଡହାତ କୁଠେଇହେଲା । ହଠାତ୍ ତାର ଦୃଷ୍ଟି ପଡିଲା ଟେବୁଲ୍ ଉପରେ ମଶା ପାଇଁ ଗୋଟିଏ କିଛି ରହିଛି । ସେଇଟାକୁ ଆଣି ପ୍ଲଗ୍ ସହିତ ସଂଯୁକ୍ତ କରିବାରୁ କେମିତି ଏକ ଗନ୍ଧ ହେଲା । ହେଲେ ମଶା କାମୁଡାରୁ ଟିକେ ମୁକ୍ତି ମିଳିଲା । ଭିତରେ ଗରମ ହେଉଥିଲା । ଡିସେମ୍ବର ମାସରେ ମଧ୍ୟ ଏମିତି ଗରମ ହେଉଥିବା ଏକ ଅଜବ ଘଟଣା । ସେଥିପାଇଁ ପଙ୍ଖାର ଗତି ବଢେଇ ତନୁଜା ଶୋଇବାକୁ ଚାହିଁଲା । ସେ ରୁମ୍ ରେ ଶୀତତାପନିୟନ୍ତ୍ରଣ ପାଇଁ ଯନ୍ତ୍ର ଲାଗିଥିଲେ ବି ସେସବୁ କିଛି କାମ କରୁନଥିଲା । ହେଲେ ବିଛଣାରେ ପଡିଥିବା ବିଛଣାଚାଦର କି ଘୋଡେଇ ହେବାକୁ ଥିବା କମ୍ବଳ ଜମା ସଫା ବୋଲି ମନେହେଲାନି । ତେଣୁ ହାତ ବାକ୍ସରେ ରହିଥିବା ଗୋଟିଏ ଘରପିନ୍ଧା ଶାଢୀକୁ ବିଛଣା ଉପରେ ପକେଇ କିଛି ସମୟ ଗୋଡହାତ ଲମ୍ବେଇ ଶୋଇପଡିଲା ସିଏ । ଟିକେ ନିଦରେ ଶୋଇପଡିବା ପରେ ନିଜର ମସ୍ତିଷ୍କ ଠିକ୍ ଭାବେ କାମ କରିବ ବୋଲି ତାର ବିଶ୍ୱାସ ଥିଲା । ଶୋଇବା ପୂର୍ବରୁ ମୋବାଇଲ୍ ଫୋନ୍ ଯାଞ୍ଚ କରି ଦେଖିବା ବେଳକୁ ସେଥିରେ ଅନେକ ଶୁଭକାମନାର ବାର୍ତ୍ତା ଥିଲା । ତନୁଜାର ବାର୍ତ୍ତା ଏପର୍ଯ୍ୟନ୍ତ ପ୍ରସ୍ତୁତ

ISSN NO.
2582-208X

ହୋଇପାରିନଥିଲା । "ଠିକ୍ ଅଛି । ପ୍ରଥମେ ଶୁଏ । ତାପରେ ଦେଖାଯିବ ।' ଏମିତି ଭାବି ତନୁଜା ଶୋଇପଡିଲା ।

ଘଣ୍ଟାଏ ପରେ ନିଦ ଭାଙ୍ଗିଗଲା । ନୂଆବର୍ଷ ୨୦୨୪ ଓଡିଶାର ମାଟିରେ ପାଦ ପକେଇଲା । କେତେସବୁ ବାଣ ଫୁଟିବାର ଶବ୍ଦ କାନରେ ପଡିଲା । ତନୁଜା ଝରକାର ପରଦାକୁ ଟେକି ବାହାରକୁ ଚାହିଁଲା । କେତେ ଦୂରରୁ ସବୁ ଉପରକୁ ଉଠୁଥିବା ବାଣର ରୋଷଣୀ ଦେଖାଯାଉଥିଲା । ଆପାର୍ଟମେଣ୍ଟ ସ୍ଥିତ ପାର୍କ ପାଖରୁ ମଧ୍ୟ ଜୋରରେ ଶୁଭ ନୂଆବର୍ଷ ବାର୍ତ୍ତାର ଶବ୍ଦ ଆସୁଥିଲା । "ଓଃ, ନୂଆବର୍ଷ ହୋଇଗଲା । ହେଲେ ମୋର ତ ବାର୍ତ୍ତା ଏପର୍ଯ୍ୟନ୍ତ ଲେଖା ସରିନି ! ଠିକ୍ ଅଛି । ଆମେରିକାରେ ତ ଏପର୍ଯ୍ୟନ୍ତ ନୂଆବର୍ଷ ହୋଇନି । ତେଣୁ ଚଳିବ ।' - ଏମିତି ଭାବି କବିତାଟିଏ ଲେଖିବାକୁ ବସିଛି ତ ମୋବାଇଲ୍ ବାର୍ତ୍ତା ଆସିବାର ଶବ୍ଦ ଶୁଣାଇଲା । ସେଥିରେ ସାଙ୍ଗ ରାନୁର ବାର୍ତ୍ତା ଥିଲା । "ନୂଆବର୍ଷ ଆଉ ମୋ ପାଇଁ ଶୁଭ ହୋଇ ରହିଲାନି । ବାପା ଚାଲିଗଲେ ।' ସେଇ ରାନୁ ଦୁଇଘଣ୍ଟା ପୂର୍ବରୁ ସମସ୍ତଙ୍କୁ ଶୁଭ ନୂଆବର୍ଷର ବାର୍ତ୍ତା ଦେଇଥିଲା । ହଠାତ୍ ଦୁଇ, ତିନି ଘଣ୍ଟାରେ ସବୁ କିଛି ବଦଳିଗଲା । ତନୁଜା ଭାବି ରଖିଥିବା କବିତାର ପଂକ୍ତି ସବୁ ଏବେ ବଦଳିଗଲେ । ଏ ନୂଆର ଆଗମନୀରେ ଆନନ୍ଦ ସହିତ ପୁରୁଣାର ବିଦାୟ ଯେ କେତେ ମର୍ମନ୍ତୁଦ, ସେକଥା ତାର ହୃଦୟ ଭିତରକୁ ଆନ୍ଦୋଳିତ କଲା । ନୂଆ ଶିଶୁର ଜନ୍ମରେ ସମସ୍ତେ ଖୁସି ହୁଅନ୍ତି । ହେଲେ ନୂଆ କିଛି ଯଦି ଆସିବ, ପୁରୁଣାକୁ ତ ଯିବାକୁ ପଡିବ । ଏସବୁକୁ ମାନିନେବା ହିଁ ଭଲ । ତେବେ ଦୁଃଖ ତ ଦୁଃଖ, ପିତାମାତାଙ୍କର ତିରୋଧାନ ସନ୍ତାନ ପାଇଁ ଯେ କେତେ ଦୁଃଖମୟ ତାହା, ସନ୍ତାନ ମାନେ ହିଁ ବୁଝନ୍ତି । ଯଦିଓ ରୋଗରେ ପଡିଥିବା, ବାର୍ଦ୍ଧକ୍ୟରେ ଘାଣ୍ଟି ହେଉଥିବା ପିତାମାତାଙ୍କ ପାଇଁ ତାହା ଏକ ଶାନ୍ତି, ତେବେ ସେସବୁ ସନ୍ତାନମାନଙ୍କ ପକ୍ଷେ ହଠାତ୍ ଗ୍ରହଣ କରି ହୁଏନି ।

ତନୁଜା ତା ଟାଇମ୍ ସିଟ୍ ଦସ୍ତଖତ କରିପାରିଲା । କିଛି ଅଫିସିଆଲ୍ ଇ-ବାର୍ତ୍ତା ମଧ୍ୟ ଯାଞ୍ଚ କରି ଉତ୍ତର ଦେଇପାରିଲା । ତାପରେ କବିତା ସଂଯୋଜନା କଲା ଓ ନୂଆବର୍ଷର ବାର୍ତ୍ତା ଲେଖିଲା । ପ୍ରଥମେ ଭାବିଲା ଆମେରିକାରେ ଥିବା ଓସା ସଂସ୍ଥାର ସଭ୍ୟମାନଙ୍କୁ ସେ ବାର୍ତ୍ତା ପଠେଇବ । ହେଲେ ଇ-ଚିଠି ସବୁ ଖୋଲି ଦେଖିବା ବେଳକୁ ଜଣେ ଓସା ସଭ୍ୟଙ୍କର

ISSN NO.
2582-208X

ତିରୋଧାନର ଖବର ଥିଲା । ତନୁଜା ଆଉ ଏ ଅଶୁଭ ଖବର ସହିତ ଶୁଭକାମନାର ବାର୍ତ୍ତା ପଠେଇପାରିଲାନି । ତା ମନ ବି ମରିଗଲା । ତା ସାଙ୍ଗସାଥୀଙ୍କର ହ୍ୱାଟ୍ସ୍ଆପ୍ ଗୋଷ୍ଠୀକୁ ବି ଶୁଭକାମନାର ବାର୍ତ୍ତା ପଠେଇପାରିଲାନି, ଯେହେତୁ ସେସବୁ ହ୍ୱାଟ୍ସ୍ଆପ୍ ଗୋଷ୍ଠୀରେ ରାନୁ ରହିଥିଲା ।

ରାନୁ ପାଇଁ ମନଦୁଃଖ ହେଲା । ଏମିତି ଏକ ଖୁସିର ଦିନରେ ତା ଜୀବନରେ ଦୁଃଖ ପହଞ୍ଚିଲା ।

ଆଉ ରାତିସାରା ତନୁଜାକୁ ନିଦ ହେଲାନି । ଭାବିଲା ଯାଇ ତନ୍ମୟଙ୍କୁ ଉଠେଇବ ଓ ଶୁଭ ନୂଆବର୍ଷ କହିବ, ତେବେ ପୁଣି ମନକୁ ଆସିଲା ସେସବୁ ନକରିବାକୁ । ଅନ୍ତତଃ ତନ୍ମୟ ତ ଭଲରେ ଶୋଇଛନ୍ତି, ଶୁଅନ୍ତୁ । ତାଙ୍କ ନିଦରେ ବ୍ୟାଘାତ ଦେବା ଉଚିତ ନୁହେଁ । ଏମିତିରେ ସକାଳ ପାଞ୍ଚଟା ବାଜିଗଲା । ସକାଳ ପାଞ୍ଚଟାରେ ଉଠି ତନୁଜା ୨ ନମ୍ବର କୋଠରିର କବାଟ ବାଡେଇଲା । ତନ୍ମୟ ଶୋଇଥିଲେ । ତାଙ୍କୁ ଭଲନିଦ ହୋଇଛି ବୋଲି କହି ସିଏ ଆଉ ଟିକେ ଶୋଇପଡିଲେ । ତାଙ୍କ କୋଠରିରେ ସବୁ ଠିକ୍ ରହିଥିବାର ମନେହେଉଥିଲା । ତନୁଜା ଯେହେତୁ ଅନିଦ୍ରା ଥିଲା, କିଛି ସମୟ ପାଇଁ ସିଏ ସେ ବିଛଣାରେ ଗଡିପଡିଲା । ତନ୍ମୟ ୬ଟାରେ ଉଠି ନିତ୍ୟକର୍ମ ଓ ଗାଧୁଆ ସାରିଦେଲେ । ତାପରେ ତନୁଜାକୁ ଉଠେଇଲେ । "ଉଠିଯା, ଆମେ ଦେବର ଆପାର୍ଟମେଣ୍ଟକୁ ଯିବା ।' ତନୁଜା ଅନିଚ୍ଛା ସତ୍ୱେ ଉଠିଲା ଓ ସାଙ୍ଗେସାଙ୍ଗେ ନିତ୍ୟକର୍ମ ସାରି ପ୍ରସ୍ତୁତ ହୋଇଗଲା । ସେମାନେ ଉଭୟ କୋଠରିର ଚାବି ନିଜ ସାଙ୍ଗରେ ନେଇଆସିଲେ, ଯେହେତୁ ଦୁଇଦିନ ପାଇଁ ସେ ଦୁଇଟି କୋଠରି ବୁକ୍ ହୋଇଥିଲା ।

ସେମାନେ ପହଞ୍ଚିବା ବେଳକୁ ତନୁଜାର ସାନ ଯାଆ ସୋନା ଚାହା କରୁଥିଲା ଓ ତାପରେ ଦୋସା କରିବା ପାଇଁ ପ୍ରସ୍ତୁତି କରୁଥିଲା । ସେତେବେଳକୁ ସିଏ ଗାଧୋଇ ସାରିଥିଲା । ସମସ୍ତେ ସମସ୍ତଙ୍କୁ "ହାପି ନିଉ ଇୟର' ବା "ଶୁଭ ନବବର୍ଷ' କହି ଅଭିନନ୍ଦନ ଜଣେଇଲେ । ସେତେବେଳକୁ ଚାରୁ, ଏରିକ୍ ଓ ଆଦି ସମସ୍ତେ ଉଠିସାରିଥିଲେ । ସେଦିନର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ଚାଲିଲା । ତନୁଜା ଚାହିଁଥିଲା ପୁରୀ ଯିବାକୁ ଓ ଜଗନ୍ନାଥ ଦର୍ଶନ

ISSN NO.
2582-208X

କରିବାକୁ । କିନ୍ତୁ ସମସ୍ତେ ବାରଣ କଲେ । "ଆଜି ପୁରୀରେ ବହୁତ ଭିଡ ଥିବ । ଆଉ ଯଦି ଭିଡରେ ପଡିଗଲ ରାତି ପୂର୍ବରୁ ଫେରିପାରିବନି ।' ଚାରୁ ଚାହିଁଲା ଖଣ୍ଡଗିରି, ଉଦୟଗିରି ବୁଲିଯିବାକୁ । ସମସ୍ତେ ସେଠିକୁ ଯିବାକୁ ସ୍ଥିରକଲେ । ସେଇ ଅନୁଯାୟୀ ସମୟ ୧୧ଟା ନିର୍ଦ୍ଧାରିତ ହେଲା ଓ ସେମାନେ ତନୁଜାର ଭାଇର ଝିଅମାନଙ୍କୁ ବାର୍ତ୍ତା ଦେଇଦେଲେ । ଦେବ ଜଣେଇଲେ ଯେ, ସେମାନେ ସେଦିନ ଟାଙ୍ଗୀ ଯିବେ ଓ ରାତିରେ ଘରକୁ ଫେରିବେ । ତେଣୁ ପ୍ରାଇଭେଟ୍ ଟ୍ୟାକ୍ସି କରି ତନ୍ମୟ, ତନୁଜା ଇତ୍ୟାଦି ବୁଲିବାଲି ସାରି ଘରକୁ ଫେରିବେ। ପଡିଶା ଘର ଲୋକ ଚାବି ରଖିଥିବେ ।

ତନୁଜା ପଚାରିଲା, "ଟାଙ୍ଗୀ ଯିବ ? ଭଲ କଥା । ଆମ ପାଇଁ ବ୍ୟସ୍ତ ହୁଅନି । ତମେ ଯେତେବେଳେ ଯିବ, ଯାଅ ।'

ତାପରେ ସିଏ ସାନ ଯାଆକୁ ପଚାରିଲା, "କାଲି ତମେ ସବୁ ତଳକୁ ଯାଇ ନୂଆବର୍ଷ ସେଲିବ୍ରେଟ କଲ ତ ?'

ସିଏ କହିଲା, "ନଁ, ଆମେ ସବୁ ଶୋଇପଡିଲୁ ।'

ସିଏ ଦୋସା କରୁଥିଲା ଓ ତନ୍ମୟ ଖାଇବାକୁ ବ୍ୟସ୍ତ ହେଉଥିଲେ । "ଦୋସା ଏତେ ସମୟ କଣ ଲାଗୁଚି ?'

ଝିଅ ଚାରୁ କହିଲା, "ତମେ ଧୈର୍ଯ୍ୟ ରଖ । ଗୋଟିଗୋଟି କରି ଦୋସା କରିବାକୁ ପଡେ । ସେଥିପାଇଁ ସମୟ ଲାଗେ ।

ତା ସହିତ ଜଣେଜଣେ ଯଦି ୩-୪ଟା ଖାଇଦେବେ ତ, ଅଧିକ ସମୟ ଲାଗିବ ନା ।'

ତନୁଜା ସୋନାକୁ କହିଲା, "ତମେମାନେ ବ୍ୟସ୍ତ ହୁଅନି । ଆମେମାନେ ସବୁ ଚଳେଇନେବୁ। ତମେମାନେ ମଉସା, ମାଉସୀଙ୍କୁ ଯାଇ ଦେଖା କରିଆସ । ତାଙ୍କୁ ଭଲ ଲାଗିବ ।'

ତାପରେ ପଚାରିଲା, "ମାଉସୀ କେମିତ ଅଛନ୍ତି ? ତାଙ୍କ ଦେହ ଏବେ ଭଲ ଅଛି ତ ?'

ISSN NO.
2582-208X

କିଛିଦିନ ପୂର୍ବରୁ ସୋନାର ମାଆଙ୍କର ଶ୍ୱାସ ଜନିତ ସମସ୍ୟା ଦେଖାଦେଇଥିଲା ଓ ସିଏ ହସ୍‌ପିଟାଲରେ ଆଡ୍‌ମିଶନ ହୋଇଥିଲେ । ସେ ଖବର ନଣନ୍ଦ ତାନି ଦେଇଥିଲେ । ସେତେବେଳେ ସିଏ କୁଆଡେ ଆଇ.ସି.ୟୁରେ ଅନେକ ଦିନ ଧରି ରହିଥିଲେ । ତାପରେ ଅବସ୍ଥା ଟିକେ ସୁଧୁରିଥିଲା ଓ ସେମାନେ ନିଜ ପୁଅ, ବୋହୂଙ୍କ ପାଖରେ ଟାଙ୍ଗୀ ସ୍ଥିତ ଏକ ଆଶ୍ରମରେ ରହୁଥିଲେ ।

ସୋନା କହିଲା, "ହଁ ଭଲ ଅଛି ।'

ତନୁଜା ଜଣେଇଲା, "କେତେ ଦୁଃଖର କଥା କହତ ? ମୋ ସାଙ୍ଗ ରାନୁର ବାପାଙ୍କର ଏ ନୂଆବର୍ଷଟାରେ ଦେହାନ୍ତ ହୋଇଗଲା ।'

ସୋନା କହିଲା, "ବହୁତ ଦୁଃଖର କଥା ।'

ତାପରେ ସିଏ ଦୋସା କରିବାରେ ବ୍ୟସ୍ତ ରହିଲା । ତନ୍ମୟ, ତନୁଜା ଓ ଅନ୍ୟ ସମସ୍ତେ ଖାଇପିଇ ଖଣ୍ଡାଗିରି ଯିବାକୁ ପ୍ରସ୍ତୁତ ହେବାବେଳେ ଦିଅର ତାଙ୍କର ସେଦିନ ଟାଙ୍ଗୀ ଯିବାର ପ୍ରକୃତ କାରଣ ଜଣେଇଲେ, "ସୋନାର ମାଆଙ୍କର ଦେହାନ୍ତ ହୋଇଗଲା ।'

ତନ୍ମୟ ଓ ତନୁଜା ଚମକିପଡିଲେ, "କଣ ? ମାଉସୀଙ୍କର ଦେହାନ୍ତ ହୋଇଗଲା ? କେତେବେଳେ ? କେମିତି ?'

ସେଥିରୁ ଜଣାପଡିଲା, ମାଉସୀଙ୍କର ଦେହାନ୍ତ ଠିକ୍ ନୂଆବର୍ଷ ପହଞ୍ଚିବା ପୂର୍ବରୁ ହୋଇଗଲା। ଫୋନ୍ ପାଇ, ସେମାନେ କାଲି ରାତି ଅଧରେ ଟାଙ୍ଗୀ ଯାଇ ଫେରି ଆସିଥିଲେ । ଆଜି ପୁରୀରେ ସବୁ ସଂସ୍କାର ହେବ । ସେଥିପାଇଁ ସେମାନେ ଆଜି ପୁରୀ ଯିବେ ।

ହଠାତ୍ ତନୁଜାର ମୁଣ୍ଡ ବି କିଛି କାମ କଲାନି । ସୋନା ଏତେ ସବୁ ଦୁଃଖକୁ ଚାପି ରଖି ସେମାନଙ୍କର ଖାଇବାପିଇବା ବିଷୟ ଭାବୁଛି କେମିତି ?

ISSN NO.
2582-208X

ତନୁଜା ସୋନାକୁ କହିଲା, "ଆମେମାନେ ସମସ୍ତେ ପ୍ରାପ୍ତବୟସ୍କ । ନିଜ ଦାୟିତ୍ୱ ନିଜେ ନେଇପାରିବୁ । ହେଲେ ତୁ ଏତେ ସବୁ ଦୁଃଖକୁ ଚାପିରଖି ଆମପାଇଁ କାହିଁକି ବ୍ୟସ୍ତ ହେଉଛୁ ?'

ଏତିକି କଥାରେ ସୋନାର ଧୈର୍ଯ୍ୟବନ୍ଧ ଭାଙ୍ଗିଗଲା ଓ ସିଏ କାନ୍ଦିଲା । କାନ୍ଦି ସାରିବା ପରେ କହିଲା, "ବହୁତ କଷ୍ଟ ପାଉଥିଲା ସିଏ । ନିଃଶ୍ୱାସ ନେବାବେଳେ ଅନେକ ଯନ୍ତ୍ରଣା ପାଉଥିଲା।'

ତାପରେ ସିଏ ସବିଶେଷ ବିବରଣୀ ଦେଲା I ରାତି ଅଧରେ ଫୋନ୍ କଲ୍ ଠାରୁ ଆରମ୍ଭ କରି ସେମାନେ ଯିବା ଓ ସକାଳୁ ଫେରିଆସିବା ସବୁ ଯେମିତି ଯନ୍ତ୍ରବତ୍ ହୋଇଗଲା । ଏମିତିକି ଚାରୁ କି ତା' ସ୍ୱାମୀ ମଧ୍ୟ ଜାଣିପାରିନଥିଲେ ଯେ ସେ ରାତି ଭିତରେ ଏତେ ବଡ ଘଟଣା ଘଟିଯାଇଛି ।

ତନୁଜା ସେ ପରିସ୍ଥିତି ବୁଝିପାରିଲା । ସମାନ ପରିସ୍ଥିତିର ଅନୁଭବ ତାର ଅଛି । ତା ବୋଉର ଦେହାନ୍ତ ହେବା ସମୟରେ ସିଏ ୨୦୨୫ ମସିହାର ଓସା ସମ୍ମିଳନୀର ଅନେକ ଦାୟିତ୍ୱ ନେଇଥିଲା, ବିଶେଷ କରି ବାର୍ଷିକ ପତ୍ରିକାର ଦାୟିତ୍ୱ I ସେ ସମୟରେ ନିଜକୁ କେମିତି ସ୍ଥିତପ୍ରଜ୍ଞ କରିଦେଇ ସିଏ ସବୁ କାମ ସାରିଲା, ତାପରେ ଓଡିଶା ଯାତ୍ରା କରିଥିଲା ଓ ପୁଣି ଓଡିଶାରୁ ଫେରି ସମ୍ମିଳନୀର କାର୍ଯ୍ୟ ଦାୟିତ୍ୱ ସମ୍ଭାଳିଥିଲା, ସେ ପରିସ୍ଥିତିକୁ ଚିନ୍ତା କରି ସିଏ ଏବେବି ବିସ୍ମିତ ହୁଏ । ସେମିତି ସବୁ ହୋଇଯାଏ । ବୟସ ବଢିବା ସହିତ ଦୁଃଖ ସହିବାର ଶକ୍ତି ଓ ସଂଯମ ଆସିଯାଇଥାଏ । ଜୀବନର ପ୍ରତି ପଦକ୍ଷେପରେ ଦୁଃଖ । କେତେବେଳେ ଚାକିରିରେ ଅସନ୍ତୋଷର ଦୁଃଖ ତ, କେତେବେଳେ ଶରୀରର କଷ୍ଟ, ଯନ୍ତ୍ରଣାକୁ ନେଇ ଦୁଃଖ । କେତେବେଳେ ଅନ୍ୟ ସହିତ ନିଜକୁ ତୁଳନା କରି ମଣିଷ ମନରେ ଦୁଃଖ ତ, କେତେବେଳେ ପ୍ରିୟଜନଙ୍କୁ ହରାଇ ମଣିଷର ଦୁଃଖ । ହୁଏତ ସୋନା ସେଇଭଳି ପରିସ୍ଥିତି ଦେଇ ଗତି କରୁଛି । ଏଣେ ମାଆଙ୍କର ତିରୋଧାନ, ଅନ୍ୟ ପଟେ ଏତେଦିନ ପରେ ବିଦେଶରୁ ଆସିଥିବା ଦେଢଶୁର, ଯାଆ ଓ ଝିଆରୀ, ଝିଆରୀ ଜୁଆଁଇଙ୍କ ପାଇଁ କର୍ତ୍ତବ୍ୟ ।

ISSN NO.
2582-208X

ତନୁଜାକୁ ବଡ ଖରାପ ଲାଗିଲା । ଆସନ୍ତା ଦଶ ତାରିଖରେ ହେବାକୁ ଥିବା ଏକ ପାରିବାରିକ ମିଳନୀରେ ମଉସା, ମାଉସୀଙ୍କ ସହିତ ସାକ୍ଷାତ ହେବ ବୋଲି ସିଏ ମନରେ ଭାବିଥିଲା । କାରଣ ଅତିଥିଙ୍କ ତାଲିକା ପ୍ରସ୍ତୁତ କରିବା ସମୟରେ ସେମାନେ ସୋନାର ପିତାମାତା ଓ ସାନ ଭାଇ ଓ ଭାଉଜଙ୍କୁ ତାଲିକାରେ ରଖିଥିଲେ । ହେଲେ ସମୟ ବଡ ବଳବାନ । କେତେବେଳେ ଯେ କଣ ଘଟିଯିବ, ସେସବୁ ବୁଝିବା କଷ୍ଟ । ଆଉ ମାତ୍ର କେତୋଟି ଦିନ । ସେଇ କେତୋଟି ଦିନ ପାଇଁ ମାଉସୀ ଅପେକ୍ଷା କରିପାରିଲେନି । ସିଏ ବା କଣ କରିବେ । ଏସବୁ ତ ଈଶ୍ୱରଙ୍କ ଖେଳ, ସମୟର ଖେଳ । ସୋନା ଓ ଦେବ ମଧ୍ୟ ଶେଷ ସମୟରେ ତାଙ୍କ ସହିତ ରହିପାରିଲେନି । ସେମାନେ ସମସ୍ତେ ଗାଁକୁ ଯାଇଥିଲେ । ଗାଁରେ ୪ ଦିନ ରହିଗଲେ । ହୁଏତ ସୋନା ସେ ସମୟ ତା ମାଆଙ୍କ ସହିତ କଟେଇପାରିଥାନ୍ତା । ହେଲେ ଏତେ ଆଗକୁ ଭବିଷ୍ୟତ କିଏ ଦେଖିଥିଲା ?

ସେଇକଥା ତନୁଜାକୁ ଯେମିତି ଚେତାବନୀ ଦେଇଗଲା । ମନରେ ଯେଉଁ ସମୟରେ ଯେଉଁ କଥା ଆସୁଛି, ଯଦି ସୁଯୋଗ ଅଛି ତ ସେଇ ସମୟରେ ସେକଥା କରିପକା । "ଏବେ ନୁହେଁ, ପରେ କରିବି' ଏମିତି ଭାବି ଆମେ ଅନେକ ସମୟରେ କିଛିକିଛି ଗୁରୁତ୍ୱପୂର୍ଣ୍ଣ କାମକୁ ଅବହେଳା କରି ଘୁଞ୍ଚେଇଦିଅନ୍ତି । ହେଲେ ସେ କାମ କରିବାକୁ ଅନେକ ସମୟରେ ସୁଯୋଗ ଆଉ କେବେ ଆସେନି । ଏଇତ, ମାଉସୀଙ୍କୁ ଦେଖା କରିବାର ଇଚ୍ଛା ଥିଲା । ସେଇଟା ସେମାନେ ଗାଁକୁ ଯିବା ପୂର୍ବରୁ କରିପାରିଥାନ୍ତେ । କିନ୍ତୁ ତନ୍ମୟ ଗାଁକୁ ଯିବାକୁ ତରତର କଲେ ଓ ମାଉସୀଙ୍କ ସହିତ ତ ଜାନୁଆରୀ ଦଶ ତାରିଖ ଦିନ ଦେଖାହେବ, ସେମିତି ଭାବି ସେମାନେ ଆଉ ସେକଥା ଉପରେ ଏତେ ଗୁରୁତ୍ୱ ଦେଲେନି । ଏବେ ମାଉସୀ ସବୁଦିନ ପାଇଁ ପରପାରିକୁ ଚାଲିଗଲେ ।

ସେଦିନ ଦେବ ଓ ସୋନା ୧୧ଟା ବେଳକୁ ଟାଙ୍ଗୀ ଗଲେ ଓ ତନ୍ମୟଙ୍କ ପରିବାର ଖଣ୍ଡଗିରି, ଉଦୟଗିରି ବୁଲିବାକୁ ଗଲେ । ନୂଆବର୍ଷ ପାଇଁ ସେସବୁ ସ୍ଥାନରେ ସେଦିନ ଅନେକ ଲୋକଗହଳି । ତା ସାଙ୍ଗକୁ ପ୍ରବଳ ଖରା ଓ ଗରମ । ବୁଲିବାରେ କିଛି ମଜା ଆସିଲାନି । କାରଣ ପ୍ରତି ମୁହୂର୍ତ୍ତରେ ତନ୍ମୟ, "ଦେଖିସାରିଲୁ, ଚାଲେ ଯିବା' କହି ସମସ୍ତଙ୍କୁ ତରତର କରୁଥିଲେ । ତନୁଜାର ଫଟୋ ଉଠାଇବାର ସଉକ । ସେଥିପାଇଁ ତାକୁ ଅନେକ କିଛି

ISSN NO.
2582-208X

ଶୁଣିବାକୁ ପଡୁଥିଲା । କାରଣ ସିଏ ସ୍ଥାନେ ସ୍ଥାନେ ଅଟକି ଯାଉଥିଲା ଓ ଫଟୋ ଉଠାଉଥିଲା। ସେଠି ତନୁଜାର ଭାଇର ଝିଅ ଦୁଇଜଣ ସେମାନଙ୍କ ସହିତ ଯୋଗଦେଲେ । ଯେଉଁଠି ଦେଖିବ, ଖାଲି ସେଲ୍ଫି । କେବଳ ଯୁବପିଢ଼ି ନୁହେଁ, ବୁଢ଼ାବୁଢ଼ୀ, ମଧ୍ୟବୟସ୍କ ସମସ୍ତେ ସେଲ୍ଫିର ମାୟାରେ ବାୟା । ଲୋକଗହଳିକୁ ସେ ଯେଉଁ ସେଲ୍ଫି ହାଓ୍ୱା, ସେଥିପାଇଁ ସେ ସ୍ଥାନରେ ବୁଲିବାରେ ଏତେ ସ୍ୱାଧୀନତା ନଥିଲା । ସେତେବେଳକୁ ସାଢେ ଗୋଟିଏ ହୋଇଯାଇଥିଲା । ସେମାନଙ୍କୁ ଭୋକ ଲାଗୁଥିଲା, ବିଶେଷ କରି ଆଦିକୁ ଭୋକ ଲାଗିଲା ଓ ସିଏ କାନ୍ଦିଲା । ଚାରୁ ତାକୁ ବ୍ୟାଗ୍‌ରୁ ବାହାର କରି କିଛି ବିସ୍କୁଟ୍ ଦେଲା । ଆଦି ଚୁପ୍ ହେଲା ସତ, ହେଲେ ସିଏ ଅଧିକ ସମସ୍ୟା କରିବା ପୂର୍ବରୁ ଫେରିଯିବା ଭଲ ବୋଲି ଭାବି ସମସ୍ତେ ଫେରିବାର ବିଚାରକଲେ ।

ଉଦୟଗିରି ଓ ଖଣ୍ଡଗିରି ବୁଲିସାରି ସେମାନେ କିଛି ଦୋକାନ ଗଲେ ଓ ତାପରେ ଖାଇବା ପାଇଁ ଭବାନୀ ମଲ୍ ଗଲେ । ସେ ମଲ୍ ଭିତରେ ଯେଉଁ ଭୋଜନାଳୟରେ ସେମାନେ ବସିଲେ, ସିଏ ଖାଦ୍ୟ ପରଶିବାକୁ ଦୁଇଘଣ୍ଟା ନେଇଗଲା । ଏତେ ସବୁ ବୁଲାବୁଲି ଭିତରେ ଶିଶୁ ଆଦି ଅଥୟ ହୋଇପଡିଥିଲା ଓ ବହୁତ ଜୋର ଶବ୍ଦ କରି କାନ୍ଦିଲା । ଅନ୍ୟ ସମସ୍ତେ ବି ଖାଇବାକୁ ଅପେକ୍ଷା କରିକରି କ୍ଲାନ୍ତ ହୋଇପଡିଥିଲେ । ଅନେକ ରକମର ଖାଦ୍ୟ ସେମାନେ ଅର୍ଡର କରିଥିଲେ, କିନ୍ତୁ ଆଦିର କାନ୍ଦ ପାଇଁ ଖାଦ୍ୟ ଆସିବା ପରେ ସେମାନେ ଭଲରେ ଖାଇପାରିଲେନି । ତେଣୁ ଖାଇ ନ ପାରିଥିବା ଖାଦ୍ୟ ସବୁ ସେମାନେ ସାଙ୍ଗରେ ନେଇ ଆସିଲେ । ଫେରିବା ବେଳେ କିଛି ଫଳ ବି କିଣି ଆଣିଲେ । ସେଇଥିରେ ରାତିର ଖାଇବା ହୋଇଗଲା । ପୁତୁରା ରାଜା ବାଙ୍ଗାଲୋର୍‌ରୁ ତା ଆଈର ଶେଷକୃତ୍ୟରେ ଭାଗନେବାକୁ ଆସିଥିଲା । ତା ସହିତ ପୁତୁରା ବୋହୂ ମଧ୍ୟ ଥିଲା । ସେମାନେ ସମସ୍ତେ ଦେବ ଓ ସୋନା ସହିତ ରାତି ସାଢେ ଆଠଟା ବେଳକୁ ପେରିଆସିଲେ । ସେମାନେ ପୁରୀରୁ ମହାପ୍ରସାଦ ଧରି ଆସିଥିଲେ । ମହାପ୍ରସାଦ ସେବନ କରୁକରୁ ଦେବ ମାଉସୀଙ୍କର ଶେଷକୃତ୍ୟ ବିଷୟରେ ବିଶଦ ବିବରଣୀ ଦେଲେ । ରାତ୍ରିଭୋଜନ ପରେ ତନ୍ମୟ ଓ ତନୁଜା ଅତିଥିଭବନର ୨ ନମ୍ବର କୋଠରିରେ ଓ ରାଜା ଏବଂ ତା ସ୍ତ୍ରୀ ୩ ନମ୍ବମ୍ବର କୋଠରିରେ ରାତ୍ରିଯାପନ କଲେ । ତା ପରଦିନ ସକାଳୁ ସେମାନଙ୍କର କେରଳ ଯିବାପାଇଁ ଫ୍ଲାଇଟ୍ ଥିଲା।

ISSN NO.
2582-208X

ଏମିତ ଭାବେ ବର୍ଷର ପ୍ରଥମ ଦିନଟି କଟିଗଲା । ନା ମନ୍ଦିର ଯିବା ହେଲା, ନା ଦାନଧର୍ମ । ନା କିଛି ନୂଆବର୍ଷର ବାର୍ତ୍ତା

କାହାପାଖକୁ ପଠେଇହେଲା ନା କିଛି ନୂଆବର୍ଷର ସଂକଳ୍ପ ନେଇହେଲା । ନୂଆବର୍ଷ ୨୦୨୪ ଏମିତି ଏକ ଅବର୍ଣ୍ଣନୀୟ ଅବସାଦ ଭିତରେ କେମିତି ବିତିଗଲା, କିଛି ଜଣାପଡିଲାନି ।


ଠାକୁରଙ୍କ ଦର୍ଶନ ସିନା ହୋଇପାରିଲାନି, ହେଲେ ସମସ୍ତ ଅବସାଦ ମଧ୍ୟରେ ସେମାନଙ୍କୁ ସେଦିନ ନୂଆବର୍ଷରେ ମହାପ୍ରସାଦ ପାଇବାର ସୁଯୋଗ ମିଳିଥିଲା । ସେଇଟା ହିଁ ଭାଗ୍ୟର କଥା ।

-୦-

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ସିଏ, ତୁମେଇ ତ ଥିଲ



ବିନୟ ମହାପାତ୍ର

କେବେ ମୁଁ ନିଜକୁ ଦେଖେ,
କେବେ ଦଶଦିଗେ ତୁମକୁ ଖୋଜେ,
ଆଉ ମନେ ମନେ ଭାବେ,
ମୁଁ ଆଜି ଯେମିତି ଅଛି,
କାହିଁକି ସେମିତି ଅଛି ?
କିଏ ସିଏ, ପୂର୍ଣ୍ଣ କରିଗଲା,
ଛୋଟ ଛୋଟ ଇଚ୍ଛା ସବୁ ମୋର ?

ଜୀବନର ପୃଷ୍ଠା ଖୋଲିବସେ,
ଶୁନ୍ୟ ହାତ ପାପୁଲିକୁ ଦେଖେ,
କପାଳରୁ ଝାଳ ପୋଛିନିଏ,
ଆଖିରେ ତ ଲୁହ ନାହିଁ ପୋଛିବାକୁ,
ଶେଷଇଚ୍ଛା କିଛି ନାହିଁ ମାଗିବାକୁ ।
ବିନା ମାଗେ ଯାହାବି ଦେଇଛ,
ଭରିଦେଇଛ ମୋ ଜୀବନ,
ସାତ ରଙ୍ଗରେ, ନବ ରସରେ,
ଆଉ କିଛି ବାକିନାହିଁ ମାଗିବାକୁ

ISSN NO.
2582-208X

ମାଗିଥିଲେ ଆଉବା ଅଧିକ କଣ
ମିଳିଥାନ୍ତା ଏ ବିଷମ ସଂସାରେ ?

ଆକାଶକୁ ଚାହିଁଲି,
ତୁମେ ତ ନଥିଲ ସେଇଠି,
କିନ୍ତୁ ମୁଁ ଦେଖୁଥିଲି ତୁମ ପାଦଚିହ୍ନ,
ସଚରାଚର ବ୍ରହ୍ମାଣ୍ଡେ
ଜଡ ଚେତନର ପିଣ୍ଡେ
ଅନନ୍ତ ବ୍ରହ୍ମାଣ୍ଡର ସବୁଥିରେ
ତମେ ଭରି ଦେଇଥିଲ
ତୁମ ହାତର ଯାଦୁକରୀ
ଆଉ ତୁମ ଚରମ କଳାକାରୀ ।

ମନେ ମନେ ହସିଲି,
ଆଖିବୁଜି ଭାବିଲି,
ହେ ନଟ, ହେ ନାଟ୍ୟକାର,
କେବଳ ତୁମେ ନେପଥ୍ୟରେ ରହି
ସବୁକିଛି ସଂଚାଳନ କରୁଥିଲ,
ହେ ମୋର ପ୍ରିୟତମ, ହେ ମୋର ବନ୍ଧୁ,
ସିଏ କେବଳ ତୁମେଇ ତ ଥିଲ !

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ମାନସିକତା ସତ୍ୟର ଅନ୍ୱେଷଣରେ



ଭସ୍କର ଚନ୍ଦ୍ର ଖଣ୍ଡା

ସୂର୍ଯ୍ୟ ଉଇଁ ଅସ୍ତ ଯାଏ
ଥାଏ ନୂତନତ୍ୱ କଣ ?
ଇଏତ ପ୍ରକୃତିର ଚିରାଚରିତ ପନ୍ଥା
ମଣିଷ ଆସନ୍ତି ଯାଆନ୍ତି
ଏକମାତ୍ର ଧ୍ରୁବକ ସତ୍ୟହିଁ ମୃତ୍ୟୁ
ତାକୁ କଣ ଏଡାଇ ହୁଏ ? ।୧।

ସତରେ ସେଇଟା ଯେମିତି ଗୋଟେ ମିଛ
ଭାବେ କର୍ମରତ ମଣିଷ
ପାରେନା ଜାଣି
କରିବ ସ୍ପର୍ଶ ସିଏ କାହାକୁ କେବେ
କେମିତି ଆସିବ ? କେଉଁଠି ଆସିବ ?
କେତେବେଳେ ଅବା ଆସିବ ? ।୨।

ତେବେ ଏଇ ମିଛ ମାୟା ସଂସାର ଭିତରେ
ମିଳିବ ସୁଯୋଗ କେତେଦିନ ଅଭିନୟର ?
କରିବି ଧନ ସମ୍ପତ୍ତି ଏକାଠି

ISSN NO.
2582-208X

ସେଇମିତି ଛାଡି ଦେଇ ସବୁ
ଯିବି ତ ଚାଲି ଦିନେ
ତେବେ କାହିଁକି ଏତେ ପ୍ରତାରଣା ?
ମିଥ୍ୟା ଆଉ କଳି କପଟକୁ
ଦେଇ ଆଶ୍ରୟ
କରିବି ଅର୍ଜନ କାହିଁକି ପାପ ?
କାହିଁକି ବା କରିବି ଗତି ଅଶାନ୍ତି ଭିତରେ
ନ ଦେବି କାହିଁକି ପ୍ରଶ୍ରୟ ସତ୍ୟକୁ
ମୂକ ସାକ୍ଷୀ ଇତିହାସ ଯା'ର
ସତ୍ୟମେବ ଜୟତେ ।୩।

ରହିଛି ଯେତେବେଳେ ସଂସାର ଭିତରେ
ପଥର ପଡିଲେ ସହି
ନ ହୋଇ ମର୍ମାହତ ଦୁଃଖରେ
ସହି ନେଇ ମଥାପାତି
ନଇଁବିନି କେବେ ଅନ୍ୟାୟ ଆଗରେ
ହେଉ ସଂଚାର ହେ ପ୍ରଭୁ
ସତ୍ୟର ଅନ୍ୱେଷଣରେ
ଏଇ ମାନସିକତା ।୪।

ଫ୍ଲାଟ୍ ନଂ ବି/୩୦୧, ଗୌରୀଶଙ୍କର ରେସିଡେନ୍ସ
କେଶୁରା, ଭୁବନେଶ୍ୱର
(ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ସବୁ ଫେରିଗଲା ପରେ...



ଜୟଶ୍ରୀ ପଟ୍ଟନାୟକ

ସେମାନେ ସବୁ ଆସିଥିଲେ ଆଉ
ଚାଲିଗଲେ ଯିଏ ଯା ବାଟରେ
ନାଟକର ଯବନିକା ପତନ ପରେ ।

ତମେ ଦେଖିଛ କି ?
କିଏ ସାଜିଥିଲା ବହୁରୂପୀ
କିଏ ଶବ୍ଦର କମାଣରୁ ଫୁଟାଉଥିଲା ଗୁଳି
କିଏ ଗାଉଥିଲା ଯାଯାବରର ଡାଏରୀ
କିଏ ଫିଙ୍ଗି ଦେଇଯାଇଥିଲା ଟେଳାଏ ଛେପ
ଆଉ କିଏ ଶୁଣାଉଥିଲା ବାଜେଝିଅ ର ଆତ୍ମକଥା ।

ହେଲେ, କେହି ଦୂରେଇ ପାରିଲେନି
ତୁମକୁ ମୋ ଠାରୁ କି ମୋତେ ତୁମଠାରୁ
ମୁଁ ସେମାନଙ୍କୁ କହି ନ ଥିଲି ଆସିବାକୁ କି
ଅନୁମତି ଦେଇନଥିଲି ବି ଫେରିଯିବାକୁ
ସେମାନେ ଆସିଲେ, ବେତାଳ ପରି

ISSN NO.
2582-208X

କାହାଣୀ ଗପିଲେ ଆଉ ପ୍ରଶ୍ନ ପୃଛିଲେ
ସବୁ ପ୍ରଶ୍ନର ଉତ୍ତର ନୀରବତା ଜାଣିସାରିଲା ପରେ
ସବୁ ଫେରିଗଲେ ନିଜ ନିଜ ଗନ୍ତବ୍ୟପଥରେ ।

ତୁମେ ମୋତେ ମୁଁ ତୁମକୁ ଜିଣିଗଲେ ପ୍ରେମରେ
ଆବେଗରେ,ଜୀବନର ଜଟିଳ ଗଣିତରେ ।
ଏବେ ସେମାନେ ଘୁରୁଛନ୍ତି ନିଜ କକ୍ଷପଥରେ
ଗ୍ରହ, ନକ୍ଷତ୍ର ଘୁରିବା ପରି ।

ଆଉ ମୁଁ ତୁମକୁ ଦେଖିପାରୁଛି
ଏଠି, ସେଠି, ସବୁଠି
କାଲି ଦେଖୁଥିଲି, ଆଜି ଦେଖୁଛି
ଜୀଇଁ ଥିବା ଯାଏଁ ଦେଖୁଥିବି
ସେହି ପ୍ରେମର ଠିକଣାରେ ।

ଗଙ୍ଗନଗର, ଭୁବନେଶ୍ୱର,
ମୋ: 7978110474

ISSN NO.
2582-208X

# କ୍ୟାଲେଣ୍ଡର



ମଧୁମିତା ମିଶ୍ର

ବଞ୍ଚିବାଟା ମହଙ୍ଗା ହେଲା..
ନା ସତେ ଶସ୍ତା ହେଇଗଲା..
ଜାଣିବା ପୂର୍ବରୁ ପୁଣି ଥରେ..
କ୍ୟାଲେଣ୍ଡର ପୃଷ୍ଠା ଲେଉଟେଇଲା..

ଖୁସି ହେଲି ବହୁତ ମୁଁ..
ନା ଦୁଃଖ ରେ ଅଭିଭୂତ ହେଲି..
ବୁଝିବା ଆଗରୁ ପୁଣି ଥରେ..
କ୍ୟାଲେଣ୍ଡର ପୃଷ୍ଠା ଲେଉଟେଇଲା..

କିଛି ଲାଭ ହେଇଥିଲା କି..
ନା କ୍ଷତି ସହିବାକୁ ପଡ଼ିଲା..
ହିସାବ କଲା ଆଗରୁ ପୁଣି..
କ୍ୟାଲେଣ୍ଡର ପୃଷ୍ଠା ଲେଉଟେଇଲା..

କିଏ ମୋ ସାଙ୍ଗେ ରହିଛନ୍ତି..
କିଏ ମୋତେ ଏକା କରି ଦେଇ ଗଲେ..
ଭାବିବା ଆଗରୁ ପୁଣି ଥରେ ଦେଖ..
କ୍ୟାଲେଣ୍ଡର ପୃଷ୍ଠା ଲେଉଟେଇଲା...

ISSN NO.
2582-208X

କାହା ପାଇଁ ମୁଁ କଣ କରିପାରିଲି..
କିଏ ମୋତେ ନେଇ ଖେଳ ଖେଳୁଥିଲା...
ଏକଥା ନିର୍ଣ୍ଣୟ କରିବା ପୂର୍ବରୁ..
କ୍ୟାଲେଣ୍ଡର ପୃଷ୍ଠା ଲେଉଟେଇଲା..

ଜୀବନ ସତେ ସତ୍ୟ ଦେଖେଇଲା..
ନ ମିଥ୍ୟା କବଳେ ଶେଷ ହେଇଆସିଲା..
କିଛି ମୁଁ ପଚାରି ଉତ୍ତର ପାଇବା ଆଗରୁ..
ଜୀବନ କ୍ୟାଲେଣ୍ଡର..ରୁ..ପୃଷ୍ଠାଟିଏ.. ଲେଉଟିପଡିଲା...

ଭୁବନେଶ୍ୱର

ISSN NO.
2582-208X

# ସ୍ନେହର ଋଣ



ଶାନ୍ତୁଲତା ମିଶ୍ର

ଘରୁ ଚା କପେ କେବଳ ପି ଦେଇ ତର ତରରେ ଆସିଥିଲେ ଗାଡିବେଳ ହୋଇ ଯାଇଥିଲା ବୋଲି । କିନ୍ତୁ ଷ୍ଟେସନରେ ଆସି ଦେଖିଲା ବେଳକୁ ଗାଡି ଘଣ୍ଟାଏ ଲେଟ୍ ଅଛି । ସ୍ୱାମୀ ଦି ବର୍ଷ ତଳେ ଚାଲି ଯାଇଥିଲେ । ଦିଅର ଲେଖିଥିଲେ ଆସି ଜମିବାଡି ଅଲଗା କରି କାଗଜ ପତ୍ର କରି ନେବାକୁ । ତାଙ୍କର ବି ଆଜି କାଲି ଦେହ ଭଲ ରହୁନି । କେତେବେଳେ କୋଉ କଥା । ପିଲା ମାନଙ୍କୁ ଏ ସବୁ ବୁଝିବାକୁ ସମୟ ହେବ ନାହିଁ ।

ଏତେ ବର୍ଷ ପରେ ଗାଁକୁ ଆସି ବହୁତ ଭଲ ଲାଗିଲା କନକ ଦେବୀଙ୍କୁ ସତ କିନ୍ତୁ ବେଶୀ ଦିନ ରହିବା ସମ୍ଭବ ହେଲାନି । କାରଣ ଘରେ ଛଅ ମାସର ନାତିକୁ ଧରି ବୋହୁ ହଇରାଣ ହେଉଥିବ । ତେଣୁ ଦୁଇ ଦିନ ରହି ଫେରି ଆସିଲେ । ଆଉଥରେ କେବେ ସୁବିଧା ଦେଖି ଅନେକ ଦିନ ରହିକି ଯିବେ ବୋଲି ପ୍ରତିଶୃତି ଦେଇକି ଫେରିଲେ । ସେ ବାହା ହୋଇ ପ୍ରଥମେ ଏଇ ଘରକୁ ହିଁ ଆସିଥିଲେ । ସବୁ କାଲି ପରି ମନେ ଅଛି ।

ଏବେ ଷ୍ଟେସନରେ ଘଣ୍ଟାଏ ବସିବାକୁ ହେବ । ଆଣିଥିବା ବାଡି ମିଠା ପିଜୁଳି, କଦଳୀ, ପୋଡପିଠା ବ୍ୟାଗ୍‌ରୁ ବାହାର କରି ଖାଇବାକୁ ଆରମ୍ଭ କଲେ । ହଠାତ୍ ଆଖି ପଡିଲା ଗୋଟିଏ ଛଅ କି ସାତ ବର୍ଷର ଝିଅ ଉପରେ । ଷ୍ଟେସନର ଏମୁଣ୍ଡ ସେମୁଣ୍ଡ କାନ୍ଦି କାନ୍ଦି ମା ମା କହି ବୁଲୁଛି । ନାକରୁ ଆଖିରୁ ପାଣି ଗଡୁଛି । ଛିଣ୍ଡା ମଇଳା ଫ୍ରକ୍ ରେ ଲୁହକୁ ପୋଛି

ISSN NO.
2582-208X

ଚାଲିଛି । ତାଙ୍କ ସାମନା ଦେଇ ତିନି ଥର ଏପଟ ସେପଟ ହେଲାଣି । ତାକୁ ଏଥର ଅଟକେଇ ପଚାରିଲେ କନକ ଦେବୀ କାହିଁକି କାନ୍ଦୁଛୁ ବୋଲି । "ମା' କେବଳ କହି ଖୁବ ଜୋରରେ କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା ଝିଅଟି ।

ସହି ହେଲାନି ସେ ବିକଳ କାନ୍ଦ କନକ ଦେବୀଙ୍କର । ଗୋଟେ ପିଜୁଳି ଆଉ ପିଠାରୁ ଖଣ୍ଡେ ଦେଲେ ଖାଇବାକୁ । ଝିଅଟି ସବୁ ମିନିଟକରେ ଖାଇଦେଇ ଆସି ତାଙ୍କ ପାଖରେ ଦେହକୁ ଲାଗିକି ବସିଲା । କିଛି କହୁ ନଥାଏ ସତ କିନ୍ତୁ ତା ସୁନ୍ଦର ଢଳ ଢଳ ଆଖି ବହୁତ କଥା କହୁଥାଏ । ତା ମୁଣ୍ଡକୁ ସାଉଁଳେଇ ଦେଇ ପଚାରିଲେ ମା କୁଆଡେ ଗଲା । ମୁଁ ଜାଣିନି କାଲି ଠୁ ଖୋଜୁଛି । ଏତିକି କହି ଝିଅ ଟି ତାଙ୍କ ପିଠା ଆଡକୁ ଚାହିଁଲା । ଭୋକିଲା ନିଶ୍ଚୟ । ଆଉ ଖଣ୍ଡେ ପିଠା ତା ହାତକୁ ବଢେଇଦେଲେ କନକ ଦେବୀ । ଝିଅଟିର ନାଁ ମାୟା ପଚାରି ବୁଝିଲେ । ବଡ ଦୟା ଆସିଗଲା ତା ପ୍ରତି । କିନ୍ତୁ କଣ ସେ କରିବେ କିଛି ହଠାତ୍ କରି ଭାବି ପାରିଲେନି ।

ଗାଡି ଆସିବାର ବେଳ ହୋଇ ଗଲାଣି । ଝିଅକୁ ଏକା ଛାଡି ଦେବାଟା ଠିକ୍ ହେବନି । ତା ପାଇଁ ଯାଇ ଏକ ଟିକେଟ କିଣି ଆଣି ତାକୁ ସାଙ୍ଗରେ ନେଇ ଯିବେ । ପରେ ପୋଲିସରେ କଥା ବାର୍ତ୍ତା କରି ତାର କିଛି ବ୍ୟବସ୍ଥା କରିବେ । ଏବେ ଭାବିବାକୁ ଆଉ ସମୟ ନାହିଁ ।

ଘରେ ଆସି ପୁଅ ବୋହୁଙ୍କୁ ସବୁ କହିଲେ କନକ ଦେବୀ । ସମସ୍ତେ କହିଲେ ହଉ ତାର କିଛି ବ୍ୟବସ୍ଥା କରିବା । ପ୍ରଥମେ ତାକୁ ଗାଧୋଇ ପାଧୋଇ ସଫା ସୁତୁରା କରିବାକୁ ପଡିବ। ମାୟା ପାଇଁ ବଜାରକୁ ଯାଇ ଦି ହଳ ଭଲ ପୋଷାକ ନେଇ ଆସିଲେ । ବାସନା ସାବୁନରେ ଗାଧୋଇ ପାଧୋଇ ନୁଆ ପୋଷକ ପିନ୍ଧି ମାୟା କି ଖୁସି । ନାତି ସୋନୁ ସାଙ୍ଗେ ଖେଳିବାକୁ ଲାଗିଲା । ଦି ଦିନ ଭିତରେ ସେ ଆପଣେଇ ନେଲା ସମସ୍ତଙ୍କୁ । ବୋହୁ କହିଲା ତାକୁ ପୋଲିସରେ ଦେଲେ ସେମାନେ କେଉଁ ଅନାଥ ଆଶ୍ରମରେ ନେଇ ଛାଡି ଦେଇ ପାରନ୍ତି।

ISSN NO.
2582-208X

ଆମେ ଖବର କାଗଜରେ ତା ଫଟ ଛପେଇବା । ଯଦି ତା ବାପ ମାଉ କିଛି ଖବର ମିଳି ଯାଏ ତ ଭଲ କଥା ନଚେତ୍ ସେ ଆମ ପାଖେ ରହିଯିବ । ସୋନୁର ଜଗା ରଖା କରିବା ପାଇଁ ସୁବିଧା ହେବ ।

ସେଇଆ ହେଲା, ଦୁଇ ତିନି ଥର ଖବର କାଗଜରେ ତା ଫୋଟୋ ବାହାର କରାଗଲା ପରେ ବି କେହି ତାର କିଛି ଖୋଜ ଖବର ନେଲେନି । ତେଣୁ ସେ ଘରେ ସେ ରହିଗଲା । ସୋନୁ ବି ତାକୁ ଘଣ୍ଟେ ନଦେଖିଲେ ପାଗଳ । ମାୟାକୁ ପାଠ ପଢେଇବାକୁ ଇଛା କଲେ କନକ ଦେବୀ । କିନ୍ତୁ ତାକୁ ସ୍କୁଲ ଛାଡିବା ସମ୍ଭବ ନୁହେଁ । ଯେହେତୁ ଘର କାମରେ ସେ ସାହାଯ୍ୟ ବି କରୁଛି ସୋନୁକୁ ଜଗା ରଖା କରିବା ବ୍ୟତିତ ।

ତେଣୁ ତା ପାଇଁ ଜଣେ ଟ୍ୟୁସନ ମାଷ୍ଟ୍ର ରଖିଲେ ଯିଏ କି ପ୍ରତି ସନ୍ଧ୍ୟାରେ ଆସି ତାକୁ ପାଠ ପଢେଇ ଦେଇ କି ଗଲେ । ମାୟା ଛବି ବହି ସବୁ ଦେଖି ଏତେ ଖୁସି ଯେ ଦିନେ ବି ତା ମା କୁ ମନେ ପକେଇବାର ବି କନକ ଦେବୀ ଦେଖି ନାହାଁନ୍ତି । ସୋନୁର ପାଞ୍ଚ ବର୍ଷ ଜନ୍ମ ଦିନକୁ କନକ ଦେବୀ ଘରେ ପୂଜା କରି କିଛି ବନ୍ଧୁ ବାନ୍ଧବଙ୍କୁ ଡାକିବାକୁ ମନସ୍ଥ କଲେ । ସେ ବି ଏ ବର୍ଷ ସ୍କୁଲ ଯିବା ଆରମ୍ଭ କରିବ । ପୁଅ ବିବେକ ଓ ବାସନ୍ତୀ ବଜାର ଗଲେ କିଛି ଆବଶ୍ୟକତା ଜିନିଷ ଓ ସମସ୍ତଙ୍କ ପାଇଁ ନୂଆ ପୋଷାକ ଆଣିବାକୁ ।

କିନ୍ତୁ ସେମାନଙ୍କ ପାଇଁ କାଳର ଅନ୍ୟ ବ୍ୟବସ୍ଥା ଥିଲା । ଘରକୁ ଫେରିବା ବାଟରେ କାର ଦୁର୍ଘଟଣାରେ ବିବେକ ଓ ବାସନ୍ତୀଙ୍କ ଅକାଳ ମୃତ୍ୟୁ ଘଟିଲା । କନକ ଦେବୀଙ୍କର ସବୁ ଅନ୍ଧାର ହୋଇଗଲା । ସେ ବି ଏତେ ବଡ ଦୁଃଖକୁ ସହି ପାରିଲେନି କୋମାରେ ଚାଲିଗଲେ । ବନ୍ଧୁ ବାନ୍ଧବଙ୍କ ସହାୟତାରେ ସୁଦ୍ଧି କ୍ରିୟା କାମ ଯେମିତି ସେମିତି ହେଉ ସମାପ୍ତ କରା ଗଲା। ଘରେ କେବଳ ରହିଗଲା ବାର ବର୍ଷର ମାୟା । ସୋନୁର ଦେଖା ଚାହାଁର ଦାୟିତ୍ୱ ଏବେ ସବୁ ତା ଉପରେ । ବିଶେଷ କିଛି ସେ ନବୁଝୁ ଥିଲେ ବି ସେ ସୋନୁର ଭଲ ଯତ୍ନ ନଉଥାଏ ।

ISSN NO.
2582-208X

ହଷ୍ପିଟାଲ ଯାଇ କନକ ଦେବୀଙ୍କ କଥା ବୁଝି ଆସୁଥାଏ । କିଛି ଦିନ ପରେ ତାଙ୍କର ହୋସ୍ ଆସିଲେ ବି ସେ ମଝିରେ ମଝିରେ ଚେତା ହରେଇ ବସୁ ଥାନ୍ତି । ସମସ୍ତେ ବୁଝୋଉ ଥାଆନ୍ତି। ନାତି ପାଇଁ ତାଙ୍କୁ ବଞ୍ଚିବାକୁ ହେବ । ନାତି ସୋନୁ କଥା ଯେମିତି ମନେ ପଡିଲା ସେ ନିଜକୁ ଗୋଟେଇ ପୋଟେଇ ଏକାଠି କରି ଘରକୁ ଫେରିଲେ । ସୋନୁ ଯେତେବେଳେ ଜେଜି ମା କହି କନକ ଦେବୀଙ୍କୁ କୁଣ୍ଢେଇ ଧରିଲା ଏତେ ଦଃଖରେ ବି ସାରା ଦେହରେ ପ୍ରଲେପ ଯେମିତି ବୋଳି ହୋଇଗଲା ।

କିନ୍ତୁ ଏତେ ଦିନ ହେବ ତାର ଦେଖାରଖା କରିଥିବାର ମାୟାକୁ ଦେଖି ସେ ଭାଷା ରୁଦ୍ଧ । କିପରି କୃତଜ୍ଞତା ପ୍ରକାଶ କରିବେ ଭାଷା ପାଉ ନଥିଲେ । ଗତ ପାଞ୍ଚ ବର୍ଷର ପାଳିବା ପୋଷିବାର ଶ୍ରମକୁ ଏଇ କିଛି ଦିନରେ ଶୁଝେଇ ତା ଉପରେ ତାଙ୍କୁ କରଜଦାର ବି କରି ଦେଇଛି । ସେ ନଥିଲେ ସେ ସୋନୁକୁ ବି ଦେଖି ପାରି ନଥାନ୍ତେ ଆଜି । ସୋନୁର ମୁହଁ ଭିତରେ ସେ ପୁଅ ବୋହୁଙ୍କୁ ଦେଖୁଥିଲେ ।

ସୋନୁର ମୁହଁ ଦେଖିଲେ ଲାଗୁଥିଲା ସତେ ଯେମିତି ପୁଅ ବିବେକ କହୁଥିଲା ବୋଉ ତତେ ସୋନୁ ଲାଗିଲା I ତାର ଦାୟିତ୍ୱ ନେବୁ । ଶୁଖି ଆସୁଥିବା ଲୁହ ପୁଣି ଗଡି ଚାଲେ । ଦିନ ଗଡି ଚାଲିଲା । ମାୟା ସବୁଦିନ ସ୍କୁଲରେ ସୋନୁକୁ ଛାଡି ନିଜେ ଘରର ସବୁ କାମ କରେ ଓ ରାତିରେ ପଢା ଜାରି ରଖେ । କନକ ଦେବୀ ନାମକୁ ମାତ୍ର ବଞ୍ଚି ଥାନ୍ତି । ତାଙ୍କ ଚାରିକଡେ କଣ ଚାଲିଥାଏ ତାଙ୍କୁ କିଛି ଜଣା ପଡେନି । ମାୟା ହିଁ ସବୁ ବୁଝେ । ଝିଅଟି ଆବଶ୍ୟକତା ଠାରୁ ଅଧିକ ଦାୟିତ୍ୱବାନ୍ ହୋଇ ଯାଇଛି ।

ବହୁ କଷ୍ଟରେ କନକ ଦେବୀ ପାଞ୍ଚ ବର୍ଷ ଯାଏ ବଞ୍ଚିଲେ । ସବୁ ଘର ଦ୍ୱାର ସଂପତ୍ତି ବାଡି ଅଧା ଅଧା ସୋନୁ ଓ ମାୟା ନାମରେ ଲେଖି ଦେଇ ଗଲେ। ମାୟାକୁ ଏବେ ସତର ବର୍ଷ

ISSN NO.
2582-208X

ହୋଇ ଗଲାଣି । ନରସିଂଗ୍ ଟ୍ରେନିଂଗ ନେଇ ଚାକିରୀ କରି ସୋନୁକୁ ପାଠ ବହୁତ ପଢେଇବ ବୋଲି ମାୟାର ବହୁତ ଇଚ୍ଛା । ସୋନୁ ତାକୁ ବଡ ଭଉଣୀ ପରି ଭାବିଥାଏ । ମାୟା ତା ନିଜ ବିଷୟରେ କେବେ ସୋନୁକୁ କିଛି ନକହିଥିଲେ ବି ତାକୁ ତା ବଡ ଭଉଣୀ ପରି ଶାସନ କରେ ତା ଭଲ ମନ୍ଦ ବୁଝେ । ତା ନିଜ ବିଷୟରେ ଏକ ଡାଇରିରେ ସବୁ ଲେଖି ରଖିଛି ।

ଆଜି ସୋନୁ ଯେତେବେଳେ ଡାକ୍ତରୀ କୃତିତ୍ୱର ସହ ପାଶ୍ କରି ଆସି ମାୟାର ଗୋଡ ଛୁଇଁଲା ମାୟା ତାକୁ ମନା କରିଥିଲା । ତା ବାପ ମା ଓ ଜେଜେ ମାଙ୍କ ଫୋଟୋ ଆଡକୁ ହାତ ଦେଖେଇ ପ୍ରଣାମ କରି ଆର୍ଶୀବାଦ ନବାକୁ କହିଥିଲା । କିନ୍ତୁ ସୋନୁ କହିଥିଲା ମୁଁ ସେମାନଙ୍କୁ ଜାଣିନି । ଯଦି ମୋ ଜୀବନରେ କିଏ ଥିଲା ସେ କେବଳ ତୁ । ଖୁସିରେ ମାୟାର ଗୋଡ ତଳେ ଲାଗୁ ନଥିଲା । ସ୍ନେହର ଋଣ ଆଜି ସବୁ ସେ ଶୁଝି ଦେଇଛି । ସେଦିନ କନକ ଦେବୀ ତାକୁ ଘରେ ଆଣି ଆଶ୍ରୟ ଦେଇ ନଥିଲେ ତାର ଆଜି ଅସ୍ତିତ୍ୱ ହିଁ ନଥାନ୍ତା । ବହୁତ ତେଢା ମେଢା ରାସ୍ତା ଦେଇ ସେ ଏ ଯାଏ ଆସିଛି ସତ କିନ୍ତୁ ଏ ରାସ୍ତା ହୁଏତ ଆହୁରି ଜଟିଳରୁ ଜଟିଳତର ହୋଇ ଥାଆନ୍ତା ।

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ଉଡାନ୍ ରେ ପ୍ରାଣପକ୍ଷୀ



ଦଣ୍ଡାସି ପ୍ରଧାନ

ଉଡାନ୍ ର ଆନନ୍ଦ,
ତାର ବେଗରେ ଯେତିକି ଅନୁଭବ କରି ହୁଏ,
ଭିନ୍ନ କୌଶଳରେ ଉଡିବାର ସ୍ୱତନ୍ତ୍ର ଅନୁଭୂତି
ବହୁ ଗୁଣରେ ଉପଲବ୍ଧ ହୋଇଥାଏ,
ଅଲୌକିକ ଭାବରେ ସବୁବେଳେ ।
ଏଣୁ ସେ
ବିବିଧ ଗତିଶୀଳ ଧାରାର ନିୟମରେ
ଉଡି ଚାଲିଥାଏ, ଉପରୁ ତଳକୁ,
ଏପାରିରୁ ସେପାରିକୁ, ନବ୍ୟ ଛଟାରେ ।
ଏହି ଉପଲବ୍ଧି ଯେବେ ସାର୍ବଜନୀନ
ସମୂହ ସେବାରେ ରୂପାନ୍ତରିତ ହୁଏତ;
କାହିଁ ରେ କଣ ଅବଦାନ !
ଭୋଗଯୋଗ୍ୟ ସାଧନ ସମ୍ବଳର ନବାଙ୍କୁରଣ ହୁଏତ,
ସାଇତି ରଖେ, ସ୍ୱର୍ଗୀୟ ଅବର୍ଣ୍ଣନୀୟ ସମ୍ପଦ,
ଆଗତ ସମୟକୁ, ସୁଖ ଆଉ ସମୃଦ୍ଧିର ।
ସେଥିରେ ହିଁ ପ୍ରତିପାଦିତ ହୁଏ ଶ୍ରେଷ୍ଠତ୍ୱ,
ସ୍ଥଳ, କାଳ, ପାତ୍ରକୁ ଅପେକ୍ଷା ନରଖି, ପରୋକ୍ଷରେ ।
ସୁସ୍ଥ ଭାବନାରେ ନିର୍ମଳ ଚିନ୍ତନ,
କେତେବେଳେ ତାକୁ ନେଇ କେଉଁଠି ଥୋଇଛି,

ISSN NO.
2582-208X

ଅମ୍ଳାନ କୀର୍ତ୍ତିର ଅସମ୍ଭବ ଐଶ୍ୱର୍ଯ୍ୟ ।
ଏପରି ସରଳ ପ୍ରାଣ କେବେ ହେଲେ
ତଉଲି ନଥାଏ ଅନ୍ୟକୁ ସାମ୍ନାରେ ରଖି,
କି ଇଚ୍ଛା ବି କେବେ କରି ନଥାଏ, ଆଶକ୍ତି ନିଶାରେ ।

ସୁଖ, ଦୁଃଖ ଓ ବିଷାଦର ବିଚାରକୁ ନେଇ,
ସେ କେବେ ହେଲେ ମ୍ରିୟମାଣ ନୁହେଁ ।
ବାସ୍ତବିକତା ତାର ଧର୍ମ,
ନିଜସ୍ୱ ସ୍ୱଭାବ, ଜନ୍ମ ଜାତକରେ।
ଏ ପ୍ରାଣର ସ୍ୱାଭାବିକ ଜୀବନ ଚର୍ଯ୍ୟା,
ତାର ଅଲକ୍ଷରେ ଅର୍ପିଦିଏ,
ଐଶ୍ୱରୀୟ ଆଶୀର୍ବାଦ, ଅଯାଚିତ ଭାବରେ ।
ଉଡିବାର ଧର୍ମରେ ସେ ଉଡୁଥାଏ,
ଉପରେ ଆଉ ତଳେଇ ମଧ୍ୟ
ଏପଟରୁ ସେପଟ ଯାଏଁ ;
ଉଡିବାର ନୂଆଁ ନୂଆଁ ଢଙ୍ଗ ଆପଣାଇ,
ଉଡୁଥାଏ ଆଗକୁ ଆଗକୁ;
ଜାତି, ଆୟୁ ଓ ଭୋଗର କଷଟି ପଥରରେ,
ଗୋଟି ଗଣିତିର ହିସାବରେ ।
ନା ତା ପାଖରେ ଥାଏ, ଅହଙ୍କାରୀ ମନ,
ଅବା ବୁଦ୍ଧି ଖେଳର ଯାଦୁକରୀ ହଟଚମତ୍,
ନିତ୍ୟ ନୈମିତ୍ୟର ପ୍ରକାଶରେ -
ସ୍ୱାଭିମାନ ସ୍ୱଭାବ ଧର୍ମରେ ।
ସତ୍ୟାନୁଧାବନ ହୁଏ ତାର ହୃତ୍ ସ୍ପନ୍ଦନ।
ସରଳତା ତାର ମୌଳିକ ଶୋଭା ଓ ଆନନ୍ଦମୟ ସ୍ୱର, ତାର ବିଚରଣ କ୍ଷେତ୍ର ।
ଅତୀତର ମଧୁର ତିକ୍ତ ଅନୁଭୂତି ହେଉ,
କି ଭବିଷ୍ୟତର ନର୍କ ଯନ୍ତ୍ରଣାର ଭୟ -

ISSN NO.
2582-208X

କିମ୍ବା ସ୍ୱର୍ଗୀୟ ସୁଖର ସ୍ୱପ୍ନିଳ ଭୋଗ;
କୌଣସି ସ୍ଥିତିରେ ସେ ଅଧିର ଅବା

ମୋହଗ୍ରସ୍ତ ନୁହେଁ ।
ତା ପାଇଁ ବର୍ତ୍ତମାନ ହିଁ ସର୍ବୋତ୍କୃଷ୍ଟ
ସହାୟ ସମୟ, ସାଧନା ଓ ସିଦ୍ଧର
ଏକ ଦିଶା ଦର୍ଶୀ ପଥରେ ।
ଏଇତ ହୁଏ, ସେବାରେ ଓ ତ୍ୟାଗରେ,
କର୍ମ ମୁଖର ଜୀବନର ପ୍ରଧାନ ଅବଲମ୍ବନ,
କ୍ଷଣକ୍ଷଣର ପ୍ରତିଦାନ ପ୍ରତିଦିନ !!
ସେ ତ ସାମ୍ପ୍ରତିକତାର ଆତ୍ମୀୟ ସ୍ତରରେ,
ଭରପୂର ଉପଯୋଗର ପାଙ୍କ୍ତେୟ ପକ୍ଷିଟିଏ,
ଶେଷ ନିଶ୍ୱାସ ପର୍ଯ୍ୟନ୍ତ, ଫୁର୍ତ୍ତିରେ ଉଡିବାକୁ ।
ସେ ହିଁ ବାଟ, ବାଟୋଇ ଓ ଲକ୍ଷ ମଧ୍ୟ,
ଏକଇ ରୂପକୁ ଧରି ସମୟାନ୍ତରର, ପ୍ରାଣ ପକ୍ଷୀ ।
ଏଠି ପ୍ରତିଭାବାନ୍ ପ୍ରଭାବରେ ଭରପୁର ଉଡାନ୍ ରେ
ଫୁର୍ତ୍ତିକୁ ନେଇ ଉଡୁଥାଏ ସେ, ବହୁ ଦୂରରୁ ଦୂରାନ୍ତକୁ,
ସ୍ଥିରିକୃତ ମହତ୍ତ୍ୱ ଲକ୍ଷ୍ୟ ଓ ପଥରେ, ଗନ୍ତବ୍ୟ ସ୍ଥଳକୁ ନିରନ୍ତର ଅବିଶ୍ରାମେ ।
ସତରେ ସୁନ୍ଦର ଏ ନିରୋଳା ପ୍ରାଣ ଉଡାନ୍ ର କାଳେକାଳେ ।!!

***

ସାହିତ୍ୟ ସମ୍ପାଦକ,
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ,
ପାତ୍ରପୁର, ଗଞ୍ଜାମ । ଭ୍ରାମ୍ୟଭାଷ୍ୟ-8660194967

ISSN NO.
2582-208X

# ଆୟୁଷ



ସ୍ଥିତିପ୍ରଜ୍ଞା ସ୍ୱାଇଁ

ଜନ୍ମର ଷ୍ଟେସନ ଠୁ
ମୃତ୍ୟୁର ଷ୍ଟେସନ ଯାଏଁ ଗଡୁଥିବା
ଟ୍ରେନଟିର ନାମ ବୋଧେ ଆୟୁଷ,
ଆରମ୍ଭରୁ ଏତେ ଲମ୍ବା ଲାଗୁଥିବା ବାଟଟା
କେତେ ଶୀଘ୍ର ଯେ ସରିଯାଏ
ନିଜେ ଦେଖିଲେ ବି ହୁଏନି ବିଶ୍ୱାସ ।

ବାଟରେ ଲୋକେ କରନ୍ତି କେତେ ଯେ ପୁଣ୍ୟ
ଆଉ କରନ୍ତି କେତେ ପାପ
କେବେ ହୁଅନ୍ତି ଆନନ୍ଦରେ ଅଧୀର
ଆଉ କେବେ!
ମନରେ ରଖିଯାଆନ୍ତି ମେଞ୍ଚାଏ ଅବଶୋଷ,
ତଥାପି! ଟ୍ରେନ ଗଡୁଥାଏ କ୍ଷିପ୍ରରୁ କ୍ଷିପ୍ରତମ ଗତିରେ
ଆଉ ବାଟ ହୋଇ ଯାଏ ଶେଷ ।

ISSN NO.
2582-208X

ଚଢ଼ିଲା ବେଳେ ତ'
କେତେ ବନ୍ଧୁ-ପରିଜନ, ସଖା-ସହୋଦରଙ୍କୁ ସାଥୀରେ ଧରି
ଆମେ କରିଥାଉ ଟ୍ରେନ ମଧ୍ୟରେ ପ୍ରବେଶ,
ହେଲେ ଥରେ ଟ୍ରେନଟା ଷ୍ଟେସନ ଛାଡିଦେଲେ
ଜଣା ନାହିଁ କେଉଁଠି ଦେବାକୁ ପଡ଼ିବ
କାହାକୁ ବିଦାୟ
ତାହା ପୁଣି! ହୃଦୟରେ କ୍ଷତି ସହି ଅଶେଷ ।

ସେଥିପାଇଁ ତ';
ଜନ୍ମର ଷ୍ଟେସନ ଠୁ
ମୃତ୍ୟୁର ଷ୍ଟେସନ ଯାଏଁ ଗଡୁଥିବା
ଟ୍ରେନଟିର ନାମ ବୋଧେ ଆୟୁଷ ।

କଟକ
ଯୋଗାଯୋଗ : 7735763054

ISSN NO.
2582-208X

# ଭକ୍ତ ବତ୍ସଳ ଭାବଗ୍ରାହୀ



ସୁଶ୍ରୀ ଶୁଭସ୍ମିତା ମହାନ୍ତ

କୋଟି ଓଡ଼ିଆର ମଉଡ଼ମଣୀ ହେ
ମହାପ୍ରଭୁ ଜଗନ୍ନାଥ,
ତୁମ ବିନା ଏହି ପୃଥିବୀ ଅନ୍ଧାର
ଚାଲେନି ସଂସାର ରଥ ।

ଭକତ ନିମନ୍ତେ ତୁମରି ହୃଦୟ
ହେଉଥାଏ ବ୍ୟାକୁଳିତ,
ଧନୀ କି ଗରିବ ସଭିଏଁ ସମାନ
ତୁମ ନେତ୍ର ରେ ହେ ନାଥ ।

ମିଛମାୟା ଏହି ସଂସାର ଭିତରେ
ତୁମେଅଟ ଏକା ସତ,
ତୁମରି ନାମକୁ ତୁଣ୍ଡେ ରଖି ପ୍ରଭୁ
ମୋକ୍ଷ ପାଏ ଏ ଜଗତ ।

ISSN NO.
2582-208X

ଭକତ ବତ୍ସଳ ଭାବଗ୍ରାହୀ ତୁମେ
ସବୁରି ପ୍ରାଣର ଧନ,
ତୁମରି ନେତ୍ରକୁ ଦେଖିଦେଖି ପ୍ରଭୁ
ଚାଲିଯାଉ ଏ ଜୀବନ ।

ସଂସାର ପଥରେ ଏକା ମୁଁ ବାଟୋଇ
ତୁମ ବିନା ନାହିଁ କେହି,
ଶରଣ ଯାଉଛି ତୁମରି ପୟରେ
ରକ୍ଷା କର ଭାବଗ୍ରାହୀ ।

ନବରଙ୍ଗପୁର

ISSN NO.
2582-208X

# ଲଳତ ନବନ୍ଧ - ଡେଙ୍ଗା ମୁଣ୍ଡରେ ଠେଙ୍ଗା



ବଦ୍ରୀ ମହାନ୍ତ

କର୍ମଫଳରେ ବିଶ୍ୱାସ ରଖିବା ଓ ଫଳ ପ୍ରତି ଆସକ୍ତିହୀନ ଭାବନା କୌଣସି ସମୟରେ ଗୋଟିଏ ବ୍ୟକ୍ତିଠାରେ ଏକତ୍ର ପରିଦୃଷ୍ଟ ହୁଏନାହିଁ । ଫଳକୁ ଅପେକ୍ଷା କରି କରି ଜୀବନର ଅନ୍ତିମ ମୁହୂର୍ତ୍ତକୁ ସାମ୍ନା କରୁଥିବା ବ୍ୟକ୍ତିଟି କାସ୍ମିନ କାଳେ ଗୁରୁତ୍ୱ ଦେଇନଥାଏ କର୍ମକୁ, ସେଥିପାଇଁ ହାହାକାର କରେ । କର୍ମକୁ ଗୌଣ ମନେକରି ପ୍ରାପ୍ତି ପାଇଁ ଅପେକ୍ଷା କରୁଥିବାରୁ ବିଚରା ଅତିବାହିତ କରେ ସନ୍ତାପିତ ଜୀବନ । ସେଥିପାଇଁ ଅଯାଚିତ ଅପ୍ରତ୍ୟାଶିତ ପ୍ରାପ୍ତି ଚିରକାଳ କର୍ମ ପ୍ରବଣ ମଣିଷର ଲଲାଟରେ ଲେଖା ହୋଇଥାଏ । ସମସ୍ତ ପ୍ରାପ୍ତି ଯେ ତାର ଭାବନାର ଅନୁକୂଳ ହେବ, ତା ଆବଶ୍ୟକତା ପୂରଣରେ ସହାୟକ ହେବ ବା ତାର ସାମଗ୍ରିକ ଜୀବନକୁ ପ୍ରଭାବିତ କରିବ, ଏହା ସତ୍ୟ ନୁହେଁ । ଯଦି କର୍ମକୁ ଡେଙ୍ଗା ବୋଲି ଗ୍ରହଣ କରି ନିଆଯାଏ ତେବେ ମୁଣ୍ଡ ଉପରେ ଠେଙ୍ଗା ନାମକ ପ୍ରାପ୍ତି ଅନିବାର୍ଯ୍ୟ । ଏଥିର ଇଚ୍ଛା ଅନିଚ୍ଛା ବା ଆଶା ଆକାଂକ୍ଷାର କୌଣସି ମାନେ ନାହିଁ । କେବଳ କୌଣସି କ୍ରିୟାର ପ୍ରତିକ୍ରିୟା ସ୍ୱରୂପ ଯେ ମଥା ଉପରେ ଫୁଲଟିଏ ପଡିବ, ଜୋତା ମାଳ ମିଳିବ ବା ତଲବାର ଟିଏ ଝୁଲିପଡିବ ତାହା ନୁହେଁ, ପରସ୍ଥିତି ଅନୁସାରେ କାରଣ ବିହୀନ ଠେଙ୍ଗା ଅଦୃଶ୍ୟରୁ ଆସି ପଡିଥାଏ ମୁଣ୍ଡ ଉପରେ । ସବୁ ସମୟରେ ଏହା ବିଚଳିତ କରେନାହିଁ ବରଂ ସୁଖ ସୁଖ ଅନୁଭବରେ ବୁଡାଇଦିଏ ମନ ରାଜ୍ୟକୁ ।

ଅନେକ ସମୟରେ ସନ୍ଦେହ ଉପୁଜେ ଡେଙ୍ଗା କିଏ ଓ ଠେଙ୍ଗାଟି କାହା ମୁଣ୍ଡରେ ପଡୁଛି ! ଦୁନିଆର ସବୁ ଡେଙ୍ଗା ମାନଙ୍କ ଭାଗ୍ୟରେ ସତରେ କଣ ଅଲିଖିତ ଚୁକ୍ତିଟିଏ ଲେଖା ହୋଇଛି

ISSN NO.
2582-208X

ଯେ ସେମାନେ ଜୀବନ ବ୍ୟାପୀ ଆଘାତ ଓ ପ୍ରତି ଆଘାତର ସାମ୍ନା କରୁଥିବେ ଏବଂ ଏହାହିଁ ଥିବ ତାଙ୍କର ସର୍ବକାଳୀନ ପ୍ରାପ୍ତି ! କେବଳ ଆଘାତ ନୁହେଁ ଚାପଗ୍ରସ୍ତ ଜୀବନ ତଥା ଧକ୍କା ପରେ ଧକ୍କା ତାକୁ ମ୍ରିୟମାଣ କରୁଥିବ ! ଚାରିପାଖର ସମ୍ପର୍କ ଓ ଆତ୍ମୀୟମାନଙ୍କ ଇଛା ଓ ଆବଶ୍ୟକତା ପୂରଣ କରୁ କରୁ ତାର ନିର୍ଦ୍ଧାରିତ ଜୀବନ ଆସି ପହଞ୍ଚିବ ଶେଷ ପର୍ଯ୍ୟାୟରେ ? ନିରୋଳାରେ ବେଳେ ବେଳେ ନିଜକୁ ଧିକ୍କାର କରୁଥିବ, "ତା ଜନ୍ମର ସାର୍ଥକତା କଣ ଏୟା?" ଡେଙ୍ଗା ହୋଇଛି ବୋଲି ସବୁ ମାଡ଼ ସାହିବ, ନିଜ ପାଇଁ କିଛି ନରଖି ନକରି କେବଳ ଧାଉଁଥିବ ଅନ୍ୟ ପାଇଁ? ଅନ୍ୟର ସୁଖ ଦୁଃଖ, ଲୋଡାପଣ, ଯନ୍ତ୍ରଣା ଅସହାୟତା ସବୁ ତା ନିଜର ହୋଇ ଯାଉଥିବେ । ଦେହ ମନ ପ୍ରାଣ ସମର୍ପିତ ରହିବ ଅନ୍ୟ ପାଇଁ ! 'ଡେଙ୍ଗା ହେବା ଅଭିଶାପ ନା ଆଶୀର୍ବାଦ', ଏ ଭାବନାରେ ନିଜକୁ ବ୍ୟସ୍ତ ରଖି କେବଳ ଧାଉଁଥିବ !

ଜନ୍ମଗତ କାରଣରୁ ଶାରୀରିକ ଉଚ୍ଚତାକୁ ଡେଙ୍ଗା ବୋଲି ବିଚାର କରା ଯାଉଥିବା ପରି ପରିବାରରେ ବଡ ପୁଅ, ବଡଝିଅ, ରୋଜଗାରକ୍ଷମ ଉଚ୍ଚଶିକ୍ଷିତ ଅଥବା ଅଗକୁହା ଆଗଚଲାଙ୍କୁ ଏ ପର୍ଯ୍ୟାୟରେ ରଖାଗଲେ ଭୁଲ ହେବ ନାହିଁ । ଗୃହକର୍ତ୍ତା, ଗୃହକର୍ତ୍ତ୍ରୀ, ମୁଖିଆ, ପ୍ରଭାବ ଶାଳୀ ବ୍ୟକ୍ତି ବା ନେତୃତ୍ୱ ନେଉଥିବା ବ୍ୟକ୍ତି ଅନ୍ୟ ସାଧାରଣଙ୍କ ଠାରୁ ଊର୍ଦ୍ଧ୍ୱରେ ଥିବାରୁ ସେମାନଙ୍କ ସାମାଜିକ ଉଚ୍ଚତା ବାରି ହୋଇପଡେ । ଆଖି ଖୋଜୁଥାଏ ଉଚ୍ଚ ମଣିଷ, ସଂପନ୍ନ ବ୍ୟକ୍ତି, ଉଜ୍ଜ୍ୱଳ ବ୍ୟକ୍ତିତ୍ୱ, ପାରଙ୍ଗମ ପୁରୁଷ ଓ ସକ୍ଷମ ପୁରୁଷାକାର ନିଜ ଅଭିଳାଷ ପୂରଣ କରିବା ପାଇଁ । ମନ ସନ୍ଧାନ କରୁଥାଏ ନିଶ୍ଚିତ ସୁଫଳ । ଏ କ୍ରିୟାଟି ସଦାସର୍ବଦା ଇଚ୍ଛାକୃତ ନ ହୋଇ ଅବଚେତନରେ ଘଟୁ ଥିବାରୁ ଡେଙ୍ଗାର ମୁଣ୍ଡ ଉପରେ କୌଣସି ନା କୌଣସି ସମୟରେ ଅଲିଖିତ ଚାପଟିଏ ଥାଏ । ସମସ୍ତ ଚାପ, ସଂଘର୍ଷ ଓ ପ୍ରତିଘାତ ସହ୍ୟକରି ସଭିଙ୍କୁ କଢେଇ ନିଏ ସଠିକ ରାସ୍ତାରେ । ପରିବାର କଥା ବିଚାରକୁ ନେଲେ ଘରର ମୁରବୀ, ବଡ଼ପୁଅ ବା ବଡଝିଅ ଉପରେ ସବୁବେଳେ ଅଦୃଶ୍ୟ ଚାପଟିଏ ରହିଥାଏ । ପରିବାରର ନାନାଦି ଆବଶ୍ୟକତା ପିଲାପିଲିଙ୍କ ଭବିଷ୍ୟତ ଓ ଚଳଣୀର ଦାୟିତ୍ୱ ତା ଉପରେ ଥିବାରୁ ସେ ଏଥିରୁ ନିଜକୁ ନିବୃତ୍ତ ରଖିବା ଅସମ୍ଭବପ୍ରାୟ । ଏମାନଙ୍କ ମଧ୍ୟରୁ କେହି

ISSN NO.
2582-208X

ଅପାରଗ ଅଯୋଗ୍ୟ ଓ ଦାୟିତ୍ୱହୀନ ହୋଇଥିଲେ କନିଷ୍ଠ ଯୋଗ୍ୟ ବିବେକବାନ ପୁଅ ବା ଝିଅ ମୁଣ୍ଡ ଉପରେ ପଡେ ସବୁ ଦାୟିତ୍ୱ । କର୍ତ୍ତବ୍ୟ ଓ ଦାୟିତ୍ୱର ଅର୍ଗଳୀରେ ବନ୍ଧା ପଡ଼ିଯାଏ ନିଜ ଜୀବନ ଚର୍ଯ୍ୟା । ନିଜକୁ ତିଳ ତିଳ କରି ଦଗ୍ଧ କରି ପରିବାର ଓ ସମାଜର ମଙ୍ଗଳ ନିମନ୍ତେ ତ୍ୟାଗକରେ ନିଜର ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟ । ଏସବୁ କାର୍ଯ୍ୟକାରୀ କଲାବେଳେ ନିଜସ୍ୱ ଇଚ୍ଛା ସ୍ୱପ୍ନ ଆକାଂକ୍ଷା କେଉଁ ଏକ ଅଗମ୍ୟ ବନରେ ଜଳିଯିବା ପରେ ସୁଦ୍ଧା ମନରେ ଭରିଯାଏ ଅପୂର୍ବ ପୁଲକ ଓ ଆତ୍ମ ସନ୍ତୋଷ । ଏ କ୍ଷେତ୍ରରେ ଏମାନଙ୍କୁ ଢେଙ୍ଗା ରୂପେ ଅବିହିତ କରିବା ଅଯୌକ୍ତିକ ନୁହେଁ ।

କଥା କଥାରେ ଆଗକୁ ଡେଇଁ ପଡୁଥିବା, କିଛି ଗୋଟାଏ ଆଖି ଦୃଶିଆ କାମ କରି ଅନ୍ୟ ଆଖିରେ ନିଜକୁ ଶ୍ରେଷ୍ଠ ପ୍ରତିପାଦିତ କରିବାର ଲାଳସା ବଢ଼ାଇ ଦିଏ ଦାୟିତ୍ୱର ଚାପ । ନିଜର ଶକ୍ତି ସାମର୍ଥ୍ୟ ଓ ସାଧନ ପ୍ରତି ସଚେତନ ନ ଥିବାରୁ ଅନେକ ସମୟରେ ବିଫଳତାକୁ ସେ ମନେକରେ ଠେଙ୍ଗା । ସାଧାରଣ ମଣିଷଟିଏ ସୁଦ୍ଧା ବିଚାର କରି ପାରେନା ଲମ୍ବା ହାତ ଥିବା ଉଚ୍ଚାଙ୍ଗ ଶବ୍ଦକୁ ସାଥୀ କରିଥିବା ବ୍ୟକ୍ତିର ଶକ୍ତି ଓ ସମର୍ଥ୍ୟକୁ ଅଣଦେଖା କରି ଲଦିଦିଏ ନିଜ ଅବଶ୍ୟକତାର ବୋଝ । ବିଚଳିତ ହୋଇ ଆଗ ଚଲା ଓ ଆଗ କୁହା ଯେତେବେଳେ ପ୍ରକୃତିସ୍ଥ ହୁଏ, ସେତେବେଳକୁ ଆଉ ସମୟ ନ ଥାଏ । ଅପମାନ ଯନ୍ତ୍ରଣା ଓ ସଶକ୍ତ ଠେଙ୍ଗାଟି ଆସି ପଡି ସାରିଥାଏ ମୁଣ୍ଡ ଉପରେ । କୌଣସି କାର୍ଯ୍ୟଧାରାର ସମ୍ଭାବ୍ୟ ପରିଣତି, ପରବର୍ତ୍ତୀ ରାସ୍ତା ଓ ପରିସ୍ଥିତି ସଂକ୍ରାନ୍ତରେ ସଚେତନ ନଥିଲେ ସମୃଦ୍ଧ ଐଶ୍ୱର୍ଯ୍ୟଶଳୀ ଢେଙ୍ଗା ବ୍ୟକ୍ତିର ଯାତ୍ରାପଥ ସୁଗମ ହୁଏନାହିଁ । ସର୍ବୋଚ୍ଚ ତ୍ୟାଗ ସତ୍ୱେ ଭୋଗ କରିବାକୁ ପଡେ ଦୟନୀୟ ପରାଭବ । ଅପାରଗ ଦାୟିତ୍ୱହୀନ ଓ ଅପରିଣାମଦର୍ଶୀ ରୂପେ ଚିତ୍ରିତ ହୁଏ । ତାର କର୍ମ କରଣୀ ଓ ତ୍ୟାଗପୁତ ଜୀବନ ଗୋଟାଏ ମୁହୂର୍ତ୍ତରେ ମିଳାଇଯାଏ ପାଣି ଫୋଟକା ପରି । ତ୍ୟାଗର କୌଣସି ମାପକାଠି ନାହିଁ, ନାହିଁ ସମର୍ପଣର ମୂଲ୍ୟାୟନ । ଏହା ଅନୁଭବର କଥା, ଭାବନାର ସ୍ୱୀକାରୋକ୍ତି ।

ପ୍ରଥମେ ଜନ୍ମଲାଭ କଲାପରି ପ୍ରଥମ ସ୍ଥାନ ଅଧିକାର କରିବା, ସାମ୍ନାରେ ଛିଡାହେବା, ଅଗ୍ରଭାଗରେ ଚାଲିବା ଓ ସମାଜର ସବୁ କ୍ଷେତ୍ରରେ ଆଗ ଧାଡିରେ ବସିବା ଦ୍ୱାରା ସମ୍ମାନ ଓ

ISSN NO.
2582-208X

ଐଶ୍ୱର୍ଯ୍ୟ ପ୍ରାପ୍ତ ହୁଏ ସତ, ମାତ୍ର ସେଥିପାଇଁ ଅନେକ ମୂଲ୍ୟ ଦେବାକୁ ପଡେ । ତା ସହିତ ଗୁରୁ ଦାୟିତ୍ୱ ଏବଂ କର୍ତ୍ତବ୍ୟ ବୋଧର ଚାପ ଆସି ପଡିଥାଏ ନିଜ ମୁଣ୍ଡ ଉପରେ । ଏ ସବୁ ଦେଖି ଶୁଣି ଅନୁଭବ କରି ବାଇ ମହାନ୍ତି ସବୁ ଜାତିର ସବୁ ବର୍ଗର ଡେଙ୍ଗା ମାନଙ୍କୁ ସତର୍କ କରାଇ ଦିଅନ୍ତି, "ଆଗ ପଛ ଉଚ୍ଚା ନିଚା ଓ ଯୋଗ୍ୟ ଅଯୋଗ୍ୟଙ୍କୁ ଦେଖି ମିଶାଣ ଫେଡାଣ ଗୁଣନ ହରଣ କରି ଆତ୍ମୀୟ ପରିଜନ ଓ ନିଜ ଚାରିପାଖ ଝୁଲାରେ ରଖିଦିଅ ଧନ ସମ୍ପତ୍ତି ନାମକ ସେବା, ନଚେତ କେତେବେଳେ ଅନାହୁତ ଠେଙ୍ଗାଟେ ଆସି ମୁଣ୍ଡରେ ପଡିବ ତାର ଇୟତ୍ତା ନାହିଁ । ସେଠି କୃତଜ୍ଞ ଓ କୃତଘ୍ନ ଦଳ ଏକତ୍ର ଗୋଟାଏ ନାଆରେ ବସିଥିବେ, ଆଉ ତୁମେ ଲହୁଲୁହାଣ ହୋଇ ବିଧାତାଙ୍କ ଠାରୁ ଅପେକ୍ଷା କରୁଥିବ-କିଛି ଗୋଟାଏ ସଂଗଠିତ ହେଉ !"

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ସମୟ ସୁଅରେ
# ବାପା



ସୁସ୍ମିତା ମହାପାତ୍ର

କେବେ ଛାତିରେ ଜାବୁଡ଼ି ଧରି ବାପା ମୋତେ ଗେଲ କରିବା ମନେ ପଡୁନି,
କେବେ ଖୁସିରେ ଖେଳଣାଟେ ଉପହାର ଦେବା ବି ମନେ ପଡୁନି,
ପରୀକ୍ଷା ଫଳ ବାହାରିଲେ, ସତେ ଯେମିତି ତାଙ୍କୁ କିଛି ଫରକ ପଡ଼େନି,
ଆମ ଦେହ ପା' ଭଲମନ୍ଦ କେବେ କିଛି ବି ଜଣା ପଡ଼େନି ।
ବୋଉ ଆମର ରଗଡ଼ି ହେଉଥାଏ, ଚିପୁଡ଼ି ହେଉଥାଏ,
ଯୌଥ ପରିବାରରେ ଦେଢଗଣ୍ଡା ପିଲାଙ୍କୁ ନେଇ ସନ୍ତୁଳି ହେଉଥାଏ,
ତଥାପି ପାଟି ଫିଟାଏନି କି କୌଣସି ପ୍ରତିବାଦ ବି କରେନି ।
ମୁଁ କିନ୍ତୁ କୁହୁଳୁ ଥାଏ ନିଜ ଭିତରେ, ବିଦ୍ରୋହୀ ସାଜୁଥାଏ ପ୍ରତିକ୍ଷଣ,
କାହିଁକି ଯେ ଏତେ ଡର କରିବାକୁ 'ବାପା' ଉଚ୍ଚାରଣ ?
ବୋଉ ସହ ତର୍କ ହୁଏ, ରାତି ରାତି ଓପାସ ଶୁଏ,
ସେ କାନ୍ଦେ, ମୋତେ ବାଧେ
ଅଧରାତିରେ ମାନିଯାଏ,
ସୁନାଝିଅ ପରି ପେଟେ ଖାଇ ପୁଣି ତା' ପେଟତଳେ ଶୋଇଯାଏ ।
କିନ୍ତୁ କମି ନଥାଏ କୋହ, ଦବି ନଥାଏ ଦ୍ରୋହ,
ଧୀରେ ଧୀରେ ମୁଣ୍ଡ ଟେକୁଥାଏ ଏକ ନୀରବ ଯୁଦ୍ଧ ମୋ ଭିତରେ ।

ISSN NO.
2582-208X

ସେ ବାଧ୍ୟ କରେ ହିସାବ ମାଗିବାକୁ ମୋ ନଷ୍ଟ ଅତୀତର,
ପରିଣାମରେ ପଘା ପଡ଼େ ବେକରେ କେଉଁ ଅଚିହ୍ନା ପୁରୁଷର ।

ଆଉ ତା' ପରେ ଅଚାନକ ପ୍ରଳୟ ଆସେ ବାପାଙ୍କ ତିଆରି ପୃଥିବୀରେ,
ପଥର ପାଲଟି ଯାଆନ୍ତି ସେ କ୍ରୁର ସମୟର ତୀବ୍ର ତାଡ଼ନାରେ ।
ମୁଁ ମରି ମରି ଜିଉଁଥାଏ ସେ ଜିଇଁ ଜିଇଁ ମରୁଥାନ୍ତି,
ମୁଁ ସାଲିସ୍ କରେ ସେ ସଂଗ୍ରାମ କରନ୍ତି ।
କ୍ରମେ କ୍ଷୀଣ ହୁଏ ସେଇ ପଥରର ଚିକ୍କଣ ଦେହ,
ପିଟିହେଇ କେଉଁ ଅଦିନ ଉଦ୍ଧତ ଢେଉରେ,
ଆଉ ହଠାତ୍ ଦିନେ ଲୀନ ହୋଇଯାଏ ଶୂନ୍ୟରେ, ଆଖି ସାମ୍ନାରେ ।
ଆପଣାଛାଏଁ ମୋ ଦେହରୁ ହଟିଯାଏ ବାପଘରର ବଳ, ସେଇ ଟାଣପଣ,
ତାଙ୍କ ଅବର୍ତ୍ତମାନରେ ଅନୁଭୂତ ହୁଏ,
ସମାଜରେ ମୁଣ୍ଡଟେକି ଜିଇଁଥିବାର ସେଇ ସ୍ୱର୍ଣ୍ଣିମ ବେଳ ।
ଯେତେ ଯେତେ ଚିହ୍ନୁଥାଏ ମୁଁ ବାପାଙ୍କୁ,
ସେତେ ସେତେ ନିକଟତର ହେଉଥାଏ ବଳି ଚଢ଼ିବାର ନୃସଂଶ କ୍ଷଣ ॥

ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ,
ସେକ୍ଟର-6, ରାଉରକେଲା, ମୋ. - 7978449218

ISSN NO.
2582-208X

# ଜୀବନ ଧାରା



ଆଶୁତୋଷ ମେହେର

ପକ୍ଷୀର କାକଳି ନୀଳନଭ ଛାଇ ଭସା ବାଦଲର ଗୀତି,
କୁଳୁକୁଳୁ ନାଦ ପାହାଡି ଝର ସେ ସାଗରେ ମିଶିବା ପ୍ରୀତି ।
ପତର ପତରେ ସୁର ଝଙ୍କାର ସେ ଫୁଲ ପାଖୁଡାର ବାସ,
ଇନ୍ଦ୍ରଧନୁ ସମ ରଙ୍ଗ ବୁଣିଯାଏ କବିତା ରାଗିଣୀ ରାସ ।।

କୁଳବଧୂ ଲାଜ ସଂଜବତୀ ସିଏ ତୁଳସୀ ଚଉରା ମୂଳ,
ଆଞ୍ଜୁଳାଏ ଶବ୍ଦ ସରସ୍ୱତୀ ପାଦେ ପୁଷ୍ପାଞ୍ଜଳି ଦିଆ ଫୁଲ ।
ସରାଗର ରାସ ସ୍ୱପ୍ନ ପଦାବଳୀ ମନ ଆଲୋକିତ କରେ,
ପ୍ରୀତି ସରାଗରେ କବିତା ଯେ ହସେ ପ୍ରେମ ପୁଲକରେ ଭରେ ।।

ଦିବ୍ୟଭାବଧାରା ନିତ୍ୟରାସ ସିଏ ଜନ ମାନସର ଛବି,
ଦେବ ଦେବାଳୟ ମହକିତ କରେ ଶାଶ୍ୱତ ସେ ଅନୁଭବି ।।
ସ୍ୱପ୍ନ ସେ ସାକାର ସଦ୍ ଭାବନାରେ ଅଣୁ ପରମାଣୁ ଭେଦି,
ଅଭେଦ୍ୟ ନିଜେ ସେ ମିଳେନା ତ କାହିଁ କବିତାର ପ୍ରତିବାଦୀ ।।

ପୂରୁବ ପଶ୍ଚିମ ଉତ୍ତର ଦକ୍ଷିଣ ଚଉଦିଗେ ତା'ର ଘେରା,
ଆରମ୍ଭ ଅଜଣା ଶେଷ ଟା ଅଦେଖା କବିତା ଜୀବନ ଧାରା ।।

୫୪ ଆର୍ଯ୍ୟପଲ୍ଲୀ
କଟଛକ, ପଟିଆ, ଭୁବନେଶ୍ୱର ୭୫୧୦୨୪
ମୋ-୯୪୩୭୦୮୫୩୯୬

ISSN NO.
2582-208X

# ପବନ



ରଘୁନାଥ ତ୍ରିପାଠୀ

ନିରିମଳ ତାର ରଙ୍ଗ ଓ ଚରିତ୍ର
ଆଖିକୁ ରହେ ସେ ଅଦେଖା
ତା ବଳକୁ କେହି କଳି ନ ପାରଇ
ଚେହେରାଟି ତାର ଅଲେଖା ॥
କା'ର ପଟ ନେଇ କହେନି ପଦିଏ
ସାଜେନି କାହାର ରକ୍ଷକ
ତୁମ ବିପକ୍ଷରେ ବହିବ ଯେବେ ସେ
ବନିଯାଇପାରେ ଭକ୍ଷକ ॥
ପଞ୍ଚଭୂତରୁ ସେ ଏକ ଅଟେ ପରା
କିଏ ବା ତା ସାଥେ ଲଢ଼ିବ
ଏମିତିକା ଶିଙ୍ଘ ଅଛି ବା କାହାର
ଲଢ଼ିଲେ ନ ଭାଙ୍ଗି ରହିବ ॥
ଭାସିଗଲେ ପଛେ ଭାସିଯାଅ ତୁମେ
ରହେ ସେ ନିରବ ଦର୍ଶକ
ଲୁଚି ଛପି ଅବା ଉଚ୍ଛନ୍ନ ରାଗର
ଅଦୃଶ୍ୟ ସେ ବଂଶୀବାଦକ ॥
ନିଷ୍ଠୁର ମୁଦ୍ରାରେ ରାତାରାତି ପରା
ଧନୀକୁ କରେ ସେ ନିର୍ଦ୍ଧନ

ISSN NO.
2582-208X

ବହୁରୂପୀ ସିଏ ବହିଥାଏ କେବେ
ହୋଇ ମଉସୁମୀ ପବନ ॥
ଦୁଷ୍ଟପଣିଆ ତା ବଢେ ବଇଶାଖେ
ସରଜେ ସିକତା ବିଧୁର
ସୁମନ ସୁରଭି ଯୋଗାଏ ବସନ୍ତେ
ହୋଇ ସେ ମଳୟ ମଧୁର ॥
କେବେ ଘୂର୍ଣ୍ଣି ବାୟୁ କେବେ ପ୍ରଭଞ୍ଜନ
କେବେ ବି ଥରାଏ ଶୀତରେ
ବହିଆଣେ ସାଥେ ଶ୍ରାବଣର ଧାରା
ସେଥିପାଇଁ ଆମ ମିତରେ ॥
କହିପାର ତାକୁ ପୁରୁଷଟିଏ ବା
ନାରୀଟିଏ ମନେ ଭରସି
ବେଳେ ହୋଇଯାଇ ଖଣ୍ଡିଆଭୂତଟେ
ଲୁଟିନିଏ କୂପ ସରସୀ ॥
ଫୁଲ ପରା ଫୁଟେ ଫଳ କଷି ଧରେ
ତା ପାଇଁ ଝରଇ ବରଷା
ତା ପାଇଁ ଦେହରେ ରକତ ବହୁଛି
ଜୀବନକୁ କରେ ସରସା ॥
ମନେ କେତେ ଆମ ଦମ୍ଭ ଓ ଗରବ
ପୁରିଅଛି କେତେ ମାୟାରେ
ଆମ ଦେହେ ଭରିଅଛିଟି ଜୀବନ
କେବଳ ପବନ ଦୟାରେ ॥

ବାଲିସାହି, ମଧୁପାଟଣା,
କଟକ/8763343263

ISSN NO.
2582-208X

# ଝାଡ଼ଖଣ୍ଡରେ ଓଡ଼ିଆ ଲୋକ ସାହିତ୍ୟର ସ୍ୱରୂପ



ପ୍ରଫେସର ହରିହର ପ୍ରଧାନ


## ସାର ସଂକ୍ଷେପ

ସ୍ୱତନ୍ତ୍ର ଭାରତରେ ଭାଷାଭିତ୍ତିରେ ରାଜ୍ୟ ପୁନର୍ଗଠନର ଯେଉଁ ନିଷ୍ପତ୍ତି ଓ ଫଳାଫଳ ହୋଇଥିଲା, ତଦ୍ୱାରା ଭାଷାଭିତ୍ତିକ ରାଜ୍ୟଗୁଡ଼ିକରେ ସନ୍ତୁଷ୍ଟି ଅପେକ୍ଷା ଅସନ୍ତୋଷର ମାତ୍ରା ସମଧିକ। ପ୍ରତ୍ୟେକଟି ସଂବନ୍ଧିତ ରାଜ୍ୟ ସ୍ୱୀୟ ଭାଷାଭାଷୀ ଅଞ୍ଚଳ ହରେଇଥିବାର ଅଭିଯୋଗ ଆଣିଥାନ୍ତି। ସେହି ଅଭିଯୋଗଗୁଡ଼ିକ ଅନ୍ୟାନ୍ୟ ରାଜ୍ୟଗୁଡ଼ିକ ପାଇଁ ଅର୍ଦ୍ଧସତ୍ୟ କିମ୍ବା ଅସତ୍ୟ ହୋଇଥିଲେ ମଧ୍ୟ ଓଡ଼ିଶାପାଇଁ ଏକ ନିରାଟ ସତ୍ୟ। ପୂର୍ବ ଦିଗସ୍ଥ ସମୁଦ୍ରତଟ ବ୍ୟତୀତ ପଶ୍ଚିମ, ଦକ୍ଷିଣ ଓ ଉତ୍ତର ଦିଗରେ ଓଡ଼ିଶା ବହୁ ଓଡ଼ିଆ ଭାଷାଭାଷୀ ଅଂଚଳ ହରେଇଛି। ସେହି ଊନେଇଶଶହଛପନ ପରଠାରୁ ଅଦ୍ୟାବଧି ବିଭିନ୍ନ ସମୟରେ କିଛିକିଛି ଅଂଚଳରେ ଓଡ଼ିଶାସହ ଏକତ୍ରିତ ହୋବାର ଦାବୀ କିମ୍ବା ଓଡ଼ିଶା ଦ୍ୱାରା ହିଁ ଏକତ୍ରିକରଣର ଦାବୀଗୁଡ଼ିକ ବିଭିନ୍ନ କାରଣରୁ ଫଳପ୍ରସୂ ହୋଇପାରିନାହିଁ। ତେବେ ଏହି ଆଲୋଚନା ସେହି ଇଚ୍ଛାପୂର୍ତି ନହେବାର କାରଣ ଅନୁଧ୍ୟାନ ନିମନ୍ତେ ନୁହେଁ, ଯେକୌଣସି କାରଣରୁ ହେଉ ବର୍ତ୍ତମାନ ଓଡ଼ିଶାର ବାହାରେ ରହିଯାଇଥିବା ଅଞ୍ଚଳଗୁଡ଼ିକ ମଧ୍ୟରୁ ଗୋଟିଏ ଅଞ୍ଚଳ, 'ସିଂହଭୂମି'ରେ ଓଡ଼ଆ ଲୋକସାହିତ୍ୟର ସ୍ୱରୂପ ଓ ବୈଶିଷ୍ଟ୍ୟ ସଂପର୍କରେ ସମ୍ୟକ ସୂଚନା ଦେବାହିଁ ଏହି ଆଲୋଚନାର ଉଦ୍ଦେଶ୍ୟ।

ISSN NO.
2582-208X

ଶହେଚବିଶ ମାଇଲ୍ ଦୈର୍ଘ୍ୟ ଓ ଚଉରାଶି ମାଇଲ୍ ଦୈର୍ଘ୍ୟ ଓ ଚଉରାଶି ମାଇଲ୍ ପ୍ରସ୍ଥ ବିଶିଷ୍ଟ ଝାଡ଼ଖଣ୍ଡର ବର୍ତ୍ତମାନ ସିଂହଭୂମି ବା କୋହ୍ଲଣ କମିଶନରି ବହୁସଂଖ୍ୟକ ଓଡ଼ିଆ ଅଧ୍ୟୁଷିତ। ଏଠାକାର ଆଦିମ ଅଧିବାସୀ କୋହ୍ଲ, ମୁଣ୍ଡା ଓ ସାନ୍ତାଳ ବ୍ୟତୀତ ଓଡ଼ିଆ ହିଁ ହେଉଛି ଅଣଆଦିବାସୀ ଗୋଷ୍ଠୀର ସର୍ବବୃହତ ଜନସଂଖ୍ୟା। କୋହ୍ଲଣ କମିଶନରିର ଅନ୍ତର୍ଗତ ତିନୋଟି ଜିଲ୍ଲା ପୂର୍ବସିଂହଭୂମି, ପଶ୍ଚିମ ସିଂହଭୂମି ଏବଂ ଷଢ଼େଇକଳା-ଖରସୁଆଁ ବ୍ୟତୀତ କେବଳ ଝାଡ଼ଖଣ୍ଡରେ ରାଂଚୀ, ଲୋହରଦଗା, ଗୁମଲା, ସିମଡ଼େଗା ଓ ଧାନବାଦ ଆଦି ଜିଲ୍ଲା ଗୁଡ଼ିକରେ ମଧ୍ୟ ବହୁଦିନରୁ ରହିଆସୁଥିବା ଓଡ଼ିଆ ଦେଖାଯାଇଥାନ୍ତି। ପୁଣି ଝାଡ଼ଖଣ୍ଡ (ପୂର୍ବବର୍ତ୍ତୀ ବିହାର) ବ୍ୟତୀତ ମଧ୍ୟ ପଶ୍ଚିମବଙ୍ଗ, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶରେ ମଧ୍ୟ ବହୁ ଓଡ଼ିଆ ଅଂଚଳ ବିଚ୍ଛିନ୍ନାଞ୍ଚଳ ରୂପେ ରହିଯାଇଛି। ଏହି ଆଲୋଚନାରେ ଝାଡ଼ଖଣ୍ଡର ସିଂହଭୂମି ଅଞ୍ଚଳର ଲୋକସାହିତ୍ୟ କଥା ସମ୍ୟକ ଆଲୋଚିତ।

ସ୍କନ୍ଦପୁରାଣରେ ଉଲ୍ଲେଖ ଅଛି ଯେ,

"ନାନାଦ୍ରୁମ ଲତାକୀର୍ଣ୍ଣ ପର୍ବତୈସିଂଧୁଭୀରବୃତ୍ତଃ
ସଏସାଦେଶ ପ୍ରଭର ଉତ୍କଲାକ୍ଷୋ ଦ୍ୱିଜୋତ୍ତମାଃ
ରୂଷିକୁଲ୍ୟାଂ ସମାସଦ୍ୟ ଦକ୍ଷିଣୋ ଦଧିଗାମିନୀମ୍
ସୁବର୍ଣ୍ଣରେଖା ମହାନଦ୍ୟାମଧ୍ୟଦେଶ ପ୍ରତିଷ୍ଠିତ"।

ଏଠାରେ ମହାନଦୀ (ଛତିଶଗଡ଼) ଠାରୁ ସୁବର୍ଣ୍ଣରେଖା (ସିଂହଭୂମି) ଯାଏ ଉତ୍କଳର ସୀମାକଥା ସୂଚୀତ। ମହାକବି କାଳିଦାସ ମଧ୍ୟ ରଘୁବଂଶମ୍ ରେ, "ସତୀର୍ଥ୍ୱ କପିଶାଂ . . . ଉତ୍କଳାଦର୍ଶିତ ପଥଃ କଳିଂଗାଭିମୁଖୋ ଯଯୌ", ବୋଲି କହିଛନ୍ତି। ଏହି କପିଶା (କଂସାବତୀ / କାସାଇ) ବର୍ତମାନ ପଶ୍ଚିମବଙ୍ଗର ବାଙ୍କୁଡ଼ା, ମେଦିନପୁର ଆଦି ଓଡ଼ିଆ ଅଧ୍ୟୁଷିତ ଅଂଚଳରେହିଁ କବି ରାଧାନାଥ ମଧ୍ୟ, 'ମହାଯାତ୍ରା'ରେ ଉତ୍କଳର ସୀମା ପ୍ରସଙ୍ଗରେ, "ଉତ୍ତରେ କପିଶା" କହିଛନ୍ତି। ଏତେ ପ୍ରାଚୀନକାଳରୁ ଏହି ଅଂଚଳରେ ରହିଆସୁଥିବା ଓଡ଼ିଆମାନଙ୍କର ଏକ ନିଜସ୍ୱ ସାହିତ୍ୟିକ ଓ ସାଂସ୍କୃତିକ ପରମ୍ପରା ରହିଆସିଥିବା ସ୍ୱାଭାବିକ।

ISSN NO.
2582-208X

ତେଣୁ ସିଂହଭୂମି ପ୍ରବାହିତ। ଏଠାରେ ପାଳିତ ହେଉଥିବା 'କରମ ପର୍ବ' ଗୀତଗୁଡ଼ିକରେ ମଧ୍ୟ ଏହି କଂସାଇ ନଦୀର ସୂଚନା ଦେଖାଯାଇପାରେ।

"ଆଜତରେ କରମରାଜା ଘରେ ଦୁଆରେ
କାଲତରେ କରମରାଜା କାଁସନଦୀର ଧାରେ।"

ସିଂହଭୂମିରେ ପ୍ରଚଳିତ ସିଂହବଂଶର ଇତିହାସମୂଳକ କାହାଣୀଗୁଡ଼ିକରେ ମଧ୍ୟ ଉତ୍କଳର ଆରାଧ୍ୟ ଦେବ ଜଗନ୍ନାଥଙ୍କ ମହିମା ବିଶେଷ ଭାବେ ଆକୃଷ୍ଟ କରିଥିବାର ଦେଖାଯାଏ। ସିଂହଭୂମିର କିମ୍ବଦନ୍ତୀମୂଳକ ଇତିହାସ, 'ବଂଶପ୍ରଭା ଲେଖନ' ତାଳପତ୍ର ପୋଥି ମଧ୍ୟ ଓଡ଼ିଆରେ ଲିଖିତ। ଓଡ଼ିଆ ଅଧିବାସୀଙ୍କ ସଦୃଶ ଉପନାମଗୁଡ଼ିକ ସିଂହଭୂମିରେ ମଧ୍ୟ ବ୍ୟବହୃତ ହୁଏ। ଓଡ଼ିଶାରେ ପ୍ରଚଳିତ ଗଦାଧର ପଦ୍ଧତି ଅନୁସାରେ ହିଁ ସିଂହଭୂମିରେ ମଧ୍ୟ ଅନୁସୃତ ହୋଇଥାଏ। ଓଡ଼ିଶାର ଏକାନ୍ତ ନିଜସ୍ୱ 'ବୋଇତ ବନ୍ଦାଣ' ଓ ଆକାମାବୈ ଓଡ଼ିଶା ବାହାରେ ସିଂହଭୂମିରେ ହିଁ ସଠିକ ନିୟମ ଅନୁସାରେ ପାଳିତହୁଏ।

ଏଠିକାର ସଂସ୍କୃତି କେବଳ ନୁହେଁ, ଲୋକସାହିତ୍ୟ ଓ ବିଦଗ୍ଧ ସାହିତ୍ୟ ମଧ୍ୟ ସମ୍ୟକ ଭିନ୍ନତାସହ ସମ୍ପୂର୍ଣ୍ଣ ଓଡ଼ିଶୀ। ରାଜ୍ୟପୁନର୍ଗଠନର ଦୁଃଖଜନକ ନିଷ୍ପତ୍ତିସତ୍ତ୍ୱେ ସିଂହଭୂମିବାସୀ ନିଜ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଅନ୍ୟପ୍ରାନ୍ତ ତୁଳନାରେ ଯଥେଷ୍ଟ ପରିମାଣରେ ସଂରକ୍ଷିତ କରିବାରେ ସଫଳ ହୋଇପାରିଛନ୍ତି।

ଓଡ଼ିଆ ବିଭାଗ
କୋହ୍ଲଣ ବିଶ୍ୱବିଦ୍ୟାଳୟ, ସେବା, ଝାଡ଼ଖଣ୍ଡ

ISSN NO.
2582-208X

# ମୋ ଭାଷା



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ମୋ ଭାଷା
ମୋ ମାଆର ଭାଷା
ଠିକ୍ ମୋ ମାଆ ଭଳି ପ୍ରିୟ ସିଏ ମୋର
ମିଠା ମିଠା ସୁଗନ୍ଧରେ ଭରା
ମଧୁମୟ ମଧୁଝରା ଆବେଗର ପୂର୍ଣ୍ଣ
ତାର ଅବୟବ ପରା
ସୁନ୍ଦର୍ ସାବଲୀଳ ଶ୍ରୁତି ମଧୁର ଶବ୍ଦର
ସଜ ଫୁଲ ମାନଙ୍କରେ ଗୁନ୍ଥା ମାଳଟିଏ ପରା ।

ମୋ ଭାଷା
ମୋ ଭାବ ମୋ ଅନୁଭବ
ମୋ ହସ ମୋ ଲୁହ ମୋ ଭକ୍ତି
ମୋ ପ୍ରୀତିର ଇତି କଥା
ମୋ ଚିନ୍ତା ମୋ ଅନୁଚିନ୍ତାର
ବେଗଗାମୀ ନଦୀଟିଏ
ମୋ ସମ୍ପର୍କର ସେତୁଟିଏ
ମୋ ସଂସ୍କୃତି ମୋ ପରମ୍ପରା
ମୋ ଅସ୍ମିତାର ଛଳ ଛଳ ଗାଥା ।

ISSN NO.
2582-208X

ମୋ ଭାଷା
ସାରା ବିଶ୍ୱରେ ନିଆରା
ଲେଖିଛି ସେ ଭାଗବତ ରାମାୟଣ ଗୀତା
ଲେଖିଛି ସେ ବାଜି ରାଉତର ଦେଶ ପ୍ରେମ
ଲେଖିଛି ସେ ଏକଲବ୍ୟ ଆରୁଣୀର ଗୁରୁ ଭକ୍ତିର
ଚରମ ନିଦର୍ଶନ।।

ମୋ ଭାଷା
ମୋ ମାତୃଭୂମିର ଗାରିମା
ତା ସବୁଜ ବନାନୀ ତା ସୁନୀଳ ସାଗର
ତା ନିଘଞ୍ଚ ଜଙ୍ଗଲର ଅପୂର୍ବ ସୁଷମା
କବିର କବିତାରେ ରୁଦ୍ଧିମନ୍ତ
ହାସ୍ୟମୟୀ ଲାସ୍ୟମୟୀ ମନୋରମା

ମୋ ଭାଷା
ହେଉ ଦୀର୍ଘଜୀବି
ହେଉ ଚିରଞ୍ଜିବୀ
ଫୁଲ ବର୍ଷୁ ତା ଯାତ୍ରା ପଥରେ
କୋଇଲି କଣ୍ଠରେ ସେ ଗାଉ କୁହୁ କୁହୂ
ଶୀତଳ ଚନ୍ଦନ ପରି ଲେପି ହୋଇଯାଉ
ସବୁରି ପ୍ରାଣରେ
ମଳୟ ପବନ ପରି ବହିଯାଉ ମାତୃ ଭୂମିର
ଅଗଣାରେ, ସୂର୍ଯ୍ୟ ପରି ହେଉ ତେଜ ଦିପ୍ତ
ଛୁଇଁ ଯାଉ ଉନ୍ନତିର ଶିଖର
ଏହି ମୋର ଆଶା
ଏହି ମୋର ଅଭିଳାଷ।।

---

ISSN NO.
2582-208X

# କ୍ଷୁଧା



ଡକ୍ଟର ମନୋରଞ୍ଜନ ବିଷୋୟୀ

ସାଗରର ନୀଳ ଢେଉ କ୍ଷୁଧା ନାଶିବାକୁ
ମଥାପିଟେ ବେଳାଭୂମିପରେ
ଚୂନା ଚୂନା କୁନ୍ତଳକୁ ନେଇ
ଫେରିଯାଏ ଘନ ଆହ୍ଲାଦରେ ।
ସୁନୀଳ ଅମ୍ବର ଉପରେ
ତପନ ତରଙ୍ଗ
ଶଶାଙ୍କ ଏବଂ ତାରାପୁଞ୍ଜଙ୍କର
କ୍ଷୁଧାରତ ଆଦି ଅନ୍ତ ନାହିଁ ।
ପ୍ରତ୍ୟେହ ସନ୍ଧ୍ୟାରେ ଆସି
ଫେରିଯିବା ଅନ୍ୟଥା ନୁହଁଇ ।
ସମୀର ଖେଳାଇ ଦିଏ
କୁସୁମର ହସ
ତା' ବକ୍ଷର କରାଳ ଗର୍ଭରେ
ଲୀନ ହୁଏ ଯେତକ ପ୍ରକୃତି
ତଥାପି ତା ସର୍ବଗ୍ରାସୀ କ୍ଷୁଧା
ଏ ପର୍ଯ୍ୟନ୍ତ ଶାନ୍ତ ହୋଇନାହିଁ ।
କିନ୍ତୁ ଧର୍ମ ନାମେ ବ୍ୟାପକ କ୍ଷୁଧାକୁ
ଈଶ୍ୱରଙ୍କ ଦୟା ଓ ପ୍ରେମକୁ
ପାଇବାର ଆକୁଳତା ନେଇ

ISSN NO.
2582-208X

ଯେଉଁ କ୍ଷୁଧା ସୃଷ୍ଟି ହୋଇଥାଏ
ସେ' ତ କେବେ ନଇଁ ଯାଇନାହିଁ ।
ତାହାରି ପ୍ରକୋପେ
ସୃଷ୍ଟି ହୁଏ ଅନେକ ତାଣ୍ଡବ
ସେ କ୍ଷୁଧାର ଯଜ୍ଞବେଦୀରୁ
ଅନେକ ହୁଅନ୍ତି ସୃଷ୍ଟ
ବିବେକା ଓ ରାମକୃଷ୍ଣ
ତୁଳସୀ ଓ ଚୈତନ୍ୟ ପର୍ଯ୍ୟନ୍ତ ।
ସେ କ୍ଷୁଧାର ଆଦି ଅନ୍ତ ନାହିଁ
ତା'ପାଦେ ପ୍ରଣତି ବାଢ଼େ
ଏ ସୃଷ୍ଟିର ସୃଷ୍ଟିକର୍ତ୍ତା
ନିଜ ମଥାକୁ ନୁଆଁଇ ।

ଦାମୋଦରପୁର, ଗଂଜାମ
ମୋ:୮୮୯୫୧୪୧୭୭୭

ISSN NO.
2582-208X

# କି ନାମେ ଡ଼ାକିବି



ମନ୍ଦାକିନୀ ପାଢ଼ୀ

କାୟା ଛାୟା ପରି ସ୍ୱଚ୍ଛ ଓ ନର୍ମଳ
ଅଟେ ଆମର ସଂପର୍କ
ବିଶ୍ୱାସର ନରବଧି ସ୍ପନ୍ଦନରେ
ସୁନ୍ଦର ସେହି କଂପନ ।।

ତୁମ ନେତ୍ରଯୁଗଳରେ ଟଳଟଳ
ହେଉଥିବା ଲୁହ ଟୋପା
ତୁମକୁ କ ନାମେ ଡ଼ାକବି ଯେ କୁହ
ହୋଇଯିବି ପ୍ରୀତିପଦ୍ମା ।।

ଦୂରେଇ ଯିବ ତୁମ ଦୁଃଖ ବିଷାଦ
ବୁଣିବି ପ୍ରେମ ମୁରୁଜ
ବାଢ଼ିଦେବି ପୂର୍ଣ୍ଣକୁମ୍ଭ ବିଶ୍ୱାସର
ଶାଶ୍ୱତ ଅଟେ ଯେ ପ୍ରେମ ।

ସେ ଡ଼ାକରେ ନଥର ଆତ୍ମାରେ ଯେ
ପାଇତୃପ୍ତି ଲଭଇ ପ୍ରୀତ
ତୁମେ ଲହଡ଼ି ଭାଙ୍ଗୁଥିବା ସମୁଦ୍ର
ମୁଁ ଛୋଟ ଲହଡ଼ି ମାତ୍ର ।।

ISSN NO.
2582-208X

ଭବରେ ଭବରେ ବନ୍ଧାଥିବା ସାଥି
ଦୁହେଁ ଦୁହିଁଙ୍କ ଅନୁଭବ
ଅର୍ପିତା ଚନ୍ଦ୍ର ପ୍ରତିମା ଟିଏ ପରି
ସମର୍ପିତା ତୁମପାଖର ।।

ଇପ୍ସିତ ଚରମ ମୁହୂର୍ତ୍ତକୁ ପାଇଯାଏ
ସଦା ତୁମ ପରଶରେ
ମନ ଦିଆନଆ ଋତୁଟେ ଆସିଯାଏ
ତୁମ ସ୍ନେହ ଓ ପ୍ରୀତିରେ ।।

ବିସ୍ମୟ ପୃଥିବୀରେ ଋତୁକର ଯେ
ଲେଉଟାଇବ ତାଦିନର
ନଶ୍ଚିତ କହିବ କ'ନାମେ ଡ଼ାକବି
କେ ଥିଲା କାହା ମନର ।।

ଅଧ୍ୟାପିକା, ରାଜନୀତି ବିଜ୍ଞାନ
ପଦ୍ମପୁର, ବରଗଡ଼

ISSN NO.
2582-208X

# ଜଗନ୍ନାଥ ସଂସ୍କୃତି ଏକ ଅନନ୍ୟ ସଂସ୍କୃତି



ଭାରତୀ ମୁଦୁଲି

ଶ୍ରୀକ୍ଷେତ୍ର ପୁରୀର ଜଗନ୍ନାଥ ମନ୍ଦିର ହେଉଛି ଏକ ପବିତ୍ର ମନ୍ଦିର ଯେଉଁଠି ନିଜେ ପ୍ରଭୁ ବଡ଼ ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ବିରାଜମାନ । ମହାବାହୁ ଜଗନ୍ନାଥଙ୍କୁ ହିନ୍ଦୁମାନେ ଭଗବାନ ବିଷ୍ଣୁଙ୍କର ଏକ ରୂପ ବୋଲି ବିବେଚନା କରନ୍ତି। ଏଠାରେ ଭଗବାନ କୃଷ୍ଣଙ୍କୁ ଭଗବାନ ଜଗନ୍ନାଥ ଭାବରେ ପୂଜା କରାଯାଏ। ମନ୍ଦିର ସହିତ ଜଡିତ ଅନେକ ଅଜ୍ଞାତ ରହସ୍ୟ ଅଛି, ଯେପରିକି ପତାକାର ଦିଗ, କାଠ ମୂର୍ତ୍ତି, ଛାଇର ଅନୁପସ୍ଥିତି, ମହାପ୍ରସାଦ ଭଗବାନ ଜଗନ୍ନାଥଙ୍କୁ ସେବା କରିଥିଲେ, ଜୁଆରର ଶବ୍ଦ ଇତ୍ୟାଦି। ପୁରୀ ବିଶ୍ୱ ପ୍ରସିଦ୍ଧ ଶ୍ରୀ ଜଗନ୍ନାଥ ମନ୍ଦିର ଏବଂ ଦୀର୍ଘତମ ଗୋଲଡେନ୍ ବିଚ୍ ପାଇଁ ପ୍ରସିଦ୍ଧ । ଏହା ଭାରତର ଚାରୋଟି ଧାମ ଯଥା ପୁରୀ, ଦ୍ୱାରିକା, ବଦ୍ରିନାଥ ଏବଂ ରାମେଶ୍ୱର ଧାମ ମଧ୍ୟରୁ ଅନ୍ୟତମ । ଜଗନ୍ନାଥଙ୍କୁ ସ୍ୱର୍ଗ, ପୃଥିବୀ ଏବଂ ପାତାଳ ଆଦି ତିନୋଟି ଜଗତର ପ୍ରଭୁ କୁହାଯାଏ । ମନ୍ଦିରର ମୁଖ୍ୟ ଦେବତା ଜଗନ୍ନାଥଙ୍କର ଏକ କାଠ ପ୍ରତିମା, ଯାହାକି ୧୦୦୦ ବର୍ଷରୁ ଅଧିକ ପୁରୁଣା ବୋଲି କୁହାଯାଏ । ଭଗବାନ ଜଗନ୍ନାଥଙ୍କ ବଡ଼ ଆଖି ଏକ ସ୍ମାରକ ଅଟେ ଯେ ସେ ସର୍ବଦା ନିଜ ଭକ୍ତଙ୍କ ଉପରେ ନଜର ରଖନ୍ତି, ସେମାନଙ୍କୁ ଆଧ୍ୟାତ୍ମିକ ଯାତ୍ରାରେ ମାର୍ଗଦର୍ଶନ କରନ୍ତି ଏବଂ ସେମାନଙ୍କ ଉପରେ ତାଙ୍କର ସର୍ତ୍ତମୂଳକ ପ୍ରେମ ପ୍ରଦାନ କରନ୍ତି ।

ହିନ୍ଦୁ ପୁରାଣରେ ଜଗନ୍ନାଥଙ୍କୁ ଭଗବାନ ବିଷ୍ଣୁଙ୍କର ଅବତାର ଭାବରେ ବିବେଚନା କରାଯାଏ। ଜଗନ୍ନାଥ ମନ୍ଦିରର ଶୀର୍ଷରେ ଥିବା ପତାକା ପବନ ବିପକ୍ଷରେ ଉଡିଥାଏ।

ISSN NO.
2582-208X

ଏହା ଇଶ୍ୱରଙ୍କ ଚମତ୍କାରିତା ବୋଲି ବିବେଚନା କରାଯାଏ । ଭଗବାନ ଜଗନ୍ନାଥଙ୍କୁ ହିନ୍ଦୁ ଧର୍ମର ସବୁଠାରୁ ଶକ୍ତିଶାଳୀ ତଥା ଲୋକପ୍ରିୟ ଦେବତା ଭାବରେ ବିବେଚନା କରାଯାଏ। ଏହା ଏକ ଅବିସ୍ମରଣୀୟ ସତ୍ୟ ଯେ ଜଗନ୍ନାଥଙ୍କ ଧର୍ମ ହିନ୍ଦୁମାନଙ୍କର ଧାର୍ମିକ ଜୀବନରେ ଅନ୍ତର୍ଭୁକ୍ତ ହୋଇଥିଲା ଏବଂ ଏଥିରେ ବହୁ ଧର୍ମ ଏବଂ ସମ୍ପ୍ରଦାୟର ଚିହ୍ନ ରହିଛି।

ଗଙ୍ଗ ରାଜବଂଶର ଶାସକ ଦ୍ୱାରା ଓଡ଼ିଶାରେ ନିର୍ମିତ ପ୍ରସିଦ୍ଧ ସ୍ମାରକୀ ମଧ୍ୟରୁ ଜଗନ୍ନାଥ ପୁରୀ ମନ୍ଦିର। ଜଗନ୍ନାଥ ଧର୍ମ ହିନ୍ଦୁ ଧର୍ମ, ବୌଦ୍ଧ ଧର୍ମ ଏବଂ ଜୈନ ଧର୍ମ ସହିତ ଆଦିବାସୀ ଧାର୍ମିକ ପ୍ରଥାକୁ ଏକତ୍ର କରି ସର୍ବଭାରତୀୟ ଭାଇଚାରାର ପ୍ରତୀକ ଭାବେ ଦର୍ଶାଇଥାଏ  ଏବଂ କେତେକ ଧାର୍ମିକ ତଥା ସାମାଜିକ ବିଶ୍ଳେଷଣକାରୀଙ୍କ ମତାନୁଯାୟୀ ମନ୍ଦିରର ମୂଖ୍ୟ ଦେବତା ଜଗନ୍ନାଥ କୃଷ୍ଣ, ତାଙ୍କ ବଡ଼ ଭାଇ ବଳଭଦ୍ର ଧଳା ଏବଂ ସାନ ଭଉଣୀ ସୁଭଦ୍ରା ହଳଦିଆ ରଙ୍ଗକୁ ପ୍ରତିନିଧିତ୍ୱ କରନ୍ତି । ସେମାନେ ମାନବିକତାର ତିନୋଟି ପ୍ରମୁଖ ଜାତିକୁ ଚିତ୍ରଣ କରିଛନ୍ତି । ଏଥିରୁ ଏହାହିଁ ପ୍ରମାଣ ହୁଏ ଯେ ଜଗନ୍ନାଥ ସଂସ୍କୃତି ହେଉଛି ସାର୍ବଜନୀନ ସସ୍କୃତି। ଏକତା, ସମାନତା ଓ ବିଶ୍ୱଭ୍ରାତୃତ୍ୱ ଏହାର ପରମ ଲକ୍ଷ୍ୟ । ଏହି ବର୍ଣ୍ଣ ହେଉଛି ପ୍ରତୀକାତ୍ମକ, ଯାହା ସମଗ୍ର ବିଶ୍ୱବାସୀଙ୍କ ନିକଟରେ ସାମ୍ୟ, ମୈତ୍ରୀ ଓ ଭ୍ରାତୃତ୍ୱ ପ୍ରତିଷ୍ଠା କରି ଆସୁଅଛି। ଏହି ପୁରୋଦୃଷ୍ଟିରେ ଜଗନ୍ନାଥ ସଂସ୍କୃତି କେବଳ ଜନହିତୈଷୀ ସଂସ୍କୃତି ନୁହେଁ, ବିଶ୍ୱହିତୈଷୀ ସଂସ୍କୃତି ବୋଲି କହିପାରିବା।

ଜଗନ୍ନାଥଙ୍କ ଉପାସନା ଆଧ୍ୟାତ୍ମିକ ଶାନ୍ତି, ସାମାଜିକ ସୌହାର୍ଦ୍ଦ୍ୟ ଏବଂ ସାର୍ବଜନୀନତା ନିମନ୍ତେ ମାନବିକତା ପାଇଁ ଏକ ଉପହାର ଭାବରେ ବିବେଚନା କରାଯାଏ । ଏହି ଜଗନ୍ନାଥ ସଂସ୍କୃତି ଧାର୍ମିକ ପରମ୍ପରାକୁ ପୁନର୍ଜୀବିତ କରିପାରିଛି । ଓଡ଼ିଶାର ପୁରୀ ହେଉଛି ଭାରତର ପ୍ରସିଦ୍ଧ 'ଚାରି ଧାମ' ମଧ୍ୟରୁ ଅନ୍ୟତମ।  ଏକ ପ୍ରସିଦ୍ଧ ଧାର୍ମିକ ପରମ୍ପରା ଭାବରେ ଏହି ସ୍ଥାନର ବିକାଶ ମଧ୍ୟଯୁଗୀୟ ଭାରତୀୟ ଇତିହାସରେ ଧାର୍ମିକ ସଂସ୍କୃତି କିପରି ବିକଶିତ ହେଲା ତାହାର ଏକ ଉତ୍ତମ ଉଦାହରଣ । ଜଗନ୍ନାଥ ଧର୍ମ ବିଭିନ୍ନ ଧାର୍ମିକ ବିଶ୍ୱାସ ସହିତ ଜଡିତ। ଯେପରିକି ହିନ୍ଦୁ ଧର୍ମ, ଜୈନ ଧର୍ମ ଏବଂ ଭକ୍ତି ଆନ୍ଦୋଳନ ଇତ୍ୟାଦି ସହିତ ଶ୍ରୀମନ୍ଦିରର ଉତ୍ପତ୍ତି ସହିତ ଜଡିତ ଅନେକ କିମ୍ବଦନ୍ତୀ ମଧ୍ୟ ରହିଛି। ଏହା ମଧ୍ୟ ଧାର୍ମିକ ପରମ୍ପରାର ତଥା ସଂସ୍କାରର ପ୍ରତୀକ ଅଟେ, ଯାହା ବୈଦିକ ଯୁଗରେ ଉପର

ISSN NO.
2582-208X

ଜାତିର ଲୋକଙ୍କ ନିକଟରେ ଉପଲବ୍ଧ ଥିଲା ।ଏହି ପ୍ରତିବନ୍ଧକଗୁଡିକ ହଟାଗଲା ଏବଂ ସମାଜରେ ଧର୍ମ ସମସ୍ତଙ୍କ ପାଇଁ ଉପଲବ୍ଧ ହେଲା ।ତେଣୁ ଜଗନ୍ନାଥଙ୍କ ଉପାସନାକୁ 'ଗଣ ଧର୍ମ' ମଧ୍ୟ କୁହାଯାଏ ଯାହାର ଅର୍ଥ ହେଉଛି ଜନତାଙ୍କ ଧର୍ମ। ଜଗନ୍ନାଥ ହେଉଛନ୍ତି ଜାତି, ଧର୍ମ, ବର୍ଣ୍ଣ, ଶ୍ରେଣୀ ନିର୍ବିଶେଷରେ ସମସ୍ତଙ୍କର ଦେବତା ।

ବାସ୍ତବିକ ଭଗବାନ ଜଗନ୍ନାଥଙ୍କ ଏହି ଉପାସନା ମୁଖ୍ୟତଃ ପ୍ରେମ ଏବଂ ସ୍ନେହ, ସେବା ଏବଂ ବଳିଦାନ ଉପରେ ଆଧାରିତ ଏବଂ ସମାଜରେ ସମାନତାକୁ ଦର୍ଶାଏ । ଭଗବାନ ଜଗନ୍ନାଥଙ୍କ ଉପାସନା ଓଡ଼ିଶାରେ ଘରେ ଘରେ ପରିଚିତ । ପ୍ରାଚୀନ ଓଡ଼ିଶାରେ ବହୁ ଧାର୍ମିକ ବିଶ୍ୱାସ ଭାବେ ଆସିଥିଲା- ହିନ୍ଦୁ ଧର୍ମ, ଜୈନ ଧର୍ମ, ବୌଦ୍ଧ ଧର୍ମ ମାତ୍ର ସବୁ ଧର୍ମ ଏକାକାର ହୋଇ ଯାଇଛି ଏହି ଜଗନ୍ନାଥ ଧର୍ମ ତଥା ସଂସ୍କୃତି ମଧ୍ୟରେ। ତେଣୁ ଜଗନ୍ନାଥ ଧର୍ମ ତଥା ସଂସ୍କୃତିଏକ ଅନନ୍ୟ ସଂସ୍କୃତି ।

ଗବେଷିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

ବେଦାନ୍ତି

# ଜଙ୍ଗଲ ମହୋତ୍ସବ

ରାଗ:- ବଙ୍ଗଳା ଶ୍ରୀ



ଅଜିତ କୁମାର ରାଉତ

ମହୋତ୍ସବ ବନ୍ଧୁ ଆଦରେ ପାଳିବା
ଜଙ୍ଗଲ ରକ୍ଷା କରିବା
ଜଙ୍ଗଲ ଅଟେ ଟି କେତେ ଉପଯୋଗୀ
ମହତ୍ତ୍ୱ ତାର ବୁଝିବା !! ଜଙ୍ଗଲ ରକ୍ଷା କରିବା !!
ମହୋତ୍ସବେ ଆମେ ଗଛ ଲଗେଇବା
କରିବ ନିରୋଗ ଏହୁ
ବଢ଼ିବ ଜଙ୍ଗଲ ଦେବ ଅମ୍ଳଜାନ
ଖୁସି ହୋଇବାରେ ବହୁ !! ଜଙ୍ଗଲେ ସୁରକ୍ଷା ଏହୁ !!
ଫୁଲ ପୁଷ୍ପ ଗନ୍ଧେ ସୁଗନ୍ଧିତ ଧରା
ଚହଟି ଉଠିବ ପୁଣି
ନ କାଟିବା ଗଛ ଗଛ ଲଗେଇବା
ନିଜ ନିଜ ଶକ୍ତି ଜାଣି !! କର୍ତ୍ତବ୍ୟର ଏହୁ ବାଣୀ !!
ଆସ ଜ୍ଞାନୀ ଜନ ପରା ମହୋତ୍ସବ
କର ସୁରକ୍ଷା ଜଙ୍ଗଲ
କରିଲେ ସୁରକ୍ଷା ନିରୋଗ ରହିବା
ଅଟେପରା ଏ ନିର୍ମାଲ୍ୟ !! ସୁରକ୍ଷା ଅଟେ ଅମୂଲ୍ !!

ସଭାପତି, ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ ଜିଲ୍ଲା
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ/ମୋ:- ୬୨୦୫୩୪୩୫୬୯

ISSN NO.
2582-208X

# ଅସମାହିତ



ଡଃ. କଶୋର ମହାନ୍ତୁ


ଅଦୃଶ୍ୟ
ଛାୟା.. ଅଦୂରେ
ସ୍ମୃତି
ଅତୀତ
ଆଲୋକିତ ଅନ୍ଧାର
ମୁଁ, ତୁମେ, ସେମାନେ
ପରାହତ, ପରାସ୍ତ
ଲହୁ ଲୁହାଣ
ଢାଲ, ତରବାରୀ, ଶୀରସ୍ତ୍ରାଣ
ସିଂହାସନ,
ସତ୍ତା, ଶକ୍ତି ମୋହାନ୍ଧ ଧୃତରାଷ୍ଟ୍ର
ତୋପାଏ ସ୍ୱପ୍ନ
ଶୂନ୍ୟ.. ମହାଶୂନ୍ୟ

ମହାସଂଗ୍ରାମର ଇତିବୃତ୍ତ
ପାଞ୍ଚ ଜନ୍ୟ
କୁରୁକ୍ଷେତ୍ର
ସବୁ ସମାହିତ ଏଠି, ସେଠି ସବୁଠି
ଆତଙ୍କ / ଭୁତାଣୁ / ଭୋକ
ସଂଗ୍ରାମ ଅବିରତ
ସ୍ୱୟଂ ର ଅଭିବ୍ୟକ୍ତି
ଚକ୍ରବ୍ୟୂହ ଖାଲି ଚକ୍ର ବ୍ୟୂହ..

ସି.ଡି.ଏ.

ISSN NO.
2582-208X

# ଡ଼କ୍ଟର ଶୁଭେନ୍ଦୁ ମୋହନ
# ଶ୍ରୀ ଚନ୍ଦନ ସିଂ ସ୍ମରଣେ



ଡ଼କ୍ଟର ସୀମାଞ୍ଚଳ ପ୍ରଧାନ

ଅଣିଶ ତେତିଶି ଅଗଷ୍ଟ ଛଅରେ
ଆଠମଲ୍ଲିକ ମାଟିରେ
ଜୟକୃଷ୍ଣ, ମନୋରମା ଦେବୀଙ୍କର
ବଢ଼ିଥିଲ ଯତନରେ ।

ରେଢ଼ାଖୋଲ ଯାଇ ଉଚ୍ଚ ବିଦ୍ୟାଳୟେ
ଶିକ୍ଷକତା କରିଥିଲ
ସବୁରି ମୁହଁରେ ତୁମରି ପ୍ରଶଂସା-
ବାଣୀ ତୁମେ ଶୁଣିଥିଲ ।

ଛଅ ବର୍ଷ ବୟସରୁ ଶ୍ରୀ ଚନ୍ଦନ
ତୁମେ ଲେଖା ଲେଖି କଲ
ସମଗ୍ର ଓଡ଼ିଶା ରାଇଜକୁ ତୁମେ
ସତରେ ଧନ୍ୟ କରିଲ ।

ଦି ହଜାର ତେର ମସିହାରେ ତୁମେ
ସାହିତ୍ୟ ଏକାଡ଼େମୀରୁ

ISSN NO.
2582-208X

ପୁରସ୍କାର ପାଇ ଆନନ୍ଦିତ ହୋଇ
ହୋଇଲ ସାହିତ୍ୟେ ଗୁରୁ ।

ଅଣିଶ ସତର  ମସିହାରେ ତୁମେ
ବାଲ୍ ପୁରସ୍କାର ପାଇ
ବଡ଼ ଶରଧାରେ ଗ୍ରହଣ କରିଲ
ନୂଆଦିଲ୍ଲୀ ଠାକୁ ଯାଇ ।

ଏକଶ ସତର ଗ୍ରନ୍ଥ ଲେଖିଥିଲ
ତୁମେ ଶୁଭେନ୍ଦୁ ମୋହନ
ସେହି ଗ୍ରନ୍ଥ ସବୁ ସାରା ରାଇଜରେ
ହୋଇଲା ଅତି ମହାନ ।

ବଡ଼ ପୁଅ ପାଖେ ନାଗପୁରେ ରହି
ତୁମେ ଆଖି ବୁଜି ଦେଲ
ତୁମ ମୃତ୍ୟୁ ଦେଖି ଲୁହ ଗଡାଇଲେ
ତୁମରି ସ୍ତିରୀ କେବଳ ।

***

ନଗମ ନଗର-୩ୟ ଗଳ
ଆଙ୍କୁଲି, ବ୍ରହ୍ମପୁର -୧୦
ମୋ: ୭୩୭୨୯୯୪୫୪୫

ISSN NO.
2582-208X

# ପ୍ରତିଭା ରାୟଙ୍କ ଉପନ୍ୟାସରେ ନାରୀ



ବିରଜଲକ୍ଷ୍ମୀ ସାହୁ

ନାରୀ ଉପନ୍ୟାସିକା ପ୍ରତିଭା ରାୟଙ୍କ ଉପନ୍ୟାସରେ ମୁଖ୍ୟତଃ ନାରୀ ଅସ୍ତିତ୍ୱବାଦର ଭୂମିକା ବର୍ଣ୍ଣିତ ହୋଇଛି । ନାରୀର ଅନ୍ତର୍ନିହିତ ମାନସିକ ସ୍ଥିତି, ମନୋବେଦନା ଓ ସମାଜରେ ପୁରୁଷ ପରି ଜଣେ ହୋଇ ଠିଆ ହେବାର ପ୍ରଚେଷ୍ଟାକୁ ଉପନ୍ୟାସରେ ଉପସ୍ଥାପନା କରିବାରଏ ପ୍ରତିଭା ରାୟ ଯତ୍ନଶୀଳ ହୋଇଛନ୍ତି ।

ପୁରାଣ କାଳରୁ ଅଦ୍ୟାବଧି ସବୁ କ୍ଷେତ୍ରରେ ଆମେ ନାରୀର ଅବହେଳିତ ଅବସ୍ଥାକୁ ଦେଖି ଆସୁଛୁ । ପୁରାଣ ହେଉ କିମ୍ବା ଇତିହାସ ଅବା ପ୍ରଚଳିତ ସମାଜରେ ନାରୀ ପୁରୁଷ ଠାରୁ ନିମ୍ନ ଭାବରେ ଗଣ୍ୟ ହୋଇଛି ଓ ଅବହେଳିତ ହୋଇଛି । ସମୟର ପରିବର୍ତ୍ତନ ଅନୁସାରେ ନାରୀ ନିଜର ଅଧିକାର ପାଇଁ ସଂଗ୍ରାମ କରିଛି ଏବଂ ଏହି ସଂଗ୍ରାମରେ ଅନେକ ନାରୀ ଲେଖିକା ତାଙ୍କ ଲେଖନୀରେ ଯୋଗଦାନ କରି ଆସିଛନ୍ତି । ପ୍ରତିଭା ରାୟ ଙ୍କ ଅନେକ ଉପନ୍ୟାସ ହେଉଛି ନାରୀ ମୁଖ୍ୟ ଚରିତ୍ର ଯୁକ୍ତ । ପ୍ରାୟତଃ ଉପନ୍ୟାସରେ ନାରୀ ସମାଜ ସହିତ ସଂଗ୍ରାମ କରିଛି ଓ ନିଜକୁ ଠିଆ କରିଛି ଏହି ସମାଜ ମଧ୍ୟରେ ।

ପ୍ରତିଭା ରାୟଙ୍କ ପୌରାଣିକ ଉପନ୍ୟାସ ଦୁଇଟି "ଯାଜ୍ଞସେନୀ" ଓ "ମହାମୋହ" । ଯାଜ୍ଞସେନୀ ର ଦ୍ରୌପଦୀ ଓ ମହାମୋହର ଅହଲ୍ୟା ଦୁଇଟି ବଳିଷ୍ଠ ନାରୀ ଚରିତ୍ର । ଦୁଇଜଣଯାକ ପୁରୁଷ କେନ୍ଦ୍ରିତ ସମାଜ ମଧ୍ୟରେ ଲଢିଛନ୍ତି ଓ ନିଜର ନିଜତ୍ୱର ବିକାଶ କରିଛନ୍ତି ।

ISSN NO.
2582-208X

"ଯାଜ୍ଞସେନୀ" ଉପନ୍ୟାସରେ ଦ୍ରୌପଦୀ ପ୍ରତି ପାଦରେ ଅଗ୍ନିପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି । ପାଞ୍ଚଜଣ ସ୍ୱାମୀଙ୍କ ମନ ନେଇ ଚଳିଛନ୍ତି । ପଞ୍ଚସତୀ ମଧ୍ୟରେ ଜଣେ ସତୀ ହୋଇଛନ୍ତି । ଦ୍ରୌପଦୀ କିନ୍ତୁ ଯେତେବେଳେ ସ୍ୱାମୀମାନଙ୍କ ସହିତ ସ୍ୱର୍ଗଗମନ କରିଛନ୍ତି ସେତେବେଳେ ପ୍ରଥମ ପତନ ଦ୍ରୌପଦୀଙ୍କର ହୋଇଛି । ଏଥିରେ ତାଙ୍କର ନାରୀ ମନ ବିଦ୍ରୋହ କରିଛି ଯେ ଜଣେ ନାରୀ କାହିଁକି ବଳି ପଡୁଛି ଏ ସମାଜରେ ?

ଅଗ୍ନିରୁ ଜାତ ହେବା ପରେ ନାରୀ ଓ ପୁରୁଷ ମଧ୍ୟରେ ସମାନତା ନେଇ ଦ୍ରୌପଦୀ ମନରେ ଅନେକ ପ୍ରଶ୍ନ ଆସେ । ନରୀର ସତୀତ୍ୱକୁ ନେଇ ସମାଜରେ ପ୍ରଚଳିତ ଭାବଧାରାକୁ ନେଇ ତାଙ୍କର ମନରେ ବିଦ୍ରୋହ ସୃଷ୍ଟି କରେ । ସେ କହିଛନ୍ତି, "ସତୀ ନାରୀ ! ଅସତୀ ନାରୀ ଭଳି ସତ୍ୟ ପୁରୁଷ ଓ ଅସତ୍ୟ ପୁରୁଷ ଶବ୍ଦ ଶାସ୍ତ୍ରପୁରାଣରେ ନାହିଁ କାହିଁକି ? ପୁରୁଷର ହୃଦୟ କଣ ସୁନାରେ ଗଢା, ଯାହା କେବେ ହେଲେ ପାପର ସ୍ପର୍ଶରେ ମଳିନ ହୁଏ ନାହିଁ? ଶାସ୍ତ୍ରକାରମାନେ କଣ କେବଳ ନାରୀ ପାଇଁ ପାପର ତାଲିକା ପ୍ରସ୍ତୁତ କରିଥିଲେ ?" (୧)

ମହାଭାରତ ମହାକାବ୍ୟ ହେଉଛି ପୁରୁଷ ତନ୍ତ୍ର ସମାଜର ବଳିଷ୍ଠ ଉଦାହରଣ । ପୁତ୍ର ସନ୍ତାନ ଜନ୍ମ ଦେବା ଏକ ନିତ୍ୟାନ୍ତ ବାଞ୍ଛିତ କାମନା ଥିଲା । ନିୟୋଗ ନାମକ ଏକ ପ୍ରଥାର ରଚଳିତ ମହାଭାରତରେ ଦେଖାଯାଏ । ଏହି ପ୍ରଥା ଅନୁଯାୟୀ, "ଯଦି ବଂଶରକ୍ଷା ପାଇଁ କୌଣସି ମହିଳା ସ୍ୱାମୀ କର୍ତ୍ତୃତ୍ୱ ଗର୍ଭବତୀ ନ ହେଉଥିଲେ ତେବେ ତାକୁ ଅନ୍ୟ ପୁରୁଷମାନଙ୍କ ସହ ସମ୍ଭୋଗ କରିବାକୁ ବାଧ୍ୟ କରାଯାଉଥିଲା ।" ତେଣୁ ଏଠାରେ ପୁତ୍ର ନିମନ୍ତେ ଅମ୍ବିକା, ଅମ୍ବାଳିକା, କୁନ୍ତି ଓ ମାଦ୍ରୀ ସମସ୍ତେ ଅନ୍ୟ ପୁରୁଷ ନିକଟରେ ସମ୍ଭୋଗ ନିମନ୍ତେ ବାଧ୍ୟ ହୋଇଛନ୍ତି । ନିଜ ଶରୀର ଉପରେ ନାରୀର କୌଣସି ଅଧିକାର ନାହିଁ । ପୁତ୍ର ନିମନ୍ତେ ଅନ୍ୟ ପୁରୁଷ ସହିତ ମିଳିତ ହେଲେ ସେ ଅସତୀ ହେବ ନାହିଁ କିନ୍ତୁ ନିଜ ଇଚ୍ଛାରେ ଅନ୍ୟ ପୁରୁଷ ପ୍ରତି ଆବେଗ ଜନ୍ମିଲେ ସେ ଅସତୀ ହୋଇଯିବ । ଦ୍ରୌପଦୀଙ୍କର କର୍ଣ୍ଣ ଓ କୃଷ୍ଣଙ୍କ ପ୍ରତି ଆବେଗ ଥିଲେ ମଧ୍ୟ ସେ ପ୍ରକାଶ କରି ପାରି ନାହାନ୍ତି ।

ISSN NO.
2582-208X

ରାଜା ଯୁଧିଷ୍ଠିର ଦ୍ରୌପଦୀଙ୍କୁ ଏକ ଦ୍ରବ୍ୟ ଭାବରେ ଦ୍ୟୁତ କ୍ରୀଡାରେ ବାଜି ଲଗାଇଛନ୍ତି । ଅର୍ଜୁନ ଓ ଭୀମ ବହୁ ପତ୍ନୀ ଗ୍ରହଣ କରିଛନ୍ତି । ଯେହେତୁ ସେମାନେ ପୁରୁଷ ସେମାନେ ଅସତ୍ୟ ପୁରୁଷ ବା ମନ୍ଦ ରାଜା ହେବେ ନାହିଁ । ବନବାସ ସମୟ୍ରେ ଦ୍ରୌପଦୀଙ୍କୁ ଜୟଦ୍ରଥ ଦେଖି କାମାଶକ୍ତ ହୋଇ ପଡିଛି । ଏହାର ପ୍ରତିବାଦରେ ଦ୍ରୌପଦୀ ଜୟଦ୍ରଥଙ୍କୁ ହତ୍ୟା କରିବା ନିମନ୍ତେ ସ୍ୱାମୀମାନଙ୍କ ନିକଟରେ ଦାବି କରିଛନ୍ତି । ସେତେବେଳେ ଯୁଧିଷ୍ଠୀର ଦ୍ରୌପଦୀଙ୍କୁ ବୁଝାଇ କହିଛନ୍ତି, "ସେ ପୁରୁଷ ପୁଣି ରାଜା । ସୁନ୍ଦରୀ ନାରୀ ପ୍ରତି ବଳାତ୍କାର କରିବା ଏବଂ ତାକୁ ପାପ ଆଖିରେ ଦେଖିବା ପୁରୁଷର ଗୌରବ ଏବଂ ରାଜାର ଅଧିକାର ଅନ୍ତର୍ଭୁକ୍ତ ।" (୩) ଧର୍ମ ଓ ନିୟମ ନାମରେ ନାରୀକୁ ନିର୍ଯ୍ୟାତନା ଦିଆଯାଏ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି "ଯାଜ୍ଞସେନୀ" ଉପନ୍ୟାସ ।

"ଯାଜ୍ଞସେନୀ" ର ଦ୍ରୌପଦୀ ଏକ ବଳିଷ୍ଠ ଚରିତ୍ର ଯିଏକି ଭରା ରାଜସଭାରେ ସମସ୍ତ ପୁରୁଷଙ୍କ ସମ୍ମୁଖରେ ଠିଆହୋଇ ନାରୀର ଅଧିକାର ବିଷୟରେ ପ୍ରଶ୍ନ କରିପାରିଛି । ନାରୀର ସମ୍ମାନ ବିଷୟ ରାଜାକୁ ପ୍ରଶ୍ନ କରି ପାରିଛନ୍ତି । ଗୋଟିଏ କାମୁକ ପୁରୁଷ ଦୁଃଶାସନର ରକ୍ତରେ ନିଜର କେଶ ପ୍ରକ୍ଷାଳନ କରିବା ପାଇଁ ଦୃଢ ପ୍ରତିଜ୍ଞା ମଧ୍ୟ କରି ପାରିଛନ୍ତି । ଏକ ଶକ୍ତ ପୁରୁଷ ତନ୍ତ୍ର ସମାଜ ମଧ୍ୟରେ ନାରୀର ପ୍ରତିବାଦର ସ୍ୱର ଆମେ "ଯାଜ୍ଞସେନୀ" ଉପନ୍ୟାସରେ ଦେଖିବାକୁ ପାଇଛୁ ।

ପ୍ରତିଭା ରାୟଙ୍କ ଅନ୍ୟ ପୌରାଣିକ ଉପନ୍ୟାସଟି ହେଉଛି "ମହାମୋହ" । ମହାମୋହର ମୁଖ୍ୟ ଚରିତ୍ର ଅହଲ୍ୟା । ଜଣେ ପୁରୁଷ ନିଜର କାମନାର ପୁର୍ତ୍ତି ନିମନ୍ତେ ଯେତେ ନାରୀ ସଂସ୍ପର୍ଶରେ ଆସିଲେ ବି ପୁରୁଷଷ୍ଟି ସମାଜ ଦ୍ୱାରା କେବେ ଉପେକ୍ଷିତ ହୁଏନାହିଁ କିନ୍ତୁ ଜଣେ ନାରଈ ଯଦି ଅଜାଣତରେ କୌଣସି ପୁରୁଷର ନିକଟବର୍ତ୍ତୀ ହୁଏ ତେବେ ତାର ଜୀବନ ମୃତବତ୍ ପଥରପରି ହୋଇଯାଏ ।

ମହାମୋହ ଉପନ୍ୟାସର ମୁଖ୍ୟ ଚରିତ୍ର ଅହଲ୍ୟା ବାଲ୍ୟବସ୍ଥାରୁ ହିଁ ପ୍ରୌଢ ଗୌତମଙ୍କୁ ବିବାହ କରିଛନ୍ତି । ତାଙ୍କର ବାଲ୍ୟଚପଳତା ନଷ୍ଟ ହୋଇଯାଇଛି ସମଗ୍ର ଆଶ୍ରମର ଗୁରୁମାତା

ISSN NO.
2582-208X

ହୋଇ । ସ୍ୱାମୀ ଗୌତମ ନିଜର ସାଧନାର ସିଦ୍ଧି ପରୀକ୍ଷା ବାସର ରାତିରେ ହିଁ କରିଛନ୍ତି । ପାଖରେ ସୁନ୍ଦରୀ ନାରୀ ଥିଲେ ବି କାମନା ତାଙ୍କ ସ୍ପର୍ଶ କରିପାରିନି । ଏହି ସଫଳତାରେ ଗୌତମ ପ୍ରୀତ ହୋଇଛନ୍ତି । ଅହଲ୍ୟା ଏକ ପ୍ରେମ ବିହୀନ ଜୀବନ ଅତିବାହିତ କରିଛନ୍ତି । ଅହଲ୍ୟା ତାଙ୍କର ପୂର୍ଣ୍ଣ ଯୌବନାବସ୍ଥାରେ ଇନ୍ଦ୍ରଙ୍କ ପ୍ରତି ଆକୃଷ୍ଟ ହୋଇଛନ୍ତି । ଗୌତମ ଆଶ୍ରମରେ ଦିନେ ଇନ୍ଦ୍ର ଓ ଅହଲ୍ୟାଙ୍କର ମିଳନ ହୋଇଛି । ଅହଲ୍ୟା ଏହି ମିଳନରେ ତୃପ୍ତ ହୋଇ ଇନ୍ଦ୍ରଙ୍କୁ କହିଛନ୍ତି, "ହେ ଇନ୍ଦ୍ରଦେବ ମୁଁ କୃତଜ୍ଞ । ତୁମେ ମୋତେ ପୂର୍ଣ୍ଣତାର ଉପଲବ୍ଧି ଦେଇଛ । ତୁମେ ମୋର ଜଡୀଭୂତ ନାରୀତ୍ୱକୁ ଉଜ୍ଜୀବିତ କରିଛ ।"(୪)

ଉପନ୍ୟାସରେ ଅହଲ୍ୟା ନିଜର ପ୍ରେମକୁ ଓ ନିଜର ଶାରୀରିକ ଇଚ୍ଛାକୁ ସମଗ୍ର ଆଶ୍ରମବାସୀ ଓ ଗୌତମଙ୍କର ସମ୍ମୁଖରେ ପ୍ରକାଶ କରିବାରେ କୁଣ୍ଠିତ ହୋଇ ନାହାନ୍ତି । ସେ କହିଛନ୍ତି, "କିନ୍ତୁ ମୁଁ ଯାହା କରିଛି ଜାଣି ବୁଝି କରିଛି । ଆତ୍ମା ଯେତେବେଳେ ପ୍ରେମ ପାଇଁ ସମର୍ପିତ ହୋଇଯାଏ, ସେତେବେଳେ ଦେହ ସତ୍ତା ହରାଏ ଏବଂ ଆତ୍ମା ସହ ଦେହ ମଧ୍ୟ ସମର୍ପିତ ହୋଇଯାଏ । ତେଣୁ ମୋ ଭିତରେ ସେହି ମୁହୂର୍ତ୍ତର ଗ୍ଲାନି ବା ପାପବୋଧ ନଥିଲା ।"(୫) ଉକ୍ତ ସମୟରେ ନାରୀର ଏପରି ସ୍ୱୀକାରୋକ୍ତି ଜନିତ ଦୃଷ୍ଟତା ପୁରୁଷ ସହିବ କିପରି? ଅହଲ୍ୟାକୁ ପଥର ପରି ଅଥବା ମୃତବତ୍ ଜୀବନ ବଞ୍ଚିବାକୁ ପଡିଲା । ଶେଷରେ ଦିବ୍ୟପୁରୁଷ ରାମଙ୍କ ଦ୍ୱାରା ଅହଲ୍ୟା ଶାପମୁକ୍ତ ହୋଇଛନ୍ତି । ନାରୀର ମୁକ୍ତି ପାଇଁ ଦିବ୍ୟଶକ୍ତିର ଆବଶ୍ୟକତା ରହିଛି ଏହି ପ୍ରଚଳିତ ସମାଜ ମଧ୍ୟରେ ।

"ଶୀଳାପଦ୍ମ" ଉପନ୍ୟାସ ଏକ ଐତିହାସିକ ଉପନ୍ୟାସ । ଗଙ୍ଗବଂଶର ରାଜା ନରସିଂହ ଦେବଙ୍କ ସମୟର କାହାଣୀ । ଓଡିଶାର ଗର୍ବ ଓ ଗୌରବର କୃତି ହେଉଛି କୋଣାର୍କ ମନ୍ଦିର । ଏହି ବିଶ୍ୱବିଖ୍ୟାତ ମନ୍ଦିର ଗଢିବା ନିମନ୍ତେ ବାରଶହ ବଢେଇଙ୍କୁ ନିଯୁକ୍ତ କରିଛନ୍ତି ମହାରାଜା ନରସିଂହ ଦେବ । ଏହି ବାରଶହ ବଢେଇଙ୍କର ପରିବାରର ନିର୍ଯ୍ୟାତନା, ଦୁଃଖ କାଳ ଗର୍ଭରେ ଲୀନ ହୋଇଯାଇଛି । ଏହି ଶିଳ୍ପ ବଧୂଙ୍କର ଅବ୍ୟକ୍ତ ବେଦନା ଆମେ ପ୍ରତିଭା ରାୟଙ୍କ ଉପନ୍ୟାସ "ଶୀଳାପଦ୍ମ" ରେ ଦେଖିବାକୁ ପାଇବା ।

ISSN NO.
2582-208X

କୋଣାର୍କ ମନ୍ଦିର ଗଢୁଥିବା ଶିଳ୍ପୀ ମଧ୍ୟରୁ ଶିଳ୍ପୀ କମଳ ମହାରଣାର ପତ୍ନୀ ହେଉଛି "ଚନ୍ଦ୍ରଭାଗା"। ଏହି ଶୀଳାପଦ୍ମ ଉପନ୍ୟାସର ମୁଖ୍ୟ ନାରୀ ଚରିତ୍ର। କମଳ ମହାରଣା ସହିତ ଚନ୍ଦ୍ରଭାଗା ବାଲ୍ୟକାଳରୁ ବିବାହ ହୋଇଛି। ଶିଳ୍ପୀ କମଳ ମହାରଣା ମନ୍ଦିର ଗଢଣ ପାଇଁ ରାଜ ଆଦେଶରେ ଯିବା ପରେ ଚନ୍ଦ୍ରଭାଗାର ଶାଶୂ ଗୃହକୁ ପ୍ରବେଶ ହୋଇଛି। ବୋହୂ ଘରେ ପାଦ ଦେବା ପୂର୍ବରୁ ପୁଅ ଘରୁ ଚାଲି ଯାଇଥିବାରୁ ଶାଶୂ ଦ୍ୱାରା ଅନେକ ନିର୍ଯ୍ୟାତନାର ଶିକାର ହୋଇଛି ଚନ୍ଦ୍ରଭାଗା। ଶାଶୂଘରେ ବସ୍ତୁ ଠାରୁ ବି ମୂଲ୍ୟହୀନ ହୋଇଛି ଚନ୍ଦ୍ରଭାଗାର ଜୀବନ।

ଉକ୍ତ ସମୟରେ ନାରୀ ସର୍ବଦା ଓଢଣା ଭିତରେ ରହିବ। ସେ କବଳ ପିତା, ଭ୍ରାତା ଓ ସ୍ୱାମୀ ସଙ୍ଗରେ ବାର୍ତ୍ତାଳାପ କରିପାରିବ। ଚନ୍ଦ୍ରଭାଗାକୁ ଦିଅର କିଛି ସାହାଯ୍ୟ କରିବାକୁ ଏକଥାକୁ ନେଇ ଅସତୀ ନାରୀର ଆଖ୍ୟା ଦିଆଯାଇ ଘରୁ ତଡି ଦିଆଯାଇଛି। ପରେ ଶ୍ରୀମନ୍ଦିର ନିକଟରେ ମାଟି ଦୀପ ବିକ୍ରି କରି ନିଜେ ନିଜ ଗୋଡରେ ଛିଡା ହୋଇଛି ଚନ୍ଦ୍ରଭାଗା। ଉକ୍ତ ସମୟରେ ନାରୀର ଅବସ୍ଥା ଏପରି ଥିଲା ଯେ ଅନେକ ନାରୀ ନିଜ ପାଇଁ ଆତ୍ମହତ୍ୟାର ପନ୍ଥା ବାଛି ନେଉଥିଲେ। ନାରୀ ସବୁଠି ବଳି ପଡୁଥିଲା। ସତୀ ହେବା ପାଇଁ କେଉଁଠି ନାରୀକୁ ସ୍ୱାମୀର ଚିତାଗ୍ନିରେ ଫିଙ୍ଗି ଦିଆଯାଉଥିଲା ଏବଂ କେଉଁଠି ଅସତୀ ନାରୀର ଆକ୍ଷା ଦେଇ ସମାଜରୁ ବାସନ୍ଦ କରି ଦିଆଯାଉଥିଲା। ତେଣୁ ନାରୀଟି ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଥିଲା।

ଅନ୍ୟ ଏକ ଐତିହାସିକ ଉପନ୍ୟାସ "ଉତ୍ତର ମାର୍ଗ" ରେ ଆମେ ନାରୀର ଶୋଷଣର ଭିନ୍ନ ରୂପ ଦେଖିବାକୁ ପାଇବା। ଏହି ଉପନ୍ୟାସ ସ୍ୱାଧୀନତା ପୂର୍ବ ଓ ପରର ଘଟଣାକୁ ନେଇ ବର୍ଣ୍ଣିତ। ନାରୀ ସବୁ ସମୟରେ ଶୋଷିତ ହୋଇ ଆସିଛି କେବଳ ଶୋଷକର ନାମ ପରିବର୍ତ୍ତନ ହୋଇଛି। ସ୍ୱାଧୀନତା ପୂର୍ବରୁ ସାମନ୍ତ ଓ ଜମିଦାରମାନଙ୍କର ଭୋଗ୍ୟ ବସ୍ତୁ ଥିଲେ "ଚକୋରୀ" ପରି ପୋଇଲିମାନେ। ସ୍ୱାଧୀନତା ପରେ ମନ୍ତ୍ରୀ ଓ ଉଚ୍ଚପଦସ୍ଥ କର୍ମଚାରୀମାନଙ୍କ ଦ୍ୱାରା "କେତକୀ" ପରି ନାରୀ ଶୋଷିତ ହୋଇଛନ୍ତି ଚାକିରି ପାଇବା

ISSN NO.
2582-208X

ପ୍ରଲୋଭନରେ । ନାରୀ ଶୋଷଣ ସବୁ ସମୟରେ ହୋଇ ଆସୁଛି କେବଳ ଶୋଷଣ ନାମ ବଦଳି ଯାଉଛି ।

ସ୍ୱାଧୀନତା ପୂର୍ବରୁ ଇଂରେଜମାନଙ୍କ ଶାସନ କାଳରେ ଜମିଦାରମାନଙ୍କର ପ୍ରଭୁତ୍ୱ ଥିଲା । ଇଂରେଜମାନଙ୍କ ଶୁଭ ଦୃଷ୍ଟିକୁ ହାତେ ଜମିଦାରମାନେ ରାଜସୁଖ ଭୋଗ କରୁଥିଲେ । ନାରୀ ତାଙ୍କର ଭୋଗବସ୍ତୁ ଥିଲା । ସେମାନେ ଶହ ଶହ ପୋଇଲି ରଖୁଥିଲେ । ପୋଇଲିର କିଛି ଅଧିକାର ନାହିଁ । ସେ ଜୀବନସାରା ଜମିଦାରର ରକ୍ଷିତା ହୋଇ ରହିବ । ଘରେ ଦିନସାରା ଦାସୀ ପରି ଖଟିବ ଓ ରାତ୍ରିରେ ଜମିଦାରକୁ ଶରୀର ସୁଖ ପ୍ରଦାନ କରିବ । ଏହି ଉପନ୍ୟାସରେ ପ୍ରତିଭା ରାୟ ପ୍ରକାଶ କରିଛନ୍ତି ଯେ, "ପୁରୁଷର ସ୍ଥାବର ଜଙ୍ଗମ ସମ୍ପତ୍ତି ଭିତରେ ନାରୀ ମଧ୍ୟ ଅନ୍ତର୍ଭୁକ୍ତ । ସେଥିପାଇଁ କହନ୍ତି ନାରୀ ରତ୍ନ । ରତ୍ନ ଦୁଷ୍ପ୍ରାପ୍ୟ । ମାତ୍ର ନାରୀ ଦୁଷ୍ପ୍ରାପ୍ୟ ନୁହେଁ । ସମ୍ପତ୍ତିବାନ ପୁରୁଷ ପକ୍ଷେ ନାରୀ ରତ୍ନ ଲାଭ ଇଙ୍ଗିତ ମାତ୍ରକେ ସମ୍ଭବ ।" (୬) ଜମିଦାର ଗ୍ରହ ରାଜଙ୍କର ଦାସୀ ଚକୋରୀ ଏହାର ଉଦାହରଣ ।

ପୋଇଲି ମାଧବୀର ଝିଅ ଚକୋରୀ ଜମିଦାର ଝିଅ ହେଲେ ମଧ୍ୟ ଦାସୀ ଝିଅ ଦାସୀ ହେବ । ଦକ୍ଷିଣ ରାୟଙ୍କର କନ୍ୟା ଦେବକୀର ଦାସୀ ହୋଇ ରହିଲା ଚକୋରୀ । ଚକୋରୀ ଦେବକୀ ସହିତ ତାର ଶାଶୂଘର ଜମିଦାର ଗ୍ରହରାଜଙ୍କ ଘରକୁ ଗଲା ଏବଂ ଗ୍ରହରାଜଙ୍କ ପୋଇଲି ହୋଇଗଲା । ଉକ୍ତ ସମୟରେ ଜଣେ ପୋଇଲି ବିବାହ କରିପାରିବ ନାହିଁ । ତାର ଅଲଗା ସଂସାର କରିପାରିବ ନାହିଁ । ପୋଇଲିର ପୁତ୍ର ସନ୍ତାନ ହେଲେ ଉକ୍ତ ସନ୍ତାନଟିକୁ ମାରି ଦିଆଯାଏ । ଏବଂ କନ୍ୟା ସନ୍ତାନ ହେଲେ ସେ ଏକ ପୋଇଲି ରୂପେ ଜୀବନ ଅତିବାହିତ କରେ ।

ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ଶିକ୍ଷାର ପ୍ରସାର ଧିରେ ଧିରେ ହୋଇଛି । ଏହି ଉପନ୍ୟାସରେ ଆମେ ଭାରତରେ ମଧ୍ୟ ସୃଷ୍ଟି ହୋଇଥିବା ନାରୀ ଜାଗରଣର ଚିତ୍ର ମଧ୍ୟ ଦେଖିବାକୁ ପାଇବା । ଗ୍ରହରାଜଙ୍କର ପୁତ୍ର ଦିଗନ୍ତ କେଶରୀ ଶିକ୍ଷିତ ଯୁବକ । ପିତାଙ୍କର ଏପରି ଅତ୍ୟାଚାରକୁ ସେ ସହ୍ୟ କରି ପାରିନାହାନ୍ତି । ରକ୍ଷିତା ରଖିବା, ବିଶ୍ୟା ପଡାକୁ ଯିବା,

ISSN NO.
2582-208X

ନାରୀକୁ ବିଳାସର ସାମଗ୍ରୀ ଭାବିବା ଏହାକୁ ଦିଗନ୍ତ କେଶରୀ ସହ୍ୟ କରି ପାରିନାହାନ୍ତି । ଦିଗନ୍ତ କେଶରୀଙ୍କ ଭାଷାରେ, "ନାରୀ ଭୋଗ୍ୟା ନୁହେଁ ସମସ୍ୟା, ତାର ସ୍ଥାନ ପାଦ ତଳେ ନୁହେଁ, ହୃଦୟରେ । ସେ ଦାସୀ ନୁହେଁ, ଦେବୀ ।"(୭) ଦିଗନ୍ତ ହେଶରୀଙ୍କ ପ୍ରତିରୋଧ ଏଠାରେ ଧୂଳିଧୂଆଁ ପରି ଉଭେଇ ଯାଇଛି ଏବଂ ସେ ଗୃହ ପରିତ୍ୟାଗ କରି ସ୍ୱାଧୀନତା ସଂଗ୍ରାମୀ ହୋଇ ଯାଇଛନ୍ତି ।

ଦିଗନ୍ତ କେଶରୀଙ୍କର ଏହି ଛୋଟ ପ୍ରୟାସ ସହିତ ଅନେକ ଶିକ୍ଷିତ ଯୁବକ ଯୋଗ ଦେଇଛନ୍ତି ଏବଂ ଦେଶର ନାରୀ ନିର୍ଯ୍ୟାତନାକୁ ଶେଷ କରିବା ପାଇଁ ଅଣ୍ଟା ଭିଡିଛନ୍ତି । ବିଧବା ବିବାହ ପ୍ରଚଳନ, ସତୀଦାହ ପ୍ରଥା ଉଚ୍ଛେଦ ଓ ନାରୀ ଶିକ୍ଷା ଆଦି ସଂସ୍କାରମୂଳକ କାମ କରିବା ପାଇଁ ଆଗେଇ ଆସିଛନ୍ତି । ମୈଥିଳି, କନକ, ସେବତୀ ଆଦି ନାରୀମାନେ ମଧ୍ୟ ସ୍ୱାଧୀନତା ସଂଗ୍ରାମ ଓ ନାରୀମୁକ୍ତି ଆନ୍ଦୋଳନରେ ଯୋଗ ଦେଇଛନ୍ତି ।

ଦେଶ ସ୍ୱାଧୀନ ହୋଇଛି । ଜମିଦାରମାନେ ମନ୍ତ୍ରୀ ହୋଇଛନ୍ତି । ସ୍ୱାଧୀନ ଭାରତରେ ଜମିଦାରର ଶାସନ ମନ୍ତ୍ରୀ ସ୍ଥାନକୁ ପରିବର୍ତ୍ତନ ହୋଇ ପୂର୍ବବତ୍ ଶାସନ ଚାଲିଛି । ବିଧବା ବିବାହ କେତେ ଜଣ ସଂସ୍କାରୀ ସ୍ୱାଧୀନତା ସଂଗ୍ରାମୀ ଯୁବକ କରିଛନ୍ତି ନଚେତ୍ ବିଧବାମାନେ ବିବାହ କରିବା ଖୁବ୍ କଠିନ ହୋଇପଡିଛି । ସତୀଦାହ ପ୍ରଥା ଉଚ୍ଛେଦ ହୋଇଛି । ଜମିଦାର ପାଖରେ ପୋଇଲି ସେହିପରି ରହି ଯାଇଛନ୍ତି । ନାରୀଟିଏ ଶୋଷିତ ହେଉଛି । ଜମିଦାର ଓ ରାଜାର ଦରବାର ବଦଳରେ କାର୍ଯ୍ୟାଳୟ ସବୁ ଖୋଲିଛି । ଉଚ୍ଚପଦସ୍ଥ କର୍ମଚାରୀବା ଅଫିସର୍ ଦ୍ୱାରା ନାରୀ ଶୋଷିତ ହେଉଛି । କେବଳ ନାମ ପରିବର୍ତ୍ତନ ହୋଇଛି । ଚକୋରୀ ଦାସୀ ହୋଇ ଗ୍ରହରାଜ ଘରକୁ ଆସିଥିଲା ଓ ଜମିଦାର ଗ୍ରହରାଜର ଭୋଗ୍ୟା ହୋଇଥିଲା । କେତକୀ ଚାକିରି ପାଇଁ ସହରକୁ ଯାଇ ଜମିଦାର ପୁଅର ଭୋଗ୍ୟା ହୋଇ ଗର୍ଭବତୀ ହୋଇଛି ।

ISSN NO.
2582-208X

ଯୁଗ ବଦଳିଛି ଦେଶ ସ୍ୱାଧୀନ ହୋଇଛି । ନାରୀ ଦେଶ ସ୍ୱାଧୀନତା ପୂର୍ବରୁ ସଂଘର୍ଷ କରିଛି ଓ ସ୍ୱାଧୀନତା ପରେ ମଧ୍ୟ ନିଜ ଅଧିକାର ପାଇଁ ସଂଗ୍ରହ କରୁଛି । ନାରୀ ଜାଗରଣ ଚାଲିଛି ।  ନାରୀ ଅଧିକାର ପାଇଁ ସଂଗ୍ରାମ ଚାଲିଛି ତଥାପି ନାରୀ ଶୋଷିତ ହେଉଛି ।

ସ୍ୱାଧୀନତା ପରବର୍ତ୍ତୀ ସମୟ ଶିଳ୍ପ ପ୍ରତିଷ୍ଠାର ସମୟ । ଶିଳ୍ପପତି, ଧନୀକ ଶ୍ରେଣୀ, ମନ୍ତ୍ରୀ ଓ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ଏବଂ ସାଧୁବାବାମାନଙ୍କର ରାଜତ୍ୱ ଚାଲିଛି । ଏ ଆଧୁନିକ ସମାଜରେ ଏହାର ଦୃଷ୍ଟାନ୍ତମୂଳକ ଉପନ୍ୟାସ ହେଉଛି "ନୀଳତୃଷ୍ଣା" । ଉପନ୍ୟାସିକା ଏହି ଉପନ୍ୟାସର ମୁଖବନ୍ଧରେ କହିଛନ୍ତି, "ଏକଥା ସତ୍ୟ ଯେ ଆଜିକାଲି ସରଳା, ଅର୍ଦ୍ଧଶିକ୍ଷିତା, ଗ୍ରାମ୍ୟବାଳିକା ମଧ୍ୟ ଚାକିରି କରିବା ଆଶାରେ ଚଳଚିତ୍ରର ଅଭିନେତ୍ରୀ ହେବା ପ୍ରଲୋଭନରେ କୌଣସି ସହରୀ ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତିକୁ ସତ୍ୟ ମଣି ସୁଖର ସଂସାର ବାନ୍ଧିବାର ମୋହରେ ଅନେକ ଉପକାରୀ ବନ୍ଧୁଙ୍କ ପ୍ରରୋଚନାରେ ଘରଛାଡି, ଗାଁ ଛାଡି ସହର ଆସନ୍ତି । ଅଧିକାଂଶ କ୍ଷେତ୍ରରେ ସେମାନେ ଠକି ଯାଆନ୍ତି । ତାପରେ ଗ୍ରାମକୁ ଫେରିବା ରାସ୍ତା ତ ବନ୍ଦ ।"(୮)

"ନୀଳତୃଷ୍ଣା" ଉପନ୍ୟାସର ମୁଖ୍ୟ ଚରିତ୍ର ରୂପେଇ ବା ରୂପମତୀ । ଫୁଲଝରି ଗ୍ରାମର ସରଳ ହରିଜନ ବାଳିକାଟିଏ । କୋମଳମତି ବାଳିକା ରୂପେଇକୁ ଫୁଲଝରି ମଠର ବୁଲାବାବା ତାର ଭାଇର ମଙ୍ଗଳର ଦ୍ୱାହି ଦେଇ ନିଜର କାମନା ପୂର୍ତ୍ତି କରିଛି । ରୂପେଇ ଗର୍ଭବତୀ ହୋଇଛି । ବୁଲାବାବା ତ ଗ୍ରାମର ଧର୍ମ ପୁରୁଷ, ତାର ନାମରେ ଅଭିଯୋଗ ଅସମ୍ଭବ । ଏପଟେ ଭାଇର ମଙ୍ଗଳ ଦୁହାଇ ମଧ୍ୟ ଦେଇଛି ବୁଲାବାବା । ଶେଷରେ ଗ୍ରାମରେ କଳଙ୍କିନୀ ରୂପେଇର ବଞ୍ଚିବା ଦୁର୍ବିସହ ହୋଇ ପଡିଛି । ଏପରି ଏକ ସମୟରେ ବୁଲାବାବା ରୂପେଇକୁ ନେଇ ସହରର ମୁକୁନ୍ଦା ନାମକ ଏକ ମଧ୍ୟପ ଡ୍ରାଇଭରକୁ ବିକ୍ରି କରି ଦେଇଛି । ମୁକୁନ୍ଦା ରୂପେଇକୁ ଦେହଜୀବୀ ହେବାକୁ ବାଧ୍ୟ କରିଛି ।

ଏହି ଉପନ୍ୟାସ ନାରୀ ଦେହ ଶୋଷଣର କରୁଣ ପରିଣତି ଆମେ ଦେଖିବାକୁ ପାଇବା । ରୂପେଇ ଦେହଜୀବୀ ରୂପମତୀ ହୋଇଛି ସହରରେ । ଅନେକ ମନ୍ତ୍ରୀ, ଶିଳ୍ପପତି,

ISSN NO.
2582-208X

ଉଚ୍ଚପଦସ୍ଥ କର୍ମଚାରୀଙ୍କୁ ନିଜର ଦେହ ବିକ୍ରିକରି ଅର୍ଥ ରୋଜଗାର କରିଛି । ତାର ଅର୍ଥରେ ତା ନିଜ ର ବାପା, ଭାଇ, ଭଉଣୀଙ୍କ ଜୀବନ ସୁଖ ସ୍ୱାଚ୍ଛନ୍ଦରେ କଟିଛି । ଯେପରି ଗୋଟିଏ କନ୍ୟାକୁ ଦେବଦାସୀ କରି ତାର ସମ୍ପତ୍ତିରେ ନିସଙ୍କୋଚରେ ପରିବାରର ବାପା ଭାଇ ସମସ୍ତେ ସୁଖରେ ରୁହନ୍ତି, ସେହିପରି ରୂପମତୀର ଅର୍ଥରେ ତାର ପରିବାର ସୁଖରେ ରହିଛନ୍ତି । ବୁଲାବାବା ମଧ୍ୟ ରୂପମତୀ ଠାରୁ ଅର୍ଥ ଆଣି ନିଜ ଆଶ୍ରମକୁ ଅଧିକ ଉନ୍ନତ ଓ ପ୍ରଶସ୍ଥ କରିଛି ।

ଦେହ, ମନ, ଅର୍ଥ ସବୁ କିଛିର ଶୋଷଣରେ ନିସ୍ୱ ହୋଇ ପଡିଥିବା ରୂପେଇ ମନ ବିଦ୍ରୋହ କରି ଉଠିଛି । ବୁଲାବାବାର ନଗ୍ନ ଚେହେରା ସମାଜ ସମ୍ମୁଖକୁ ଆଣିବାକୁ ରୂପେଇ ଦୃଢ ପ୍ରତିଜ୍ଞା କରିଛି । କିନ୍ତୁ ବିଡମ୍ବନା ଯେ ନାରୀର ପ୍ରତିରୋଧ ପୁରୁଷ ସହ୍ୟ କରିପାରେନା । ସମାଜ ବିରୁଦ୍ଧରେ, ପୁରୁଷ ବିରୁଦ୍ଧରେ ଲଢିବା ରୂପେଇ ଦ୍ୱାରା ସମ୍ଭବ ହୋଇନାହିଁ । ବୁଲାବାବା ରୂପେଇ ର ଉଦ୍ଦେଶ୍ୟ ଜାଣିବା ପରେ ରୂପେଇକୁ ନିଆଁରେ ଦଗ୍ଧ କରି ଦେଇଛି । ବିଦ୍ରୋହର ସୂତାଖିଅଟେ ଧରୁ ଧରୁ ପୁରୁଷ ନାରୀକୁ ରାସ୍ତାରୁ ହଟାଇ ଦେଇଛି । କେତେ ଯେ ନାରୀ ଏଥିରେ ବଳି ପଡିଛନ୍ତି ଏହା ହିସାବ ରଖିବା ଦୁଃସାଧ୍ୟ ବ୍ୟାପାର ଅଟେ ।

ପ୍ରଚଳିତ ସମାଜ ବ୍ୟବସ୍ଥାକୁ ନେଇ ପ୍ରତିଭା ରାୟଙ୍କର ଅନେକ ଉପନ୍ୟାସ ଲିଖିତ । ଯେଉଁଥିରେ ନାରୀ ତାର ସାମାଜିକ ବ୍ୟବସ୍ଥା ନିମନ୍ତେ ସଂଗ୍ରାମରତ ।

"ଅୟମାରମ୍ଭ" ଏକ ସାମାଜିକ ଉପନ୍ୟାସ । ଏଥିରେ ବିବାହ ବିଚ୍ଛେଦ ପରେ ନାରୀର ଜୀବନ କିପରି ଦୁର୍ବିସହ ହୋଇପଡେ ତାହା ଏଠାରେ ପ୍ରତିଭା ରାୟ ଦର୍ଶାଇଛନ୍ତି । ବିବାହ ବିଚ୍ଛେଦ ପରେ ପୁରୁଷଟି ଅନ୍ୟତ୍ର ବିବାହ କରିପାରେ କାହାରି ଆପତ୍ତି ନଥାଏ କିନ୍ତୁ ନାରୀଟି ସ୍ୱାମୀ ପରିତ୍ୟକ୍ତାର ଦୁର୍ନାମ ନେଇ ବଞ୍ଚେ । ଉକ୍ତ ନାରୀଟିକୁ ସମାଜରେ ଅନ୍ୟ ପୁରୁଷମାନେ ଲୋଲୁପ ଦୃଷ୍ଟିରେ ଦେଖିବେ ଏବଂ ତାକୁ ଗୋଟେ ସହଜ ଭୋଗ୍ୟା ବସ୍ତୁ ଭାବରେ ଗ୍ରହଣ କରି ନେଇଯାଆନ୍ତି । ସେ ପୁନର୍ବାର ତାର ପିତୃ ଗୃହକୁ ଫେରିବାରେ ମଧ୍ୟ ସଂକୋଚ

ISSN NO.
2582-208X

କରିଥାଏ । ବିବାହ ବିଚ୍ଛେଦମାନେ ନାରୀ ପାଇଁ ସମାଜ ଓ ପରିବାର ଠାରୁ ବିଚ୍ଛେଦ ହୋଇଯିବା ।

"ଅୟମାରମ୍ଭ" ଉପନ୍ୟାସର ନାୟିକା ମୁଗ୍ଧା ଏବଂ ନାୟକ ତନ୍ମୟ । ବିବାହ ପରେ ଦୁଇ ଜଣଙ୍କର ମନୋମାଳିନ୍ୟ ହୋଇଛି । ତନ୍ମୟ ମୁଗ୍ଧା ଠାରୁ ଡିଭର୍ସ ଚାହିଁଛନ୍ତି । କୋର୍ଟରେ ବିବାହ ବିଚ୍ଛେଦ ହୋଇଯାଇଛି । ଏହାକୁ ନେଇ ନାୟିକା ମୁଗ୍ଧା ତନ୍ମୟକୁ କହିଛନ୍ତି, "ତମେ ମୋତେ ପରିତ୍ୟାଗ କରିଛ, ତାର ଅର୍ଥ ସମାଜ ମୋତେ ପରିତ୍ୟାଗ କରିଛି । କାରଣ ସମାଜ ବୋଇଲେ ତ ପୁରୁଷ ।"(୯) ବିବାହ ବିଚ୍ଛେଦ ପରେ ମୁଗ୍ଧା ସଂପୂର୍ଣ୍ଣ ଏକଲା ହୋଇଯାଇଛି । ନିଜର ଜୀବନ ନିର୍ବାହ ପାଇଁ ଏକ ଚାକିରି ଅନ୍ୱେଷଣ କରିଛି । ଏହି ସମୟରେ ସେ ପ୍ରତି କ୍ଷେତ୍ରରେ ପୁରୁଷର ଲୋଲୁପ ଦୃଷ୍ଟିକୁ ସହ୍ୟ କରିଛି । ସମାଜ ମଧ୍ୟରେ ମୁଗ୍ଧାର ସଂଘର୍ଷ ଏହି ଉପନ୍ୟାସରେ ଆମେ ଦେଖିବାକୁ ପାଇବା ।

ପ୍ରଚଳିତ ସମାଜ ହୋଇଯାଇଛି ପୁରୁଷ ସୁରକ୍ଷା ସମାଜ । ସ୍ୱାମୀ ଠାରୁ ସ୍ତ୍ରୀକୁ ଅପହରଣ କରି ନେଇଯାଆନ୍ତି ଗୁଣ୍ଡାମାନେ । ସ୍ତ୍ରୀଟି ବଳାତ୍କାରର ଶିକାର ହୁଏ । ଏଥିରେ ଦୋଷୀ ହୋଇଯାଆନ୍ତି ପିଡିତା ନିଜେ । ସ୍ୱାମୀ ପରିତ୍ୟକ୍ତା ହୋଇଯାଏ ଉକ୍ତ ନାରଈଟି ଓ ଜୀବନସାରା କଳଙ୍କିନୀ ହୋଇ ବଞ୍ଚେ । ଏହାର ପ୍ରକୃଷ୍ଟ ଚିତ୍ର ଆମେ "ପୁଣ୍ୟତୋୟା" ଉପନ୍ୟାସରେ ଦେଖିବାକୁ ପାଇବା ।

"ପୁଣ୍ୟତୋୟା" ଉପନ୍ୟାସରେ ପତି-ପତ୍ନୀ ହେଉଛନ୍ତି ବର୍ଷା ଓ କଲ୍ଲୋଳ । ବୈବାହିକ ଜୀବନ ସେମାନଙ୍କର ସୁଖପୂର୍ଣ୍ଣ ଥିଲା । ଦିନେ ଏକ ରାତ୍ରି ସମୟରେ କଲ୍ଲୋଳ ଓ ବର୍ଷା ପାର୍କରୁ ଫେରୁଥିବା ସମୟରେ ଗୁଣ୍ଡାମାନେ ବର୍ଷାକୁ ଅପହରଣ କରି ନେଇ ଯାଇଛନ୍ତି, ସେଠାରେ ତାର ବଳାତ୍କାର ହୋଇଛି । ପରେ ବର୍ଷା କଲ୍ଲୋଳ ନିକଟକୁ ଭଗ୍ନ ମନୋରଥରେ ଫେରିଛି । କଲ୍ଲୋଳ କିନ୍ତୁ ପୂର୍ବପରି ଆଉ ତାକୁ ଗ୍ରହଣ କରିପାରିନି । ସଂପୂର୍ଣ୍ଣ ଦୋଷଶୂନ୍ୟ ହୋଇ ମଧ୍ୟ ଗୋଟିଏ ମାତ୍ର ଦୁର୍ଘଟଣା ଯୋଗୁଁ ବର୍ଷା ଏକ କଳଙ୍କିନୀର ଜୀବନ ଅତିବାହିତ କରିଛି । ସ୍ୱାମୀ ହୋଇ ସ୍ତ୍ରୀ ର ରକ୍ଷା କରିପାରିନି ତଥାପି ମଧ୍ୟ କଲ୍ଲୋଳକୁ ନିଜ ଉପରେ

ISSN NO.
2582-208X

କ୍ରୋଧ ଆସିଛି । ସେ ସମାଜର ଶୁଦ୍ଧ ପୁରୁଷ ହୋଇଯାଇଛି । ଅନ୍ୟତ୍ର ବିବାହ କରି ନୂତନ ଭାବରେ ତାର ସଂସାର ଗଢିଛି । ବର୍ଷା ଏହି ସମାଜରେ ନିଜ ଗୋଡରେ ଛିଡା ହେବାଲାଗି ସଂଘର୍ଷ କରିଛି ଅନବରତ । ବାଳାଶ୍ରମ, ଅଫିସ୍ ସବୁଠାରେ ଯୌନ ଉତପୀଡନର ଶିକାର ହୋଇଛି । ଏହି ସଂଘର୍ଷମୟ ପରିସ୍ଥିତିରେ ନିଶୀଥ ନାମକ ଏକ ଯୁବକ ସହଯୋଗ ବର୍ଷାକୁ ଶାନ୍ତି ଦେଇଛି । କିନ୍ତୁ ପର ମୁହୂର୍ତ୍ତରେ ବର୍ଷା ଜାଗିଛି ଯେ ସେଦିନର ରାତ୍ରିର ବଳାତ୍କାରୀ ପୁରୁଷ ହେଉଛି ନିଶୀଥ । ନିଶୀଥ ଦୃଷ୍ଟିରେ ବର୍ଷା ହେଉଛି ପୁଣ୍ୟତୋୟା । ସେ ନାରୀକୁ ସମ୍ମାନ କରେ । ନିଜର ନିଶା ଅବସ୍ଥାରେ କରିଥିବା ଭୁଲ୍ ପାଇଁ ସେ ପଶ୍ଚାତାପ କରିଛି । ଯେହେତୁ ନିଶୀଥର ମନର ପରିବର୍ତ୍ତନ ହୋଇଛି, ନାରୀ ପ୍ରତି ସମ୍ମାନ ଜାଗ୍ରତ ହୋଇଛି । ବର୍ଷା ମଧ୍ୟ ନିଶୀଥକୁ ଅନ୍ତର ମଧ୍ୟରେ ଗ୍ରହଣ କରିଛି । ଯେ କୌଣସି ଅବସ୍ଥା ଆସୁ ନା କାହିଁକି ଭଲ ଅବା ମନ୍ଦ କଷ୍ଟ ନାରୀକୁ ହିଁ ଭୋଗିବାକୁ ପଡେ ।

ପ୍ରତିଭା ରାୟଙ୍କ ଅନ୍ୟ କିଛି ସାମାଜିକ ଉପନ୍ୟାସ ଯେପରିକି "ବର୍ଷା ବସନ୍ତ ବୈଶାଖ", "ଉପନାୟିକା", "ଅପରିଚିତା", "ପରିଚୟ" ଆଦି ଉପନ୍ୟାସ ଗୁଡିକରେ ନାରୀ ଜୀବନର ସ୍ଥିତିକୁ ପରଖିଲେ ଆମେ ଦେଖିବା ସବୁଠି ନାରୀ ବିଭିନ୍ନ ପ୍ରକାର ଶୋଷଣର ଶିକାର ହେଉଛି ।

"ବର୍ଷା ବସନ୍ତ ବୈଶାଖ" ଉପନ୍ୟାସରେ ନାୟିକା ସୁଲଗ୍ନା କିଶୋରୀ ସୁଲଭ ଚପଳତାର ସମୟରେ ରାଜୁଭାଇ ସମ୍ପର୍କରେ ଆସିଛି । ରାଜୁଭାଇକୁ ସୁଲଗ୍ନା ଭଲପାଇଛି । ରାଜୁ ମନରେ ଥିବା କାମନାର୍ ଜ୍ୱାଳାକୁ ଜାଣିପାରିଛି ସୁଲଗ୍ନା । ସେ ରାଜୁ ଠାରୁ ଦୂରେଇ ଯାଇଛି । ପରେ ପୁଣି ଦୀପକ ସହିତ ପ୍ରେମ ସମ୍ପର୍କରେ ବାନ୍ଧି ହୋଇଛି ଏବଂ ଗର୍ଭବତୀ ହୋଇଛି । ସେଠାରେ ବି ସେ ପ୍ରତାରିତ ହୋଇଛି । ପରେ ପରେ ଅମରେନ୍ଦ୍ର ଓ ଡାକ୍ତର ଦେବବ୍ରତଙ୍କର ମନରେ ଯାନ୍ତ୍ରବତାକୁ ସୁଲଗ୍ନା ଅନୁଭବ କରି ସେମାନଙ୍କ ଠାରୁ ଦୂରେଇ ଯାଇଛି । ନିଜେ ସ୍ୱାବଲମ୍ବୀ ହୋଇ ବଞ୍ଚିବାର ଚେଷ୍ଟା କରିଛି ।

ISSN NO.
2582-208X

"ଅପରିଚିତା" ଉପନ୍ୟାସର ନାୟିକା ମଲ୍ଲିକାର ବିବାହ ଶତମନ୍ୟୁ ସହିତ ସ୍ଥିର ହୋଇଛି । ବରଧରା ସମୟରେ ମଲ୍ଲିକା ବିଷୟରେ ଏକ ବେନାମୀ ଚିଠି ପାଇ ଶତମନ୍ୟୁ ମଲ୍ଲିକାକୁ ବିବାହ କରିବାକୁ ମନା କରି ଦେଇଛି । ଝିଅଟିର ବିବାହ ହେବାକୁ ଯାଉଥିବ, ଯଦି ବିବାହ ଭାଙ୍ଗିଯାଏ ତେବେ ସାଇପଡିଶା ସବୁଠି ଉକ୍ତ ଝିଅଟିକୁ ହିଁ ବିଭିନ୍ନ ଦୋଷ ମଧ୍ୟରେ ବୁଡାଇ ଦିଅନ୍ତି । ଏହିପରି ଏକ ପରିସ୍ଥିତିରୁ ମୁକ୍ତି ପାଇଁ ମଲ୍ଲିକା ଘର ଛାଡି ସାଙ୍ଗ ତନୟା ପାଖକୁ ଚାଲିଯାଏ । ଏବଂ ଏହି ଯିବା ରାସ୍ତାରେ ସେ ଶତମନ୍ୟୁକୁ ମଧ୍ୟ ଟ୍ରେନ୍ ରେ ଦେଖିବାକୁ ପାଏ ଓ ଜାଣିବାକୁ ପାଇଛି ଯେ ଶତମନ୍ୟୁ ଏକ ବେନାମି ଚିଠିକୁ ବିଶ୍ୱାସ କରି ମଲ୍ଲିକାକୁ ଘୃଣା କରୁଛି ।

ସାଙ୍ଗ ତନୟା ଘରେ ମଲ୍ଲିକା ରହି ସବ୍ୟସାଚୀ ଘରେ ତତ୍ତ୍ୱାବଧାରିକା ରୂପେ ନିଯୁକ୍ତି ପାଇ ସବ୍ୟସାଚୀଙ୍କ ପୁଅଝିଅର ଯତ୍ନ ନେଇଛି ଏବଂ ଜାଣିଛି ସବ୍ୟସାଚୀଙ୍କର ଉଦାର ହୃଦୟବତ୍ତାକୁ । ସବ୍ୟସାଚୀ ମଲ୍ଲିକାର ବିବାହ ଶତମନ୍ୟୁ ସହିତ ଠିକ୍ କରିଛନ୍ତି । କିନ୍ତୁ ଏଠାରେ ମଲ୍ଲିକା ସଂକୀର୍ଣ୍ଣମନା ଶତମନ୍ୟୁକୁ ଗ୍ରହଣ ନକରି ସବ୍ୟସାଚୀକୁ ବିବାହ କରିବାର ଇଚ୍ଛା ପ୍ରକାଶ କରିଛି ।

"ପରିଚୟ" ଉପନ୍ୟାସରେ ସହର ଓ ସହରତଳୀ ଅଞ୍ଚଳର ନାରୀର ଜୀବନ ଚିତ୍ର ଆମେ ଦେଖିବାକୁ ପାଇବା । ଉପନ୍ୟାସର ନାୟିକା ଆଦିବାସୀ ଝିଅ ମକ୍ଷି । ସରଳା ଚୁଲବୁଲି ଝିଅ । ଡାକବଙ୍ଗଳା ଚୌକିଦାର ଝିଅ ମକ୍ଷି । ଏହି ଡାକବଙ୍ଗଳାକୁ ଗବେଷଣା କାମରେ ଆସିଥିବା ଜୀବନେନ୍ଦୁ ବାବୁଙ୍କୁ ଭଲପାଏ । ଜୀବନେନ୍ଦୁ ପ୍ରେମର ଅଭିନୟ କରି ମକ୍ଷି ସହିତ ଶାରୀରିକ ସମ୍ପର୍କ ରଖନ୍ତି ଏବଂ ନିଜର କାର୍ଯ୍ୟ ଶେଷକରି ସହରକୁ ଚାଲି ଯାଇଛନ୍ତି । ମକ୍ଷି ଗର୍ଭବତୀ ହୁଏ । ତାର ଜୀବନ ଦୁର୍ବିସହ ହୋଇପଡେ । କିନ୍ତୁ ଆଦିବାସୀ ଯୁବକ ଜଗମୋହନ ମକ୍ଷିକୁ ଏବଂ ତାର ସନ୍ତାନକୁ ଗ୍ରହଣ କରେ । ପୁନର୍ବାର ମକ୍ଷି ସହିତ ଜୀବନେନ୍ଦୁର ସହରରେ ଦେଖାହୁଏ । ଜୀବନେନ୍ଦୁର ମକ୍ଷିକୁ ଦେଖି କାମ ବାସନା ଜାଗ୍ରତ ହୁଏ । ସେ ମକ୍ଷି ସହିତ ପୁଣି ଶାରୀରିକ ସଂପର୍କ ରଖିବାକୁ ଚାହେଁ । କିନ୍ତୁ ମକ୍ଷି ଏହାକୁ ପ୍ରତ୍ୟାଖ୍ୟାନ କରିଛି ଏବଂ ଜଗମୋହନ ଓରଫ୍ ଜଗୁକୁ ପୂର୍ଣ୍ଣ ମନରେ ଗ୍ରହଣ କରିଛି ।

ISSN NO.
2582-208X

ପ୍ରତିଭା ରାୟଙ୍କ ଅଧିକାଂଶ ଉପନ୍ୟାସରେ ନାରୀ ତାର ମର୍ଯ୍ୟାଦା ପାଇଁ ପ୍ରଶ୍ନ କରିଛି । ଏ ସମାଜରେ ପୁରୁଷ ସହିତ ଜଣେ ହୋଇ ସମାଜ ଅଧିକାର ପାଇଁ ଦାବି କରିଛି । ଯେପରି ଯାଜ୍ଞସେନୀର ଦ୍ରୌପଦୀ ଓ ଦୃଷ୍ଟଦ୍ୟୁମ୍ନ ଦୁଇଜଣ ଅଗ୍ନିରୁ ଜାତ । ଜନ୍ମରୁ ହିଁ ଦ୍ରୌପଦୀ ଯେହେତୁ ନାରୀ ସେ ନିଜ ଇଚ୍ଛାକୁ ସର୍ବଦା ଦମନ କରି କେବଳ କଷ୍ଟ ସହିଛନ୍ତି ପର କ୍ଷେତ୍ରରେ ଦୃଷ୍ଟଦ୍ୟୁମ୍ନ କେବଳ ମୁକ୍ତ ସ୍ୱାଚ୍ଛନ୍ଦ ଯାପନ କରିଛନ୍ତି । ଜନ୍ମ ଯଦି ସମାନ ତେବେ ନାରୀ ପୁରୁଷ ଭେଦ କାହିଁକି ବୋଲି ମନରେ ପ୍ରଶ୍ନ ଆସେ । ତାଙ୍କର ପ୍ରତ୍ୟେକ ଉପନ୍ୟାସର ନାରୀ ତାର ଅବହେଳିତ ଦିଗକୁ ନେଇ ପ୍ରଶ୍ନ କରିଛି । "ମହାମୋହ" ର ଅହଲ୍ୟା ମନରେ ପ୍ରଶ୍ନ ଆସିଛି ଯେ କଣ କେବଳ ପୁରୁଷ ତାର ଦେହର ଇଚ୍ଛାକୁ ପୂରଣ କରିବାର ଅଧିକାର ଲାଭ କରିଛି । ନାରୀର ଇଛା ବୋଲି କିଛି ନାହିଁ । ସେହିପରି ଶୀଳାପଦ୍ମର ଚନ୍ଦ୍ରଭାଗା ସିଧାସଳଖ ରାଜା ନରସିଂହ ଦେବଙ୍କୁ ପ୍ରଶ୍ନ କରିଛି ଯେ କେବଳ ରାଜା କଣ ଦାମ୍ପତ୍ୟ ସୁଖ ଭୋଗ କରିବେ । ତା ପରି ଶହ ଶହ ଶିଳ୍ପୀବଧୂଙ୍କର ଦାମ୍ପତ୍ୟ ଜୀବନ ଭୋଗ କରିବାର କଣ ଅଧିକାର ନାହିଁ । ସେହିପରି ସାମାଜିକ ଉପନ୍ୟାସ "ପୁଣ୍ୟତୋୟା" ର ବର୍ଷା, "ଅୟମାରମ୍ଭ" ର ମୁଗ୍ଧା, "ପରିଚୟ" ର ମକ୍ଷି ଆଦି ନାରୀମାନେ କଳଙ୍କିନୀ ଅଥବା ସ୍ୱାମୀ ପରିତ୍ୟକ୍ତା କଷ୍ଟ ସହିବେ କାହିଁକି ? ସମାଜରେ ପୁରୁଷ ପରି ନାରୀ ତାର ଅଧିକାର ଚାହେଁ । ଏହିପରି ନାରୀର ଅବହେଳିତ ଦିଗକୁ ପ୍ରତିଭା ରାୟ ପାଠକ ସମ୍ମୁଖରେ ପରିବେଷଣ କରି ଏହି ନାରୀବାଦୀ ସଂଗ୍ରାମରେ ନିଜର ଯୋଗଦାନ କରିଛନ୍ତି ।

## ପ୍ରାନ୍ତଟୀକା:

୧. ରାୟ ପ୍ରତିଭା, ଯାଜ୍ଞସେନୀ, ଆଦ୍ୟ ପ୍ରକାଶନୀ, ୨୦୧୯, ପୃ. ୧୦୮

୨. ସାହୁ ସରୋଜିନୀ, (ଇ), ଓ.ଅ. ସେନାପତି ଦୀପିକା ନାରୀ ଯୌନତା ଏକ ମୁକ୍ତ ବିମର୍ଷ, ୨୦୧୬, ପୃ. ୧୧୯

୩. ରାୟ ପ୍ରତିଭା, ଯାଜ୍ଞସେନୀ, ୨୦୧୯, ପୃ. ୩୭୧

ISSN NO.
2582-208X

୪. ରାୟ ପ୍ରତିଭା, ମହାମୋହ, ଆଦ୍ୟ ପ୍ରକାଶନୀ, ୨୦୧୯, ପୃ. ୪୬୮

୫. ରାୟ ପ୍ରତିଭା, ମହାମୋହ, ଆଦ୍ୟ ପ୍ରକାଶନୀ, ୨୦୧୯, ପୃ. ୪୬୯

୬. ରାୟ ପ୍ରତିଭା, ଉତ୍ତରମାର୍ଗ, ଆଦ୍ୟ ପ୍ରକାଶନୀ, ୨୦୧୫, ପୃ.୧୩

୭. ରାୟ ପ୍ରତିଭା, ଉତ୍ତରମାର୍ଗ, ଆଦ୍ୟ ପ୍ରକାଶନୀ, ୨୦୧୫, ପୃ. ୬୭

୮. ରାୟ ପ୍ରତିଭା, ନୀଳତୃଷ୍ଣା, ଆଦ୍ୟ ପ୍ରକାଶନୀ, ୨୦୧୮ ପୃ. ମୁଖବନ୍ଧ (ଚ)

୯. ରାୟ ପ୍ରତିଭା, ଅୟମାରମ୍ଭ, ଆଦ୍ୟ ପ୍ରକାଶନୀ ୨୦୧୮, ପୃ. ୨୬

ଗବେଷିକା
ସ୍ନାତକୋତ୍ତର ବିଭାଗ
କୋହ୍ଲାଣ ବିଶ୍ୱବିଦ୍ୟାଳୟ
ମୋ: ୯୪୩୯୮୯୧୦୬୯

ISSN NO.
2582-208X

# ଏକାତ୍ମବୋଧ



ଦିବାକର ନାୟକ

ମୂଳ ହିନ୍ଦୀ-ଡକ୍ଟର ଗୀତାଞ୍ଜଳ ରେଣୁ ଦାଶ
ଅନୁସୃଜନ-ଦିବାକର ନାୟକ

ତୁମେ ଏହାକୁ କହିପାର
ମୋର ଅପରିପକ୍ୱ ଅସ୍ଥିରତା
ଅବା କହିପାର ଦୁର୍ବାର ଦୁର୍ବଳତା
କିନ୍ତୁ ମୋ ହୃଦୟ ମୋତେ କରିଦେଲା
ଅନନ୍ୟୋପାୟ
ମୁଁ ମୋ ଅଜ୍ଞାତରେ ପଡ଼ିଗଲି
ତୁମରି ପ୍ରୀତିରେ ।

ଏକଦା ଲଗାମହୀନ ଥିଲା ମୋ ମନ
ଏବେ ବନ୍ଦୀ ହେଇଗଲା ତୁମ ସ୍ନେହ ଶିକୁଳିରେ
ଏହି ବନ୍ଦିତ୍ୱ ମଧ୍ୟରେ ଆନନ୍ଦରେ
ବଞ୍ଚିବାର ଏତେ ସ୍ୱାଧୀନତା
ମୋତେ ଆଜି ମିଳିଗଲା
ମୋ ଅଜାଣତରେ ।

ISSN NO.
2582-208X

ଏବେ ମୁଁ ଚାତକ ହେଲେ ତୁମେ ମୋ ବାଦଲ
ମୁଁ ଲୋଚନ ହେଲେ ତୁମେ ମୋ କଜ୍ଜ୍ୱଳ
ମୁଁ ଅଶ୍ରୁ ଆଉ ତୁମେ ମୋ ଅଞ୍ଚଳ
ମୁଁ ତୃଷିତ ଆଉ ତୁମେ ପବିତ୍ର ଗଙ୍ଗାଜଳ ।
ତୁମେ ଏହାକୁ ମୋର ପାଗଳପଣ କହିପାର
କିମ୍ବା କହିପାର ଏହାକୁ ଅପ୍ରାସଙ୍ଗିକ ପରିହାସ ।

ଏଣିକି ଯିଏ ମୋର ପରିଚୟ ପଚାରେ
ମୁଁ ତାଙ୍କୁ କ'ଣ କହେ ଜାଣ ?
ମୁଁ ତୁମରି ପରିଚୟ ହିଁ ଦେଇଦିଏ
ଏବଂ ସେ ପରିଚୟରେ
ମୁଁ ଉପଲବ୍ଧି କରେ
ଅପୂର୍ଣ୍ଣ ଜୀବନରେ ପରିପୂର୍ଣ୍ଣତା
ଅଖଣ୍ଡ ଉତ୍ତାପରେ ଶୀତଳତା
ଅସରନ୍ତି ବିରହରେ ମିଳନର ମଧୁରତା
ଆଉ
ନିରୀହ ନିଃସଙ୍ଗତା ମଧ୍ୟରେ
ଏକାତ୍ମବୋଧର ସ୍ୱର୍ଗୀୟ ତୃପ୍ତି ।

ପାଟପୁର, କନସି, ଗଞ୍ଜାମ
ମୋ- ୯୯୩୮୭୧୯୯୮୧

ISSN NO.
2582-208X

# ଦୁହିତା

ଦିଲ୍ଲୀପ ଶତପଥୀ

ପୁଅ ହେଲେ ହେଉ ଜଗତଜିତା
ଝିଅ ମୋ ଅପରାଜିତା,
ପୁଅ ସିନା ବାପ ଗଳାମାଳି ହୁଏ
ଝିଅ ତା ମଥା ର ଚିତା ।

ଭାରତର ମାଟି ମୁକସାକ୍ଷୀ ଏଠି
ପଞ୍ଚକନ୍ୟା ନିଷ୍ପେସିତା,
ବଦଳିଛି ଯୁଗ ଖୋଲିଯିବ ଭାଗ୍ୟ
ଆସିଲେ ଘରେ ଦୁହିତା ।

ଶତ୍ରୁ ବିନାଶିନୀ ବୀର ପ୍ରଶବିନି
ଅଟେ ଭାରତୀୟ ନାରୀ,
ଜିଜାବାଇ ଠାରୁ ଲକ୍ଷ୍ମୀବାଇ ଯାଏ
ଇତିହାସ ଯାଏ ପୁରି ।

ଝିଅଟିଏ ପାଇଁ ତାର ବାପା ଭାଇ
ମନାସନ୍ତି ଉଚ୍ଚ ସ୍ଥାନ,
ଶାଗ ମୁଗ ନେଇ ଝିଅ ଘରେ ଥୋଇ
ଦେଖନ୍ତି ଝିଅ ବଦନ ।

ବାପ ଘରେ ମାମା ଶାଶୁ ଘରେ ମମି
ବିଭିନ୍ନ ନାମ ସେ ବହେ,

ISSN NO.
2582-208X

ବାପାଘର ରାଜକନ୍ୟା, ଶାଶୂଘରେ
ବୋହୂ ସାନ୍ତାଣି ହୁଏ ।

ପରିବାର ମୋହ ଅନ୍ତର ର କୋହ
ଚାପି ରଖି ଛାତି ତଳେ,
ଶାଶୁ ଘର ଟେକ ବାପ ଘର ନାକ
ଦୁଇ କୂଳ କୁ ସେ ସମ୍ଭାଳେ ।

ଭାରତୀୟ କନ୍ୟା ବିଶ୍ୱରେ ଅନନ୍ୟା
କଥାରେ ଝରେ ଅମୃତ,
ପରସରେ ଯାର ରୋଗ ବ୍ୟାଧି ଦୂର
କ୍ରୋଧ ରେ ଯା ଶତ୍ରୁ ହତ ।

ଦୁହିତା ଅଟେ ସେ ଦୁଇ କୂଳ ହିତା
ନାମ ସୀତା, ମିତା, ଗୀତା ,
ଆମ ଗୃହଲକ୍ଷ୍ମୀ ମଙ୍ଗଳଦାୟିନୀ
ସାଜେ ପୁଣି ଦୁର୍ଗାମାତା ।

କଲ୍ୟାଣ ଦାୟିନୀ ନାରୀ ନାରାୟଣୀ
ତା ପାଦେ ମୋ ମଥା ନତ,
ଦୁହିତା ର ପଥ ହେଉ କୁସୁମିତ
ମାଗୁଣି ମୋ ଜଗନ୍ନାଥ ।

ପୋଷ୍ଟ ମାଷ୍ଟର, ମହାଲେଖାକାର ଉପ ଡାକଘର
ଭୁବନେଶ୍ୱର 751001
ଫୋନ 9437175764

ISSN NO.
2582-208X

# ଜୀବନ



ଅରୁଣ କୁମାର ମହାପାତ୍ର

ଧିରେ ଧିରେ କମିଲାଣି ଜ୍ୟୋତି ନୟନର
ଶୁଭେ କ୍ଷୀଣ ଘଣ୍ଟି ଶବ୍ଦ ଦୂରୁ ସାୟାହ୍ନର
ସ୍ମୃତି ସବୁ ସାଉଁଟିବି କରୁଛି ପ୍ରୟାସ
ଜାଣେନା ସମ୍ଭବ କି ନା ବୃଦ୍ଧାବସ୍ଥା ଗ୍ରାସ ।
ଆଜି ବି ମନ ଅଗଣା ଖୋଜେ ଅପର୍ଯ୍ୟାପ୍ତ
ବର୍ତ୍ତମାନ ଭବିଷ୍ୟତ କରେ ଇତଃସ୍ତତ
ଅତୀତର ଅଭିଜ୍ଞତା ଅନୁଭବ ଚିତ୍ର
ଆଶା ନିରାଶାରେ ଭରା ସୁସ୍ଥ ମନସ୍ତତ୍ୱ ।
ମାନସପଟରୁ କିଛି ଯାଇଅଛି ଲିଭି
କିଛି ତଥ୍ୟ ମନେ ମନେ ହେଉଛି ମୁଁ ଭାବି
ସମୟରେ କିଛି ଥିଲା ଅବ୍ୟକ୍ତ ବେଦନା
ପ୍ରଶମିତ ହେବା ରାସ୍ତା ନଥିଲା ବା ଜଣା ।
ସଂସାର ହାଟରେ ସ୍ୱଛନ୍ଦରେ ରୋଜଗାର
ଜୀବନଟା ରୁଚିହୀନ କେବେ ରୁଚିକର
ଗୋଲାକାର ଆକୃତି ତା ଅଟେ ଅନ୍ତହୀନ

ISSN NO.
2582-208X

ତୁମରି ଦର୍ଶନେ ସତେ ମନ ପରିପୂର୍ଣ୍ଣ ।
ଯୌବନରେ ମନ ଖୋଜି ନାହିଁ ଅବା ଥରେ
ଅନ୍ତିମ କ୍ଷଣରେ ଆଜି ତୁମକୁ ହିଁ ଝୁରେ
ଗୀତରେ ଗୀତରେ ସରିଯିବ ଏ ଜୀବନ
ଭାବିଥିଲା ମନ କିନ୍ତୁ ସାର ଗୀତା ଜ୍ଞାନ ।
ନୟନରେ ଭରି ଥିଲା ହଜାର ସପନ
ଦିବା ସ୍ୱପ୍ନ ପାଲଟିଲା ସବୁ ଅର୍ଥହୀନ ।
ନିଜେ କାନ୍ଦି ଆରମ୍ଭିଲା ଜୀବର ଜୀବନ
ସରିଯିବ ଶୁଭୁଥିବ ଅନ୍ୟର କ୍ରନ୍ଦନ ।
ଯୋଗମୁଦ୍ରାରେ ଆସିନ ମୁଦ୍ରିତ ନୟନ
ବିନା ପ୍ରଭୁନାମ ଜୀବନଟା ମୂଲ୍ୟହୀନ ।

ବୈଜ୍ଞାନିକ ଅଧିକାରୀ
ଅଶ୍ୱପୁରମ୍ ତେଲେଙ୍ଗାନା

ISSN NO.
2582-208X

# କବି ନୀଳକଣ୍ଠ ମିଶ୍ରଙ୍କ କବିତାରେ ଜନ୍ମ ମାଟି ମୋହ



ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ

କବି ଡକ୍ଟର ନୀଳକଣ୍ଠ ମିଶ୍ର ଜଣେ ବହୁମୁଖୀ ପ୍ରତିଭା । ସେ୧୯୪୬ ମସିହା ମାର୍ଚ୍ଚ ୧୧ ତାରିଖରେ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଦହିକୋଟୀ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ପିତା ସ୍ୱର୍ଗତ ସୁରେନ୍ଦ୍ର ନାଥ ମିଶ୍ର ଓ ମାତା ସ୍ୱର୍ଗତ ଯଶୋଦା ମିଶ୍ର ।

ମାଟି ମା ପ୍ରତି ମମତା ପ୍ରତ୍ୟେକ ସ୍ରଷ୍ଟାଙ୍କର ଅମୋଘ ଅସ୍ତ୍ର ପରି । ଜନ୍ମମାଟି ହେଉଛି ପ୍ରତ୍ୟେକ କବିଙ୍କର ପେଣ୍ଠସ୍ଥଳୀ। ସେହି ଜନ୍ମମାଟିର ମୋହରୁ ଭାବର ଝରଣା ଝରିଆସେ କବିତା ଭାବରେ ପାଠକ ମହଲକୁ । ସେହିପରି କବି ଡକ୍ଟର ନୀଳକଣ୍ଠ ମିଶ୍ରଙ୍କର ମାଟି ମା ପ୍ରତି ମମତ୍ୱବୋଧ ଜାଗ୍ରତ ହୋଇଉଠିଛି। କବି ଜଣେ ଉଚ୍ଚ କୋଟୀର ହୋଇ ମଧ୍ୟ ନିଜ ଗାଁ ମାଟିକୁ ଭୁଲି ପାରିନାହାନ୍ତି। ଜନ୍ମମାଟି ତାଙ୍କ ନିକଟରେ ସ୍ୱର୍ଗଠାରୁ ମହାନ ହୋଇ ଉଠିଛି। ଆଜିର ଆଧୁନିକ ସମାଜରେ ଜନ୍ମ ମାଟିର ମୋହ ମୂଲ୍ୟହୀନ ହୋଇପଡ଼ିଥିବା ବେଳେ, କବି ତାଙ୍କ ଜନ୍ମ ମାଟିକୁ ନିଜର ଜନ୍ମଦାତ୍ରୀ ମା ପରି ଭଲପାଇ ବସିଛନ୍ତି। ଜନ୍ମମାଟି ମା ର ଆର୍ଶୀବାଦ ଭରା ସ୍ନେହ ମମତାକୁ କବି ନିଜ କବିତା ରାଜ୍ୟରେ ବୁଣି ଦେଇଛନ୍ତି। ଯାହା ପାଠକଙ୍କୁ କିଛି କ୍ଷଣ ପାଇଁ ମାଟିମନସ୍କତା କରିପାରିବ।

କବି ବ୍ୟକ୍ତିଗତ ଜୀବନରେ ସରଳ, ନିରାଡମ୍ବର, ବନ୍ଧୁବତ୍ସଳ, ସ୍ୱାଧୀନ ଚେତା, ଦେଶପ୍ରେମୀ ତଥା ମାଟି ମା ମମତାରେ ଆତ୍ମହରା । କବି ଡକ୍ଟର ମିଶ୍ରଙ୍କର ୨୦୧୦

ISSN NO.
2582-208X

ମସିହାରେ ପ୍ରକାଶିତ କବିତା ସଙ୍କଳନ "ମୋ ଆଖିରେ ମୋ ମାଟି" । ଏହି ସଙ୍କଳନରେ ଏକତିରିଶ ଗୋଟି କବିତା ସ୍ଥାନିତ।ଯାହା କବିଙ୍କ ଗାଁ ପ୍ରତି ମମତା, ବାରିପଦା ସହର ପ୍ରତି ମମତା ଓ ଜିଲ୍ଲା ମୟୂରଭଞ୍ଜ ପ୍ରତି ମମତାର ଏକ ଆଲେଖ୍ୟ ବହନ କରେ ।ଏହା କବିଙ୍କର ଜନ୍ମମାଟି ମୋହ ର ଜ୍ୱଳନ୍ତ ଉଦାହରଣ କହିଲେ ଅତ୍ୟୁକ୍ତି ହେବ ନାହିଁ।

"ମୋ ଆଖିରେ ମୋ ମାଟି"ସଙ୍କଳନରେ ସ୍ଥାନିତ କେତୋଟି କବିତାରେ ପାଠକେ ଗାଁ ପ୍ରତି ଅଗାଢ ମମତାକୁ ଉପଲବ୍ଧି କରିଛନ୍ତି। ତେଣୁ କବି 'ମାମୁ ଘର ଗାଁ ନଈ'(ବଳାଙ୍ଗୀ) କବିତାରେ ଗାଇଉଠିଛନ୍ତି -

"ମାମୁଁ ଘର ଗାଁ ନଈ
ମା ପରି ତା'ର ମମତା -ମଧୁର
ନୀର ନିଏ ମନ ମୋହି।"

କବି ପିଲାଦିନେ ମାମୁଁ ଘରକୁ ଯାଇଥିବା ସମୟରେ ସେ ବଳାଙ୍ଗୀ ନଈ କୂଳରେ କିଛି କାଳ ଅତିବାହିତ କରିଛନ୍ତି। ସେହି ନଦୀର ପ୍ରାକୃତିକ ସୌନ୍ଦର୍ଯ୍ୟକୁ କବି ଉପଲବ୍ଧ କରି ଏହି କବିତା ମାଧ୍ୟମରେ ରୂପ ଦେଇଛନ୍ତି। ତାର ସୁନ୍ଦର କାଚକେନ୍ଦୁ ପରି ଜଳରାଶି କବିଙ୍କୁ ଆତ୍ମବିଭୋର କରିଛି । ସେହି ନଦୀର କିଛି ପଥ ଅତିକ୍ରାନ୍ତ କଲାପରେ ଗୋଟିଏ ସୁନ୍ଦର ବଗିଚା ପଡ଼େ । ସେହି ବଗିଚାରୁ ବଣ ମଲ୍ଲୀର ବାସ୍ନା ଛୁଟି ଆସେ । ଏହି ନଦୀ ଶିମିଳିପାଳର ଏକ ଅଲିଅଳି ଝିଅ ପରି ଧାଇଁ ଆସିଛି । ଏହା ହେଉଛି ମାମୁଁ ଘର ଗାଁ ନଈର ସୁନ୍ଦର ପ୍ରାଚୁର୍ଯ୍ୟ ଭରା ଅତୀତ । ଯାହା ଆଜିବି କବିଙ୍କ ମନରେ ନାଚି ଉଠୁଛି ଏହି କବିତା ମାଧ୍ୟମରେ।

କବି ଡକ୍ଟର ମିଶ୍ର 'ଗାଁ ନଈଟି ମୋ' କବିତାରେ କବି ନିଜର ନଦୀ ସ୍ନାନକୁ ମନେ ପକାଇଛନ୍ତି। ସେହି ନଦୀର ପ୍ରାକୃତିକ ଶୋଭାରାଜି କବିଙ୍କ ହୃଦୟକୁ ଆଜି ବିମୋହିତ କରିପାରୁନାହିଁ। ସେହି ନଈର ଭଗ୍ନ ରୂପକୁ ଦେଖି କବି ଅବଶୋଷ ପ୍ରକାଶ କରୁଛନ୍ତି । କବିଙ୍କ ମୁଖରେ -

ISSN NO.
2582-208X

"ଗାଁ ନଈଟି ମୋ
ମୋ ପିଲା କାଳର ରୂପ
ହଜାଇ ଦେଲାଣି
ବକ୍ଷେ ତାର, ଲତା ଗୁଳ୍ମ
ମୁଣ୍ଡ ଟେକିଲାଣି
ଜୀର୍ଣ୍ଣ ବକ୍ଷା, କ୍ଷୀଣ ସ୍ରୋତା
ହୋଇଅଛି
ଯେହ୍ନେ ଆନ ମନା
ତା ରୂପ -କାଙ୍ଗାଳ ପାଇଁ
ପାରୁ ନାହିଁ
ବାଲିର ବିଛଣା ।"

କବିଙ୍କ ପିଲାଦିନ ଗାଁ ନଈଟି ଆଜି ଆଉ ସେହି ସୌନ୍ଦର୍ଯ୍ୟମୟ ହୋଇ ରହିନାହିଁ। ତାର ପୂର୍ବ ରୂପରାଜି ହଜାଇ ଦେଇଛି। ତା କୋଳରେ ଘାସ ଗଛ ଓ ଲତାମାନ ସବୁ ମାଡିଗଲାଣି। ତାର ପ୍ରବାହର ସ୍ରୋତରେ ବାଧା ସୃଷ୍ଟି ହେଉଛି । ତାର ପୂର୍ବ ଆକର୍ଷଣ ହଜିଯାଇଛି। କବି ମର୍ମାହତ ହୋଇ ପଡିଛନ୍ତି ଏଇ ନଇ ର ରୂପରାଜି ଦେଖି। ସମୟ ଓ ବୟସର ତାଡ଼ନାରେ ସତେ ଯେପରି ସବୁ ସୌନ୍ଦର୍ଯ୍ୟ ଓ ସୁଖଶାନ୍ତି ଜଳିପୋଡି ଛାରଖାର ହୋଇଯାଇଛି।

'ମେର୍ଦ୍ଦା' କବିତାରେ କବି ଗାଇଛନ୍ତି -

"ମନେ ହୁଏ ସତେ ଯେହ୍ନେ
ମୋ ମନରେ ଦିଗନ୍ତରେ
ସକାଳର କଅଁଳ ସୂରୁଯ
ଢାଳୁଛି ତା ସ୍ନେହ ବୋଳା
ସୁରୁଜର
ସୁନେଲି ଆଲୋକ
ଫୁଟାଇ ଅୟୁତେ କଳି

ISSN NO.
2582-208X

ସ୍ମୃତି ଗନ୍ଧା ମୋ
ହଜିଲା ଦିନର ।"

ମୋର ମନେ ହେଉଛି ସତେଯେପରି ମୋ ମନ ଅଗଣାରେ ପ୍ରଭାତର କଅଁଳ ସୂରୁଯ ତାର ସୁନେଲି କାରଣରେ ସ୍ନେହ ଶ୍ରଦ୍ଧା ବୋଳା ସପ୍ତରଙ୍ଗର ମୁରୁଜକୁ ଢାଳି ଦେଉଛି । କବିଙ୍କର ମନ ଅଗଣାରେ ଅୟୁତ ସ୍ମୃତିର ଫୁଲ ଫୁଟାଇ ତାର ବାସ୍ନାରେ କବିଙ୍କ ବିମୋହିତ କରି ଦେଉଛି । ସେହି ହଜିଲା ଦିନ ବା ବିତି ଯାଇଥିବା ସେହି ସ୍ୱର୍ଣ୍ଣିମ ଅତୀତକୁ କବିଙ୍କୁ ଫେରାଇ ନେଇଛି ସେହି ମେର୍ଦ୍ଧା ଗାଁ ମାଟିକୁ।

କବି ଡକ୍ଟର ମିଶ୍ର 'ଦହିକୋଟୀ 'କବିତାରେ ଜନ୍ମମାଟିର ସୁନ୍ଦର ବର୍ଣ୍ଣନା କରିଛନ୍ତି। ଗାଁର ଏହି ସୁନ୍ଦର ସର୍ବଜନଗ୍ରାହ୍ୟ ନାଁ ଟି ପାଇଁ କବି ଆତ୍ମବିଭୋର ହୋଇ ଉଠିଛନ୍ତି। ସ୍ୱର୍ଗର କେଉଁ ଶିଳ୍ପୀ ସେହି ଗାଁ ମାଟିର ଦେହରେ ଏତେ ଅମୃତ ଭରି ଦେଲା ଯେ । ସେ ଏତେ ମହାନ ଯେ ତାର କୋଳରେ ସେ ସଭିଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଛି । ତା ନିକଟରେ ଜାତି ଅଜାତି ପର ଆପଣାର ଭେଦଭାବ ନାହିଁ। ସେ ମାଟି ରତ୍ନଗର୍ଭା। କବି ଗାଁର ଅପରୂପ ସୌନ୍ଦର୍ଯ୍ୟର ବର୍ଣ୍ଣନା କରିବା ସହିତ ଓଡିଆ ଘରର ବାର ମାସରେ ତେର ପର୍ବର ସୁନ୍ଦର ବର୍ଣ୍ଣନା କରିଛନ୍ତି। ଗାଁ ମାଟିର ଶୀତ ସକାଳର ସୁନେଲି କଅଁଳ ଖରାର ବର୍ଣ୍ଣନା ସହିତ ଜେଜେମା ର ବୁଢି ଅସୁରୁଣୀ ଗପ ମଧ୍ୟ କବିଙ୍କର ମନ ଅଗଣାରେ ଢେଉ ମାରିଛି । ତେଣୁ କବି 'ଦହିକୋଟୀ 'କବିତାରେ ଲେଖିଛନ୍ତି -

"ଦହିକୋଟୀ ତୁ ଯେ ମୋର
ତୁଙ୍ଗ ଏକ ଆଦର୍ଶର ମାଟି,
ତୁ ଏକ ଶାସନ, କିନ୍ତୁ
ପାଇନି ତୋଠାରେ ତିଳେ
ନିଷ୍ଠୁରତା,
ବର୍ଣ୍ଣାଶ୍ରମା ଅନୁଶାସନର ।"

ISSN NO.
2582-208X

ହେ ମୋର ଗାଁ ମାଟି ତୁ ଆଦର୍ଶର ପ୍ରତୀକ।ତୁ ଶାସନର ଗନ୍ତାଘର କିନ୍ତୁ ମୁଁ ତୋଠାରେ କେବେ ଦେଖିନି ସେହି କଠୋରତା ବା ନିଷ୍ଠୁରତାକୁ ହୃଦୟଙ୍ଗମ କରିନାହିଁ। ତୁ ସର୍ବପ୍ରଥମେ ଜାତି, ଧର୍ମ, କୁସଂସ୍କାରର ଘୃଣିତ ପ୍ରାଚୀର କୁ ଭାଙ୍ଗି ଚୁରମାର କରିଦେଇଛୁ ।

କବି ଡକ୍ଟର ନୀଳକଣ୍ଠ ମିଶ୍ରଙ୍କର ଜନ୍ମମାଟି ମୋହ ଅତ୍ୟନ୍ତ ହୃଦୟସ୍ପର୍ଶୀ। ତାଙ୍କ ହୃଦୟର ଭାବରାଶି ଏହି କବିତାଗୁଡ଼ିକରେ ପ୍ରତିଫଳିତ।ସେ ଜନ୍ମମାଟିକୁ ନିଜ ଜନ୍ମଦାତ୍ରୀ ମମତାମୟୀ ମା ପରି ଅତ୍ୟନ୍ତ ଭଲପାଇ ବସିଛନ୍ତି। କବି ଡକ୍ଟର ମିଶ୍ର ଭଞ୍ଜ ମାଟିର କେବଳ ଜଣେ ସୁଯୋଗ୍ୟ ସନ୍ତାନ ନୁହଁନ୍ତି ବରଂ ସେ ଆମ ଓଡ଼ିଶା ମାଟିର ଜଣେ ସର୍ବଗୁଣ ଦାୟିତ୍ୱ ସମ୍ପନ୍ନ ପ୍ରତିଭା ।

ମୁକୁନ୍ଦ ପାତ୍ର ମହାବିଦ୍ୟାଳୟ ବଳରାମପୁର, ଯାଜପୁର
ଦୂରଭାଷ-୬୩୭୧୯୩୭୮୮୪)

ISSN NO.
2582-208X

# ଖୋଜିଛି ମୁଁ ପାଇନାହିଁ



କାର୍ତ୍ତିକେଶ୍ୱର ନାୟକ

ସତରେ ମୁଁ ଦେଖିନାହିଁ
ସୃଷ୍ଟି ର ସ୍ରଷ୍ଟାଂକୁ..
ଖୋଜି ଖୋଜି ନୟାନ୍ତ ମୁଁ
ଅଦୃଶ୍ୟ ସତ୍ତାଂକୁ.....
ଖୋଜେ ନିରନ୍ତର, ଠିକଣା ତୁମର..

ଖୋଜିଛି ତୁମକୁ
ସହର ବଜାର, ବିଲପ୍ରାନ୍ତର
ଘଂଚ ବନାନୀ ଅବା ସୁନୀଳ ଅମ୍ବର
ଅଗଭୀର ପରିବ୍ୟାପ୍ତ  ଜଳଭଣ୍ଡାର
ତଥାପି  ପାଇନି ତୁମକୁ ଅବା ଠିକଣା ତୁମର...

ହେ ଈଶ୍ୱର, ଶୁଣିଲି ଘର ତୁମ ନିରଳା
ମନ୍ଦିର..
ଧାଇଁ ଗଲି, ଦୁଃଖ ନେଇ ମୋର..

ISSN NO.
2582-208X

ହେଲେ, ଠକି ଦେଲ ମୋତେ
ଦେଲନି ଉତ୍ତର...
ଦେଖି ଦେଖ ନାହିଁ , ଶୁଣି ଶୁଣ ନାହିଁ
ପାଟି ଥାଇ କୁହ ନାହିଁ,
ନୀରବ ପଥର, କି ଦେବ ଉତ୍ତର..

ତଥାପି ମୁଁ ହାରିନାହିଁ
ଗଲି ଗୀର୍ଜା ଘର, ପ୍ରଣତି ଜଣାଇ
ଡାକିଲି, ଶୁଣ ହେ ଈଶ୍ୱର
ନିଷ୍ଫଳ ପ୍ରାର୍ଥନା ନର୍ଜୀବ ମୂର୍ତ୍ତି ସେ
କି ଦେବ ଉତ୍ତର
ମୁଁ ଖୋଜେ ନିରନ୍ତର...

ଶୁଭୁଥିଲା ବହୁଦୂରୁ ଆହ୍ଲା ହୋ ଆକବର୍...
ଦୃଢ ବିଶ୍ୱାସ ଜନ୍ମାଇ
ପଶିଲି ଶରଣ ଯାଇ.
ପାଟ ବସ୍ତ୍ର ଭେଟି ଦେଲି
ନେହୁରା ବି ହେଲି...
ହେଲେ ଫେରିଲି ମୁଁ ଖାଲି ହାତେ
ନ ମିଳେ ଉତ୍ତର
ମୁ ଖୋଜେ ନିରନ୍ତର...

ଶେଷ ଆଶା ରଖି
ଗଲିମୁ ଗୁରୁ ଦ୍ୱାର

ISSN NO.
2582-208X


ତନ୍ମୟ ହୋଇ ଡାକିଲି
ହେ ଗୁରୁ ହେ ଗୁରୁବର
ଯଶ ବା ବିଭବ
ଲୋଡା ନାହିଁ ମୋର
ମାନବ ବାଦରେ ହସୁ
ଏ ସାରା ସଂସାର....

କିନ୍ତୁ ହେଲି ହତାଦର
ବିଶାଦ ରେ ଫେରିଲି ମୁଁ ଘର
କେଉଁଠି ରହିଲା ଭୁଲ୍
କେହି ନ ଦେଲେ ଉତ୍ତର
ଖୋଜିଛି ମୁଁ ପାଇ ନାହିଁ
ଏବେବି ଖୋଜୁଛି
ହେ ସ୍ରଷ୍ଟା କେଉଁଠି ତୋ ଘର..

ପ୍ରଧାନ ଶିକ୍ଷକ
ଶ୍ରୀବିହାର ବୌଦ୍ଧ

ISSN NO.
2582-208X

# ରଘୁପତି



ସତ୍ୟନାରାୟଣ ପ୍ରସାଦ ନାୟକ

ଅଯୋଧ୍ୟା ପୁରୀରେ ତୁମ ଆବିର୍ଭାବ
ସୃଷ୍ଟିକରେ ଶିହରଣ
କୋଟି ଜନତାଙ୍କ ହୃଦୟ କନ୍ଦରେ
ତୁମେତ ନେଉଛ ସ୍ଥାନ ।
ତୁମ ଦିବ୍ୟ ମୂର୍ତ୍ତୀ ଦିବ୍ୟ ଦରଶନ
ପାଇବାକୁ ଝୁରେ ମନ
ସମଗ୍ର ବିଶ୍ୱରେ ଶୁଭେ ରାମ ନାମ
ହେ ପ୍ରଭୁ ଜୟ ଶ୍ରୀରାମ ।
ଦୀର୍ଘ ପ୍ରତୀକ୍ଷାର ହେଇଗଲା ଅନ୍ତ
ତୁମେ ହେଲ ପ୍ରତିଷ୍ଠିତ
ଦିବ୍ୟ ମୁହୂର୍ତ୍ତରେ ତୁମେ ବିରାଜିଲ
ଝୁମିଲା ସାରା ଜଗତ ।
ସମଗ୍ର ବିଶ୍ୱର ତୁମେ ଅଧୀଶ୍ୱର
ତୁମେତ ପରମେଶ୍ୱର
କୋଟି ଜନତାଙ୍କୁ ପାଗଳ କଲକି
ଝୁରଇ ସାରା ସଂସାର ।

ISSN NO.
2582-208X

ତୁମ ଦିବ୍ୟ ଧାମ ଦିଶେ ମନୋରମ
ଧନ୍ୟ ସେ ଅଯୋଧ୍ୟା ପୁରୀ
ଅପେକ୍ଷା କରିଛୁ ସେଇ ସୁଦିନକୁ
ଲାଗିବକି ତୁମ ଡୋରି ।
ପ୍ରଭୁ ଶ୍ରୀ ରାମଙ୍କ ଚରଣ କମଳେ
ଜଣାଉ ଅଛୁ ପ୍ରଣତି
ମଙ୍ଗଳମୟହେ ପ୍ରଭୁ ଦୟାମୟ
ଫେଡ଼ିବ ସବୁ ଦୁର୍ଗତି ।

ଜୟ ଶ୍ରୀରାମ

ରଥ ରୋଡ, ଭୁବନେଶ୍ୱର
Mob.-9437764014

ISSN NO.
2582-208X

# ଆମ ଭବିଷ୍ୟତ ଆମ ହାତରେ



ଛବି ରାଣୀ ପତି

ଋଷି ମୁନିଋଷି ଭରା ଭାରତ ବର୍ଷର
ଆମେ ଅଟୁ ଭବିଷ୍ୟତ
କାଲି ର କାମକୁ ଆଜି କରିବାକୁ
ନେବାରେ ସଦା ଶପଥ ।

ସମୟାନୁବାର୍ତ୍ତିତା ସଦା ତତ୍ପରତା
ଦେଖାଇବା ନିତି କାମେ
କୁସଙ୍ଗ ଙ୍କ ଠାରୁ ରହିବା ଦୂରରେ
ପ୍ରଭୁ ଙ୍କୁ ରଖିବା ଧ୍ୟାନେ ।

ଆସୁ ପଛେ ଯେତେ ବାଧା କି ବିପତ୍ତି
ଘୋଟୁ ଅମା ଅନ୍ଧକାର
ଧର୍ଯ୍ୟ ସହକାରେ କରୁଥିବା ସାମ୍ନା
ହୋଇ ଦମ୍ଭେ ନିର୍ଭିକାର ।

ISSN NO.
2582-208X

ଚୁଗୁଲି, ଛଳନା, ଚୋରି, ହିଂସା ଠାରୁ
ରଖିବା ନିଜକୁ ଦୁର
ପରଉପକାର ନୀତି ଆଦର୍ଶରେ
କରିବା ସଭିଁ ନିଜର ।

ମହାପୁରୁଷଙ୍କ ବାଣୀ ପଢ଼ି ଶୁଣି
ଗଢ଼ିବା ଜୀବନ ଆମ
ଆମ ଭବିଷ୍ୟତ ଆମରି ହାତରେ
କରୁଥିବା ସତ୍ କର୍ମ ।

ଗୁରୁ ଗୁରୁଜନ ଭକ୍ତି କରୁଥିବା
ଦେଇ ସେବା ଯତ୍ନ ଟିକ
ହେବା ଏ ଦେଶର ସୁନାଗରିକ
ଧରି, ଶୃଙ୍ଖଳା ସଂସ୍କାର ଭେକ ।

ସମ୍ପାଦିକା - ର୍‌ମକୃଷ୍ଣ ସାହିତ୍ୟ ସଂସଦ
ମଧ୍ୟ ଶାସନ, ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬୦

ISSN NO.
2582-208X

# ମୃତ୍ୟୁର ସଂଜ୍ଞା



ପ୍ରଦୀପ୍ତ କୁମାର ମିଶ୍ର

ମୃତ୍ୟୁ ସବୁଠାରୁ ଭୟାବହ ଜୀବନର ଅନ୍ତିମ କ୍ଷଣ। ଏହା ଜୀବନ ଗତିଶୀଳତାର ଶେଷ ତଥା ଜୀବନ ନାଟକର ଯବନିକା ଶେଷ ଦୃଶ୍ୟ। କେତେକ ଙ୍କ ବିଶ୍ୱାସ ଏହା ପୁଣି ଆଗାମୀ ଜନ୍ମପାଇଁ ଏକ କଳ୍ପିତ ସୃଷ୍ଟି। ମୃତ୍ୟୁ ଜନ୍ମର ଶେଷ ନାଟକ ଦେଖାଇଥାଏ। ମୃତ୍ୟୁ ପରେ ଆତ୍ମା ପୁଣି ଏକ ଶରୀର ମଧ୍ୟରେ ତାର ଜୀବନ୍ୟାସ କରାଇଥାଏ। ଏଥିର ଲୀଳା ଖେଳା ପରେ ପୁନଶ୍ଚ ନୁତନତ୍ୱକୁ ଆବୋରି ନିଏ। ଏହା ପରଜନ୍ମରେ ବିଶ୍ୱାସ କରୁଥିବା ଲୋକଙ୍କ ଦର୍ଶନ। କେତେକ କହନ୍ତି ମୃତ୍ୟୁପରେ ଆତ୍ମା ପରମାତ୍ମା ସହ ମିଶିଯାଏ ଓ ଶୁଦ୍ଧ ହୁଏ। ଶରୀର ମଧ୍ୟରେ ଜୀବନ ଏକ ଶକ୍ତି। ଜୀବନର କୌଣସି ସଠିକ ସଂଜ୍ଞା ନଥାଏ। ଡ଼.ମାରଗୁଲସଙ୍କ ଭାଷାରେ ଜୀବନ ଏକ ପଦାର୍ଥ ନୁହେଁ ଏହା ଏକ ପ୍ରକ୍ରିୟା। ଏହି ପ୍ରକ୍ରିୟା ର ଶେଷହିଁ ମୃତ୍ୟୁ। ଏହି ପ୍ରକ୍ରିୟାକୁ ସମନ୍ୱିତ ରାସାୟନିକ କ୍ରିୟା କହିଥାଆନ୍ତି। ଶରୀର ମଧ୍ୟରେ ପରସ୍ପର ଆବିଷ୍ଟ ରାସାୟନିକ କ୍ରିୟା ସର୍ବଦା ସଂଚାଳିତ ହେଉଥାଏ। ଏହାର ବିଲୟ ହିଁ ମୃତ୍ୟୁ ର କାରଣ। କୁହାଯାଏ ମୃତ୍ୟୁ ଦୁଇଟି ସ୍ତରରେ ହୋଇଥାଏ ତଥା somatic death ବା ଶରୀର କୋଷର ମୃତ୍ୟୁ ଓ nurotic death ତଥା ମସ୍ତିଷ୍କ ର ମୃତ୍ୟୁ। ମସ୍ତିଷ୍କର ମୃତ୍ୟୁ ହିଁ ପ୍ରକୃତରେ ଶେଷ ପ୍ରକ୍ରିୟା ଯାହାଦ୍ୱାରା ପ୍ରାଣୀର ପ୍ରାଣଶକ୍ତି ଶେଷ ହୋଇଯାଏ। ଯାହାକୁ ଆମେ କହନ୍ତି ଆତ୍ମାର ଅବସାନ ବୋଲି ।

ISSN NO.
2582-208X

ବିଜ୍ଞାନ ଶରୀରମଧ୍ୟରେ କୋଷକୁ ସର୍ବ କ୍ଷୁଦ୍ରତ୍ତର ଏକକ ରୂପରେ ଗ୍ରହଣ କରେ। ଏହି କୋଷ ମାନେ ପରସ୍ପର ସହ ସମନ୍ୱୟର ସମ୍ପର୍କ ସୃଷ୍ଟିକରି ଶରୀରକୁ ବଞ୍ଚାଇ ପାରିଥାନ୍ତି। କେତେବେଳେ ଯେ ଏହାର ବିଲୟ ହେବ ସେ ମୃତ୍ୟୁ ବରଣ କରିବ। ମୃତ୍ୟୁ ତେବେ ବିଜ୍ଞାନ ଭାଷାରେ ସତ୍ୟ ଏବଂ ଅବଶ୍ୟମ୍ଭାବି। ଆମ ଶରୀର ମଧ୍ୟରେ ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ ପରସ୍ପର ସହ ସୁନ୍ଦର ସମ୍ପର୍କ ରଖି ତାଙ୍କର କାର୍ଯ୍ୟ କରିଥାନ୍ତି। ଗୋଟିଏର ଦୁର୍ବଳତା ସୃଷ୍ଟି ହେଲେ ଅନ୍ୟ ଅଙ୍ଗମଧ୍ୟ ବିକାରଯୁକ୍ତ ହୋଇଥାଏ ।

କିନ୍ତୁ ଦର୍ଶନ ତଥ୍ୟରେ ମୃତ୍ୟୁ କେବଳ ଅନ୍ତିମ ସତ୍ୟ ନୁହେଁ ବରଂ ବଞ୍ଚିବା ମଧ୍ୟରେ ମଣିଷର ଅନେକଥର ମୃତ୍ୟୁ ହୋଇଥାଏ । କେତେବେଳେ ତାର ଭାବନାର, ଆଶାର, ଚିନ୍ତନର, ଆନନ୍ଦର ବିବେକର ମୃତ୍ୟୁ ହୋଇଥାଏ। ବେଳେବେଳେ ଏପରି ମୃତ୍ୟୁ ରେ ସେ ସଙ୍କୁଚିତ ହୁଏ ଅଥବା ନିଜେ ପୁନଶ୍ଚ ସେହିଦିଗରେ ଅଗ୍ରସର ହୁଏ। ତାର ଜୀବନ ଦର୍ଶନରେ ବାରମ୍ବାର ମୃତ୍ୟୁ ହେବା ସ୍ୱାଭାବିକ ।ଏ ଥିରୁ ସେକିଛି ଶିଖିଥାଏ ଏପରିକି ଭୁଲିବି ଯାଇଥାଏ। ଜୀବନରେ ବାଲ୍ୟକାଳର ମୃତ୍ୟୁ ହୁଏ କୈଶୋର ଆସେ ପୁଣି କୈଶୋରର ଅନ୍ତରେ ଯୁବକତ୍ୱ ଆସେ। ଯୁବକତ୍ୱରେ ସେ ଅନେକ ଆବିଷ୍କାର ଓ ଉଦ୍ଭାବନ ତାଜୀବନରେ କରିଯାଏ। ଆବିଷ୍କାର ତା ଭାବନାର ଉଦ୍ଭାବନ ତା ମନର ସ୍ୱତନ୍ତ୍ର ହୋଇଥାଏ। ପୁଣି ତାର ଆଦ୍ୟ ବାର୍ଦ୍ଧକ୍ୟ ଆସେ ବାର୍ଦ୍ଧକ୍ୟ ଆସେ। ଏ ତ ଜୀବନର ସୋପାନ କିନ୍ତୁ ପରବର୍ତ୍ତୀ ସୋପାନ ପୂର୍ବବର୍ତ୍ତୀ ସୋପାନ କୁ ମୃତ୍ୟୁଦେଇ ଆଗେଇଯାଏ। ଏଠାରେ ମୃତ୍ୟୁ ମୃତ୍ୟୁ ଅର୍ଥ ଆଉ ଫେରିବା ସମୟ ନୁହେଁ କେବଳ ବିତିଯିବା ରେ ।

ଅତଏବ ଆମେ ଏହି ପ୍ରତ୍ୟେକ ମୃତ୍ୟୁରେ କିଛି ଶିକ୍ଷା କରିବା ଆବଶ୍ୟକ। ମୃତ୍ୟୁ ପରମ ସତ୍ୟ ଏହା ସମସ୍ତଂକପାଇଁ ମହା ଶିକ୍ଷା ।

ଅରେଇ, ଯାଜପୁର
9658614728

ISSN NO.
2582-208X

# ଆଞ୍ଜୁଳେ ନାରୀ
# ଗୀତ



ସୁଜିତ କୁମାର ମିଶ୍ର

ଦଗ୍ଧ ଜୀବନେ ସେ ସ୍ନିଗ୍ଧ ଜହ୍ନରାତି
ସେନେହ ଜୋଛନା ହୋଇ,
ଆପଣା ଭିତରେ ମଧୁମାସ ନାରୀ
ଆପଣାପଣର ନଈ ।

ଉଠାଣି ଗଡାଣି ପଥେ ସିଏ ନିତି
ସପନର ରାଜପଥ,
ତାରାଫୁଲ ଭରି ତା ମନ ଆକାଶେ
ତାକୁ ଗଢି ପ୍ରେମତୀର୍ଥ ।

ସଭିଏଁ ଶେଜକୁ ଗଲାପରେ ଯାଏ
ଶୋଭା ବିମଣ୍ଡିତା ନାରୀ,
ଅପୂର୍ବ ଛୁଆଁର ଅମୀୟ ବର୍ଷାରେ
ତେଣୁ ଘର ସ୍ୱର୍ଗପୁରୀ ।

ISSN NO.
2582-208X

ମାଖିହେଲେ ରଙ୍ଗ ଫିକା ପଡିଯାଏ
ଆଜି ନହେଲେ ବି କାଲି
ନାରୀ ହୃଦୟର ପ୍ରୀତି ରଙ୍ଗ କିନ୍ତୁ
ଚିରକାଳ ଚଇତାଳି ।

ଦିନର ତାତିକୁ ପ୍ରଶମିତ କରେ
ରାତିର ମଧୁ କୌମୁଦୀ,
ନୁହଁ କି ନାରୀର ହୃଦୟ କୌମୁଦୀ
ସଭିଙ୍କୁ ପାରଇ ବାନ୍ଧି ?

******

ଜନାର୍ଦ୍ଦନପୁର ଶାସନ,କେନ୍ଦୁଝର
୭୬୮୩୮୬୬୬୪୨

ISSN NO.
2582-208X

# କୋଣାର୍କ



ଡଃ ପ୍ରଦୀପ କୁମାର ପଣ୍ଡା

କଳାର କୋଣାର୍କେ ତୁମେ ସିନା ଦେଖ
ଭାସ୍କର୍ଯ୍ୟର ଚାରୁ ଚିତ୍ରପଟ,
ମୁହିଁ  ଦେଖେ ତହିଁ
ବାରଶହ ଶିଳ୍ପୀ ହେଉଛନ୍ତି ଛଟପଟ ।।୧।।

ଆତ୍ମା ତାଙ୍କର ବାହୁନି କାନ୍ଦୁଛି
ବିଳପି ଉଠୁଛି ବେଳା ଭୂଇଁ,
ଆସିଥିଲା କିଏ ଆସନ୍ନ ପ୍ରସବା ସ୍ତ୍ରୀକୁ
ସମର୍ପିଣ ଦେଇଣ ଧାଇ ।।୨।।

କଳାର ଫସଲେ ବଳି ପଡ଼ିଗଲେ
ଶତଶତ କାରିଗର,
ବାହୁନି କାନ୍ଦୁଛି ପୁତ୍ରହରା
ଘନଘନ ଶୁଭେ କର୍ଣ୍ଣେ ମୋର ।।୩।।

ISSN NO.
2582-208X

ନବବଧୂ ଆଜି ଭାଗ୍ୟକୁ ନିନ୍ଦଇ
ବିଧାତା ହେଲା କି ବାମ,
ସନ୍ତାନ ଖୋଜେ ବାପା ବାପା ବୋଲି
ପଚାରଇ ଗଲେ କେଉଁ ଧାମ ।।୪।।

ସାଗରେ ଧରମା ଲମ୍ଫ ଦେଲା
ରଖିବାକୁ ପିତା ପ୍ରାଣ
ସାଗର ଖୋଜୁଛି ଭଉଁରୀ କାଟିଣ
ଧରମାର ପଦଚିହ୍ନ।।୫।।

ଡିଜିଟାଲ ମୁଖ୍ୟ ସମ୍ପାଦକ
ବ୍ରହ୍ମ ନିର୍ଘୋଷ ଇ-ପତ୍ରିକା, ସମ୍ବଲପୁର
ନୂଆଁ ବରଙ୍ଗାମାଲ, ସମ୍ବଲପୁର - ୭୬୮୧୧୨
ଦୂରଭାଷ :- ୯୯୩୭୩୯୬୭୭୮

ISSN NO.
2582-208X

# ବାଜ ପାଇଁ ବକ ମରେ



ସିନ୍ଧୁ ନନ୍ଦିନୀ

ଦୁର୍ବଳ ଉପରେ ସବଳ ରାଜୁତି
ଆଇନ ଆଖି ଅନ୍ଧ ପୁତୁଳିରେ
ମଣିଷଠାରେ ନାହିଁ ମଣିଷପଣିଆ
ବାଜ ପାଇଁ ବକ ମରେ

ଧନୀ ଘରେ ଖାଦ୍ୟ ଅପର୍ଯ୍ୟାପ୍ତ
ବଳକା ଫୋପଡ଼ା ନାଳେ
ଗରିବ ଲୋକଟି ଖାଦ୍ୟ ପାଏନାହିଁ
ଦେହକୁ ବସ୍ତ୍ର ନ ମିଳେ

ଧନୀ ଲୋକ ସଦା ବିଳାସ ବ୍ୟସନେ
ଗରିବ ଦୁଃଖରେ ମରେ
ପୋଷା କୁକୁର ଶୁଏ ଏସି ରୁମ୍ ରେ
ହଜାରେ ଖର୍ଚ୍ଚ ତା ପଛରେ

ଧନୀ ଘରେ ପୂର୍ଣ୍ଣ ସମସ୍ତ ଐଶ୍ୱର୍ଯ୍ୟ
ଗରିବ ସବୁରୁ ବଞ୍ଚିତ

ISSN NO.
2582-208X

ଶେଷ ବେଳେ ସାଥେ କିଛି ଯିବ ନାହିଁ
ଛଖଣ୍ଡ କାଠ ଲୋଡ଼ା ହବ

ସତ୍ୟ ର ଉପସ୍ଥାପନା କଲେ
ରାଜଦଣ୍ଡ ଏଠି ମିଳେ
ଦୁଃଖୀ ଲୋକର ଫଟା କପାଳ
କାନ୍ଦିବାରେ ଦିନ ସରେ

ଦୁର୍ବଳ ଉପରେ ସବଳ ଅତ୍ୟାଚାର
ଦସ୍ତୁର ଏହି ଦୁନିଆରେ
ଜୁଇର ନିଆଁ ରେ ସବୁ ଜଳି ଯିବ
ମିଳିବ ଅସ୍ଥି ପାଉଁଶରେ

ମଣିଷର ବିବେକ ବୁଦ୍ଧି ବିଚାର
ହଜିଲାଣି ଦୋଛକିରେ
ଉଠାଣି ଗଡାଣି ରେ ଚାଲିବାକୁ ହେବ
ସମୟ ଦେବ ସବୁ ଉତ୍ତରରେ

ଭୁବନେଶ୍ୱର

ISSN NO.
2582-208X

# ଫଗୁବୋଳା ଚିଠି



କୁଞ୍ଜ ବିହାରୀ ସାହୁ

ମଞ୍ଜୁ ଦାସ ସହ ପ୍ରଥମ ପ୍ରେମ ଥିଲା ଏହିପରି ।

ପ୍ରେମର ସାମାନ୍ୟକଥନରେ ଥିଲା କବିତା ଉପରେ ବିଶ୍ଳେଷଣ । କୋରାପୁଟରୁ ପ୍ରକାଶିତ ଏକ ନାମୀ ସ୍ମରଣିକାରେ କବିତାଟିଏ ପଠନ ଉପରାନ୍ତେ ସମ୍ୟକ ମତାମତ ବାଢିଦେଲି କବୀ ମଞ୍ଜୁ ଦାସକୁ । ସଂପୂର୍ଣ୍ଣ ଅଚିହ୍ନା, ଅଜଣା ଓ ଅପହଞ୍ଚ ଥିଲା କବୀ ମଞ୍ଜୁ ଦାସ । ଏକ ସପ୍ତାହ ପରେ ଉତ୍ତର ପାଇଗଲି ଚଟାପଟ ଚିଠିରେ ଚିଠିରେ ।

- ମୋ କବିତାଟି ପଢି ମନଚୋରା ମତାମତଟିଏ ବାଢିଥିବାରୁ ଅନେକ ଅନେକ ଧନ୍ୟବାଦ ଜଣାଉଛି। ମୁଁ ଜାଣି ନଥିଲି ଏତେ ସୁନ୍ଦର ସାବଲୀଳ ଭାବ ପ୍ରକାଶରେ ମତାମତଟିଏ ପାଇବି ବୋଲି । ମୁଁ ଜଣେ ଗାଉଁଲି ଝିଅଟିଏ । କେତେବେଳେ ଟିକେ ମନ ପାଇଲେ ଲେଖିଦିଏ । ସତରେ ଲେଖାଟି ଏତେ ଭଲ ଲାଗିଲା ! ପୁଣିଥରେ ଧନ୍ୟବାଦ ଜଣାଉଛି ।

ଏହା ଥିଲା ମଞ୍ଜୁ ଦାସର ସରଳ, ତରଳ ଓ ଭାବାବେଗର ମିଠା ସନ୍ତକଟିଏ ।

ସେତେବେଳେ ମୋବାଇଲ ନଥିଲା । କାଁ ଭାଁ ଲ୍ୟାଣ୍ଡ ଫୋନର ଉପଯୋଗର ଭରସାରେ ଥିଲା ଯୋଗାଯୋଗ । ତଥାପି ଚିଠି ହିଁ ଥିଲା ପ୍ରଧାନ ଓ ସ୍ମୃତିବହୁଳ ମାଧ୍ୟମ ଥିଲା ।

ISSN NO.
2582-208X

ଲଫାପା ଭିତରେ ଚିଠିଟିଏ ପାଇଲା ପରେ ଚକିତ ହେଲି ସତରେ କ'ଣ ଏମିତି ମଧୁମକ୍ଷିକାର ଗୁଞ୍ଜନ ପରି ମୋ ହାତ ଲେଖା ଚିଠିର ମିଠା ମିଠା ଉତ୍ତର ପାଇବି ବୋଲି ? ନିଜକୁ ଅନେକ ପ୍ରଶ୍ନ ପଚାରି ଚିଠି ପଢ଼ିଲି ।

ବେଳେବେଳେ ଅନ୍ତର୍ଦ୍ଦେଶୀୟ ପତ୍ରରେ ଚିଠି ଲେଖୁଥିଲି ତ ପୁଣି କେତେବେଳେ ଅନେକ କିଛି ଲେଖିବାର ଆବଶ୍ୟକତା ଦେଖି ଲଫାପା ଭିତରେ ଚିଠି ଦେଉଥିଲି । ଚିଠି ଲେଖୁଥିଲି ସୁଦୂର କୋରାପୁଟରୁ । ବଣ- ପାହାଡ -ନଦୀ ନାଳ- ଝରଣାର ଗନ୍ତାଘର, ଶ୍ୟାମଳ ସବୁଜିମା ଚାଦର ଘୋଡେଇ ହୋଇଥିବା ଆଦିବାସୀ ଜିଲ୍ଲା କୋରାପୁଟ । ମୋତେ ଆନନ୍ଦ ବାଣ୍ଟି ବାଣ୍ଟି ଚାଲୁଥିଲା ମାଟି-ପାଣି-ପବନ । ଖୁସିର ମୂରୁଜ ବୁଣିଦେଉଥିଲା । ଧାଙ୍ଗଡା ଧାଙ୍ଗଡ଼ୀଙ୍କ ଅନାବିଳ ପ୍ରେମରେ ମୁଁ ମତୁଆଲା ହେଇଯାଉଥିଲି । ନଦୀ- ନାଳ -ଝରଣା - ପାହାଡ- ଗଛଲତା, ତଇଲାବାଡି, ଡଙ୍ଗର ସବୁକିଛି ମୋତେ ପ୍ରେମର ପରିଭାଷା ଶିଖେଇଦେଲେ । ଆଦିବାସୀର ଅଧା ଫୁଙ୍ଗୁଳା ତେଲିଆ ଦେହଟି ମୋ ଆଖିର ଚାହାଁଣିକୁ ଟାଣି ନେଉଥିଲା । ଅଫିସର କରିଡର ପାଖରେ ବସି କୃଷ୍ଣଚୂଡା ଫୁଲକୁ ଦେଖି ମଞ୍ଜୁ ପାଖକୁ ଚିଠି ଲେଖୁଥିଲି ତ ପୁଣି କେତେବେଳେ ମୋ ଘରକୁ ପାଣି ଭାର ଧରି ସକାଳେ ଆସୁଥିବା ଧାଙ୍ଗଡ଼ୀକୁ ଦେଖି ଚିଠି ଲେଖୁଥିଲି । ଚିଠିରେ କେବଳ ରହୁଥିଲା ନିଜସ୍ୱ ଅଭିବ୍ୟକ୍ତି ଆଉ କବିତାର ସମୀକ୍ଷା । ତା'ରି ଭିତରେ ବି ଗୁଞ୍ଜି ହେଇ ରହୁଥିଲା ରୋମାଣ୍ଟିକ ଅଣୁ କବିତା । ସାଏରୀ ଓ ସନେଟ୍ । ଲେଖିଲାବେଳେ ମୋ ଦେହରେ ଶିହରଣ ଉଚ୍ଚାଟ ମାରୁଥିଲା। କେତେବେଳେ ସମୟ ସରିଯାଉଥିଲା ଜାଣିହେଉନଥିଲା ସହଜରେ ।

ଚିଠି ଲେଖିଲାବେଳକୁ ଯେତିକି ରୋମାଣ୍ଟିକ ହେଉଥିଲି, ଡାକବକ୍ସରେ ଭରିଦେଲାବେଳକୁ ମୁଣ୍ଡିଆଟେ ମାରୁଥିଲି । ଉତଫୁଲ୍ଲିତ ହେଉଥିଲେ ବି କିଛି କ୍ଷଣ ପାଇଁ ଆଶଙ୍କା/ ସଂଶୟ ଭିତରେ ନିଜକୁ ଦରାଣ୍ଡୁଥିଲି । ମୋ ପାଇଁ ସଂପୂର୍ଣ୍ଣ ଅଜଣା/ ଅଚିହ୍ନା ଥିଲା ମଞ୍ଜୁ ଦାସ । ତା ଚେହେରାକୁ ମୁଁ କେବେ ଦେଖିଥିଲି ନା ତା ବିଷୟରେ କିଛି ପୂର୍ବାଭାଷ ଜାଣିଥିଲି । ଆଶା କରୁଥିଲି ମୋ ଚିଠି ତା ହାତ ପାପୁଲିକୁ ଛୁଇଁଯାଉ ଅନାୟସରେ । ଅପେକ୍ଷା କରୁଥିଲି ତା'ର ମିଠା ମହକ ବୋଳା ଚିଠିଟିକୁ ।

ISSN NO.
2582-208X

ଦୁଇଜଣଙ୍କର ଚିଠି ପଢ଼ିବାର  ସମୟ ଗୋଟିଏ ସପ୍ତାହ ଭିତରେ ସୀମିତ ରହୁଥିଲା ।

ମୁଁ ଯେବେ ଆଶା କରୁଥିଲି ପ୍ରାୟ ସେହି ଦିନ ହିଁ ଡାକବାଲା ହାତରୁ ଚିଠି ପାଉଥିଲି । ବେଳେ ବେଳେ ପୋଷ୍ଟଅଫିସ ଯାଇ ଚିଠି ଦରାଣ୍ଡିଲା ବେଳେ ମଞ୍ଜୁ ଦାସର ଚିଠିକୁ ଜାକି ଧରୁଥିଲି । ପାରସ୍ପରିକ ମଧ୍ୟରେ ଏକ ସୁନ୍ଦର ବୁଝାମଣାର ଚିଠି ଲେଖା ଚାଲୁଥାଏ ।

ମଞ୍ଜୁର ହାତ ଲେଖା ଚିଠିର ଆରମ୍ଭରେ ସମ୍ବୋଧନ ଥିଲା 'ପ୍ରିୟ କବି' । ବୁଝିପାରି ନଥିଲି । ହଁ ହେଇପାରେ ମୁଁ ତା କବିତାକୁ ସମୀକ୍ଷା କରି ଚିଠି ଦେଇଥିଲି ବୋଲି ମୋତେ ପ୍ରିୟ କବି ବୋଲି ସମ୍ବୋଧନ କରୁଥିଲା । କିମ୍ବା ନିଜର କରିବାକୁ ଯାଇ ଏଭଳି ବି ହେଇପାରେ । ମନରେ ଉଙ୍କିମାରିଥିଲା ଏଇଥିପାଇଁ ପ୍ରଶ୍ନଟିଏ । ପଚାରିଥିଲି ବି ।  କିଛି ଉତ୍ତର ନ ପାଇ ମନରେ ଆଶଙ୍କାର ଚିହ୍ନ ଲାଗିଗଲେ ବି ପର ମୁହୂର୍ତ୍ତରେ ଅନୁଭବ କଲି ବୋଧହୁଏ ମୋତେ ଆପଣାର ଭାବିସାରିଛି ସେ ।

ମୁଁ ବି ସମ୍ବୋଧନରେ କ'ଣ ଲେଖିବି ଭାବୁ ଭାବୁ କାହିଁକି କେଜାଣି ରାଧା ଓ ମୀରାଙ୍କ ନାଁଟା ମନ ଭିତରକୁ ଧସେଇ ପଶିଆସିଲା । ଶ୍ରୀକୃଷ୍ଣଙ୍କୁ ଭଲ ପାଉଥିଲେ ରାଧା ଓ ମୀରା । କିନ୍ତୁ ରାଧା ରାଣୀ ହେବାର ସୁଯୋଗ ପାଇଲାବେଳେ ମୀରା କେବଳ ଶାଶ୍ୱତ ପ୍ରେମରେ ଉବୁଟୁବୁ ହେଉଥିଲେ ।  ଶ୍ରକୃଷ୍ଣଙ୍କୁ ଭକ୍ତିରେ ପୂଜା କରୁଥିଲେ । ଇଏତ ଥିଲା ପୌରାଣିକ ଆଖ୍ୟାନ । ମୁଁ କିନ୍ତୁ ଜାଣିପାରିଥିଲି ଏକ ଅଜଣା ଅଶୁଣା କବୀଙ୍କ ସହ ପ୍ରେମ ଚାଲିଛି ଚିଠିରେ ଚିଠିରେ। ପାଇବାର ସମ୍ଭାବନା ଥିଲା କ୍ଷୀଣ ତଥା ଦୂରୁହ । ସେଥିପାଇଁ ସମ୍ବୋଧନ ରଖିଲି 'ମୀରା' ।

ଆରମ୍ଭ ହୋଇଗଲା ପ୍ରିୟ କବି ଓ ମୀରା ଭିତରେ ଚିଠିରେ ଚିଠିରେ ପ୍ରେମ ।

ମୀରା ପାଖକୁ ଗୋଲାପ ଫୁଲଟିଏ ପଠାଇଲି ମୁଁ ପ୍ରିୟ କବି ଭାବରେ ।  ମୀରା ଯୋଉଦିନ ଚିଠିକୁ ହାତେଇନେଲା ତା ଦେହସାରା ବିଞ୍ଚି ହୋଇଗଲା ଫୁଲପାଖୁଡା । ସେତେବେଳେ ସେ ତା ଛାତ ଉପରେ ଗୋଲାପ ଫୁଲକୁ ଚାହିଁ ଚାହିଁ ମୋ କଥା ଭାବୁଥିଲା । ଚିଠିର ଉତ୍ତରରେ

ISSN NO.
2582-208X

ଲେଖିଥିଲା- -

'ପ୍ରିୟ କବି, ତୁମ ହାତ ଲେଖା ଚିଠି ଖୋଲୁ ଖେଲୁ ଯେତିକି ଖୁସୀ ହେଲି ତା'ଠୁ ଅଧିକ ଉପଭୋଗ କଲି ମୋ ଦେହସାରା ବିଞ୍ଚିହୋଇ ପଡିଯାଉଥିବା ଗୋଲାପ ଫୁଲର ପାଖୁଡାକୁ ଦେଖି । ବାସ୍ନାରେ ଭରିଯାଉଥିଲା ମୋ ତନୁ-ମନ । ପାଖୁଡାକୁ ଧରୁଧରୁ ମୋ ଉଚ୍ଚା ଛାତିକୁ ମୁଁ ଆଉଁସିଦେଲି ଅଜାଣତରେ । ସତରେ ତୁମ କଥା ହିଁ ଭାବୁଥିଲି ମୋ ଛାତ ଉପରେ ସଜ ଗୋଲାପ ଫୁଲକୁ ଦେଖି । ସତରେ ଫୁଲଟି କେତେ ସୁନ୍ଦର ଦିଶୁଛି । ପାଟିରୁ ବାହାରି ଆସିଲା - 'ଆଇ ଲଭ୍ ୟୁ ...ଆଇ.ଲଭ୍.ୟୁ'

ଇତି,

ତୁମର ମୀରା

ୟାକୁ ହିଁ କହନ୍ତି ଟେଲିପାଥୀ ।

ୟୁରେକା....ୟୁରେକା....ଜଣେ ବିଜ୍ଞାନୀ ଏକଥା କହିଥିଲେ । ମୁଁ ଏଭଳି ଶବ୍ଦରେ ଉଚ୍ଚାଟ ହୋଇ ମୀରା ପାଖକୁ ଫେରାନ୍ତା ଚିଠି ଲେଖିଲି - ମୀରା, ଆଇ.ଲଭ୍.ୟୁ ଠୁ...'

ଆରମ୍ଭ ହୋଇଗଲା ଚିଠିରେ ଚିଠିରେ ପ୍ରେମର ଦ୍ୱିତୀୟ ଅଧ୍ୟାୟ ।

ହାଲକା ହାଲକା ଶୀତୁଆ ପବନ ଦେହସାରା ପିଟିହେଉଥିଲା । ସୋରିଷ ଫୁଲ ବି ଚାହୁଁଥିଲା ରୋମାଣ୍ଟିକ୍ ମୁଡରେ । ପାଣି ଭାର ଧରି ନିନି ଆସିଲା ଘରକୁ । ତା ପଛରେ ତିନି ବର୍ଷର ଛୁଆଟି । ନିନି ତା ନିଜସ୍ୱ କାମ କରିଯାଉଥିଲା ଘର ଭିତରେ । ବସିଥିଲି ଘାସ ଗାଲିଚା ଉପରେ ନୀଲକମଲ ଚେୟାର ପକେଇ । ଆକାଶକୁ ଚାହୁଁଥିଲି ଏକ ଲୟରେ। ରାସ୍ତାକଡରେ ଜୀଇଁଥିବା ଶାଳଗଛର ଓସାରିଆ ପତ୍ରକୁ ନିରେଖି ଦେଖୁଥିଲି । ଅନେକ ଦିନ ହେଲା ପୁରୀ ସମୁଦ୍ର ଦେଖି ନଥିବାରୁ ମନଟା ଉତ୍ତାଳ ହେଇଯାଉଥିଲା । ଭାବ ବିହ୍ୱଳ ହୋଇ ଚିଠି ଲେଖିଲି ।

ISSN NO.
2582-208X

ମୀରା,

ମୁଁ ଏଠି ସୁଦୂର କୋରାପୁଟରେ । ମୋ ପାଇଁ ଅପହଞ୍ଚ ପୁରୀ ଓ ତା ବେଳାଭୂମି । ଉତ୍ତାଳ ଫେନିଳ ତରଙ୍ଗ, ନୋଳିଆମାନଙ୍କ ସାମୁଦ୍ରିକ ଯାତ୍ରା । ଏପରିକି ପେଣ୍ଟକଟାର ସମୁଦ୍ର ଲହଡିରେ ଦେହକୁ ଭିଜେଇ ମଜା ଉଠଉଥିବା ବିଦେଶୀ ପର୍ଯ୍ୟଟକ ସୁଠାମ ଶରୀର ମନେପଡିଯାଉଛି । ବିକିନି ପିନ୍ଧି ବିଦେଶିନୀ ଢେଉରେ ଦେହକୁ ବୁଡେଇ ଖୁସି ହେଉଥିଲା ବେଳେ ବିଦେଶୀ ପର୍ଯ୍ୟଟକମାନେ ବାଲିରେ ପିଠି ଦେଖେଇ ସୂର୍ଯ୍ୟ କିରଣକୁ ଆପଣାଉଥିବେ। ନୋଳିଆମାନେ ବି ମାସେଜ୍ କରି ରୋଜଗାର କରୁଥିବେ । କେତେ ବଙ୍ଗାଳି ପର୍ଯ୍ୟଟକ ଲହଡିରେ ଓଦା ସରସର ହେଉଥିବେ । ଦେହରେ ଚାପି ହେଇ ଲାଗିଯାଇଥିବ ଝୀନ ଶାଢି, ଶାଲୱାର....ଦୃଶ୍ୟମାନ ହେଉଥିବ ଯୌବନ । ଅଲକ୍ଷ୍ୟରେ ଶାଢି ଖସିଯାଇ ଦେହର ଗୋପନୀୟ ଇଲାକାକୁ ପରିପ୍ରକାଶ କରୁଥିବ । ଆଉ ସେମାନଙ୍କର ହସ -ଖୁସି -ମଜା, ଥଟ୍ଟା ତାମସା, କୋଳାକୋଳି ସବୁ କିଛି ସ୍ୱର୍ଗୀୟ ମନେ ହେଉଥିବ । ମୁଁ ଯଦି ଏବେ ସେଇଠି ଥାନ୍ତି ଭରପୂର ମଜା ଉଠେଇଥାନ୍ତି । ଆଉ ତୁମେ ମୋ ପାଖରେ ବସିଥାନ୍ତ, ଦେହକୁ ଆଉଜି ମୋ ଓଠରେ ତୁମ ଆଙ୍ଗୁଠି ଲଗାଇ କଅଣ ଗୁଡାଏ ଏଣୁତେଣୁ କହୁଥାନ୍ତ । ମୋତେ ଜାବୁଡି ଧରି ଫେନିଳ ଢେଉକୁ ଗଣୁଥାନ୍ତ । ସତରେ କି ମଜା ଲାଗୁଥାନ୍ତା ! କହୁଥାନ୍ତ ଏଇ ଦେଖୁନ ଦେଖୁନ ସେମାନେ କେମିତି ମଜା କରୁଛନ୍ତି । ଓଦା ହେଇଯାଉଛନ୍ତି ........।

ଇତି

ତୁମର ପ୍ରିୟ କବି

ଭାବନାକୁ ଚିଠିରେ ଭର୍ତ୍ତି କରିଦେଲି ଉତ୍ସୁକତାର ସହ । ଗାଧୁଆ ପାଧୁଆ ସମାପ୍ତ କରି ଡାକ ଘରେ ଥିବା ପୋଷ୍ଟ ବକ୍ସରେ ଚିଠି ପକେଇଦେଲି । ଏକ ପରମ ତୃପ୍ତି ନେଇ ଚିଠିର ଉତ୍ତରକୁ ଅପେକ୍ଷା କଲି ।

ISSN NO.
2582-208X

ସୁନ୍ଦର ଉତ୍ତରଟିଏ ପାଇଗଲି ଚାରିଦିନ ପରେ । ବ୍ୟଗ୍ରତା ଯେମିତି ଚକ୍କର କାଟୁଥିଲା ମନରେ । ଚିଠି ଖୋଲି ପଢ଼ିଲି ....

ପ୍ରିୟ କବି,

ଏମିତି ଗୋଟେ ସୁଯୋଗ ଆସିଥିଲା । ପୁରୀର ସଦାଶିବ ସଂସ୍କୃତ ମହାବିଦ୍ୟାଳୟ ସେଦିନ ଥିଲା ଛୁଟି । ପେଣ୍ଠକଟା ନିକଟରେ ଆମ କଲେଜ । ପଢ଼ାପଢ଼ି ପରେ କାହିଁକି କେଜାଣି ମନହେଲା ସମୁଦ୍ର କୂଳରେ ବୁଲି ଲହଡି ଦେଖିବାକୁ । ଢେଉ ଗଣିବାକୁ । ବାଲିରେ ଚାଲିବାକୁ । ହଁ ଆଖିରେ ସ୍ୱପ୍ନ ନେଇ ଦେହରେ କିଛି ଶିହରଣ ଯୋଡିବାର ଇଛା ନେଇ ବାଲିରେ ଚାଲି ଚାଲି ସମୁଦ୍ରର ଓଦା ବାଲିରେ ବସିଲି । ଶାଢ଼ି ପିନ୍ଧିବାକୁ ଇଛା ହେଲା ବୋଲି ସୂତା ଶାଢ଼ିଟିଏ ପିନ୍ଧିଥିଲି । ନୋଳିଆମାନଙ୍କୁ ଦେଖିଲି । ସେମାନେ ପଇଡ କାଟି ବିଦେଶୀମାନଙ୍କୁ ବଢେଇଦେଉଥାନ୍ତି । କଅଁଳ ଖରାରେ ପେଟେଇ ପଡିଥିବା ବିଦେଶୀ ପର୍ଯ୍ୟଟକମାନଙ୍କୁ ମାସେଜ୍ କରୁଥାନ୍ତି । ଗୋରା ତମତମ ଚେହେରା । ଯୁବକମାନେ ବି ବହୁତ ସୁନ୍ଦର ଦିଶୁଛନ୍ତି । ଗୋଟେ ମଜା କଥା ହେଉଛି ଯୁବକମାନଙ୍କ ଛାତିରେ ବରକୋଳି ପରି ଉଚ୍ଚା ଉଚ୍ଚା ସ୍ତନ ଦେଖି ମୁଁ ଅବାକ୍ ହେଇଗଲି । ନିଜ ଦେହଟିକୁ ନିଜେ ଅନେଇଲି କିଛି ସମୟ । ବିକିନି ପିନ୍ଧା ଛୋଟ ଛୋଟ ଝିଅମାନେ ନିର୍ଭୟରେ ଲହଡି ଭାଙ୍ଗୁଛନ୍ତି । କେତେ ବଙ୍ଗାଳି, ବିହାରୀମାନେ ବି ଅଧା ଫୁଙ୍ଗୁଳା ହୋଇ ଢେଉରେ ଖେଳୁଛନ୍ତି । ବହୁତ ଇଛା ହେଲା ତୁମ ସହ ସମୁଦ୍ର ଢେଉରେ ସାରା ସମୟ ବିତେଇଦେବାକୁ । ତୁମ ଦେହରେ ଅଜାଡି ପଡିଯିବାକୁ । ଏମିତି ଭାବୁ ଭାବୁ ସତକୁ ସତ ଅମାନିଆ ଢେଉ ଆସି ମୋ ଶାଢ଼ିଟିକୁ ଓଦା କରିଦେଲା । ମୁଁ ଆଣ୍ଠୁ ପର୍ଯ୍ୟନ୍ତ ଶାଢ଼ିଟିକୁ ଟେକିଦେଲି । ଓଦା ବାଲିରେ ପଡିଗଲାପରି ଲାଗିଲା । ମୋ ଦେହ ମନରେ କିଏ ଯେମିତି ଶିହରଣ ଭରିଦେଉଥିଲା । ସତରେ ତୁମେ ଏତେ ଭଲ ପାଅ ଯେ ନିଜକୁ ସମ୍ଭାଳି ପାରିଲିନି କିଛି କ୍ଷଣ । ଘୁଞ୍ଚି ବସିଲି । ମନକୁ ବୋଧ କରି ଫେରି ଆସିଲି କଲେଜ ହଷ୍ଟେଲକୁ ।

ISSN NO.
2582-208X

ଇତି

ତୁମର ମୀରା ।

ଯାକୁ ହିଁ କହନ୍ତି ଟେଲିପାଥି ।

ଦି' ଦିନ ପରେ ହୋଲି ଖେଳ । ରଙ୍ଗବେରଙ୍ଗ ଅବିରରେ ହୋଲି ଖେଳିବା ଯେ କେତେ ମଜା ବୁଝିଗଲି । ନିଜ ମନକୁ ବୁଝାଇ ଲଫାପାରେ ମେଞ୍ଚାଏ ରଙ୍ଗ ପଠାଇଦେଲି । ଆଶଙ୍କା ଥିଲା କାଳେ ଯଦି କିଏ ଚିଠି ଖୋଲିଦିଏ ତେବେ ସବୁ ରଙ୍ଗ ଅଜାଡି ପଡିଯିବ ତା ଉପରେ । ରାଗ ତକ ଶୁଝାଇବାକୁ ଅବାଗିଆ ଚିଠିଟେ ପାଇବ ।

କିନ୍ତୁ ମୀରା ହିଁ ଚିଠି ଖୋଲିଲା । ସେୟା ହିଁ ହେଲା । ରଙ୍ଗୀନ ବର୍ଡର ଥିବା ଧୋବ ଫରଫର ଶାଢିରେ ରଙ୍ଗ ପଡିଗଲା । ରାଗ ଚଢିଗଲା ତାକୁ । କାହାକୁ କହିବ/ କଅଣ ବା କହିବ ....ଭଲପାଇବାର ରଙ୍ଗ ତ ତା ଶାଢିରେ ଲାଗିଯାଇଛି । ସକାଳୁ ସକାଳୁ ରାଧାକୃଷ୍ଣ ମନ୍ଦିରକୁ ଯାଇ ତା ପ୍ରିୟ କବି ପାଇଁ ନଡିଆ ଭୋଗ ଲାଗି କରିଥିଲା । ନୂଆ ଶାଢିଟିଏ ପିନ୍ଧିଥିଲା । ଖୁବ୍ ମାନୁଥିଲା ତାକୁ । ମନକୁ ବୁଝେଇ ଚିଠି ଲେଖିଲା -

ପ୍ରିୟ କବି

ତୁମେ ଦେଇଥିବା ରଙ୍ଗ ଉପହାର ପାଇଛି । ଚିଠି ଖୋଲୁ ଖୋଲୁ ସବୁ ରଙ୍ଗ ଅଜାଡି ହୋଇ ପଡିଲା ମୋ ନୂଆ ଶାଢିରେ । ଏତେ ରାଗିଗଲି ଯେ....ହେଲେ କିଛି ନ କହି ବରଂ ଚୁପ୍ ରହିଲି । ସତରେ ଭାରି ଭଲ ଦିଶିଲି ମୁଁ ରଙ୍ଗୀନ ଶାଢିରେ । ବୋଉକୁ ବାଆଁରେଇ ଦେଲି । ସତରେ ତୁମେ ଭାରି ଇଏ....

ଇତି

ତୁମର ମୀରା

ମୀରାର ଚିଠିରେ ଭରିଥିଲା ମାଦକତା । ନେସି ହୋଇଥିଲା ଭଲ ପାଇବାର ସଂକେତ । ଖୁସିର ନଈରେ ପହଁରିଗଲି ।

ISSN NO.
2582-208X

ଚିଠି ଲେଖା ସୀମିତ ରହିଲା ନାହିଁ । ଆଗକୁ ଚାଲିଲା ଆହୁରି ରୋମାଣ୍ଟିକ୍ ଧାରାରେ । ଚିଠିରେ ବି ଲେଖାହୋଇଗଲା ଦୁଇ ପରିବାର ବିଷୟରେ ।

ମୀରାର ହାତ ଲେଖା ପହଞ୍ଚିଲା ମୋ ହାତରେ । ଲେଖାଥିଲା- ମୋ ବାହାଘରକୁ ତୁମେ ଆସିବ ନା ! ବୋଧହୁଏ ମୀରା ଜାଣିବାର ଇଛା ଟିକକ ଖୋଲି କହିଦେଲା ।

ଯଦି ଗୋଟିଏ ଦିନରେ ବାହାଘର ହୁଏ...

ଚିଠି କେଖାରେ କିନ୍ତୁ ବିରତି ନଥିଲା । ଜଣାପଡୁଥିଲା ଚିଠି ଲେଖିବାର ମଜା ଦୁହିଁଙ୍କୁ ଘାରିଥିଲା ଗୋଟାପଣେ ।

ଅନେକ ଥର ଚିଠି ଲେଖୁ ଲେଖୁ ଲେଖିଦେଲି ନିଜ ମନ କଥା- ମୀରା, ଅଳ୍ପ ଦିନ ତଳେ ମୋର ନିର୍ବନ୍ଧ ସରିଯାଇଛି ।'

ଚିଠିକୁ ଡାକ ବାକ୍ସରେ ପକେଇଲା ପରେ ଅନେକ ଥର ଭାବିଲି । ଲେଖୁ ଲେଖୁ ସତ କଥା ସିନା ଲେଖିଦେଲି । ମୀରା ପାଇଁ ଅଡୁଆ ତଡୁଆ ହେବନି ତ ! ହେ ଠାକୁରେ....ଦୀର୍ଘ ନିଶ୍ୱାସ ମାରିଲି ।

ମୀରା ହାତରେ ମୋ ଚିଠି । ପଞ୍ଜୁରି ଭିତର ଶୁଆଟା କ'ଣ ଗୁଡାଏ କହିଦେଲା । ଛାତ ଉପରେ ଠିଆ ହୋଇ ଗୋଲାପ ଫୁଲକୁ ଚାହିଁଲାବେଳେ ମଳିନ ଦିଶୁଥିଲା ଫୁଲଟି । ନିଜକୁ ନିଜେ ଅନେକ ପ୍ରଶ୍ନ କଲା। ଅବସୋସକୁ କହିବ କାହାକୁ ? ଯାହାକୁ ଏତେ ଭଲ ପାଇ ଆସୁଥିଲା ଏ ବେଳରେ ସେ କେମିତି ତା ଦେହ ମନକୁ ବୁଝେଇବ । ଭୋକ ମେଣ୍ଟେଇବ । ଦେହକୁ ଦେହ ସିନା ଯୋଡି ହେଇନି, ହେଲେ ମନ ତ ଯୋଡି ହେଇଯାଇଛି କେତେ ବର୍ଷରୁ। ଆଜି ପର୍ଯ୍ୟନ୍ତ ବୋଉକୁ ମିଛ କହି ଆସୁଥିଲା ପରୀକ୍ଷା ଅଛି । ପରୀକ୍ଷା ଅଛି । ଦୁଃଖ ବା କାହିଁକି କରିବ ? ଚିଠି ଲେଖିଲି ଆଖିକୁ ଲୁହରେ ଭିଜେଇ ।

ପ୍ରିୟ କବି

ISSN NO.
2582-208X

ତୁମ ଚିଠି ପାଇଛି । କାନ୍ଦୁନି କି କାନ୍ଦିବାର ବାଟ ବି ଖୋଜୁନି । ଆଜି ପର୍ଯ୍ୟନ୍ତ ବୋଉକୁ ମିଛ କହିଆସୁଥିଲି । ବୋଉ, ମୋର ପରୀକ୍ଷା ଅଛି...ତୁ କାହିଁକି ଏତେ ବ୍ୟସ୍ତ ହେଇପଡୁଛୁ ? ଶେଷକୁ ......ମୁଁ ତୁମକୁ ପାଇପାରିଲି ନାହିଁ । ମୋର କିନ୍ତୁ ମନ ଦୁଃଖ କରିବାର ନାହିଁ । ତୁମେ ତ ମୋତେ ମୀରା ସଜେଇଦେଇଛ । ମୀରା କ'ଣ ଶ୍ରୀକୃଷ୍ଣଙ୍କୁ ପାଇଥିଲେ ! ତଥାପି ମୀରା ପ୍ରାଣ ଭରି ଭଲପାଉଥିଲେ ଶ୍ରୀକୃଷ୍ଣଙ୍କୁ । ଆରାଧ୍ୟ ଦେବତା ବୋଲି ମାନୁଥିଲେ ।

ଏ ଜନ୍ମରେ ନ ପାଇଲେ ବି ଆର ଜନ୍ମକୁ ଅପେକ୍ଷା କରିବି । ବୋଉକୁ କହିଦେବି ମୋର ପରୀକ୍ଷା ସରିଯାଇଛି ।

ଠାକୁରେ ତୁମକୁ ଭଲରେ ରଖିଥାନ୍ତୁ

ଇତି

ତୁମର ମୀରା

ଚମକିପଡିଲି ମୀରାର ଚିଠି ପଢି । ଆଖିରୁ ଝରିଗଲା ଅବାରିତ ଲୁହ ଧାର । ଛାତି ଫଟେଇ କୋହ ବାହାରିଆସିଲା । ନିରବରେ କହିଦେଲି - ସତରେ ଚିଠିରେ ବି ପ୍ରେମ ହୋଇପାରେ ! ଏ ପ୍ରେମ ଦେହର ମିଳନ ନୁହେଁ ବରଂ ଶାଶ୍ୱତ ପ୍ରେମ । ଚିରକାଳ ଅମଳିନ/ ଅମର.....

ଠାକୁରେ ଦୁହିଁଙ୍କର ପ୍ରେମକୁ ସମ୍ମାନ ଜଣେଇଲେ । ପ୍ରିୟ କବି ଓ ମୀରାଙ୍କର ପରସ୍ପର ମଧ୍ୟରେ ବିବାହ ନ ହେଲେ ବି ଗୋଟିଏ ଦିନରେ ବିବାହ ଅନୁଷ୍ଠିତ ହୋଇଥିଲା..ପ୍ରିୟ କବିଙ୍କ ଭୁବନେଶ୍ୱରରେ ଓ ମୀରାଙ୍କ କେନ୍ଦ୍ରାପଡାରେ ।

ଟିକେ ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି । ପ୍ରଜାପତିଙ୍କ ଘଟସୂତ୍ର ସତରେ ବିଚିତ୍ର । ଏମିତି ବାହାଘର କେବଳ ଦୈବସଂଯୋଗ ।

ISSN NO.
2582-208X

ଚିଠିରେ ଚିଠିରେ ପ୍ରେମ ଏବେ ବି ଗୋଲାପ ଫୁଲରେ ଅଛି, ସମୁଦ୍ର ଢେଉରେ ଅଛି, ହୋଲିର ରଙ୍ଗରେ ଅଛି ।

(ନିଜ ଅନୁଭୂତିର କିୟଦଂଶ)

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X



# ନାରୀ ଏକ ରେଖାଚିତ୍ର



କୁଞ୍ଜବିହାରୀ ରାଉତ

କେଉଁଦିନ ଜଣେ କବି କହିଥିଲେ
'ହେ ନାରୀ ତୁମେ ଏକ ଦୁର୍ଭେଦ୍ୟ ଡିକ୍ସନାରୀ
ତୁମକୁ ମୁଁ ପଢ଼ିବାକୁ ଯେତେବେଳେ ଚେଷ୍ଟାକରେ
ମନେହୁଏ ସତେଅବା କଷୁଛି ମୁଁ ଅଙ୍କଲ
ହେ ନାରୀ, ତୁମେ ମୋର ବିରାଟ ଆତଙ୍କ'
ମୁଁ କିନ୍ତୁ ଜାଣିଛି ତୁମେ
କରୁଣାର ମୂର୍ତ୍ତିମନ୍ତ ସ୍ରୋତସ୍ୱିନୀ ଟିଏ
ସ୍ନେହ ପ୍ରେମ କରୁଣାର ତ୍ରିଶାଖା ବେଲପତ୍ରୀ
ଓଁକାର ଗାୟତ୍ରୀ,
ପୁଣି ବି ଜାଣିଛି ତୁମେ
ସୃଷ୍ଟି ସ୍ଥିତି ପ୍ରଳୟର ମହାକାଳରାତ୍ରୀ !
ତୁମକୁ ମୁଁ ଭେଟିଛି ଗୋ ଯାଜ୍ଞସେନୀ, ଦ୍ୱାପରରେ
ଜଳୁଥିଲ ତୁମେ ଯେବେ ପ୍ରତିଜ୍ଞା ଅନଳେ
ଆନିତମ୍ବ ଲମ୍ବିଯାଇଥିଲା ତୁମ ମୁକୁଳା କବରୀ
ଦୁର୍ଯ୍ୟୋଧନ ତାଜାରକ୍ତେ ବାନ୍ଧିଥିଲ ତୁମେ ଜୁଡା
ରକ୍ତତୀର୍ଥେ ସେଦିନ ଗୋ ଫୁଟିଥିଲା ଆରକ୍ତ କରବୀ,
ଇନ୍ଦ୍ରପ୍ରସ୍ଥ ହସ୍ତିନାର ଅସ୍ତାଚଳେ
ବୁଡି ଯାଇଥିଲା ଶେଷ ସୂର୍ଯ୍ୟ

ISSN NO.
2582-208X

ମହାନଗରୀର ଉପକଣ୍ଠ ଭାସି ଆସୁଥିଲା
ବୈଧବ୍ୟର ଅମା ଅନ୍ଧକାରେ
ବିରହର ମନ୍ଦାକ୍ରାନ୍ତା, ଅଶ୍ରୁଳ ପୁରବୀ ।
ଆଉଥରେ ଉଠିଥିଲା ପୁରୁଷର ଅପବାଦ
ଲାଞ୍ଛନାର କୁହେଳିରୁ ବାଡବାଗ୍ନି
ଉତ୍ତପ୍ତ ଲୁହରୁ ସୃଷ୍ଟି ହେଲା ଅଗ୍ନିର କୁଣ୍ଡଳି,
ସେ ଅଗ୍ନିରେ ଗୋ ଅଗ୍ନି ସମ୍ଭୂତା
ସେଦିନ ଗୋ ଆଉଥରେ ଫୁଟିଥିଲା
ଅଗ୍ନିର ସରସୀରେ ସ୍ୱର୍ଣ୍ଣିମ କମଳ
ମୁଁ ଜାଣିଛି ତୁମେ ପଦ୍ମାବତୀ,
ଝାନ୍ସି ରାଣୀ, ସୀତା ଓ ସାବିତ୍ରୀ
ମୃତ୍ୟୁର ଦେବତା ବାରମ୍ବାର ଅପଦସ୍ତ
ହୋଇ ଫେରିଥିଲା !
ତୁମେ ନାରୀ ଶାଶ୍ୱତା, ଭାରତ ଭାରତୀ !
ଆଜି କିନ୍ତୁ ହେ ଋତୁମତୀ ଋତୁପର୍ଣ୍ଣା
ମୌସୁମୀ ର ଆଳସ୍ୟ କୁ ପଦାତଳେ ଖୁନ୍ଦି
ନଗ୍ନତା ଜୁଇରେ ଋପର ଲେଲିହାନ ଶିଖାତୋଳି
ଯିଏ ସବୁ ଜଳେ !
ମନେରଖ ! ସେ ଶିଖାର ଆଗ୍ନେୟ ଶାଖାରେ
ଫୁଟିବନି ରକ୍ତର କରବୀ
ଫୁଟିବନି ସେ ଚିତାରୁ ସ୍ୱର୍ଣ୍ଣିମ କମଳ ......

ପ୍ଲଟ ନଂ: ୧୪୮/୫,
ହମିରପୁର, ରାଉରକେଲା:୩
ମୋ :୯୦୯୦୦୯୦୨୨୫

ISSN NO.
2582-208X

# ଝିଲିମିଲି ସାହୁ


ଝିଲିମିଲି ସାହୁ

ପକ୍ଷ କୁହେ ଜୀବନ କକ୍ଷର ଗାଥା
ତନ୍ଦ୍ରାଲୋକର ଶୀତଳ ପରଶେ
ଜୀଇଁ ଉଠେ ଦିବସେ ମଳିନ କଇଁ
ହସରେ ତା ଲୁକ୍କାୟିତ ଅବ୍ୟକ୍ତ ବେଦନା
ସତ ଠାରୁ ମିଛ ମୂଲ୍ୟ ବେଶି ଦୁଇ ଅଣା
ପାନ୍ଥଶାଳାର କାନ୍ଥେ ଖୋଦିତ ଅଦୃଶ୍ୟ କାହାଣୀ ମୁଣି
ଭିନ୍ନକ୍ଷମର ଅଭିନୟେ ବ୍ୟସ୍ତ ଅନେକ ଜୀବନ୍ତ ମଣି
ଗରଳ ଜ୍ୱାଳାରେ ସଭିଏଁ ଆକ୍ରାନ୍ତ ଅମୃତର ସତ୍ତା ନାହିଁ
ରୁଗ୍ଣ ରଜ୍ଜୁରେ ବନ୍ଧା ସେନେହର ଡୋରି
ଜୀବନ ଦୋ ଛକିରେ ସ୍ୱାର୍ଥର ତରୀ
ଠିକ୍ ମାସର କୃଷ୍ଣ ପକ୍ଷ ଓ ଶୁକ୍ଳ ପକ୍ଷ ପରି।

ସହ. ଶିକ୍ଷୟିତ୍ରୀ, ନୟାଗଡ଼

ISSN NO.
2582-208X

# ଦୂରଦେଶ ଉଡା ଚଢେଇ ଟିଏ ମୁଁ



ନଳନୀ ଦାଶ

ଦୂର ଦେଶ ଉଡା ଚଢେଇ ଟିଏ ମୁଁ
ସାତ ଦରିଆକୁ ଡେଇଁ
ନୀଳ ଗଗନରେ ଆସିଅଛି ଉଡି
ଦଶ ପରବତ ଛୁଇଁ ।

ଦେଖିଛି କେତେ ମୁଁ ଅସୁମାରୀ ସ୍ୱପ୍ନ
ମନରେ ବାନ୍ଧିଛି ଆଶା
ମୋ ପ୍ରିୟ ସାଥୀଙ୍କୁ ଆସିଅଛି ଛାଡ଼ି
ପଢେ ଲୁହ ପରିଭାଷା ।

ଥକା ମାରି ବାଟେ ବସି ଡାକୁଅଛି
ରଖ ହେ ଜଗତ ସାଇଁ
କ୍ଷୁଧାର୍ଥ ହୋଇମୁଁ ଖୋଜିଛି ଆହାର
ଉଦର ଭରିବା ପାଇଁ ।

ISSN NO.
2582-208X

ତୃଷାର୍ତ୍ତ ସମୟେ ପାନ ମୁଁ କରିଛି
ସିନ୍ଧୁର ଲୁଣିଆ ଜଳ
ଜଙ୍ଗଲ ରେ ଗଛ ଶାଖାରେ ବସି ମୁଁ
ତୋଳି ଖାଇଅଛି ଫଳ ।

ନୀରବେ ବସିମୁଁ ଲୁହ ଝରାଇଲି
ଦୁରେ ବନ୍ଧୁ ପରିଜନ
ଝୁରୁଅଛି ବସି ପାଣି ପବନକୁ
ସ୍ନେହଁ ବୋଲା ଜନ୍ମସ୍ଥାନ ।

କେତେ ଦାଉ ଧକା ସହିଛି ବାଟରେ
ଗୁଳିବର୍ଷା ବାଣ ନିଆଁ
ଶିକାରୀ ମାନଙ୍କ ଆକ୍ରୋଶ ହେଇଛି
ହେଇନି ତିଳେ ଛାନିଆ ।

ଶୀତଋତୁ ଏବେ କରିଛି କିମିଆଁ
ଆସିଛି ଓଡ଼ିଶା ଭୂଇଁ
ଚିଲିକାରେ ମୋର ବନ୍ଧୁ ପରିଜନ
ରହିଛନ୍ତି ବାଟ ଚାହିଁ ।

ISSN NO.
2582-208X

ଲକ୍ଷଲକ୍ଷ ବନ୍ଧୁ ସମାଗମେ ଜଳେ
ଖୁସିରେ ବିହାର କରି
ମନତଳ କଥା ହୃଦୟର ବ୍ୟଥା
କହିବି ମୁଁ ଘୁରିଘୁରି ।

ଚିଲିକାର ନୀଳ ଜଳରେ ଗାଧୋଇ
ଗଛରେ ଖେଳିବି ଦୋଳି
ଯେତେ ମିଠା ଫଳ ଆନନ୍ଦେ ଖାଇବି
ପାଖ ଜଙ୍ଗଲରୁ ତୋଳି ।

ଗ୍ରୀଷ୍ମ ଆସିଗଲେ ଫେରିବି ନୀଡ଼କୁ
ଆଖିରେ ଲୋତକ ଭରି
ଆର ବରଷକୁ ଆସିବି ମୁଁ ଫେରି
ନିତି ହେଉଥିବି ଝୁରି ।

ଭିକାରିପଡା, ଶରଣକୁଳ, ନୟାଗଡ଼
ଦୂରଭାଷ-୭୩୭୦୦୯୫୨୪୧

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୩୧ )

ସୋମବାର, ପ୍ରଥମ ପରୀକ୍ଷା । ସାହିତ୍ୟ ପରୀକ୍ଷା।

ରବିବାର ଦିନ ପଦଯାତ୍ରା ଯୋଗୁଁ ବହୁତ କ୍ଳାନ୍ତ ହେଇ ଯାଇଥିଲି। ସାହିତ୍ୟ ପରୀକ୍ଷାକୁ ଗୋଟାଏ ପରୀକ୍ଷାରେ ଗଣୁ ନଥିଲି ମୁଁ । ଆମର ମାତୃଭାଷା ପରା। ମାଆ ଯେମିତି, ମାତୃଭାଷା ସେମିତି, ତାକୁ ପୁଣି କି ଡର ? ତାକୁ ଆୟତ୍ତ କରିବା ଭି ସହଜ। ସେଇ ବିବେକା ମାଷ୍ଟର ଓ ଅନି ନାନୀଙ୍କ ସଂଗତି ଏଠାରେ କାମ ଦେଖେଇଥିଲା । ସେଇ ତାଙ୍କରି ଠାରୁ ନେଇଥିବା ଜ୍ଞାନ ଓ ପଢ଼ିଥିବା ବହିର ଜ୍ଞାନକୁ ଧୋଇ ମୋଇ ଚାଲୁଥିଲା ମୋର ଓଡ଼ିଆ ପାଠ। ଚାଲୁଥିଲା କଣ ଯେ, ଶହେ ବେଗରେ ଦଉଡୁଥିଲା। ସେଥିପାଇଁ ମୁଁ ଶୀଘ୍ର ଶୋଇ ପଡ଼ିଲି।

ବାପା, ମାଆ, ବିବେକା ମାଷ୍ଟର୍, ଗଣିଆ ଭାଇ ମୋତେ ବାରମ୍ବାର କହିଥିଲେ ସବୁଦିନ ଶୀଘ୍ର ଶୋଇ ପଡ଼ିବାକୁ। ଏଇ ଗୋଟାକ ଉପଦେଶ ମୁଁ ମାନି ନଥିଲି ତାଙ୍କର। ମାନି ପାରି ନଥିଲି। ସେଦିନଟା ଛଡ଼ା ସବୁଦିନ ରାତି ଦୁଇଟା ପରେ ଶୋଉଥିଲି ଆଉ ପୁଣି ସାତଦିନ ସମ୍ପୂର୍ଣ୍ଣ ଅନିଦ୍ରା।

ଜୀବନ ନନ୍ଦକୁ ସଫଳ କରିବାର ଥିଲା ଯେ ?

ISSN NO.
2582-208X

ଖୁବ୍ ସୁନିଦ୍ରା ହେଇଥିଲା ସେ ଦିନ। ଡିଭରି (ଡିବି ) ଲିଭେଇ ଦେଇଥିଲି। କିନ୍ତୁ ଝରକା ଆଡୁ ଜହ୍ନ ଆଲୁଅ ପଡ଼ି ଫରଚା ଦେଖା ଯାଉଥିଲା। ସୁଲସୁଲିଆ ପବନ ପଶି ଆସୁଥିଲା ଦଲକାଏ ଦଲକାଏ। ପୂର୍ଣ୍ଣିମା ଥିଲା କି କଣ , ଚକା ରୂପା ଜହ୍ନଟା ମୋତେ ଦେଖା ଯାଉଥିଲା ସେବାଟେ। ଜହ୍ନ ମୂହଁଟା ମୋ ମାଆ ମୁହଁ ପରି ଦିଶୁଥିଲା। ବେଳକେ ମମତାର ମୁହଁ ପାଲଟିଗଲା। ମାଆ ବି ତ ଦେଖୁଥିବ ଏଇ ସମାନ ଜହ୍ନକୁ । ମମତା ବି ଦେଖୁଥିବ । ଜହ୍ନ ଗୋଟିଏ ସଂଯୋଜକ, ଗୋଟାଏ ଅଦୃଶ୍ୟ ପୋଲପରି ଲାଗିଲା ଆମ ମାନଙ୍କ ମଝିରେ। ମାଆର ନଜର ଆଉଁସି ଦେଉଛି ଜହ୍ନକୁ, ଜହ୍ନ ଆଉଁସି ଦେଉଛି ମୋତେ - ମାନେ, ମାଆ ଆଉଁସି ଦେଉଛି ମୋତେ ।

ଆଃ କି ତର୍କ ଲଗେଇଛି ମୁଁ । ଭାବନାତ୍ମକ ତର୍କ।

ମାଆର କାମ କରି କରି ଖଦଡ଼ିଆ ହେଇ ଯାଇଥିବା ହାତର ନରମ ସ୍ପର୍ଶ କଳ୍ପନାରେ ଅନୁଭବ କରି ମୁଁ ଶୋଇ ପଡୁଥିଲି।

ମମତା ବି ମନେ ପଡୁଥିଲା, ସେ କୋଉଠି ରହିଥିବ କେଜାଣି ? କେମିତି କରିବ ପରୀକ୍ଷାରେ କେଜାଣି ?

ଏମିତି ଜହ୍ନରାତିରେ, ଏମିତି ମତୁଆଲା ପବନରେ ଏମିତି ନିଛାଟିଆ ସମୟ ମାନଙ୍କରେ କାଇଁ କେଜାଣି ମମତା ମୁହଁଟା ଧସେଇ ପଶେ ମୋ ମନରେ? ବର୍ତ୍ତମାନ ମଧ୍ୟ ଉଛାଟିଆ, ଉଦାସିଆ ଲାଗେ କ୍ଷଣକ ପାଇଁ । ତାର ଉତ୍ତର ପାଇ ବି ପାଇ ନଥିଲି ମୁଁ, ବରଞ୍ଚ ଉତ୍ତର ପାଇବାକୁ ମୁଁ ମନ ବଳାଇ ନଥିଲି।

ତଥାପି ମମତାମୟ ଜହ୍ନକୁ ଦେଖୁ ଦେଖୁ ମୋତେ ନିଦ ଲାଗି ଯାଇଥିଲା।

ଉଠ୍ ପୁଟୁର୍......

ଉଠ୍ ପୁଟୁର୍......

ISSN NO.
2582-208X

ଏଠାରେ ବି ଆସିଥିଲା ମୋତେ ଜଗେଇ ଦେବାକୁ ମୋ କବ୍ତା। ଆଉ ମଧ୍ୟ ଜୀବନ ସାରା କବ୍ତା ମୋତେ ଉଠେଇଛି ମୋର ପ୍ରେରଣା ସାଜି। ଯୋଉଦିନ ସେ ଉଠେଇବା ବନ୍ଦ କଲା ମୋ ଜୀବନ ସ୍ଥିର ହେଇ ଯାଇଥିଲା। ଘଡ଼ିର କଣ୍ଟା ପରି ବୁଲୁଥିଲା ଜୀବନ ଏକ ନିଶ୍ଚିତ ପରିଧି ଭିତରେ, ଗୋଲ୍ ଗୋଲ୍। କିଏ କେତେବେଳେ ଛାଡ଼ି ଯାଉଥିଲା ତ କିଏ କେତେବେଳେ ଆଙ୍କୁଳେଇ ଧରୁଥିଲା।

କବ୍ତା ଡାକୁଥିଲା ମୋ ଝରକା ବାହାରେ ଥିବା ଏକ ବେଲ ଗଛ ଉପରେ ବସି ।

ଆଜିର ସକାଳ କିଛି ଅଲଗା । କବ୍ତା ସନ୍ଦେଶ ନେଇ ଆସିଛି ନୂତନ ଜୀବନର, ନୂତନ ଆହ୍ୱାନର ।

ମୁଁ ଉଠି ପଡ଼ି ପାଖରେ ଥିବା ଘଡ଼ି ଦେଖିବା ଆବଶ୍ୟକ ମନେ କରି ନଥିଲି । ଜାଣିଛି ମୋ କବ୍ତା ଠିକ୍ ଚାରିଟାରେ ମୋତେ ଉଠାଇ ଦିଏ।

ଡିଭରି ଜଳେଇ ବ୍ୟାକରଣ ବହିର ପୃଷ୍ଠା ଓଲଟେଇ ଦେଖୁଥିଲି । ଫରଚା ହେଇ ନଥିଲା ତେଣୁ ପୋଖରୀକୁ ଯିବାକୁ ସାହସ କରି ପାରୁ ନଥିଲି ଏକୁଟିଆ। ଛେଁକ୍ ଛେଁକ୍ ନାଗୁଥିଲା। ନୂଆ ଜାଗା, ନୂଆ ଅଚିହ୍ନା ଅଜଣା ପରିବେଶ।

ପାଖ କୋଠରୀରେ ବି ଆଲୁଅ ଦେଖା ଯାଉଥିଲା, ମୋ କବାଟର ସରୁ କଣା ଦେଇ।

କିଛି ସମୟ ପରେ ମୋ କବାଟ ଠକ୍ ଠକ୍ ହେଲା, ଦ୍ୱାର ପାଖରେ ସାମନା ମାଉସୀ ଥିଲେ। ସାନ ଚା ପିଆ ଗ୍ଲାସରେ ନାଲି ଚାହା ଓ ରୁଟି ପଟେ ଧରିଥିଲେ।

- ବାବୁରେ, ତୋର୍ ସାଙ୍ଗରେ କେହି ଆସି ନାଇଁ । ଯା ଯା, ଦାନ୍ତ୍ ଟା ଘସି ପକା ଯା।

ଟିକେ ଫରଚା ପଡ଼ି ଆସିଥିଲା ନି।

ମୁଁ କରଞ୍ଜ କାଠିଟାଏ ଭାଙ୍ଗି ଚାପାକଳରେ ଦାନ୍ତ ଘସିଲି।

ଜୀବନରେ ପ୍ରଥମ ଥର ପାଇଁ ଚାହାର ସ୍ୱାଦ ଜାଣିଲି। ତେଜପତ୍ର ପଡ଼ି ଚାହାର ସେହି ସକାଳୁଆ ନିର୍ଭେଜାଲ୍ ସ୍ୱାଦ କିନ୍ତୁ ଏଯାବତ ଆଉ କେବେ ପାଇ ପାରିଲି ନାହିଁ।

ISSN NO.
2582-208X

ଆଜିକାଲି ତ ତେଜପତ୍ରରେ ତେଜ ନାଇଁ, କ୍ଷୀରରେ ସର ନାହିଁ, ଚାହାରେ ବାସ୍ନା ବି ନାହିଁ।

ଆମେ ସମସ୍ତେ ମିଶି ଗଲୁ ପୋଖରୀ। ବାଟରେ ଯେ ଯାହାର ପରିଚୟ ଦେଲୁ । ସ୍କୁଲର ନାମ କହିଲୁ। ସମର ସାଙ୍ଗେ ସାଙ୍ଗେ କହିଲା, - ମୁଇଁ ତୋକେ ଚିହ୍ନିଛେଇଁ ଯେ, ତୁଇ ସେଇ ଅଭିମନ୍ୟୁ ପରିଚ୍ଛା ନା ଯିଏ ବୃତ୍ତି ପରୀକ୍ଷା ଗାରେ ଫାଷ୍ଟ ହିଏଇ।

ସମସ୍ତଙ୍କ ନଜରରେ ମୁଁ ଟିକେ ଉପରକୁ ଉଠି ଯାଇଥିଲି।

ବସାକୁ ଆସିଲା ପରେ ଘର ମାଲିକଙ୍କ ପୁଅ ମୋତେ ଡାକିଲା ଖାଇବା ନାଗି, ଚୂଡ଼ା କଦଳି ଗୁଡ଼ । କିନ୍ତୁ କେତେ ପୁରୁଣା ଚୂଡା ଥିଲା କେଜାଣି ଫୁରଫୁଣ୍ଡିଆ ଗନ୍ଧ ହେଉଥିଲା। ମୋତେ ବାନ୍ତିଆ ଲାଗିଲା, ଅକ୍ ହେଇଗଲା। ଖାଇ ନପାରି ଫିଙ୍ଗଡ଼ି ଦେଲି।

ଚୁଡା ଅବଶ୍ୟ ମୋ ପାଖରେ ବି ଥିଲା। ଆଉ କିଛୁ ଖାଇବାକୁ ମନ ହେଲା ନାହିଁ । ମାଆ ପାଉଡୀଙ୍କୁ, ଆମ ନଇକୂଳ ଶିବ ମନ୍ଦିରକୁ  ସ୍ମରଣ କରି ଏଡମିଟ୍ କାର୍ଡ, ନିଜ ହାତ ତିଆରି ପରୀକ୍ଷା ପଟା, ସାତବର୍ଷ ପୁରୁଣା କମ୍ପାସ୍ ବାକ୍ସ, ଦୁଇଟା ଫାଉଣ୍ଟେନ୍ ପେନ୍ ନେଇ ମୁଁ ବାହାରିଲି ମୋର ନୂଆ ସାଙ୍ଗ ମାନଙ୍କ ସହିତ। ଘଡ଼ି କିନ୍ତୁ ମୁଁ ହିଁ ବାନ୍ଧିଥିଲି।

ଘଡ଼ି ସେତେବେଳେ ନିତାନ୍ତ ଆବଶ୍ୟକ ବସ୍ତୁ ନ ହୋଇ ଏକ ବିଳାସ ଥିଲା ।

ପାଖ ମାଉସୀ ଜାଣି ଯାଇଥିଲେ ମୋ ବିଷୟରେ। ଆମକୁ ବାଟେଇ ଦେବାକୁ ଆସି ଆମ ମୁଣ୍ଡରେ ଚନ୍ଦନ ଟୀକା ମାରି ଦେଇଥିଲେ ।

ମୁଁ ବି ମାଉସୀଙ୍କର ପାଦ ଛୁଇଁ ପ୍ରଣାମ କଲି । ପାଦ ଦୁଇଟା ମୋ ମାଆ ପାଦ ପରି ଦିଶିଲା। ଫାଇଲେରିଆ ବାତ ଯୋଗୁଁ ଗୋଟିଏ ପାଦ ଅଳ୍ପ ଫୁଲା ।

ପରୀକ୍ଷା କେନ୍ଦ୍ର ବେଶି ଦୂର ନଥିଲା। ନଅଟା ବେଳେ ପଚାରି ପଚାରି ପହଞ୍ଚିଗଲୁ।

ସେଠାରେ ପହଞ୍ଚି ମୁଁ ଆଶ୍ଚର୍ଯ୍ୟ ହେଇଗଲି । ଏତେ ପିଲା ! ଏତିକି ପିଲା ତା ମାନେ ଏକାଦଶ ପରୀକ୍ଷା ଦେବାପାଇଁ ଆସିଛନ୍ତି ଆମରି ସେଣ୍ଟରକୁ। ଅନେକ ଝିଅପିଲା ମଧ୍ୟ।

ISSN NO.
2582-208X

ତେବେ କେତେ ପିଲା ପାଠ ପଢୁଥିବେ ? ଅଥଚ ଆମ ଗାଁର କେବଳ ମୁଁ? ମୋତେ ଖରାପ ଲାଗୁଥିଲା । ଡଙ୍ଗାଧର କାକା କହିଥିବା କଥା ପଦେ ମନେ ପଡ଼ି ଯାଉଥିଲା ।

ପାଠ ପଢ଼ି କୂ ବେଙ୍ଗ ମାନଙ୍କୁ ଟିକେ ପଢେଇବା କଥା। ସୂର୍ଯ୍ୟ ପଛରୁ ଆସି ହାଲ୍କା ବିଧାଟେ ଥୋଇଲା ପିଠିରେ ।

- କଁଠେ ରହିଛୁ ରେ ତୁଇ? ଆମେ ତ ଅରବିନ୍ଦର ମାଉସୀ ଘରେ ରହିନୁ (ରହିଲୁ)।

- ଆଉ ମମତା?

ପଚାରି ଦେଇ ସତେ ଯେମିତି ମୋର ଚୋରି ଧରା ପଡ଼ିଗଲା। ଅରବିନ୍ଦ ଓ ମମତା ମଧ୍ୟ ଆସି ଯାଇଥିଲେ ପାଖକୁ। ମୁଁ ଟିକେ ଖେସଡ଼ ହେଇଗଲି।

ମମତା ବେଶ୍ ସହଜ ଥିଲା। ପରୀକ୍ଷା ଭୟ ନଥିଲା ତାର । ସାହିତ୍ୟରେ ଏମିତି ମଧ୍ୟ ବହୁତ ଭଲ କରୁଥିଲା ସିଏ। ସେ ମଧ୍ୟ ତାଙ୍କ ସାଙ୍ଗରେ ରହୁଥିଲା।

ଯାହାହେଲେ ବି ବୋର୍ଡ ପରୀକ୍ଷା । ନିଜର ରୋଲ୍ ନମ୍ବର ମିଳାଇ ଶ୍ରେଣୀ ଗୃହକୁ ପଶିଲା ବେଳେ ମୋର ଧୁକ୍ ଧୁକି ପଞ୍ଚମ ରାଗ ଆଳାପୁ ଥିଲା। ଆଉ ସମସ୍ତଙ୍କ କଥା ସେମାନେ ନିଜେ ଜାଣୁଥିବେ।

ଯାହାହେଉ ବଡ଼ ଶାନ୍ତିରେ ସାହିତ୍ୟ ପରୀକ୍ଷା ସରିଲା । ସମସ୍ତଙ୍କୁ ସହଜ ଲାଗିଥିଲା।

ତା ପରଠାରୁ ଆଉ ମୋତେ ନିଶ୍ୱାସ ମାରିବାକୁ ସମୟ ମିଳିଲା ନାହିଁ। ନିଜେ ପଢିଲି, ଜୀବନକୁ ପଢେଇଲି। ଖାଇବା, ପିଇବା, ଶୋଇବା ସବୁ ଭୁଲିଗଲି। ଘର ମାଲିକଙ୍କୁ ମନା କରିଦେଲି ଖାଇବା ଦେବା ପାଇଁ । ମୁଁ ଭୁଜା ଖାଇବା ସାମନା ମାଉସୀଙ୍କ ନଜରରୁ ଲୁଚି ପାରିଲା ନାହିଁ । ସେ ମୋର ଖାଇବା କଥା ବୁଝିଲେ, ମୁଁ ଜୀବନର ପାଠ କଥା।

ଗଣିତ ପରୀକ୍ଷା ଦେଇ ଆସି ସମସ୍ତେ ବହୁତ ଖୁସି ଥିଲେ। ଜୀବନ ଭି। ଯୋଉ ପ୍ରଶ୍ନ ସବୁ ତାକୁ କରେଇଥିଲି ସେ ସବୁ କରି ଆସିଥିଲା। ପଚାଶ ନମ୍ବର ଛାଙ୍କା।

ISSN NO.
2582-208X

ମୁଁ କିନ୍ତୁ ବିଷର୍ଣ୍ଣ ଥିଲି। କାରଣ ମୋର ସବୁଠାରୁ ପ୍ରିୟ ବିଷୟ ଥିଲା ଗଣିତ। ଥରେ ହେଲେ ମୁଁ ଶହେରୁ କମ୍ ନମ୍ବର ଆଣି ନଥିଲି ଛୁଆବେଳୁ। ବିବେକା ମାଷ୍ଟର୍ କହୁଥିଲେ,

- ଅଙ୍କଟା ଗୁଟେଇ ଖେଲା (ଖେଳ) । ଛାଙ୍କା ନମ୍ବର ସେଟାରେ। ଠିକ୍ ଉତ୍ତର୍ ଥିଲେ ବ୍ରହ୍ମା, ବିଷ୍ଣୁ ଆସିଲେ ନମ୍ବର କାଟି ପାରବେ ନାଇଁ। ଖାଲି ଅର୍ଜୁନ ହେଇକିରି ମାଛର୍ ଆଁଖିରେ ନଜର୍ ଟା ଖପେଇତେ ଅଛି।

ଆଜି କିନ୍ତୁ ଗୋଟିଏ ଉପପାଦ୍ୟ ସହିତ ଥିବା ଡିଡକ୍ସନ୍ ଟା ବୋଧେ ଭୁଲ୍ ହେଇ ଯାଇଥିଲା। ସବୁଠାରୁ ଅହମ୍ ପରୀକ୍ଷା ଅଥଚ ଏପରି ଭୁଲ୍? ମୋତେ କାନ୍ଦ ଲାଗୁଥିଲା। ମୁଁ ଚୁପଚାପ ବସାକୁ ଆସିଥିଲି। ଆସି ମସିଣା ଉପରେ ପେଟେଇ ଶୋଇ ଯାଇଥିଲି। ମୋ ମାଆର କୋଳ ଦିଶୁଥିଲା। ବାପାଙ୍କ ଶୀରାଳ ହାତ ଦିଶୁଥିଲା। ବିବେକା ମାଷ୍ଟରଙ୍କର ଡେସ୍କ ଆଉ ତା ଉପରୁ ଅପସରି ଯାଉଥିବା ଧଳା ଲୁଗା ଦିଶୁଥିଲା। ଏଇଆ ତେବେ ମୋର୍ ସାଧନା? ଏଇଆ ସମସ୍ତଙ୍କର ମୋ ଉପରେ ବିଶ୍ୱାସର ପ୍ରତିଫଳ ?

ଝରଝର ଲୁହ ବୋହି ଯାଉଥିଲା ମୋ ଆଖିରୁ। ସମୟଟାକୁ ଓଲଟେଇ ହୁଅନ୍ତା ଯଦି ଫେରି ଯାଇ ଅଙ୍କଟାକୁ ଠିକ୍ କରି ଦିଅନ୍ତି।

ଧନୁରୁ ତୀର, ଜୀଭରୁ କଥା, ଜୀବନରୁ ସମୟ, ଏମାନେ ସବୁ ଅଣଲେଉଟା। ଥରେ ହାତରୁ ଖସିଗଲେ ଆଉ ଧରା ଦେବେ ନାହିଁ।

ମୁଣ୍ଡରେ କାହାର ମୃଦୁ ସ୍ପର୍ଶ ପାଇ ମୁଁ ଓଲଟି ଚାହିଁଲି ।

ଆରେ !! ମୋ ମାଆ ଯେ ?

"ଗଲାଣି ତ କଥା ଗଲା ରେ ସଙ୍ଗାତ, ଗଲାଣି ତ ଗଲା କଥା "

ମୋ ମାଆର ଗୀତ ବାଜୁଥିଲା କାନରେ ?

- ବାପାରେ, ଦେ ଉଠ୍ । ଯା ମୁହଁ ଧୁ। ଗତସ୍ୟ ଶୋଚନା ନାସ୍ତି।

ISSN NO.
2582-208X

କି?? ମୋ ମାଆ ସଂସ୍କୃତ କହୁଛି ? ହେସ୍ , ସ୍ୱପ୍ନଟେ ଥିଲା । ମୁଣ୍ଡ ପାଖରେ ମାଉସୀ ବସିଥିଲେ।

- ତାର୍ ବିଷୟରେ ଆଉ ଭାବିକିରି କଦବଦ୍ ହେ ନାଇଁ ବାବୁ, କି ଆଉ ଦେଖ୍ ନାଇଁ । ଠିକ୍ ତ ଠିକ୍, ଭୁଲ୍ ତ ଭୁଲ୍। ଆଗକେ ବଢ଼୍ ବାବୁ।

ମାଉସୀଙ୍କୁ ଜୀବନ କହି ଦେଇଥିଲା ବୋଧେ, କାରଣ ଜୀବନର ଖୁସିରେ ମୁଁ ଖୁସି ହେଇ ନପାରି ମୋର ଦୁଃଖଟା ତାକୁ କହି ଦେଇଥିଲି।

ତାଙ୍କର ଆଶ୍ୱାସନା ସୂଚକ କଥା ଆଉ ବାତ୍ସଲ୍ୟର ସ୍ପର୍ଶ କାମ ଦେଖେଇଥିଲା। ମୁଁ ନିଜକୁ ଶାନ୍ତ କଲି। ଆଉ ତିନିଟା ପରୀକ୍ଷା ପାଇଁ ନିଜକୁ ଓ ଜୀବନକୁ ସଜିଲ୍ କଲି।

ସଞ୍ଜ ବେଳଟାରେ ବି ଏକା ରାହାରେ ଡାକି ଚାଲିଥିଲା ସେଦିନ ମୋ କବ୍ରା।

ଉଠ୍ ପୁଟୁର୍ .....

ଉଠ୍ ପୁଟୁର୍.....

ଉଠ୍ ପୁଟୁର୍.....

...........

....

ମୁଁ ଝାଡ଼ି ଝୁଡ଼ି ହେଇ ଠିଆ ହେଇ ପଡ଼ିଲି।

- ଚୁବ୍ ଦେ ରେ ପାଜି, ମୁଇଁ ଉଠି ସାରଲି ନି । ହେଲା..

ମୁଁ କିଛି ସମୟ ସୂର୍ଯ୍ୟଠୁ ଶିଖିଥିବା ଆସନରେ ବସିଗଲି ନିଜକୁ ନିଜ ଭିତରେ ରଖି, ମନକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ।

ପାଖ ମନ୍ଦିରରୁ ଘଣ୍ଟା, ଘଣ୍ଟି, ଝଞ୍ଜାଳ, କରତାଳ ସହିତ ଭାସି ଆସୁଥିଲା ଭାଗବତର ପଦ।

ISSN NO.
2582-208X

ଆଉ ମାଉସୀ ମଧ ଠୁଟୁମୁଟୁ ହେଇ ପିଣ୍ଡାରେ ବସି ମୁଣ୍ଡରେ ହାତ ଯୋଡ଼ି ଗୁଣୁ ଗୁଣୁ ହେଉଥିବା ମୋ କାନରେ ବାଜୁଥିଲା।

ପରମ ପଦେ କରି ସ୍ଥାନ ।
ତେବେ ସାଧିବ ଦୃଢ଼ାସନ ।
ବାମ ଚରଣ ପଛେ ଭର ।
ତେଣେ ନିରୋଧି ମୂଳାଧାର ।
ମୂଳ ପବନ ଉର୍ଦ୍ଧ୍ୱେ ତୋଳି ।
ନାଭିପବନ ସଙ୍ଗେ ମିଳି ।
ବେନି ପବନ ପୁଣି ବଳେ ।
ସ୍ଥାପିବ ହୃଦୟ କମଳେ ।।
ତହୁଁ ତୋଳିବ ତିନି ପ୍ରାଣ ।
କଣ୍ଠେ ଯେ ବସଇ ଉଦାନ।।
ବ୍ୟାନ ପବନ ତାର ତୂଳେ ।
ଧରି ସ୍ଥାପିବ ତାକୁ ମୂଳେ ।।
ତହୁଁ କୁମ୍ଭକ ସାଧ୍ୟ କରି ।
ପ୍ରାଣକୁ ଭୂମଣ୍ଡଳେ ଧରି ।।
ନିରୋଧ କରି ସପ୍ତ ଦ୍ୱାର ।
ସ୍ମରଣ କରିବ ଓଁ କାର ।।

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ଦରଜ



ନିରୂପମା ପଟେଲ

କଉଠି ନା କଉଠି ଉଙ୍କି ମାରେ
ଏ ମନ ର ଦରଜ,
ସହଜ କୁ ବି ଅସହଜ କରି ପକାଏ
ଅନେକ ବାର, ସତେ ଅନେକ ବାର ।

କେବେ ମନର ମଣିଷ ସହ ସମାଜ ପାଇଁ,
କେବେ ପରିବାର ପାଇଁ, କେବେ ଛୁଆ ଙ୍କ ପାଇଁ, ତ
କେବେ କେବେ ନିଜ ପାଇଁ
ନିଜେ ସୃଷ୍ଟି କରେ ଦରଜ ର କାହାଣୀ ।

ଶକ୍ତ ପାହାର ଅସମ୍ଭାଳ କରେ ମନକୁ
କୋଷି ହୁଏ ଆଉଜା ହୋଇଥିବା
ଶରୀରର ରକ୍ତ, ମାଂସ, ହାଡ଼ ସହ
ଅବିରତ ବହୁଥିବା ରକ୍ତ ର ସେଇ ସ୍ରୋତ କୁ ।

ଚିତ୍କାରର ବାର୍ତ୍ତା ହାଲ୍ଲା ମଚାଏ ହୃଦୟ କୋଠରୀରେ,
ବାସ୍...........

ISSN NO.
2582-208X

ସେଇଠି ରହିଯାଏ ତାର ଆର୍ତ୍ତ ଚିତ୍କାର
ଏ ଦରଜ ବଡ଼ ନିର୍ଲଜ, ତା ସହ ବଡ଼ ଦାରୁଣ ।

କିଏ ନଚାହିଁ ବି ଆସେ ପ୍ରତିଥର
ଏ ଜୀବନ କୁ କରିଦିଏ ଛାରଖାର
ଏ ଦରଜ.........
ସତେ ଏ ଅଲାଜୁକ ଦରଜ ।

ତୁ ଟିକେ ଦୁରେଇ ରୁହନ୍ତୁ ନି
ଉଙ୍କି ମାରୁ ଅନେକ ବାର
ତୋ ସହ ଭେଟ ହୁଏ ପ୍ରତିଟି ଥର
ଭୁଲି ଯାଇଥାଏ କିନ୍ତୁ ଚମକାଉ ଅଜାଣତେ, ସୃଷ୍ଟି କରୁ
ଉଦବେଲନର ଜୁଆର
ଲୁଣିଆ ସାଗରର ଲୁଣିଆ ପାଣିରେ
କ୍ଷତାକ୍ତକୁ କରୁ ଆହୁରି କ୍ଷତାକ୍ତ ।

ଭଲ ଲାଗେନା ତୋର ଏ ସ୍ୱଭାବ
ଟିକେ ଥମିଯା ଟିକେ ରହିଯା
ମନକୁ ମଜଭୁତ କରିବାର ଭାଷା
ଶିଖେଇ ଦେଇ ଯା,
ତତେ କରୁଛି ଏଇଠୁ ମୁଁ ନମସ୍କାର ସାଷ୍ଟାଂଗ ନମସ୍କାର ।।

ମାଧିଆପାଲି, ବଲାଙ୍ଗୀର

ISSN NO.
2582-208X

# ବିନମ୍ର



ବାସନ୍ତୀ ଲତା ଜେନା

ବିନମ୍ର ସ୍ୱଭାବ ମହତ ପଣିଆ
ଯଶ ଖ୍ୟାତି ଦେଇ ଥାଏ
ସୁଶୀଳତା ଗୁଣ ତା ସଙ୍ଗେ ମିଶିଲେ
ଶିଷ୍ଟତାକୁ ବୁଝା ଯାଏ ॥

ଜ୍ଞାନୀ ଗୁଣିଜନ ବିନମ୍ର ହୁଅନ୍ତି
ପାଣ୍ଡିତ୍ୟର ଉପାଖ୍ୟାନ
ବିଶ୍ୱ ଦରବାରେ ପୂଜା ପାଇଥାନ୍ତି
ପାଇଥାନ୍ତି ଉଚ୍ଚାସନ ॥

ଫଳନ୍ତି ବୃକ୍ଷଟି ବିନମ୍ର ହୁଅଇ
ସବୁ ବାଧା କଷ୍ଟ ସହି
ଟେକା ବାଡ଼ି ପିଲେ ତାକୁ ମାରି ଥାନ୍ତି
ନୀରବେ ସବୁ ସହଇ ॥

ମାତା ବସୁମତୀ ବିନମ୍ରତା ଗୁଣେ
ସର୍ବଂସହା ଅଛି ହୋଇ

ISSN NO.
2582-208X

ମାନବ ଦେବତା ଚରଣ ପୂଜନ୍ତି
ଭକ୍ତି ନଇବେଦ୍ୟ ଦେଇ ॥

ମା ସୀତା ସାବିତ୍ରୀ ଗାନ୍ଧାରୀ ଦ୍ରୌପଦୀ
ନମ୍ରତାରେ ବଳିୟାନ
ଯୁଗ ପରେ ଯୁଗ ବିତି ଯାଉ ଅଛି
ଗାରିମା ତାଙ୍କ ଅମ୍ଲାନ ॥

ବିନମ୍ର ଗୁଣରେ ଏକ ଲବ୍ୟ ପରା
ଜଗତେ ବିଖ୍ୟାତ ହେଲେ
ବୁଢାଙ୍ଗୁଠି ଦାନ ଗୁରୁଙ୍କୁ ଅର୍ପିଲେ
ଯଶ କୀର୍ତ୍ତି ରଖି ଗଲେ ॥

ବିନମ୍ରତା ଗୁଣ ସବୁଠି ମହାନ
ସେ ହେବ ଆମରି ଧନ
ସତ୍ୟ ଶାନ୍ତି ଦୟା କ୍ଷମା ଆଚରିବା
ଜୀବନ ହୋଇବ ଧନ୍ୟ ॥

ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ମୁଁ ଓଡ଼ିଆ ମୋ ଭ୍ଷା ଓଡ଼ିଆ



ଡ. ଅଭିମନ୍ୟୁ କାନୁନଗୋ

ମୁଁ ଓଡ଼ିଆ ମୋ ଭାଷା ଓଡ଼ିଆ ।
ମଧୁର ଯାହାର ଅଟଇ ନାଆଁ ।
ଜଳ ସ୍ରୋତ ତାର ଅଟେ ଅମୃତ ।
ପାବନ ଯାହାର ଅଟେ ଶ୍ରୀକ୍ଷେତ୍ର ।
ସାଗର ଯାର ଅଟେ ମହୋଦଧି ।
ଦରଶନ ହରେ ସକଳ ବ୍ୟାଧି ।
କ୍ଷେତ୍ରପତି ଶ୍ରୀପତି ବିଜେ ଯହିଁ ।
ସେହିମୋ ଓଡ଼ିଶା ଜନମ ଭୂଇଁ ।
ସକଳ କ୍ଷେତ୍ରରେ ଯା ନାମ ସାର ।
ଶମଶାନ ଯାର ସ୍ୱର୍ଗ ଦୁଆର ।
କବି ଭାବୁକ ଦାର୍ଶନିକ ମାନ ।
ଉତ୍କଳ ପ୍ରଦେଶରେ ପରିପୂର୍ଣ୍ଣ ।।

ଆକାଶବାଣୀ ପୁରୀ
ମୋବାଇଲ ନମ୍ବର ୮୮୯୫୪୫୦୧୧୭

ISSN NO.
2582-208X

# ଜୀବନ ଜୀବିକା...



ସସ୍ମିତା ପ୍ରଧାନ

ଡାକ୍ତର, ଓକିଲ
ନର୍ସ, ଝାଡୁଦାର
ଗୁମାସ୍ତାରୁ ଚପରାସୀ
ଜୀବନ ଜୀବିକା
ନିର୍ବାହ କରି
ହୋଇଥାନ୍ତି ସର୍ବେ ଖୁସି...

ଉଚ୍ଚ ପଦେ ରହି
ମନେ ଗର୍ବ ବହି
କାହାକୁ ଭାବନି ହୀନ
କାମରେ ନ ଥାଏ
ବଡ ଅବା ସାନ
ପଦବୀର ରଖ ମାନ...

ପେଟ ଚାଖଣ୍ଡକ
ଭରିବା ପାଇଁ କି
ଲାଗିଅଛି ସବୁ ନାଟ

ISSN NO.
2582-208X

ନିଜର କୌଶଳ
ବିନିଯୋଗ କରି
ଆପଣାନ୍ତି ନିଜ ବାଟ...

ଭାବିଛ କି ଥରେ
କୃଷକ କ୍ଷେତରେ
ଯଦି ନ ଉପୁଜେ ଶସ୍ୟ
ଖାଦ୍ୟାଭାବ ହେବ ସଂକଟ ପଡ଼ିବ
ଜୀବ  ହୋଇ ଯିବ ନାଶ...

ଝାଡୁଦାର ଯଦି
ଝାଡୁ ନ ମାରିବ
ଅଳିଆ ହୋଇବ ଗଦା
ବାୟୁମଣ୍ଡଳର
ଦୂଷିତ ପବନ
ରୋଗ ପ୍ରସାରିବ ସଦା...

ନିଜ କାମ ପରା
ନିଜ ପାଇଁ ବଡ଼
କର୍ମେ ଜୀବନ ସ୍ୱଚ୍ଛଳ,
କର୍ମ ଭଗବାନ
କର୍ମ ହିଁ ଜୀବନ
କର୍ମେ ଶରୀର ଚଞ୍ଚଳ ।

ISSN NO.
2582-208X

କର୍ମ କଲେ ପ୍ରାଣୀ ଭୁଞ୍ଜଇ ସୁଫଳ
ଲଭଇ ଅମାପ ସୁଖ ।
କର୍ମକୋଢୁ ସଦା ଆଳସ୍ୟ ଆଚରି
ଆମନ୍ତ୍ରଣ କରେ ଦୁଃଖ ।

ପଦବୀ ଦ୍ୱାହିରେ
ମନେ ଗର୍ବ ବହି
ଯେ କରଇ କାମ ନୀଚ
ଉପରବାଲା ତା"
ହିସାବ କରଇ
ଚଳେ ନାହିଁ ସେଠି ଲାଞ୍ଚ...

ମଣିଷ ଜନମ
ଦୁର୍ଲ୍ଲଭ ଜୀବନ
କୋଟି ପୂଣ୍ୟ ବଳେ ମିଳେ
କଲେ ଭଲ କର୍ମ
କହୁଥିବେ ଧନ୍ୟ
ଝୁରୁଥିବେ କାଳେ କାଳେ...

ରାଜନଗର, କେନ୍ଦ୍ରାପଡ଼ା

ISSN NO.
2582-208X

# ସାମ୍ପ୍ରତିକ ସମାଜରେ ଲୋକନାଟକର ସ୍ଥିତି ଓ ବ୍ୟାପ୍ତି

ଡକ୍ଟର ସ୍ୱାଧୀନ ଚନ୍ଦ୍ର ପଧାନ

'କାବ୍ୟେସୁ ନାଟକ ରମ୍ୟମ୍', ଅର୍ଥାତ୍ କାବ୍ୟମାନଙ୍କ ମଧ୍ୟରେ ନାଟକ ହେଉଛି ଅତ୍ୟନ୍ତ ରମଣୀୟ ବିଭାଗ ।ଏ ଉକ୍ତିର ଯଥାର୍ଥତା ନାଟକର ସଂଜ୍ଞା ଓ ସ୍ୱରୂପର ଗଭୀରତାକୁ ଚିହ୍ନଟ କରେ। ଦୃଶ୍ୟ, ସାବ୍ୟ, ଅଭିନୟ, ସଙ୍ଗୀତ, ସଂଳାପ ଏହାର ଗୋଟିଏ ଗୋଟିଏ ବିଶିଷ୍ଟ ଅଙ୍ଗ । ନାଟକର ପ୍ରାରମ୍ଭିକ ଅବସ୍ଥାକୁ ଅବଲୋକନ କଲେ ଜଣପଡ଼ିଥାଏ ଯେ, ଲୋକନାଟକ ମନୋରଞ୍ଜନ ଓ ଶିକ୍ଷାତ୍ମକ ଉଦ୍ଦେଶ୍ୟରେ ଅଭିପ୍ରେତ ଥିଲା । ଲୋକନାଟକ ସାଧାରଣତଃ ଲୋକଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏଠାରେ 'ଲୋକ' କହିଲେ ସମୁଦାୟ ଜନତାକୁ ବୁଝାଇଥାଏ । ଲୋକନାଟକ କହିଲେ ସାଧାରଣତଃ ଲୋକମାନଙ୍କ ଦ୍ୱାରା ଅଭିନୀତ ହେଉଥିବା ନାଟକକୁ କୁହାଯାଇଥାଏ । ଏଠାରେ ଲୋକମାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଲୋକନାଟକର ଉତ୍ପତି ସମ୍ପର୍କରେ କୌଣସି ସଠିକ୍ ତଥ୍ୟ ଏଯାବତ୍ ଗବେଷକ ମାନଙ୍କ ପାଖରେ ହସ୍ତଗତ ହୋଇ ନାହିଁ । ଲୋକନାଟକ ଏକ ମୁକ୍ତାକାଶ ରଙ୍ଗମଞ୍ଚର ଚରିତ୍ର ଶାଳା । ଏଥରେ ଚରିତ୍ର ମାନଙ୍କ ଅପେକ୍ଷା ଦର୍ଶକମାନେ ବେଶ ବିମୁଗ୍ଧ ଭାବେ ଶ୍ରୋତା ସାଜିଥାନ୍ତି । ଲୋକନାଟକ ସାଧାରଣତଃ ଗ୍ରାମୀଣ ବା ପଲ୍ଲିର ସୁକୋମଳ ପରିବେଶରେ ଅଭିନୀତ ହୋଇ ଲୋକକଳାକାରର ପାରଦର୍ଶିତା ପ୍ରଦର୍ଶିତ ହୋଇଥାଏ ।

ଲୋକନାଟକ ସମ୍ପର୍କରେ ବିଭିନ୍ନ ସମାଲୋଚକମାନେ ନିଜ ନିଜ ସ୍ୱକୀୟ ମନ୍ତବ୍ୟ ମାନ ପ୍ରଦାନ କରି ଏହାର ସୀମା ନିର୍ଦ୍ଧାରଣ କରିବାକୁ ଚାହିଁଛନ୍ତି । ଏ ପରିପେକ୍ଷିରେ ସମାଲୋଚକ ସୁରେନ୍ଦ୍ର କୁମାର ମହାରଣା ମତପୋଷଣ କରନ୍ତି – "ଲୋକଙ୍କ ମନୋରଞ୍ଜନ ପାଇଁ ଲୋକନାଟକର ଉଦ୍ଭବ ଓ ବିକାଶ। ଲୋକନୃତ୍ୟ ଓ ଲୋକଗୀତର ଏହା ଅପୂର୍ବ

ISSN NO.
2582-208X

ସମନ୍ୱୟ। ଲୋକ ଭାଷାରେ ଏହା ରଚିତ । ଲୋକ ଚଳଣିର ବିଭିନ୍ନ ବିଭାଗ ଏଥିରେ ପ୍ରତିଫଳିତ । ଲୋକଶିକ୍ଷାର ମଧ୍ୟ ଏହା ଏକ ବଳିଷ୍ଠ ମାଧ୍ୟମ । ପୌରଣିକ, ଏଐତିହାସିକ, ଅଲୌକିକ କଥାବସ୍ତୁକୁ ନେଇ ଲୋକନାଟକ ରଚିତ ହୋଇଥାଏ । ବେଳେବେଳେ ଏ ସବୁର ମିଶ୍ରିତ ରୂପରେ ମଧ୍ୟ ଏହା ଆତ୍ମପ୍ରକାଶ କରିଥାଏ ।''(୧) ଲୋକନାଟକ ସବୁବେଳେ ପ୍ରକୃତିକତାକୁ ଗୁରୁତ୍ୱ ଦେଇଥାଏ । ଅଧୁନିକତାର ଚାକଚକ୍ୟତା ଓ ଝିଲମିଲ୍ ଆଲୋକ ସଜ୍ଜା ଠାରୁ ଢେରଦୂରରେ ରହିଥାଏ ଲୋକନାଟକ। ବିଶେଷତଃ ଗ୍ରାମୀଣ ଜୀବନର ହାସକାନ୍ଦ ଠାରୁ ଆରମ୍ଭ କରି ପୌରଣିକ ବିଷୟବସ୍ତୁର ଅଭିବ୍ୟଞ୍ଜନା ଏହାର କଥାଭାଗକୁ କରିଥାଏ ରସାଣିତ।

ଲୋକନାଟକ କାହାଣୀ ଭାଗଟି ଯେତେ ବଳିଷ୍ଠ ଥାଏ ତା'ଠାରୁ ବେଶୀ ଚମକପ୍ରଦ ଥାଏ ଏହାର ପରିବେଷଣ ରୀତି ଓ ସଙ୍ଗୀତ ଚର୍ଚ୍ଚା ଲୋକନାଟକରେ ନୃତ୍ୟ, ଗୀତ, ବାଦ୍ୟ ଓ ଅଭିନୟର ସମ୍ମିଶ୍ରିତ ରୂପ ଲକ୍ଷ୍ୟ କରାଯାଏ । ତେଣୁ ଲୋକନାଟକର ପ୍ରଚାରଭେଦକୁ ମୁଖ୍ୟତଃ ଚାରିଭାଗରେ ବିଭକ୍ତ କରାଯାଇପାରେ। ନୃତ୍ୟ ପ୍ରଧାନ ଲୋକନାଟକ, ସଙ୍ଗୀତ ପ୍ରଧାନ ଲୋକନାଟକ, ବାଦ୍ୟ ପ୍ରଧାନ ଲୋକନାଟକ ଓ ଅଭିନୟ ପ୍ରଧାନ ଲୋକନାଟକ ଇତ୍ୟାଦି । ଏହା ବ୍ୟତୀତ ଲୋକନାଟକ ଆଞ୍ଚଳିକତାକୁ ଗୁରୁତ୍ୱ ଦେଇ ବିଭିନ୍ନ ପ୍ରକାର ହୋଇଥାଏ । ଲୋକନାଟକର ସ୍ୱରୂପକୁ ବିଶ୍ଳେଷଣ କରି ସମାଲୋଚକ ଡ. ହେମନ୍ତ କୁମାର ଦାଶ ମତପୋଷଣ କରନ୍ତି –"ଲୋକନାଟକ ଗୁଡିକର ଆବେଦନ ମୁଖ୍ୟତଃ, ହୃଦୟ ପାଇଁ ଏବଂ ମସ୍ତିଷ୍କର ସ୍ଥାନ ଏଠାରେ ଗୌଣ । ତେବେ ଆବେଗ ଓ ବୌଦ୍ଧିକତା ଗୋଟିଏ ମୁଦ୍ରାର ଦୁଇପଟ ଭଳି ଅଙ୍ଗାଙ୍ଗୀ ଭାବରେ ସଂପୃକ୍ତ ହୋଇଥିବାରୁ ଲୋକନାଟକରେ ଉଭୟକୁ ଦେଖିବାକୁ ମିଳିବ । ପ୍ରକୃତି ଦୃଷ୍ଟିରୁ ଲୋକନାଟକ ଗୁଡିକ ହେଉଛି ସ୍ୱତସ୍ଫୁର୍ତ୍ତି; ପୁଣି ଲୋକ ଚିନ୍ତାର ବାହକ ଏବଂ ଲୋକରୁଚିର ପ୍ରତିବିମ୍ବ ।ଏଥିରେ କୌଣସି ପ୍ରକାରର କଷ୍ଟକଳ୍ପନା କିମ୍ବା କୃତ୍ରିମତାର ଭାବେ ମଞ୍ଚରେ ପରିବେଷଣ କରନ୍ତି । ଏହି କାରଣରୁ ଚରିତ୍ର ଘଟଣା ବା ପରିବେଶ ସହିତ ଏକାତ୍ମ ହେବାରେ ଏହାର ଦର୍ଶକମାନଙ୍କୁ ଆଦୌ ଅସୁବିଧା ହୁଏ ନାହିଁ । ଲୋକକବି ଏଥିପାଇଁ ଉପାଦାନ ସଂଗ୍ରହ କରନ୍ତି ନିଜର ପରିବେଶରୁ ।''(୨)ଏ ମନ୍ତବ୍ୟର

ISSN NO.
2582-208X

ସରବତ୍ତା ବାସ୍ତବରେ ସୂଚିତକରେ ଲୋକନାଟକ ଗ୍ରାମ୍ୟ ଜନତାଙ୍କ ଗହଣରେ ମୁକ୍ତାକାଶ ରଙ୍ଗମଞ୍ଚରେ ଅଭିନୀତ ହୋଇ ଦର୍ଶକଙ୍କ ମନୋରଞ୍ଜନ କରିଥାଏ ।

ବର୍ତ୍ତମାନ ପରିପେକ୍ଷିରେ ଲୋକନୃତ୍ୟର ସ୍ଥିତି ଓ ବ୍ୟାପ୍ତିକୁ ଅନୁଶୀଳନ କଲେ ଜଣାପଡ଼ିଥାଏ ଯେ, ଏହା ଲୋକମାନସକୁ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ଅନେକାଂଶରେ ତାର ସତ୍ତାଟି ହରାଇବସିଛି। ଲୋକନାଟକ ଆଜି ଆଧୁନିକ ଚକଚକ୍ୟତା ଭିତରେ ପରିବେଷିତ ହୋଇ ରଙ୍ଗମହଲର ଭ୍ରମ ସୃଷ୍ଟି କରୁଛି । ପୂର୍ବରୁ ଏହା ମୁକ୍ତାକାଶ ରଙ୍ଗମଞ୍ଚରେ ଅଭିନୀତ ହେଉଥିବା ବେଳେ ଆଜି ବିଭିନ୍ନ ପ୍ରକାର ଅଡିଟୋରିୟମ, ପାନ୍ଥଶାଳା ଓ ନାଟ୍ୟଶାଳା ମାନଙ୍କରେ ପରିବେଷିତ ହେଉଛି । ଆଜି ବି ଲୋକ ନାଟକର ପ୍ରକୃତ ମର୍ଯ୍ୟାଦା ରହିଛି, ମାତ୍ର ଏହାର ରୂପ ରଙ୍ଗରେ ବିଭିନ୍ନ ପରିବର୍ତ୍ତନ ଆସିଛି ।

ଲୋକମାନଙ୍କ ଦ୍ୱାରା ସୃଷ୍ଟ ଓ ଅଭିନୀତ ହେଉଥିବା ନୃତ୍ୟ ହେଉଛି ଲୋକନୃତ୍ୟ। ଲୋକ କଳାକାରର ନିଶ୍ୱାର୍ଥପର ମନୋବୃତ୍ତି ହିଁ ଏହି କଳାକୁ ବଞ୍ଚାଇ ରଖିଛି । ଲୋକସଂସ୍କୃତି, ଚଳଣୀ, ପରମ୍ପରା ଓ ଆମ ଦୈନନ୍ଦିନ ଜୀବନର ଚିତ୍ର ଏହି ଲୋକନୃତ୍ୟରେ ଫୁଟି ଉଠିଥାଏ । ବିଭିନ୍ନ ଯାନିଯାତ୍ରା, ପର୍ବପର୍ବାଣୀ, ମେଳା-ମହୋତ୍ସବ ଆଦିରେ ଏହି ଲୋକନୃତ୍ୟ ଗୁଡିକ ପରିବେଷଣ କରା ଯାଇଥାଏ । ଲୋକଚରିତ୍ରର ଜୀବନ୍ତ ପାରଦର୍ଶିତା ଓ କଳାକୁଶଳତା ଏହି ଲୋକକଳାକୁ ରାସୋତିର୍ଣ୍ଣ କରିବା ସହ ଦର୍ଶକ ମଣ୍ଡଳୀରେ ଚମକପ୍ରଦ ଭାବାବେଶ ସୃଷ୍ଟି କରିଥାଏ । ଲୋକନାଟକର ଚାହିଦା ଖୁବ ବେଶୀ ବୋଲି ଦୃଢୋକ୍ତି ସହକାରେ କୁହାଯାଇପାରେ । କାରଣ ଏଥିରେ ସ୍ୱଳ୍ପ ଚରିତ୍ର, ବ୍ୟୟ ବହୁଳ ସାଜ ସରଞ୍ଜାମର ଆବଶ୍ୟକତା ପଡିନଥାଏ । ପୁନଶ୍ଚ ଏହା ଯେକୌଣସି ସ୍ଥାନରେ ଅଭିନୀତ ହୋଇ ପାରୁଥିବାରୁ ଏହାର ଆବେଦନ ସାର୍ବଜାନିକ ମାନେ ହୋଇଥାଏ ।

ଲୋକନୃତ୍ୟ ଆଜି ବ୍ୟବସାୟୀକ ମନୋବୃତ୍ତିରେ ପରିଣତ ହେଉଥିବା ହେଟି ତା'ର ପ୍ରାଚୀନ ସତ୍ତାକୁ ହରାଇ ବସୁଛି । ପୁନଶ୍ଚ ଲୋକ କଳାକାରଟିଏ ଅଭାବୀ ଜୀବନ ଓ ଦୁଃଖ ଦରିଦ୍ରତା ହିଁ ଏଭଳି ଏକ ଲୋକନୃତ୍ୟର ଅବକ୍ଷୟ ଘଟିବା ସହ ପତନ ଘଟୁଛି । ପୁଣି ପାଶ୍ଚାତ୍ୟ ରୀତି ନୀତି ଓ ବିଦେଶୀୟ ଢାଞ୍ଚାରେ ମଣିଷ ନିଜ ଐତିହ୍ୟ ପରମ୍ପରାକୁ ଭୁଲି

ISSN NO.
2582-208X

ଅନ୍ୟ କୁ ଅନୁକରଣ କରିବା ଦ୍ୱାରା ଏହାର ଅବକ୍ଷୟମୁଖୀ ରୂପ ପରିଲିଖିତ ହେଉଛି । ଯେଉଁ ଲୋକନୃତ୍ୟ ଦିନେ ସାରା ଭାରତୀୟ ସାହିତ୍ୟରେ ଲୋକଭିମୁଖୀ ହୋଇଥିଲା ତାହା ଆଜି ନଗ୍ନ, ବିକୃତ ରୂପ ଧାରଣ କରିଛି। ଲୋକନୃତ୍ୟ ପ୍ରତି ଲୋକ ମାନଙ୍କର ଉଦାସୀନତା ବାସ୍ତବରେ ଗୋଟିଏ କାଳର ଅଧୋପତି ଓ କ୍ଷୟ ହୋଇପଡିଛି। ନାନାଦି ଫେସନଧର୍ମିତା ଓ ଆବସଡଏପିକ୍, ଆଧୁନିକ ଧରଣର ଶୈଳୀ ପ୍ରୟୋଗକରି ବର୍ତମାନର ନାଟ୍ୟକାରଗଣ ନାଟକ ରଚନା କରୁଛନ୍ତି। ମାତ୍ର ଏହି ସବୁ ନାଟକର ମୂଳକେନ୍ଦ୍ର ବିନ୍ଦୁ ହେଉଛି ଲୋକନାଟକ। ତେଣୁ ସାମ୍ପ୍ରତିକ ନାଟ୍ୟକାର ଯଦି ଏହି ନାଟ୍ୟଶୈଳୀକୁ ପୁନରୁଦ୍ଧାର କରି ତା'ର ନାଟ୍ୟକଳା ମଧ୍ୟରେ ଜୀବନ୍ତ ପରିବେଷଣ କରିବ ତା ହେଲେ ଏହା ଆଗାମୀ ଦିନରେ ନିଶ୍ଚୟ ଲୋକନାଟକ ବଞ୍ଚିରହିବ।

ସାଧାରଣତଃ ପାଲା, ଦାସକଠିଆ, ସଂଚାର, ସଂକୀର୍ତ୍ତନ, ପରାୟଣ, କଣ୍ଢେଇନାଚ ପ୍ରଭୃତି ଲୋକନାଟ୍ୟର ଏକ ଏକ ଅଙ୍ଗ ବୋଲି ଗ୍ରହଣ କରାଯାଏ । ଏହାକୁ ସଙ୍ଗୀତ ପ୍ରଧାନ ଲୋକନାଟକ କୁହାଯାଏ ପୁନଶ୍ଚ ଗୋଟିପୁଅ ନାଚ, ଦଣ୍ଡନାଟ, ଚଢେୟା-ଚଢେୟାଣୀ, ଶବର-ଶବରୁଣୀ, କେଳା-କେଳୁଣୀ ନାଚ, ଘୋଡାନାଚ, ଡାଳଖାଇ, ରସରକେଲୀ ନାଚ, ମାଇଲାଜଡ଼, ହୁମୋ, ବଉଲି, ଘୁମୁରା ନାଚ, ଛଉନାଚ, ପାଇକ ନାଚ, ନାଗାନାଟ ପ୍ରଭୃତି ଲୋକନାଟକର ବହୁ ବିଭାଗ ଅଟେ । ଏହାକୁ ନୃତ୍ୟପ୍ରଧାନ ଲୋକ ନାଟକ କୁହାଯାଏ । ରାମଲୀଳା, କୃଷ୍ଣଲୀଳା, ରାଧାକୃଷ୍ଣ ପ୍ରେମଲୀଳା, ଗୋପଲୀଳା, ଭାରତଲୀଳା, ଦଣ୍ଡ, ସୁଆଙ୍ଗ ପ୍ରଭୃତିକୁ ଅଭିନୟ ପ୍ରଧାନ ଲୋକନାଟକର ଆଖ୍ୟା ଦିଆଯାଇପାରେ । ବାଦ୍ୟ ପ୍ରଧାନ ଲୋକନାଟକ ମଧ୍ୟରେ ଢଶକୁଇଲା, ଧୁଡୁକି ନାଟ, ଚଇତି ଘୋଡା ନାଟ ପ୍ରଭୃତି ଅନ୍ତର୍ଭୁକ୍ତ କରାଯାଇପାରେ ।

ଲୋକନାଟକରେ ଅଭିନୟ, ନୃତ୍ୟ, ଗୀତ ଓ ବାଦ୍ୟର ସମ୍ମିଳିତ ରୂପ ପ୍ରକାଶିତ ହେଉଥିବାରୁ ଏହାକୁ ମିଶ୍ରକଳା ବୋଲି କୁହାଯାଏ । ଏହା ଅତ୍ୟନ୍ତ ମନୋରମ ଓ ଆକର୍ଷଣୀୟ ବିଭାଗଟିଏ। ଲୋକନାଟକର ସୃଷ୍ଟି ପ୍ରାଚୀନ କାଳରୁ ହୋଇଛି । ଏହା ଆମ ପିତୃପୁରୁଷଙ୍କ ଜାତୀୟ ସମ୍ପତି। ଏହାର ରକ୍ଷଣା ବେକ୍ଷଣା କରିବା ଆମର ନୈତିକ ଦାୟିତ୍ୱ। ପିଢି ପରେ ପିଢି ଏହା ଗଢି କରି ଆସିଛି । ଲୋକନାଟ୍ୟର ପ୍ରଚାର ପ୍ରସାର ଦିଗରେ

ISSN NO.
2582-208X

ଲୋକମାନଙ୍କ ଉଦାସୀନତା ଦୂର ହୋଇ ଏ କ୍ଷେତ୍ରରେ ପାଦ ଆଗକୁ ବାଢାଇ, ସଂରକ୍ଷଣ ଦିଗରେ ଆଗୁସାର ହେଲେ ଏହା ପରବର୍ତୀପିଢି ପାଇଁ ନିଶ୍ଚିତ ସଂରକ୍ଷିତ ରହିବ। ଏ ସମ୍ପର୍କରେ ବିଶିଷ୍ଟ ସାହିତ୍ୟିକ ହେମନ୍ତ କୁମାର ଦାସ ମତପୋଷଣ କରନ୍ତି–"xxx ଲୋକନାଟକ ଗୁଡିକ ଆମର ପୂର୍ବ ପୁରୁଷ ମାନଙ୍କର ମୂଲ୍ୟବାନ ସନ୍ତକ (Hairbom ) ଏବଂ ପ୍ରଣିପାତ କରି ସେଗୁଡିକୁ ରକ୍ଷା କରିବା ଆମ୍ଭର ନୈତିକ ଦାୟିତ୍ୱ– ଏଭଳି ଏକ ଆବେଗ ପ୍ରବଣ ମନୋଭାବ ନେଇ ଆମେ ଏହାର ସୁରକ୍ଷା ନିମନ୍ତେ ଉଦବିଗ୍ନ ନୁହେଁ । ଏଇଥିରେ ରହିଛି ଭାରତବର୍ଷର ପ୍ରାଚୀନ ସଂସ୍କୃତି ଏବଂ ଯେକୌଣସି ସଭ୍ୟ ଜାତି ନିଜର ଐତିହ୍ୟ ସମ୍ପର୍କରେ ସଦା ସଚେତନ ରହିବା ଏକାନ୍ତ ଆବଶ୍ୟକ – ଏବଂ ବିଧ ତାଡନା ଖାଇ ଆମେ ତାହା ପ୍ରତି ଆମେ ସହସା ମନୋଯୋଗୀ ହୋଇପଡିଛୁ ।"(୩)

ଲୋକାନୃତ୍ୟ ଆଜି ତା'ର ସତ୍ତାକୁ ହରାଇ ବସୁଛି । କାହିଁକି ନ ଆଜିର ଜଗତୀକରଣ ଯୁଗରେ ସମସ୍ତ ମଣିଷ ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ ଲୋକନୃତ୍ୟ ପ୍ରତି ହେୟ ଭାବ ପୋଷଣ କରୁଛନ୍ତି । ଲୋକନୃତ୍ୟକୁ ଅଭିନୟ କରିବା ପାଇଁ ଲଜ୍ଜାବୋଧ କରୁଛନ୍ତି । ସମୟ ଦେଇ ରଙ୍ଗୀନ ସିନେମା ଦେଖି ପାରୁଛନ୍ତି ଅଥଚ ପାରମ୍ପରିକ ନୃତ୍ୟ ଠାରୁ ମୁହଁ ଫେରାଇ ନେଉଛନ୍ତି । ଏହା ହିଁ ଲୋକନୃତ୍ୟର ପତନର ପ୍ରମୁଖ କାରଣ ସାଜିଛି ।

ସାମ୍ପ୍ରତିକ ସମାଜକୁ ଅବଲୋଚନ କଲେ ଜଣାପଡ଼ିଥାଏ ଯେ ଲୋକନାଟକର ସ୍ଥିତି ଆଜି ବି ବିଲୁପ୍ତ । ପ୍ରାୟ କାଁଭାଁ କେତେକ ଗ୍ରାମ ଗୁଡିକରେ ଗ୍ରାମୀଣ କଳାକାର ନିଜ ପୂର୍ବ ପୁରୁଷଙ୍କ ସମ୍ପତି ଭାବି ଏହାକୁ ବଞ୍ଚାଇ ରଖିଛନ୍ତି । ଆଧୁନିକତାର ରାହୁଗ୍ରସ ମଣିଷକୁ ଆଜି ତା'ର ମୟଜାଳରେ ମସଗୁଲ କରି ଦେଇଛି । ତେଣୁ ପାରମ୍ପରିକ ଲୋକନାଟ୍ୟ ଓ ପୋଥି ପୁରାଣ, ପରମ୍ପରା ସବୁ ଅଣଦେଖା ହୋଇପଡିଛି ମଣିଷ ପକ୍ଷରେ ।ବିଭିନ୍ନ ପ୍ରକାର ଅବସର୍ଡ, ଏପିକ ଶୈଳୀର ନାଟକ ରଚିତ ହେବ ଦ୍ୱାରାଲୋକନାଟକ କ୍ଷେତ୍ରରେ ପରିବର୍ତନ ଆସିଛି । ଅନେକ ଦୃଶ୍ୟସଜ୍ଜା, ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭିତରେ ଲୋକନାଟକ ଘଡିସିଦ୍ଧି ମୁହୂର୍ତ ଦେଇ ଗତିଶୀଳ। ଲୋକନାଟକର ପୁନରୁତ୍ଥାନ ନିମନ୍ତେ ଆଜିର ଯୁବପିଢି ଅନାସକ୍ତ ମନୋଭାବ ପୋଷଣ କରୁଛନ୍ତି । ପ୍ରାଚୀନ କାଳରୁ ଗଡି ଆସୁଥିବା ପରମ୍ପରା ସତେକି ଆଜି ଯୁବ ମାନସ ପାଖରେ ମୂଲ୍ୟହୀନ ହୋଇପଡୁଛି । ପୂର୍ବରୁ ଗ୍ରାମରେ କାହା ଘରେ ସନ୍ତାନ ସନ୍ତତି

ISSN NO.
2582-208X

ଜନ୍ମ ହେଲେ, ଏକୋଇଶିଆ, ନବଜାତ ଶିଶୁର ଅନ୍ନପ୍ରାସନ୍ନ ଭୋଗ କରାଗଲେ ପାଲା, ଡଣ, ଦାସକଠିଆ ପ୍ରଭୃତି ଆୟୋଜନ କରାଯାଉଥିଲା । ପୁନଶ୍ଚ ଗାଁରେ ସଂକୀର୍ତ୍ତନ ଦଳ ଗୁଡିକ ଗଢି ଉଠି ବିଭିନ୍ନ ସମୟରେ ଏହି କଳା ପରିବେଷଣ କରୁଥିଲେ । ତେଣୁ ଗାଁ ଗୁଡିକ ଥିଲା ନାଟ୍ୟଶାଳାର କେନ୍ଦ୍ରବିନ୍ଦୁ। ଖେଳ କୌତୁକ ଯାନିଯାତ୍ରା ମେଲା ମହୋତ୍ସବ ପର୍ବ ପର୍ବାଣୀରେ ଗାଁ ହର୍ଷ ମୁଖର ହୋଇ ଉଠୁଥିଲା । ଲୋକନାଟକର ପୌରଣିକ ଚରିତ୍ର ଗୁଡିକ ଲୋକମାନଙ୍କ ମନରେ ଗୋଟିଏ ପୌରାଣିକ ଭାବନା ଉଦ୍ରେକ କରିବା ସହ ଈଶ୍ୱରୀୟ ଚିନ୍ତନ ପ୍ରତି ଐକବଦ୍ଧତା ଜାହିର କରୁଥିଲେ । ବିଭିନ୍ନ ସମୟରେ ଅନୁଷ୍ଠିତ ହେଉଥିବା ବଏଲ ଯାତ୍ରାରେ ଦେବୀ ଆରାଧନା କରି  ସାଧକ ଦେହରେ ପ୍ରବେଶ କରିବା ଓ ତା'ର ସମଗ୍ର ଦେହରେ କମ୍ପମାନ ସୃଷ୍ଟି ହେବା ମଧ୍ୟ ପାରମ୍ପରିକ ଲୋକନୃତ୍ୟକୁ  ସୂଚିତ କରେ । ବଏଲ ଯାତ୍ରାରେ ଅନୁଷ୍ଠିତ ବିଭିନ୍ନ କୌତୁକ ପ୍ରଦ ଖେଳ ପ୍ରଦର୍ଶନୀ କଣ୍ଟା ଉପରେ ଦୋଳି ଫାନ୍ଦି ଦୋଳିବା ଓ ଶୋଇବା, ନିଆଁ ହୁଳରେ ଚାଲିବା ପ୍ରଭୃତି ଅନନ୍ୟ କଳାକାରିଗଣର ପରଦର୍ଶିତାକୁ ସୂଚିତ କରେ ।

ଲୋକନାଟକର ମୌଳିକତାକୁ ଚିହ୍ନଟ ପୂର୍ବକ ଏହାର ତା'ର କେତୋଟି ବିଶେଷତ୍ୱ ନିମ୍ନରେ ଆଲୋଚନା କରାଯାଇପାରେ –

(୧)ଲୋକନାଟକ ପାରମ୍ପରିକ ଶୈଳୀ ଉପରେ ରଚିତ ହୋଇଥାଏ । ଲୋକ ଜୀବନର କଥାଭାଷାକୁ ବେଶୀ ପରିମାଣରେ ଏହା ଗୁରୁତ୍ୱ  ଦେଇଥାଏ ।

(୨)ଲୋକନାଟକ ମୁକ୍ତାକାଶ ରଙ୍ଗମଞ୍ଚରେ ଅଭିନୀତ ହୋଇ ଦର୍ଶକମାନଙ୍କ ମନୋରଞ୍ଜନ କରିଥାଏ । ଚରିତ୍ର ମାନଙ୍କ ସହ ବେଳେ ବେଳେ ଦର୍ଶକଙ୍କ ଉକ୍ତି ପ୍ରତ୍ୟୁକ୍ତି ମଧ୍ୟ ଘଟିଥାଏ । ଏହା ବେଶ ଆକର୍ଷଣୀୟ ଓ ଚିତ୍ତାକର୍ଷକ ହୋଇଥାଏ ।

(୩) ସାମାଜିକ ପର୍ବପର୍ବାଣୀ, ଧର୍ମ ମୂଳକ କଥା, ଲୋକବିଶ୍ୱାସ, ଲୋକ-ଚଳଣୀ, ପ୍ରବାଦ-ପ୍ରବୋଚନ, ଢଗ-ଢମାଳୀ ତଥା ଆଞ୍ଚଳିକ ପରିବେଷ୍ଟନୀର ପରମ୍ପରାକୁ ନେଇ ଏହା ଭାସ୍ୱର ।

ISSN NO.
2582-208X

(୪) ବିଭିନ୍ନ ଅଞ୍ଚଳର ଆର୍ଥିକ ଅବସ୍ଥା, ଧର୍ମୀୟ ଚିନ୍ତା ଚେତନା, ଜୀବନ ନିର୍ଦ୍ଧାରଣର ପଦ୍ଧତିର ବାସ୍ତବ ରୂପ ଏଥିରେ ପ୍ରତିଫଳିତ ହୋଇଥାଏ ।

(୫) ଲୋକନାଟକରେ ପୌରଣିକତା ଏକ ଅବିଚ୍ଛେଦ୍ୟ ଅଙ୍ଗ ।ଏଥିରେ ପୌରଣିକ ବିଷୟ ବସ୍ତୁରୁ ଅଭିବ୍ୟଞ୍ଜନା କରି କଥାବସ୍ତୁ ଗତିଶୀଳ ହୋଇଥାଏ ।

(୬) ଆମ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ତୋଳି ଧରିବା ନିମିତ୍ତ ଏଥିରେ ଥାଏ ପ୍ରଚୁର ଆବେଦନ । ଏହା ଆମ ଐତିହ୍ୟ, ପ୍ରାଚୀନତାକୁଜାବୋଡି ଧରି ଗତିଶୀଳ ହୋଇଥାଏ ।

(୭) ପାରମ୍ପରିକ ଶୈଳୀରେ ଏହା ପରିବେଷଣ ହୋଇଥାଏ । ଏହା ଲୋକମାନସରୁ ଲୋକଙ୍କ ପାଖକୁ ଅତି ଚମତ୍କାର ଭାବେ ଗତି କରିଥାଏ ।

(୮) ଲୋକନାଟ୍ୟର ମୁଖ୍ୟ ବିଶେଷତ୍ୱ ହେଉଛି ଲୋକ ଚରିତ୍ର । ଯିଏ ମୁହଁରେ ରଙ୍ଗ ମାଖି କଳା ବୋଲି ହୋଇ ଦେବ ଦେବୀ ଭୂମିକରେ ଅବତୀର୍ଣ୍ଣ ହୋଇ ଲୋକଙ୍କ ମନୋରଞ୍ଜନ କରିଥାଏ ।

(୯ ) ଲୋକନାଟକରେ ଜୀବନର ପରିଭାଷ୍ୟ ଅତି ପ୍ରାଞ୍ଜଳ । ଭାଷ୍ୟ ଶୈଳୀର ସରଳତା ସାଙ୍ଗକୁ ଜନଜୀବନ ମଧ୍ୟରେ ଏକ ଐକ୍ୟବଦ୍ଧ ଭାବନା ପରିପ୍ରକାଶ କରେ ଏହା।

(୧୦) ଗ୍ରାମୀଣ ପ୍ରତିଭାର ଉଦଘାଟକ ଭାବରେ ଲୋକନାଟକ ପ୍ରଧାନ ଭୂମିକା ନିର୍ବାହ କରିଥାଏ । ଚରିତ୍ର ଗୁଡିକୁ ଲୋକଲୋଚନରେ ନିଜ ପ୍ରତିଭାର ବିକଶିତ ରୂପକୁ ଦେଖିଥାନ୍ତି ।

(୧୧) ସ୍ୱତସ୍ଫୁର୍ତ୍ତତା ଏବଂ ସ୍ୱଚ୍ଛନ୍ଦତା ହେଉଛି ଲୋକନାଟକର ପ୍ରଧାନ ଧର୍ମ । ଏଥିରେ ଲୋକମାନସର ଯାବତୀୟ କଥା, ଗାଥା ପରିପ୍ରକାଶିତ ହୋଇଥାଏ ।

(୧୨) ଲୋକନାଟକରେ ମନୋରଞ୍ଜନ, ପ୍ରୟୋଜନୀୟ ବାର୍ତ୍ତା ପ୍ରଚାର , ସାମାଜିକ ରୀତିନୀତି, ଆଚାର-ବ୍ୟବହାର, ଚଳଣୀ-ପରମ୍ପରା ସହ ଲୋକଶିକ୍ଷାର କଥା, ଲୋକଚଳଣୀର କଥା ଏଥିରେ ସନ୍ନିବେଶିତ ହୋଇଥାଏ ।

ISSN NO.
2582-208X

ଅତଏବ ଏହି ଆଲୋଚନାରୁ ସ୍ପଷ୍ଟ ଅନୁମେୟ ହୁଏ ଯେ ଲୋକନାଟକ ଆମ ପରମ୍ପରା ଓ ସଂସ୍କୃତିର ବାହକ । ଲୋକଙ୍କ ପାଖରେ, ଲୋକଙ୍କ ରୁଚି, ଆବେଗ ଓ ମାନସିକତାକୁ ଭିତ୍ତି କରି ଏହାର ଉଦ୍ଭବ ଓ କ୍ରମବିକାଶ । ପ୍ରାଚୀନ ସଂସ୍କୃତିକୁ ଯବୋଡି ଧରି ଏହା ବହୁବର୍ଣ୍ଣା। ଆଜିର ନାଟ୍ୟକାରମାନେ ଯେଉଁ ବିଭିନ୍ନ ପଶ୍ଚାତ୍ୟଧର୍ମୀ ବିଷୟବସ୍ତୁକୁ ଅବଲମ୍ବନ କରି ନାଟକମାନ ରଚନା କରୁଛନ୍ତି ତାହା ନାଟକର ଅଧୁନିକତାକୁ ସୂଚିତ କରେ ।ମାତ୍ର ଏହାର ମୂଳକେନ୍ଦ୍ର ଲୋକନାଟକ। ଆଜିର ସାହିତ୍ୟରେ ସାହିତ୍ୟକାରମାନେ ଲୋକ ଉପାଦାନକୁ ବିଭିନ୍ନ ଢଙ୍ଗରେ ସାହିତ୍ୟ ପ୍ରୟୋଗ କରୁଛନ୍ତି । ଏହା ନିଶ୍ଚିତ ଭାବରେ ଏକ ଶୁଭ ସଙ୍କେତ ଲୋକନାଟକ ପାଇଁ । କାରଣ ମଣିଷ ଯେତେ ପୁରୁଣା ହେଉ ନା କାହିଁକି ତା'ର ମୂଳପିଣ୍ଡକୁ ଜନ୍ମଭୂମି ତା' ପାଇଁ ସ୍ୱର୍ଗସମ। ତେଣୁ ଆଜିର ନାଟକ ଯେତେ ଉର୍ଦ୍ଧଗାମୀ, ପଶ୍ଚାତ୍ୟାଭିମୁଖୀ ପ୍ରତୀକ, ଚିତ୍ରକଳ୍ପ ଦ୍ୱାରା ଆଚ୍ଛାଦିତ ହେଉ ଏହାର ମୂଳ ରୂପକୁ କେବେ ବି ବାଦ ଦେଇପାରିବ ନାହିଁ । ଏ ସମ୍ପର୍କରେ ବିଖ୍ୟାତ ନାଟ୍ୟ ବିଶାରଦ ହେମନ୍ତ କୁମାର ଦାସଙ୍କ ମତ ପ୍ରଣିଧାନ ଯୋଗ୍ୟ । ସେ କହନ୍ତି –"ମାନେ ରଖିବାକୁ ହେବ ଯେ, ଲୋକକଳା ହେଉଛି ଆମ ପୂର୍ବ ପୁରୁଷଙ୍କର ଏକ ମୂଲ୍ୟବାନ ସନ୍ତକ ଏବଂ ଅତୀତ ସହିତ ବର୍ତ୍ତମାନର ଏକ ସଂଯୋଗ ସେତୁ । ଊନବିଂଶ ଶତକର ଷଷ୍ଠ ଦଶକରୁ ପ୍ରାୟ ଗୋଟିଏ ଶତକ ଧରି ପାଶ୍ଚାତ୍ୟ ନାଟ୍ୟଶୈଳୀର ଛାୟାରେ ବଢିଆସିଥିବା ଭାରତୀୟ ନାଟକ ଯେତେବେଳେ ସେ ଦେଶର ପ୍ରରୋଚନାରେ ତୃଣମୂଳ ନିକଟକୁ ଫେରିଯିବା ନିମନ୍ତେ ଉଦ୍ୟମ ଆରମ୍ଭ କଲା, ସେତେବେଳେ ଲୋକନାଟକ ଗୁଡିକର ପୁନରୁଦ୍ଧାନ ଏବଂ ଭାବଚେତନାର ଗୋଟିଏ ବଳୟ ମଧ୍ୟରେ ସେକାଳ ଏବଂ ଏକାଳକୁ ଧରିବା ଅପରିହାର୍ଯ୍ୟ ହୋଇପଡିଥିଲା ।"(୪)

ବର୍ତ୍ତମାନ ପରିପ୍ରେକ୍ଷୀରେ ବି ମୁକ୍ତାକାଶ ରଙ୍ଗମଞ୍ଚରେ ଧନୁଯାତ୍ରା, ମେଳା, ମହୋତ୍ସବଗୁଡିକ ଅନୁଷ୍ଠିତ ହେଉଛି । ଏହା ଲୋକନାଟ୍ୟର ପରମ୍ପରିତାକୁ ବଞ୍ଚାଇ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଲୋଳନାଟକ ପ୍ରତି ସରକାରୀ ଅନୁଦାନ, କଳାକାରଟିଏ ବଞ୍ଚିବା ପାଇଁ ସାହାଯ୍ୟ ପ୍ରୋତ୍ସାହନ ଆଦି ମିଳିଲେ, ପରବର୍ତ୍ତୀ ସମୟରେ ଏହି ଲୋକ ନୃତ୍ୟ କଳା ହିଁ ବଞ୍ଚିପାରିବା ସୁନିଶ୍ଚିତ । ଦିନ ଥିଲା ଲୋକ ନାଟକ ସର୍ବ ସାଧାରଣଙ୍କ ହିତ ଉଦ୍ଦେଶ୍ୟରେ ରଚିତ ହୋଇ ସର୍ବ କଲ୍ୟାଣ ଆଭିମୁଖ୍ୟ ନେଇ ପରିବେଷିତ ହେଉଥିଲା । ମାତ୍ର ଆଜିର

ISSN NO.
2582-208X

ଯୁବପିଢିଙ୍କ ଅନାଗ୍ରହ ହେଉ କିମ୍ବା ଅଧୁନିକତାର କ୍ରମବିକାଶ ଫଳରେ ଏହି ଲୋକନୃତ୍ୟ କଳା ବିଲୁପ୍ତ ହେବାକୁ ବସିଲାଣି । ଲୋକଙ୍କ ପାଖରେ ଏହାର ଭିତ୍ତି ଓ ଭୂତିକୁ ସୁଦୃଢ କରିବା ପାଇଁ ପୁନରୁଦ୍ଧାର ଆବଶ୍ୟକ । ଲୋକ ସାହିତ୍ୟ ଗବେଶକଙ୍କ ଉଦ୍ୟମ, ଗାଁ ଗହଳରେ ପ୍ରଚଳିତ ଥିବା ଲୋକକଳା, ନୃତ୍ୟର ଆବିଷ୍କାର ଓ ଉଦ୍ଧାର, ବିଦେଶୀୟ ଢାଞ୍ଚାକୁ ପରିତ୍ୟାଗ ପୂର୍ବକ ବିଦ୍ରୋହ, ଲୋକମାଙ୍କ ମାନସିକତାରେ ଲୋକନୃତ୍ୟ ପ୍ରତି ମମତ୍ୱ ବୋଧ ଜାଗ୍ରତ ହେଲେ, ନିଶ୍ଚିତ ଭାବେ ଆଗାମୀ ଦିନରେ ଲୋକନୃତ୍ୟର ଭବିଷ୍ୟତ ଉଜ୍ଜ୍ୱଳ ଓ ମହିମନ୍ୱିତ ହେବ । ଶେଷରେ ଆବଳବୃଦ୍ଧବନିତା ଏହାର ପ୍ରଯତ୍ନ କ୍ଷେତ୍ରରେ ଯତ୍ନଶୀଳ ହେଲେ ଏହି ଲୋକକାଳର ଆୟୁଷ ଅକ୍ଷୁର୍ଣ୍ଣ ରହିବା ସହିତ ସାର୍ବକାଳିକ ହୋଇ ପାରିବ ।

ସହାୟକ ସୂଚୀ :-

୧) ମହାରଣା, ଡକ୍ଟର ସୁରେନ୍ଦ୍ର କୁମାର- ଓଡିଆ ସାହିତ୍ୟର ଇତିହାସ, ପୃଷ୍ଠା-୫୯
୨) ଦାସ, ଡକ୍ଟର ହେମନ୍ତ କୁମାର – ଲୋକନାଟକର ଭିତ୍ତି ଓ ଭୂତି, ପୃଷ୍ଠା-୩୬
୩) ତତ୍ରୈବ, ପୃଷ୍ଠା- ୧୨୨
୪) ତତ୍ରୈବ, (ମୁଖଶାଳା), ଲୋକନାଟକର ଭିତ୍ତି ଓ ଭୂତି, ଆମୁଖ

ବିଭାଗୀୟ ମୁଖ୍ୟ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ଜମଲା ଡିଗ୍ରୀ ମହାବିଦ୍ୟାଳୟ, ଜମଲା
ପଦ୍ମପୁର, ବରଗଡ଼---୭୬୮୦୪୯
ମୋ---୯୭୬୮୨୪୩୪୦୫

ISSN NO.
2582-208X

# ତୁମେ ବି ଏମିତି



ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

ଉଚ କପାଳି ତୁ କୁନ୍ଦ ଦନ୍ତୀ ଭ୍ରୁରୁ
ଅର୍ଦ୍ଧଚନ୍ଦ୍ର ଇନ୍ଦ୍ରଧନୁ,
ହରିଣୀ ଆଖିରେ ଅମାପ ସପନ
ଗୋକ୍ଷୀର ବରଣା ତନୁ;
ଅଧର ଜବା କୁସୁମ,
ବିଧାତା ଗଢିଛି ଲବଣୀ ପିତୁଳା
ସରି ନୁହେଁ କୋଟି କାମ ।।

ଚୂର୍ଣ୍ଣ କୁନ୍ତଳ ତୋ ରାତିର ଅନ୍ଧାର
ତହିଁ ମୁଖ ସୁଧାକର,
ସମାନ ଦିଶଇ ରୂପା ରୋଷଣୀରେ
ଅଦଭୁତ ଚମତ୍କାର;
ଚିକଣ ଚିବୁକ ରଙ୍ଗେ,
ମୁକୁର ମଳିନ ଦିଶଇ ସଜନୀ
ପ୍ରମତ୍ତ ଚୁମ୍ବିତ ରାଗେ ।।

ମନ୍ଥର ଗତିରେ ମତ୍ତଗଜ ଠାଣି
ପଶୁରାଜ "କଟୀ ତଟ-
ସମ କୃଶ" ମଞ୍ଜୁ ମଞ୍ଜୁଳ ସୁଉଚ
ବକ୍ଷୋଜ ଦିଶେ ଉତ୍କୃଷ୍ଟ;

ISSN NO.
2582-208X

ସତେକିବା ଅପସରୀ,
ସ୍ୱର୍ଗୀୟ ଲଳନା ପ୍ରଭାସିନୀ ପ୍ରଭା
ଦେଇଅଛି କି ବିସ୍ତାରି ।।

ଅପରୂପ ମୟୀ ରୂପସୀ ମୋହିନୀ
କୃଶୋଦରୀ ଦିବ୍ୟ ଛବି,
ଚାରୁ ଚିତ୍ର ଭରା ଯୌବନ ପସରା
ପୁଷ୍ପ ବିନୋଦନେ ରବି -
ପ୍ରଭାତୀ କୋମଳ କରେ,
ତଥା ପ୍ରେମ ମୋଦେ ମାଦକତା ଭରି
ଦେଇଛୁ ହୃଦୟ ସରେ ।।

କେଉଁ ଉପାଦାନେ ବିଧାତା ଗଢ଼ିଛି
ବସି ବସି କେତେ କାଳ,
ମଦନ ଦମନେ ଫୁଟାଇ ଦେଲାକି
ଏମିତି ଅପୂର୍ବ ଫୁଲ;
କଳାବତୀ କାମକଳା,
କାଦମ୍ବିନୀ କୋଳେ ସତେ କି ଚଞ୍ଚଳେ
ହସି ଉଠଇ ଚପଳା ।।

ରତୀ ରଙ୍ଗବତୀ ପ୍ରଣୟ ବଲ୍ଲରୀ
ପ୍ରେୟସୀ ଗୋ ପ୍ରିୟମ୍ବଦା,
ସେ ପ୍ରୀତି ସାଗରେ ଡୁବ ମାରିବାରେ
ସତେ କେତେ ମାଦକତା;
ନାହିଁ ଆଉ ଅବସୋସ,
ଜୀବନ ତୋପ୍ରେମ କଲା ସୁଧା ସମ
ବି-ହରି ବିରହ ବିଷ ।।

ମଙ୍ଗଳାଯୋଡି, ଖୋର୍ଦ୍ଧା

ISSN NO.
2582-208X

# ଦୁଇଟି ଅଣୁ କବିତା



ଡ. ଜ୍ଞାନେଶ୍ୱର ମିଶ୍ର

(୧)

ଚା କପ୍ ରେ ମାଛିଟେ ପଡିଲେ
କପ୍ ର ଚା କୁ ଦେଉ ଆମେ ଢାଳି,
ମାଛିଟେ ପଡିଲେ ଘିଅ ଡବା ବା ପାତ୍ରରେ
କାଢି ଫିଙ୍ଗିଦେଉ ମାଛିଟାକୁ ଖାଲି ॥

(୨)

କାନ୍ଥରେ ପଶି
ହାତୁଡିର ମାଡ ଖାଇ
କଣ୍ଟାଟିରେ ସୁନ୍ଦର ଫଟୋଟିଏ
ରହିଥାଏ ଝୁଲି
ଲୋକେ ଦେଖି
ପ୍ରଶଂସା କରନ୍ତି ଫଟୋଟିକୁ
କଣ୍ଟା କଥା ଯାଇଥାନ୍ତି ଭୁଲି ॥

ମୋ: ୮୪୨୦୨୪୨୭୫୫

ISSN NO.
2582-208X

# ଆଜିର ଗଣତନ୍ତ୍ର



ଦେବାର୍ଚ୍ଚନ ମେହେର

ଆସିଛିରେ ଭାଇ ସ୍ୱାଧୀନତା ଦିବସ
ପାଳିବା ସଭିଏଁ ଏକତ୍ରିତ ହୋଇ,
ଜାତୀୟ ସଙ୍ଗୀତ କରି ଗାନ
ବନ୍ଦେ ମାତରମ୍ ସ୍ଲୋଗାନ ଦେଇ ।।

ଊଣେଇଶି ଶହ ପଚାଶ ମସିହା
ଜାନୁଆରୀ ମାସ ଛବିଶି ତାରିଖରେ,
ସମ୍ବିଧାନ ପ୍ରଣୟନ ହୋଇଥିଲା
ଆମର ଏଇ ଭାରତ ଦେଶରେ ।।

ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷେ ଆମେ
ଏକତ୍ର ହୋଇ ସଭିଏଁ ଭାରତ ବାସୀ,
ତ୍ରିରଙ୍ଗା ପତାକା ତଳେ ପାଳିବା ଯେ
ଗଣତନ୍ତ୍ର ଦିବସ ହୋଇଣ ଖୁସୀ ।।

ଆମ ଦେଶ ସ୍ୱାଧୀନତା ପାଇବାର
ଆଜି ପଞ୍ଚସ୍ତରୀ ବର୍ଷ ପୂରଣ ହେଲା,
ନାରୀ ନିର୍ଯ୍ୟାତନା ଦେଖିବାକୁ ମିଳେ

ISSN NO.
2582-208X

ଦିନକୁ ଦିନ ଦୁର୍ନୀତି ବଢ଼ି ଚାଲିଲା।।
ଏତେ ଆଇନ କାନୁନ୍ ଥାଇ ବି
ଦୋଷୀ ବୁଲେ ଖୋଲା ଆକାଶେ,
ନିର୍ଦ୍ଦୋଷୀ ସର୍ବଦା ପାଏ ଦଣ୍ଡ
ଏଇ ଆମ ଭାରତ ଦେଶେ।।

ଧନ୍ୟ ତୁମେ ଭୀମରାଓ ଆମ୍ବେଦକର
ତୁମେ ଯେ ସମ୍ବିଧାନର ପ୍ରଣେତା,
ସଭିଏଁ ପାଇବେ ସମ ଅଧିକାର
ତୁମ ପାଇଁ ଆଜି ଲୋକେ ଟେକି ଚାଲେ ତା ମଥା।।

ଉଚ୍ଚ ନୀଚଭାବ ଧନୀ କି ଗରିବ
ନ ରଖିବ କେବେ ବାଛ ବିଚାର,
ଜାତି ଧର୍ମ ବର୍ଣ୍ଣରେ ନ ଥିବ ପ୍ରଭେଦ
ସଭିଏଁ ଆମେ ସନ୍ତାନ ଭାରତ ମାଆର।।

ତ୍ରିରଙ୍ଗା ପତାକା ତଳେ ନେବା ଶପଥ
ନିଜ ମାଟି ମାଆର ରକ୍ଷା ପାଇଁ,
ନିଜ ଜୀବନକୁ ବଳିଦାନ ଦେବା
ଆମ ନିଜ ମାତୃଭୂମି ପାଇଁ।।

ଗ୍ରାମ - ବାପୁଜୀନଗର, ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

ମାର୍ଚ୍ଚ-୨୦୨୪
www.vedantimagazine.com
ISSN NO.
2582-208X

# ଜୟ ଜୟ ଗୁରୁ
# ରାମରାଜ୍ୟ ଫେରୁ



ରଂଜିତା ମହାଳକ

ଜୟ ଜୟ ଗୁରୁ ସତ୍ୟ ନାରାୟଣ
ଜୟ ତୁ ମହାପୁରାଣ ରାମାୟଣ
ତ୍ରେତା ଯୁଗେ ରାମନାମ ଧରି
ମର୍କଟ ବାନର ମାନେ ସମୁଦ୍ର କଲେ ପାରି
ରାମ ନାମରେ ଅସୀମ ଶକ୍ତି ଭରି
ସମୁଦ୍ର ବକ୍ଷରେ ପଥରେ ରାସ୍ତା ତିଆରି
ଲଙ୍କାରେ ପ୍ରବେଶଲେ ରାମଚନ୍ଦ୍ର ଭ୍ରାତାଙ୍କୁ ଧରି
ପାପି ବାଳିକୁ ବଧ କରି
ଭ୍ରାତ୍ରା ପତ୍ନିକୁ ଅନ୍ୟାୟେ ଥିଲା ହରି
ରାବଣର ସୀତା ଚୋରି ପଡିଲା ତାକୁ ଭାରି
ସୁନାର ଲଙ୍କା ମାଟିରେ ମିଶିଲା
ଅସୁର ବଂଶ ଗଲେ ହରି
କଳିଯୁଗେ ଆଉ ନ ରହିଲା ସତ୍ତା କାହାରି
ରାମ ନାମେ ହନୁମାନ ସାତ ସମୁଦ୍ର କଲେ ପାରି
ଆସିଲେ ମାତା ସୀତାଙ୍କ ସମ୍ବାଦ ଧରି
ଅହଂକାରୀ ରାବଣ ଶେଷରେ ରାମନାମ ସ୍ମରି
ମୁକ୍ତି ପଥେ ଗଲେ ସ୍ୱର୍ଗ ଯାତ୍ରା କରି
କୁମ୍ଭକର୍ଣ୍ଣ ଆଉ ବିଭୀଷଣ ଭାଇ ପରି
ସଭିଙ୍କୁ ମିଳୁ ଏତିକି ମୋର ପ୍ରଭୁଙ୍କୁ ଗୁହାରି

ISSN NO.
2582-208X

ଅସୁର କୁଳେ ସିନା ଜନ୍ମ ତାଙ୍କରି
କୁମ୍ଭକର୍ଣ୍ଣ ବଡ ଭାଇର ମଙ୍ଗଳ କାମନା କରି
ମାତା ସୀତାଙ୍କ ଚୋରି
ଉଚିତ ନୁହେଁ ବୋଲି ବାରଣ କରି
ରାମଙ୍କୁ ସୀତା ସମର୍ପି ଦେବାକୁ
ବଡ ଭାଇଙ୍କୁ କରିଥିଲେ ଗୁହାରି
ସବୁଜାଣି ସୁଦ୍ଧା ଉଚିତ୍ ବିଚାରି
ବଡଭାଇଙ୍କର ସମ୍ମାନାର୍ଥେ ମରି
ରାମଙ୍କ ହାତେ ଗଲେ ତରି
ରାମ ନାମେ ମୁକ୍ତି ଆଉ ଶକ୍ତି ଭାରି
ପଙ୍ଗୁ ଚଢ଼େ ହିମାଳୟ ଅନ୍ଧ ପାଏ ଚକ୍ଷ୍ୟୁ
ରାମ ନାମେ ଶକ୍ତି ଆଉ ରାଜା ହୁଏ ଭିକ୍ଷୁ
ଯୁଗେ ଯୁଗେ ଚାରି ଯୁଗେ ରାମ ନାମ ଶ୍ରେଷ୍ଠ
ସତ୍ୟ ତ୍ରେତୟା ଦ୍ୱାପର ଆଉ କଳିଯୁଗ ନଷ୍ଟ
ରାମନାମ ଭଜିଲେ ଯାଇ ପାଇବ ମୁକ୍ତି
ମୁନିଋଷି ସାଧୁସନ୍ଥଙ୍କର ଇଏ ହେଉଛି ଯୁକ୍ତି
ଜୟ ଜୟ ଗାନ କର ହରି ରାମଙ୍କର
ଏତିକି ସତ୍ୟର ମନେ ବିଚାର କର
ପୁଣି ଫେରିବ ସତ୍ୟଯୁଗ ବିଶ୍ୱାସ ମୋର ।

ସଂଗ୍ରାମପୁର, ଅଯୋଦ୍ଧା, ମିତ୍ରପୁର
୯୭୭୮୦୮୧୭୭୭

ISSN NO.
2582-208X

# କଳା ଜନ୍ଦା



ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ

ଘର ଅଗଣାରେ ଦିନସାରା ଧାଡ଼ିଧାଡ଼ି ହୋଇ ଚାଲୁଥିବା କଳା ଜନ୍ଦା ମାନଙ୍କୁ ଟିକି ପ୍ରତିଦିନ ଦେଖୁଥାଏ। ଏ ଦେଖିବା ତାର ଗୋଟେ ଅଭ୍ୟାସରେ ପରିଣତ ହେଇଗଲା। ସେମାନେ ସାଙ୍ଗ ହୋଇ ଖାଇବା ଜିନିଷ ଉପରେ ଶୁଣ୍ଢ ଟି ଲଗେଇ କେମିତି ଶାନ୍ତ ଭାବରେ ଖାଉ ଥାନ୍ତି, ସେ ସବୁକୁ ଟିକି ଏକ ଲୟରେ ଦେଖୁଥାଏ। ଶେଷରେ ସେ ଘରୁ ଚିନି, ନକୁଳ ଦାନା ଗୋଟେ ଛୋଟ ଥାଳିଆ ରେ ଭରି ଭରି ସେମାନଙ୍କ ପାଖରେ ରଖିଦିଏ ଖାଇବା ପାଇଁ। ଏତେ ଦେଇ ଦିଏ ଖାଇବା ପାଇଁ ଯେ ରାତି ସାରା ସେମାନେ ନିଶ୍ଚିନ୍ତ ହୋଇ ଖାଆନ୍ତି। ଆଉ ଘର ଭିତରକୁ ଆସି ଗୋଡ ହାତରେ ଚଢ଼ି ଯାଆନ୍ତି ନାହିଁ। କାଳେ ଭୋକ ଲାଗିଲେ ରନ୍ଧା ଘର ଆଡ଼କୁ ଆସି ଯିବେ ବୋଲି ଟିକି ଆଗରୁ ସେମାନଙ୍କ ପାଇଁ ଯୋଗାଡ଼ କରିଦିଏ। ଜନ୍ଦା ମାନେ କଥା ମାନି ଚୁପ୍ ଚାପ୍ ଗୋଟିଏ ଜାଗାରେ ରହନ୍ତି। ଏକାଠି ସେମାନେ ସାଙ୍ଗ ହୋଇ କଥା ହୁଅନ୍ତି, ଖାଆନ୍ତି। ମାତ୍ର ମଣିଷ ଏକଚାଟିଆ ମନୋବୃତ୍ତି ନେଇକି ରହେ। ନିଜ ପେଟ ପୁରିଲା ପରେ ଅନ୍ୟ ପାଇଁ ଭାବେ।

ପିଲାଦିନେ ଆଇ ପାଖରୁ ଟିକି ଶୁଣିଥିଲା ଯଦି ପିମ୍ପୁଡ଼ି, ଜନ୍ଦାର ଗାତରେ ପ୍ରତିଦିନ ଟିକେ ଟିକେ ଖାଦ୍ୟ ଦେଉଥିବ, ତେବେ ସେମାନଙ୍କ ଆଶୀର୍ବାଦ ରୁ ଘରେ କେବେ ଅନ୍ନର ଅଭାବ ରହିବ ନାହିଁ। ଘରେ ସୁଖ ଶାନ୍ତି ମଧ୍ୟ ରହିବ। ଏଇ କଥାଟି ଟିକି ଆଜି ଯାଏଁ ମନେ ରଖିଛି। ସେ ମଧ୍ୟ ଚାହେଁ ସଂସାରରେ ଯେତେ ପ୍ରାଣୀଅଛନ୍ତି ସମସ୍ତେ ଖାଇକି ଶାନ୍ତିରେ ରୁହନ୍ତୁ।

ISSN NO.
2582-208X

ଏପରିକି ବାଡି କବାଟ ଖୋଲିଦେଇ ପ୍ରତିଦିନ ଗାଈ, କୁକୁର ଙ୍କୁ ଟିକି ବଳକା ରୁଟି, ଭାତ ଖାଇବାକୁ ଦିଏ। ସେତିକି ନୁହେଁ, ଅଗଣାରେ ଆମ୍ବ ଗଛଟିଏ ଅଛି। ସେଥିରେ ଗୁଣ୍ଡୁଚି ମୂଷା, ପାରା, ନୀଳ ରଙ୍ଗର ଚଢ଼େଇ ସବୁ ଆସିକି ଦିନ ସାରା କିଚିରୀ ମିଚିରୀ ହୁଅନ୍ତି। ତୁଳସୀ ଚଉରା ମୂଳରେ ଯାହା ଭୋଗ ଲାଗେ, ତାକୁ ଖାଇବା ପାଇଁ ଧିରେଧିରେ ଗୁଣ୍ଡୁଚି ମୂଷା ଆସେ। ସେ ଚାଲିଗଲା ପରେ ନୀଳରଙ୍ଗର ଚଢ଼େଇ ଆସି କି ଭୋଗ ଟିକେ ଖୁମ୍ପି ନେଇ ଚଟ୍ କିନା ଉଡିଯାଏ। ଏମିତି ପ୍ରତିଦିନ ସେମାନଙ୍କର କାମକୁ ଟିକି ଦେଖିଦେଖି ଖୁସି ହୁଏ।ରାନ୍ଧିବା ବେଳେ, ଖାଇବା ବେଳେ ଗଛ ଆଡ଼କୁ ଅନେଇ ରହେ।ତନ୍ମୟ ବେଳେବେଳେ ପଚାରନ୍ତି, "ଆଚ୍ଛା, ଖାଇବା ବେଳେ ଖାଦ୍ୟକୁ ନା ଦେଖି ପାଖ ପଡ଼ିଶାର କାନ୍ଥ ଆଡେ ମୁଣ୍ଡ ଟେକି ଦିଶୁଥିବା ଗଛ ଗୁଡ଼ାଙ୍କୁ କାହିଁକି ଦେଖୁଛ।?" ଟିକି ଭାବନାରୁ ଓହରି ଆସି କହିଉଠେ, "ନା, ନା, ସଜନା ଗଛରେ କେତେ ନୂଆନୂଆ ଚଢ଼େଇ ସବୁ ଆସୁଛନ୍ତି। ସେମାନେ ଡାଳରୁ ଡାଳକୁ ଉଡିଉଡ଼ି ପତ୍ର ଟିକେ ଖୁମ୍ପି ଚାଲିଯାଉଛନ୍ତି। ସେଇଆକୁ ଦେଖି ଦେଖି ଖୁସି ଲାଗୁଛି।"

ଟିକିର ପୁଅ ଚାକିରି କରିକି ବାହାରେ ରହୁଛି। ଝିଅ ବି ଚାକିରି କରିକି ବାହାରେ ରହୁଛି। ଚାକିରିରୁ ସ୍ୱେଚ୍ଛାକୃତ ଭାବରେ ଅବସର ନେଲା ପରେ ସେମାନଙ୍କ ପାଖକୁ ମନ ପରିବର୍ତ୍ତନ ପାଇଁ ପନ୍ଦର କୋଡ଼ିଏ ଦିନ ଯାଇ ରହିଯାଏ ଟିକି। ବେଳେବେଳେ ପରିବାର ସହିତ ଲମ୍ବା tour ରେ ଭ୍ରମଣ କରିବାର ଅଭ୍ୟାସ ରହିଯାଇ ଛି ଯେ ଟିକେ ଖାଲି ଖାଲି ଲାଗିଲେ କୁଆଡେ ନା କୁଆଡେ ବୁଲି ବାହାରିଯାଏ ଟିକି । ଦୁଇଦିନ ପରେ ପୁଅ ପାଖକୁ ଯିବା ଟିକି। ସେଠାରୁ ଆଣ୍ଡାମାନ ଟିକେ ବୁଲିବା ପାଇଁ ଯିବ। ଅନେକ ଦିନରୁ ଯୋଜନା ଥିଲା ସେଠିକି ଯିବା ଲାଗି । ମାତ୍ର ପିଲା ଦୁହେଁ ଚାକିରିରୁ ଛୁଟି ନେଇ ପାରନ୍ତିନି। ଏଥର ଟିକେ ବର୍ଷର ଶେଷ ସମୟ। ତେଣୁ ଛୁଟି ସେମାନେ ନେବେ।ସେଇ ବାବଦରେ ଟିକି ଯିବା ବୋଲି କିଛି ଦିନରୁ ଖୁସିରେ ଗୋଡ କଚାଡୁ ଥିଲା।

ଏବେ ଟିକେ ଧିମା ପଡ଼ିଯାଇଛି। ତନ୍ମୟଙ୍କର ସୁଟକେଶ ସଜଡ଼ା ହେଇଗଲାଣି। ମାତ୍ର ଟିକି ତାର ସୁଟ୍ କେଶ ସଜାଡ଼ିବା ଆରମ୍ଭ କରି ନାହିଁ। ଭାବୁଛି ସେ ଏତେଦିନ ବାହାରେ ରହିଲେ ଏ କଳା ଜନ୍ତା ମାନେ ଖାଇବେ କେମିତି? ମନକୁ ଗୋଟେ ଉପାୟ ଆସିଗଲା। ଦୁଇ ତିନିଟା

ISSN NO.
2582-208X

ଗିନାରେ ଚିନି ଭରି ଭରି କି ରଖିଲା। ଆଉ ଦୁଇଟା ଗିନାରେ ନକୁଳ ଦାନା ରଖିଲା। ଏତିକି ପନ୍ଦର ଦିନ ପାଇଁ ସେମାନେ ନିଶ୍ଚିନ୍ତ ହୋଇ ଖାଇ ଦେବେ ଯେ।!! ସବୁ ଗିନା ଗୁଡ଼ିକୁ ଥାକ ଥାକ କରି ନେଇଗଲା ତୁଳସୀ ଚଉରା ମୂଳକୁ। କାନ୍ଥ କଡ଼ରେ ଧାଡି ଧାଡି କରି ରଖିଦେଲା। ଯିବା ଦିନ ସକାଳେ ଭଲ କରି ଦେଖିନେଲା। ତାଙ୍କ ଖାଦ୍ୟ କୁ।ସବୁ ଠିକ୍ ଠାକ୍ ଅଛି କି ନାହିଁ ବୋଲି।

ଏୟାରପୋର୍ଟ କୁ ଯିବା ସମୟ ଆସିଗଲା । ଟିକି ସବୁ ରୁମ୍ ର ତାଲା ଠିକ୍ ଦିଆ ହେଇ ଛିକି ନାହିଁ, ସବୁ ଚେକ୍ କରିବାପରେ grill ଭିତରୁ ପରଦା ଟେକି ଦୂରରୁ ଜନ୍ଦା ମାନଙ୍କୁ ଆଉ ଥରେ ଦେଖି ନେଲା। ଘରୁ ବାହାରିବା ବେଳେ ସିଦ୍ଧିବିନାୟକ ଫଟୋ କୁ ଜୁହାର ହୋଇ ମନେ ମନେ କହିଲା, "ହେ ପ୍ରଭୁ! ଏତେ ଗୁଡ଼ାଏ ଜୀବନ ମୋ ଘର ଭିତରେ ଅଛନ୍ତି। ସେମାନଙ୍କୁ ତୁମେ ଦେଖିବ। ଆଉ ମୋର ଦୁଇଟି ପିଲାଙ୍କୁ ମୁଁ ଦେଖିବାକୁ ଯାଉଛି। ମୋ ପିଲାଙ୍କୁ ମଧ୍ୟ ଆଶୀର୍ବାଦ କର। ସେମାନେ ଭଲ ରେ ରୁହନ୍ତୁ। ମୁଁ ଫେରିବା ପର୍ଯ୍ୟନ୍ତ ପ୍ରଭୁ ମୋ ଘର ଆଉ ଛୋଟ ଛୋଟ ଜୀବନ ସବୁ ତୁମକୁ ଲାଗିଲା ସମସ୍ତଙ୍କୁ ଭଲରେ ରଖିବା। ମୁଁ ଫେରିଲେ ବେସନର ଲଡୁ ଭୋଗ ତୁମକୁ ଦେବି।"

ଏତିକି କହି ଗୋଟାଏ ଦୀର୍ଘ ନିଃଶ୍ୱାସ ଟିଏ ମାରି ଘରର ଗେଟ ବନ୍ଦ କରି ଗାଡ଼ିରେ ଯାଇ ଟିକି ବସିଲା। ତନ୍ମୟ ଭିତରେ ଭିତରେ ରାଗିଲେବି କିଛି କହିନଥିଲେ। ସେ ଟିକିର ସ୍ୱଭାବ କୁ ଭଲ ଭାବରେ ଜାଣନ୍ତି। ଟିକି ର ମନରେ କିନ୍ତୁ ଗୋଟିଏ ଚିନ୍ତା ଜନ୍ଦା ମାନଙ୍କ ଲାଗି। ମନେ ମନେ ଭାବୁଥିଲା ଆର ଜନ୍ମରେ ଭଗବାନ ତାକୁ ପକ୍ଷୀଟିଏ କରିଦିଅନ୍ତେ କି ସେ ଡେଣା ଛାଡି ଉଡ଼ି ଉଡ଼ି ସମସ୍ତଙ୍କୁ ଦେଖି ପାରନ୍ତା ଯେତେ ଦୂରରେ ଥିଲେ ବି!!!! ତନ୍ମୟ ଟିକି ର ଅନ୍ୟମନସ୍କ ଭାବ ଦେଖି ଟିକେ ହସି ଦେଇ ଗାଡ଼ିରେ ବସିଲେ ।

ଜାମସେଦପୁର, ଝାଡ଼ଖଣ୍ଡ

ISSN NO.
2582-208X

# ମରତେ ଆସିଛି ଶୀତ



ବେଣୁଧର ସୂତାର

ଏ ଧରଣୀ ଅଙ୍ଗେ ଭିଜା ଋତୁରଙ୍ଗେ
ଚାରୁଚିତ୍ର ଶୋଭା କି କମନୀୟ
ଗେଣ୍ଡୁଗୋଲାପର ମୋହ ମହକର
ସ୍ୱପ୍ନିଳ ସୁଷମା ଅବର୍ଣ୍ଣନୀୟ
ରଙ୍ଗେଇ ଦେଇଛି ରୂପ ମାଧୁରୀ
ଝରାଶେଫାଳିର ମହକ ଅର୍ଘ୍ୟରେ
ଆସିଅଛି ଶୀତ ମରତ ପୁରୀ ।।

କନକ ଚଂପାର ଦୂର ଧାନ କ୍ଷେତ
ହସି ହସି ଖେଳେ ସମୀରେଦୋଳି
ରୂପ ସୁଷମାର ଲଳିତ ସମ୍ଭାରେ
ଝରା ଶିଶିରର ଚାରୁ ବର୍ଣ୍ଣାଳୀ
ମୋତି ମାଣିକର ସରଜେ ଭ୍ରମ
ତରୁଣ ଅରୁଣ କର ପରଶରେ
ବସୁମତୀ ଦିଶେ କି ଅନୁପମ ।।

ISSN NO.
2582-208X

ଦୂର ତାଳବଣ ଗହୀରି ପଠାରେ
ସୋରିଷ କ୍ଷେତର ସ୍ୱର୍ଣ୍ଣ ଲହରି
ହିମ ସ୍ଫଟିକର ମୁକୁତା ମାଳାରେ
ମରତ ସାଜିଛି ମାୟା ନଗରୀ
କାକର ପଖଳା  କଅଁଳ ଖରା
ଶୀତ ସକାଳର ସୁନା ଝରା ଆଭା
ପ୍ରାଣେପ୍ରାଣେ ଭରେ ପୀୟୂଷ ଧାରା ||

ଚାରୁ ମନୋହର କୁସୁମ ସମ୍ଭାରେ
ଧରାପରେ ବିଜେ ମଙ୍ଗଳମୟୀ
ନବ ବିଭବର ଐଶ୍ୱର୍ଯ୍ୟ ମାଳାରେ
ପଉଷ ଖଳାର ସୌଭାଗ୍ୟ ଦାୟୀ
ପାଟ ଅଗଣାର ବର୍ତ୍ତୁଳ ବିଭା
କୋଟି ଲାବଣ୍ୟର ମଗୁଣ୍ଡର ଝୋଟି
ଶୁଭ ଲକ୍ଷ୍ମୀ ପାଦ କମଳ ଶୋଭା ||

ନଗରେ ଗ୍ରାମରେ ପୁରପଲ୍ଲୀ ପୁରେ
ସୌଭାଗ୍ୟ ସୁଷମା ସୁଧା ପରଶ
ଐଶ୍ୱର୍ଯ୍ୟ ଦେବୀଙ୍କ ପୂତ ନିରାଜନା
ଝରିପଡେ କୋଟି ଶୁଭ ଆଶିଷ
ଧରଣୀର ନବ ଗୁଞ୍ଜର ବେଶ
ଭରିଦିଏ ପ୍ରାଣେ  ଅମୃତ ଆୟୁଷ
ଏ ଧରା ଶୀତଳ ସୁଧା ପୀୟୂଷ  ||

ISSN NO.
2582-208X

ତୁମେ ଶୁଭେଚ୍ଛାର ସୁନେଲି ସକାଳ
ଯାମିନୀରକୋଳେ ଜ୍ୟୋସ୍ନାଜୁଆର
ଉନ୍ମାଦନା ତୋଳ ନିଖିଳ ଅନ୍ତରେ
ବିନ୍ଦୁ ରୁ ବିଃସର୍ଗ ଭାବ ଓଁଙ୍କାର
ମାଟି ମଣିଷର ସୁନା ସପନ
ଧରା ପ୍ରକୃତିର ତୁମେ ରୂପ କଳ୍ପ
ପ୍ରାଣେ ଭରିଦିଅ ଭାବ ସ୍ପନ୍ଦନ ||

ମର୍ତ୍ତ୍ୟେ ମଧୁମୟ ମଙ୍ଗଳ ଉତ୍ସବ
ମହା ପ୍ରକୃତିର ମଙ୍ଗଳ ନାଦେ
ନହୂଲି ଶୀତର ପହିଲି ପରଶ
ନୈସର୍ଗିକ ସୁଖ ଐଶ୍ୱର୍ଯ୍ୟ ମୋଦେ
ସ୍ୱପ୍ନ ବୁଣିଅଛ ହୃଦୟ ତୀରେ
ପଉଷ ପ୍ରୀତିରେ ଛଳଛଳ ପ୍ରାଣ
ଆଶା ସମ୍ଭାବନା ଜାଗେ ଅନ୍ତରେ||

କେଶଦୁର୍ଗପାଳ କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬

ISSN NO.
2582-208X

# ଶିକ୍ଷା ଲବ୍ଧଜ୍ଞାନ ଓ ବ୍ୟାବହାରିକ ଜ୍ଞାନ



ପ୍ରସନ୍ନ କୁମାର ମେହେର

ଶିକ୍ଷା ଲବ୍ଧଜ୍ଞାନ ନିତ୍ୟ ଆହରଣ
ଜୀବନର ଲକ୍ଷ୍ୟ ପଥେ
କର୍ମ ସମ୍ପାଦନେ କର୍ତ୍ତବ୍ୟ ପରାଣେ
ଜୀବନର ଗତିପଥେ ।।

ପାଠ ପଢି ଚାଟ ହୋଇବା ସଚ୍ଚୋଟ
ପ୍ରଜ୍ଞାବାନ ବୋଲି ହୃଦେ
ଆଚାର ବିଚାର ସଦା ସଦାଚାର
ତଦ୍ ସହିତ ସହୃଦେ ।।

ସଂସାରୀ ଜୀବନେ ମାନବ ଜନମେ
ଜ୍ଞାନ ଆହରଣ ନିତି
ଶିକ୍ଷା ଲବ୍ଧ ଜ୍ଞାନ ନୁହଁ ଇ କେବଳ
ଜୀବନ ଶ୍ରେଷ୍ଠ ଉନ୍ନତି ।।

ପୁସ୍ତକ ଜ୍ଞାନ ଯେ ନୁହଁଇ କେବଳ
ବିଜ୍ଞଜନ ଅଭିପ୍ରାୟ
ବ୍ୟବହାର ଜ୍ଞାନ ନିହାତି ଜରୁରୀ
ଜୀବନେ ସଦା ବିଜୟ ।।

ISSN NO.
2582-208X

କରମ ସାଧନେ ନିତ୍ୟ ଆଜୀବନେ
ଏ ବ୍ୟବହାରିକ ଜ୍ଞାନ
ସମାଜ ମଙ୍ଗଳ କାମନା ସକଳ
ନିତ୍ୟ ହୁଏ ପ୍ରୟୋଜନ ।।
ଶିକ୍ଷା ଲବ୍ଧ ଜ୍ଞାନ ସଙ୍ଗେ ନିତି ଜ୍ଞାନ
ଲୋଡା ହୁଏ ପ୍ରତିକ୍ଷଣ
ବ୍ୟାବହାରିକ ଜ୍ଞାନ ରହିତ ଜନ
ପାଣ୍ଡିତ୍ୟ ହୁଏ ନି ପୂର୍ଣ୍ଣ ।।
ଉଚ୍ଚାରଣ ସହ ଆଚରଣ ଯେବେ
ହୋଇଯିବ ଏକମେଳ
ଉତ୍ତମ ପାଣ୍ଡିତ୍ୟ ଅଧିକାରୀ ବୋଲି
ବିବେଚନା ସେ ସକଳ ।।

ଦିଗଶିର୍, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ISSN NO.
2582-208X

# ସ୍ୱାଧୀନ ଭାରତ



ଜୟ କୁମାର ମିଶ୍ର

ସ୍ୱାଧୀନ ଭାରତ, ସବୁରି ମହତ
ଗର୍ବ, ଗାରିମାର ହେତୁ,
ଉନ୍ନତି, ପ୍ରଗତି, ଶାନ୍ତି ଓ ମଇତ୍ରୀ
ପଥରେ ହୋଉଛି ସେତୁ ॥
ସବୁରି ଜନନୀ, ଜନ୍ମମାଟି ପୁଣି
ପାଳି ପୋଷିଅଛି ସିଏ,
ଅତୁଲ, ଅମୂଲ, ଗାରିମାର ତୁଲ
ସରିସମ ନାହିଁ କିଏ ॥
ଏହି ଆର୍ଯ୍ୟଭୂମି, ସନାତନ ଭୂମି
ବେଦ ବେଦାନ୍ତର ଭୂମି
କେତେ ସୁର, ବୀର, ମୁନିଋଷି ନର
ତପ ସାଧନାରେ ଶ୍ରମି ॥
ବେଦ ଓ  ପୁରାଣ, ପୋଥି ରାମାୟଣ
ମହାଭାରତଟି ଲେଖା,
କେତେ ଜ୍ଞାନ, ମାନ, ସନ୍ଦେଶ ଜ୍ଞାପନ
ଅଗଣିତରେ ଅଲେଖା ॥
କେତେ ସାହିତ୍ୟିକ, କେତେ ଯେ ଲେଖକ
କବି, ବୈଜ୍ଞାନିକ ଏଠି,
ଅମର ସୃଷ୍ଟିକୁ, ମାଟି ଓ ମାଆକୁ

ISSN NO.
2582-208X

ଦେଇଛନ୍ତି ପରା ଭେଟି ॥
ସହନଶୀଳତା, ମନ ଦୟାର୍ଦ୍ରତା
ପରକୁ, ଆପଣା କରେ,
ପ୍ରଗତି ପଥର, ପଥିକ ସତ୍ୱର
ଉନ୍ନତି ସୋପାନ ବରେ ॥
କୃଷି, ଶିଳ୍ପ, ଶିକ୍ଷା, ସଂସ୍କାର ଓ ଦୀକ୍ଷା
ସଂସ୍କାର ପସରା ଘେନି,
କୃଷକ ଶ୍ରମିକ ମାଆର ସେବକ
କର୍ତ୍ତବ୍ୟ ସାଧନ ପୁଣି ॥
ଭୋକିଲା ପେଟରେ, ଆହାରଟି ଭରେ
ଦୟାମୟୀ, ଦୟାଗୁଣେ
ବିଭିଧତା ମଧ୍ୟେ, ଏକତାକୁ ବାନ୍ଧେ
ଉଦାର ମହତ ପଣେ, ॥
ଶାନ୍ତି ତାର ମନ୍ତ୍ର, ପ୍ରୀତିଦେଇ ନିତ୍ୟ
ଶତ୍ରୁର ହୃଦୟ ଜିଣେ
ତା ଗୁଣ କୀର୍ତ୍ତନ, ଯଶ, କୀର୍ତ୍ତି ଗାନ
ସବୁ ସ୍ଥାନେ କୋଣେ କୋଣେ ॥
ଦୟାର ସାଗର, ଜ୍ଞାନ ଅବତାର
ସବୁଥିରେ ଆଗୁସାର,
ଜାତି, ଧର୍ମ, ବର୍ଣ୍ଣ, ସବୁକୁ ସମ୍ମାନ
ଦେଉଛି ସେ ନିରନ୍ତର ॥
ବିଶାଳ ଅଞ୍ଚଳ, ଜନତା ବହୁଳ
ନିରପେକ୍ଷ ଗଣତନ୍ତ୍ର,
ସମ୍ବିଧାନ ତାର, ଉତ୍ତମ ସୁନ୍ଦର
ସଭିଙ୍କୁ ସେ ଗୁରୁମନ୍ତ୍ର ॥
ବିଶ୍ୱ ଦରବାରରେ, ଶ୍ରେଷ୍ଠ କଳେବରେ
ସ୍ୱତନ୍ତ୍ର ଆସନ ତାର

ISSN NO.
2582-208X

ଶିକ୍ଷା ଦୀକ୍ଷା ଦେଇ, ଶିଖାଉଛି ସେହି
ସବୁରି ସମସ୍ୟା ଦୂର ॥
ଗଙ୍ଗା, ଗୋଦାବରୀ, ନର୍ମଦା, କାବେରୀ
ସିନ୍ଧୁ, ବ୍ରହ୍ମପୁତ୍ର ପରି
କେତେ ନଦୀ ବହେ, ପୁଣ୍ୟ ଧାମ ହୁଏ
ପାତକ ନେଉଛି ହାରି ॥
ମୋହଦଧି ଜଳ, ଧୁଏ ପାଦତଳ
ମାଆର ଚରଣ ଛୁଇଁ,
ଗିରି ଉପତ୍ୟାକା, କାନନ ମାଳିକା
ଦରିଆ, ପ୍ରପାତ, ନଈ ॥
ବଣ, ଜଙ୍ଗଲରେ, ବନଜ ଦ୍ରବ୍ୟରେ
ଜୀବନ, ଜୀବିକା ବଞ୍ଚେ,
କରି ଆପଣାର, ଦିଅଇ ଅପାର
ଅଭାବ କଷଣ ଘୁଞ୍ଚେ ॥
ନିଜେତ ସଜାଏ, ବିଦେଶକୁ ଦିଏ
ସାହାଯ୍ୟର ହାତ ଟେକି,
ପର, ଦୁଃଖ କଷ୍ଟ,ଅଭାବୀକୁ ପୃଷ୍ଠ
କରଇ ସହୃଦ ଢାଳି ॥
ବନ୍ଦେ ଜନନୀ, ସୌଭାଗ୍ୟ ଦାୟିନୀ
ପୁଣ୍ୟ ଭୂମି ଏ ଭାରତ,
ଗୁଣ ଗୁଣିବାକୁ, ସାମର୍ଥ୍ୟ କାହାକୁ
ଏତ ପଦେଅଧେ ମାତ୍ର ॥

ବୁଦୁର୍, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ମନୁଆ ଠାକୁର



ରଶ୍ମିତା ସାହୁ

ଶୁଣ ଥରେ ବ୍ରହ୍ମାଣ୍ଡ ଠାକୁର,
ଅଭିମାନ ତୁମେ ଆଉ ନକର...
ତୁମ ପାଖେ ପହଞ୍ଚିବାରେ,
କ୍ଷଣିକ ବିଳମ୍ବ ହୋଇଗଲା ମୋର ।
ଆଶଙ୍କା ରେ ଥିଲି କାଳେ,
ତୁମେ ଦେଖା ନଦେବ,
ମନର ଶଙ୍କା କୁ ତୁମେ ସତ କରିଦେଲ ।
ଏତେ ରୋଷ ଯେ ପ୍ରଭୁ କରିଲ,
ତୁମ ଶ୍ରୀମୁଖ ନ ଦେଖେଇଲ...
ତୁମ ଭକ୍ତଗଣ ସଙ୍ଗେ ମିଶି,
ମୋ ସହ ଲୁଚକାଳି ଖେଳିଲ ।
ଏପଟୁ ମୁଁ ବହୁ ଚେଷ୍ଟା କରୁଥିଲି,
ତୁମେ ଯେ କବାଟ ପଛରେ ଲୁଚିଲ...
ବହୁ ଅନୁରୋଧ ପରେ ଯାଇ ପ୍ରଭୁ,
ତୁମେ ଆଖିଡେରୀ ଚାହିଁଲ ।
ହଁ, ସ୍ୱୀକାରୁଛି ମୁଁ ଯେ ଦୋଷୀ ତୁମର,
କଥା ଦେଇ କଥା ରଖିଲିନି ମୋର...

ISSN NO.
2582-208X

ମାନିଯାଅ ଆଉ କୋପ ନ କର,

କରିଦିଅ କ୍ଷମା ଏହିଥର ।

ପୁଣି ଯେବେ ଯିବି ତୁମ ଶ୍ରୀକ୍ଷେତ୍ର

ଦର୍ଶନ ଦେବ ପ୍ରଭୁ

ଭାଇ ଭଉଣୀ ସମେତ।

କଥା ଦିଅ ତୁମେ ଏବେ ଶ୍ରୀଧର

ବିନତି କରୁଛି କର ଯୋଡ଼ି ମୋର ।

ଛତ୍ରପୁର, ଗଞ୍ଜାମ
E-mail - rasmi.k.sahu777@gmail.com

ISSN NO.
2582-208X

# ବାସ୍ତବବାଦୀ ଗାଳ୍ପିକ ଦେବପ୍ରସାଦ ଦାଶଙ୍କ କାନ୍ହୁ : ଏକ ଅନୁଶୀଳନ

ଅପରାଜିତା ମହାରଣା

ଓଡ଼ିଆ ସାମ୍ପ୍ରତିକ ସାହିତ୍ୟର ଜଣେ ବରିଷ୍ଠ ସାହିତ୍ୟ ସାଧକ ଭାବରେ ଆମେ ଦେବପ୍ରସାଦ ଦାଶଙ୍କୁ ଜାଣିଛେ । ସେ ଜଣେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ । ଜଣେ ସୁସାହିତ୍ୟିକ ଜଣେ ପ୍ରବନ୍ଧ ରଚନାକାର, ଅନୁବାଦକ, ତଥା ସମ୍ପାଦକ ବ୍ୟତୀତ ସେ ଜଣେ ସୁଗାଳ୍ପିକ ଭାବରେ ପାଠକଙ୍କ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି । ଏସମସ୍ତ ପରିଚୟ ଶକ୍ତିଶାଳୀ ହେଲେ ମଧ୍ୟ ଆଉ ଏକ ଶକ୍ତିଶାଳୀ ପରିଚୟ ବ୍ୟକ୍ତିତ୍ୱ ହେଉଛି ସେ ଜଣେ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟରତ ଥିବା ବେଳେ ଦୂରଦର୍ଶନ କ୍ଷେତ୍ରରେ ବହୁ ପରିଚିତ ଚେହେରାଟିଏ । ଗାଳ୍ପିକଙ୍କ ଜନ୍ମସ୍ଥାନ ଦାସବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ ।

"କାନ୍ହୁ" ଗଳ୍ପ ସଂକଳନଟି ୨୦୧୭ ମସିହାରେ ପ୍ରକାଶ ପାଇଥିଲା । ଏହି ଗଳ୍ପ ସଂକଳନଟିରେ "କାନ୍ହୁ" ନାମକ ଏକ ଗଳ୍ପ ମଧ୍ୟ ରହିଛି । ଯାହାକି ସତ୍ୟ ଆଧାରିତ ଘଟଣା ଉପରେ ପର୍ଯ୍ୟବେସିତ । ଗାଳ୍ପିକଙ୍କ ସାକ୍ଷାତକାରରୁ ଏହା ଜଣା ପଡ଼ିଥିଲା । ଗାଳ୍ପିକଙ୍କର ବ୍ୟକ୍ତିଗତ ଭାବରେ "କାନ୍ହୁ" ଗଳ୍ପଟି ଅତିପ୍ରିୟ ଗଳ୍ପ । ଯାଜପୁରର ସୁଜନପୁରରେ ଅବସ୍ଥାନ କାଳରେ ସେଠାକାର ଆଦିବାସୀଙ୍କ ଜୀବନ ସଂସ୍ପର୍ଶରେ ଆସିଥିଲି ବୋଲି ଲେଖିଛନ୍ତି । ସୁଜନପୁର ଏକ କାଳ୍ପନିକ ଗ୍ରାମ । "କାନ୍ହୁ" ଗଳ୍ପରେ କଳିଙ୍ଗନଗରରେ ଟାଟା ର ଲୁହା କାରଖାନା ବିରୁଦ୍ଧରେ ଆନ୍ଦୋଳନ ଓ ସେଥିରେ ୧୨ଜଣ ଆଦିବାସୀଙ୍କ ମୃତ୍ୟୁକୁ ନେଇ ରଚିତ । ଗାଳ୍ପିକଙ୍କ ସାହିତ୍ୟ କୃତି ମଧ୍ୟରୁ ପ୍ରବନ୍ଧ ସଂକଳନ ଗୁଡ଼ିକ "ଆମ ସମୟ" "ଦୁଃଖର ଇଲାକା" ଓ ଅନ୍ୟାନ୍ୟ ପ୍ରବନ୍ଧ "ଆତଙ୍କବାଦ" "ଓସାମାବିନ୍ ଲାଦେନ୍ ଓ ସହସ୍ରାବ୍ଦର ପ୍ରଥମ ଯୁଦ୍ଧ" "ଝିଅ" ଗଳ୍ପ ସମ୍ପାଦନା କରିଛନ୍ତି । ଗଳ୍ପ ସଂକଳନ ଗୁଡ଼ିକ ମଧ୍ୟରୁ "ଇନ୍ଦ୍ରଧନୁର ରଙ୍ଗ" "ଗଜପତି" "ଦଙ୍ଗା", "ମୁହଁ" "ଭୋର" "ଶ୍ରେଷ୍ଠ ଗଳ୍ପ" "ଶିଳାଲେଖ", "କାନ୍ହୁ" ।

ISSN NO.
2582-208X

"କାନ୍ହୁ" ଗଳ୍ପ ସଂକଳନରେ ଷୋହଳ ଗୋଟି ଗଳ୍ପକୁ ନେଇ ରଚିତ । ଏହି ଷୋହଳ ଗୋଟି ଗଳ୍ପ ମଧ୍ୟରେ କାଳ୍ପନିକ ଓ ପ୍ରେମମୂଳକ ଗଳ୍ପ ଶୂନ୍ୟ । ସମସ୍ତ ଗଳ୍ପ ମଧ୍ୟରେ କିଛି ସତ୍ୟ ଆଧାରିତ ଯଥା ବାସ୍ତବ ଘଟଣାକୁ ନେଇ ରଚନା ରଚନା କରିଛନ୍ତି ଅନ୍ୟ ପ୍ରାୟଂଶ ଗଳ୍ପ କାହାଣୀମୂଳକ । ଗଳ୍ପ ସବୁଗୁଡ଼ିକ ଫ୍ଲାଟ୍ ଥିଲା । କେଉଁ ଗଳ୍ପରେ ମଧ୍ୟ ସବ୍ -ପ୍ଲଟ୍ ନାହିଁ। କିଛି ଗଳ୍ପ ମିଥ୍ ଆଧାର ଶୀର୍ଷକ ଗ୍ରହଣ କରିଛନ୍ତି ।

"କୃଷ୍ଣପକ୍ଷ" ଗଳ୍ପଟିର ନାମ ଏକ ମିଥ୍ ଆଧାରିତ ହୋଇଥିଲେ ମଧ୍ୟ ଏହା ଏକ ଭବିଷ୍ୟବାଦୀ ଗଳ୍ପ । ଏହି ଗଳ୍ପର ସ୍ଥାନ, ଘଟଣା, ଚରିତ୍ର ଓ ପାତ୍ର ସବୁ କାଳ୍ପନିକ ଅଟେ । ପଞ୍ଜାବ ଓ ହରିଆନା ସମେତ ସମଗ୍ର ଭାରତବର୍ଷରେ କୋଣ ଅନୁକୋଣରେ କନ୍ୟାଭ୍ରୁଣ ହତ୍ୟା ଜାରି ରହିଛି । ଏଭଳି ଏକ ଘୃଣ୍ୟ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଗଳ୍ପ ଏକ ଗଳ୍ପ ମାଧ୍ୟମରେ ପ୍ରୟାସ ।

ଦେବକୀଙ୍କର ଗର୍ଭରୁ ଜାତ ହେଉଥିବା ସମସ୍ତ ଶିଶୁଙ୍କୁ କଂସ ମାରିବା ପାଇଁ ସେ ସମୟରେ ଯେଉଁ ପ୍ରତିକୂଳ ପରିବେଶ ଉପୁଜାଇଥିଲା ବର୍ତ୍ତମାନ ସମାଜରେ କଂସ ନାହିଁ ସତ, କିନ୍ତୁ ମଣିଷଙ୍କ ଭିତରେ କଂସର ପ୍ରକୃତି ଜୀବିତ ଅଛି । କଂସର ବ୍ୟକ୍ତିତ୍ୱ ଜୀବିତ ଅଛି । କଂସଙ୍କୁ ଜ୍ଞାତ ଥିଲା ଦେବକୀଙ୍କର ଅଷ୍ଟମଗର୍ଭ ଶିଶୁ ହିଁ କଂସର ବିନାଶ କରିବ, କିନ୍ତୁ ବର୍ତ୍ତମାନ ସମୟରେ ଶିଶୁକନ୍ୟା ବିନାଶର କାରଣ ନ ହୋଇକି ମଧ୍ୟ ନିରୀହ ଶିଶୁ ମାନଙ୍କ ନିଷ୍ପାପ କଅଁଳ ଶରୀରକୁ କେବେ ଭ୍ରୁଣରୁ ତ କେବେ ମାଂସ ପିଣ୍ଡୁଳାରୁ କେବେ ନବଜାତ ହେଉ ହେଉ ମାରିଦିଆଯାଉଛି । ସେହିପରି ଏକ ଘଟଣାକୁ ଆଧାରିତ କରି ଏହି ଗଳ୍ପ ରଚନା କରାଯାଇଛି । ମତ୍ତଗଜପୁର ନାମକ ଏକ ନାରୀ, ମହିଳା, କନ୍ୟା ବିହୀନ ଗ୍ରାମଟିଏ । କଂସ ରୂପୀ ଦିବାକର ଯେତେବେଳେ ଜାଣିଲା ତାର ପତ୍ନୀ ମଧ୍ୟ ଗର୍ଭରେ ଏକ ଶିଶୁକନ୍ୟାକୁ ଧରିଛି ସେ ମଧ୍ୟ ତାର ଗର୍ଭକୁ ନଷ୍ଟ କରେଇଦେଇଥିଲା । ଶେଷରେ ଗର୍ଭବତୀ ଜହ୍ନର କନ୍ୟା ସନ୍ତାନ ଜନ୍ମ ହେବାର ଲକ୍ଷଣ ଦେଖି ଭୟଭୀତ ହୋଇ ନିଜ ସନ୍ତାନକୁ ସୁରକ୍ଷା ଦେବାପାଇଁ ସେ ଗାଁ ଛାଡ଼ି ଅନ୍ୟତ୍ର ଚାଲିଯାଇଛି ।

"ପଣତ" ଗଳ୍ପଟି ଏକ ପାରିବାରିକ ଗଳ୍ପ । ଅମାନୁଲ୍ଲା ଓ ଜସବିନ୍ଦର୍ ର କାହାଣୀ ବହୁ ହୃଦୟସ୍ପର୍ଶୀ ।

ISSN NO.
2582-208X

ଜଂଜାଳ ଓ ଯନ୍ତ୍ରଣାରେ ରହି ମଧ୍ୟ ଅମାନୁଲ୍ଲା ଓ ଜସବିନ୍ଦର୍ କିପରି ଜୀବନ ବଂଚୁଛନ୍ତି ତାହା ଗାଳ୍ପିକ ଏହି ଗଳ୍ପରେ ଦର୍ଶାଇଛନ୍ତି ।

"ଦୃଷ୍ଟିଭଙ୍ଗୀ" ଗଳ୍ପଟି ଏକ ଗଳ୍ପ । ଗଳ୍ପଟିରେ ମୁଖ୍ୟ ଚରିତ୍ର ଚନ୍ଦ୍ରନାଥ । ଗଳ୍ପରେ ଚନ୍ଦ୍ରନାଥର ତରୁଣ ଅବସ୍ଥାରେ ବୈବାହିକ ସାଂସାରିକ ବନ୍ଧନ ବାନ୍ଧିହୋଇ ଯିବା ଚନ୍ଦ୍ରନାଥକୁ ଅସ୍ୱାଭାବିକ ଭାବେ ଜୀବନ କାଟିବା ଏହି ଗଳ୍ପରେ ବର୍ଣ୍ଣିତ । ଚନ୍ଦ୍ରନାଥଙ୍କର ଭଲ ଛାତ୍ର ଭାବରେ ବହୁତ ନାଁ ଥିଲା । ପାଠପଢ଼ା ସାରି ଘର ପସନ୍ଦରେ ବିବାହ ସାରି ସାଂସାରିକ ହେଇଯାଇଥିଲେ ମଧ୍ୟ ସଂସାରର ପ୍ରୀତି ପ୍ରଣୟକୁ ସହଜରେ ଆନନ୍ଦାୟିତ କରୁପାରିନଥିଲେ । ଅଫିସରେ ସହକର୍ମୀମାନଙ୍କର ଖୁସିକୁ ଦେଖି ନିଜର ଉଦାରତାକୁ ନେଇ ଅଣଆଡ଼ିଆ ହୋଇ ରହୁଥିଲେ ଚନ୍ଦ୍ରନାଥ । ଚନ୍ଦ୍ରନାଥଙ୍କ ପତ୍ନୀ ସୀମାଙ୍କୁ ଚନ୍ଦ୍ରନାଥଙ୍କର ବସ୍ ହରଗୋବିନ୍ଦ ମହାପାତ୍ର, ସିନେମା ହଲ୍ ର ଅଶ୍ଳୀଳ ଦର୍ଶକ, ଚାକର ଯଦୁ ଓ ଚନ୍ଦ୍ରନାଥଙ୍କର ନିଜ ପୁତ୍ର ଏମାନେ ସମସ୍ତେ ସୀମାଙ୍କୁ ଏକ ଭିନ୍ନ ଭିନ୍ନ ଦୃଷ୍ଟିଭଙ୍ଗୀରେ ଦେଖୁଥିଲେ । ଯେଉଁ ଦୃଷ୍ଟିଭଙ୍ଗୀ କେବଳ ଚନ୍ଦ୍ରନାଥ ସୀମାଙ୍କୁ ଦେଖିବାର ଥିଲା । ଶେଷରେ ସମାଜର ଅଶ୍ଳୀଳପୂର୍ଣ୍ଣ ଦୃଷ୍ଟିଭଙ୍ଗୀ ଓ କିଛି ଅସ୍ୱାଭାବିକ ପରିସ୍ଥିତିକୁ ଦେଖି ସେହିଦିନଠାରୁ ସୀମାଙ୍କୁ ଚନ୍ଦ୍ରନାଥ ନିଜ ବାହୁବଳରେ ବାନ୍ଧି ରଖିଲେ ।

"ଝିଣ୍ଟିକା ମାରି...." ଗଳ୍ପଟି ଏକ କ୍ଷୁଦ୍ରଗଳ୍ପ । ମୁଖ୍ୟ ଚରିତ୍ର ହେଉଛି ବ୍ରଜ । ଯାହାର ଏକ ପୁତ୍ର ସନ୍ତାନଟିଏ ଥିଲା । ସେହି ପୁତ୍ରଟିର ସାଙ୍ଗ ମାନଙ୍କ ମଧ୍ୟରେ ଏକ ପାରସ୍ପରିକ ମନାନ୍ତର ଯୋଗୁଁ ବ୍ରଜର ପୁତ୍ର ସେହି ଗଣ୍ଡଗୋଳର ଅସମ୍ପୃକ୍ତ ପାର୍ଥୀ ହୋଇ ମଧ୍ୟ ଘରକୁ ଲହୁଲୁହାଣ ହୋଇ ଫେରିବା ଦେଖି ବ୍ରଜ ଅଗ୍ନିଶମା ହୋଇଯାଇଛି ଓ ନିଜ ମନରେ ଚାଲିଥିବା ପ୍ରତିଶୋଧର ବହ୍ନିକୁ ଏକ ନିରୀହ କ୍ଷତାକ୍ତ ଝିଣ୍ଟିକାକୁ ଆହୁରି କ୍ରୋଧାନ୍ୱିତ ହୋଇ ଆକ୍ରମଣ କରିଛି । ବ୍ରଜ ଏଠାରେ ଝିଣ୍ଟିକାକୁ ନିଜ ପୁତ୍ରର ଆକ୍ରମଣକାରୀ ଆସାମୀ ଭାବି ନିଜ ମନରେ ଥିବା ହିଂସାକୁ ଶାନ୍ତ କରେଇଛି । ମଣିଷଙ୍କ ଭିତରେ ପରିବେଶ ପରିସ୍ଥିତିକୁ ନେଇ ଦେବତ୍ୱ ମଣିଷତ୍ୱ ଅସୁରତ୍ୱ ଓ ପଶୁତ୍ୱ ଏହିସବୁ ଗୁଣ ଉପୁଜିଥାଏ । ଏଠାରେ ବ୍ରଜ ନିଜର ଲହୁଲୁହାଣ ପୁତ୍ରର କଷ୍ଟ ଆଗରେ ନିଜ ଭିତରେ ଥିବା ମଣିଷତ୍ୱ କୁ ଭୁଲି ଯାଇ ପଶୁତ୍ୱ ଗୁଣକୁ ଇଙ୍ଗିତ କରୁଥିବା ଏହି ଗଳ୍ପରେ ଗାଳ୍ପିକ ଦର୍ଶାଇଛନ୍ତି ।

ISSN NO.
2582-208X

"ଇତିହାସ" ଗଳ୍ପଟି ଏକ ଅତୀତର ଗୌରବକୁ ମନେ ପକାଇ ଦେଉଛି ତ ଆଉ କେତେବେଳେ ଚରିତ୍ର ଗୁଡ଼ିକୁ ସନ୍ଦେହ ମୂଳକ ଦୃଷ୍ଟି ନିକ୍ଷେପ କରୁଛି । ଗଳ୍ପ ଆରମ୍ଭରେ ଶୈବ ପୀଠର ବର୍ଣ୍ଣନାରୁ ଆରମ୍ଭ ହୋଇଛି । ଚରିତ୍ର ମଧ୍ୟରେ ସୁବ୍ରତ ଓ ତାଙ୍କ ପତ୍ନୀ ରତ୍ନା, ଉପମନ୍ୟୁ, ଯତୀନ୍ ଓ ଗାଳ୍ପିକ । ରତ୍ନାଙ୍କୁ ବାଦ୍ ଦେଲେ ସମସ୍ତେ ପରସ୍ପର ସହପାଠୀ ଥିଲେ । ରତ୍ନାଙ୍କ ପ୍ରତି ଯତୀନ୍ ର ଅଶ୍ଳୀଳତା, ଲାଳସା ପୂର୍ଣ୍ଣ ଦୃଷ୍ଟିଭଙ୍ଗୀ ଥିଲା । ରତ୍ନାଙ୍କର ଅତୀତ ଯତୀନ୍ ସହ ଯୋଡ଼ା ଥିଲା । ସମୟର ବିଡମ୍ବନାରେ ରତ୍ନା ଦୁଃର୍ଭାଗ୍ୟ ବଶତଃ ପୁନର୍ବାର ଯତୀନ୍ ଙ୍କ ସମ୍ପର୍କରେ ଆସିଯାଇଛି ସୁବ୍ରତର ପତ୍ନୀ ହୋଇ, ଯାହାକି ଯତୀନ୍ ନିଜ ସାଙ୍ଗ ଉପମନ୍ୟୁ ଓ ଗାଳ୍ପିକଙ୍କ ଆଗରେ ନିଜର ଅତୀତର ସେଇ ମସିହା ଫର୍ଦ୍ଦକୁ ବାରମ୍ବାର ଓଲଟାଇ ଏକ ଅଶ୍ଳୀଳ ପରିସ୍ଥିତି ସୃଷ୍ଟି କରୁଛି । ଶେଷରେ ଉପମନ୍ୟୁ ବାଧ୍ୟ ହୋଇ ସମାଜର ନାରୀର ମର୍ଯ୍ୟାଦାକୁ ଉଚ୍ଚରେ ରଖି ନାରୀର ଇତିହାସକୁ ଭୁଲିଯିବା ଉଚିତ୍ ମନ୍ତବ୍ୟ ଦେଇ ଗଳ୍ପଟିର ପରିସମାପ୍ତି ହୋଇଛି ।

"ବକ୍ରନାସା, ସ୍ଫୁରିତ ଚକ୍ଷୁ ଓ ଭୂଷଣ୍ଡକାକ " ଗଳ୍ପଟି ମିଥ୍ ଭଳି ଶୁଭୁଥିଲେ ମଧ୍ୟ ଏହାର ନାମ କେବଳ ମିଥ୍ ଆଧାରିତ । କିନ୍ତୁ ଗଳ୍ପରେ ବକ୍ରନାସା, ସ୍ଫୁରିତ ଚକ୍ଷୁ ଓ ଭୂଷଣ୍ଡକାକ ଉପାଖ୍ୟାନ ଏ ସମସ୍ତେ ଗୋଟେ ଗୋଟେ ଚରିତ୍ର ରୂପେ ବର୍ଣ୍ଣନା କରାଯାଇଛି । "କାନ୍ଥ" ଗଳ୍ପରେ ଇଂରେଜ ଅମଳର ଏକ ସ୍ୱାଧୀନତା ସଂଘର୍ଷର ପରିବେଶ ଚିତ୍ରିତ ହୋଇଛି । ଗଳ୍ପରେ ଗୌରାଙ୍ଗ, ବିନୋଦ, ବିଶ୍ୱନାଥ, ଗୋଲକ ଚରିତ୍ର ପ୍ରମୁଖ ମୁଖ୍ୟ ଚରିତ୍ର ରେ ଅବସ୍ଥାନ କରିଛନ୍ତି । ଗାନ୍ଧିଜୀ ଙ୍କର ଏତେବଡ଼ ଆନ୍ଦୋଳନ ପ୍ରତିଦିନର ଅନଶନ, ସତ୍ୟାଗ୍ରହ, ଧର୍ମଘଟ, ପିକେଟିଂ, ଶୋଭାଯାତ୍ରା ଓ ସମାବେଶ ମଧ୍ୟରୁ ଏକ ବିପ୍ଳବ ହିଁ ସେମାନଙ୍କର ସ୍ୱାଭିମାନ ଥିଲା । ଇଂରେଜଙ୍କ ଗୁଳିରେ ସଂଗ୍ରାମୀ ମାନଙ୍କର ଶରୀର ନିସ୍ତେଜ ହୋଇପଡୁଥିବା ଦୃଶ୍ୟକୁ ଗାଳ୍ପିକ ଦୁଇ ଧାଡ଼ି ପଦ୍ୟ ମାଧ୍ୟମରେ ବର୍ଣ୍ଣନା କରିଛନ୍ତି । କବିଙ୍କ ଭାଷାରେ :- ସିନ୍ଦୁରା ଫାଟୁଥିଲା ପୂର୍ବ ଆକାଶରେ । ଧୂଳି ଓ ଧୂଆଁ ଅପସରି ଯାଉଥିଲେ କ୍ରମଶଃ । " ବନ୍ଦେ ମାତରମ୍, ବନ୍ଦେ ମାତରମ୍ "।

"ଉପଲବ୍ଧି" ଗଳ୍ପରେ ମୁଖ୍ୟ ଚରିତ୍ର ଚନ୍ଦ୍ରା ନିଜର ନାମ ମାତ୍ର ବନ୍ଧୁ ସମ୍ପର୍କ ର ଏକ ବ୍ୟକ୍ତି ଆଶିଷ ଙ୍କୁ ହଠାତ ବନ୍ଧୁତା ରୁ କିଛି ଅଧିକ ଭାବି ଆଶା ଆକାଂକ୍ଷା ବାନ୍ଧି ବସେ । ଯେହେତୁ ଏହି ସଂମ୍ପର୍କ ତାର ହୃଦୟ ଭିତରେ କବଳିତ ତେଣୁ

ISSN NO.
2582-208X

ଆଶିଷ ଙ୍କୁ ମନ ଖୋଲି ନିଜର ଇଚ୍ଛା ପ୍ରକାଶ କରିବାରୁ ବଞ୍ଚିତ ରହିବାକୁ ବାଧ୍ୟ ହୁଏ ଚନ୍ଦ୍ରା । କିନ୍ତୁ ପରେ ଆଶିଷ ଙ୍କର ଚନ୍ଦ୍ରା ଙ୍କ ପ୍ରତିସମାନ ଭାବନା ଦେଖି ଖୁସି ହୁଏ ଚନ୍ଦ୍ରା । ଗଳ୍ପ ର ଶେଷରେ ଚନ୍ଦ୍ରା ଉଦାସ ଓ ଶୂନ୍ୟତା କୁ ସାଙ୍ଗରେ ନେଇ ଚାଲିଯାଏ ।

"ଦୃଶ୍ୟ" ଗଳ୍ପ ଟି ଏକ ମନସ୍ତତ୍ୱ ପ୍ରଭାବ କ୍ଷୁଦ୍ରଗଳ୍ପ । ତେଣୁ ମନ ଭିତରେ ଚାଲୁଥିବା ସକ୍ରିୟ ଦୃଷ୍ଟି କୁ ଉପସ୍ଥାପନା କରିବାର ଲେଖକଙ୍କ ଯାଦୁଗରୀ ଏଠାରେ "ଦୃଶ୍ୟ" ଗଳ୍ପ ରେ ପ୍ରତୀୟମାନ । ଏତଦବ୍ୟତୀତ ସମାଜରେ ଗରାଖ ର ବିଭିନ୍ନତା ପ୍ରକାଶ କରି ଦରମୂଲା ଗରାଖ, କୁଂଥୁ କୁଂଥୁ ଗରାଖ, ପକେଟ ଚିପା ଗରାଖ, ତୁରୁତୁରିଆ ଗରାଖ, ଦିଲଦାର ଗରାଖ, ପଚରା ପଚରି ଗରାଖ, ଦୋକାନ ବୁଲା ଗରାଖ ଇତ୍ୟାଦି ଏକ ପ୍ରକାର ହାସ୍ୟ ମନୋଭାବ ସହିତ ସମାଜ ର ବାସ୍ତବତା ଆଡ଼କୁ ଦୃଷ୍ଟି ଆକର୍ଷଣ କରୁଛି । ଗଳ୍ପ ରେ ସମାଜ ଓ ସମୟ ର ପରିବର୍ତ୍ତନ ହେଉଥିବାର ଚିତ୍ର ପ୍ରକଟିତ । ତତ୍ ସହିତ ଲେଖକଙ୍କର ଅବଚେତନ ଅବସ୍ଥା ଧୀରେ ଧୀରେ ଚେତନ ଅବସ୍ଥାକୁ ଫେରାଇ ଆଣି ପାଠକ ଙ୍କ ନିକଟରେ ବାସ୍ତବ ଜୀବନ ରେ ଘଟିଥିବା କରୁଣ ସଂଘର୍ଷ ର କାହାଣୀ ଉଜୁଡ଼ା ପରିବାର ର ଚିତ୍କାର ଗଳ୍ପ ଶେଷରେ ବର୍ଣ୍ଣନା କରିଛନ୍ତି ।

"ଆଖି" ଗଳ୍ପଟି ଏକ ସାମାଜିକ ଗଳ୍ପ । ଚରିତ୍ର ମଧ୍ୟରେ ଅତି ସକାରାତ୍ମକ ଆଦର୍ଶବାଦୀ ଆଦିତ୍ୟ ହେଉଛନ୍ତି ମୁଖ୍ୟ । ଯିଏକି ପୋଲିସ ଅଫିସର ପୋଷ୍ଟିଂ ହୋଇ ସୁଜନପୁର କୁ ଆସିଛନ୍ତି । ସୁଜନପୁରକୁ ଆସିବା ପରେ ଜାଣିବାକୁ ପାଇଛନ୍ତି ସନ୍ତୋଷ ମହାପାତ୍ର ନାମକ ଅନ୍ୟାୟର ଗାଦି ସମ୍ଭାଳୁଥିବା ଭଳି ଏକ ବ୍ୟକ୍ତିତ୍ୱଟିଏ ଏଠାରେ ଦଶବର୍ଷ ହେବ ଦୁର୍ନୀତିର କାୟା ବିସ୍ତାର କରି ବସିଛି । ଏହି ଗଳ୍ପରେ ଏକ ମା ର ତିନିବର୍ଷ ତଳର ନିଖୋଜ ପୁତ୍ରର କାହାଣୀ ବର୍ଣ୍ଣିତ । ଏକ ଅସହାୟ ମା ର କରୁଣ ଚାହାଣି ହିଁ ଆଦିତ୍ୟଙ୍କୁ ବ୍ୟଥିତ କରିଛି । ସେହି ସଂସାରୀ ମୁର୍ମୁ ଯିଏକି ସବୁଦିନ ଥାନା ବାରଣ୍ଡାରେ ପୁଅର ଫେରିବାର ଆଶା ନେଇ ବସିରହିଥାଏ । ନିଖୋଜ କେସ୍ ଟି ଚପାଇ ଦିଆ ଯାଇଥିବା ବେଳେ ସେହି କେସ୍ କୁ ଆଦିତ୍ୟ ପୁନର୍ବାର ନଥିକୁ ଖୋଲି ସାଧା ବେଶରେ ସମାଜରୁ ସତ୍ୟାସତ୍ୟ ତଥ୍ୟ ସଂଗ୍ରହ କରି ସଠିକ୍ ଘଟଣା ଜାଣିପାରିଥିଲେ । ସେହି ସତ୍ୟ ଘଟଣା ଆଦିତ୍ୟଙ୍କୁ ବହୁ କଷ୍ଟ ଦେଇଥିଲା । ଯାହାଫଳରେ କି ସେ ଦୁଃଖିନୀ ମା ର ଦୁଃଖ ଦୂର ନ କରି ପାରି ବରଂ ସତ୍ୟ ଲୁଚେଇ ଚୁପ୍ ରହିଥିଲେ ଓ ସେ ସୁଜନପୁରରୁ ଆଦିତ୍ୟଙ୍କର ଟ୍ରାନ୍ସଫର୍ ଚିଠି ମଧ୍ୟ

ISSN NO.
2582-208X

ଆସିଯାଇଥିଲା । ଦୁର୍ବଳ ଉପରେ ଦୁର୍ନୀତିଗ୍ରସ୍ତ କ୍ଷମତାଶାଳୀ ବ୍ୟକ୍ତିତ୍ୱଙ୍କର ଆତଙ୍କ ଏହି ଗଳ୍ପର ମୁଖ୍ୟ ବିଷୟ ।

"କାନ୍ଥ" ଗଳ୍ପ ସଂକଳନଟିର ସମସ୍ତ ଗଳ୍ପ ପାଠ କରିବା ପରେ ସେଥିରୁ ଦଶଟି ପ୍ରମୁଖ ଗଳ୍ପ ଆଲୋଚନା ପରିସରକୁ ଆଣିଛି । ପରିଶେଷରେ ପାଠକ ହିସାବରେ ନିଜର ମନ୍ତବ୍ୟ ଦେବାକୁ ଯାଇ କହିବି ଗାଳ୍ପିକ ଦେବପ୍ରସାଦ ଦାଶ ଜଣେ ବାସ୍ତବବାଦୀ ଲେଖକ । ତତ୍କାଳୀନ ସମାଜରେ ଘଟୁଥିବା ଘଟଣାବଳୀ ଗୁଡ଼ିକୁ ନିଜର ଗଳ୍ପ ମାଧ୍ୟମରେ ପରିପ୍ରକାଶ କରିଛନ୍ତି । ଏହି ଗଳ୍ପ ଗୁଡ଼ିକ ଏହି ଯୁଗର ଟ୍ରେଣ୍ଡିଂ ଗଳ୍ପ ବୋଲି କୁହାଯାଇପାରେ ।

ଅତିଥି ଅଧ୍ୟାପିକା,
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ISSN NO.
2582-208X

# ଜୟ ଶ୍ରୀ ରାମ



ଝରଣା ବାରିକ

ରାମଙ୍କର ଆଗମନରେ ସନ୍ତୋଷ
ଚଉଦିଗେ ଗଲା ଭରି,
ଦୀପ ର ଆଲୋକେ ଦୀପାବଳୀ ହେଲା
ଅନ୍ଧାର କୁ ଅପସରି ।

ଇନ୍ଦ୍ର ଦେବତା ବି ପୁଷ୍ପ ବୃଷ୍ଟି କରି
ବରଷା ଦିଅନ୍ତି ଢ଼ାଳି,
ଭକତ ଙ୍କ ଖୁସି କହିଲେ ନସରେ
ଶ୍ରୀ ରାମ ଙ୍କୁ ଭାଳି ଭାଳି ।

ଶୀତ ମାଉସୀ ଟା ସ୍ୱାଗତ ଜଣାଏ
ଶବରୀ ଟିଏ ସେ ସାଜି,
ଦିନୁ ଦିନ ତାର ପ୍ରକୋପ ବଢାଏ
ରାମ ପ୍ରେମେ ଯାଏ ହଜି ।

ISSN NO.
2582-208X

କୋହଲା ପାଗ କୁ କୁହୁଡି ଆସିଛି
ଅର୍ଘ୍ୟ ଥାଳି ହାତେ ଧରି,
ପାଦ ଧୋଇ ଦେବ ପ୍ରଭୁ ରାମ ଙ୍କର
କାକର ଟୋପା କୁ ଝାରି।

ଅଯୋଧ୍ୟା ଅଯୋଧ୍ୟା ଲାଗଇ ଭାରତ
ହେବ କି ତ୍ରେତୟା ଯୁଗ,
ଏ କଳି ଯୁଗରେ ରାମ ରାଜ୍ୟ ସତେ
ହୋଇବ କି ପୁର୍ଣ୍ଣ ଭୋଗ।

ଦଶମୁଣ୍ଡ ନାହିଁ ରାବଣ ର ଏଠି
କେମିତି ଚିହ୍ନିବେ ରାମ,
ହନୁମାନ କିବା ଆସିବେ ଲେଉଟି
କରିବେ ଅଧୁରା କାମ।

ସୀତା ଙ୍କ ସତୀତ୍ୱ ଜଣାନାହିଁ କେତେ
ଏହି ଘୋର କଳି କାଳେ,
ବେଳ ଥାଉ ଥାଉ ସେତୁ ବନ୍ଧା ହେଉ
ଗୁଣ୍ଡୁଚି ର ବୁଦ୍ଧି ବଳେ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- 9556846932

ISSN NO.
2582-208X

# ନିଃସଙ୍ଗ ବାର୍ଦ୍ଧକ୍ୟ



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ଅଧ୍ୟାପିକା ଜଣେ
କଲେଜରେ ଥିଲେ
ବ୍ରାହ୍ମଣ ଘରର ଝିଅ
ଯଉବନ ବେଳେ
ସୁନ୍ଦରୀ ଥିଲେ ସେ
ଟାଣ ଥିଲା ତାଙ୍କ ମୁହଁ।

ଦୁର୍ଭାଗ୍ୟ ବଶତଃ
ଅଳ୍ପ ବୟସରୁ
ବାପା ଛେଉଣ୍ଡ ସେ ହେଲେ
ବଡ଼ ଭାଇ ତାଙ୍କ
ନାଲକୋ ନଗରରେ
ଚାକିରୀ ହିଁ କରୁଥିଲେ।

ନିଜ ସଂସାରକୁ
ସଂଗେ ଧରି ଭାଇ
ଅନୁଗୁଳେ ରହୁଥିଲେ
ଭଉଣୀର କଥା
କିଛି ବୁଝିଲେନି
ପଛକୁ ପକାଇ ଦେଲେ।

ଝିଅ ବିଭାଘର
କେମିତି ହୋଇବ
ବାପା ସିନା ବୁଝିଥାନ୍ତେ
ସେଥିପ୍ରତି ଭାଇ
ଗୁରୁତ୍ୱ ଦେଲେନି
ଭଗ୍ନୀ ରହିଲେ ଏକାନ୍ତେ।

ISSN NO.
2582-208X

ମାଆଙ୍କୁ କେବେ ସେ
ପାଖରେ ରଖନ୍ତି
କେବେ ସେ ରହନ୍ତି ଏକା
ପୁତୁରାଙ୍କୁ ସିଏ
ଭଲ ପାଇଥାନ୍ତି
ମନ ସବୁବେଳେ ଫିକା।

ଚାକିରୀ ବେଳେ ସେ
ସାଙ୍ଗ ସାଥି ମେଳେ
ଦୁଃଖ ସୁଖ ହେଉଥିଲେ
କ୍ଲାଆସକୁ ଯାଇ
ପିଲାଙ୍କୁ ପଢ଼ାଇ
ସମୟ ସେ କାଟୁଥିଲେ।

ଅବସର ପରେ
ହଷ୍ଟେଲରୁ ତାଙ୍କୁ
ବିଦାୟ ନେବାକୁ ହେଲା

ସାଙ୍ଗ ସାଥି ଆଉ
ପିଲାଙ୍କ ସଂଗତି
ବହୁତ ହିଁ କମି ଗଲା।

ଆଣ୍ଠୁ ଗଣ୍ଠି ଆଉ
ଶାରୀରିକ ରୋଗ
ଶରୀରକୁ କାବୁ କଲା
ଦୃଷ୍ଟି ଶକ୍ତି ଠାରୁ
ଶ୍ରବଣ ଶକ୍ତି ବି
ଧୀରେ ଧୀରେ କମି ଗଲା।

ବାଡି ଧରି ତାଙ୍କୁ
ଚାଲିବାକୁ ହେଲା
ନିଃସଙ୍ଗ ସେ ହୋଇ ଗଲେ
ପେନସନ ପାଇ
ଭଡ଼ା ଘରେ ରହି
ଦିନ ସିଏ କଟାଇଲେ।

ISSN NO.
2582-208X

ଯଉବନ ବେଳେ
ଭଲ ପାଇ କା'କୁ
ବାହା ସିଏ ହେଲେ ନାହିଁ
ବୟସଟା ଯେବେ
ଗଡ଼ି ଗଲା ତାଙ୍କ
କେହି ପଚାରିଲେ ନାହିଁ ।

ନିଃସଙ୍ଗ ବାର୍ଦ୍ଧକ୍ୟ
ବଡ଼ ଦୁର୍ବିସହ
ଜରାଶ୍ରମ ଖୋଜୁଛନ୍ତି
କେଉଁ ଜରାଶ୍ରମେ
କିଏ ସେବା ଦେବ
ଚିନ୍ତା ସିଏ କରୁଛନ୍ତି ।

ପ୍ରକୃତରେ ବନ୍ଧୁ
ନିଃସଙ୍ଗ ଜୀବନ
ବାର୍ଦ୍ଧକ୍ୟରେ ଭାରି ବାଧେ
ବିଭିନ୍ନ ରୋଗରେ
ଘାଣ୍ଟି ହୋଇ ସିଏ
ଭିତରେ ଭିତରେ କାନ୍ଦେ ।

ମୋ:9937462507

ISSN NO.
2582-208X

# ତମେ



ବିଶ୍ୱନାଥ କର

ତମେ ମଧୁମାସ ମଧୁବାସ
ତମେ କଳ୍ପନାର ଅଧିବାସ
ଉଚ୍ଛୁଳା ଜ୍ୟୋସ୍ନାର ଚାରୁ ହସ ତମେ
ନିଘୋଡ ଅନ୍ଧାରର ରାସ ।

ବର୍ଷା ପଖଳା ଅଳସୀ ଶରତ ଜହ୍ନ
ତମ ନୀଳ ନୟନରେ ସଢେ
ପହିଲି ମହୁଲିଆ ଶୀତର ଲାଜରେ
ମୋତେ ଛୁଉଁଥିବା ସେଇ ଗୋଟିଏ ପବନ
ରଜନୀଗନ୍ଧା କୁ ଛୁଉଁ ଛୁଉଁ ତମକୁ ବି ଛୁଏଁ
ବଦଳିଯାଏ ଆକାଶର ରଙ୍ଗ ରାତି ଆନମନା ହୁଏ ।

ତମ ମିଛ ଅଭିମାନେ ତମ ନୀରବତା ଖୁବ୍ କଥା କହେ
କୃଷ୍ଣଚୂଡା ର ଅନେକ ରୋମାଞ୍ଚ ନେଇ
ଜୋଛନା ର ମିଠା ଗୁଞ୍ଜରଣ ବିଭୋର କରେ ମୋତେ
ତମ ଅବୁଝା ମନର  ନୀଳ ସମ୍ମୋହନ

ISSN NO.
2582-208X

ମୁକୁଳା ପବନର ଢେଉ ତୋଳେ
ପ୍ରେମର ଶିଳାଲେଖ ଲେଖେ ।

ମୋ ନୀଳତୃଷ୍ଣା ର ଆଲବମ୍ ରେ ଚମକେ ତମ ପ୍ରତିବିମ୍ବ
ନିତି ନିତି ନୂଆ ଲାଗେ ସକାଳ ଓ ସଞ୍ଜ
ତମ ଶିଥିଳ ଗଭା
ରହସ୍ୟାବୃତ ଐନ୍ଦ୍ରଜାଲିକ ତମ ରୂପ
ସବୁକିଛି ଆବୋରି ବସେ ମୋ ସମଗ୍ର ସତ୍ତା
ଆଞ୍ଜୁଳାଏ ଜହ୍ନର ଛାଇରେ
ଘଟଣା ବିହୀନ ସବୁ ମୁହୂର୍ତ୍ତ ପ୍ରିତୀର ଦୀପାଳି ଜାଳେ ।

ତମ ଚାରୁ ହସ ରେ ଶହ ଶହ ଇନ୍ଦ୍ରଧନୁ ଉଏଁ
ଫୁରୁ ଫୁରୁ ଉଡେ
ଶବ୍ଦହୀନ ମୋ ଯାଯାବର ମନ
ସବୁ ନିଦ୍ରାହୀନ ରାତି ସବୁ ତାରାହୀନ ଆକାଶ
ଖୋଜେ ତମକୁ ଛୁଇଁ ଫେରି ଯାଉଥିବା ପବନ
ମୋ ଅଭିମାନୀ ମନର ଅବୁଝା ପଣ ।

ସାଇ କଲୋନୀ, ଦେଉଳସାହି,
ତୁଳସୀ ପୁର, କଟକ ୭୫୩୦୦୮
ସମ୍ପର୍କ 9776332639
ମେଲ୍ biswanathkar1956@gmail.com

ISSN NO.
2582-208X

# ଓଡିଆ ଭାଷା ସଂରକ୍ଷଣରେ 'ବର୍ଣ୍ଣବୋଧ' ର ଭୂମିକା



ଅସିତ ମହାନ୍ତ

ବର୍ଣ୍ଣବୋଧର ଇତିହାସ ଓଡିଆ ଭାଷାର ସାଂସ୍କୃତିକ ତଥା ଶିକ୍ଷାଗତ ବିକାଶରେ ଗଭୀର ଭାବରେ ଗଢିଉଠିଛି । ଉନବିଂଶ ଶତାବ୍ଦୀରୁ ଏହା ଅନୁସନ୍ଧାନ କରାଯାଇପାରେ ଯେତେବେଳେ ଓଡିଆ ସ୍କ୍ରିପ୍ଟ ଏବଂ ଭାଷା ମୌଳିକ ଶିକ୍ଷା ପାଇଁ ଏକ ବ୍ୟବସ୍ଥିତ ପ୍ରାଇମର (ପ୍ରାରମ୍ଭିକ ପୁସ୍ତକ) ଆବଶ୍ୟକତା ସ୍ପଷ୍ଟ ହୋଇଗଲା । ପ୍ରଖ୍ୟାତ କବି, ଦାର୍ଶନିକ ତଥା ସାମାଜିକ ସଂସ୍କାରକ ଫକିର ମୋହନ ସେନାପତିଙ୍କୁ ବର୍ଣ୍ଣବୋଧ ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମାନ୍ୟତା ଦିଆଯାଇଛି । ବ୍ୟକ୍ତିବିଶେଷ, ବିଶେଷକରି ପିଲାମାନେ, ଓଡିଆ ଭାଷାର ମୌଳିକତା ଶିଖିବା ଏବଂ ବୁଝିବା ପାଇଁ ଏକ ମାନକ ତଥା ଉପଲବ୍ଧ ନିର୍ଦ୍ଦେଶାବଳୀ ଉତ୍ସର ଆବଶ୍ୟକତାକୁ ସେନାପତି ସ୍ୱୀକୃତି ଦେଇଥିଲେ । ଫଳସ୍ୱରୂପ, ସେ ଏକ ଗଠନମୂଳକ ଏବଂ ବିସ୍ତୃତ ପ୍ରାଇମର୍ ସୃଷ୍ଟି କରିବାର ଦାୟିତ୍ୱ ଗ୍ରହଣ କଲେ ଯାହା ଶିକ୍ଷାର୍ଥୀମାନଙ୍କ ପାଇଁ ଓଡିଆ ପଢିବା, ଲେଖିବା ଏବଂ ବୁଝିବାରେ ପାରଦର୍ଶିତା ହାସଲ କରିବା ପାଇଁ ଏକ ପ୍ରାରମ୍ଭ ସୂତ୍ର ଭାବରେ କାର୍ଯ୍ୟ କରିପାରିବ । ବର୍ଣ୍ଣବୋଧର ପ୍ରଥମ ସଂସ୍କରଣ, ଯାହାର ନାମ "ବର୍ଣ୍ଣବୋଧ ଅଭିଧାନ୍" ୧୮୯୫ ମସିହାରେ ପ୍ରକାଶିତ ହୋଇଥିଲା ଏବଂ ଏହା ଓଡିଆ ଭାଷା ଶିଖିବା ପାଇଁ ଏକ ଆନୁଷ୍ଠାନିକ ଆଭିମୁଖ୍ୟର ମୂଳଦୁଆ ପକାଇଲା । ସେହି ଦିନଠାରୁ, ବର୍ଣ୍ଣବୋଧ ଅନେକ ସଂଶୋଧନ ଏବଂ ଆଡାପ୍ଟେସନ୍ ଅତିକ୍ରମ କରିସାରିଛି, ବିଭିନ୍ନ ଲେଖକ ଏବଂ ଶିକ୍ଷାବିତମାନେ ଏହାର

ISSN NO.
2582-208X

ବିବର୍ତ୍ତନରେ ସହଯୋଗ କରିଛନ୍ତି, ଏହା ସୁନିଶ୍ଚିତ କରେ ଯେ ଏହା ସମସାମୟିକ ଶିକ୍ଷାଗତ କ୍ଷେତ୍ରରେ ପ୍ରାସଙ୍ଗିକ ଏବଂ ପ୍ରଭାବଶାଳୀ ଅଟେ । ବର୍ଣ୍ଣବୋଧ ମଧୁସୂଦନ ରାଓଙ୍କ ଦ୍ୱାରା ସଂକଳିତ ଏକ ଓଡିଆ ପ୍ରାଇମର୍ ଥିଲା । ଏହି ପୁସ୍ତକ ହେଉଛି ମୂଳ ପୁସ୍ତକର ଷଷ୍ଠ ଭଲ୍ୟୁମ୍ ଏବଂ ୧୮୯୭ ମସିହାରେ ପ୍ରକାଶିତ ହୋଇଥିଲା । ବର୍ତ୍ତମାନ, ଏହି ପୁସ୍ତକର ପୂର୍ବ ସଂସ୍କରଣଗୁଡ଼ିକ ମଧ୍ୟରୁ କୌଣସି ଫିଜିକାଲ କିମ୍ବା ଡିଜିଟାଲ୍ ରୂପରେ ଉପଲବ୍ଧ ନାହିଁ । ଏହାର ଇତିହାସ ମଧ୍ୟରେ, ବର୍ଣ୍ଣବୋଧ ଓଡିଆ ଭାଷା ଶିକ୍ଷାର ଶିକ୍ଷାଗତ ଯୋଗ୍ୟତାକୁ ଆକୃଷ୍ଟ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରି ଶିକ୍ଷାର୍ଥୀମାନଙ୍କୁ ଭାଷାରେ ପାରଦର୍ଶିତା ହାସଲ କରିବା ପାଇଁ ଏକ ସଂରଚନା ଢାଞ୍ଚା ପ୍ରଦାନ କରିଥିଲା । ଏହାର ଐତିହାସିକ ମହତ୍ୱ, ଓଡିଆ ଭାଷା ତଥା ଏହାର ସାଂସ୍କୃତିକ ଐତିହ୍ୟର ପ୍ରଚାର, ସଂରକ୍ଷଣ ଏବଂ ପ୍ରସାର ଉପରେ ଏହାର ସ୍ଥାୟୀ ପ୍ରଭାବରେ ରହିଛି ।

ବିଭିନ୍ନ କାରଣରୁ ଓଡିଆ ଛାତ୍ରମାନଙ୍କ ପାଇଁ ବର୍ଣ୍ଣବୋଧ ଆବଶ୍ୟକ । ପ୍ରଥମତଃ, ଏହା ଓଡିଆ ଭାଷା ଶିଖିବା ପାଇଁ ଏକ ମୂଳ ଉପକରଣ ଭାବରେ କାର୍ଯ୍ୟ କରିଥାଏ, ଛାତ୍ରମାନଙ୍କୁ ଭାଷାରେ ଯୋଗାଯୋଗ ପାଇଁ ଆବଶ୍ୟକ ସ୍କ୍ରିପ୍ଟ, ବ୍ୟାକରଣ ଏବଂ ଶବ୍ଦ ବୁଝିବାରେ ସାହାଯ୍ୟ କରେ । ଓଡିଆ ଭାଷା ତଥା ଏହାର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ତଥା ପ୍ରଚାର କରିବାରେ ବର୍ଣ୍ଣବୋଧ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ବର୍ଣ୍ଣବୋଧରେ ଏକ ଦୃଢ ମୂଳଦୁଆ ରହି ଛାତ୍ରମାନେ ଓଡିଆ ସାହିତ୍ୟ, କବିତା ଏବଂ ସାଂସ୍କୃତିକ ଅଭିବ୍ୟକ୍ତି ସହିତ ଭଲ ଭାବରେ ଜଡିତ ହୋଇପାରିବେ । ଅଧିକନ୍ତୁ, ଏହା ନିଜ ଭାଷା ଏବଂ ଐତିହ୍ୟର ପରିଚୟ ଏବଂ ଗର୍ବର ଭାବନା ଜାଗ୍ରତ କରିବାରେ ସାହାଯ୍ୟ କରେ । ମୋଟ ଉପରେ, ବର୍ଣ୍ଣବୋଧ ଛାତ୍ରମାନଙ୍କ ପାଇଁ ଓଡିଆ ଭାଷାର ଗଭୀର ବୁଝାମଣା ଏବଂ ପ୍ରଶଂସା ଏବଂ ଏହାର ସାଂସ୍କୃତିକ ମହତ୍ୱ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଅଟେ । ବିଭିନ୍ନ କାରଣ ପାଇଁ ଓଡିଆ ଭାଷା ପ୍ରସଙ୍ଗରେ ବର୍ଣ୍ଣବୋଧର ମହତ୍ୱପୂର୍ଣ୍ଣ ଅଟେ । ପ୍ରଥମତ, ଏହା ବ୍ୟକ୍ତିବିଶେଷ, ବିଶେଷକରି ପିଲାମାନଙ୍କ ପାଇଁ ଏକ ମୌଳିକ ଶିକ୍ଷଣ ଉପକରଣ ଭାବରେ କାର୍ଯ୍ୟ କରେ, ଯେଉଁମାନେ ଓଡିଆ ଭାଷା ବୁଝିବା ଏବଂ ଆୟତ୍ତ କରିବାରେ ସେମାନଙ୍କର

ISSN NO.
2582-208X

ଯାତ୍ରା ଆରମ୍ଭ କରନ୍ତି । ସ୍କ୍ରିପ୍ଟ, ବ୍ୟାକରଣ ଏବଂ ଶବ୍ଦକୋଷକୁ ବୁଝିବା ପାଇଁ ଏହା ବିଲଡିଂ ବ୍ଲକ୍ ଯୋଗାଇଥାଏ, ଯାହା ଓଡିଆରେ ପ୍ରଭାବଶାଳୀ ଯୋଗାଯୋଗ ପାଇଁ ଜରୁରୀ । ଅଧିକନ୍ତୁ, ଓଡ଼ିଆ ଭାଷାର ସମୃଦ୍ଧ ଭାଷାଭିତ୍ତିକ ତଥା ସାଂସ୍କୃତିକ ଐତିହର ସଂରକ୍ଷଣ ତଥା ପ୍ରଚାରରେ ବର୍ଣ୍ଣବୋଡା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଶିକ୍ଷାର୍ଥୀମାନଙ୍କୁ ଭାଷାର ସ୍କ୍ରିପ୍ଟ ଏବଂ ଗଠନ ସହିତ ପରିଚିତ କରି ଏହା ଓଡିଆ ସାହିତ୍ୟ, କବିତା ଏବଂ ପାରମ୍ପାରିକ ଜ୍ଞାନର ସାମଗ୍ରିକ ସଂରକ୍ଷଣ ତଥା ପ୍ରସାରରେ ସହାୟକ ହୁଏ । ଏହା ସହିତ, ବର୍ଣ୍ଣବୋଧ ନିଜର ଭାଷାଭିତ୍ତିକ ତଥା ସାଂସ୍କୃତିକ ଐତିହର ପରିଚୟ ଏବଂ ଗର୍ବର ଭାବନା ସୃଷ୍ଟି କରେ, ଭାଷା ଏବଂ ଏହାର ଆନୁସଙ୍ଗିକ ପରମ୍ପରା ସହିତ ଏକ ଗଭୀର ମୂଳ ସଂଯୋଗ ସ୍ଥାପନ କରେ । ମୂଳତଃ, ଓଡିଆ ଭାଷାରେ ବର୍ଣ୍ଣବୋଧର ମହତ୍ୱ ଏକ ଅପରିହାର୍ଯ୍ୟ ଉପକରଣ ଭାବରେ ରହିଥାଏ । ଭାଷା ଅର୍ଜନ ପାଇଁ, ସାଂସ୍କୃତିକ ଐତିହର ସଂରକ୍ଷଣରେ ଏହାର ଅବଦାନ, ଏବଂ ଓଡିଆ ବକ୍ତାମାନଙ୍କ ମଧ୍ୟରେ ଏକ ଦୃଢ ପରିଚୟ ଏବଂ ସାଂସ୍କୃତିକ ଗର୍ବର ପରିବେଶ ସୃଷ୍ଟି କରେ । ବର୍ଣ୍ଣବୋଧର ଏତେ ଗୁରୁତ୍ୱ ଥିବା ବେଳେ, ଏହା ସମସ୍ତଙ୍କ ପାଖରେ ପହଞ୍ଚିପାରୁ ନାହିଁ । ସରକାରଙ୍କ ତରଫରୁ ପ୍ରତ୍ୟକ ବିଦ୍ୟାଳୟରେ କେବଳ ୨ କପି ପୁସ୍ତକ ଦେବାର ବ୍ୟବସ୍ଥା ଅଛି । ବାସ୍ତବରେ ଯଦି ଆମେ ଓଡ଼ିଆ ଭାଷାକୁ ଉନ୍ନତ କରିବାକୁ ଚାହୁଁଛୁ, ତେବେ ଏହା ସରକାରଙ୍କ ଦାୟିତ୍ୱ, ସେ ସମସ୍ତ ଓଡ଼ିଆ ଲୋକଙ୍କ ପାଖରେ ଏବଂ ଘରୋଇ ବିଦ୍ୟାଳୟ ମାନଙ୍କରେ ଏହି ପୁସ୍ତକକୁ ପହଞ୍ଚାଇବାର ବ୍ୟବସ୍ଥା କରନ୍ତୁ । କେବଳ ଏତିକି ନୁହେଁ, ଏହି ପୁସ୍ତକକୁ ପଢ଼ାଇବାପାଇଁ ନିୟମ ପ୍ରଣୟନ କରନ୍ତୁ । ଆମ ରାଜ୍ୟର ଅନେକ ଏପରି ସ୍ଥାନ ଅଛି ଯାହା ବର୍ତ୍ତମାନ ମଧ୍ୟ ଅପହଞ୍ଚ, ସେଠାରେ ଏହି ପୁସ୍ତକ ପହଞ୍ଚି ପାରୁନାହିଁ । ଏହାହିଁ ହେଉଛି କାରଣ ଓଡ଼ିଆ ପିଲାମାନେ ଓଡ଼ିଆ ଭାଷାରେ କଣ ଅଛି ଜାଣନ୍ତି ନାହିଁ । କୁହାଯାଏ ଯେ, ବିକଶିତ ଭାଷା ବିକଶିତ ଚିନ୍ତାଧାରା ସୃଷ୍ଟି କରେ । ଯେହେତୁ ଭାଷାକୁ ବିକଶିତ କରିବାରେ ବର୍ଣ୍ଣବୋଧର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ତେଣୁ ଏବିଷୟରେ ସଜାଗ ହେବ ବାଞ୍ଛାନିୟ । ।ଏହା ଛଡା ମଧୁସୂଦନ ରାଓଙ୍କ ଛବିଳ ବର୍ଣ୍ଣବୋଧ ୩୦ ଡ଼ିସେମ୍ବର ସୁଦ୍ଧା ପ୍ରକାଶ ପାଇବାର ଥିଲା, କିନ୍ତୁ ଏପର୍ଯ୍ୟନ୍ତ ପ୍ରକାଶ

ISSN NO.
2582-208X


ପାଇପାରିଲା ନାହିଁ । ବିଶ୍ୱ ଓଡ଼ିଆ ସମ୍ମିଳନୀ ମଞ୍ଚରେ ଏହାର ପ୍ରଦର୍ଶନ କରିବାର ଏକ ଉପଯୁକ୍ତ ସମୟ ଥିଲା, କିନ୍ତୁ ମୁଖ୍ୟ କାର୍ଯ୍ୟଟିକୁ ଆମେ କରିପାରିଲୁ ନାହିଁ ।

ବାସ୍ତବରେ ବର୍ଣ୍ଣବୋଧକୁ ନେଇ ଓଡ଼ିଶାର ଅନେକ ପାଠକ ନିରାଶ ହୋଇଛନ୍ତି । ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ, ବର୍ଣ୍ଣବୋଧକୁ ପୁଣିଥରେ ମୂଳରୂପରେ ଛାପିବାର ଥିଲା । କିନ୍ତୁ ଏପର୍ଯ୍ୟନ୍ତ ତାହା ହୋଇନାହିଁ । ଯଦି ଏହା ହୋଇନାହିଁ, ତେବେ ଏହା ବିଦ୍ୟାଳୟ ଶିକ୍ଷାରେ ଶାମିଲ ହେବ କି ନାହିଁ, ଛାତ୍ର ଛାତ୍ରୀ ମାନଙ୍କୁ ଏହା ମାଗଣାରେ ଉପଲବ୍ଧ ହୋଇପାରିବ କି ନାହିଁ, ଏହା କେଉଁ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ହେବ ଏବଂ ମୁଖ୍ୟତଃ କେତେ କପି ଛପାଯିବା ଇତ୍ୟାଦି ବିଷୟରେ କୌଣସି ପଦକ୍ଷେପ ନିଆଯାଇ ପାରୁନାହିଁ । ବାସ୍ତବରେ ଏହି କାର୍ଯ୍ୟଟି ମହତ୍ୱପୂର୍ଣ୍ଣ ଥିଲା ଯେଉଁଥିରେ ସରକାର ପଛରେ ରହିଗଲେ ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର/୯୩୪୮୭୬୮୮୧୨

ISSN NO.
2582-208X

# ଜୀବନ



କୀର୍ତ୍ତନ ସାହୁ

ଏଠି ଲୁହର ସ୍ୟାହିରେ
ଦୁଃଖର ସାୟରୀ
ଲେଖି ହୁଏ
ଏଠି ହସର ରଙ୍ଗରେ
ସୁଖର ମେହେଫିଲ
ବନେଇ ହୁଏ

ସୁଖ ଦୁଃଖର
ଚିତ୍ରିତ ଡେଣା ମେଲି
ଜୀବନ ପ୍ରଜାପତି
ଉଡ଼ିବୁଲେ
ସକାଳର କଅଁଳ ଖରାରେ
ପୁଲକିତ ହୁଏ ତ
ମଧ୍ୟାହ୍ନର ଟାଣ ଖରାରେ
ଆକ୍ତାମାକ୍ତା ହୁଏ
ଥକି ଯାଏ
ଥକ୍କା ମାରେ
ପୁଣି ସୁନ୍ଦର
ପୃଥିବୀ ଗଢ଼ଣରେ
ଆଗେଇ ଚାଲେ
ଏଇତ ଜୀବନ ... ।

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ଦୂରଭାଷ - ୯୪୩୮୪୧୪୭୦୧

ISSN NO.
2582-208X

# ଦଗାଦିଆ ଠାକୁର



ନରେନ୍ଦ୍ର ପ୍ରସାଦ ବେହେରା

ଧନ୍ୟ ତୁ କାଳିଆ  ଭଉଣୀ ରସିକା
 ଚାରିଯୁଗ ସିଆଣିଆ
ତୋପରି ରସିକ  ନାହିଁ କେ ଜଗତେ
 ଜାଣିଛି ସାରା ଦୁନିଆଁ ।

ବିଶ୍ୱ ବ୍ରହ୍ମାଣ୍ଡରେ  ତୁ ବଡ଼ ଠାକୁର
 ବୋଲାଉଛୁ ନାମ ହରି
ବଡ଼ ଦଗାଦିଆ  ତୁହିରେ କାଳିଆ
 ହୋଇଲୁ ମୋର ଭଗାରୀ

ନିଜେ ଖୁସି ହେଉ  ସିଂହାସନେ ବସି
 *ଭଉଣୀକୁ ସଙ୍ଗେ ଧରି
ମୋ ବେଳକୁ କାହିଁ  ପଥର ହୋଇଲୁ
 ପାରୁ ନାହିଁ ଧୈର୍ଯ୍ୟ ଧରି ।

ISSN NO.
2582-208X

ଥିଲା ଯଦି ଏତେ   ମନରେ କପଟ
    କହିଲୁନି ମନ ଖୋଲି
ଛୋଟ ଭଉଣୀଟେ  ଦେବାକୁ ତୁ ମୋତେ
    କାହିଁକି ଗଲୁରେ ଭୁଲି ।

ଭଉଣୀ ରସିକ   ତୁ ଚକାଡୋଳିଆ
    ବଡ଼ ବଡ଼ ଆଖି ତୋର
ସାରା ଜଗତକୁ  ନଜର ଦେଉତୁ
    ସଭିଙ୍କୁ କରି ନିଜର ।

ସଂସାର ଯାକର  ସବୁ  ଦୁଃଖକୁ ତୁ
    ନେଇଛୁ ନିଜେ ଆବୋରି
ଷାଠିଏ ପଉଟି  ଭୋଗ ଖାଉଅଛୁ
    ଆନନ୍ଦରେ ମନ ଭରି ।

ତୋ ଆନନ୍ଦ ଦେଖି  ଜଗତରବାସୀ
    ହୁଅନ୍ତି କେତେ ବିଭୋର
ମୋ ଆନନ୍ଦ ଆଜି  କେଉଁଠି ରହିଲା
    ଦୁଃଖରେ ହୁଏ ଅଧିର ।

ମୋତେ ଦୁଃଖ ଦେଇ  କି ଲାଭ ପାଇଲୁ
    କହତୁ ମୋତେ ଏଥର
ନଦେଲେ ଉତ୍ତର  ଛାଡିବିନି  ତୋତେ
    *ଭାଙ୍ଗିଦେବି ତୋ ମନ୍ଦିର ।*

ISSN NO.
2582-208X

ଦୁଃଖୀଙ୍କର ଦୁଃଖ  ବୁଝୁଥାଉ ବୋଲି
ଦୁଃଖହାରୀ ତୋର ନାମ
କେବେ ଘୁଞ୍ଚିବ ମୋ  ଦୁଃଖରେ  କାଳିଆ
ଭଜିବି ମୁଁ ତୋର ନାମ  ।

ମୋ ମନରେ ଦୁଃଖ  ଦେଉଛୁ ବୋଲି ତୁ
କରୁ ଗର୍ବ ଅହଂକାର
ସେଥିପାଇଁ ତୋର  ହାତଗୋଡ ନାହିଁ
ସଂସାରେ ବୋଲାଉ ସାର  ।

କାନ ନଥିଲେ ବି  ଶୁଣିପାରୁ ବୋଲି
ନାଗରା ଦେଉ ଦାଣ୍ଡରେ
ଭଗ୍ନୀହୀନ ମୋତେ  କରି ତୁ ଜଗତେ
ଯଶ ରଖିଲୁ ମହୀରେ

ଆଜିପରା ଦିନେ  ଦେଉଛି ମୁଁ ଗାଳି
ସୁଧୁରି ଯାଆ ଏଥର
ଯେଉଁ ହାଣ୍ଡିରେ ତୁ ରାନ୍ଧୁଅଛୁ ଅନ୍ନ
ଗଢ଼ିଛି ତାକୁ କୁମ୍ଭାର  ।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ମଥୁରା ନଗରୀର କୁବୁଜ୍ଜା



ବିରଞ୍ଚି ନାରାୟଣ ମିଶ୍ର

ସବୁ କଡାକାର ରୂପକୁ ଠୁଳ କରି
ମୋ ରୂପ ଯୌବନକୁ ଗଢ଼ିଛନ୍ତି ଈଶ୍ୱର ।
ମଥୁରା ନଗରୀର ପାଟରାଣୀଙ୍କୁ
ସୁବେଶ କରିବି ମୁଁ
ଆଦେଶ ଦେଇଛନ୍ତି ମଥୁରା ନରେଶ ।
କି ଭାଗ୍ୟ ମୋର
ବହୁ ଆଡ଼ମ୍ବରେ ଆୟୋଜିତ ଧନୁଯତ୍ରା,
ପାଟ ପିତାମ୍ବରୀ ପିନ୍ଧି
ଅଣ୍ଟାରେ ବଇଁଶୀ ଖୋସି
ସଖାଙ୍କ ସହ ତୁମେ ଆସିଲ ।
କେଉଁ ଅନାଦି କାଳରୁ ତୁମ ଆସିବାକୁ
ଚାହିଁ ବସିଥିଲି କେଜାଣି ।
ମୋ ଭିତରେ କିଏ ଜାଣେ ଗାଉଥିଲା
ଚନ୍ଦନ ବେଶ ମୁଁ କରାନ୍ତି
　　　　　　　　ମୋର ହେଉଛି ମନ
ଚିତ୍ତକେ ଧରିବ ଯୁବତୀ
　　　　　　　　ଚାହିଁ ଚନ୍ଦ୍ର ବଦନ ।

ISSN NO.
2582-208X

ସତରେ ସେ ଭାଗ୍ୟ କଣ ହେବ କୁରୁପ କୁବୁଜ୍ଜାର୍ ।
ହେ ଚିତ୍ତଚୋରା ଶ୍ୟାମନାଗର
କେଉଁ ଅଙ୍ଗରାଗ ଅଛି ଯେ ମୋପାଖେ
ସ୍ୱଭାବ ସୁନ୍ଦର ତୁମ ଅନିତ୍ୟ ରୂପକୁ
ଆଉ ଟିକେ ମନଲୋଭା କରିବି ।
ହେ କୃପାମୟ କି ଅହେତୁକ କୃପା ତୁମର
ଆଉଁଷୀ ଦେଲ ମୋ କଦାକାର ରୂପର
ସଂବାଆଳୁଆକୁ
ବାହାରି ଆସିଲା ଚିତ୍ରଡେଣା ପ୍ରଜାପତି ଟିଏ ।
ଗୋଟାପଣେ ସଅଁପି ଦେଲି ସିନା
ଅଥୟ ହେଲି ଚାହିଁ ତୁମ
ରୂପ ଲାବଣ୍ୟକୁ ।
ଅଗରୁ ଚନ୍ଦନରେ ବେଶ କରିଦେଲି
କୋଟି କୋଟି ତାରା ଫୁଲରେ ମଣ୍ଡିଦେଲି
ତୁମ ପରମାୟୁ ।
କେଉଁ କୁହୁକ ଥିଲା ସେ ହାତ ଛୁଆଁରେ କେଜାଣି
ଦନ୍ଥଡା ଶାହାଡ଼ା ଗଛରୁ ଓହ୍ଲେହି ଆସିଲା
ଅପରୂପା ସାହାଡ଼ା ସୁନ୍ଦରୀ
ଭୁରୁ ଭୁରୁ ପଦ୍ମଗନ୍ଧା ହୋଇ ।

ଭୁବନେଶ୍ୱର
9439011063

ISSN NO.
2582-208X

# ନିଃସ୍ୱ ମଣିଷ



ଡ. ଅର୍ଜୁନ ଚରଣ ବାରିକ୍

କେହି ଜଣେ ବ୍ୟକ୍ତି ବିଦ୍ୱାନ ଚାଣକ୍ୟଙ୍କୁ ପ୍ରଶ୍ନ କଲେ ମହାଭାଗ ! ବିଷ କ'ଣ ? ଚାଣକ୍ୟ ଚମତ୍କାର ଉତ୍ତରଟିଏ ଦେଲେ । ଆବଶ୍ୟକତାଠାରୁ ଅଧିକ ମିଳିଥିବା ପ୍ରତ୍ୟେକ ଜିନିଷ ବିଷ। ଏହା କ୍ଷମତା, ସ୍ୱାଭିମାନ, ଧନ, କ୍ଷୁଧା, ଲୋଭ, ଆଳସ୍ୟ, ପ୍ରେମ, ଘୃଣା ବା ଅନ୍ୟ କିଛି ବି ହୋଇପାରେ।

ମହାନ୍ ଦାର୍ଶନିକ ପ୍ଲାଟୋ ମଧ୍ୟ ଏକଦା କହିଥିଲେ- 'The greatest wealth is to live content with little. ଅର୍ଥାତ୍ ଅଳ୍ପରେ ସନ୍ତୁଷ୍ଟ ରହିବା ହେଉଛି ସର୍ବଶ୍ରେଷ୍ଠ ସମ୍ପତ୍ତି। କିନ୍ତୁ ମଣିଷ ଜାତିର ଚରମ ଦୁର୍ଭାଗ୍ୟ ହେଉଛି ଏହା ଯେ, ମଣିଷ ଚିରକାଳ ଏହି ବିଷ ପଛରେ ହିଁ ଧାଇଁଛି।

କ୍ଷୁଦ୍ର ମାସିଡୋନିଆ ରାଜ୍ୟର ରାଜା ଆଲେକ୍‌ଜାଣ୍ଡାର। ରାଜ୍ୟ ପରେ ରାଜ୍ୟ ଜୟ କରି ଚାଲିଛନ୍ତି। ତଥାପି ରାଜ୍ୟ ଜୟର ପିପାସା ମେଣ୍ଟୁନି। ଶେଷରେ ସ୍ୱର୍ଣ୍ଣପ୍ରସୂ ଭାରତବର୍ଷ ଆକ୍ରମଣ କରିବାକୁ ବାହାରିଛନ୍ତି। ସାଥିରେ ଅଛନ୍ତି ସୈନ୍ୟସାମନ୍ତଙ୍କ ବିଶାଳ ପଟୁଆର। କୋଳାହଳରେ ଫାଟିପଡୁଛି ଏଥେନ୍ସ ନଗରୀର ରାଜରାସ୍ତା। ନଗରୀର ଉପାନ୍ତରେ ଏକ ଭଙ୍ଗା କୁଡ଼ିଆରେ ରହୁଥାନ୍ତି ଦାର୍ଶନିକ ଦାଓଜିନସ୍ ଓ କୁକୁରଟିଏ। ନ ଜାଣିଥିବା ଲୋକେ ତାଙ୍କୁ ଭିକାରି ବୋଲି ଭାବନ୍ତି। କୁଡ଼ିଆରେ ଶୋଇଥିଲେ ଦାଓଜିନସ୍। କୋଳାହଳ ଶୁଣି ନିଦ ଭାଙ୍ଗିଗଲା। ସେ ମୁଣ୍ଡ ଉଠେଇ ଦେଖନ୍ତି ତ ଆଲେକ୍‌ଜାଣ୍ଡାରଙ୍କ ବିଶାଳ ସେନା ଚାଲିଛନ୍ତି। ସେ ହଠାତ୍ ଉଠିପଡ଼ି ସୈନିକମାନଙ୍କ ଆଡ଼କୁ ଧାଇଁଲେ ଏବଂ ଉଚ୍ଚ କଣ୍ଠରେ ଚିତ୍କାର କଲେ-

ISSN NO.
2582-208X

ରହିଯାଅ, ସମ୍ରାଟ୍ ଆଲେକ୍‌ଜାଣ୍ଡାରଙ୍କୁ ମୋର କିଛି ଦେବାର ଅଛି। ଏହା କହି ସେ ଆଲେକ୍‌ଜାଣ୍ଡାରଙ୍କ ନିକଟକୁ ଯାଇ ତାଙ୍କ ହାତରେ ମୁଦ୍ରାଟିଏ ଧରାଇଦେଲେ। ବିସ୍ମିତ ହୋଇ ଆଲେକ୍‌ଜାଣ୍ଡାର ପଚାରିଲେ- ଏହା କ'ଣ ? ଦାଓଜିନସ୍ କହିଲେ- କିଛିଦିନ ତଳେ ଜଣେ ଧନିକ ବ୍ୟକ୍ତି ମୋତେ ଭିକାରି ଭାବି ଏ ମୁଦ୍ରାଟିକୁ ମୋ କୁଡ଼ିଆ ଭିତରକୁ ଫୋପାଡ଼ି ଦେଇଥିଲେ। ମୁଁ ସେହିଦିନ ଭାବି ଥିଲି, ମୋଠାରୁ ଆଉ ଜଣେ ବଡ଼ ଭିକାରି ଦେଖିଲେ ମୁଁ ତାଙ୍କୁ ଏହି ମୁଦ୍ରାଟି ଉପହାର ଦେବି। ଆଜି ତୁମକୁ ପାଇଗଲି, ତେଣୁ ତୁମ ହାତରେ ଏ ମୁଦ୍ରାଟି ଧରାଇଦେଲି। ଆଲେକ୍‌ଜାଣ୍ଡାର ଅତ୍ୟନ୍ତ ଉତ୍ତ୍ୟକ୍ତ ହୋଇ କହିଲେ- ଜାଣିଛ ତ ମୁଁ ବିଶ୍ୱବିଜୟୀ ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡାର। ପୃଥିବୀର ସମସ୍ତ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ମୋର ପଦାନତ। ଏହା ସତ୍ତ୍ୱେ ମୋତେ ଭିକାରି ବୋଲି କହିବାର ଧୃଷ୍ଟତା ପାଇଁ ମୁଁ ତୁମର ଶିରଚ୍ଛେଦ କରିପାରେ। ଅବିଚଳିତ ଦାଓଜିନସ୍ ଅଳ୍ପ ହସି କହିଲେ-'ମୋର କିଛି ନାହିଁ, ତେଣୁ ମୁଁ ଭିକାରି ହେବାକୁ ବାଧ୍ୟ। ତୁମର ଏତେସବୁ ଥିବା ସତ୍ତ୍ୱେ ଆହୁରି ପାଇବା ପାଇଁ ତୁମର ଏ ଯେଉଁ ଭୋକ, ତାହା କ'ଣ ପାଇଁ ? ତୁମେ ମୋ'ଠାରୁ ବଡ଼ ଭିକାରି ନୁହଁ କି ? ଶୁଣ ସମ୍ରାଟ ! ଯିଏ ଚାହୁଁଥିବ କୋଟିଏ, କିନ୍ତୁ ପାଇଥିବ ଗୋଟିଏ, ସେ ଏ ସଂସାରର ସବୁଠାରୁ ବଡ଼ ଦରିଦ୍ର। ଯିଏ ଜୀବନରେ କିଛି ଚାହିଁ ନାହିଁ, କିଛି ପାଇ ବି ନାହିଁ, ସିଏ ଧନୀ ନ ହୋଇପାରେ, କିନ୍ତୁ ତୁମ ଭଳି ଦରିଦ୍ର ନୁହେଁ। ଆବଶ୍ୟକତାଠାରୁ ଅଧିକ ଅର୍ଥ, କ୍ଷମତା ଓ ପ୍ରତିପତ୍ତିର ପିପାସା ହିଁ ପ୍ରକୃତ ଦାରିଦ୍ର୍ୟ। ଯାହାର ତୃଷ୍ଣା ବା ଅଭିଳାଷ ଯେତେ ଅଧିକ, ସେ ସେତେ ଅଧିକ ଦରିଦ୍ର। ଯାହାର ମନ ସନ୍ତୁଷ୍ଟ ଓ ତୃପ୍ତ, ତା' ପାଇଁ ଧନୀଦରିଦ୍ର କି ଫରକ ? ଏଥର କୁହ, ତୁମେ ଭିକାରି ନା ମୁଁ ଭିକାରି ?

ବାସ୍ତବରେ ଏ ସଂସାରରେ ଭିକାରି କିଏ ? ଭିକାରି ସିଏ ନୁହେଁ ଯିଏ ଅନ୍ୟ ଆଗରେ ହାତ ପତେଇ ଭିକ ମାଗେ, ପ୍ରକୃତ ଭିକାରି ତ ସିଏ ଯାହା ପାଖରେ ସବୁ ଥାଇ ମଧ୍ୟ ସେ ଆହୁରି ଚାହୁଁଥାଏ। ଏଭଳି ଏକ ପ୍ରସଙ୍ଗ ଏଠି ଅବତାରଣା କରିବାର ଉଦ୍ଦେଶ୍ୟ ହେଉଛି ଏହା ଯେ, ବିଶ୍ୱ ଅଭିଯାନରେ ବାହାରିଥିବା ସମ୍ରାଟ ଆଲେକ୍‌ଜାଣ୍ଡାର ନିଜ ଦେଶକୁ ମଧ୍ୟ ଫେରିପାରିଲେ ନାହିଁ। ଭାରତ ଅଭିଯାନ ସାରି ଫେରିବା ବାଟରେ ବେବିଲୋନ ନଗରୀରେ ମାତ୍ର ୩୩ବର୍ଷ ବୟସରେ ସେ ପ୍ରାଣତ୍ୟାଗ କଲେ। ରାଜଧାନୀ ଏଥେନ୍ସ ଥିଲା ତଥାପି ଚବିଶ ଘଣ୍ଟାର ଦୂର। ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ହେଲା ଯେ ମୃତ୍ୟୁ ପୂର୍ବରୁ ଆଲେକ୍‌ଜାଣ୍ଡାର ତାଙ୍କର ଅଙ୍ଗରକ୍ଷୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ- ମୋ ଶବାଧାରକୁ

ISSN NO.
2582-208X

ସମାଧିସ୍ଥଳକୁ ନେବାବେଳେ ମୋ ହାତଯୋଡ଼ିକୁ ଦୁଇପଟକୁ ଝୁଲାଇ ଦେଇଥିବ, ଯେମିତି ସମଗ୍ର ବିଶ୍ୱ- ବାସୀ ଦେଖିବେ ଆଲେକ୍‌ଜାଣ୍ଡାର ଶୂନ୍ୟହସ୍ତ ହୋଇ ଆସିଥିଲା ଆଉ ମୃତ୍ୟୁ ପରେ ମଧ୍ୟ ଏ ପୃଥିବୀରୁ ଶୂନ୍ୟହସ୍ତ ହୋଇ ଫେରିଯାଉଛି। ଅଜସ୍ର ସମ୍ପତ୍ତି ଅର୍ଜିଥିବା ଆଲେକ୍‌ଜାଣ୍ଡାର ପାଇଁ ହୀରାନୀଳା ମୋତିମାଣିକ୍ୟ ସବୁ ଗୋଡ଼ି ମାଟି ପରି ମୂଲ୍ୟହୀନ। ମୋ ଶବକୁ ଚାରିଜଣ ଶ୍ରେଷ୍ଠ ଚିକିତ୍ସକ କାନ୍ଧରେ ବୋହି ନେଇ ଯାଉଥିବେ ଯାହା ଦେଖି ସମସ୍ତେ ଜାଣିବେ ସେମାନେ ତାଙ୍କର ଜୀବନରକ୍ଷା ପାଇଁ ସାମାନ୍ୟମାତ୍ର ସାହାଯ୍ୟ କରିପାରିଲେ ନାହିଁ କି କାଣି କଉଡ଼ିଟିଏ ମଧ୍ୟ ତାଙ୍କ ସହ ଗଲେ ନାହିଁ।'

ଏ ଘଟଣା ଘଟିବାର ବହୁବର୍ଷ ବିତିଗଲାଣି, ତଥାପି ଅନେକ ମଣିଷ ଏବେ ବି ନୀତି ନୈତିକତା, ମୂଲ୍ୟବୋଧ ଓ ମଣିଷପଣିଆକୁ ଜଳାଞ୍ଜଳି ଦେଇ ସାରାଜୀବନ ଧନସମ୍ପତ୍ତି ଗୋଟେଇବାରେ ଲାଗିଛନ୍ତି।

ବଡ଼ ବିଚିତ୍ର ଏ ମଣିଷର ପ୍ରକୃତି। ଘରଦ୍ୱାର, କୋଠାବାଡ଼ି, ଧନ, ସମ୍ପତ୍ତି ପଛରେ ଧାଇଁ ଧାଇଁ ଜୀବନର ଅମୂଲ୍ୟ ସମ୍ପଦ 'ସ୍ୱାସ୍ଥ୍ୟ'କୁ ହଜେଇ ଦିଅନ୍ତି। ପୁଣି ସେହି ସ୍ୱାସ୍ଥ୍ୟକୁ ଫେରି ପାଇବା ପାଇଁ ଡାକ୍ତର ଦୁଆରେ ଯାଇ ଭିକମାଗନ୍ତି। ଏଠି ଆସେ ଯେତେ, ଯାଏ ସେତେ। ଅଥଚ ନିର୍ବୋଧମଣିଷ ଏକ ଅସରନ୍ତି ଶୋଷ ପଛରେ ଧାଇଁଥାଏ। ଇଏ କେଉଁ ପ୍ରକାର ଗଣିତ ? ରାତି ସରିଯାଏ ପଛେ ସ୍ୱପ୍ନ ସରେନା। ବାଟ ସରିଯାଏ ସିନା ହାଟ ସରେନା। ଏଠି ବାସ୍ତୁବାଦୀ ଜୀବନର ଅନ୍ୟନାମ 'ବସ୍ତୁପ୍ରୀତି ବା 'ବସ୍ତୁରତି'। ଏକବିଂଶ ଶତାବ୍ଦୀର ମଣିଷ ଏବେ ଗୋଟିଏ ବସ୍ତୁରେ ପରିଣତ ହୋଇଯାଇଛି। ସେଇଥି ପାଇଁ ସମସ୍ତ ଭୌତିକ ବିକାଶ ସତ୍ତ୍ୱେ ମଣିଷ ଆଜି ଖୁବ୍ ନିଃସ୍ୱ, ଖୁବ୍ ନିଃସଙ୍ଗ। ପାଖରେ ଜୀବନ ବିତାଇବା ପାଇଁ ସକଳ ସୁଖ-ସାଧନ ଅଛି, ମାତ୍ର ଶାନ୍ତି ସୁଦୂର ପରାହତ। ଚାରିପାଖରେ ପର୍ଯ୍ୟାପ୍ତ ଭୋଜନ ସାମଗ୍ରୀ ଅଛି, କିନ୍ତୁ ପେଟରେ ଭୋକ ନାହିଁ। ବିଳାସମୟ ପ୍ରାସାଦ ଅଛି, କିନ୍ତୁ ସୁନିଦ୍ରା ନାହିଁ। ପରିପୂର୍ଣ୍ଣ ପରିବାର ଅଛି, କିନ୍ତୁ ପ୍ରସନ୍ନତା ନାହିଁ। ଫେସ୍‌ବୁକ୍‌ରେ ଅସଂଖ୍ୟ ବନ୍ଧୁ, ଦୁଃଖ ଶୁଣିବାକୁ ଜଣେ ବି ନାହିଁ। ସୁଖ ମରୀଚିକା ପଛରେ ଧାଇଁ ଧାଇଁ ମଣିଷ ଆଜି ଖୁବ୍ ଦୁଃଖୀ। ଟଲ୍‌ଷ୍ଟୟଙ୍କ ଗଳ୍ପର ନାୟକ "ପାହୋମ୍" ଭଳି ସକାଳୁ ସଞ୍ଜଯାଏଁ ଗଳଦଘର୍ମ ହୋଇ ଖାଲି ଧାଇଁଛି ଆଉ ଧାଇଁଛି। ଏମିତି ଧାଁ-ଦଉଡ଼ର ଅର୍ଥ କ'ଣ ଜୀବନ?

ISSN NO.
2582-208X

କିଏ ଜଣେ କହିଥିଲେ- 'ମନ୍ଦିର ଏକ ଅଦ୍ଭୁତ ସ୍ଥାନ, ଯେଉଁଠି ଗରିବ ବାହାରେ ଭିକମାଗେ ଆଉ ଧନୀ ଭିତରେ ଭିକମାଗେ। ପ୍ରକାରାନ୍ତରେ ଏଠି ସମସ୍ତେ ଭିକାରି ।' କେଉଁଦିନ ଏ ନିଃସ୍ୱ ମଣିଷ ବୁଝିବ ଯେ, ଟଙ୍କା 'ଘର' କିଣିପାରେ ହେଲେ 'ପରିବାର' ନୁହେଁ, ଟଙ୍କା 'ଦାମିକା ଘଣ୍ଟା' କିଣି ପାରେ ହେଲେ 'ସମୟ' ନୁହେଁ, ଟଙ୍କା 'ତୂଳିତଳ୍ପ ଶଯ୍ୟା' କିଣିପାରେ ହେଲେ 'ସୁନିଦ୍ରା' ନୁହେଁ, ଟଙ୍କା 'ବହି' କିଣି ପାରେ ହେଲେ 'ଜ୍ଞାନ' ନୁହେଁ, ଟଙ୍କା 'ବନ୍ଧୁ' କିଣିପାରେ ହେଲେ 'ବନ୍ଧୁତା' ନୁହେଁ। ଦୁନିଆରେ କେବଳ ଭାଗ୍ୟବାନ ସେହି - ଯାହା ପାଖରେ 'ଭୋଜନ' ସହିତ 'ଭୋକ' ଅଛି। 'ଶଯ୍ୟା' ସହିତ 'ନିଦ୍ରା' ଅଛି। ଆଉ 'ଧନ' ସହିତ 'ଧର୍ମ' ବି ଅଛି।

ସମୁଦ୍ରକୂଳରେ କ'ଣ ଶାମୁକାର ଅଭାବ ଥାଏ ନା' ପୃଥିବୀ ପୃଷ୍ଠରେ ମଣିଷର ? ବାସ୍ ! ଫରକ କେବଳ ଏତିକି ଯେ କିଛି ଶାମୁକା ଭିତରେ ମୋତି ଥାଏ, ଆଉ କିଛି ମଣିଷଙ୍କ ପାଖରେ ହୃଦୟ। ବାକିସବୁ ମଣିଷ ସେଇ ମିଛ ଖୋଳପାଧାରୀ ଶାମୁକା ସଦୃଶ। ନିର୍ଣ୍ଣୟ ଆପଣଙ୍କର। ଆପଣ ହୃଦୟବାନ ମଣିଷଟିଏ ହେବେ ନା ଶୂନ୍ୟ ଶାମୁକାଟି ହେବେ। କିନ୍ତୁ ଏ କଥା ସତ୍ୟ ଯେ ଆପଣ ଯାହା ବାଣ୍ଟିବେ ତାହା ଆପଣଙ୍କ ପାଖରେ ବେଶି ହେବ। ତାହା ଧନ ହେଉ କିମ୍ବା ସମ୍ମାନ, ଭୋଜନ ହେଉ କିମ୍ବା ଅପମାନ, ଘୃଣା ହେଉ କିମ୍ବା ପ୍ରେମ।

ଦି' ଦିନର ଏ ଜୀବନ! ମରୀଚିକା ପଛରେ ଧାଇଁବା ଅର୍ଥହୀନ। ପାରୁଛ ଯଦି ପ୍ରେମ ବାଣ୍ଟି ଚାଲ। ଲୋକଙ୍କ ହୃଦୟ କିଣ। କାରଣ ମଶାଣିକୁ ଆପଣ ଅର୍ଜିଥିବା ଚାରିକୋଟି ନୁହେଁ, ମାତ୍ର ଚାରିଜଣ ଆପଣଙ୍କୁ ଛାଡ଼ିବାକୁ ଯିବେ। ନିଷ୍ପତି ଆପଣଙ୍କର।

ଗ୍ରାମ ମହୁ, ଡାକ ମହୁ,
ଭାୟା ନମୌଜା,କେନ୍ଦ୍ରାପଡ଼ା
ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ଜୀବନ ବଦଳ ଯାଉ



ରାଜକିଶୋର ସ୍ୱାଇଁ

ବନ୍ଦେ ସରସ୍ୱତୀ ମଥା ମୋର ପାତି
ଏତିକ କରୁଛି ଅଳ,
ଫେଡ ମୋ ଅନ୍ତରୁ ଅଜ୍ଞାନ ତିମିର
ଜ୍ଞାନର ପ୍ରଦୀପ ଜାଳ ।୧।

ବାହନ ମରାଳ ବସନ ଧବଳ
ନୟନେ କଜଳ ଗାର
ଶୋଭା ପାଏ ବୀଣା ପୁସ୍ତକ ହସ୍ତରେ
ଗଳେ ମୁକୁତାର ମାଳ ।୨।

ବିଦ୍ୟା ପ୍ରଦାୟିନୀ ଅଭୟ ଦାୟିନୀ
ମହିମା କେ କଳପାରେ
ଜ୍ଞାନ ଭିକ୍ଷା କରି ପୂଜା ହୁଏ ତୋର
ମାଘ ଶୁକ୍ଳ ପଞ୍ଚମୀରେ ।୩।

ତୋର ଦୟା ହେଲେ ମୁରୁଖ ହୁଅଇ
ପଣ୍ଡିତ ଏ ଦୁନିଆଁରେ
ଦେବାରୁ ଆଶୀଷ ମୂର୍ଖ କାଳିଦାସ
ମହାକବି ବୋଲାଇଲେ ।୪।

ISSN NO.
2582-208X

ଜୀବନର ମାନେ ଶିକ୍ଷାକୁ ବୁଝାଏ
ଶିକ୍ଷାର ମାନେ ଜୀବନ
ବିଦ୍ୟା ବୁଦ୍ଧି ବିନା ସଂସାରରେ ମୁହିଁ
ହୁଅଇ କ ହୀନମାନ ।୫ ।

ଭରିଦିଅ ମନେ ତୁମରି ଭାବନା
ଆହେ ଦେବୀ ବୀଣାପାଣି
ଗାଇବାକୁ ତୁମ ଭକତି ସଙ୍ଗୀତ
କଣ୍ଠେ ଭାଷା ଦିଅ ଆଣି ।୬ ।

ଜୟ ମା ଭାରତୀ ଦେବୀ ଭଗବତୀ
ଏତିକ ସୁଦୟା ହେଉ
ତୁମ କରୁଣାର ପରଶ ପାଇ ମୋ
ଜୀବନ ବଦଳ ଯାଉ ।୭ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ଜୟ ମା ବିଣାପାଣୀ



ବାଙ୍କାବିହାରୀ ମହାକୁର

ମାଘ ଶୁକ୍ଳ ପକ୍ଷ  ପଞ୍ଚମୀ ତିଥିରେ
ହୁଅଇ ମାଆଙ୍କ ପୂଜା
ଶିକ୍ଷାନୁଷ୍ଠାନ କ୍ଲବ୍  ଗାଁ ଠୁ ସହର
ସବୁଠି ତୋରଣ ସଜ୍ଜା ।

ଋତୁରାଜ  ବସନ୍ତ  ମନ୍ଦ ମଳୟେ
ଫୁଲର ସୁରଭି ଭରେ
ବିଦ୍ୟାପ୍ରଦାୟିନୀ ମା ବିଣାପାଣୀଙ୍କୁ
ଆନନ୍ଦେ ସ୍ୱାଗତ କରେ  ।

ଜ୍ଞାନର ଅଧିଷ୍ଠାତ୍ରୀ ଦେବୀ ବରଦା
ଅଜ୍ଞାନ କରି ହରଣ
କଣ୍ଟକତ ପଥେ   କୁସୁମ ବିଛାଇ
ଫେଡନ୍ତୁ ଦୁଃଖ କଷଣ  ।

ଦେବୀ ପ୍ରସନ୍ନରେ ଦ୍ରସ୍ୟୁ ରତ୍ନାକର
ବାଲ୍ମିକୀ ରୂପ ପାଇଲେ

ISSN NO.
2582-208X

ମହାମୂର୍ଖ କାଳୀଦାସ  ଧରାଧାମେ
ପଣ୍ଡିତରେ ଗଣାହେଲେ ।

ମାଆଙ୍କୁ ସୁମରୀ ଶାରଳା ଦାସ ଯେ
ରଚଲେ ଭାରତ କଥା
ଦେବୀ କୃପା ବଳେ ଦୁବ ହୁଏ ଦାରୁ
ମାନବ ଜଗତ ଜିତା ।

ଜୟ ମା ବିଣାପାଣୀ ଘେନ ମୋ ଦଇନ
ହୋଇଥିବୁ ମା ସାହା
ମାୟ ସଂସାରର ଛଳ କପଟରୁ
ଉଦ୍ଧାରିବୁ ମହାମାୟା ।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ନାଆଁଟା ମୋର କମ୍ବଳ



କାଳପ୍ରସାଦ ମହାପାତ୍ର

ନାଆଁଟା ମୋହର କମ୍ବଳ
ଦେହଯାକ ମୋର ବାଳ ।

ଥାଏ ମୁଁ ତ ପେଡି ଭିତର
ଶୀତରେ ହୁଏ ମୁଁ ବାହର।

ହାତଗୋଡ ସବୁ ଯାକିଦେଇ
ଶୋଇପଡ ମୋର ଭିତର ।

ସକାଳୁ ଉଠାଇ ଦିଏ ନାହିଁତ
ମୋ ଭିତରେ ରହେ ଯିଏତ ।

ଶୀତର ପ୍ରକୋପ ବଢିଲେ
ଭାଉଟା ମୋହର ବଢେରେ ।

ISSN NO.
2582-208X

କମ୍ବଳଟା ହୁଏ ଦରକାର
ଶୀତଟା ରହିଲେ ଧରାରେ ।

ମୁହଁମାଡି ମୁଁ ପେଡି ଭିତରେ
ପଡିରହେ ମନ ଦୁଃଖରେ ।

ଏତିକି କହି ମୁଁ କମ୍ବଳଟି
ରହିବି ମୁଁ ତାଜା ଉପରେ ।

ଶିକ୍ଷକ,
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ଆଧୁନିକ ଓଡ଼ିଆ ଗୀତି କବିତାରେ ଚତୁର୍ଦ୍ଦଶପଦୀ କବିତାର ପ୍ରଭାବ



ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ

ପାଶ୍ଚାତ୍ୟ ସାହିତ୍ୟର ପରୋକ୍ଷ ପ୍ରଭାବରେ ଓଡ଼ିଆରେ ଆଖ୍ୟାନ କାବ୍ୟ ରଚନା କ୍ଷେତ୍ରରେ ପରିବର୍ତ୍ତନ ସଂଘଟିତ ହୋଇଥିଲା । ଫଳରେ କ୍ଷୁଦ୍ର ରଚନା କ୍ଷେତ୍ରରେ ମଧ୍ୟ ବିପୁଳ ପରିବର୍ତ୍ତନ ଘଟିଥିଲା । ଫଳରେ ଚତୁର୍ଦ୍ଦଶ ପଦୀ କବିତା, ଶୋକ କବିତା, ସମ୍ବୋଧନାତ୍ମକ କବିତା, ଗାଥା କବିତା ପ୍ରଭୃତି କେତେକ ନୂତନ କାବ୍ୟ ରୂପ ପ୍ରବର୍ତ୍ତିତ ହୋଇଥିଲା । ଏହି କାବ୍ୟ ରୂପ ନୂତନ ପରମ୍ପରା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ବିପୁଳ ଜନପ୍ରିୟତା ଅର୍ଜନ କରିଥିଲା।

ଚତୁର୍ଦ୍ଦଶ ପଦୀ କବିତା ଗୀତିକାବ୍ୟର ଏକ ଭିନ୍ନ ଅଙ୍ଗ ଓ ଅନ୍ୟତମ ବିଶିଷ୍ଟ ବିଭାବ। ଏହାକୁ ଇଂରାଜୀରେ 'Sonnet' ବୋଲି କୁହାଯାଏ। ଇତାଲୀୟ 'ସନେଟୋ' (sonetto) ଅର୍ଥାତ୍ କ୍ଷୁଦ୍ର ସଂଗୀତ ଶବ୍ଦରୁ ଇଂରାଜୀ ସନେଟ୍ ଶବ୍ଦ ଉଦ୍ଭୂତ ହୋଇଅଛି । ଇତାଲୀରେ ସର୍ବାଦୌ ବଂଶୀ ଓ ବୀଣା ବାଦନ ସହ ସନେଟ୍ ଗୀତ ହେଉଥିଲା । ତ୍ରୟୋଦଶ ଚତୁର୍ଦ୍ଦଶ ଶତାବ୍ଦୀର ଏହି କାବ୍ୟ ରୂପଟି ଇଟାଲୀ ସାହିତ୍ୟରେ ବିଶେଷ ଜନପ୍ରିୟତା ଲାଭ କରିଥିଲା । ଚାରି ପାଦ ବିଶିଷ୍ଟ ଚଉଦ ଗୋଟି ଧାଡ଼ି କବିତାକୁ ଚତୁର୍ଦ୍ଦଶ ପଦୀ କବିତା କୁହାଯାଏ ।

ଚତୁର୍ଦ୍ଦଶ ପଦୀ କବିତା ପାଶ୍ଚାତ୍ୟ ତଥା ପ୍ରାଚ୍ୟ ସାହିତ୍ୟ କ୍ଷେତ୍ରରେ ବହୁ ଜନପ୍ରିୟ । ଏଥିରେ ଗଠନରୀତି ରେ ସଂହତି, ପ୍ରାନ୍ତ ମିଳନ ରୀତିରେ ବିବିଧ ବୈଚିତ୍ର୍ୟ ଆଦି ଦୃଷ୍ଟିଗୋଚର ହୁଏ। ସଂଗୀତ ଅପେକ୍ଷା ଏହି କବିତା ଅଧିକ ଚିନ୍ତାମୂଳକ ଓ ଜ୍ଞାନଗର୍ଭକ । ଇତାଲୀୟ କବି ପେତ୍ରାର୍କଙ୍କ (୧୩୦୪-୭୪) ଲେଖନୀର ଚତୁର୍ଦ୍ଦଶପଦୀ କବିତା ପରିପୂର୍ଣ୍ଣ ରୂପଲାଭ କରିଥିବାରୁ ସେମାନଙ୍କୁ ସନେଟ୍ ର ଜନକ ଭାବେ ଗ୍ରହଣ କରାଯାଏ ।

ISSN NO.
2582-208X

ଇଂରାଜୀ ସାହିତ୍ୟରେ ଚତୁର୍ଦ୍ଦଶ ପଦୀ କବିତାର ମୁଖ୍ୟତଃ ଦୁଇଗୋଟି ବିଭାବ ପରିଲକ୍ଷିତ ହୁଏ। ଏହା ମିଲଟନୀୟ ଓ ସେକ୍ସପିଅରୀୟ ନାମରେ ପରିଚିତ । ଚତୁର୍ଦ୍ଦଶ ପଦୀ କବିତାର ଅବୟବ ଦୁଇ ଭାଗରେ ବିଭକ୍ତ । ପ୍ରଥମ ଅଷ୍ଟଚରଣ ବିଶିଷ୍ଟ ସ୍ତବକକୁ ଅଷ୍ଟକ (Octave) ଓ ପରବର୍ତ୍ତୀ ଷଷ୍ଠ ଚରଣ ବିଶିଷ୍ଟ ସ୍ତବକକୁ ଷଟକ୍ (Sestet) କୁହାଯାଏ । ଅଷ୍ଟକରେ କବି ତାଙ୍କ ଅଭିଜ୍ଞତା, ଆବେଗ ଅଥବା ଭାବନାକୁ ବ୍ୟକ୍ତ କରିଥାନ୍ତି । ଷଷ୍ଠକରେ ସେହି ବିଷୟ ବା ଭାବନା ସଂପର୍କରେ ତାଙ୍କ ଅଭିମତ ପ୍ରକାଶ ପାଏ । ସନେଟ୍ ର ଅଙ୍ଗ ସଜ୍ଜାରେ ପ୍ରଥମରୁ ଚାରି ପାଦ ବିଶିଷ୍ଟ ଦୁଇଟି ସ୍ତବକ ଓ ତିନି ପାଦ ବିଶିଷ୍ଟ ଦୁଇଟି ସ୍ତବକ (Tercet) ପରିଲକ୍ଷିତ ହୁଏ । ଏହାର ପ୍ରାନ୍ତ ମିଳନ ରୀତିରେ କେତେକ ବୈଶିଷ୍ଟ୍ୟ ଦେଖିବାକୁ ମିଳେ ।

ଯଥା – କଖଗଘ

କଖଖକ

ଗଘଙ

ଗଘଙ

ଅର୍ଥାତ୍ ଏହାର ଅଷ୍ଟକ ବିଭାଗରେ ୧ମ ପାଦ ସହ ୪ର୍ଥ ପାଦ, ୨ ୟ ପାଦ ସହ ୩ୟ ପାଦ ଏବଂ ୫ମ ପାଦ ସହ ୮ମ ପାଦ, ୬ଷ୍ଠ ପାଦର ମିଳନ ହୋଇଥାଏ । ପରବର୍ତ୍ତୀ ୬ ପାଦର ପ୍ରାନ୍ତ ମିଳନରେ ବିଭିନ୍ନତା ଦେଖାଯାଏ ।

ନିର୍ମାଣ ରୀତି ଓ ବିଶିଷ୍ଟତା :-

ଚତୁର୍ଦ୍ଦଶ ପଦୀ କବିତା ର ସୀମିତ ପରିସର ମଧ୍ୟରେ ଏକ ଅଖଣ୍ଡ ଭାବକୁ ବ୍ୟକ୍ତ କରିବାକୁ ପଡେ । କବିତା ରଚନା କ୍ଷେତ୍ରରେ ସଂଯମତା ଓ ସାବଧାନତା ଅବଲମ୍ବନ କରି କବିତା ରଚନା କରିବାକୁ ପଡେ । ଅନେକ ଆଲୋଚକ ସନେଟ୍ ର swaଳ୍ପ ଅବୟବ ଓ ଛନ୍ଦ ବନ୍ଧନର ଜଟିଳତା କବି କଳ୍ପନାକୁ ଉପଯୁକ୍ତ ଭାବରେ ପ୍ରକାଶ କରାଇବା ପକ୍ଷେ ପ୍ରତିବନ୍ଧକ swaରୂପ ବୋଲି ମତ ଦେଇଛନ୍ତି । କିନ୍ତୁ ମାତ୍ର କବି Wordsworth ଙ୍କ ମତରେ – " ଏହି ବନ୍ଧନ ହିଁ ଭାବ ଓ କଳ୍ପନାର ସ୍ଫୂର୍ତ୍ତିକୁ ମଧୁରତର କରିଥାଏ" ।

"It was pastime to be bound
Within the Sonnet's scanty

ISSN NO.
2582-208X

Plot of ground” .

ବଙ୍ଗ କବି ମୋହିତଲାଲ ଚତୁର୍ଦ୍ଦଶ ପଦୀ କବିତାକୁ ‘ବିଗାଢ଼ ନିବଦ୍ଧା ତନ୍ୱୀ’ ଓ D. G . Rossetti ଏହାକୁ ‘ମୁହୂର୍ତ୍ତର ସ୍ମୃତିସ୍ତମ୍ଭ’ ନାମରେ ଅଭିହିତ କରିଅଛନ୍ତି ।

ପୁନର୍ଜାଗରଣ ଯୁଗରେ ଚତୁର୍ଦ୍ଦଶ ପଦୀ କବିତା ମୁଖ୍ୟତଃ ପ୍ରେମନୁଭୂତି ମୂଳକ ଥିଲା । ମିଲ୍ଟନ ହିଁ ନୈତିକ ଓ ରାଜନୀତିକ ଆଲୋଚନାକୁ ଏହାର ଉପଜୀବ୍ୟ କରି ସନେଟର ବିଷୟବସ୍ତୁକୁ ସମ୍ପ୍ରସାରିତ କରିଥିଲେ । ପରବର୍ତ୍ତୀ କବିମାନେ ମିଲ୍ଟନ୍ ଙ୍କୁ ଅନୁସରଣ କରିଥିଲେ ।

ଇଂରାଜୀରେ ଚତୁର୍ଦ୍ଦଶ ପଦୀ କବିତା :-

ଇଂରାଜୀ ସାହିତ୍ୟରେ ସେକ୍ସପିଅରଙ୍କୁ ସର୍ବଶ୍ରେଷ୍ଠ ସନେଟ ରଚୟିତା ଭାବରେ ଗ୍ରହଣ କରାଯାଏ । ତାଙ୍କର ଚାରି ପାଦ ବିଶିଷ୍ଟ ତିନୋଟି ସ୍ତବକକୁ Quartrain ଓ ଗୋଟିଏ ଦୁଇ ପାଦ ବିଶିଷ୍ଟ ସ୍ତବକକୁ Couplet ବୋଲି କୁହାଯାଏ । ପେତ୍ରାର୍କଙ୍କ ସନେଟ ରଚନା ନିୟମ ଠାରୁ ସେକ୍ସପିଅର୍ ଙ୍କ ସନେଟ୍ ରଚନା ନିୟମରେ ନୂତନତ୍ୱ ପରିଲକ୍ଷିତ ହୁଏ ।

ଯଥା – କଖ କଖ
ଗଘ ଗଘ
ଙଚ ଙଚ
ଛଛ

ଅର୍ଥାତ୍ ଏଥିରେ ପ୍ରଥମ ପାଦ ସହ ତୃତୀୟ ପାଦ, ଦ୍ୱିତୀୟ ପାଦ ସହ ଚତୁର୍ଥ ପାଦ ପ୍ରାନ୍ତ ମିଳନ ହୋଇଥାଏ । ପଞ୍ଚମ ପାଦ ସହ ସପ୍ତମ ପାଦ, ଷଷ୍ଠ ପାଦ ସହ ଅଷ୍ଟମ ପାଦର ପ୍ରାନ୍ତ ମିଳନ ହୋଇଥାଏ । ନବମ ପାଦ ସହ ଏକାଦଶ, ଦଶମ ସହ ଦ୍ୱାଦଶ ଏବଂ ତ୍ରୟୋଦଶ ଓ ଚତୁର୍ଦ୍ଦଶ ପାଦର ପ୍ରାନ୍ତ୍ୟ ଧ୍ୱନି ମଧ୍ୟରେ ମିଳନ ସମ୍ପାଦିତ ହୋଇଥାଏ । ସେକ୍ସପିଅର୍ ଙ୍କ ଚତୁର୍ଦ୍ଦଶ ପଦୀ କବିତାର ପ୍ରାନ୍ତ ଦୁଇ ପଦ ଉପସଂହାର ମୂଳକ ଓ କବିତାଟିର ସାରକଥା ବର୍ଣ୍ଣିତ ହୋଇଥାଏ ।

ISSN NO.
2582-208X

ଇଂରାଜୀ ସାହିତ୍ୟରେ ଅନେକ କବି ଇତାଲୀୟ ଚତୁର୍ଦ୍ଦଶ ପଦୀ କବିତାର ନିୟମ (ପେତ୍ରାର୍କଙ୍କ ନିୟମ) କୁ ଅନୁସରଣ କରି ଏକାଧିକ ଚତୁର୍ଦ୍ଦଶ ପଦୀ କବିତା ରଚନା କରିଛନ୍ତି । ଏହି କବିତା ଗୁଡ଼ିକ "ସନେଟ୍ ସିକୁଏନ୍ସ" ନାମରେ ପରିଚିତ । ସ୍ପେନ୍ସର୍, ମିଲ୍ଟନ୍, ସେକ୍ସପିଅର୍, ଡୋନେ, ସେଲି, ୱାର୍ଡ୍ସ ୱାର୍ଥ, ଏଲିଯାବେଥ, ବାରେଟ୍ ବ୍ରାଉନିଂ ଓ ରସେଟି ପ୍ରଭୃତି କବି ଇଂରାଜୀ ସାହିତ୍ୟର ବିଶିଷ୍ଟ ସନେଟ୍ ରଚୟିତା ଭାବରେ ପରିଚିତ ଅଟନ୍ତି ।

ଓଡ଼ିଆରେ ଚତୁର୍ଦ୍ଦଶପଦୀ କବିତା :-

ଊନବିଂଶ ଶତାବ୍ଦୀର ଶେଷ ଭାଗକୁ ଇଂରାଜୀ ସନେଟ୍ ରୀତିର ଅନୁସରଣରେ ଓଡ଼ିଆରେ ଚତୁର୍ଦ୍ଦଶପଦୀ କବିତାର ସୃଷ୍ଟି ହୋଇଛି । ଏଗୁଡ଼ିକୁ ଓଡ଼ିଆରେ 'ପଦିଆଗୀତ' କୁହାଯାଉଥିଲା । ଏହି ବିଷୟକୁ ଅବଲମ୍ବନ କରି ଏକମାତ୍ର ସରଳ ଛନ୍ଦରେ ଓ ସରଳ ଭାଷାରେ ଏହା ରଚିତ ହେଉଥିଲା । ସାଧାରଣତଃ ବିରହାନୁଚିନ୍ତାମୂଳକ ବିଷୟକୁ ଅବଲମ୍ବନ କରି ଓଡ଼ିଶାର ବହୁ ପ୍ରାଚୀନ ଓ ମଧ୍ୟଯୁଗୀୟ କବି ସଂଖ୍ୟା ନିର୍ଦ୍ଧାରିତ ଗୀତି କାବ୍ୟ ରଚନାରେ ଅଭ୍ୟସ୍ତ ଥିଲେ । ଓଡ଼ିଆରେ 'ଶହେପଦିଆ', 'ପଚାଶପଦିଆ', 'ଛପନପଦିଆ' ଓ 'ଛବିଶପଦିଆ' ପ୍ରଭୃତି ବହୁ ଗୀତିକାବ୍ୟର ସନ୍ଧାନ ମିଳିଥାଏ ।

ଭକ୍ତକବି ମଧୁସୂଦନ ପ୍ରଥମେ ଇଂରାଜୀ ସନେଟ ଅନୁକରଣରେ ଚତୁର୍ଦ୍ଦଶପଦୀ କବିତା ରଚନାରେ ମନୋନିବେଶ କରିଥିଲେ । ତାଙ୍କର 'ବସନ୍ତ ଗାଥା' କବିତା ସଂକଳନଟି ପ୍ରଥମ ଓଡ଼ିଆ ଚତୁର୍ଦ୍ଦଶପଦୀ କବିତା । କବି ଉକ୍ତ ପୁସ୍ତକର ଭୂମିକାରେ ଲେଖିଥିଲେ – "ଏହି ଚତୁର୍ଦ୍ଦଶ ପଦୀ କବିତାଗୁଡ଼ିକର ଅଧିକାଂଶ ବସନ୍ତ କାଳରେ ରଚିତ ବୋଲି ତାହା 'ବସନ୍ତ ଗାଥା' ନାମରେ ଆଖ୍ୟାତ ହେଲା" । ଏହି କବିତାଗୁଡିକରୁ ଅଧିକାଂଶ ଶକାବ୍ଦ ୧୮୨୩ ପୂର୍ବରୁ ରଚିତ ହୋଇଥିଲା ଓ ସେଗୁଡିକ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିଲା । ଏଥିରେ 'ଯୌବନ ସ୍ୱପ୍ନ', 'ଏକାମ୍ର କାନନ', 'ପରମପ୍ରମାଣ', 'ଶ୍ରୀପଞ୍ଚମୀ', 'ପତିତା ରମଣୀ', 'ଜରା ଆକ୍ରମଣ', 'ନରନାରୀ', 'ଶଙ୍ଖଧ୍ୱନି' ପ୍ରଭୃତି କେତେଗୋଟି ସନେଟ ଗୁଚ୍ଛ ବା Sonnet Sequence ମଧ୍ୟ ନିହିତ । ଏଥିରେ ସନ୍ନିବିଷ୍ଟ ପ୍ରାୟ ୨୭ ଗୋଟି ଚତୁର୍ଦ୍ଦଶ ପଦୀ କବିତାର ପ୍ରକୃତିର ବିବିଧ ରୂପ, ବ୍ୟକ୍ତିଗତ ଅନୁଭୂତି ଓ ବେଦନାବୋଧ ବନ୍ଧୁ, ସମସାମୟିକ କବି ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ପ୍ରଭୃତିର ପ୍ରତିଫଳନ

ISSN NO.
2582-208X

ଦେଖିବାକୁ ମିଳେ। ମଧୁସୂଦନ ସନେଟର ଅଷ୍ଟକ ଷଟକ୍ ବିଧାନକୁ ଏକପ୍ରକାର ଅନୁସରଣ କରି ନାହାଁନ୍ତି କହିଲେ ଚଳେ । ପ୍ରାନ୍ତ ମିଳନରେ ସେ କେତେକ କବିତାରେ ମିତ୍ରାକ୍ଷର ଓ କେତେକ କବିତାରେ ଏକାନ୍ତର ମିତ୍ରାକ୍ଷର ରୀତିକୁ ରକ୍ଷା କରିଛନ୍ତି ।

"କେ ଚାହିଁବ ଚାହୁଁ ତୋତେ ଗର୍ବ ଅବଜ୍ଞାରେ... (କ)
କିନ୍ତୁ; ଲୋ ! ଭଗିନୀ ମୁହିଁ ତୋ ଦୁଃଖ କାତର ... (ଖ)
ଆହତ ମୋ ପ୍ରାଣ ତୋର ମର୍ମ ହାହାକାରେ... (କ)
କାନ୍ଦଇ ବିକଳେ ମୋର ବ୍ୟାକୁଳ ଅନ୍ତର... (ଖ)

(ପତିତା ରମଣୀ)

ମଧୁସୂଦନଙ୍କ ସମକାଳୀନ କବି ଫକିରମୋହନଙ୍କ ପୂଜାଫୁଲ, ଅବସର ବାସରେ ଓ ଧୂଳି କବିତା ସଙ୍କଳନରେ ଚତୁର୍ଦ୍ଦଶପଦୀ କବିତା ପରିଦୃଷ୍ଟ ହୁଏ। ଏହା ବ୍ୟତୀତ କବି ଗଙ୍ଗାଧର ମେହେର, ନନ୍ଦକିଶୋର ବଳ, ଗୋପବନ୍ଧୁ ଦାସ, ଚିନ୍ତାମଣି ମହାନ୍ତି, ବ୍ରଜମୋହନ ପଣ୍ଡା, ଗୋଦାବରୀଶ ମହାପାତ୍ର, କୃଷ୍ଣମୋହନ ପଟ୍ଟନାୟକ ପ୍ରମୁଖ ସନେଟ୍ ରଚନାରେ ଅନୁରକ୍ତ ଥିବା ଜଣାଯାଏ ।

ସାର୍ଥକ ସନେଟ୍ ଭାବେ ମାୟାଧର ମାନସିଂହଙ୍କ କୁଶ, ହେମପୁଷ୍ପ, କୁଞ୍ଜବିହାରୀ ଦାଶଙ୍କ ପ୍ରଭାତୀ, ଗୁରୁପ୍ରସାଦ ମହାନ୍ତିଙ୍କ ସମୁଦ୍ର ସ୍ନାନ ର ୧୦ ଟି ସନେଟ୍ ଏବଂ ବିଭୁଦତ୍ତ ମିଶ୍ରଙ୍କ 'ଶହେଟି ସନେଟ୍' ନାମ ସ୍ୱତଃ ମନକୁ ଆସେ ।

୨ୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ କବିମାନଙ୍କ ମଧ୍ୟରୁ ଲକ୍ଷ୍ମୀକାନ୍ତ ମହାପାତ୍ର, ବୈକୁଣ୍ଠନାଥ ପଟ୍ଟନାୟକ, ମାୟାଧର ମାନସିଂହ, ରାଧାମୋହନ ଗଡ଼ନାୟକ, କୃଷ୍ଣଚନ୍ଦ୍ର ପ୍ରଭୃତି ସନେଟଟ୍ ରଚନାରେ ଅନୁରକ୍ତି ପ୍ରକାଶ କରିଛନ୍ତି ।

"ଦିବାଲୋକେ, ଜନସଂଘେ, ସଂସାର ଗହଳେ
ତମେ ଆସି ମତେ କେବେ ନ ପକାଅ ଧରା" ।

(ଗୁପ୍ତପ୍ରଣୟ)

ISSN NO.
2582-208X

ସାମ୍ପ୍ରତିକ କବିମାନଙ୍କ ମଧ୍ୟରୁ ସୁଧାଂଶୁ ଶେଖର ରେ, ଗୁରୁପ୍ରସାଦ ମହାନ୍ତି, ନୃସିଂହ କୁମାର ରଥ, ସୌଭାଗ୍ୟ କୁମାର ମିଶ୍ର ଓ ବିଭୁଦତ୍ତ ମିଶ୍ର ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ଗୁରୁପ୍ରସାଦ ମହାନ୍ତିଙ୍କ 'ତିନୋଟି ସନେଟ୍', ସୌଭାଗ୍ୟ କୁମାର ମିଶ୍ରଙ୍କ 'ଆତ୍ମନେପଦୀ' ସଂକଳନସ୍ଥ 'ମୋ ଛାତ୍ରମାନଙ୍କୁ' ଓ 'ଅଭିନେତ୍ରୀ' ଶୀର୍ଷକ କବିତା ଉଲ୍ଲେଖଯୋଗ୍ୟ ।

"ମୋ ଦେହର ସ୍ୱାସ୍ଥ୍ୟ ରକ୍ତ ମାଂସ ଚମର ପୋଷାକ
ଖସିପଡୁ ଉପେକ୍ଷିତ ବିସର୍ଜିତ ତୁମର ଦେହରେ" ।

(ତିନୋଟି ସନେଟ୍)

ସାହିତ୍ୟ ଇତିହାସରେ ବହୁ କାବ୍ୟରୂପର ଅନୁପ୍ରବେଶ ଓ ବହୁ କାବ୍ୟରୂପର ବିଲୟ ଏକ ସ୍ୱାଭାବିକ ଘଟଣା। ପ୍ରାୟ ପାଞ୍ଚଶହ ବର୍ଷ ଧରି ବ୍ୟବହୃତ ଓଡ଼ିଆ ସାହିତ୍ୟର ଅତି ଜନପ୍ରିୟ ଗୀତିକାବ୍ୟ 'ଚଉତିଶା' ଆଧୁନିକ ଓଡ଼ିଆ ଗୀତି କବିତା କ୍ଷେତ୍ରରୁ ଏକପ୍ରକାର ବିଦାୟ ନେଇଛି । ମାତ୍ର ସନେଟ୍ ଆଜି ମଧ୍ୟ ପରିବର୍ତ୍ତିତ ପରିସ୍ଥିତି ସହ ତାଳଦେଇ ଅଗ୍ରସର ହେଉଛି ।

ଅତିଥି ଅଧ୍ୟାପିକା, ଓଡ଼ିଆ ଭାଷା - ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ମା ଲକ୍ଷ୍ମୀଙ୍କ ଅଭିମାନ



ହର ପ୍ରସାଦ ସୁଆର

ନମସ୍ତେ ମା ଲକ୍ଷ୍ମୀ ତୁମେ ନାରାୟଣଙ୍କ ଘରଣୀ,
ତୁମରି ଆଶିଷ ବିନା ଜୀବଜଗତର ନାହିଁ ଅନ୍ୟ ଗତି ।
ତୁମରି ସନ୍ତୁଷ୍ଟି ପାଇଁ ପାଳୁ ଆମେ ମାର୍ଗଶୀର ଗୁରୁବାର,
ଗୋମୟରେ ଲିପାପୋଛା କରି ଝୋଟିରେ ସଜାଉ ଘର ।

ବଳରାମ କହିଥିଲେ ଗୁରୁବାର ଚଣ୍ଡାଳ ଘରକୁ କିଆଁ ଗମନ କଲ,
ବଡ ଠାକୁରେ ଜ୍ୟେଷ୍ଠ ଭ୍ରାତାଙ୍କ କଥାକୁ ନେଲେ ଆବୋରି ।
ସାମାନ୍ୟ ତ୍ରୁଟିପାଇଁ କ୍ରୋଧିତ ହୋଇ ହୁଅନ୍ତି ଅଭିମାନୀ,
ନିଜ ଦେଢସୁର ବଳରାମଙ୍କ କଟାକ୍ଷକୁ ନପାରିଲେ ମାନି ।

ଶକ୍ତି ପ୍ରୟୋଗ କରି ବଡ ଦେଉଳକୁ କରିଦେଲେ ଖାଲି,
ଭୋକ ଉପାସକୁ ନସହିପାରି ଭାଇ ଦିହେଁ ଗଲେଣି ଚାଲି ।
ପରିଶେଷେ ନିରୂପାୟ ହୋଇ ସେହି ଚଣ୍ଡାଳୁଣୀ ଘରେ,
ପହଞ୍ଚି, ଭୋକ ମେଣ୍ଟାନ୍ତି ଲକ୍ଷ୍ମୀଙ୍କ ମାନ ରଖିବାରେ ।

ISSN NO.
2582-208X

ଥରେ ଭୃଗୁ ମହର୍ଷିଙ୍କ ଅପମାନ ନସହି, ଦେଲେ ବୈକୁଣ୍ଠ ତ୍ୟାଗୀ,
ନାରାୟଣଙ୍କ ଶତ ଅନୁରୋଧକୁ ନରଖିଲେ ହୋଇ ବଦରାଗି ।
ଲକ୍ଷ୍ମୀଙ୍କୁ ଗୃହେ ଛାଡି ଭାଇ ଭଉଣୀଙ୍କୁ ନେଇ ପହଞ୍ଚିଲେ ଗୁଣ୍ଡିଚା,
ପତିତଜନଙ୍କୁ ଦରଶନ ଦେଇ ଫେରିଦେଖନ୍ତି କବାଟ କିଳା ।

ପ୍ରବେଶ ନକରିପାରି ଭାଇଭଉଣୀଙ୍କ ସାଥିରେ ବାହାରେ ଅପେକ୍ଷା କରି,
କେତେ ଗାଳି, ଗଞ୍ଜଣା ଓ କଟାକ୍ଷକୁ ନିରବେ ସହନ କରି ।
ଅଭିମାନିନୀଙ୍କ ମାନଭଞ୍ଜନ ନିମନ୍ତେ କ୍ଷମା ଯାଚନା କରି,
ସାଆନ୍ତେ, ଲକ୍ଷ୍ମୀଙ୍କ ପସନ୍ଦର ମିଠାକୁ ସାଥିରେ ନେଇ
ଦିଅନ୍ତେ, ଲକ୍ଷ୍ମୀ ନିଜ ଗୁମାନ ତ୍ୟଜି କବାଟ ଖୋଲନ୍ତି,
ଲକ୍ଷ୍ମୀ ନାରାୟଣଙ୍କ କଳି ଥମିଲେ ପଣ୍ଡା ପଢିଆରି ଶଙ୍ଖଧ୍ୱନି ଦିଅନ୍ତି,
ହୁଳହୁଳି ଶବ୍ଦରେ ବିଭୋର ହୋଇ ବଡ ଦେଉଳେ ପ୍ରବେଶନ୍ତି ।

କବିଚନ୍ଦ୍ରସାହି, ପାରଳାଖେମୁଣ୍ଡି
ଜିଲ୍ଲା – ଗଜପତି/ ଚଳଭାଷ:୭୫୦୧୬୫୨୪୨୮

ISSN NO.
2582-208X

# ଜହ୍ନ ରାଇଜରେ ଆମରି ଦେଶ



ଦୀନବନ୍ଧୁ ବେଜ

ମା' ପଠାଇଛି ଚନ୍ଦରଯାନ ଟେ
ଆମ ଜହ୍ନ ମାମୁଁ ଘରକୁ,
ମାମୁଁଙ୍କ ଘରର ସମସ୍ତ ଖବର
ଟିକି ନିକି ଜାଣିବାକୁ ।

ମାମୁଁ ଘର ୨,୩୮,୮୫୫ ମାଇଲ
ହେଉ ଅଛି ବେଶି ଦୂର,
ମା'ଙ୍କର ନିଘା ରହୁଛି ସେଠାରେ
କିପରି ଭାବିବ ପର ।

27 ଦିନ ୭ ଘଣ୍ଟା ୪୩ ମିନିଟରେ
ମା' ଚାରିପଟେ ମାମୁଁ ଘୂରେ,
ମା' ର ସାଥିରେ କଥା ହୋଇଥାଏ
ଥାଇ ନିଜ କକ୍ଷପଥ ପରେ ।

ମାଆ ଘୁଞ୍ଚିଗଲେ ପୂର୍ଣ୍ଣମୀ ହୁଏ
ତୋଫା ହୁଏ ମାମୁଁ ମୁଖ,
ମା' ରୁଷି ଗଲେ ମାମୁଁ ଲୁଚିଯାଏ
ଅମାବାସ୍ୟା ପରକାଶ ।

ମରୁଭୂମି ପରି ଜାଗା ପଡ଼ିଅଛି
ମାମୁଁ ଗାଁ ଅଂଚ଼ଳେ ଖାଲି,
ଆହିକି ସୁନ୍ଦର ଖାଲି ନିରିମଳ
ଯାଆନ୍ତି କି ଥରେ ବୁଲି ।

ରୁପା ଥାଳିଆର ସଂକ୍ଷାରଣ ପରି
ସ୍ଥାନେ ସ୍ଥାନେ ଗର୍ତ୍ତ ଖାଲି,
ଚନ୍ଦ୍ରଯାନ ଆମ ଦେଖାଇଲା ପରା
ଛବି ଛାଡ଼ି ଗତ କାଲି ।

ISSN NO.
2582-208X

ବିଶ୍ୱର ପ୍ରଥମ ଦେଶ ହେଲୁ ଆମେ
ଦକ୍ଷିଣ ମେରୁ କୁ ଛୁଇଁ,
ଆମର ସାହାସ ନାହିଁ ପଟାନ୍ତର
ଧନ୍ୟ ମୋ ଜନ୍ମ ଭୂଇଁ ।

ପୃଥିରେ ଚତୁର୍ଥ ଜହ୍ନ ଛୁଆଁ ଦେଶ
ହେଲା ମୋ ଭାରତ ବର୍ଷ,
ମଙ୍ଗଳ ଛୁଇଁବ ଶୁକ୍ର ବି ଛୁଇଁବ
ଚକିତ ହୋଇବ ବିଶ୍ୱ ।

ମହାକାଶ ସହ ଏହି ନିବିଡ଼ତା
ଯୁଗେ ଯୁଗେ ଆମ ଥିବ,
ଏହି ଅଙ୍ଗୀକାର ଆମର ରହିବ
ଏହା ସତ୍ୟ ଏହା ଧ୍ରୁବ ।

ସଂପାଦକ
ଜାତୀୟ କବି ଲେଖକ ସଂଗଠନ
ବାସୁଦେବପୁର, ଭଦ୍ରକ

ISSN NO.
2582-208X

# ସର୍ବଦେବ କୃତ ଶ୍ରୀ ଲକ୍ଷ୍ମୀ ସ୍ତୋତ୍ରମ୍



ଅଧ୍ୟାପକ ଅବିନାଶ ବାରିକ୍

କ୍ଷମସ୍ୱ ଭଗବତ୍ୟଂବ କ୍ଷମା ଶୀଲେ ପରାତ୍ପରେ ।
ଶୁଦ୍ଧ ସତ୍ତ୍ୱ ସ୍ୱରୂପେଚ କୋପାଦି ପରି ବର୍ଜିତେ ॥
ଉପମେ ସର୍ବ ସାଧ୍ୱୀନାଂ ଦେବୀନାଂ ଦେବ ପୂଜିତେ ।
ତ୍ୱୟା ବିନା ଜଗତ୍ସର୍ବଂ ମୃତ ତୁଲ୍ୟଂଚ ନିଷ୍ଫଲମ୍ ॥
ସର୍ବ ସଂପତ୍ସ୍ୱରୂପାତ୍ୱଂ ସର୍ବେଷାଂ ସର୍ବ ରୂପିଣୀ ।
ରାସେଶ୍ୱର୍ୟଧି ଦେବୀତ୍ୱଂ ତ୍ୱତ୍କଲାଃ ସର୍ବୟୋଷିତଃ ॥
କୈଲାସେ ପାର୍ବତୀ ତ୍ୱଂଚ କ୍ଷୀରୋଧେ ସିଂଧୁ କନ୍ୟକା ।
ସ୍ୱର୍ଗେଚ ସ୍ୱର୍ଗ ଲକ୍ଷ୍ମୀ ସ୍ତ୍ୱଂ ମର୍ତ୍ୟ ଲକ୍ଷ୍ମୀଶ୍ଚ ଭୂତଲେ ॥
ବୈକୁଂଠେଚ ମହାଲକ୍ଷ୍ମୀଃ ଦେବଦେବୀ ସରସ୍ୱତୀ ।
ଗଂଗାଚ ତୁଲସୀତ୍ୱଂଚ ସାବିତ୍ରୀ ବ୍ରହ୍ମ ଲୋକତଃ ॥
କୃଷ୍ଣ ପ୍ରାଣାଧି ଦେବୀତ୍ୱଂ ଗୋଲୋକେ ରାଧିକା ସ୍ୱୟମ୍ ।
ରାସେ ରାସେଶ୍ୱରୀ ତ୍ୱଂଚ ବୃଂଦା ବୃଂଦାବନେ ବନେ ॥
କୃଷ୍ଣ ପ୍ରିୟା ତ୍ୱଂ ଭାଂଡୀରେ ଚଂଦ୍ରା ଚଂଦନ କାନନେ ।
ବିରଜା ଚଂପକ ବନେ ଶତ ଶୃଂଗେଚ ସୁଂଦରୀ ।
ପଦ୍ମାବତୀ ପଦ୍ମ ବନେ ମାଲତୀ ମାଲତୀ ବନେ ।
କୁଂଦ ଦଂତୀ କୁଂଦବନେ ସୁଶୀଲା କେତକୀ ବନେ ॥

ISSN NO.
2582-208X

କଦଂବ ମାଲା ତ୍ୱଂ ଦେବୀ କଦଂବ କାନନେ2ପିଚ ।
ରାଜଲକ୍ଷ୍ମୀଃ ରାଜ ଗେହେ ଗୃହଲକ୍ଷ୍ମୀ ର୍ଗୃହେ ଗୃହେ ॥
ଇତ୍ୟୁକ୍ତ୍ୱା ଦେବତାସ୍ସର୍ବାଃ ମୁନୟୋ ମନବସ୍ତଥା ।
ରୁରୁଦୁର୍ନ ମ୍ରବଦନାଃ ଶୁଷ୍କ କଂଠୋଷ୍ଠ ତାଲୁକାଃ ॥
ଇତି ଲକ୍ଷ୍ମୀ ସ୍ତବଂ ପୁଣ୍ୟଂ ସର୍ବଦେବୈଃ କୃତଂ ଶୁଭମ୍ ।
ୟଃ ପଠେତ୍ପ୍ରାତରୁତ୍ଥାୟ ସର୍ବୈସର୍ବଂ ଲଭେଦ୍ଧ୍ରୁବମ୍ ॥
ଅଭାର୍ୟୋ ଲଭତେ ଭାର୍ୟାଂ ବିନୀତାଂ ସୁସୁତାଂ ସତୀମ୍ ।
ସୁଶୀଲାଂ ସୁଂଦରୀଂ ରମ୍ୟାମତି ସୁପ୍ରିୟବାଦିନୀମ୍ ॥
ପୁତ୍ର ପୌତ୍ର ବତୀଂ ଶୁଦ୍ଧାଂ କୁଲଜାଂ କୋମଲାଂ ବରାମ୍ ।
ଅପୁତ୍ରୋ ଲଭତେ ପୁତ୍ରଂ ବୈଷ୍ଣବଂ ଚିରଜୀବିନମ୍ ॥
ପରମୈଶ୍ୱର୍ୟ୍ୟ ୟୁକ୍ତଂଚ ବିଦ୍ୟାବଂତଂ ୟଶସ୍ୱିନମ୍ ।
ଭ୍ରଷ୍ଟରାଜ୍ୟୋ ଲଭେଦ୍ରାଜ୍ୟଂ ଭ୍ରଷ୍ଟ ଶ୍ରୀର୍ଲଭେତେ ଶ୍ରିୟମ୍ ॥
ହତ ବଂଧୁର୍ଲଭେଦ୍ବଂଧୁଂ ଧନ ଭ୍ରଷ୍ଟୋ ଧନଂ ଲଭେତ୍ ॥
କୀର୍ତି ହୀନୋ ଲଭେତ୍କୀର୍ତିଂ ପ୍ରତିଷ୍ଠାଂଚ ଲଭେଦ୍ଧ୍ରୁବମ୍ ॥
ସର୍ବ ମଂଗଳଦଂ ସ୍ତୋତ୍ରଂ ଶୋକ ସଂତାପ ନାଶନମ୍ ।
ହର୍ଷାନଂଦକରଂ ଶାଶ୍ୱଦ୍ଧର୍ମ ମୋକ୍ଷ ସୁହୃତ୍ପ୍ରଦମ୍ ॥

ଇତି ସର୍ବ ଦେବ କୃତ ଲକ୍ଷ୍ମୀ ସ୍ତୋତ୍ରଂ ସଂପୂର୍ଣମ୍

ସଂଗ୍ରାହକ: ଅଧ୍ୟାପକ ଅବିନାଶ ବାରିକ୍
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡିଆ ଉପନ୍ୟାସ ସାହିତ୍ୟରେ ରାଜନୈତିକ ଚିତ୍ର"



ସତ୍ୟବ୍ରତ ଦାସ

ସମାଜର ରାଜନୈତିକ ଚିନ୍ତା ଚେତନା ଓ ଅସ୍ଥିରତା ବ୍ୟକ୍ତି ଜୀବନ ସହିତ ଅଙ୍ଗା ଅଙ୍ଗି ଭାବରେ ଜଡିତ ସବୁ କାଳରେ ଓ ସବୁ ସମୟରେ । ତେଣୁ ସମାଜ ଓ ଜୀବନର ବାସ୍ତବ ପ୍ରତିଛବି ବହନ କରୁଥିବା ଉପନ୍ୟାସ ଭିତରେ ଏହା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ରୂପାୟିତ ହୋଇଥାଏ । ପ୍ରତ୍ୟେକ ପରିବର୍ତ୍ତିତ ସମୟରେ ଏହା ଭିନ୍ନ ରୂପ, ଭିନ୍ନ ସ୍ୱର ନେଇ ଉପନ୍ୟାସର ଆଙ୍ଗିକ ଓ ଆତ୍ମିକ ମୂଲ୍ୟବୋଧ ପ୍ରତିଷ୍ଠା କରିଥାଏ । ଉପନ୍ୟାସର ଜନ୍ମ ସମୟରୁ ଏହା ରାଜନୈତିକ ସ୍ୱର ବହନ କରିଚାଲିଛି ।

ରାଜନୈତିକ ଉପନ୍ୟାସ ଏବଂ ରାଜନୈତିକ ଚେତନା ସମ୍ବଳିତ ଉପନ୍ୟାସ ମଧ୍ୟରେ ଅନ୍ତଃସ୍ୱର ଭିନ୍ନ ଭିନ୍ନ ରୂପରେ ଏକ ହୋଇଥିଲେ ମଧ୍ୟ ସେମାନଙ୍କ ବହିଃରୂପ ସ୍ୱତନ୍ତ୍ର । ରାଜନୈତିକ କଥାବସ୍ତୁକୁ ଆଧାର କରି ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟର ସୂଚନା ରାଜନୈତିକ ଉପନ୍ୟାସରେ ସ୍ପଷ୍ଟ ହୋଇଥାଏ । କିନ୍ତୁ ବ୍ୟକ୍ତିର ରାଜନୈତିକ ଚେତନାବୋଧ ବ୍ୟକ୍ତି ସଚେତନତା ଯେକୌଣସି ସାମାଜିକ ଉପନ୍ୟାସରେ ମଧ୍ୟ ପ୍ରକଟିତ ହୋଇଥାଏ । ଭାରତର ବିଭିନ୍ନ ପ୍ରାନ୍ତରେ ବିଭିନ୍ନ ଉପନ୍ୟାସରେ ତତ୍କାଳୀନ ସମାଜରେ ରାଜନୀତିର ସମ୍ୟକ ଚିତ୍ର ସୃଷ୍ଟି ହେଲାପରି, ଓଡିଆ ଉପନ୍ୟାସରେ ମଧ୍ୟ ରାଜନୈତିକ ଚିତ୍ରର ବିଭିନ୍ନ ସ୍ୱର, ବିଭିନ୍ନ ରୂପ ଏବଂ ବିଭିନ୍ନ ଚେତନା ମଧ୍ୟରେ ରୂପାୟିତ ହୋଇଥିବାର ମଧ୍ୟ ପରିଲକ୍ଷିତ କରାଯାଏ । ମୋଗଲ, ମରହଟ୍ଟା ଶାସନଠାରୁ ଆରମ୍ଭ କରି ଇଂରେଜ ଶାସନ

ISSN NO.
2582-208X

ଏବଂ ସ୍ୱାଧୀନତା ପରବର୍ତ୍ତୀ ରାଜନୀତିରେ ସମ୍ୟକ ଚିତ୍ର ଓଡିଆ ଉପନ୍ୟାସ ସାହିତ୍ୟରେ ମଧ୍ୟ ଫୁଟି ଉଠିଛି ।

ସ୍ୱାଧୀନତା ସଂଗ୍ରାମର ଇତିହାସ, ସ୍ୱାଧୀନତା ପ୍ରାପ୍ତି, ସ୍ୱାଧୀନତା ପରବର୍ତ୍ତୀ ରାଜନୀତିର ସ୍ୱର ଓ ସ୍ୱରୂପ କେତେ ବେଳେ ସର୍ବ ଭାରତୀୟ ରାଜନୈତିକ ଚେତନା ଭିତରେ ସାମିଲ ହୋଇଯାଇଛି ତ କେତେ ବେଳେ ପ୍ରାଦେଶିକ ରାଜନୀତିର ସ୍ୱତନ୍ତ୍ର ରୂପ ପ୍ରକାଶନରେ ସଫଳ ହୋଇଛି । ଓଡିଆ ଉପନ୍ୟାସ ସାହିତ୍ୟର ଆଦ୍ୟ ସୃଷ୍ଟି ଉମେଶଚନ୍ଦ୍ର ସରକାରଙ୍କ 'ପଦ୍ମମାଳୀ', ରାମଶଙ୍କର ରାୟଙ୍କ 'ବିବାସିନୀ', ଗୋପାଳ ବଲ୍ଲଭ ଦାସଙ୍କ 'ଭୀମାଭୂୟାଁ', ଫକୀର ମୋହନ ସେନାପତିଙ୍କ 'ଛ ମାଣ ଆଠଗୁଣ୍ଠ', 'ମାମୁଁ ', କୁନ୍ତଳାକୁମାରୀ ସାବତଙ୍କ 'ରଘୁ ଅରକ୍ଷିତ', 'ନଅତୁଣ୍ଡୀ', ଅପର୍ଣ୍ଣା ପଣ୍ଡାଙ୍କ 'କଳାବତୀ' ପ୍ରଭୃତି ଉପନ୍ୟାସ ସାମାଜିକ ଭିତ୍ତିଭୂମି ଉପରେ ପର୍ଯ୍ୟବେସିତ ହୋଇଥିଲେ ମଧ୍ୟ ତତ୍କାଳୀନ ରାଜନୈତିକ ଚିତ୍ର, ରାଜନୀତି ଜନିତ ସାମାଜିକ ତ୍ରୁଟି ବିଚ୍ୟୁତି ଆଲୋଡନ ପ୍ରଭୃତିର ସମ୍ୟକ ଉପସ୍ଥାପନା କରିବାରେ ସମର୍ଥ ହୋଇଛି । ରାଜନୈତିକ ଚେତନା ସମ୍ବଳିତ ଉପନ୍ୟାସ ଭାବରେ ଏଗୁଡିକୁ ଗ୍ରହଣ କରାଯାଇପାରେ ।

ସତ୍ୟବାଦୀ ଯୁଗର ଅନ୍ୟତମ ସାଧକ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'ଘଟାନ୍ତର', 'ଅଭାଗିନୀ', 'ଅଠର ଶହ ସତର' ଉପନ୍ୟାସ ତିନୋଟିର ମୌଳିକ ଉତ୍ସ ବିଦେଶୀ ସାହିତ୍ୟରୁ ଆହରଣ ହୋଇଥିଲେ ମଧ୍ୟ ଏହାର ରଚନା ଶୈଳୀ, ଗଳ୍ପ ପରିବେଷଣ କୌଶଳ, ସାମାଜିକ ପରିବେଶ ଓ ଚରିତ୍ରର ବାସ୍ତବତା - ଏ ଉପନ୍ୟାସ ଗୁଡ଼ିକୁ ସଂପୂର୍ଣ୍ଣ ଭାବେ ଉତ୍କଳୀୟ କରିଦେଇଛି । ଜାତୀୟବାଦୀ ଭାବଧାରା, ଇଂରେଜ ଶାସନର ଚିତ୍ର, ଉତ୍କଳର ଅତୀତ ଗୌରବ ପୃଷ୍ଠା ଉନ୍ମୋଚନ କରି ଲେଖକ ତାଙ୍କ ଉପନ୍ୟାସ ଗୁଡିକୁ ସାମାଜିକ ସ୍ତରରୁ ରାଜନୈତିକ ସ୍ତରକୁ ନେଇ ଜାତୀୟ ବେଦନାର ମାର୍ମିକ ସ୍ୱରରେ ଅନୁରଣିତ କରିଛନ୍ତି । ତାଙ୍କର 'ଅଠର ଶହ ସତର' ଉପନ୍ୟାସଟି ସଂପୂର୍ଣ୍ଣ ଭାବରେ ରାଜନୈତିକ ଭିତ୍ତିଭୂମି ଉପରେ ପର୍ଯ୍ୟବେସିତ ।

ଇଂରେଜ ମାନଙ୍କ ଓଡ଼ିଶା ଦଖଲର ମାତ୍ର ୧୩ ବର୍ଷ ପରେ ୧୮୧୭ ମସିହାର ସମଗ୍ର ଓଡ଼ିଶାର ପ୍ରଥମ ଥର ପାଇଁ ସ୍ୱାଧୀନତାର ଅଗ୍ନିଯୁଗ ସୃଷ୍ଟି କରି ଯେଉଁ ପାଇକ ବିଦ୍ରୋହ

ISSN NO.
2582-208X

ସମଗ୍ର ଭାରତରେ ଚହଳ ପକାଇଥିଲା ଏବଂ ଇଂରେଜ ଶାସକଙ୍କ ଆସନ ଟଳମଳ କରାଇ ତାଙ୍କୁ ଅସ୍ତବ୍ୟସ୍ତ କରିଦେଇଥିଲା ସେହି ଐତିହାସିକ ପାଇକ ବିଦ୍ରୋହ ହିଁ ଏହି ଉପନ୍ୟାସର ମୂଳପିଣ୍ଡ । ଖୋର୍ଦ୍ଧାରେ ପାଇକ ମାନଙ୍କର ବିଦ୍ରୋହ, ବିଦ୍ରୋହୀ ସେନାଧ୍ୟକ୍ଷ ବକ୍ସି ଜଗବନ୍ଧୁଙ୍କ ମହତ୍ୱ, ମାଣିତ୍ରୀ ଗଡ଼ ଶାସକ ମାନଙ୍କର ଅତ୍ୟାଚାର ଏବଂ ପରୋପକାରୀ ସଦାଶିବଙ୍କ ଦୀର୍ଘ ୧୮ ବର୍ଷ କାରାଗାର ଓ ମୁକ୍ତି, ଏହିପରି ଅଜସ୍ର ଘଟଣା ପ୍ରବାହରେ ଏହି ଉପନ୍ୟାସ ଋଦ୍ଧିମନ୍ତ । ଇଂରେଜ ମାନଙ୍କ ସହିତ ବିପ୍ଲବୀ ମାନଙ୍କର ସଂଗ୍ରାମ, ଦେଶର ଅତ୍ୟାଚାରୀ ଶାସକ ମାନଙ୍କ ଉପରେ ପ୍ରତିଶୋଧ, ହତ୍ୟା, ଇଂରେଜ ଶାସକ ମାନଙ୍କ ଅମାନୁଷିକ ଦମନ ଲୀଳା, ପାଇକ ବିଦ୍ରୋହର ଅବସାନ ପ୍ରଭୃତିର ବାସ୍ତବ ଚିତ୍ର ବହନ କରି ଏହି ଉପନ୍ୟାସଟି ଓଡିଆ ଉପନ୍ୟାସ ସାହିତ୍ୟ ଜଗତକୁ ସମୃଦ୍ଧ କରିପାରିଛି ।

୧୯୨୭-୨୮ ମସିହାରେ ଭାରତର ଯୁବ ସମାଜ ଜବାହରଲାଲ ନେହେରୁ ଏବଂ ସୁବାଷ ଚନ୍ଦ୍ର ବୋଷଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଜାତୀୟ ସଂଗ୍ରାମରେ ଯୋଗ ଦେବାକୁ ପ୍ରସ୍ତୁତ ହୋଇଥିଲେ । ବିଭିନ୍ନ ସଂଗଠନ ମାଧ୍ୟମରେ ଯୁବଶକ୍ତିକୁ ସ୍ୱାଧୀନତା ସଂଗ୍ରାମରେ ଏକୀଭୂତ କରାଇବାକୁ ଲକ୍ଷ୍ୟ ନେଇ ଆଗେଇ ଆସିଥିଲେ ଏହି ଦୁଇ ମହାନ୍ ବ୍ୟକ୍ତି । ସେଇ ଆହ୍ୱାନରେ ଉଦ୍‌ବୃଦ୍ଧ ହୋଇ ଲକ୍ଷ୍ମୀକାନ୍ତ ମହାପାତ୍ର ତାଙ୍କ 'କଣାମାମୁଁ' ଉପନ୍ୟାସ ମଧ୍ୟରେ ଯୁବଶକ୍ତି ସଂଗଠନ ଓ ଯୁବଶକ୍ତିର ସ୍ୱାଧୀନଚେତା ମନୋଭାବ ସୃଷ୍ଟି, ଆତ୍ମୋତ୍ସର୍ଗ ଏବଂ ପ୍ରତ୍ୟକ୍ଷ ସଂଗ୍ରାମ ପାଇଁ ଯୁବଶକ୍ତିର ପ୍ରସ୍ତୁତି ପ୍ରଭୃତିର ପ୍ରତ୍ୟକ୍ଷ ଅବତାରଣା କରିଛନ୍ତି । ପ୍ରତ୍ୟକ୍ଷ ସଂଗ୍ରାମରେ ବିଶ୍ୱାସ କରୁଥିବା କଣାମାମୁଁଙ୍କ ଉଦ୍ଦେଶ୍ୟ ଥିଲା ପୁରପଲ୍ଲୀରେ ଦେଶୋଦ୍ଧାର ପାଇଁ ସଚ୍ଚୋଟ ଯବାନ ସୃଷ୍ଟି କରିବା । ଇଂରେଜ ସରକାରଙ୍କ ଦୃଷ୍ଟିର ଅନ୍ତରାଳରେ ରହି ଛଦ୍ମ ଭାବରେ ସନ୍ତ୍ରାସବାଦୀମାନେ ଭାରତର ଅନେକ ପୁରପଲ୍ଲୀରେ ଏହିପର ଯୁବ ସଂଗଠନକୁ ପ୍ରତ୍ୟକ୍ଷ ସଂଗ୍ରାମ ପାଇଁ ପ୍ରସ୍ତୁତ କରାଉଥିଲେ । ସେହି ବିପ୍ଲବୀ ମାନଙ୍କର ମନୋଭାବକୁ ଲେଖକ କଣାମାମୁଁଙ୍କ ମୁହଁରେ ପ୍ରକାଶ କରିଛନ୍ତି - "ଏ କାମ କରିବା ପାଇଁ ସନ୍ନ୍ୟାସୀ ହେବାକୁ ପଡିବ। ଚିତା, ଚୈତନ୍ୟ, ଜଟା, ଗୋରୁଆ ନୁହେଁ - ଯାହାକୁ କହନ୍ତି ଅସଲ ତ୍ୟାଗୀ । କାମଟା ସହଜ ନୁହେଁ, ଜୀବନ ଦେବାକୁ ହେବ ଆଉ ଜୀବନ ଦେବାକୁ ହେବ"। ଭାରତର ରାଜନୈତିକ ଆନ୍ଦୋଳନର ପୃଷ୍ଠଭୂମିରେ କଣାମାମୁଁ ଉପନ୍ୟାସ ଏକ ଉଗ୍ର ରାଜନୈତିକ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ହୋଇ ସ୍ୱକୀୟ ମର୍ଯ୍ୟାଦାରେ ଦୀପ୍ତିମନ୍ତ ହୋଇ ରହିଛି ।

ISSN NO.
2582-208X

ହାସ୍ୟରସର ପରିପୂର୍ଣ୍ଣତା ଦେଇ ଗତି କରୁଥିବା ଭିତରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ ଏକମାତ୍ର ଅସଂପୂର୍ଣ୍ଣ ଉପନ୍ୟାସ 'କଣାମାମୁଁ' ହେଉଛି ଏକ ଯୁଗାନ୍ତକାରୀ ଆଲୋଡନ। ରାଜନୈତିକ ଘଟଣା ବିନ୍ୟାସରେ ଏହା ଗୁମ୍ଫିତ ହୋଇ ନ ଥିଲେ ମଧ୍ୟ ଉଗ୍ର ଜାତୀୟତାବାଦ, ଦେଶପ୍ରାଣତା ଏବଂ ସନ୍ତ୍ରାସବାଦର ସୂଚନା ହିଁ ଏହାର ଅନ୍ତଃସ୍ୱର । ସତ୍ୟ, ଅହିଂସା ମାର୍ଗରେ ଭାରତର ସ୍ୱାଧୀନତା ସଂଗ୍ରାମ ପରିଚାଳିତ ହେଉଥିଲେ ମଧ୍ୟ ବିପ୍ଳବୀ ମାନଙ୍କ ଦ୍ୱାରା ପ୍ରତ୍ୟକ୍ଷ ସଂଗ୍ରାମ ଅନେକ ସ୍ଥାନରେ ପରିଦୃଷ୍ଟ ହେଉଥିଲା । ଇଂରେଜମାନଙ୍କର ଗୁଳି ଗୋଳା, ବନ୍ଧୁକ, କମାଣ ବିରୁଦ୍ଧରେ ବିପ୍ଳବୀମାନେ ସଶସ୍ତ୍ର ମୁକ୍ତି ସଂଗ୍ରାମର ଆୟୋଜନ କରୁଥିଲେ । ଢାକା, କୁମିଲ୍ଲା, ଚଟ୍ଟଗ୍ରାମ, କଲିକତା ଓ ମେଦିନୀପୁର ବିପ୍ଳବୀମାନଙ୍କର ସଶସ୍ତ୍ର ଆକ୍ରମଣ ଇଂରେଜ ମାନଙ୍କର ସୁଦୃଢ ଭିତ୍ତିଭୂମିକୁ ଦୋହଲାଇ ଦେଇଥିଲା ।

ସବୁଜ ଗୋଷ୍ଠୀର ସ୍ୱପ୍ନ-ବିଳାସତାକୁ ପରିହାର କରି ଦେଶର ରାଜନୈତିକ ସଂକଟ ମୁହୂର୍ତ୍ତରେ କବି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଲେଖନୀ ବାସ୍ତବାଭିମୁଖୀ ହୋଇ ଉଠିଥିଲା। ପ୍ରତ୍ୟକ୍ଷ ଭାବରେ ସେ ଜାତୀୟ ମୁକ୍ତି ଆନ୍ଦୋଳନରେ ସାମିଲ ହୋଇ ନଥିଲେ ମଧ୍ୟ ଦେଶ ଓ ଜାତି ପାଇଁ ତାଙ୍କର ପ୍ରାଣରେ ଗଭୀର ଶ୍ରଦ୍ଧା ଥିଲା । ତାଙ୍କର 'ମୁକ୍ତାଗଡର କ୍ଷୁଧା' ଏବଂ 'ଅମରଚିତା' ର କଥାବସ୍ତୁ ଭାରତୀୟ ଜାତୀୟ ମୁକ୍ତି ଆନ୍ଦୋଳନର ପୂର୍ବବର୍ତ୍ତୀ ପୃଷ୍ଠଭୂମି ଉପରେ ପାର୍ଯ୍ୟବେସିତ । ୧୮୬୬ ମସିହାରେ ଘଟିଥିବା ନ'ଅଙ୍କ ଦୁର୍ଭିକ୍ଷର ପୃଷ୍ଠଭୂମିରେ ଏ ଦୁଇଟି ଉପନ୍ୟାସର ଘଟଣାବଳୀ ଗୁମ୍ଫିତ । ଏଥିରେ ଇଂରେଜ ସରକାରଙ୍କ ଅମାନୁଷିକ ରାଜନୀତି, ନୀତିହୀନତା, ଦେଶର ରାଜନୈତିକ ଅସ୍ଥିରତା, ମୂକ ଜନତାଙ୍କ ବଞ୍ଚିବା ପାଇଁ କରୁଣ ଆବେଦନ, ଆଲୋଚନ ଏବଂ ବିଦ୍ରୋହ ପ୍ରଭୃତିର ବାସ୍ତବଚିତ୍ର ଲେଖକ ପ୍ରଦାନ କରିଛନ୍ତି । ନ'ଅଙ୍କ ଦୁର୍ଭିକ୍ଷର ଅଶ୍ଳୀଳ ପୃଷ୍ଠା ଭିତରେ ତତ୍କାଳୀନ ରାଜନୈତିକ ଚିତ୍ରର ବାସ୍ତବତା ଏ ଉପନ୍ୟାସ ଦୁଇଟିକୁ ସାମାଜିକ ସ୍ତରରୁ ରାଜନୈତିକ ସ୍ତରକୁ ଉନ୍ନୀତ କରିଛି ।

୧୯୨୧ ରୁ ୧୯୩୦ ମସିହା ମଧ୍ୟରେ ସାରା ଭାରତରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଯେଉଁ ଅହିଂସା ଆନ୍ଦୋଳନ ବ୍ୟାପକ ହୋଇଉଠିଥିଲା - ତାହାରି ପ୍ରେରଣାରେ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' ଏବଂ 'ଲୁହାର ମଣିଷ' ର ଜନ୍ମ । 'ମାଟିର ମଣିଷ' ଉପନ୍ୟାସଟି ସାମାଜିକ ତଥା ପାରିବାରିକ ଘଟଣାବଳୀ ଉପରେ ଆଧାରିତ ହେଲେ ମଧ୍ୟ

ISSN NO.
2582-208X


ତଥାପି ବରଜୁ ପଧାନର ସ୍ୱଦେଶ ପ୍ରୀତି, ଜାତିପ୍ରାଣତା, ସତ୍ୟ ଓ ଆଦର୍ଶବାଦିତା, ତ୍ୟାଗ, ତିତିକ୍ଷା ଓ ଅହିଂସା ନୀତି- ତାକୁ ମହାତ୍ମା ଗାନ୍ଧୀଙ୍କ ଆଦର୍ଶର ବାର୍ତ୍ତାବହ ରୂପେ ପ୍ରତିଷ୍ଠିତ କରିଛି । ସେଇ ତ୍ୟାଗପୂତ, ସ୍ୱାଧୀନଚେତା ମାଟିର ମଣିଷ ବରଜୁ ଗାଁ ଛାଡି ହରିପୁର ଗାଁରେ ଅବସ୍ଥାନ କରୁଥିବା ସମୟରେ ସ୍ୱରାଜ୍ୟ ଆନ୍ଦୋଳନ ଭିତରେ ନିଜର ମନ, ପ୍ରାଣ, ଚିନ୍ତା ଓ ଚେତନାକୁ ହଜାଇ ଦେଇଛି । କଂଗ୍ରେସ କର୍ମୀ ଜୟକୃଷ୍ଣ ବାବୁ, ନାଥବାବୁ, ଅର୍ଜୁନବାବୁଙ୍କ ପ୍ରରୋଚନାରେ ସେ ନିଜକୁ ସାମିଲ କରିଦେଇଛି ଜାତୀୟ ଆନ୍ଦୋଳନ ଭିତରେ । ଗାଉଁଲି ମଣିଷ ବରଜୁ ପଧାନ ଅରଟରେ ସୂତା କାଟି ଖଦଡ ପିନ୍ଧିଛି । କଂଗ୍ରେସର ବାର୍ତ୍ତା ପ୍ରଚାର କରିଛି । ହରିପୁର ହାଟ କଂଗ୍ରେସ ସଭାରେ ମାଟିର ମଣିଷ ବରଜୁ ଜୀବନରେ ପ୍ରଥମ ଥର ପାଇଁ ମୁହଁ ଖୋଲିଛି ବିରାଟ ଜନତାଙ୍କ ଆଗରେ । ତା କଣ୍ଠରୁ ଝରିଆସିଛି ବଜ୍ର ଗମ୍ଭୀର ସ୍ୱାଧୀନତାର ବାଣୀ, ଜାତୀୟ ମୁକ୍ତ ସଂଗ୍ରାମ ପାଇଁ ଆହ୍ୱାନ । ଅନ୍ୟ ନେତା ମାନଙ୍କ ସହିତ ଗିରଫ ହୋଇଛି । ନିଜ ସ୍ତ୍ରୀ ହାରାବୋଉ ହାତରୁ ବୀର ସୈନିକର ଗୌରବ ଟୀକା ମଥାରେ ନେଇ ଗୌରାଙ୍ଗ ହାତରୁ କନିଅର ଫୁଲମାଳ ବେକରେ ପିନ୍ଧି ହସିହସି ଜେଲ ଯାଇଛି । ମାଟିର ମଣିଷ ବରଜୁ ପଧାନ ରୂପାନ୍ତରିତ ହୋଇଛି ଲୁହାର ମଣିଷରେ । ଲୁହାର ମଣିଷ ଉପନ୍ୟାସରେ ଅତି ସାଧାରଣ ଚରିତ୍ର ରାଜୀବ ଲେଙ୍କା , ନୁପୁରୀ , ବାରିକାଣୀ , ଗୌରାଙ୍ଗ ପ୍ରଭୃତିଙ୍କ ଭିତରେ ଯେଉଁ ଜାତୀୟ ଚେତନା ଏବଂ ରାଜନୈତିକ ସନ୍ଦେଶ ସୃଷ୍ଟି ହୋଇଛି- ତାହା ଯୁଗ - ଚେତନାର ପ୍ରତିସ୍ୱଦନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ଏକ ସଫଳ ରାଜନୈତିକ ଉପନ୍ୟାସ ଭାବରେ ଲୁହାର ମଣିଷ ସର୍ବଜନାଦୃତ ହୋଇପାରିଛି ।

୧୯୩୦ ରୁ ୧୯୪୦ ମସିହା ମଧ୍ୟରେ ଭାରତର ସ୍ୱାଧୀନତା ଆନ୍ଦୋଳନ ଏବଂ ପ୍ରଗତିବାଦୀ ଚିନ୍ତାଧାରା ସମଗ୍ର ଭାରତୀୟ ସାହିତ୍ୟକୁ ପ୍ରଭାବିତ କରିଥିଲା । ଏହି ପରିପ୍ରେକ୍ଷୀରେ ରାମ ପ୍ରସାଦ ସିଂହଙ୍କ ଉପନ୍ୟାସକୁ ବିଚାର କରାଯାଇପାରେ । ସାମ୍ୟବାଦୀ ଚିନ୍ତା ଓ ଚେତନାକୁ ଗ୍ରହଣ କରି ସେ ଏକ ନୂତନ ସମାଜର ପରିକଳ୍ପନା କରିଥିଲେ । ତାଙ୍କର 'ହୋମଶିଖା', 'ସମାପ୍ତି', 'ମରିଚିକା', 'ମରୁର ସାଥୀ', 'ଛିନମସ୍ତା' ପ୍ରଭୃତି ଉପାନ୍ୟାସର କଥାବସ୍ତୁ ଭିତରେ ପ୍ରେମ, ପ୍ରଣୟ, ପ୍ରତାରଣା, ଦେଶପ୍ରୀତି, ଗଡ଼ଜାତର ଅନ୍ଧାରୀ ଶାସନ, ଜମିଦାରଙ୍କ କ୍ରୁରତା, ବିଛିନ୍ନାଞ୍ଚଳର ଏକତ୍ରୀକରଣ ଉଦ୍ୟମ, ଅସହଯୋଗ ଆନ୍ଦୋଳନର ବାର୍ତ୍ତା, ସାମ୍ୟବାଦୀ ଭାବଧାରା, ଗାନ୍ଧୀବାଦ ଏବଂ ବୈପ୍ଳବିକ ଚେତନା ପରିସ୍ପନ୍ଦିତ ହୋଇଛି । କିନ୍ତୁ

ISSN NO.
2582-208X

ଏସବୁ ଉପନ୍ୟାସ ମାନଙ୍କରେ ରାଜନୈତିକ ପୃଷ୍ଠଭୂମି ଦୁର୍ବଳ ହୋଇ ସାମାଜିକ ପୃଷ୍ଠଭୂମି ସୁଦୃଢ ହୋଇଛି । କେବଳ ରାଜନୈତିକ ଚେତନାର ସ୍ଫୁରଣ ଘଟାଇ ଏମାନେ ସାମାଜିକ ଉପନ୍ୟାସର ସ୍ଥାନ ଅଧିକାର କରିଛନ୍ତି । କିନ୍ତୁ ତାଙ୍କର ପୂଜାରବଳୀ (୧୯୩୧) ଉପନ୍ୟାସଟି ୧୯୩୦ ମସିହାର ଲବଣ ସତ୍ୟାଗ୍ରହ ବା ଆଇନ ଅମାନ୍ୟ ଆନ୍ଦୋଳନର ପୃଷ୍ଠଭୂମି ଉପରେ ପର୍ଯ୍ୟବେସିତ। ଉତ୍କଳ ପ୍ରାଦେଶିକ କମିଟି ଦ୍ୱାରା ଗୋପବନ୍ଧୁ ଚୌଧୁରୀ ଏବଂ ଆଚାର୍ଯ୍ୟ ହରିହର ଦାସଙ୍କ ନେତୃତ୍ୱରେ ଓଡ଼ିଶାରେ ହୋଇଥିବା ଆଇନ ଅମାନ୍ୟ ଆନ୍ଦୋଳନରେ ପ୍ରଥମ ଦଫାରେ ୨୧ ଜଣ ସତ୍ୟାଗ୍ରହୀଙ୍କୁ ସାଙ୍ଗରେ ଧରି ବିପୁଳ ଉଦ୍ଦୀପନା ମଧ୍ୟରେ କଟକ ସ୍ୱରାଜ୍ୟ ଆଶ୍ରମ ଠାରୁ ବାହାରି ବାଲେଶ୍ୱର ଜିଲ୍ଲା ଇଞ୍ଚୁଡିକୁ ଯାତ୍ରା କଲେ ୧୯୩୦ ମସିହା ଏପ୍ରିଲ ମାସ ୬ ତାରିଖ ସକାଳେ ।

ମଦନ ମୋହନ ପଟ୍ଟନାୟକଙ୍କ ନେତୃତ୍ୱରେ ୨ୟ ଦଫାରେ ୨୦ଜଣ ସତ୍ୟାଗ୍ରହୀ ଏପ୍ରିଲ ୯ ତାରିଖରେ ଯାତ୍ରା କରି ଲୁଣ ମାଟି ସଂଗ୍ରହ ଏବଂ ଆଇନ ଅମାନ୍ୟ କରିବାରୁ ପୋଲିସ୍ ଦ୍ୱାରା ଗିରଫ । ଏପ୍ରିଲ ୨୦ ତାରିଖ ଦିନ ଶ୍ରୀମତୀ ରମାଦେବୀ ତାଙ୍କ କନ୍ୟା ଅନ୍ନପୂର୍ଣ୍ଣା ଦେବୀ, ମାଳତୀ ଦେବୀ ପ୍ରଭୃତି ବାଲେଶ୍ୱର ଶ୍ରୀଜଙ୍ଗ ଓ ତୁଣ୍ଡରା ଠାରେ ଗ୍ରାମର ଶହଶହ ମହିଳା ମାନଙ୍କୁ ସାଙ୍ଗରେ ନେଇ ଲବଣ ସତ୍ୟାଗ୍ରହ କରି ଆଇନ ଅମାନ୍ୟ କରିଥିଲେ । ଇଞ୍ଚୁଡିଠାରେ ହୋଇଥିବା ଏହି ଲବଣ ସତ୍ୟାଗ୍ରହ ପୃଷ୍ଠଭୂମିରେ ରଚିତ ପୂଜାରବଳି ଉତପନ୍ୟାସରେ ରାଜନୈତିକ ସତ୍ତା ସ୍ପଷ୍ଟ ଓ ଜୀବନ୍ତ । 'ଅନନ୍ତ' ର ଦେଶପ୍ରେମ ଏବଂ ଆତ୍ମୋତ୍ସର୍ଗ, 'କୁମ' ର ଦେଶପ୍ରୀତି, ସତ୍ୟାଗ୍ରହୀ ମହିଳା ଓ ଶିଶୁ ମାନଙ୍କ ଉପରେ ପୋଲିସର ଅମାନୁଷିକ ଅତ୍ୟାଚାର ଏବଂ ଅନେକ ସତ୍ୟାଗ୍ରହୀଙ୍କ ଆତ୍ମବଳିର ଅଶ୍ରୁଳ କଥା ଉପସ୍ଥାପନରେ ଏହି ଉପନ୍ୟାସ ଜୀବନ୍ତ । ଏକ ସାର୍ଥକ ରାଜନୈତିକ ଉପାନ୍ୟାସ ଭାବରେ ଏହା ରସୋତ୍ତୀର୍ଣ୍ଣ ଏବଂ ବାସ୍ତବାନୁରଂଜିତ ।

ଇଂରେଜ ଶାସନ ସମୟରେ ଗଡ଼ଜାତ ରାଜାମାନେ ଇଂରେଜ ସରକାରଙ୍କ କୃପା ଲାଭ କରି ନିରଙ୍କୁଶ ଶାସନ ଚଳାଇଥିଲେ । ମନୋମୁଖୀ କର ଧାର୍ଯ୍ୟ, ବେଠି, ମାଗଣା ପ୍ରଭୃତି ଅନ୍ୟାନ ଅତ୍ୟାଚାରର ଶରବ୍ୟ ହୋଇ ନିରୀହ ପ୍ରଜାମାନେ ଜୀବନ୍ତ- ଯନ୍ତ୍ରଣା ଭୋଗ କରୁଥିଲେ ମଧ୍ୟ ସାମୟିକ ଭାବେ ପ୍ରଜାମାନେ ରାଜଶକ୍ତି ବିରୁଦ୍ଧରେ ବିପ୍ଳବୀ ହୋଇ ଉଠୁଥିଲେ। ୧୮୬୨ - ୬୩ କେନ୍ଦୁଝର ବିଦ୍ରୋହ, ୧୯୧୮ ରୁ ୨୮ ମସିହା ମଧ୍ୟରେ ବାମଡା

ISSN NO.
2582-208X

ଗଡ଼ଜାତରେ ୪ଥର ପ୍ରଜା ବିଦ୍ରୋହ, ୧୯୧୩ ରେ ଦଶପଲ୍ଲା ବିଦ୍ରୋହ, ୧୯୧୧ ରେ ତାଳଚେର ବିଦ୍ରୋହ, ୧୯୧୭ ରେ ମୟୂରଭଞ୍ଜ ବିଦ୍ରୋହ, ୧୯୨୨ ରେ ଢେଙ୍କାନାଳ ଆନ୍ଦୋଳନ ଏବଂ ୧୯୨୮ ରେ ନୀଳଗିରି ପ୍ରଜା ଆନ୍ଦୋଳନ ରାଜଶକ୍ତି ଓ ଇଂରେଜ ସରକାର ବିରୁଦ୍ଧରେ ଯଥେଷ୍ଟ ସ୍ୱର ଉତ୍ତୋଳନ କରିଥିଲେ ମଧ୍ୟ ରାଜଶକ୍ତି ଏବଂ ଇଂରେଜମାନଙ୍କ ଦ୍ୱାରା ସେସବୁ ଦମନ କରାଯାଇଥିଲା ।

୧୯୩୮ ମସିହା ବେଳକୁ ଭଗବତୀ ଚରଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ଢେଙ୍କାନାଳ ସମେତ ଅନ୍ୟାନ୍ୟ ଗଡ଼ଜାତ ମାନଙ୍କରେ ପ୍ରଜା ଆନ୍ଦୋଳନ ବ୍ୟାପକ ହୋଇଥିଲା । ଡକ୍ଟର ହରେକୃଷ୍ଣ ମହତାବଙ୍କ 'ପ୍ରତିଭା' ଏବଂ 'ଅବ୍ୟାପାର' ଉପନ୍ୟାସ ଦୁଇଟିକୁ ସ୍ୱାଧୀନତା ପୂର୍ବବର୍ତ୍ତୀ ରାଜନୈତିକ ଉପନ୍ୟାସ ଭାବରେ ଗ୍ରହଣ କରାଯାଏ । 'ପ୍ରତିଭା' ଉପନ୍ୟାସରେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନର ଆହ୍ୱାନ ଏବଂ ଶେଷ ପର୍ଯ୍ୟାୟରେ ପ୍ରତିଭା ପ୍ରଜା ମେଳିରେ ଯୋଗଦାନ କରି ଉପନ୍ୟାସର ସ୍ୱରକୁ ରାଜନୈତିକ ଦୃଷ୍ଟି କୋଣରୁ ଆହୁରି ଦୃଢ଼ କରିଛି । ଗୋଟିଏ ପକ୍ଷରେ ସ୍ୱାଧୀନତା ଆନ୍ଦୋଳନ ଏବଂ ଅପର ପକ୍ଷରେ ରାଜଶକ୍ତିର ଅନ୍ୟାୟ ବିରୁଦ୍ଧରେ ପ୍ରଜାମେଳି - ଏ ଉଭୟ ରାଜନୈତିକ ପୃଷ୍ଠଭୂମି ଉପରେ 'ପ୍ରତିଭା' ଏକ ସାର୍ଥକ ସୃଷ୍ଟି ରୂପେ ବିବେଚିତ । ଅବ୍ୟାପାର ଉପନ୍ୟାସଟି ମଧ୍ୟ ସେହିପରି ଗଡ଼ଜାତ ରାଜାଙ୍କର ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଆନ୍ଦୋଳନ ଏବଂ ଏହି ଆନ୍ଦୋଳନକୁ ଦମନ କରିବା ପାଇଁ ରାଜଶକ୍ତି ଓ ଗୋରା ସୈନିକ ମାନଙ୍କର ବିଭତ୍ସ ଅତ୍ୟାଚାର, ଦେଶ, ଜାତି ପାଇଁ ଆତ୍ମୋତ୍ସର୍ଗ, ସ୍ୱାଧୀନତା ଆନ୍ଦୋଳନ ଏବଂ ଗାନ୍ଧିବାଦ ପ୍ରଭୃତି ଉପରେ ପର୍ଯ୍ୟବେସିତ । ଟାଉଟର ଉପନ୍ୟାସରେ ଲେଖକ ଅହିଂସା ନୀତି ଓ ଆଦର୍ଶ, କଂଗ୍ରେସର ବାର୍ତ୍ତା, ଚରଖା ଏବଂ ଦେଶପ୍ରାଣତାର ଅନେକ ବାସ୍ତବ ସ୍ୱାକ୍ଷର ସୃଷ୍ଟି କରିଛନ୍ତି । କଥାବସ୍ତୁ ସାମାଜିକ ଭିତ୍ତିଭୂମି ଉପରେ ଗଢି ଉଠିଥିଲେ ମଧ୍ୟ ଡକ୍ଟର ହରେକୃଷ୍ଣ ମହତାବଙ୍କର ପ୍ରାୟ ପ୍ରତ୍ୟେକ ଉପନ୍ୟାସରେ ରାଜନୈତିକ ସ୍ୱର ଦେଖିବାକୁ ମିଳେ ।

ନିତ୍ୟାନନ୍ଦ ମହାପାତ୍ରଙ୍କର 'ଭଙ୍ଗାହାଡ' ଓ 'ହିଡମାଟି' ଉପନ୍ୟାସ ଦ୍ୱୟ ୧୯୪୬ ମସିହାରେ ପରିକଳ୍ପିତ ହୋଇଥିଲେ ମଧ୍ୟ ୧୯୪୭-୪୮ ମସିହାରେ ଆତ୍ମପ୍ରକାଶ ଲାଭ କରିଥିଲା । ଗ୍ରାମ୍ୟ ଜୀବନର ଏକ ସାଧାରଣ ପରିବାରର ଜିବନୀ ଓ ତତ୍କାଳୀନ ସମାଜ ଭିତ୍ତିକ ଘଟଣାରେ ଉପନ୍ୟାସ ଦ୍ୱୟ ସୃଷ୍ଟି ହୋଇଥିଲେ ମଧ୍ୟ ଏଥିରେ ରାଜନୈତିକ ସ୍ୱର ପ୍ରକଟିତ।

ISSN NO.
2582-208X

ସ୍ୱାଧୀନତା ପୂର୍ବବର୍ତ୍ତୀ ରାଜନୈତିକ ଘଟଣା ଲେଖକଙ୍କୁ ଯେଉଁ ଉପାଦାନ ଯୋଗାଇ ଥିଲା - ସ୍ୱାଧୀନତା ପରବର୍ତ୍ତୀ କାଳରେ ତାହାର ରୂପ ବଦଳି ଯାଇଥିଲା । ତେଣୁ ସଂପୂର୍ଣ୍ଣ ରାଜନୈତିକ ଘଟଣାବଳୀ କିମ୍ବା ନିର୍ଦ୍ଦିଷ୍ଟ ରାଜନୈତିକ ଲକ୍ଷ୍ୟ ଏଥିରେ ବ୍ୟାହତ ହୋଇଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଉତ୍କଳୀୟ ସମାଜ ଓ ଜୀବନ ସ୍ୱାଧୀନତା ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଭାରତଛାଡ ଆନ୍ଦୋଳନ ତଥା ସାମ୍ୟବାଦୀ ବୈପ୍ଳବିକ ଚେତନା ଭିତରେ ଏ ଉପନ୍ୟାସ ଦ୍ୱୟ ଲେଖକଙ୍କ ସଂଗ୍ରାମୀ ପ୍ରାଣର ଭାଷା ପ୍ରକାଶ କରିଛି । ଏ ଉପନ୍ୟାସ ଦ୍ୱୟ ସଂପୂର୍ଣ୍ଣ ରାଜନୈତିକ ଉପନ୍ୟାସ ନ ହୋଇ ସାମାଜିକ - ରାଜନୈତିକ ଉପନ୍ୟାସ ଭାବରେ ଗ୍ରହଣ କରାଯାଏ ।

ଉପସଂହାରରେ ଏତିକି କୁହାଯାଇପାରେ ଯେ ଭାରତୀୟ ବିଭିନ୍ନ ପ୍ରାନ୍ତୀୟ ଭାଷାର ଉପନ୍ୟାସ ପରି ଓଡିଆ ଭାଷାରେ ରାଜନୈତିକ ଉପନ୍ୟାସ ସ୍ୱାଧୀନତା ପୂର୍ବରୁ ସାଂପ୍ରତିକ କାଳ ପର୍ଯ୍ୟନ୍ତ ରାଜନୀତିର ବିଭିନ୍ନ ସଂକଟ ସଂଘର୍ଷ ଏବଂ ପରିବର୍ତ୍ତିତ ରୂପ ଉପରେ ଆଧାରିତ ହୋଇ ତା'ର ସ୍ୱାତନ୍ତ୍ର୍ୟ ବଜାୟ ରଖିଛି ଏଥିରେ ତିଳେ ମାତ୍ର ସନ୍ଦେହର ଅବକାଶ ନାହିଁ ।

ଉତ୍କଳ ବିଶ୍ୱ ବିଦ୍ୟାଳୟ
ବାଣୀବିହାର, ଭୁବନେଶ୍ୱର
୭୭୫୧୯୨୬୬୦୫

ISSN NO.
2582-208X

# ବନ୍ଧୁତା



ଶୁଭେନ୍ଦୁ ମେହେର

ବନ୍ଧୁ ହୋଇ ଯଦି ବନ୍ଧୁର ସତ୍କାର
କରି ନ ପାରିଲ ଭାଇ ।
ବନ୍ଧୁ ହେବାରେ କି ସୁଖ କୁହ
ଅପଯଶ ଅର୍ଜିଥାଇ ।।

ବନ୍ଧୁ ହୋଇ ଯେବେ ବିପଦେ ତାଙ୍କର
ଠିଆ ଯଦି ହେଲ ନାହିଁ ।
ଏମିତି ବନ୍ଧୁ ଥିଲେ କେତେ ଯାଏ
ତା ଠାରୁ ନଥିଲେ ନାହିଁ ।।

ବନ୍ଧୁ ହେବ ଯଦି ସୁଦାମାଠୁ ଶିଖ
ବନ୍ଧୁତାର ମଧୁରତା।
ଖୁଦ ଭଜା ଦେଇ ମୁଗ୍ଧ କରିଲା
ଦେଇ ଭାବ ଅତ୍ମୀୟତା ।

ବନ୍ଧୁପଣ ଯେବେ କରିଲେ ସୁଗ୍ରୀବ
ବିପଦେ ସାହାଯ୍ୟ ପାଇଁ ।
ଗୁହକ ଶବର ମିତ୍ରତା କରିଣ
ବାଟ ଦେଲା ସେ ଦେଖାଇ ।।

ବନ୍ଧୁ ହେବା ଭାରି ସହଜ ହେ ବନ୍ଧୁ
ପାଳନ କରିବା କଷ୍ଟ ।
ବନ୍ଧୁ ହେବ ତ ଏମିତି ହୁଅ ହେ
ବନ୍ଧୁତା ହେବନି ନଷ୍ଟ ।।

ଯାଲେ୍‌ଏ, ସୁବର୍ଣ୍ଣପୁର

ISSN NO.
2582-208X

# ମୃତ୍ୟୁର ଆଇନା



ଶୁଭାଙ୍ଗୀ ପ୍ରିୟବାଦିନୀ

ଆଇନା ପାଶେ,

ଯେବେ ମୁଁ ମୋ ନିଜକୁ ଦେଖେ

ହଜିଯାଏ ସେହି ଭାବନା ରାଇଜରେ

ଯାହାକି ନିଛକ ସତ୍ୟ ଏ ସଂସାରେ

ସୂର୍ଯ୍ୟ ଚ଼ନ୍ଦ୍ର ଯେମିତି ଆତ ଯାତ

ଜନ୍ମ ମୃତ୍ୟୁ ସେମିତି ବାସ୍ତବତାର ସଂଯୋଗ,

ଦେଖି ସେହି ଆଇନାରେ

କେଉଁଠି ମୋ ସ୍ଥିତି ସେ ସମୟରେ,

ଅପରାହ୍ନର ସମୟ ଆସି ଆଗତ

ଆଉ କିଛିଟା ମୂହୁର୍ତ୍ତ

ଯୋଡ଼ି ହୋଇଯିବ ମୋ ଜୀବନ ଫର୍ଦ୍ଦରେ

ଅନ୍ତିମ ଯାତ୍ରାର ଶେଷ ଗାଥା ସ୍ରଷ୍ଟାଙ୍କ କଲମ ମୁନରେ

ମୃତ୍ୟୁର ଅପରାହ୍ନେ ହୋଇଥିବି ଶର୍ଯ୍ୟାଶାୟୀ

ମଥାରେ ସିନ୍ଦୂର ଆଉ ହାତେ ଶଙ୍ଖା ନାଇ ନା ବିଧବା ହୋଇ,

ନା ଥିବି ସ୍ୱାମୀର ସହବାନ୍ଧବୀ ହୋଇ,

ଆତ୍ମୀୟ ସ୍ୱଜନଙ୍କ ଆଖିରୁ ଅଶ୍ରୁ ଝରୁଥିବ

ISSN NO.
2582-208X

ଖଇ, କଉଡ଼ି, ଫଗୁ ସଙ୍ଗେ ରାମ ନାମ ସତ୍ୟ ଶୁଭୁଥିବ
ବୋହି ନେଇଯିବେ ମୋତେ କାନ୍ଧରେ
ଆଗେ ଚ଼ାଲିଥିବ ମୋ କୁଳର ପ୍ରଦୀପ ଦୁଃଖରେ
ଯୁଇରେ ମୋତେ ଶୁଆଇ ଦେବେ
ଶେଷ ଦର୍ଶନ ପାଇଁ ଭିଡ଼ ଲାଗିଥିବ
ଯୁଇ ମୋର ହୁତ ହୁତ ହୋଇ ଜଳୁଥିବ
ଦୁଇ ଚ଼ାରି ଦିନ ଅନ୍ତରାଳେ ସମସ୍ତଙ୍କ ମନୁ ପାଶୋର ଯିବ
ଏଇ ଆଇନା କେବେ ମିଛ କହେନା,
ମୃତ୍ୟୁର କଥା ଭାବୁ ଭାବୁ
ମୁଁ ହଜିଯାଇଥିଲି ଅଲଗା ଦୁନିଆ
ଜୀବନ ଚ଼ାରି ଦିନିଆ
ଶିଶୁ, କିଶୋର, ଯୁବା ଓ ବୃଦ୍ଧା
ସରିଯାଏ ଖେଳ
ସର୍ବେ ନିଜ ନିଜ ଅଭିନୟ ସାରି
ଫେରିଯିବେ ମୃତ୍ୟୁର କୋଳ ॥

ଭୁବନେଶ୍ୱର
ମୋବାଇଲ ନଂ - 7008109980

ISSN NO.
2582-208X

# ଧନୁ ଯାତ୍ରା



ସୂହାସିନ ବାରିକ୍

ଧନୁ ଯାତରା ମଧୁପୁର ଉତ୍ସବ ।
କରିଅଛି କଂସ ଭେଟିବ କେଶବ ।
କୃଷ୍ଣ ଅନ୍ତର୍ଯାମି ଜାଣନ୍ତି ସକଳ ।
ରାମ ସାଥେ ଧରି ଦେବ ଆଦିମୂଳ ।
ଧନୁ ଯାତରା ରେ ହୋଇଲେ ପ୍ରବେଶ
କୁବୁଜା ଉଦ୍ଧ ନାଶିଲେ ପୀତବାସ ।
କୁବଳୟା ଗଜ କରିଲେ ନିଧନ ।
ରଜକକୁ ପଥେ ନାସିଲେ ଶ୍ରୀକୃଷ୍ଣ ।
ଅଷ୍ଟ ମଲ୍ଲ ମାରି ଦେବ ବାସୁଦେବ ।
କଂସ ହୃଦେ ଭୟ ଭ୍ୟାଇଲେ ମାଧବ
କରି ଦରଶନ କଂସ ମଞ୍ଚା ପରୁ ।
ତଳେ ପଡି ନାଶ ହେଲା ମହା ମେରୁ ।।

ମହୁ , ଆଳ ,କେନ୍ଦ୍ରାପଡ଼ା

ISSN NO.
2582-208X

# ମୋ ଗାଁ



ସୁକାନ୍ତ ଦାସ

ଶୀତୁଆ ସକାଳ ଆଉ କଅଁଳ ଖରା
ବିଛେଇ ପଡେ ମୋର ଗାଆଁଟା ସାରା
ଡାଳ ପତରେ ରଚିଲା କିଏ ସୁନାର ଜରିକାମ ?
କି ମନୋହର ଆଉ କେତେ ସୁନ୍ଦର
ଏହି ମୋର ଗ୍ରାମ
ପୂର୍ବେ ହରିନାମ ବାବା ଅଭିରାମ ଧାମ
ପଶ୍ଚିମେ ମା ବାଟ ମଙ୍ଗଳାର ଗ୍ରାମ
ଉତରେ ଶନିଦେବ ହନୁମାନ
ଆଉ ମହାଦେବ ମନ୍ଦିର
ତିନି ଜଣ ବସିଛନ୍ତି କରି ଏକାଧାର
ଦକ୍ଷିଣେ ମୁନିବାଡିଙ୍କ ଆସ୍ଥାନ
ପ୍ରତିବର୍ଷ ମକର ସଂକ୍ରାନ୍ତିର
ହୁଏ ବିରାଟ ସମାଗମ ଆଉ ଭଜନ କୀର୍ତ୍ତନ
ଜାକ ଜମକରେ ଫାଟିପଡେ ପାଞ୍ଚ ଦିନ
ଗ୍ରାମ ଦେବତୀ ଭାବରେ ମା ବେନ୍ତାଳିର ଜୀବନ
କଳା ସଂସ୍କୃତି ପରମ୍ପରା ଆଉ
ହାଟ ପୋଖରୀର ଯଶ ଗାନ

ISSN NO.
2582-208X

ବେତ ଭଙ୍ଗା ଦୃଶ୍ୟ ଆଉ ବାଜାର ଶବଦ
ଶଙ୍ଖଧ୍ୱନି ହୁଳହୁଳିରେ ଚମକନ୍ତି ଭକତ
ଶହଶହ ଦର୍ଶକ ହୁଅନ୍ତି ଚକିତ
ବେତ କଣ୍ଟା ବୁଦା ଉପରେ ମା ବେନ୍ତାଳି ଦାସୀ
ଡରରେ ଥରହର ଦେଖି
ପିଲାଛୁଆ ଆଉ ଦର୍ଶକ ଗ୍ରାମବାସୀ
ଆଶ୍ଚର୍ଯ୍ୟ ଚକିତ ଦେଖି କହନ୍ତି କି ସାହସୀ
ଘରେଘରେ ବହୁ ଦୁରେ ତାଙ୍କ ଯଶ ଗାନ
ମୋ ଗାଁ ଅତି ସୁନ୍ଦର ଅତି ମନୋରମ
ବର୍ଣ୍ଣନା କଲାବେଳକୁ
ଟାଙ୍କୁରି ଉଠେ ମୋ ଲୋମ
ଦୁର୍ଗା ପୂଜା ଦଶହରାରେ ବାଡ଼ିଖେଳ
ଆହା କି ସୁନ୍ଦର ସେ ସମୟର ବେଳ
ଆମ ଗାଁ ଛକଛକରେ ଜନ ସମାଗମ
ରାସ୍ତାଘାଟ ହୁଏ ଭିଡ ଦିନରାତି ତମାମ
ସମସ୍ତେ କୁହନ୍ତି ଇଏ ନୁହେଁ ବର୍ତ୍ତନା ଗ୍ରାମ
ଚର୍ତ୍ତୁ ଧାମ ଅଟେ ଇଏ ଦେବଙ୍କର ଧାମ
ଭାଇଚାରାର ଗାଁ ଇଏ ଅତୁଟ ଶାନ୍ତି ଶୃଙ୍ଖଳା
କେବେ ହେଲେ ବିଶୃଙ୍ଖଳା
ବିଚାର କରନ୍ତି ବାବା ମହେଶ୍ୱର ଭୋଳା
ଦୋଷୀ ପାଏ ଦଣ୍ଡ ସାହା ହୁଅନ୍ତି ମା ମଙ୍ଗଳା
ମନ୍ଦିର ସମ୍ମୁଖେ ଦୋଷୀର ଦଣ୍ଡ ନିର୍ଦ୍ଧାରଣ
ଜରିମାନା କରି ବିଚାର କରନ୍ତି ଗାଁ ମୁଖ୍ୟା ଗଣ
ଘର ଘରକୁ ଲାଗି ପକ୍କା ରାସ୍ତା

ISSN NO.
2582-208X

ଖାଇବା ପିଇବା ଆଉ ଚାଷର ବ୍ୟବସ୍ଥା
ସବୁର ସୁବିଧା ଏଠି କହିଲେ ନ ସରେ
ବିଜୁଳି ବତୀର ସୁବିଧା ସମସ୍ତଙ୍କ ଘରେ
ଭୋର ରାତି ଚାରିଟାରୁ ହରିନାମରେ
ଫାଟି ପଡେ ମୋ ଗ୍ରାମ
ଶାନ୍ତି ଆଉ ମୈତ୍ରୀ ଏଠି ସଭିଙ୍କ ଜୀବନ
ଏଇ ଗାଁରେ ଯେତେକ ଭାଇ
ମା ଭଉଣୀ ଅଛନ୍ତି ରହି
ସବୁରି ସ୍ନେହମମତା ସେଯେ ରଖିଛି ବାନ୍ଧି ଆଜି
ସର୍ବଶେଷେ ଗାଁର ଡାକ
ଉଠେ ମୋ କାନେ ବାଜି ।

ସୁଗୃହିଣୀ, ବର୍ଦ୍ଧନା, ବାଲେଶ୍ୱର
୯୭୭୮୧୧୦୧୪୨

ISSN NO.
2582-208X

# ॥ ମହାଳୟା ॥



ଅଧ୍ୟାପିକା ରୋଜାଲିନ୍ ବାରିକ୍

"ମହାନ୍ମହାତ୍ମା ମହିତୋ ମହିମାବାନ୍ମହାବଲଃ ।
ଗଣାଃ ପଞ୍ଚ ତଥୈବୈତେ ପିତଣାଂ ପାପନାଶନାଃ ॥
ସୁଖଦୋ ଧନଦଷ୍ଟାନ୍ୟୋ ଧର୍ମଦୋନ୍ୟଷ୍ଟ ଭୂତିଦଃ ।
ପିତଣାଂ କଥ୍ୟତେ ଚୈବ ତଥା ଗଣଚତୁଷ୍ଟୟମ୍ ॥"

ପୁଣ୍ୟ ଭୂମି ଭାରତ ଦେବ ଭୂମି ପବିତ୍ର ଉତ୍କଳ । ଅଶ୍ୱିନ ମାସକୁ ଏଠି ଦୁଇଭାଗ କରାଯାଇଛି ପିତୃପକ୍ଷ ଓ ଦେବପକ୍ଷ । ଅଶ୍ୱିନ ମାସର କୃଷ୍ଣପକ୍ଷ କୁ ପିତୃପକ୍ଷ ଭାବରେ ଓ ଶୁକ୍ଳପକ୍ଷ କୁ ଦେବପକ୍ଷ ଭାବରେ ପାଳନ କରାଯାଏ । ପିତୃପକ୍ଷ ରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ତର୍ପଣ ଆଦି କରାଯାଇଥାଏ । ଏହା ହିନ୍ଦୁମାନଙ୍କ ଦ୍ୱାରା ପିତୃପୁରୁଷଙ୍କ ସନ୍ତୁଷ୍ଟି ପାଇଁ ଏକ ଶ୍ରାଦ୍ଧ କର୍ମ ଅଟେ । ମହାଳୟା ହେଲା ମହାନ ଆଳୟ । ମର୍ତ୍ତ୍ୟ ଲୋକର ବାସି ମାନେ ମର୍ତ୍ତ୍ୟ ଲୋକ ରେ ଥାଇ ପିତୃଲୋକଙ୍କୁ ଡାକିଥାନ୍ତି ଏବଂ ପିତୃଲୋକ ତାଙ୍କ ଘରେ ଆସି ପଦାର୍ପଣ କରିଥାନ୍ତି । ତାଙ୍କ ପିଣ୍ଡ କୁ ଗ୍ରହଣ କରିଥାନ୍ତି । ପୂର୍ବପୁରୁଷ ଉତ୍ତର ପୁରୁଷ ଯେଉଁଠାରେ ଏକାଠି ହୋଇଥାନ୍ତି ସେହି ଘରଟା ମହାନଆଳୟ ରେ ଭରିଯାଏ । ଅତିତ ଏବଂ ବର୍ତ୍ତମାନ ମିଶିଗଲେ ହେଉଛି ମହାଳୟା । ମହାଳୟା ଅମାବାସ୍ୟାରେ ଅନୁଷ୍ଠିତ ଶ୍ରାଦ୍ଧକୁ 'ମହାଳୟା ଶ୍ରାଦ୍ଧ', "ସାମ୍ବତ୍ସରିକ ଶ୍ରାଦ୍ଧ" ବା 'ପାର୍ବଣ ଶ୍ରାଦ୍ଧ" ବା 'ମଉଳା ଶ୍ରାଦ୍ଧ' କୁହାଯାଏ । ଏହି ପକ୍ଷର ଅମାବାସ୍ୟା "ମହାଳୟା ଅମାବାସ୍ୟା" ନାମରେ ପାଳିତ । ପିତୃଗଣଙ୍କ ଉଦ୍ଦେଶ୍ୟରେ

ISSN NO.
2582-208X

ଦାନ ଓ ଉତ୍ସର୍ଗ ଆଦି ପାଳନ କରାଯାଉଥିବାରୁ ଏହାକୁ "ପିତୃପର୍ବ" ମଧ୍ୟ କୁହାଯାଏ । ଭାଦ୍ରବ ମାସ କୃଷ୍ଣ ପକ୍ଷ ପ୍ରତିପଦା ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନକୁ ପିତୃପକ୍ଷ କୁହାଯାଏ । ଏହି ମହାଳୟାକୁ ପିତୃପକ୍ଷ ଅମାବାସ୍ୟା, ମହାଳୟା ଅମାବାସ୍ୟା, ମହାଳୟା ଶ୍ରାଦ୍ଧ, ଫୁଲେରୀ ଅମାବାସ୍ୟା, ଏବେ ଗ୍ରାମାଂଚଳମାନଙ୍କରେ ଏହାକୁ ପୋଲରୀ ଅମାବାସ୍ୟା ବୋଲି କୁହାଯାଏ । ଏହି ଦିନ ବଜ୍ରମହାକାଳୀ ବ୍ରତ ପାଳନ କରାଯାଏ । ସର୍ବୋପରୀ ମହାଳୟା ଅମାବାସ୍ୟା । ପିତୃପକ୍ଷର ପରିସମାପ୍ତି । ଭାଦ୍ରବ ପୂର୍ଣ୍ଣମୀ ସରିଗଲା ପରେ ଆଶ୍ୱିନ କୃଷ୍ଣ ପ୍ରତିପଦାଠାରୁ ଆଶ୍ୱ୍ନ ଅମାବାସ୍ୟା ପର୍ଯ୍ୟନ୍ତ ପିତୃପକ୍ଷ ରୂପରେ ଗଣନା କରାଯାଏ । ଏହି ପକ୍ଷରେ ଶ୍ରାଦ୍ଧାଦି କର୍ମ ସମସ୍ତ ଓଡିଆମାନେ ନିଜ ଘରେ ଘରେ ଏବଂ ମନ୍ଦିରମାନଙ୍କରେ, ବିଶେଷ କରି ଶ୍ରୀମନ୍ଦିରର ବାଇଶି ପାହାଚରେ ଏହାକୁ ପାଳନ କରିଥାନ୍ତି । ପିତୃପିତାମହଙ୍କ ଉଦ୍ଦେଶ୍ୟରେ ଏହି କାର୍ଯ୍ୟ କରାଯାଏ । ଶ୍ରଦ୍ଧାରୁ ହୋଇଛି ଶ୍ରାଦ୍ଧ । ଯେତେବେଳେ ମର୍ତ୍ତ୍ୟଲୋକରେ ୧ ବର୍ଷ ହୁଏ, ସେତେବେଳେ ପିତୃ ଲୋକମାନଙ୍କର ଗୋଟିଏ ଦିନ ହୋଇଥାଏ । ଆମେ ଏଠି ପ୍ରତିବର୍ଷ ଶ୍ରାଦ୍ଧ ଦେଲେ ସେମାନେ ସେଠି ନିତ୍ୟ ଭୋଜନ କରିବେ । ସେଥିପାଇଁ ଯେଉଁ ତିଥିରେ ଆମ ପିତୃଲୋକ ଦେହତ୍ୟାଗ କରିଥାନ୍ତି, ଆମେ ସେହି ତିଥିରେ ସେମାନଙ୍କ ପାଇଁ ଶ୍ରାଦ୍ଧାଦି କର୍ମ କରିବା ଉଚିତ । ସେଥିପାଇଁ ଆମେ ଯଦି ସେମାନଙ୍କୁ ଏହିଦିନ ଭୋଜନ ଅର୍ପଣ ନ କରିଥାଉ, ସେମାନେ ଉପବାସ ରହିଥାନ୍ତି । ସେହି କାରଣରୁ ବର୍ଷକୁ ଗୋଟିଏ ଦିନ ଆମେ ଶ୍ରାଦ୍ଧ ଦେଇଥାଉ ।

ପୁରାଣ ଉକ୍ତି ଆନୁଯାଇ ଅଶ୍ୱିନ ମାସ କୃଷ୍ଣପକ୍ଷରେ ଯମରାଜା ପିତୃଲୋକ ବାସିଙ୍କୁ ମର୍ତ୍ତ୍ୟ ଲୋକରେ ବିଚରଣ କରିବା ଲାଗି ଅନୁମତି ପ୍ରଦାନ କରିଥାନ୍ତି। ଏହି ସମୟ ମଧ୍ୟରେ ପିତୃପୁରୁଷ ମାନେ ମର୍ତ୍ତ୍ୟ ଲୋକକୁ ଅବତରଣ ପୂର୍ବକ ନିଜ ସ୍ଥାନ ଦର୍ଶନ କରିବା ସହିତ ସନ୍ତାନ ସନ୍ତନ୍ତୀ ମାନଙ୍କୁ ଭାରି ଆନନ୍ଦ ପ୍ରଦାନ କରିବା ସହିତ ଆମୋଦ ପ୍ରମୋଦ ଭି କରିଥାନ୍ତି । ଦୂର୍ଗତନାଶିନୀ ମା'ଦୂର୍ଗା ମଧ୍ୟ ଏହି ମହାଳୟା ତିଥିରେ ଆବିର୍ଭୂତ ହୋଇଥିଲେ ଦେବତାଙ୍କ ଦୁଃଖ ଦୂରକରିବା ଲାଗି । ହେ ମା'ମହାମାୟୀ ସଂସାରର ମଙ୍ଗଳାର୍ଥେ ଧରାପୃଷ୍ଠରେ ଅବତରଣ କରିବାହେଉ ମା' । ଏଣୁ ଏହି ଦିନଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ISSN NO.
2582-208X

ଓଁ ନମୋ ବଃ ପିତରୋ ରସାୟ ନମୋ ବଃ ପିତରଃ ଶୋଷାୟ ନମୋ ବଃ ପିତରୋ ଜୀବାୟ ନମୋ ବଃ ପିତରଃ ସ୍ୱଧାୟୈ ନମୋ ବଃ ପିତରୋ ଘୋରାୟ ନମୋ ବଃ ପିତରୋ ମନ୍ୟବେ ନମୋ ବଃ ପିତରଃ ପିତରୋ ନମୋ ବୋ ଗୃହାନ୍ନଃ ପିତରୋ ଦତ୍ତ ସତୋ ବଃ ଦେଷ୍ମୈତଦ୍ୱଃ ପିତରୋ ବାସ ଆଧତ୍ତ ।

ସଂଗ୍ରାହିକା: ଅଧ୍ୟାପିକା ଗ୍ରେଜାଲିନ୍ ବାରିକ୍
ମହୁ, ଆଳି, କେନ୍ଦ୍ରାପଡା

ISSN NO.
2582-208X

# ବସନ୍ତ



ପ୍ରତିଭା ଦାସ

ଫଗୁଣର ଝର୍ ସେଜରେ
ଦେଖ ବସନ୍ତ ଆସୁଛି
ଆମ୍ବ ବଉଳର ମହକରେ
ମହକ ଯାଉଛି ସାରା ଜଗତ,
ହେନା, ମଲ୍ଲି, ରଜନୀଗନ୍ଧାର
ସୁବାସରେ ସୁବାସିତ
କେତେ ଯେ ଜୀବନ,
କୋଇଲି ର ମିଠା ସୁର ଶୁଣି
ଭରି ଉଠୁଛି ମନ ପ୍ରାଣ...

ଚଗଲ୍ ଫଗୁଣର ପରଶ ଲାଗି
ରାସ୍ତା କଡ଼ରେ ଥିବା ପଳାଶ ଗଛଟି
ନାଲି ଓଢ଼ଣୀ ଟାଣି କନିଆଁ ସାଜିଛି
ପ୍ରିୟତମ ଆସିବ ବୋଲି !

ISSN NO.
2582-208X

ଆଜି ନୀଳ ଆକାଶ
ସାତ ରଙ୍ଗର ଅବିର ବୋଳ
ରଙ୍ଗବତୀ ସାଜିଛି
ଫୁଲ ଫୁଟୁ କି ନ'ଫୁଟୁ
ପାହାଡ଼ ଛାତିକୁ ଛୁଇଁ
ଅମାନିଆ ଫଗୁଣ ହସୁଛି
ବର୍ଷା ଆସୁ କି ନ'ଆସୁ
ମେଘର ଗୁଞ୍ଜନ ଶୁଭୁଛ...!

ବିଶ୍ୱନାଥ ଗ୍ୱରିଆଲି
ଆସାମ

ISSN NO.
2582-208X

# ସରିନାହିଁ ମୋର



ବିଜୟ କୁମାର ସାହୁ

ସରିନାହିଁ ମୋର କୃତକର୍ମ ଫଳ
ସେଥିପାଇଁ ନେଉନାହିଁ
କେତେ ଆଶା ଥିଲା ମନରେ ମୋହର
ପାଇବି ବୋଲି ଦର୍ଶନ
ହେ ରାମ ! ହେ ଅଭିରାମ !
ପାଇବି ବୋଲି ଦର୍ଶନ ॥ ୧
କରୋନା ରାକ୍ଷସ ଗୋଟି ଗୋଟି କରି
ଖାଉଅଛି କେତେ ମଣିଷ
ମୋତେ ବି ରାକ୍ଷସ ଖାଉଥିଲା ବସି
ତୁମେ କଆଁ ରଖିଦେଲ
ହେ ରାମ ! ହେ ଅଭିରାମ !
ତୁମେ କଆଁ ରଖିଦେଲ ॥ ୨
ଉତ୍ତର ବୟସେ ଲୋଡାନଥିଲା ମୋ
ପାଇବାକୁ ଅଭିଳାଷ
ସାଂସାରିକ ସ୍ୱାଦ ଲୋଡାନାହିଁ ଆଉ
ଲୋଡାଥିଲା ତୁମ ଦର୍ଶନ
ହେ ରାମ ! ହେ ଅଭିରାମ !
ଲୋଡାଥିଲା ତୁମ ଦର୍ଶନ ॥ ୩

ISSN NO.
2582-208X

ପୁତ୍ର କନ୍ୟା ପୁଣି ସଖା ସହୋଦର
ଆବର ଧର୍ମପତ୍ନୀ
ପୁତ୍ରବଧୂ ଆଦି ମୋର ସମ୍ପର୍କୀୟ
ଥିଲେ ଯେତେ ଘେରିକରି
କରୋନା ରାକ୍ଷସ ଠାରୁ ପରାଭବ
କାଳେ ପାଇଯିବେ ବୋଲି
ପାଖକୁ ନ ଆସି ଦୂରେ ଦେଉଥିଲେ
ଭୋଜନ ମୋତେ ପରସି
ହେ ରାମ ! ହେ ଅଭିରାମ !
ଭୋଜନ ମୋତେ ପରସି ॥ ୪
ତୃତୀୟ ଲହରୀ କରୋନାରେ ପ୍ରଭୁ
ସରିବକ ମୋ ଆୟୁଷ
ସେଥିପାଇଁ ରାମ ରଖିଦେଲ ମୋତେ
ପାଇବିକ ତୁମ ପରଶ
ହେ ରାମ ! ହେ ଅଭିରାମ !
ପାଇବିକ ତୁମ ପରଶ ॥ ୫
ମୋତେ ଯାହା ଦଣ୍ଡ ମିଳୁ ପଛେ ରାମ
କରଛଡା କରିବନ
ଏ ଦାସ ବିଜୟ କୃତାଞ୍ଜଳୀ ପୁଟେ
ଚରଣ ଆଶ୍ରା କରିଛି
ହେ ରାମ ! ହେ ଅଭିରାମ !
ଚରଣ ଆଶ୍ରା କରିଛି ॥ ୬

******

ବିଜିଗୋଳ, ଏନ ଟି ପି ସି, ଅନୁଗୋଳ
ମୋ - ୮୭୭୩୧୪୮୭୨୩

ISSN NO.
2582-208X

# ତୁମ ପ୍ରେମ



ଅଲେଖ ମେହେର

କେବେ ତୁମ ପ୍ରେମ  ତପ୍ତ ମରୁଶଯ୍ୟା
   କେବେ ପୁଣି  ଭର୍ା ନଈ,
ଭୁଲିବାକୁ ଗ୍ଚହିଁ  ହୃଦୟ କନ୍ଦରୁ
   ଭୁଲିକେବେ ହୁଏ ନାହିଁ ।

ଜହ୍ନକୁ  ଦେଖିଲେ  ଉକୁଟଇ ତୁମ
   ପ୍ରୀତି ଜର୍ଜରୀତ ଛବି,
କମିଆଁ କରିଛ  ମନକୁ ମୋହର
   ଅହୋରାତ୍ର ବସେ ଭାବି ।

ତୁମଛୁଆଁ ଦିଏ  ଅପୂର୍ବ ପୁଲକ
   ଲଗାଇ ମହୁଲି ନଶା,
ଚନ୍ଦ୍ରକୁ ଚକୋର  ଜଳଦେ ଗ୍ଚତକ
   ପୀରତି ମଦିର୍ା ଖୋସା ।

ନଶୀଗନ୍ଧା ତୁମେ  ପ୍ରସୂନ ଗୋଲାପ
   ବସ୍ତ୍ର ଦେଶର ସ୍ପନ୍ଦନ,
ତୁମେ ପାଶେ ଥିଲେ  ମହକେ ଅଗଣା
   ସୁବାଷ ଚୂଆ ଚନ୍ଦନ ।

ISSN NO.
2582-208X

ପ୍ରେମର ନଭରେ କୂଆଁତାର୍ ତୁମେ
ମୁଁ ମାଟିର କଳାକାର,
କୁସୁମାକରର ବସନ୍ତଦୂତକୁ
ଜିଣି ତୁମ ମଧୁସ୍ବର ।

ଅଭିମାନ ତୁମ କାଳ ବଇଶାଖି
ଯେବେ ଆସେ ମୋ ଇଲ୍‌କା,
ଉଠଇ ପଡଇ ସବୁଜ ଧରଣୀ
ଚତ୍ତରେ ପଶେ ଛନକା ।

ହସିଦେଲେ ତୁମେ ଫୁଟଇ କମଳ
ଭ୍ରମର ବଜାଏ ବୀଣା,
ସାତ ସମୁଦ୍ରରୁ ଗଭୀର ତୋ'ଆଖି
କୁରଙ୍ଗୀ ଠାରୁ ବି ଜିଣା ।

ବରପଦର
ଗୋବିନ୍ଦପୁର ବରଗଡ଼
ମୋ-୬୩୭୦୨୨୦୫୫୯

ISSN NO.
2582-208X

# ବାପା....
# ଏକ ବ୍ୟକ୍ତିତ୍ୱ ର ବୈଶିଷ୍ଟ୍ୟ



ମାନସ ରଞ୍ଜନ ନାୟକ

କିଛି ପ୍ରାରବ୍ଧ ପୁଣି କିଛି ପ୍ରଲୁବ୍ଧକୁ ନେଇ ମଲାଟ ମଡାହୁଏ ବିଭୁଦତ୍ତ ଜୀବନ ପୁସ୍ତିକାରେ କିଛି ସ୍ୱକୀୟ ସ୍ୱାକ୍ଷର ପୁଣି କିଛି ଆଲୋଡିତ ପରକୀୟା ପ୍ରଭାବ, ରଙ୍ଗତୋଳେ ପ୍ରତିଟି ପୃଷ୍ଠାରେ ।

ସମୟ ସହ ତାଳଦେଇ ବାହୁଥାଏ ଜୀବନର ଉଜାଣି ସୁଅ ଅନୁଭବ, ଅନୁରକ୍ତିର କାତ ଧରିସଂଘର୍ଷ ସହନଶୀଳତାର ମୁହାଣରେ, ମୁକ୍ତାସମ କିଛି ସମ୍ପର୍କର ମହାର୍ଘ୍ୟ ଉପଲବ୍ଧି ପରି ।

ଜନନୀ ଜଠରୁ ବାହାରି ଆତ୍ମୀୟତାର ଆଲୋକ ସ୍ୱର୍ଶ ପରେ, ପହଁରିଚାଲେ ସେ ନୂତନ ପରିଧି ଫି ଦିନ ଜିତେ ନୂଆ କିଛି ସମ୍ବନ୍ଧ, ରହେ କିଛି ଏକାନ୍ତ ନିଜସ୍ୱ, ନିଅଣ୍ଟ ପଡେ ଅଳୀକ ଅବଧି ।

ପରଖିବାର ପୋଖତ ନଜରରେ ହାରିଯାଏ ବାପାଙ୍କ ପରି କିଛି ସମ୍ପର୍କର କାଉଁରୀ ମନ୍ତ୍ରରେ ଈଶ୍ୱରୀୟ ଆଲୋଡନ ମୁହୂର୍ମୂହୁଃ ଶୁଭୁଥାଏ ତାଙ୍କ ଉଚ୍ଚାରିତ ପ୍ରତିଟି ଅମୃତ ଶବ୍ଦରେ।

କ୍ଷଣିକେ ବଦଳୁଥାଏ ବହୁରୂପୀ ଦୁନିଆ, ପୁଣି କପୋଳକଳ୍ପିତ ଆଶ୍ୱାସନା ର ସ୍ୱର୍ଣ୍ଣାଭ ପାହାଡ କାଣିଚାଏ ବଦଳେନି ବାପାଙ୍କ ଦୃଷ୍ଟିଭଙ୍ଗୀ, ଅସୀମ ପାରିବାପଣେ ପରିବାରକୁ ଶକ୍ତ ଉହାଡ।

ISSN NO.
2582-208X

ରକ୍ତ ମାଂସର ଅବୟବରେ ବି ସମୁଜ୍ଜ୍ୱଳ ତାଙ୍କ ମାନବୀୟ ସଂକଳ୍ପ, ସମର୍ପଣ ଓ ସମ୍ବେଦନା ନିରୁତା ଆତ୍ମବିଶ୍ୱାସ ଆଗରେ ତୁଚ୍ଛ ସାଜୁଥାଏ, ତମାମ ସ୍ୱାର୍ଥାନ୍ୱେଷୀ ପୁଳା ପୁଳା ସମବେଦନା ।

ଦୃଢ ଅନୁଶାସନ ର ଶକ୍ତ ଆବରଣ ତଳେ ସ୍ପନ୍ଦିତ ଏକ ସୂକ୍ଷ୍ମ ଦରଦୀ ସ୍ନେହାସିକ୍ତ ହୃଦୟ ତ୍ୟାଗ ତିତିକ୍ଷାର ଅୟୁତ ଅଗ୍ନି ପରୀକ୍ଷାରେ ଯୁଗୋତ୍ତୀର୍ଣ୍ଣ ସେ ଅଦ୍ୱିତୀୟ, ଅଜୟ, ସ୍ୱୟଂଭୂ, ଅସ୍ତେୟ ।

ମଞ୍ଜୁରୀ ରୋଡ୍, ଭଦ୍ରକ-୭୫୬୧୨୧
ସମ୍ପର୍କ- ୯୮୯୦୮୫୧୪୨୭

ISSN NO.
2582-208X

# ମାନସୀ ମନ

ବିନୟାନନ୍ଦ ବସ୍ତ୍ରସ୍ୟ

ମାନସୀ ହୃଦରେ ମାନ ଭରିଅଛି
ଉଦାସୀ ଉଆଁସୀ ମନ,
ଜୋଛନା ହରା ତା ଆକାଶ ମାନସ
ପଟଳେ ମାନିନୀ ଜହ୍ନ,
ଚାନ୍ଦିନୀ କୁହୁଡି ଘେରା,
ଅସ୍ପଷ୍ଟ ଅସ୍ପୃଶ୍ୟ କ୍ଷଣପ୍ରଭା ପ୍ରାୟ
ଲାଗେ ମିଛ ମାୟା ଭରା ।

ଜୀବନର ଭଗ୍ନ ବୀଣା ଛିନ୍ନ ତାରେ
ସୁର ଯାଏ ହଜି ହଜି,
ମାନସୀ ନୀରବ ଛନ୍ଦାୟିତ ସୁର
ତାଳ ସ୍ମୃତି ଭିଜା ଭିଜି,
ଖୋଜେ ସେ ମହାର୍ଘ୍ୟବେଳ,
ଜୀବନ ନାଟକେ ଯବନିକା ଟାଣେ
ବୁଡ଼ିଆସିଲାଣି ବେଳ ।

ISSN NO.
2582-208X

ପ୍ରୀତି ସ୍ନେହ ଭରା   ସଂଳାପ ଅସ୍ପଷ୍ଟ
    ପ୍ରଚ୍ଛଦ ସଙ୍ଗୀତ କ୍ଷୀଣ,
ଘୂମନ୍ତ ଦର୍ଶକ    ମସ୍ତକ ଭୂଲଗ୍ନ
    ମରିଯାଏ ସିନା ମନ,
    ଅଭିନୟ ଅସରନ୍ତି,
ତଥାପି ମଞ୍ଚରେ    ରଙ୍ଗୀନ ଆଲୋକ
    ଆଖି ମିଟିକା ମାରନ୍ତି।

ନଆଳ, ଖୋର୍ଦ୍ଧା

ISSN NO.
2582-208X

# ଗୋଟିଏ ସନ୍ଧ୍ୟା: ଜରଓ୍ୱାଙ୍କ ଗହଣରେ

ପ୍ରିୟବ୍ରତ ପାତ୍ର

ଏହି ସମୟରେ ଗାଡି ପହଞ୍ଚିଲା ଗୋଟିଏ ଜେଟି ପାଖରେ । ଭେସେଲ୍ ଆସିଲେ ସେଥିରେ ବସ୍ ଟି ଆର ପାଖ ଦ୍ୱୀପକୁ ଯିବ ଏବଂ ପୁଣି ରୋଡ୍ ରାସ୍ତାରେ ବସ୍ ଚାଲିବ । ପାଖରେ ଥିବା ଏକମାତ୍ର ଚା ଦୋକାନରେ ସମସ୍ତେ ଭିଡ ଜମେଇ ଦେଲେ । ଏହିଠାରୁ ଆର୍ମ୍ଭ ହୋଇଯିବ ସଂରକ୍ଷିତ ଜଙ୍ଗଲ । ମନରେ ଅସୁମାରୀ ଉକ୍ଣ୍ଠା କିଛି ଗୋଟାଏ ମନେ ରଖିଲା ଭଳି ଖବର ଘଟିଯିବକି? ଅଧିକ ଖବର ସଂଗ୍ରହ ଆଶାରେ ଚା ଦୋକାନ ପାଖ ଭିଡରେ ମୁଁ ମଧ୍ୟ ଯୋଗ ଦେଲି । ଜଣେ ବୃଦ୍ଧ ବର୍ଣ୍ଣନା କରୁଥିଲେ ତାଙ୍କର ଶୈଶବ କାଳରେ କିପରି ଥରେ ସେ ବନ୍ଧା ହୋଇ ତିରୁର୍ ର ଜରଓ୍ୱା ମହିଳାଙ୍କ ହସ୍ତକ୍ଷେପ ଫଳରେ ତାଙ୍କୁ ଅକ୍ଷତ ଅବସ୍ଥାରେ ଛାଡି ଦିଆଗଲା । ଘନ ଜଙ୍ଗଲରେ ବାଟବଣା ହୋଇ ଏକୁଟିଆ ଫେରୁ ଫେରୁ ବାଟରେ ଆଉ ଦଳେ ଜରଓ୍ୱା ଗଛ ଡାଳରେ ବସି ଗୋଡ ଦୁଇଟି ତଳକୁ ଓହଳାଇ ବ୍ରହ୍ମ ରାକ୍ଷସଙ୍କ ପରି ଚାହୁଁଥିଲେ, ବୋଧେ କୌଣସି ଅଲଂଘନୀୟ ତାଗିଦ୍ ଯୋଗୁଁ ଛୁଇଁବାକୁ ସାହସ ମଧ୍ୟ କରୁ ନଥିଲେ । ପରେ ଅବଶ୍ୟ ସେ ଅନୁମାନ କରି ନେଇଥିଲେ ଯେ ସେହି ତ୍ରାଣକାରୀ ମହିଳା ଜଣଙ୍କ ତାଙ୍କରେ ଦଳପତି ଥିଲା, ତେଣୁ ତାଙ୍କରି ନିର୍ଦ୍ଦେଶ ଅଲଂଘନୀୟ ଥିଲା । ଗାଡିର ବୁଢା ଡ୍ରାଇଭର ମଧ୍ୟ ଚା ଦୋକାନ ପାଖରେ ଠିଆ ହୋଇଥିଲେ । ଦ୍ରୁତ ଗତିରେ ଘୁଷୁରୀ, କୁଟୁରାଙ୍କ ପିଛା କରୁଥିବା ଜରଓ୍ୱାମାନେ ବେଳେବେଳେ ଚକାତଳେ ପଡିଯାଇଛନ୍ତି, କିଛି ଚଳନ୍ତା ଗାଡିରୁ ଲମ୍ଫ ଦେଇ ପଙ୍ଗୁ ମଧ୍ୟ ହୋଇଯାଇଛନ୍ତି । ସତ କହିବାକୁ ଗଲେ, ସେମାନେ ଗାଡିକୁ ଏକ ନିର୍ଜିବ ବସ୍ତୁ ବୋଲି ନ ଭାବି ଏକ ଗୋଲିଆ ପାଦରେ କ୍ଷିପ୍ର ଗତିରେ ଶବ୍ଦ କରି ଚାଲିଯାଉଥିବା ଜୀବନ୍ତ ପଶୁ ବୋଲି ଭାବନ୍ତି । ତେଣୁ କାହାକୁ ଆଘାତ ଲାଗିଲେ ସମବେତ ହୋଇ ଗାଡି ଉପରକୁ ଶରବୃଷ୍ଟି କରନ୍ତି ଓ ଢେଲା

ISSN NO.
2582-208X

ପଥର ଫୋପାଡନ୍ତି । ସେଇ ଡ୍ରାଇଭରଙ୍କ ବର୍ଣ୍ଣନା ଅନୁଯାୟୀ – ଥରେ ଜଣେ କବି ପ୍ରକୃତିର ଯାତ୍ରୀ ମନା ଥିବା ସତ୍ତ୍ୱେ ଝରକା ପଦାକୁ ମୁଣ୍ଡଟି କାଢି ପ୍ରକୃତି ଦର୍ଶନରେ ମଜ୍ଜି ଯାଇଥିଲେ । ତାଙ୍କ ପାଖରେ ବସିଥିବା ଅନ୍ୟ ଜଣେ ଯାତ୍ରୀ ନିଦରେ ଶୋଇ ଯାଇଥିଲେ ଏବଂ ନିଦ ଭାଙ୍ଗିଲା ପରେ "ସମୟ କେତେ ହେଲା ବୋଲି କବିଙ୍କୁ ପଚାରିଥିଲେ । କିନ୍ତୁ କବିଙ୍କ ସମୟ ସବୁଦିନ ପାଇଁ ସରି ଯାଇଥିଲା । ଅର୍ଥାତ୍ କାହିଁ କେତେବେଳୁ ଗୋଟିଏ ବିଷାକ୍ତ ଶର ତାଙ୍କ ତଣ୍ଟିରେ ଲାଗିଥିଲା ଏବଂ ରକ୍ତ ଝରି ଝରି ସାରା ଶରୀର କେବେଠୁ ଝରକାକୁ ଆଉଜି କରିଥିଲା । ଅତୀତରେ କୁଆଡେ ପ୍ରତିଦିନ ଗାଡି ଉପରକୁ ଶର ନିକ୍ଷେପ ଚାଲୁଥିଲା । ସମୁଦ୍ର ଆଡେ ମୁହଁ କରି ଚା ସୋଡକୁ ଥିବା ଆଉ ଜଣେ ଯାତ୍ରୀ ଅଳ୍ପ ଦିନ ତଳେ ନିଜ ଆଖି ଦେଖା ଘଟଣାକୁ ବର୍ଣ୍ଣନା କରୁଥିଲେ । ହଠାତ୍ ଆମ ଗାଡି, ରାସ୍ତା ପାର ହେଉଥିବା ଅଜଗର ଜାତିଆ ସାପର ଲାଞ୍ଜ ଉପରେ ଚଢିଗଲା । କ୍ରୃଦ୍ଧ ଓ ଆହତ ସାପ ମୁଣ୍ଡ ଟେକି ପ୍ରତିକ୍ରିୟା ଜଣେଇବା ବେଳକୁ ଗାଡି ଖଣ୍ଡେ ବାଟ ଆଗକୁ ଯାଇ ଅଟକି ଗଲା । କାହୁଁ ଆସିଗଲେ ଅଧଡଜନେ ଜରଓ୍ୱା ଶିକାରୀ । ସାପର କିଏ ମୁହଁକୁ ଭିଡି ଧରିଲା ତ କିଏ ଲାଞ୍ଜ ଓ ପେଟକୁ । ନିଜର ତୀକ୍ଷଣ ନଖ ଓ ଦାନ୍ତରେ ସାପଟିକୁ  ଫଡା କରିଦେଲେ ଯେ ସାବଳା ଶୁଖୁଆ ପ୍ରାୟେ ସାପଟି ଦୁଇ ଫଡା ହୋଇଗଲା । ରକ୍ତ ସାଲୁବାଲୁ ଅବସ୍ଥାରେ ସମସ୍ତେ ସାପର ଖଣ୍ଡିତ ଅଂଶକୁ ଧରି ଜଙ୍ଗଲ ଭିତରେ ମିଶିଗଲେ, କଞ୍ଚା ଖାଇଲେ କି ପୋଡା ଖାଇଲେ ତାଙ୍କୁ ଜଣା । କିନ୍ତୁ କାମଟି ଏତେ ଶୀଘ୍ର ସରିଗଲା ଯେ, ଜଣେ ପୋଖତ ମାଛକଟାଳି ବି ଭାକୁର ମାଛଟିଏ ଏତିକି ସମୟରେ କାଟିକୁଟି ପାରିବ ନାହିଁ । କଞ୍ଚା ଓ ଦରପୋଡା ମାଂସ, ବିଷାକ୍ତ ଫଳମୂଳ ଓ ଛତୁ ଖାଇବାରେ ଜରଓ୍ୱାଙ୍କ କୌଣସି ଅସୁବିଧା ହୁଏ ନାହିଁ, କାରଣ ଦେହରେ ସେସବୁକୁ ହଜମ କରିବା ପାଇଁ ଯଥେଷ୍ଟ ରସାୟନ ଝରିଥାଏ ।

ଆଣ୍ଡାମାନର ଅନ୍ୟତମ ଆକର୍ଷଣ ହେଲା ଜରଓ୍ୱା ଜନଜାତି । ସେମାନଙ୍କ ପାଇଁ ସଂରକ୍ଷିତ ଜଙ୍ଗଲ ହେଉଛି ୬୭୫ ବର୍ଗ କିଲୋମିଟର । ତା ଭିତରେ ଦେଇ ଯାଇଥିବା ଗ୍ରାଣ୍ଡ ଟ୍ରାଙ୍କ ରୋଡରେ ଦ୍ୱି ଚକିଆ ଯାନ ଓ ପଦ ବ୍ରଜରେ ଯିବା ମନା । ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ

ISSN NO.
2582-208X

ସମୟରେ ଏକଯୁଟ ହୋଇଥିବା ବସ୍ ବା ବେସରକାରୀ ଛାତବାଲା ଗାଡି ସବୁ ସୁରକ୍ଷାକର୍ମୀଙ୍କ ବଳୟ ଭିତରେ, ସଶସ୍ତ୍ର କର୍ମୀଙ୍କ ଗହଣରେ ଚାଲିଥାଏ । ବାଟରେ ଜରଓ୍ୱାଙ୍କୁ ଦେଖିଲେ ସେମାନଙ୍କୁ ବିରକ୍ତ ନକରିବା, ସେମାନଙ୍କ ଜୀବିକା ଜୀବନରେ ହସ୍ତକ୍ଷେପ ନକରିବା, ସେମାନଙ୍କୁ ଚକୋଲେଟ୍, ବିସ୍କୁଟ୍, ପାଉରୁଟି, ବାରମଜା ପରି ଅପ୍ରାକୃତିକ ଖାଦ୍ୟ ନ ଦେବାକୁ କଡା ନିର୍ଦ୍ଦେଶ ଲେଖାଯାଇଥାଏ । ଆଜିକାଲି ଏହି ରୋଡ କଡକୁ ଗୋଟିଏ ଦୁଇଟି ପରିବାର ଉଠି ଆସିଛନ୍ତି, କିନ୍ତୁ ବହୁଳାଂଶ ରହନ୍ତି ରାସ୍ତା ଠୁ ବହୁ ଦୂରରେ । ବିଶିଷ୍ଟ ବିଶାରଦଙ୍କ ମତରେ ଗ୍ରାଣ୍ଡ ଟ୍ରାଙ୍କ ରୋଡ୍ ଦ୍ୱାରା ସେମାନଙ୍କ ଚଳଣି ଓ ସଂସ୍କୃତି ଧ୍ୱଂସ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇବା ପରେ ଦୀର୍ଘ ଦିନ ପାଇଁ ଏହା ବନ୍ଦ କରିଦିଆଯାଇଥିଲା । ସେତେବେଳେ ଜଳପଥ ହିଁ ଏକମାତ୍ର ରାସ୍ତା ଥିଲା । କିନ୍ତୁ ସ୍ଥଳପଥରେ ପ୍ରବଳ ଆବଶ୍ୟକତା ଦୃଷ୍ଟିରୁ ପୁଣି ସେହି ରାସ୍ତା ଗମନାଗମନ ପାଇଁ ଖୋଲାଯାଇଛି ।

ସମ୍ପୂର୍ଣ୍ଣ ଉଲଗ୍ନ ହୋଇ ବୁଲୁଥିବା ଏହି ଜନଜାତି କୁଟୁରା, ଘୁଷୁରୀ, ସାପ, ବେଙ୍ଗ, ଏଣ୍ଡୁଅ, ମାଛ, କଇଁଚ, ଫଳମୂଳ ଯାହା ପାଇଲା କଞ୍ଚା ବା ଅର୍ଦ୍ଧଦଗ୍ଧ ଖାଇଯାନ୍ତି । ଏମାନଙ୍କର ମଧ୍ୟ ନିଜସ୍ୱ ଭାଷା ରହିଛି – ଯାହା ଉପରେ ଗବେଷଣା ଜାରି ରହିଛି । ଜରଓ୍ୱା ପିଲାଏ ଘୁଷୁରୀ ଧରିବା ଫାଶ ଧରି ବୁଲୁଥାନ୍ତି । ଅତ୍ୟନ୍ତ ଦୁର୍ଦ୍ଧଷ ଭାବେ ପ୍ରକୃତିର ସମସ୍ତ ଉତ୍ପୀଡନକୁ ସହ୍ୟ କରିବା ଭିତରେ ଆଧୁନିକ ମଣିଷ ପାଖରେ ହାର ମାନିବା ଶିଖି ନାହାନ୍ତି । ଜଙ୍ଗଲରେ ବୁଲୁଥିବା ବେଳେ ରାଜାରାଣୀ ପରି ବୁଲୁଥାନ୍ତି । ତାଙ୍କ ଇଲାକା ଭିତରକୁ ଅନୁପ୍ରବେଶ କରିଥିବା ବ୍ୟକ୍ତିଙ୍କୁ ହତ୍ୟା କଲେ ମଧ୍ୟ ତାଙ୍କ ପ୍ରତି କୌଣସି ଦଣ୍ଡବିଧି ଲାଗୁନାହିଁ । ପୂର୍ବେ ମୂଲ୍ୟବାନ କାଠ ସଂଗ୍ରହ କରିବା ପାଇଁ, ସାପ ଚମଡା ସଂଗ୍ରହ ପାଇଁ, ଏପରିକି ସମୁଦ୍ର କୂଳ ଭାସି ଆସୁଥିବା ଜାହାଜମାନଙ୍କ ଭଗ୍ନାଂଶ ଓ ମୋଟା ଦଉଡି ସଂଗ୍ରହ ପାଇଁ, ଫେଣ ଆକୃତିରେ ଭାସି ଆସୁଥିବା ତିମି ମାଛ ବାନ୍ତି (ଯାହାକି ଚଢା ଦରରେ ଔଷଧ ପାଇଁ ବିଦେଶରେ ବିକ୍ରି ହୁଏ) ସଂଗ୍ରହ ପାଇଁ ମାଫିଆମାନେ ଜଙ୍ଗଲରେ ବୁଲୁଥିଲେ ଓ ଜରଓ୍ୱାଙ୍କ ସହିତ ମୁହାଁମୁହିଁ ହେଉଥିଲେ । କିନ୍ତୁ ଆଣ୍ଡାମାନରୁ କାଠ, ଜଙ୍ଗଲଜାତ ସାମଗ୍ରୀର ଆମଦାନୀ

ISSN NO.
2582-208X

ବନ୍ଦ ହେବା ଫଳରେ ଓ ଅନେକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରେ ସେଭଳି ଚୋର ତସ୍କରଙ୍କ ଉତ୍ପାତ କମିଯାଇଛି ।

ଜରଓ୍ୱାଙ୍କ ପାଇଁ ସଂରକ୍ଷିତ ଜଙ୍ଗଲି ରାସ୍ତାରେ ଆମ ଗାଡି ହଠାତ୍ ଖରାପ ହୋଇଗଲା । ମୁଁ କିନ୍ତୁ ମନେ ମନେ ଭାରି ଖୁସି ଯେ, ଅନ୍ତତଃ କିଛି ଜରଓ୍ୱାଙ୍କୁ ଭେଟାଭେଟି ହେବାର ଅଧିକ ସମ୍ଭାବନା ସୃଷ୍ଟି ହେଲା । ଆସିଲା ବେଳେ ଗାଡି ଏତେ ଜୋର୍ ରେ ଚାଲିଥିଲା ଯେ କେବଳ ଦୂରରେ କିଛି ସ୍ତ୍ରୀ ଲୋକ ପିଲାଙ୍କୁ କାଖରେ ଧରି ଠିଆ ହେବା ଦେଖିଥିଲି, କିନ୍ତୁ ସବୁ କିଛି ଝାପସା ଥିଲା । ଗାଡି ରହିଗଲା ଓ ଗାଡିର କର୍ମଚାରୀମାନେ ଗାଡି ସଜଡା କାମରେ ଲାଗିଗଲେ । ଏହି ରାସ୍ତାରେ ଗାଡି ରଖିବା ମନା, ଝରକା ଖୋଲିବା ମନା, ପାଦରେ ଯିବା, ସାଇକେଲ୍ ବା ମଟର ସାଇକେଲରେ ଯିବା ମନା, ଏପରିକି ଧୀରେ ଧୀରେ ରହି ରହି ଯିବା ବି ମନା । ତେଣୁ ଏହି ରାସ୍ତାରେ ପାଦ ରଖିବା ଖୁବ୍ ବିରଳ ଅନୁଭୂତି । ରାସ୍ତାଟି ଥିଲା ଡିଗିଲିପୁରରୁ ପୋର୍ଟବ୍ଲେୟାର ଯାଉଥିବା ପାହାପାଖି ୩୦୦ କି.ମି. ଦୈର୍ଘ୍ୟର ଗ୍ରାଣ୍ଡ ଟ୍ରଙ୍କ୍ ରୋଡ୍ ।

କ୍ରମଶଃ.........

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ଦହିବରା ଜଳଖିଆ



ଦୀନବନ୍ଧୁ ପୋଇ

ବଜାର ଭିତରେ ଦେଖିଲି ଆଖିରେ
ହୋଇଥିଲେ ଲୋକ ଠୁଳ
ସେଠାକୁ ମୁଁ ଗଲି ପଚାରି ବୁଝିଲି
କେଉଁ କାରଣେ ଏ ମେଳ ?
ଯାହା ମୁଁ ଦେଖିଲି ତାଙ୍କ ଠୁ ଜାଣିଲି
ଏହା ଦହି ବରା ଝୋଳ
ଖାଇବାକୁ ଏଠି ନିଇତି ଏମିତି
ଛିଡା ହେଉ ଦଳ ଦଳ ।
ଥରେ ଯିଏ ଖାଏ ମନ ଲାଖିଯାଏ
ଦେଖୁ ଦେଖୁ ଗଢ଼େ ଲାଳ
ଖରାଦିନେ ଯିଏ ଆକୁ ଖାଇଥାଏ
ଦେହୁ ଛପି ଯାଏ ଝାଳ ।
ଦହି ପାଣି ସହ ଧନିଆ ଚଟଣି
ପକାଇ କି ଛଣା ସେଉ
ପିଆଜ ସାଙ୍ଗରେ ରାଗଟିକେ ଦେଲେ
ବଢି ଯାଏ ତାର ଭାଉ ।
ଭାରି ସୁଆଦିଆ ମନ ମତାଣିଆ
ଦେଖିଲେ ଗଡଇ ଲାଳ

ISSN NO.
2582-208X

ଖାଇବାକୁ ମନ ବାଳ ବୃଦ୍ଧ ଜନ
ଘେରି ଥାନ୍ତି ଦଳ ଦଳ ।
ଆଜିକାଲି ଆଉ ପଖାଳର ଭାଉ
ନାହିଁ ଓଡ଼ିଆଣୀ ଘରେ
ତାକୁ ଭୁଲି ଯାଇ ଫାଷ୍ଟ ଫୁଡ ପାଇଁ
ବଳାଇଲେ ମନ ଧିରେ ।
ଭାରି ସେ ବୁଦ୍ଧିଆ ଦୋକାନୀ ନିଧିଆ
ବେପାର କରିଛି ବାଛି
ସ୍ନେହ ଆଦରରେ ବାନ୍ଧି ରଖିପାରେ
କି ଯାଦୁ ତାହାର ଅଛି ।
ଲାଭଟି ତାହାର ମିଳଇ ପ୍ରଚୁର
ଖୋଲା ମେଲାରେ ସେ ବିକି
ତୁଛାକୁ ଏମିତି ବହୁ ସମାଗମ
ଖାଇବାକୁ ଥାନ୍ତି ଟାକି ।
ଆପଣା ରୁଚିରେ ଯାହା ଖାଅ ଯିଏ
ଖାଇବାକୁ ମନା ନାହିଁ
ଆମ ଓଡିଆର ପଖାଳ ତୋରାଣି
ତାକୁ ବି ନଭୁଲ କେହି ।
ଯେତେ ଯାହା କୁହ ଆଉ କେହି ନୁହଁ
ହେବ ପଖାଳର ସମ
ଦହିବରା ସଙ୍ଗେ ଆଉ ଯାହା ଖାଅ
ଅଛି କି ତାହାର ଦଅମ୍ ?

ଗୋରଡା ପାଳ
କରମୂଳ, ମହିମା ଗାଦି
ଢେଙ୍କାନାଳ ଦୂରଭାଷ -୯୯୩୮୦୨୪୧୨

ISSN NO.
2582-208X

# ତୁମ୍ଭେ ଥାଉ ରାମ ରାମ



ତ୍ରିପତି ପ୍ରଧାନ

ହେ ବିଶ୍ୱ ନିଅନ୍ତା ଜଗତ କରତା
ଜାନକୀ ପ୍ରାଣ ସ୍ପନ୍ଦନ
ଦଶରଥ ପ୍ରାଣ  କୌଶଲ୍ୟା ଜୀବନ
କୈକେୟୀ ସୁମିତ୍ରା ଧନ
ଲକ୍ଷ୍ମଣ ହୃଦୟ  ଭରତଙ୍କ ଦେହ
ଶତୃଘନ ନେତ୍ର ଡୋଳା
ଅଯୋଧ୍ୟା ସଙ୍ଖାଳି  ଭକ୍ତ ଜପାମାଳି
ପ୍ରଜା ନିଧି ଗଳା ମାଳା
ରାମ ନାମେ ସତେ ପାପାକ୍ଷୟ ଯେତେ
ନ କରଇ ପାପୀ ପାପ
ଦର୍ଶନେ ମୁକତି ସ୍ମରଣେ ଶକତି
ସଂକୀର୍ତ୍ତନେ ଦୁଃଖ ଲୋପ
ଚତୁର୍ଦ୍ଦଶ ବର୍ଷ  କରି ବନ ବାସ
ତାରିଛ କେତେ ପାପୀଙ୍କୁ
ପଥରକୁ ନାରୀ ଅହଲ୍ୟା ସୁନ୍ଦରୀ
ପ୍ରେରିଛ ସ୍ୱର୍ଗ ଧାମକୁ
ବରଷ ତିରିଶି  ମୁକ ସରସ୍ୱତୀ
ତୁମ ଆଗମେ ତା ବାଣୀ

ISSN NO.
2582-208X

ବିଶ୍ୱ ନର ନାରୀ  ଅଯୋଧ୍ୟା ନଗରୀ
ଦର୍ଶନେ ଗହଳି ପୁଣି
ମୁକତି ପଥର ପଥ ତୁମ ନାମ
ଦେଖିଲେ ନୟନ ପୁଣ୍ୟ
ନ ନେଲେ ନ ନିଅ  ତବ ଧାମକୁ ହେ
ତୁଣ୍ଡେ ଥାଉ ରାମ ରାମ

ସଂସ୍କୃତ ଶିକ୍ଷକ, ଚକଟୀ, ଗଞ୍ଜାମ

ISSN NO.
2582-208X

# ଭ୍ରମର



ଶିବରାମ ସାହୁ

ଅଜସ୍ର ପୁଷ୍ପ ଦେଶେ ହେଲି ମୁଁ ଏକା ଭ୍ରମର
ସେ ପୁଷ୍ପରୁ ନିତି ନିତି ଶୋଷି ପିଏ ମଧୁର
ଜଣକ ପାଖରେ ନଥାଏ ଠିକଣା ମୋର
ରାତି ପାହିଲେ ହୁଏ ପୁଣି ଆଉ ମୁଁ କାହାର ।

ଧର୍ମ ମୋର ନବ ଅନୁପମ ପୁଷ୍ପ ଖୋଜିବା
ମଧୁପ୍ରାପ୍ତ ହେବାଯାଏ ପୁଷ୍ପ ସଙ୍ଗେ ରହିବା
ମଧୁ ସମାପ୍ତିରେ ପୁଷ୍ପକୁ ଆସ୍ତେ ଦିଏ ଛାଡ଼ି
ପୁଣିଏକ ନବପୁଷ୍ପ ଖୋଜି ଯାଏ ଜହିଁ ଉଡ଼ି ।।

ଉଡ଼ିବୁଲେ ଅହୋରାତ୍ର ପୁଷ୍ପର ଦେଶରେ
ଡେଣା ଝାଡି ମାଡ଼ି ବସେ କ୍ରୀଡ଼ାର ଆଶାରେ
ଉପବନ ହେଉ ଅବା ଘଞ୍ଚ ବିପିନ ମଧରେ
ସମସ୍ତଙ୍କୁ ସମସ୍ମୃତି ଦିଏ ପ୍ରତ୍ୟୁଷ ରେଣୁରେ ।

ଉଦ୍ଦେଶ୍ୟ କେବେ ମୋର ନିରର୍ଥକ ନୁହେ
ଜହିଁ ଯାଏ ତହିଁ ସମାଦର ପାଛୋଟି ଆଣେ
ଲିପ୍ସାମୋର ମିଳନେ କଞ୍ଜିକ ମଧୁପାନ କରିବା
ପୁଷ୍ପ ଭ୍ରମର ସଙ୍ଗମେ ପୁଣି ଇତିହାସ ଲେଖିବା ।।

ଆର.କେ.କଲୋନୀ
ନବରଂଗପୁର-୯୯୩୭୬୬୫୩୩୬୧

ISSN NO.
2582-208X



# ନାଟକ

# ।।ଭଲ ମଣିଷ ଖୋଜିବା ଆସ ।।



ସୁଧାଂଶୁ ଶେଖର ଦ୍ୱିବେଦୀ

## ।। ୧୨ ଦୃଶ୍ୟ ।।

ମଳୟ ଓ ରଶ୍ମି ଏକ ଭାବାତ୍ମକ ସ୍ଥିତିରେ ଦଣ୍ଡାୟମାନ। ଆଗତ ଭବିଷ୍ୟତରେ କିଛି ସୂଚନାର ସୂତ୍ର ଦୁହିଙ୍କ ମନକୁ ବିବ୍ରତ କରୁଥାଏ।

ମଳୟ- ମୋତେ ଯିବାକୁ ପଡ଼ିବ ରଶ୍ମି। ଭବିଷ୍ୟତ ଜୀବନକୁ ସୁଦୃଢ଼ କରିବା ଲାଗି ମୋତେ ଫରେନ ଟ୍ରିପ କରିବାକୁ ହେବ।ତାଛଡା ଏବେ ମେଡ଼ିକାଲ ୟୁନିଭରସିଟି ସୁଯୋଗ ଦେଉଛି ହାତଛଡା କରିବା ବୁଦ୍ଧିମତାର କାମ ନୁହେଁ।

ରଶ୍ମି-କିନ୍ତୁ ମୁଁ ଏତେଦିନ ଏକା ଏକା ନିଜକୁ କେତେ ପରିମାଣରେ ସୁରକ୍ଷିତ ରଖିପାରିବି ଜାଣେନାହିଁ।

ମଳୟ- କିଛି ହେବନି ରଶ୍ମି।ଭଗବାନଙ୍କ ଉପରେ ଭରଷା ରଖ ସବୁ ଠିକ ହେଇଯିବ।

ରଶ୍ମି- ଭରଷା ବି ବେଳେ ବେଳେ ନିରାଶାର ସୂତ୍ରପାତ ହୋଇଥାଏ। ଜଣେ ଅବିବାହିତ ଝିଅ ସଂସାରର ଶାଗୁଣା ପଲଙ୍କ କବଳରୁ ନିଜକୁ ସୁରକ୍ଷିତ ରଖିବା କେତେଦୂର ସମ୍ଭବ ସେହି ଭଗବାନ ଜାଣନ୍ତି। ତୁମେ ଥିଲ ମୋର ସାହସ ଥିଲା। ତୁମେ ଯେତେବେଳେ ଫରେନ ଯାଉଛ ସେ ସାହାସ ମୋର ଭାଙ୍ଗି ଯାଉଛି।ମନ ଭିତରେ ଏକ ଅହେତୁକ ଭୟ ବସା ବାନ୍ଧୁଛି।

ISSN NO.
2582-208X

ମଳୟ- ତାମାନେ ନୁହେଁ ମୁଁ ତୁମକୁ ଭଲ ପାଉଛି ବୋଲି ମୋ ଭବିଷ୍ୟତ ଜୀବନକୁ ଅନ୍ଧକାର କରିଦେବି! ଚାନ୍ସ କମ୍ସ ଓ୍ଵାନ୍ସ।

ରଶ୍ମି- ନା ମଳୟ ତୁମେ ମୋତେ ଭୁଲ ବୁଝନା। ତୁମ ଭବିଷ୍ୟତ ଆଲୋକିତ ହେଉ ତାହା କେବଳ ତୁମର ଇଚ୍ଛା ନୁହେଁ ମୋର ବି ମନୋକାମନା।

ମଳୟ- ତେବେ ମୋ ଫରେନ ଟ୍ରିପ ଲାଗି ଏତେ ପ୍ରହସନ କଣ ପାଇଁ?

ରଶ୍ମି- ପ୍ରହସନ ନୁହେଁ, ମନର ଭୟ ମୋତେ ବିବ୍ରତ କରିଦେଉଛି ମଳୟ। ଜାଣେନି ମୁଁ ଯାହାକୁ ଭଲପାଇଛି ସେ ମୋ ନିଜର ହେଇ ପାରିବେ କି ନା।

ମଳୟ- ତୁମେ ଅଯଥାରେ ଭୟ କରୁଛ ରଶ୍ମି।ଦେଖିବ ଦିନ ଆସିବ ତୁମେ ହେବ ମୋ ଘରର ଘରଣୀ।ବାଜା ବଜେଇ, ବାଣ ଫୁଟେଇ ତୁମକୁ ନେଇ ଗଢିବି ମୁଁ କାହାଣୀ।

(ଉଭୟଙ୍କ ମଧ୍ୟରେ ମିଳନ ଗୀତ ସଂଯୋଗ କରାହେବ)

(ଗୀତ ଶେଷରେ ଦୁହେଁ ଆଲିଙ୍ଗନରେ ନିବଦ୍ଧ)

ରଶ୍ମି- ମଳୟ!

ମଳୟ- କୁହ!

ରଶ୍ମି- ଆମ କାହାଣୀ କାଳ୍ପନିକ ହେବନାହିଁ ତ?
ମଳୟ- ତାମାନେ ତୁମେ ମୋତେ ସନ୍ଦେହ କରୁଛ?

ରଶ୍ମି-ସାତ ଦରିଆ ପାରିହୋଇ ତୁମେ କାହିଁ କେତେ ଦୂରକୁ ଯାଉଛ।କିଏ ଜାଣେ ସେଠି ଯଦି କେହି ଗୋରୀ ଝିଅ ମିଳିଯିବ ମୋ କଥା କଣ ଆଉ ମନେ ପଡିବ?

ISSN NO.
2582-208X

ମଳୟ- ନା ରଶ୍ମି ତୁମେ ମୋତେ ଭୁଲ ବୁଝନା।ମୁଁ କଥା ଦେଉଛି ତୁମେ ହିଁ ହେବ ମୋ ଜୀବନର ସାଥୀ-ସହୋଦର।

[ଫ୍ରିଜ ଅବସ୍ଥା] (କିଛି କ୍ଷଣ ପାଇଁ ମଞ୍ଚରୁ ଆଲୋକ ନିର୍ବାପିତ ହୁଏ) ପୁନଃ ମଞ୍ଚ ଆଲୋକିତ ହେବା ସହିତ ଏକ ବିମାନ ବନ୍ଦର ଦୃଶ୍ୟ ମାନ ହୁଏ। ପୂର୍ଣ୍ଣିମା, ବଳୟ, ପପୁ, ଆଶା, ମଳୟକୁ ହାତ ହଲେଇ ମେଲାଣି ଦେଉଥାନ୍ତି।)

ପୂର୍ଣ୍ଣିମା- ପ୍ଲେନରୁ ଓହ୍ଲେଇବା ପରେ ଫୋନ କରିବ। ସାବଧାନରେ ଯିବ।

ମଳୟ- (ଅଦୂରରେ ଥାଇ )ହଁ ଭାଉଜ! (ହାତ ହଲେଇ ହଲେଇ ଅଦୃଶ୍ୟ ହୋଇଯାଏ)

ବଳୟ-ଜୀବନ ଦୌଡ଼ରେ ଦୀର୍ଘ ଦୁଇବର୍ଷ ଏବେ ମାଳୟର ସ୍ଥାନ ଆମ ଘରେ ରିକ୍ତ ହୋଇଯିବ। ହଁ ଏହାବି ସତ ଜୀବନର ଗତିକୁ ଆଗକୁ ବଢ଼ିବାରେ କିଛି ତ ସେକ୍ରିଫାଇସ କରିବାକୁ ପଡେ। ମଳୟର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ଏହାହିଁ ଭଗବାନଙ୍କ ନିକଟରେ ପ୍ରାର୍ଥନା। ଆରେ ପୂର୍ଣ୍ଣିମା, ଆଶା, ପପୁ ଚାଲ ଯିବା।(ସମସ୍ତେ ପ୍ରସ୍ଥାନ ଉଦ୍ୟତ)

[ମଞ୍ଚ ଅନ୍ଧାର]

ବାକି ଆର ଥରକୁ........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ସୁଖ ହାତ ଛାଡ଼ି ଦୁଃଖ ଦେଇଗଲ



ତାର୍‌ପ୍ରସାଦ ଜେନା

ସୁଖ ହାତ ଛାଡ଼ି ଦୁଃଖ ଦେଇଗଲ
ଫେରିବନି ଆଉ କେବେ
ନିରୀହତା ମୋର ଫାଇଦାରେ ନେଲ
ପ୍ରତାରଣା କଲ ଏବେ
...... ସୁଖ ହାତ ଛାଡ଼ି ଦୁଃଖ ଦେଇଗଲ....... ! ୦ !

ବିଶ୍ୱାସରେ ବିଷ ଭରିଦେଲ କେତେ
କନ୍ଦେଇବା ତୁମ ଖୁସି
ମାୟା ମରୀଚିକା ଦେଖାଇଲ ମୋତେ
ଅଭିନୟ କଲ ବେଶି,
ଆପଣାର ବୋଲି କହିପାରୁ ନାହିଁ
ପରିଚିତ ଯିଏ ଥିବେ
...... ସୁଖ ହାତ ଛାଡ଼ି ଦୁଃଖ ଦେଇଗଲ....... ! ୧ !

ଛଳନାରେ ଥିଲ ଚୁପ୍ ସଇତାନ
ସମ୍ପର୍କକୁ ଦେଲ କାଟି
ହତାଦର ତୁମ ଦେଖିବାକୁ ଆଖି
ଯାଉନାହିଁ ଯାହା ଫୁଟି,

ISSN NO.
2582-208X

ରଙ୍ଗଭରା ସ୍ୱପ୍ନ ଧୂଳିସାତ ହେଲା
ଦୁଃସ୍ୱପ୍ନକୁ ଖାଲି ଭାବେ
...... ସୁଖ ହାତ ଛାଡ଼ି ଦୁଃଖ ଦେଇଗଲ....... ! ୨ !

ଲୁହ ନିଶ୍ୱାସରେ ପାଇବନି ଶାନ୍ତି
କଟିବନି ବେଳକାଳ
ମନ୍ଦ ଯଶ ପଛେ ଦଉଡ଼ିବ ଏକା
ମିଳିବନି ଭଲ ଫଳ,
ସେତେବେଳେ ଆହା କେହି କହିବେନି
ଖୋଲାଖୋଲି ହସୁଥିବେ
...... ସୁଖ ହାତ ଛାଡ଼ି ଦୁଃଖ ଦେଇଗଲ....... ! ୩ !

ଗ୍ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# ଜୀବନର ମାନେ



ନରଞ୍ଜନ ସାହୁ

ଜୀବନର ମାନେ ବୁଝିବା ଆଗରୁ
ଅବୁଝା ମୁଁ ହୋଇଗଲି
ସବୁ ଠିକ ଥିଲା ସମସ୍ତେ କହନ୍ତି
କାହିଁକି ଏମିତି କଲି ?

ମୋ ଜୀବନୀ ବହି ଯେମିତି ପଢ଼ିଛି
ସେକଥା ସିନା ମୁଁ ଜାଣେ
ଅବୁଝା ଦୁନିଆ ମଲାଟକୁ ଦେଖି
ବିନ୍ଧଇ କଟାକ୍ଷ ବାଣେ
ପଚାରନ୍ତି ନାହିଁ କେମିତି ଅଛି ମୁଁ
ରହିଛି ଅଥବା ମଲି ।

ଅବଶ ପାଦକୁ ଘୋଷାଡ଼ି ଘୋଷାଡ଼ି
ଚାଲିଛି ଯେତେକ ବାଟ
ସେ ଯନ୍ତ୍ରଣା ଦୁଃଖ କେହି ବୁଝେନାହିଁ
ବସାଏ ନିନ୍ଦାର ହାଟ
ତଥାପି ଚାଲୁଛି ଥକ୍କା ମାରିନାହିଁ
କଷ୍ଟେମଷ୍ଟେ ହଲିହଲି ।

ନିହଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ଶୂନ୍ୟତା ଭିତରେ ପୂର୍ଣ୍ଣତା



ଅମୃତନାରାୟଣ ଶତପଥୀ

ଶୂନ୍ୟତା ଭିତରେ ପୂର୍ଣ୍ଣତା ଖୋଜିବା,
ଅଟଇ ଏକ ଆହ୍ୱାନ,
ସେହି ଆହ୍ୱାନର ମୁକାବିଲା ବନ୍ଧୁ
ଅଟଇ ଯେ ଦିବ୍ୟଜ୍ଞାନ ।
ଶୂନ୍ୟ ଆକାଶର ନୀଳିମା ଭିତରେ,
ଦିବାକର ଯେ ଚମକେ,
ରାତ୍ରିର ଅନ୍ଧାର କଳିମାକୁ ପୁଣି,
ପୂର୍ଣ୍ଣ ଇନ୍ଦୁ ଯେ ବିନାଶେ ।
ସୌଦାମିନୀ ପୁଣିଶୂନ୍ୟ ଆକାଶରୁ
ଦର୍ଶାଇ ନିଜ ଆଲୋକ,
କ୍ଷୁଦ୍ରତାରା ମଧ୍ୟ ଅନ୍ଧକାରରେ
ଦେଖାଇଦିଏ ପୁଲକ ।
ଅନ୍ତର ଭିତର ଶୂନ୍ୟତା ଭାବକୁ,
ଦୂର ଯେବେ କର ବନ୍ଧୁ,
ତ୍ୟାଗ ମନୋଭାବ ହେଲେ ଉପନୀତ,
ହେବ ସତେ ରତ୍ନଗର୍ଭା ସିନ୍ଧୁ ।

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ମଧୁ ମାଳତୀ



ଡାଃ. ଅନିତା ପଣ୍ଡା

## ପରିବାର ରଜ୍ଜୁ

(୬)

ଆଜିକାଲି ମଧୁସୂଦନର ଉତ୍ତରଦାୟିତ୍ୱ ବହୁଗୁଣରେ ବୃଦ୍ଧି ପାଇଯାଇଛି । ସିଏ ସେଠା ଏରିଆର ବ୍ଲକ୍ ଡେଭେଲପ୍‌ମେଣ୍ଟ ଅଫିସର । ସଚ୍ଚୋଟ କର୍ମଚାରୀ ତଥା ଅଫିସରମାନଙ୍କର କାମ କରିବା ଢ଼ଙ୍ଗ ବହୁ ନିଆରା । ଖୁବ୍ ସତର୍କତା ସହ ତାକୁ ଦାୟିତ୍ୱ ନିଭାଇବାକୁ ପଡ଼ିଥାଏ । ଘରକୁ ଆସିଲେ ତ୍ରାହି ନାହିଁ । ତିନି ତିନିଟା ସ୍କୁଲ ଛାତ୍ର ଛାତ୍ରୀ, ଉପରକୁ ନେଞ୍ଜାର ଗୋଟାଏ ପରେ ଗୋଟାଏ ନୂଆ ନୂଆ ଅର୍ଡର । ଦାଦାବାବୁ ଏଇଟା ଘରେ ନାହିଁ, ସେଇଟା ସରିଗଲା । ତମେ ଏତେ ଦହଗଞ୍ଜ ହୋଉଚ । କଇବ ଯଦି ମୁଁ ଯାଇ ବଜାର କରିଦିଅନ୍ତି । ଜଜମ୍ ମତେ ଗାଁରେ ଥିଲା ବେଳେ ସବୁ ଶିଖେଇ ଦେଇଚନ୍ତି ।

ମୁଣ୍ଡ ଉପରୁ ଯେମିତି ଗୋଟାଏ ବଡ଼ ବୋଝ ଉତ୍ତରି ଗଲା । ଠିକ୍ ଅଛି ତୁ ମୋ ଅଫିସ ଯିବା ପୂର୍ବରୁ କିଛି କିଛି ପଇସା ରଖିନେବୁ । ସୁବିଧା କରି ଯାଇ ନେଇ ଆସିବୁ । ମାତ୍ର ମନେ ରଖିଥା । ଅମରକୁ ଏକା ଛାଡ଼ି ଯିବୁନି କି ତା'କୁ ସାଙ୍ଗରେ ନେଇ ଯିବୁନି ।

ମଧୁସୂଦନ ଜାଣେ, କେବଳ ଅମରକୁ ଜାମା ପଟା ପିନ୍ଧେଇ ସ୍କୁଲ ବସ୍ ପାଖରେ ଛାଡ଼ିବା ପୁଣି ବସ୍ ପାଖରୁ ଆଣିବା ନେଞ୍ଜାର କାମ । କୋଉଠି ପଢୁଛି, କ'ଣ ପଢୁଛି ସେ ସବୁ ତାକୁ ଜଣା ନ ଥାଏ । ଏପରିକି ଅମରର ବେଶୀ ଭାଗ ଖାଇବା ପିଇବା କଥା ମଧ୍ୟ ମଧୁସୂଦନ

ISSN NO.
2582-208X

ତୁଲାଇ ଥାଏ । ଦାଦା ବାବୁଙ୍କ ସଂଗେ ଏକାଠି ଖାଇବା ଯେମିତି ଅମରର ଗୋଟାଏ ଅଭ୍ୟାସରେ ପଡ଼ି ଗଲାଣି ।

ମଧୁସୂଦନର ସରକାରୀ କ୍ୱାଟର୍ସଟା ବହୁତ ବଡ଼ । ତା'ରି ଭିତରେ ପିଲାଙ୍କ ଖେଳିବା ପାଇଁ ସେ ଗୋଟେ ବଡ଼ ଖେଳ ପଡ଼ିଆ ତିଆରି କରି ଦେଇଛି । ପାଞ୍ଚଟା ବାଜୁ ନ ବାଜୁଣୁ ଅମର ବୟସର ପିଲାମାନେ ସେଠି ଆସି ପହଞ୍ଚି ଯାଆନ୍ତି । କେବେ କେବେ ଭାଲୁର କେଇଟା ସାଙ୍ଗ ପିଲା ମଧ୍ୟ । ମଧୁସୂଦନର କଡ଼ା ହୁକୁମ, ସ୍କୁଲରୁ ଆସି ଅମର ଖାଇସାରି ନିଶ୍ଚେ ଘଣ୍ଟାଏ ଶୋଇବ । ଉଠିଲା ପରେ ହର୍ଲିକସ୍ କିମ୍ବା ପ୍ରୋଟିନେକ୍ସ ଗ୍ଲାସେ ପିଇ ଖେଳିବାକୁ ଯିବ । ସନ୍ଧ୍ୟାରେ ପ୍ରାର୍ଥନା ଉପରାନ୍ତେ ସବୁଦିନର ହୋମ୍‌ୱାର୍କ ଚେକ୍ କରି ଆଗାମୀ ଦିନ ପାଇଁ ପାଠ ପଢ଼ାଇ ତା ସ୍କୁଲ ବ୍ୟାଗ୍ ସଜାଡ଼ି ଦେଇଥାଏ ମଧୁସୂଦନ । ଏ ରୁଟିନ୍‌ରେ କେବେ ବି ବ୍ୟତିକ୍ରମ ହୁଏନା । ଯଦି କେବେ ତାକୁ ଟୁର୍‌ରେ ଯିବାକୁ ହୁଏ ତେବେ ସେଇ ଦିନ କେଇଟା ଚଳାଇ ଦେବା ପାଇଁ ମାଳତୀକୁ ଆଦେଶ ଦେଇଥାଏ । ନ ଚାହୁଁଥିଲେ ମଧ୍ୟ କରିବା ପାଇଁ ବାଧ୍ୟ ହୁଏ ମାଳତୀ ।

ମାଲୁ, ଏମାଲୁ ... ଭାଲୁ ଦେଖା ଯାଉନି ।

ସ୍କୁଲରୁ ତା ସାଂଗ ଘରୁକୁ ଯାଇଛି । ମୁଁ ଏକା ସ୍କୁଲରୁ ଫେରିଲି ।

ଏ ଆଜେ ବାଜେ ପିଲା ଘରକୁ କାହିଁକି ତାକୁ ଯିବାକୁ ଦୋଉଛୁ ?

ସତ୍ୟ କାହିଁକି ବାଜେ ପିଲା ହେବ ? ସିଏ ମୋ ସାଂଗ ସଚରିତ୍ରାର ସାନ ଭାଇ ।

ସେଇଥିପାଇଁ ତ କହିଲି, ସେ ଝିଅଟାର ବହୁତ ବଦନାମ ।

ମୋ ସାଂଗମାନେ ତୁମକୁ କେବେ ଭଲ ଲାଗନ୍ତି କି ?

ଠିକ୍ କହିଲୁ । ସେଇମିତିଆ ଝିଅମାନଙ୍କୁ ସାଂଗ କରୁଛୁ, ମନେ ରଖିଥା, ଏ ସଚରିତ୍ରା, ପୂରବୀ ଠଉଁ ଶହେ ଗୁଣେ ଖରାପ ।

ISSN NO.
2582-208X

ଚିହିଙ୍କି ଉଠିଲା ମାଳତୀ । ପୂରବୀର କୋଉ ଗୁଣଟା ଖରାପ ଯେ! ସେଦିନ ରାତିରେ କେଡ଼େ ଆନନ୍ଦରେ ଦିହେଁ ବିତେଇ ଦେଇଥିଲେ ।

ସେ ଦିନ ନ ବୁଝିଥିଲୁ ନାହିଁ, ଏବେ ବି ବୁଝୁନୁ । ସିଏ ତୋ ପାଖରେ ଚାରିଦିନ ରହିବା ପାଇଁ ଜିଗର କରିଥିଲା । ପୁଣି ଅଚାନକ ସକାଳୁ ସକାଳୁ କ'ଣ ହେଇଗଲା ଯେ ଯିବା ପାଇଁ ତା' ମା' ପାଖରେ ଜିଦି କଲା । ତୁ କ'ଣ ରାତିରେ ଭୂତ ହେଇ ତାକୁ ଡରେଇ ଦେଲୁ କି ??

ସିଏ ତା ମା'କୁ ଛାଡ଼ି କେବେ ରହି ନ ଥିଲା ତ, ସେଇଥିପାଇଁ ।

ହଉ ଗଲା କଥା ଗଲାଣି । ଈଶ୍ୱର ଯାହା କରନ୍ତି ପ୍ରାଣୀର ହିତ ପାଇଁ ।

ହେଲେ ଏ ସଚରିତ୍ରା ଠାରୁ ନିଜକୁ ଦୂରରେ ରଖ । ବାହାର ଘଣ୍ଟି ବାଜିବା ଶବ୍ଦରେ ଦୁଆର ଆଡ଼କୁ ଚାହିଁଲା ମଧୁସୂଦନ । ଆସିଗଲ ଭାଲୁବାବୁ । ଆଜି ଖେଳର ଛୁଟି !!

ଆଉ ଦିନେ ବି ମୁଁ ସତ୍ୟ ଘରକୁ ଯିବିନି ମାଲୁ ନାନୀ । ସତ୍ୟ ଭାରି ଖରାପ ପିଲା । ଆଜି ମୋଉସାଙ୍କ ପକେଟରୁ ଶହେ ଟଙ୍କା ଚୋରି କରି ତାଙ୍କ ଘରେ କାମ କରୁଥିବା ନାଲୁଆ ମୁଣ୍ଡରେ ଦୋଷ ଦେଇଥିଲା । ନାଲୁଆକୁ ମୋଉସା ଆମ ଆଖି ସାମ୍ନାରେ କାନ ଝିଙ୍କି କେତେ ପିଟିଲେ । ହେଲେ ସତ୍ୟ ସ୍କୁଲ ଖାତାରୁ ମାଉସୀଙ୍କୁ ସତୁରି ଟଙ୍କା ମିଳିଲା । ପୁଣି ଥରେ ମୋଉସା ତାକୁ ପିଟିଲେ ।

ହଉ, ଏବେ ଯାଅ, ପୋଷାକ ବଦଳାଇ ପଢ଼ିବସ । ମୁଁ ଯାଏ ଦେଖେ ସେ ଅମର କୁଆଡ଼େ ଗଲା । ଗୁରୁ (ଭାଲୁକୁ ଅମରର ଗୁରୁ ଆଖ୍ୟା ଦେଇଥାଏ ମଧୁ) ନ ଥିଲେ ଖେଳର ତ ଛୁଟି ହେଲା । ପାଠର ଛୁଟି ନ ହେଉ । ହଁ, ମାଲୁ, ତୋର ତ ସେଣ୍ଟଅପ୍ ପରୀକ୍ଷା ଶେଷ ହେଲାଣି, ତୁ ଏବେ ସ୍କୁଲ କାହିଁକି ଯାଉଛୁ ? କ'ଣ ଭାଲୁକୁ ନିଘାରେ ରଖିବା ପାଇଁ । ଯେତେ ଯାହା କଲେ ବି ସେ ତ ଆସନ୍ତା ବର୍ଷଠୁ ଏକା ହେବ । ତା'ପରେ ତୁମେ ଦୁହେଁ ଅଲଗା ଅଲଗା କଲେଜ ଯିବା ଆରମ୍ଭ କରିବ ।

ISSN NO.
2582-208X

ନଇ ନ ଦେଖି ନଙ୍ଗଳା । ଆଗ କଥା ଆଗୁକୁ ଅଛି । ଏବେ ଆମେ ସାଂଗମାନେ ମିଶି ଲାଇବ୍ରେରୀରେ ପାଠ ପଢୁଛୁ ।

ଲାଇବ୍ରେରୀରେ ପାଠ ପଢ଼ିବା ପାଇଁ ଜାଗା ଅଛି ? ଏଡ଼ିକି ଟିକିଏ ତ ବଖରା । ସେଥିରେ ପୁଣି ତୁମ ସାର୍‌ମାନେ ବସି ପାଠ ପଢୁଥିବେ ।

ଭୁଲ୍‌ରେ ପାଟିରୁ ବାହାରି ଗଲା । କମନ ରୁମ୍‌ରେ ।

କମନ୍ ରୁମ୍‌ରେ ଆଉ ଅନ୍ୟ କ୍ଲାସ୍ ଝିଅମାନେ ନ ଥାନ୍ତି ?

ସ୍କୁଲ ଛୁଟି ପରେ ଆଉ କିଏ ଥାଏ ?

ହେଲେ ତୁ ତ ଦଶଟା ବେଳଠୁ ଚାଲି ଯାଉଛୁ ।

କେତେ କଥା ଜେରା କରୁଛ । ଅନ୍ୟମାନେ ତାଙ୍କ କ୍ଲାସକୁ ଚାଲି ଯାଆନ୍ତି ।

ଜାହ୍ନବୀ ଆସେ ?

ହଁ, ଆମେ ଦଶଜଣ ଯାକ ଏକାଠି ହେଉ ।

ଦଶ ଜଣ ନୁହଁ, ନଅ ଜଣ । କାଲି ଜାହ୍ନବୀ ଥିଲା ?

ନାଁ କାଲି ତା ମୁଣ୍ଡ ବିନ୍ଧୁଥିଲା, ତେଣୁ ଆସି ନ ଥିଲା । ତା' ବାପା ଡାକ୍ତର ତ । ତେଣୁ ସିଏ ତାକୁ ଓଷଧ ଖାଇ ଶୋଇବାକୁ କହିଲେ ।

ତା' ବାପା, ଡାକ୍ତର ନୁହନ୍ତି । ସେ ଜୁଡ଼ିସିଆଲ ମାଜିଷ୍ଟ୍ରେଟ୍ । ମା' ସ୍ତ୍ରୀ ରୋଗର ଡାକ୍ତରାଣୀ।

ହେଇଥିବ । ସିଏ ସେଇଆ କହେ । ମୁଁ ଭାବିଲି ସ୍ତ୍ରୀ ଲୋକଟିଏ କ'ଣ ଡାକ୍ତର ହେଇଥିବ ।

ତୁମେ ସବୁ ହେମ ମାଉସୀଙ୍କ ପାଖକୁ କାହିଁକି ଯାଇଥିଲ ?

ISSN NO.
2582-208X

ଛାନିଆରେ ମାଳତୀ ମୁହଁରୁ କଥା ବାହାରିଲାନି । ଏ ସବୁ କଥା ୟାଙ୍କୁ କେମିତି ଜଣା ପଡ଼ିଲା । ସେଇ ସତ୍ୟାନାଶୀ ଜାହ୍ନବୀ । ସାଙ୍ଗ ମାନଙ୍କ କଥାକୁ ନେଇ ବାହାରେ ପକାଉଛି। କିଏ ତାକୁ ସାଙ୍ଗରେ ମିଶେଇବ !

"ଇଟ୍ ଇଜ୍ ହାଇ ଟାଇମ୍ ଟୁ ଅଣ୍ଡରଷ୍ଟାଣ୍ଡ", କହି ମଧୁସୂଦନ ଅମରକୁ ପଢ଼ାଇବା ପାଇଁ ଉଠିଗଲା ।

ମଧୁସୂଦନ ଉଠିଯିବା ପରେ ନିଜକୁ ସ୍ଥିର କରି ପାରୁନଥିଲା ମାଳତୀ । ଦିନରାତି ୟେ କହୁଛନ୍ତି ଏ ଝିଅଗୁଡ଼ାକ ଖରାପ । ପାଠୋଇ ଝିଅମାନେ ଖରାପ ଜାଣିଥିଲ ଯଦି ମତେ ପଢ଼ାଉଥିଲ କାହିଁକି ? ମୁଁ ତ କେବେ ପାଠ ପଢ଼ିବାକୁ କହୁ ନଥିଲି । କହିଥାନ୍ତି, ପାଠୋଇମାନେ ଖରାପ ନୁହନ୍ତି, ସେମାନଙ୍କର ସଙ୍ଗ ଦୋଷ ଖରାପ । କେଜାଣି ସେ କ'ଣ ଚାହୁଁଛନ୍ତି ସେ ଜାଣିଥିବେ । ଟେବୁଲ ଉପରୁ ଫୋନ୍‌ଟା ବାଜି ଉଠିବାରୁ ମାଳତୀ ରିସିଭର ଉଠାଇଲା, ସଚରିତ୍ରାର ମା' ଫୋନ୍ କରିଛନ୍ତି । କ'ଣ କଥା ।

କ'ଣ ହେଲା ମାଉସୀ ? ସବୁ ଭଲ ତ । ରିତୁକୁ କହିଲନି ଫୋନ୍ କରିଥାଆନ୍ତା । ତୁମେ କାହିଁକି କଷ୍ଟ କଲ ।

ଏଥିରେ କଷ୍ଟ କ'ଣ ! ତୁମେ ସିନା ମୋ ଝିଅର ସହପାଠିନୀ । ହେଲେ ତୁମ ବର ତ କେତେବଡ଼ ଅଫିସର । ଆମ କ୍ଲବ୍‌ରେ କାଲି ଗୋଟାଏ ପାର୍ଟିର ଆୟୋଜନ କରାଯାଉଛି । ତୁମ ଦୁହିଁଙ୍କୁ ନିମନ୍ତ୍ରଣ ରହିଲା ।

ରିତା ଆସିବ ତ !

ନାଁ, ଏ ପାର୍ଟି କେବଳ "କପଲ୍' ମାନଙ୍କ ପାଇଁ । ଅର୍ଥାତ୍ ସ୍ୱାମୀ ସ୍ତ୍ରୀ ମାନଙ୍କ ପାଇଁ । ଅନ୍ୟମାନଙ୍କ ପାଇଁ ଅନୁମତି ନାହିଁ । ଏହା କେବଳ ପ୍ରୌଢ଼, ପ୍ରୌଢ଼ା, ବୟସ୍କ, ବୟସ୍କା ମାନଙ୍କ ପାଇଁ ସୀମିତ ନୁହେଁ । ଯୁବ ଯୁବା ମାନେ ମଧ୍ୟ ଆସି ଉପଭୋଗ କରନ୍ତି । ଦିନଟାଏ ପାଇଁ ହେଲେ ମଧ୍ୟ ସୁନ୍ଦର ଅନୁଭୂତି । ଏହା କେବଳ ସମାଜର ପ୍ରତିଷ୍ଠିତ ବ୍ୟକ୍ତି

ISSN NO.
2582-208X

ମାନଙ୍କ ପାଇଁ ଉଦ୍ଦିଷ୍ଟ । ଅଗା, ବଗା, ଖଗା ମାନଙ୍କ ପାଇଁ ନୁହେଁ । କାରଣ ଏଥିପାଇଁ ସମସ୍ତେ ନିଜ ନିଜ ଗାଡ଼ିରେ ଆସିଥିବା ନିୟମ । କ୍ଲବ୍ ନିକଟବର୍ତ୍ତୀ ହୋଟେଲ୍‌ରେ ମଧ୍ୟ ବ୍ୟବସ୍ଥା ଥାଏ । ସମସ୍ତ ବୟସର "କପଲ୍' ମାନଙ୍କୁ ମିଳିତ କରିବାର ଅର୍ଥ ହେଲା ଯୁବମାନେ ଏହାର ଖୁବ୍ ଭଲ ପ୍ରଚାର କରି ପାରିବେ । ବୃଦ୍ଧ, ବୃଦ୍ଧା ଏବଂ ପ୍ରୌଢ଼ ପ୍ରୌଢ଼ା ନୁହନ୍ତି ।

ଠିକ୍ ଅଛି ମାଉସୀ, ଆମ ଯୋଗେ ସମାଜର ଯଦି କିଛି ଉନ୍ନତି ହୋଇ ପାରିବ ମୁଁ ୟାଙ୍କୁ ନେଇ ନିଶ୍ଚୟ ଆସିବି ।

ହେଲେ ମନେ ରଖିଥା, ପାର୍ଟିରେ ୟାଙ୍କୁ କରି କଥା କହିବନି । ତୁମ ସ୍ୱାମୀଙ୍କର ନାମ ଉଚ୍ଚାରଣ କରି କହିବ ।

ନେଞ୍ଜା ଦିଦି ଟେବୁଲ ସଜାଡ଼ି ଖାଇବା ପାଇଁ ଡାକିଲା, ଚାରିହେଁ ଯାଇ ଖାଇବା ଟେବୁଲ୍‌ରେ ବସି ନେଞ୍ଜା ଦିଦି ହାତ ରନ୍ଧା ସ୍ୱାଦିଷ୍ଟ ଖାଦ୍ୟର ମଜା ନେଲେ । ଖାଉ ଖାଉ କହିଲା ମାଳତୀ, "ନେଞ୍ଜା ଦିଦି, କାଲି ଆମ ଦୁହିଙ୍କର ରାତି ଖାଇବା ବାହାରେ ।"

ରାତି ଖାଇବା ବାହାରେ ! ପୁଣି କାହାର ଅଭ୍ୟର୍ଥନା ନା ବିଦାୟୀ ପାର୍ଟି ?

ନାଁ ଏଇଟା ଗୋଟାଏ ବହୁତ ମଜାଦାର ପାର୍ଟି । କେବଳ ସ୍ୱାମୀ ସ୍ତ୍ରୀ ମାନଙ୍କ ପାଇଁ ।

"ସେମ୍‌ଲେସ୍ ଲେଡ଼ି", ଚିତ୍କାର କରି ଉଠିଲା ମଧୁସୂଦନ ।

ଡରରେ ଛାନିଆ ହେଇ ଭାଲୁ ଅମର ଦୁହେଁ ନିଜ ନିଜ ବିଛଣାକୁ ଚାଲିଗଲେ । ନେଞ୍ଜା ଦିଦି ହାଣ୍ଡିଶାଳ ଭିତରକୁ ।

କ'ଣ ହେଲା, ଏମିତି ପାଟିଟାଏ କାହିଁକି କଲ । ସମସ୍ତେ ଡରି ଗଲେ ।

ଭଲରେ କଥା କହିଲେ ବି ତୁମେ ତାକୁ ଖରାପରେ ନିଅ ।

ISSN NO.
2582-208X

ଭଲ କଥା !!! ଜାଣିଛ କିଛି ଏ ପାର୍ଟି ବିଷୟରେ । ପ୍ରଥମେ ପିଇବା, ତାପରେ ନାଚ, ନାଁକୁ ମାତ୍ର ଖାଇବା । ସବୁ ଶେଷରେ ସମସ୍ତ "କପଲ୍' ମାନଙ୍କର ଗାଡ଼ି ଚାବି ଏକାଠି କରାଯାଇ ସମସ୍ତଙ୍କ ଆଖିରେ କଳାପଟି ବନ୍ଧା ହେବ । ଯେଉଁ ପଟିଟି ଆସନ୍ତା ଦିନ ସକାଳ ଯାକେ ଆଖି ଉପରେ ବନ୍ଧା ହୋଇ ରହିବ । ସମସ୍ତ ସ୍ୱାମୀ ମାନଙ୍କୁ ଗୋଟିଏ ଗୋଟିଏ କରି ଡାକି ଗୋଟିଏ ଚାବି ଉଠାଇବାକୁ କୁହାଯିବ । ସେଇ ଚାବିଟିରେ ଯାହାର ନାମ ଲେଖାଥିବ ସେ ରାତିଟି ପାଇଁ ତା ସ୍ତ୍ରୀ ଚାବି ଉଠାଇଥିବା ସ୍ୱାମୀର । ଗୋଟିଏ ସୁସଜ୍ଜିତ କକ୍ଷରେ ବିଛଣା ବିଛା ହୋଇଥିବ । କ୍ରମ ଅନୁସାରେ ଯାଇ ସେଦିନ ରାତ୍ରି ପାଇଁ "କପଲ୍' ବିଛଣା ଧରିବେ। ବଡ଼ି ଭୋରୁ ସଜବାଜ ହୋଇ ନିଜ ନିଜ ଘରକୁ ଫେରିବେ । କେହି କାହାକୁ ଚିହ୍ନିବାର ପ୍ରଶ୍ନ ନ ଥାଏ ।

ସତ କହୁଛ !

ନାଁ ମିଛ । ଗୋଟିଏ ପାପୀକୁ ତ ଆଜି ଯାକେ ଚିହ୍ନି ପାରୁନୁ । ଏ ନୂଆ ନୂଆ ପାପୀମାନଙ୍କୁ କେମିତି ଚିହ୍ନିବୁ ? ଯା, ଯା ସେ ସଚରିତ୍ରା ଆଉ ତା'ର ମା'ଙ୍କଠୁ କିଛି ସଦ୍‌ଜ୍ଞାନ ନେଇ ଆସେ । ହୁଏ ତ ତା' ଜରିଆରେ ପାପୀଟିକୁ ଧରି ପାରିବୁ କହି ଜୋର୍‌ରେ ଚେୟାରଟାକୁ ଦୂରକୁ ଘୋଷାଡ଼ି ଦେଇ ଉଠିଗଲା ମଧୁସୂଦନ ।

ତହିଁ ଆରଦିନ ସଚରିତ୍ରାର ଫୋନ୍ ଆସିଲା । ଆଜି ପାର୍ଟିକୁ ତୁ ଆସୁଛୁ ମାଳତୀ । କାଲି ସ୍କୁଲରେ ମତେ କିଛି ଜ୍ଞାନ ଦେଇଦେବୁ ।

ନାଁ ରିତୁ, ୟାଙ୍କର କାଲି କେଉଁଠି ଗୋଟାଏ ମିଟିଂ ଅଛି । ତେଣୁ ଆମେ ଆସୁନୁ ।

ସେଦିନ ପାର୍ଟି ପାଇଁ ତୋର ଅନୁତ୍ସୁକତା ଦେଖି ମୋର ଅନ୍ୟ କିଛି ମନେ ହେଉଛି ତାହା ତୋ କଥାରୁ ସ୍ପଷ୍ଟ ବୁଝା ପଡୁଛି । ଜୀବନଟା ଯାକ ତୁ ବହୁ କଷ୍ଟ ପାଇଲୁଣି । ମନେ ହୁଏ ଅମର ମଧୁଭାଇଙ୍କର ରକ୍ତ । ନ ହେଲେ ଅପର ପିଲାକୁ କିଏ, ସିଏ ପୁଣି ସ୍ତ୍ରୀ ଲୋକଟିଏ ନୁହେଁ ପୁରୁଷ ଲୋକ, ଏତେ ନିଜର କରିପାରେ ।

ISSN NO.
2582-208X

ତୁମ ଦୁହିଙ୍କ ଜୀବନରେ ଶାନ୍ତି ଆଣିବାକୁ ହେଲେ ତତେ ସେ ମା' ପୁଅ ଦିଟାକୁ ଘରୁ ବାହାର କରିବାକୁ ହେବ ।

ନାଁ, ରିତୁ, ତାହା ଏତେ ସହଜ ନୁହେଁ । କେବଳ ଇଏ ନୁହନ୍ତି ତାଙ୍କ ମା', ବାପା, ଜେଜେ ସମସ୍ତେ ନେଞ୍ଜା ଦିଦିକୁ ମୁଣ୍ଡରେ ବସେଇଛନ୍ତି ।

ଏତେ ସବୁ କଥାର ସମାଧାନ ତ ମୋ ମୁଣ୍ଡକୁ ଆସୁନି । ତୁ ଆମ ମା'ଙ୍କ ସଙ୍ଗେ କଥା ହ, ସିଏ ତତେ ସବୁ ବୁଝେଇଦେବେ । ସମସ୍ତେ କହନ୍ତି ଏମିତି କେତେ କେତେ ଅସୁବିଧାର ମା' ସମାଧାନ କରି ଦେଇଛନ୍ତି ।

ହଉ, ସୁବିଧା କରି ଆସିବି । ୟାଙ୍କୁ ଜଣା ନ ହେବା କଥା ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ସାହିତ୍ୟ ଆକାଶେ
# ଧୃବ ତାରା



ପ୍ରଶାନ୍ତ କୁମାର ନାଥ

ବିଜ୍ଞାନ ପଢିଣ ଇଂରାଜୀ ସାଧିଣ
ସାହିତ୍ୟରେ ଯାର ପ୍ରାଣ
ଏମିତିକା ଲୋକ ଅଛନ୍ତି କେଉଁଠି
ଜାଣିଛ କି କେତେ ଜଣ ।

ନିଃଶନ୍ଦେହେ  ସେ ଜୟନ୍ତ ମହାପାତ୍ର
ଆମରି ରାଇଜ କବି
ତାଙ୍କ ଲେଖନୀରେ ଲେଖୁଥିଲେ ବସି
କରୁଣ କାହାଣୀ ଛବି ।

ହଜି ଯାଉଥିଲେ ଭାବନା ରାଇଜେ
ପ୍ରକୃତି କୁ ଆଙ୍କି ବସି
କେତେ ବେଳେ ପୁଣି ସୁପ୍ତ ମଣିଷକୁ
ଜଗାଉ ଥିଲେ ସେ ଆସି ।

ISSN NO.
2582-208X

ଓଡିଶା ରାଜ୍ୟରେ ଦ୍ୱିଭାଷି କବିରେ
ଅରଜିଲ ନାମ ଖ୍ୟାତି
ଓଡ଼ିଆ କବିତା ଇଂରାଜୀ କଥାରେ
ଥିଲା ତୁମ ମିଠା ପ୍ରୀତି ।

ରାତି ନ ପାହୁଣୁ ଚାଲିଗଲ ରୁଷି
ଆପଣାର କୃତି ଛାଡି
ତୁମ ବିୟୋଗରେ ସାହିତ୍ୟ ମହଲେ
ଭାସୁଛି ଲୁହର ବଢ଼ି ।

ତୁମେ ତ ଧୁରିଣ ଧଉଳିର ଛବି
ଆଙ୍କି ଥିଲ ଚନ୍ଦ୍ରଭାଗା
ସାହିତ୍ୟ ଆକାଶେ ଧୃବ ତାରକା ହେ
ସରଗରେ ତୁମ ଜାଗା ।

ସାହିତ୍ୟରେ ତୁମେ ସପ୍ତ ମହାସିନ୍ଧୁ
ପଞ୍ଚଭୂତେ ଗଲ ଜଳି
ହେ ଯୁବ ପୁରୁଷ ସାହିତ୍ୟ ସାଧକ
ଘେନ ଆମ ଶ୍ରଦ୍ଧାଞ୍ଜଳି ।।

(ଜୁଣଗଡି)
ରାଜନଗର କେନ୍ଦ୍ରାପଡ଼ା

ISSN NO.
2582-208X

# ସରିନି ସପନ



ଜୟନ୍ତ କୁମାର ମଲ୍ଲିକ୍

ସରିନି ସପନ ପାଇଗଲା ରାତି
କେଉଁଠି ରହିଲ କୁହ
ଶୀତ ସକାଳର ସଜ ଗୋଲାପରେ
ଦିଶେ ଖାଲି ତୁମ ମୁହଁ ।
ତୁମ ପୀରତିର କୁହୁକ ପରଶ
ଆଜିଯାଏ ପାଇନାହିଁ
ଆର ଜନମରୁ ତୁମରି ବାଟକୁ
ରହିଅଛି ମୁହିଁ ଚାହିଁ ।
କାହିଁକି କେଜାଣି ତମ କଥା ଭାବି
ଏତେ ମୁଁ ବିଭୋର ହୁଏ
ଯେତେ ଅଛି ମୋର ଛାତି ତଳ କୋହ
ନୟନ ନୀରରେ ଧୁଏ ।

ଏ ଜନମେ ତୁମ ହାତ ଧରିବାକୁ
ମନରେ ଭରିଛି ଆଶା
ତୁମ ପାଇଁ କେତେ କବିତା ଲେଖୁଛି
ଦେଇ ସୁମଧୁର ଭାଷା ।
ଗହମ ନିଦର ମିଠା ସପନରେ
ତୁମ ସାଥେ ନିତି ହଜେ
ପରାଣ ବୀଣାର ମଧୁ ଗୁଞ୍ଜରଣେ
ତୁମକୁ ମୁଁ ସଦା ଭଜେ ।

ଶୂରଡିହ ,ଦଶରଥପୁର, ଯାଜପୁର
ମୋ;~୯୪୩୭୮୬୫୭୨୭

ISSN NO.
2582-208X

# ଅଯୋଧ୍ୟାର ରାମଲଲା



ଅମରନାଥ ବାରିକ

ରାମରାଜ୍ୟ ଆଜି ସୃଷ୍ଟି ହୋଇଲା
ଗାନ୍ଧୀଙ୍କ ସପନ ପୂରଣ ହେଲା
ପ୍ରତି ଘରେ ପ୍ରତି ନଗର ପଲ୍ଲୀରେ
ରାମମୟ ପ୍ରେମ ବିତରି ଗଲା ।

ଅଯୋଧ୍ୟା ନଗରୀ ରାମ ଧ୍ୱନିରେ
ମନ୍ଦ୍ର ପ୍ରକମ୍ପିତ ହୋଇ ଉଠେରେ
ଶଙ୍ଖନାଦ ଦୀପ ପ୍ରଜ୍ୱଳିତ ହୋଇ
ପ୍ରଭୁ ଶ୍ରୀରାମଙ୍କୁ ସ୍ୱାଗତ କରେ ।

ଛାଡ଼ି ଲୋଭ ମୋହ ମାୟା ସଂସାରେ
ଭଜୁଛନ୍ତି ରାମ ନାମକୁ ଜନେ
ଶାଶ୍ୱତ ସତ୍ୟ ଏ ନାମଟି ଅନ୍ତରେ
ନେବା ପାଇଁ ହୁଏ ନିଶ୍ଚିତ ଦିନେ ।

ISSN NO.
2582-208X

ହିନ୍ଦୁ ମୁସଲମାନ ଶିଖ ଇଶାଇ
ଭବ୍ୟ ଉତ୍ସବରେ କାନ୍ଧ ମିଳାଇ
ବିଗ୍ରହ ମୂର୍ତ୍ତିକୁ ସ୍ଥାପନ କରିଲେ
ଆମେ ଭାଇଭାଇ ଭାବକୁ ନେଇ ।

ସନାତନ ଧର୍ମ ମୂଳ ମନ୍ତ୍ରଟି
ସତ୍ୟ ଅହିଂସା ଓ ଦୟା କ୍ଷମାଟି
ଜାତି ନୁହେଁ କେବେ ଅଲଗା ଅଲଗା
ଆମେରେ ମନୁଷ୍ୟ ଏକ ଜାତିଟି ।

ଥିଲା ଦିନେ ଏହି ସ୍ୱପ୍ନ ଗାନ୍ଧୀଙ୍କ
ଆମେ ହୋଇଯିବା ସଭିଏଁ ଏକ
ଉଚ୍ଚ ନୀଚ ଭାବ ମନରେ ନ ରଖି
ରଖିଯିବା ଦେଶ ଜାତିର ଟେକ ।

ଅନ୍ୟାୟ ଦୁର୍ନୀତି ତେବେ ହଟିବ
ସୁନାର ଭାରତ ଗଠନ ହେବ
ରାତି ବାରଟାରେ ନାରୀଟିଏ ଜାଣ
ମୁକ୍ତ ହୋଇ ଯେବେ ବୁଲି ପାରିବ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ରୂପ



ପ୍ରଜ୍ଞା ପାରମିତା ଦାଶ (ମିଶ୍ର )

କବୀରପୁର ବୋଲି ଛୋଟିଆ ଗାଁ । ସେ ଗାଁ ରେ କାଳୀ ବୋଲି ଗୋଟିଏ ଝିଅ ଟିଏ ରହୁଥିଲା। କାଳୀ ର ପରିବାର କହିଲେ ବାପା, ମା, ଆଉ ତାର ସାନ ଭାଇ। କାଳୀ ର ମଧ୍ୟବିତ ପରିବାର। ତାର ବାପା, ଚାଷ କରନ୍ତି। ସେ ଚାଷ ରୁ ଯେଉଁ ଦୁଇ ପଇସା ପାଆନ୍ତି ସେଥିରେ ତାଙ୍କ ପରିବାର ଦୁଃଖ, କଷ୍ଟ ରେ ଚଳନ୍ତି। କାଳୀ କି ତାଙ୍କ ଘରେ ତା ମାଆ କୁ ଛାଡିଦେଲେ ତାକୁ କେହିବି ଭଲ ପାଆନ୍ତି। କି ତାଙ୍କ ଗାଁ ରେ ବି କେହି ଭଲ ପାଆନ୍ତି । କାରଣ ସେ ଦେଖିବାକୁ କାଳୀ ବୋଲି। ତାଙ୍କୁ ତାଙ୍କ ସ୍କୁଲ ରେ କେହିବି ପିଲା ତାର ସାଙ୍ଗ ହୁଅନ୍ତିନି। ସେ ସ୍କୁଲ କୁ ଏକା ଯାଏ। ଏକା ଆସେ । କାଳୀ କି ତାର ରୂପ ଉପରେ ଭାରି ରାଗ ଲାଗେ। ଆଉ ତାର ଏଇ ରୂପ ପାଇଁ ତା ମାଆ ପାଖରେ ବହୁତ ମନ ଦୁଃଖ କରି କାନ୍ଦେ ।....

ଭାଗବାନ ରୂପରେ ସିନା କାଳୀ କରିଦେଲେ। ହେଲେ ପାଠରେ ଶାଠରେ ଗୁଣ ରେ ସବୁଥିରେ ସେ ଆଗୁଆ (ଏକ ନମ୍ବର ) କାଳୀ ଭଲ ପାଠ ପଢିବା ସହ, ସେ ଭଲ ଗୀତ ଆଉ ଚିତ୍ର କରେ । ତାଙ୍କ ସ୍କୁଲରେ ଥରେ ପ୍ରତି ଯୋଗିତା ହେଲା। ପ୍ରତ୍ୟକ ପିଲା ସେଥିରେ ଭାଗ ନେଇଥିଲେ। କାଳୀ ବି ସେଥିରେ ଭାଗ ନେଇଥିଲା ଆଉ ସେ ଗୀତ ରେ ପ୍ରଥମ, ଚିତ୍ର ରେ ପ୍ରଥମ ହେଲା । କାଳୀ ନାଚ ରେ ବି ଭାଗ ନେଇଥିଲା। ତାର ନାଚ ରେ ଭାଗ ନେଇଥିବା ଦେଖି ତାଙ୍କୁ ସମସ୍ତେ ତାର ପରିହାସ କଲେ। କିଛି ଦୁଷ୍ଟ ପିଲା ତାର ନାଚ ପୋଷାକ କୁ ଲୁଚେଇ ଦେଲେ ଯେମିତି ସେ ନାଚିବାକୁ ଯାଇପାରିବନି। ନାଚ ପ୍ରତିଯୋଗିତା ଆରମ୍ଭ ହେଲା। କାଳୀ ତାର ପୋଷାକ ପିନ୍ଧିବା କୁ ଗଲା ଦେଖିଲା ବେଳକୁ ତାର ପୋଷାକ

ISSN NO.
2582-208X

ସେଠାରେ ନାହିଁ। କାଳୀ ବହୁତ ଖୋଜିଲା ହେଲେ ପାଇଲା ନାହିଁ। ସେ କଣ କରିବ କିଛି ଜାଣି ପାରିଲାନି। ଶେଷରେ କାଳୀ କଣ କଲ ନା ତାର ସ୍କୁଲ ପୋଷାକ ପିନ୍ଧି ନାଚିବାକୁ ଗଲା। ଆଉ ନାଚ ରେ ପ୍ରଥମ ହେଲା ଆଉ ଆସିଥିବା ଅତିଥି ତାକୁ ବହୁତ ପ୍ରଶଂସା ମଧ୍ୟ କଲେ।ତାକୁ ବହୁତ ଉପହାର ଦେଲେ।

ସେଥିପାଇଁ ମହାପୁରୁଷ ମାନେ କହନ୍ତି...
''ରୂପ ନୁହେଁ ଗୁଣ ହିଁ ଚିହ୍ନ''
ସୁନ୍ଦର ରୂପ ନୁହେଁ
ସୁନ୍ଦର ଗୁଣ ହିଁ
ପ୍ରକୃତ ସୁନ୍ଦର.....

ବନ୍ଧମୁଣ୍ଡା
ଯାଜପୁର

ISSN NO.
2582-208X

# ପ୍ରେମ ହେଲା ଷ୍ଟେସନରେ



ବନ ଲତା ଦାସ

ମଙ୍ଗଳବାର ଠିକ୍ ଦିନ ୧୦ଟା ବେଳେ
ହଠାତ୍ ଅଜଣା ଚେହେରାଟେ
ବସା ବାନ୍ଧିଲା ମୋ ଛାତି ତଳେ
ବସିଥାଏ ମୁଁ କଟକ ଷ୍ଟେସନରେ
ବାଲେଶ୍ୱର ଯିବାକୁ ଟ୍ରେନର ଅପେକ୍ଷାରେ
ଏକ ନମ୍ବର ପ୍ଲାଟ ଫର୍ମରେ
ଟ୍ରେନ ଆସିବାର ଥିଲା ଅଳ୍ପ ସମୟ ଭିତରେ
ସାମ୍ନାରେ ମୋର ସୁନ୍ଦରୀ ତରୁଣୀର ଚେହେରା
ତାକୁ ଦେଖି ଖେଳିଗଲା ମୋର
ପ୍ରେମର ଜୁଆର ଦେହ ସାରା
ଅଠାପରି ଲାଗିଗଲା ସେ ମୋ ଆଖି ପଲକରେ
କିଛିକ୍ଷଣ ପାଇଁ ହଜିଗଲି ମୁଁ
ଦେଖି ତା ରୂପ ଲାବଣ୍ୟରେ
ଲାଗିଲା ସତେ ଯେପରି
ନାରୀ ନୁହେଁ ସେ ବ୍ରହ୍ମାଣ୍ଡ ସୁନ୍ଦରୀ
ପ୍ରଥମ ଚାହାଣୀରେ ତା'ର
ମନ ଗଲା ମୋର ପୂରି
ଚେହେରାଟି ତା'ର ଡଉଲ ଡାଉଲ

ISSN NO.
2582-208X

ହସୁଥିଲ ଚାହିଁ ଖାଲି
ମୁଁ ବି ତାକୁ କଣେଇ ଚାହୁଁ ଚାହୁଁ
ପାଇବାକୁ ଇଛା କଲି
ମଝିରେ ମଝିରେ ସ୍ମିତହସ ତା'ର
ମନ ନେଲା ଜିଣି
ଏଥର ଜାଣିଲି ସିଏ ହେବ
ମୋର ହୃଦୟର ରାଣୀ
ତା ଆଖି ମୋ ଆଖିରେ ପଡିଲେ
ଲାଜରେ ଝାଉଁଳି ଯାଏ
ଚଞ୍ଚଳ ମନ କଣ କରିବି
କଣ କହିବି ବୋଲି ନିଜକୁ ପଚାରୁଥାଏ ?
ପ୍ରଥମ ଦେଖାରେ ମନ ହେଲା ବିଚଳିତ
ପୁଣି ମନେ ମନେ ଭାବେ
ଏ ପ୍ରେମ ମିଛ ନା ସତ ?
ମନ ଇଛୁଥିଲା ପଚାରିବାକୁ ତା'ର ନାଁ
ପୁଣି ଚଞ୍ଚଳ ମନ କରୁଥିଲା ମନା
ଭାବୁଥିଲି ମୁଁ ଡାକି ତାକୁ ମନକଥା କହିବାକୁ
ଆସିବ କି ନାହିଁ ଭାବୁଥିଲି
ପୁଣି ଥରୁଥିଲା ମୋର ବୁକୁ
ଏ ମନ ଭାବୁଥାଏ ପୁଣି
ଆଜି ନ ଆସନ୍ତା କି ଟ୍ରେନ
ଯଦି ଆସିବ ଖରାପ ହେଇଯିବ ମୋ ବ୍ରେନ
ଏମିତି ଚାହୁଁଚାହୁଁ ଭାବୁଭାବୁ ସମୟ ଗଲା ଗଡି
ଭୁବନେଶ୍ୱର ଆଡୁ ଧଉଳି ଆସିଲା ମାଡି
ପ୍ରିୟା ମୋର କରିଦେଇ ଗଲା ସ୍ୱପ୍ନ
ଶରୀରରୁ ଆତ୍ମା ଛାଡି ଗଲା ପରି
ଲାଗିଲ ଏ ଜୀବନ

ISSN NO.
2582-208X

ଭିଡର ଆଢୁଆଳରେ ହଜିଗଲା ମୋ ପ୍ରିୟା
ଖୋଜିବୁଲେ ମନ କହେ ଏମିତି ହେଲା କିଆଁ
ସେଦିନର ସେଇ ଅଭୁଲା ସ୍ମୃତି
ବସା ବାନ୍ଧିଛି ମନେ
ମୋ ମନର ପ୍ରିୟାକୁ ନିତି ଖୋଜେ ସପନେ
ଜାଣେନି ପୁଣି ଦେଖା ହେବ କି ନାହିଁ
ପୂର୍ଣ୍ଣ ବିଶ୍ୱାସେ ଇଶ୍ୱରଙ୍କୁ ଦେଉଛି ମୁଁ ଦ୍ୱାହି
ଆଜି ନାହଁ ତୁମେ ମୋର ପାଶେ
ତଥାପି ମୁଁ ତୁମ ଅନୁଭବେ
ନିଶାର୍ଦ୍ଧେ ଚେଇଁ ବସେ
ଅବୁଝାମନ ମନେପକାଏ ସେଇ ଅଭୁଲା ସମୟ
ତଥାପି ଲାଗେ ତୁମେ ଦେଖାଦେବ ନିଶ୍ଚୟ
ଯଦି ସତ ହୋଇଥିବ ପ୍ରେମ ମୋହର
ସେଇ ଅଚିହ୍ନା ମୁହଁଟି ମୋତେ କରିବ ନିଜର
କୋଟି ଆଶା ମନରେ ନେଇ
ପାଇବାକୁ ସେଇ ସୁନ୍ଦରୀ
ଏତିକି ମୋର ପ୍ରଭୁଙ୍କୁ କରୁଛି ଗୁହାରି

ବର୍ତ୍ତିନା, ସୋମନାଥପୁର
ବାଲେଶ୍ୱର

ISSN NO.
2582-208X

# ବୈକୁଣ୍ଠ ସମାନ ଅଟେ ଆମଘର



ହରେରାମ ପଣ୍ଡା

ଏଇ ଘରଟିରେ ଜନମ ମୋହର
ଝାଟିମାଟି କାନ୍ଥ ନଡ଼ା ଛପର,
ଦାଣ୍ଡରେ ଆମର ତୁଳସୀ ଚଉଁରା
ଦିଶୁଥାଏ ସତେ କେଡ଼େ ସୁନ୍ଦର ।
ସକାଳୁ ମାଆ ମୋ ଗାଧୋଇ ସାରିକି
ପାଣି କୁମ୍ଭଟିଏ ହାତରେ ଧରି,
ଚଉଁରାକୁ ପୂଜି ତୁଳସୀ ମୂଳରେ
ଭକତିରେ ଜଳ ଦିଅନ୍ତି ଢାଳି ।
ଛୋଟିଆ ଆମର ରୋଷେଇ ଘରଟି
ଯେଉଁଠୁ ଆମକୁ ମିଳେ ଆହାର,
ହାତେ ରାନ୍ଧି ମାଆ ପରଶି ଦିଅନ୍ତି
କି ସୁଆଦ ହାତରନ୍ଧା ତାଙ୍କର ।
ବାଡିରେ ନଡ଼ିଆ, ଆମ୍ବ, ଖଜୁରୀ,
ବରକୋଳି, ଜାମୁ, ବେଲ, କଦଳୀ,
ଜେଜେଙ୍କର ଶାଗ କିଆରୀକୁ ଦେଖି
ଆନନ୍ଦରେ ମନ ଯାଉଛି ପୂରି ।

ISSN NO.
2582-208X

ଘରଠୁଁ ଦୂରରେ ଟିକି ଗାଡିଆରେ
କଇଁଫୁଲ ଫୁଟେ କେତେ ବଢିଆ,
କେରାଣ୍ଡି, କଣ୍ଟିଆ, ମାଗୁର, ଭାକୁର,
ଶେଉଳ, ଚିଙ୍ଗୁଡ଼ି, କଣ୍ଟାବାଳିଆ ।
ଜେଜେମାଆଙ୍କର ଠାକୁର ଘରଟି
ସତେ କି ଗୋଟିଏ ଦେବ ମନ୍ଦିର,
ସକାଳ ସଞ୍ଜରେ ଧୂପ ଝୁଣା ବାସେ
କି ପବିତ୍ର ଆହା କି ମନୋହର ।
ଟିକି ବଗିଚାଟି ଘର ସାମନାରେ
ଧାଡ଼ି ଧାଡ଼ି ଗଛ ସେ ବଗିଚାରେ,
ଜୁଇ, ଜାଇ, ମଲ୍ଲୀ, ମାଳତୀ, ସେବତୀ,
ପୂରିଉଠେ ଘର ତା'ବାସନାରେ ।
ଆମଘର ସତେ କେତେ ଯେ ସୁନ୍ଦର
ମାଆ ବାପା ଦେବୀ ଦିଅଁ ଆମର,
ସେନେହ ମମତା ଯେଉଁଠି ବିରାଜେ
ସେହି ଘର ସତେ ବୈକୁଣ୍ଠ ପୁର ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
କୁଆଁସ, ଯାଜପୁର,
ସମ୍ପର୍କ - 9438065195

ISSN NO.
2582-208X

# ଜାତି



ମାନସୀ ସାହୁ

ସଭିଙ୍କୁ ସମାନେ ଗଢନ୍ତି ଭଗବାନେ
କାହିଁକି ଦଳିତ ହୁଅନ୍ତି ସେମାନେ !
ରକ୍ତ ମାଂସ ହାଡ଼ ସଭିଙ୍କ ସମାନେ
ସମାଜରେ କାହିଁକି ପଛୁଆ ସେମାନେ !
ଗଢିଛି ଯିଏ ଦେଖେନି ଫରକ
ସମାଜ ଜାତିକୁ ନେଇ କରେ ନାଟକ !
ସମସ୍ତେ ସେହି ତାହାରି ଦାସ
ସମାଜ କାହିଁକି ବାଛିନିଏ ଉଚ୍ଚ ନିଚ !
କର୍ମରେ ଥାଏ ନିଜ ନିଜର ବୃତ୍ତି
ଜାତିରେ ନଥାଏ କିଛି !
ଜାତି ପାଇଁ ଆଜି ଭଗବାନ ଦୋଷି
ସମାଜ ଖେଳେ ବଡ଼ ରାଜନୀତି !
ଜାତିକୁ ନେଇ କରନାହିଁ ଗର୍ବ
ମାନବତ୍ୱ ଆମ ସଭିଙ୍କ ଗୌରବ !

କୁପୁରୀ ବଜାର
ବାଲେଶ୍ୱର

ISSN NO.
2582-208X

# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

## ଭାଗ -୨୨

କୌଣସି ଦୃଶ୍ୟରାଜିକୁ ବାରମ୍ବାର ଦେଖୁଥିଲେ ତା'ର ଚମତ୍କାରିତା ହରେଇବସେ । ପ୍ରତ୍ୟେକ ଦିନ ମିଠା ଖାଉଥିଲେ ମିଠା ପ୍ରତି ଅନାଗ୍ରହ ସୃଷ୍ଟି ହୁଏ । କେହି ସମ୍ପର୍କୀୟ ଗୃହକୁ ନିୟମିତ ଆସୁଥିଲେ ଆଦର ସମ୍ମାନଟା କମି କମି ଆସେ । ଠିକ୍ ସେହିପରି ସ୍ୱାମୀ ଦେବଦତ୍ତ ଓ ସ୍ତ୍ରୀ ମାଳତିର ବହୁବାର ମିଳାମିଶାରେ ଆକର୍ଷଣଟା ଧିମେଇ ଯାଇଛି । ପ୍ରିୟତମା ପତ୍ନୀର ଅନୁପସ୍ଥିତିରେ ଉଦବେଗ ମଳିନ ପଡି ଯାଇଛି । ଆଗ ଭଳି ଭାଷା ଆଉ କୋକିଳନିନ୍ଦିତ ଲାଗୁନାହିଁ । ସ୍ତ୍ରୀର ଆଗମନ ବୈଶାଖର ଝାଞ୍ଜି ପବନ ଭଳି ମନେ ହେଉଛି । ସୌନ୍ଦର୍ଯ୍ୟଟା ଚନ୍ଦ୍ର ଦେହରେ କଳା ଦାଗ ଭଳି ଲାଗୁଛି । ଶବ୍ଦ କାକର କର୍କଷ ସ୍ୱର ଭଳି ଶୁଣାଯାଉଛି । ଚାଲିଟା ଅତ୍ୟାଧୁନିକ ଯୁଗର ଚମ୍ପା କି ଚମେଲିର ଗେଲପ୍ ଚାଲି ପରି ଦେଖାଯାଉଛି । ଟିକିଏ ଟିକିଏ କଥାରେ ରାଗିବାକୁ ପଡୁଛି । କାରଣ ବଶତଃ ଦୁହିଁଙ୍କ ମଧ୍ୟରେ କଥା କଟାକଟି ହେଲେ ରାଗି ଯାଇ ସ୍ତ୍ରୀକୁ ଗାଳି ଦେଉଛି । ବାହ୍ୟ ଚାପରେ ବିରକ୍ତ ହୋଇ ମାଡ ମାରିଛି । କହୁଛି, "ତତେ ମୋର ଦରକାର ନାହିଁ, ଯାହାକୁ ଭଲ ପାଉଥିଲୁ ତା'ନିକଟକୁ ଚାଲି ଯା' ।" ଯାହା ହେଉନା କାହିଁକି ସ୍ତ୍ରୀକୁ ମାଡ ମାରିବା ଉଚିତ୍ ନୁହେଁ। ଯାହାକୁ ଅର୍ଦ୍ଧାଙ୍ଗୀ ରୂପେ ଦେବ, ଦାନବ, ଗନ୍ଧର୍ବଙ୍କୁ ସାକ୍ଷୀ ରଖି ସାତ ଜନ୍ମ ପାଇଁ ଗ୍ରହଣ କରାଯାଏ, ସେହି ଅର୍ଦ୍ଧ ଅଙ୍ଗକୁ ମାଡ ଦେବା କେତେ ଦୂର ଯୁକ୍ତିଯୁକ୍ତ ? କେହି କେବେ ନିଜ ଶରୀରର ନିର୍ଦ୍ଧିଷ୍ଟ ଅଙ୍ଗକୁ ଯନ୍ତ୍ରଣା ଦେବା ପାଇଁ ଚାହିଁ ଥାଏ ? କଦାପି ନୁହେଁ। ତେବେ ଅର୍ଦ୍ଧାଙ୍ଗୀର ସଠିକ ଅର୍ଥ

ISSN NO.
2582-208X

ବୁଝି ପାରିନଥିବା ମଣିଷ ସ୍ୱାମୀର ପଦବାଚ୍ୟ ନୁହେଁ। ଯିଏ ସ୍ତ୍ରୀକୁ ଅଯାଚିତ ନିର୍ଯ୍ୟାତନା ଦିଏ ତେବେ ସେ ବିଦ୍ୱାନ ହେଉ ନା କାହିଁକି ବୁଝାଯିବ ଯେ ତା'କୁ ଏପର୍ଯ୍ୟନ୍ତ ଅର୍ଦ୍ଧାଙ୍ଗୀର ଅର୍ଥ ଜଣା ନାହିଁ। ସେମାନଙ୍କ ମତରେ ସ୍ତ୍ରୀ କେବଳ ଦାସ ଆଉ ଛୁଆ ଉତ୍ପାଦନ କରୁଥିବା କାରଖାନା।

ପୁନଶ୍ଚ ଛୋଟ ଛୋଟ କଥାରେ କଳହ କରି ହୃଦୟକୁ ତୀରବିଦ୍ଧ କଲା ଭଳି କଥା କାହିଁକି? କେଉଁ ସ୍ୱାମୀ ସ୍ତ୍ରୀ ଝଗଡା କରନ୍ତି ନାହିଁ? ସମସ୍ତଙ୍କର ଘରେ ରାଗ, ରୁଷା, ଅଭିମାନ, କଳହ ହେଇଥାଏ। ତା'ର ଅର୍ଥ ନୁହେଁ ଯେ ଅତୀତକୁ ଅଯଥା ମନେ ପକାଇ ସ୍ତ୍ରୀକୁ ଲୋକହସା କରିବାର ମନ୍ଦ ଉଦ୍ଦେଶ୍ୟ ରଖିବା ଓ ବିରକ୍ତିରେ "ତୁ ଯାହାକୁ ଭଲ ପାଉଥିଲୁ ତା' ନିକଟକୁ ଚାଲି ଯା" ବୋଲି କହିବା। ଭଲ ପାଉଥିବା ଯୁବକ ପାଖକୁ ଯାଇଥିଲେ ଇଏ କାହିଁକି ବା ଆଉ ଜଣକୁ ବିବାହ କରିଥା'ନ୍ତା! ଯୌବନର ଭୁଲକୁ ବାରମ୍ବାର ସ୍ମରଣ କରାଇ କଟା ଘା' ରେ ଚୂନ ଦେବାର କାର୍ଯ୍ୟ କରିବା ଠିକ୍ ନୁହେଁ। ସ୍ୱାମୀ ଦେବଦତ୍ତ ମଧ୍ୟ ଦିନେ କେହି ଜଣକୁ ଭଲ ପାଇଥିଲା। ସେହି ପ୍ରସଙ୍ଗକୁ ନେଇ ମାଳତି କେବେ କଳହ ତ କରିନାହିଁ। ତେବେ ସର୍ବଦା ନାରୀ କାହିଁକି ଦୋଷୀ ଆଉ ବଳୀ ପଡେ? ନିରୀହ ବୋଲି ନା ପର ଘର ଝିଅ ବୋଲି? ସଂସାର ଚଳାଇବାରେ ଅସାମର୍ଥ୍ୟ ଭାବି କି ଦୁର୍ବଳା ମନେ କରି? ଏମିତି ଦେଖିଲେ ସ୍ୱାମୀ ଅପେକ୍ଷା ସ୍ତ୍ରୀର ସବୁ କ୍ଷେତ୍ରରେ ଦକ୍ଷତା ଅଧିକ ରହିଥାଏ। ପୁରୁଷ ତ କେବଳ ରୋଜଗାର କରିବାର ଏକ ମାଧ୍ୟମ ପାଇଥାଏ। ମାତ୍ର ନାରୀ, ଗୃହ କର୍ମ ଠାରୁ ଆରମ୍ଭ କରି ପରିବାର ପ୍ରତିପୋଷଣ ତଥା ପୁଅଝିଅର ଜୀବନ ଗଠନରେ ମୁଖ୍ୟ ଭୂମିକା ନିର୍ବାହ କରେ। ଉଷା କାଳରୁ ଶେଯ ତ୍ୟାଗ କରି ନିଶାର୍ଦ୍ଧ ପର୍ଯ୍ୟନ୍ତ ଅକ୍ଳାନ୍ତ ପରିଶ୍ରମ କରିବା ସତେ ଯେପରି ସେମାନଙ୍କର ଭାଗ୍ୟରେ ପୂର୍ବରୁ ଲିପିବଦ୍ଧ। ତେବେ ଦେବଦତ୍ତ ଭଳି ସ୍ୱାମୀକୁ ଛାଡି ମାଳତିର ବଞ୍ଚିବା ଅସମ୍ଭବ ହେବ ନାହିଁ। ଦୁର୍ଭାଗ୍ୟକୁ ବିଧବା କି ଛାଡ଼ପତ୍ର ଦେଲେ ଯେମିତି ହେଲେ ବଞ୍ଚି ପାରିବ। ଜଣକର ଅନୁପସ୍ଥିତିରେ ଅନ୍ୟ ଜଣକ ପାଇଁ ସଂସାର ଚାଲିବା ବନ୍ଦ ହୋଇଯାଏ ନାହିଁ।

ISSN NO.
2582-208X

ଅପରପକ୍ଷରେ ବିଚାରି ମାଳତି ନିଜ ଭାଗ୍ୟର ବିଡମ୍ବନାକୁ ନେଇ ଖେଦ ପ୍ରକାଶ କରେ। ସ୍ୱାମୀର ଏପରି ବ୍ୟବହାରରେ ଲୁଚି ଲୁଚି କାନ୍ଦେ। ସେ ଆଜି ଯୌବନରେ କେହି ଜଣକୁ ଭଲ ପାଇ ସତ କହିଥିବାରୁ କେତେ ଦୁଃଖ ସତେ! ହେଲେ ଏପରି ଭୁଲ ସ୍ୱାମୀ ଦେବଦତ୍ତ ମଧ୍ୟ କରିଛନ୍ତି। ଭଲ ପାଇ ଜଣେ ଝିଅକୁ ଧୋକା ଦେଇଛନ୍ତି। ସରଳତାର ସୁଯୋଗ ନେଇ ତା'ର ସତୀତ୍ୱ ହରଣ କରିଛନ୍ତି। ଅଥଚ ତା'ଙ୍କ ପାଇଁ ସ୍ତ୍ରୀର ତାଡନା କି ଅଭିଯୋଗ ନାହିଁ? ସାମଜରେ ପ୍ରଚଳିତ ସତୀଦାହ ଆଉ ତଲାକର କୁସଂସ୍କାର ପ୍ରଥା ଭଳି କଥା ଅଟେ। ସ୍ୱାମୀଙ୍କ ସ୍ୱର୍ଗାରୋହଣରେ ସ୍ତ୍ରୀର ଅନିଚ୍ଛା ସତ୍ତ୍ୱେ ଚିତାଗ୍ନିରେ ଝାସ ଦେବା କେତେ ଦୂର ଯଥାର୍ଥ? ତା'ର ବି ତ ବଞ୍ଚିବାର ମୌଳିକ ଅଧିକାର ରହିଛି। ତା'ର ମଧ୍ୟ ସଂସାର ଗଠନ କରିବା, ନୀଳ ସ୍ୱପ୍ନ ଦେଖିବା, ଲକ୍ଷ୍ୟ ହାସଲ କରିବା,ବଂଶୋଦ୍ଧାର କରିବାର ଆଶା, ଅଭିଳାଷ, ଅଧିକାର ରହିଛି। ଯାହାର ଯେତେବେଳେ ସମୟ ଆସିବ ସେ ଭବସାଗର ପାରି ହେବ। ଦୁନିଆର ରଙ୍ଗମଞ୍ଚରୁ ଅଭିନୟ ସାରି ବାହୁଡିଯିବ। ବାଧ୍ୟବାଧକତାରେ ସ୍ତ୍ରୀକୁ ମୃତ୍ୟୁ ମୁଖରେ ଠେଲିଦେବା ଏକ ପ୍ରକାର ହତ୍ୟା ନୁହେଁ କି? ସ୍ୱାମୀର ଦେହାନ୍ତ ପରେ ଏକ ପତିବ୍ରତା ଗ୍ରହଣ ପୂର୍ବକ ମୋହ ମାୟାକୁ ତ୍ୟାଗ କରି ସତୀ ହେବା ଠିକ୍ କଥା। ସତୀତ୍ୱ ଗୁଟେ ଉତ୍ତମ ଧର୍ମ ଅଟେ। କିନ୍ତୁ ମୃତ୍ୟୁକୁ ଆଲିଙ୍ଗନ କଲେ ଯାଇ ସତୀ ହେବ ଏମିତି ତ ଲେଖା ନାହିଁ। ପୁଣି ସ୍ତ୍ରୀର ମୃତ୍ୟୁ ପରେ ତା'ର ଚିତାଗ୍ନିରେ ଝାସ ଦେଇ ସ୍ୱାମୀ ତ ଏକ ପତ୍ନୀବ୍ରତ ଗ୍ରହଣ କରୁନାହିଁ। ଦ୍ୱିତୀୟ ଦାରା ବରଣ କରି ହସ ଖୁସିରେ ସଂସାର ଚଳାଏ। ଉତ୍ତରାଧିକାରୀ ଜନ୍ମାଏ, ବଂଶ ରକ୍ଷା କରେ। ତେବେ ଏହି ପରିପ୍ରେକ୍ଷୀରେ ନାରୀ ନିମନ୍ତେ ଅନ୍ୟାୟ କାହିଁକି?

ଅଣହିନ୍ଦୁ ସମ୍ପ୍ରଦାୟରେ ତଲାକ ମଧ୍ୟ ଏକ ଘୃଣ୍ୟ ଅପରାଧ ଅଟେ। ବିବେକର ଭାରସାମ୍ୟ ହରାଇ ଜୀବନ ସଙ୍ଗିନୀକୁ ତିନିବାର 'ତଲାକ୍, ତଲାକ୍, ତଲାକ୍' କହି କ'ଣ ଜୀବନରୁ ତା'କୁ ଦୂର କରାଯାଏ? ଘରରୁ, ସମ୍ପର୍କରୁ, ଅଧିକାରରୁ ବାହାର କରିଦିଆଯାଏ? ପ୍ରିୟତମା ସ୍ତ୍ରୀ ସ୍ୱାମୀକୁ ତିନି ଥର ତଲାକ୍ କହି ପରିତ୍ୟାଗ କରିବାର ନିୟମ ତାଙ୍କର ନାହିଁ। ଜଣେ ଆଉ ଜଣକୁ ଜୀବନର ଅଧାବାଟରେ ଛାଡିଯିବା ଅନୁଚିତ। ତେବେ କାହିଁକି ସୁଖର

ISSN NO.
2582-208X

ପରିବାରକୁ ନିମିଷକେ ଧ୍ୱଂସ କରିବା ଭଳି କୁପ୍ରଥା ରହିଛି ? କାହିଁକି ସର୍ବଦା ନିରୀହ ଉପରେ ଅତ୍ୟାଚାର କରିବାର ନିୟମ ପୁରୁଷ ସମାଜରେ ପ୍ରଚଳିତ? ଅବଶ୍ୟ ଏଇ ଦୁଇ ପ୍ରଥା ବର୍ତ୍ତମାନ ସମାଜରୁ ବିଲୁପ୍ତ ହେବାରେ ଲାଗିଛି।

ସର୍ବଦା ସତ୍ୟ କହୁଥିବା ବ୍ୟକ୍ତି ଉପଲବଧି କରିପାରେ ଚିରନ୍ତନ ସତ୍ୟର ଅପାର ଆନନ୍ଦ। ପାଇଥାଏ ସ୍ୱର୍ଗୀୟ ସୁଖ। ମିଳିଥାଏ ଅଯାଚିତ ସମ୍ମାନ, ସୀମା ହୀନ ଆଦର। ସମସ୍ତଙ୍କ ଅତି ପ୍ରିୟ ହୋଇ ବିଶ୍ୱସ୍ତ ହୋଇଯାଏ। ଜୀବନରେ ଯେତେ ଝଡଝଞ୍ଜା ଆସୁପଛେ ସତ୍ୟ ପଥରୁ ଓହରି ଯିବା ଅନୁଚିତ। ମାତ୍ର ଅତ୍ୟାବଶ୍ୟକ ସ୍ଥଳେ ମିଛ କହିବାର ଦୃଷ୍ଟାନ୍ତ ମଧ୍ୟ ରହିଛି। କୁରୁକ୍ଷେତ୍ର ରଣ ପ୍ରାଙ୍ଗଣରେ ଧର୍ମରାଜ ଯୁଧିଷ୍ଠିର ଗୁରୁ ଦ୍ରୋଣାଚାର୍ଯ୍ୟଙ୍କୁ ମିଛ କହିବାକୁ ଯାଇ କହିଥିଲେ, "ନର ବା ଗୁଞ୍ଜରେ ଅଶ୍ୱତ୍ଥମା ନିହତ।" ଗୋଟିଏ ଦୃଷ୍ଟିରେ କୋଣରୁ ଦେଖିବାକୁ ଗଲେ ଅଶ୍ୱତ୍ଥମା ହସ୍ତୀର ମୃତ୍ୟୁକୁ ସେ ଜାଣିଥିଲେ। ହେଲେ ଏହି ଅକାଟ୍ୟ ସତ୍ୟକୁ ଗୁରୁ ବରଙ୍କ ସମ୍ମୁଖରେ ପ୍ରକାଶ କଲେ ନାହିଁ। ଯଦି କହିଥା'ନ୍ତେ ତେବେ ମହାଭାରତ ଯୁଦ୍ଧର ଫଳାଫଳ ନିଶ୍ଚିତ ରୂପେ ଭିନ୍ନ ହୋଇଥା'ନ୍ତା। ଅପରପକ୍ଷରେ ବାହ୍ୟଚାପ ଯୋଗୁଁ ସେ ଏମନ୍ତ କହିବାକୁ ବାଧ୍ୟ ହୋଇଥିଲେ ଯାହା ରଣ କ୍ଷେତ୍ରରେ ଧର୍ମ ନିମନ୍ତେ ଅନୁକୂଳ ହୋଇଥିଲା। ତେବେ ମାଳତି ଜ୍ଞାତସାରରେ ସତ୍ୟ କହି ଦୁର୍ଦ୍ଦଶାକୁ ଟାଣି ଆଣିବାର ମୂର୍ଖତା କରିଛି ବୋଲି କହିବାକୁ ହେବ।

କ୍ରମଶଃ ---

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ମକର ସଂକ୍ରାନ୍ତି



ଜୟନ୍ତୀ ଦେବୀ

ଦକ୍ଷିଣାୟନ ଷଡ ମାସ ଜାଣ ।
କର୍କଟୁ ମକର ଛମାସ ପୁଣ ।
ଉତ୍ତର ପଥ ବରଜି ଭାସ୍କର ।
ଦକ୍ଷିଣ ଦିଗେ ଗମନ୍ତି ସତ୍ୱର ।
ଏ ଷଡ ମାସେ ଯମ ଅଧିକାର ।
ମୃତକେ ଗମନ୍ତୀ ଶମନ ପୁର ।
ଯୋଗୀ ଋଷି ମୁନୀ ସାଧବ ଗଣ ।
ଚାହିଁ ରହିଥାନ୍ତି ଉତ୍ତରାୟଣ ।
ମକର ମାସରୁ କର୍କଟ ଯାଏ
ଷଡ ମାସ ଉତ୍ତରାୟଣ ହୁଏ ।
ମହାପ୍ରୟାଣ ରେ ଫଳ ମହାନ ।
ଜୀବ ନ ଗମନ୍ତି ଯମ ସଦନ।
ବହୁ ପୂଣ୍ୟ ଫଳେ ମରତେ ନର ।
ଉତ୍ତରାୟନେ ହୋନ୍ତି ଦେହାନ୍ତର ।
ଶମନ ଭୁବନ ଦେଖନ୍ତି ନାହିଁ ।
ଦୂତ ପେଶି ନିଅନ୍ତି ଭାବଗ୍ରାହୀ ।
ଜୀବ ମାତ୍ରକେ ଅଛଇ ମରଣ ।
ଯୋଗୀ ଗମନ୍ତି ସେ ଉତ୍ତରାୟଣ ।
ଏସନ ଉତ୍ତରାୟଣ ର ଗତି।
ନରେ ପୁନର୍ଜନ୍ମ ଲଭି ନଥାନ୍ତି ।।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଗେରୁଆ ଓ ତ୍ରିରଙ୍ଗା ତଳେ ସଂସ୍କୃତି ରଚନା



ଡୁଇଟ୍ ଡେଭିଡ ଫିଲିପ

ଧର୍ମଗୁରୁର ଅଧିକାରୀ ହେବାକୁ ଇଚ୍ଛା,
ଅଧିକାରିର ଧର୍ମ ଗୁରୁ ହେବାକୁ ପ୍ରଚେଷ୍ଟା,
ହେଲା ପରେ ସଂସ୍କୃତି, ପରମ୍ପରା ଛାଇଲା ନୂଆ,
ତଥାପି ବିଚାରପତି ନହେଲେ ମନ ଊଣା,
ଏକ ଛତ୍ରବାଦ ବିଜ କେଉଁଠୁ ଆସିଲା ?

ନୂଆ ସଂସ୍କୃତି ୧୯୪୭ ରୁ ଭାରତେ ଆସିଲା,
ଅଣ୍ଡରୱାଲ୍ଡ, ସରକାରୀ ଅନ୍ୟାୟ, ବ୍ୟାପି ଚାଲିଲା,
ଗାନ୍ଧି ମାନଙ୍କ ଅକାଳ ମୃତ୍ୟୁ ଆରମ୍ଭରୁ ହେଲା,
ଗେରୁଆ ଓ ତ୍ରିରଙ୍ଗା ତଳେ ସଂସ୍କୃତି ରଚନା,
ଆଦିବାସୀ, ଦଳିତ ଓ ଗରିବ ଭ୍ରମରେ! ଚାଉଳ, ଘର ମିଳିଲା ।

ପଶୁକୁ ଖାଇବା ଦେଇ କାବୁ କରିବା,
ମଣିଷ ପାଇଁବି ସମାନ ପ୍ରୟୋଗ ଆସିଲା,
ଜାଣିନି ଭାରତୀୟ, ପାଇବା ଅଧିକାର ନା ଦୟା,
ବିକ୍ରି ହୋଇଗଲା ଭାରତ, ଜୟ ଶ୍ରୀ ସ୍ଲୋଗାନ, ଜୟ ଶ୍ରୀ ଆତ୍ମା,
ଖାଇବୁ ଦାନ୍ତୁରି ଖଜାଲୋ ବୁଇ, ମନକୁ ବୁଝା ।

ଓକିଲ ଓ ସମାଜ ସେବକ,
ଭବାନୀପାଟଣା, କଳାହାଣ୍ଡି,
୯୪୩୭୧୦୪୩୦୩/www.pensofdavid.com

ISSN NO.
2582-208X

# ପାପ-ପୁଣ୍ୟ



ଯଜ୍ଞଦତ୍ତ ସାମନ୍ତରାୟ

ମୁଁ ଜାଣିନି
ପାପ-ପୁଣ୍ୟ କ'ଣ  !
ହଁ, ଏତିକି ଜାଣିଛି
ଯେଉଁ କାମ
କାହାକୁ ଆଘାତ ଦିଏ
ତାହା ପାପ,
ଆଉ
କାହାର ମୁହଁରେ
ହସ ଫୁଟିଲେ
ତାହା ପୁଣ୍ୟ  ।

ସଂପାଦକ: ଗୁଞ୍ଜନ
କବିସୂର୍ଯ୍ୟନଗର, ଗଞ୍ଜାମ-୭୬୧୧୦୪
ମୋ.୯୩୩୭୪୪୪୯୨

ISSN NO.
2582-208X

# ଧର୍ମ ପରାୟଣ ବ୍ୟକ୍ତ



ସିଦ୍ଧେଶ୍ୱର ତ୍ରିପାଠୀ

ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର । ଏଇ ବିଶ୍ୱାସରେ ପରା ସାରା ଦୁନିଆଁ ବନ୍ଧା । ସମସ୍ତେ ଜେଝା କାମରେ ଯିଏ ବ୍ୟସ୍ତ ସେଇ ବ୍ୟସ୍ତ ମୟ ସମୟରୁ କିଛି ସମୟ ବାହାର କରି ଟିକେ ବିଭୂ ସେବା ଭଜନ କୀର୍ତ୍ତନ କରିବା କେତେ ବଡ଼ କଥା ସତରେ । ଏଇ ଦେଖୁନ ଗାଁର କିଛି ଲୋକ ଶ୍ରୀକ୍ଷେତ୍ର ଯିବାକୁ ମନ କଲେ କାଳିଆର ଡୋରି ଲାଗିଲା ବୋଧେ । ଗାଡି ଭଡା ହେଲା ଏଇ ଷାଠିଏ କି ସତୁରି ଲୋକ ଜଗନ୍ନାଥ ଦର୍ଶନରେ ବାହାରିଲେ ।

ଗାଡି ଯାଇ ସମୁଦ୍ର କୂଳରେ ଲାଗିଲା ସମସ୍ତେ ମହୋଦଧିରେ ସ୍ନାନ କଲେ ଲୋକନାଥ ଙ୍କୁ ଦର୍ଶନ କରି, ବାହାରି ପଡିଲେ ବଡ଼ଦାଣ୍ଡ ଆଡ଼କୁ ହରିବୋଲ ଜୟ ଜଗନ୍ନାଥ ଧ୍ୱନି ରେ ସମସ୍ତେ ଆନନ୍ଦିତ । ପ୍ରଥମେ ଅରୁଣ ସ୍ତମ୍ଭ ପତିତ ପାବନ ଦର୍ଶନ ସାରି ବାଇଶି ପାହାଚ ଦେଇ କାଶୀ ବିଶ୍ୱନାଥ ବଟ ଗଣେଶ କଳ୍ପବଟ ମାଧବ ବିମଳା ମହାଲକ୍ଷ୍ମୀ ଏମିତି କେତେ ଦେବାଦେବୀଙ୍କ ସହିତ ଚତୁର୍ଦ୍ଧାମୂର୍ତ୍ତି ଙ୍କ ଦର୍ଶନ ମିଳିଲା। ସଭିଏଁ ଦୀପ ଜାଳିଲେ ହୁଣ୍ଡିରେ ଯିଏ ଯାହା ଦାନ ଦେଲେ । ହାତ ଟେକି ଜୟ ଜଗନ୍ନାଥ କହି ସେଇ ଚକାଆଖି ରେ ଆଖି ମିଶେଇ ଧନ୍ୟ ହେଲେ ଯେମିତି ।

ଆନନ୍ଦ ବଜାରରେ ମହାପ୍ରସାଦ ପାଇ ଯିଏ ଯାହା ଘରକୁ କିଛି ପ୍ରସାଦ ମଧ୍ୟ ଆଣିଲେ । ବାଟ ମଙ୍ଗଳା ସାକ୍ଷୀ ଗୋପାଳ ଙ୍କ ଦର୍ଶନ ବି ମିଳିଗଲା । ଗାଡି ଆଗକୁ ଆଗକୁ ଗଡୁଥାଏ।

ISSN NO.
2582-208X

ଏଇ ବାଟରେ କଣ ଗୋଟେ ମେଳା ପଡିଛି ଚାଲ ଟିକେ ବୁଲି ଆସିବା । ଗାଡି ରହିଲା । ସମସ୍ତେ ଓହ୍ଲେଇଲେ କିଣାକିଣି କରିବେ ଭାରି ଗହଳି । କିଛି ଲୋକତ କିଣାକିଣି କଲେ ଆଉ କିଛି ହାତ ଗଳେଇ ବେପାରୀର ଅନ୍ୟ ମନସ୍କତାର ସୁଯୋଗ ନେଇ ଖୁବ ଲୁଟିଲେ ହାତ ସଫେଇ ରେ ବ୍ୟାଗ ଭର୍ତ୍ତି ।

ଗାଡି ଭିତରେ ରହି ବାର ବର୍ଷର ପିଲାଟି ସୁମନ ସବୁ ଦେଖୁଥିଲା। ଯୋଉ ଜାଗାରେ ଶ୍ରୀ ମହାପ୍ରସାଦ ଭରି ରହିଥିଲା ସେଇ ଜାଗାରେ ଏଇ ଚୋରି ଜିନିଷ ବି ରହିଥିଲା । ସମସ୍ତେ ଗାଡ଼ିରେ ବସିଲେ ଗାଡି ଗାଁ ଆଡ଼କୁ ଫେରୁଥିଲା । ଗାଡି ଭିତରେ କେତେ ଆଲୋଚନା ଜଗନ୍ନାଥଙ୍କ ଭଜନ ବୋଲା ହଉଥିଲା । ସୁମନ ଖାଲି ସମସ୍ତଙ୍କ ମୁହଁ କୁ ବଲ ବଲ କରି ଅନେଇଁ ଗୋଟିଏ କଥା ଭାବୁଥିଲା ଜଗା ଦର୍ଶନ ସାରି ଫେରୁଥିବା ସବୁ ଲୋକ ଗୁଡା କ'ଣଧର୍ମ ପରାୟଣ ବ୍ୟକ୍ତି କି ?

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ସମୟର ସୁଅ......



ରାମଚନ୍ଦ୍ର ବେହେରା

ସମୟ ସୁଅରେ ଧୋଇ ହୋଇଯାଏ
ଅତୀତର ସୁଖ ଚିହ୍ନ
ଭବିଷ୍ୟତ ଚିନ୍ତା ମନକୁ ଛୁଇଁଲେ
ହଜିଯାଏ ବର୍ତ୍ତମାନ ।
କେବେ କେବେ ମନେ ଉଜ୍ଜୀବିତ ହୁଏ
ଅତୀତର ସାରା ସ୍ମୃତି
ହଜିଲା ଖୁସିରେ ଶିହରଣ ଜାଗେ
ଶରୀରରେ ଦିଶେ ଫୁର୍ତ୍ତି ।
ଭବିଷ୍ୟତ କଥା ଭାବୁ ଭାବୁ ଆସେ
ହୃଦୟେ ନୂଆ ସପନ
ଆଶା ଉଦ୍ଦୀପନା ଚେଇଁଉଠେ ପ୍ରାଣେ
ମନ ଖୋଜେ ମରୁଦ୍ୟାନ ।
ସ୍ୱପ୍ନ ଲାଳସାରେ ବର୍ତ୍ତମାନ ଛୁପେ
ମହତ୍ୱ ଯା'ର ମହାନ
ଭବିଷ୍ୟତ ପାଇଁ ଆଜିର ପ୍ରୟାସ
ହୃଦୟରେ ହୁଏ ଲୀନ ।
ଅତୀତକୁ ଭାବି ଲୁହ ଝରାଇଲେ
ବର୍ତ୍ତମାନ ହୁଏ ବୃଥା

ISSN NO.
2582-208X

ଆଗାମୀ ଦିନର ଅପହଂଚ ସ୍ୱପ୍ନ
ପ୍ରାଣେ ଭରିଦିଏ ବ୍ୟଥା ।
ସମୟ ସୂଅରେ ବର୍ତ୍ତମାନ ସ୍ଥିତି
ଆଜି ଅଛି କାଲି ନାହିଁ
ସମୟର ଭବ୍ୟ ସତ୍କାର କରିଲେ
ସୁଖ ଶାନ୍ତି ବିରାଜଇ ।
ଅତୀତର ସାରା ଅନୁଭୂତି ଯିଏ
ବିଚାରକୁ ନିଏ ଆଜି
ଭବିଷ୍ୟତ ତା'ର କମନୀୟ ହୁଏ
ଦିବ୍ୟ ମରୁଦ୍ୟାନ ସାଜି ।

କେନ୍ଦୁଳପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ISSN NO.
2582-208X

# ଦୂର ପାହାଡ଼ ସୁନ୍ଦର



ଦେବଯାନୀ ବାରିକ୍

ଦୂରର ଆନନ୍ଦ ପାଖେ ନଥାଇ ।
ଦୂର ପର୍ବତ ସୁନ୍ଦର ଦିଶଇ ।
ମୟୂର ନାଚେ ଦେଖି କଳା ମେଘ ।
ବିଭୁ ଦରଶନ ହରଇ ଅଘ ।
ବନ ଉପବନ ସବୁଜ କ୍ଷେତ ।
ରହି ଦୂରେ ହରେ ମାନବ ଚିତ୍ତ ।
ଦୂର ବନେ କରେ ମୃଗୁଣୀ ଖେଳା ।
ନୀଳ ନଭେ ନବ ଘନ ମେଖଳା ।
ନମେ ଭକ୍ତ ମନ ହରି ଚରଣ ।
ଥିଲେ ଯେତେ ଦୂରେ ନାହିଁ ବାରଣ ।
ନବ ଜଳଧର ଶୋହେ ଗଗନ ।
ଦରଶନେ ହରେ ଚାତକ ମନ ।
ନୀଳ ଶଇଳ ବଡ଼ ଶୋଭାକର ।
ଦୂରେ ରହିଣ ଜନ ମନ ହର ।।

ମହୁ, ଆଳି,କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ତମେ ମୋତେ



ଚିତରଂଜନ ବେହେରା

ତମେ ମୋତେ
ଘୃଣାର ଶୀତ ରେ
ଯେତେ ପାରୁଛ ଥରେଇ ପାର.....
ମୁଁ ଏମିତି ଘୋଡ଼େଇ ହେବି
ପ୍ରେମର କମ୍ବଳ....
ସମୁଦ୍ର ଭିତରେ ଯେମିତି
ମିଞ୍ଜି ମିଞ୍ଜି ହେଇ
ପ୍ରେମ ଦୀପ ଜଳି ଉଠିବ.....!!!
ତମେ ମୋତେ
ଲୁହ କାକର ରେ
ଜୀବନ ସାରା ଭିଜେଇ ପାର....
ମୁଁ ଏମିତି
ଭଲପାଇବା ଛତା ତଳେ ରହିବି
ମୋ ଛତାରୁ କାକର ବିନ୍ଦୁ
ତମ ଆଖିରେ ପଡିବ.....!!!
ତମେ ମୋତେ
ଯେତେ ପାରୁଛ

ISSN NO.
2582-208X

ରକ୍ତାକ୍ତ କରି ରକ୍ତରେ ଭିଜେଇ ପାର...
ମୁଁ ଏମିତି ସ୍ନେହର
ବିସଲ୍ୟାକରଣୀ ଦେବି
ତମେ ଆସି ମୋ ଦେଖରେ
ବୋଲିବାକୁ ବାଧ୍ୟ ହବ......!!
ତମେ ମୋତେ
ତମ ଜୀବନର ବହି ପୃଷ୍ଠାରୁ
ଚିରି ଫିଙ୍ଗି ଦେଲା ପରେ ବି....
ମୁଁ ଏମିତି ସେ କାଗଜ ରେ
ତମ ପାଇଁ ଥିବି
ଅଳିଆ ଗଦାରେ ପଡ଼ି ବି
ତମକୁ ଚାହିଁ ଚାହିଁ
ଲୁହ ଝରେଇ ହସୁଥିବି......!!!

ବୌଦ୍ଧ
ମୋ - ୯୪୩୮୭୧୦୩୮୭

ISSN NO.
2582-208X



# ମୋହନ ବଂଶୀ



ସତ୍ୟନାରାୟଣ ମିଶ୍ର

କୃଷ୍ଣବିଧୁ ଙ୍କୁ ବିଧି ପ୍ରଦାନ କରିଥିଲେ ମୋହନବଂଶୀ ସାରା ଜଗତ ଙ୍କୁ ମୋହିବା ପାଇଁ । ତାଙ୍କ ଅପରୂପ ସୌନ୍ଦର୍ଯ୍ୟ ଦର୍ଶନ ଦ୍ୱାରା ଜୀବ ଯେମିତି ବିମୋହିତ ହେଇଥାଏ ସେମିତି ବଂଶୀ ର ସୁମଧୁର ସ୍ୱର ଶୁଣିଲେ ଜଡ ମଧ୍ୟରେ ଚେତନା ର ପ୍ରବାହ ସୃଷ୍ଟି ହେଇଯିବ, ଜନମାନସ ପୁଲକିତ, ଗାତ୍ର ରୋମାଞ୍ଚୀତ ହୋଇଉଠିବ ଏବଂ ପ୍ରାଣୀର ଜୀବନ ଧନ୍ୟ ଧନ୍ୟ ହୋଇଯିବ, ଏଇ ଉଦ୍ଦେଶ୍ୟରେ ବେଦବର ବ୍ରହ୍ମ ଦେବବନ୍ଦନ ନନ୍ଦ ନନ୍ଦନ ଙ୍କୁ ଦେଇଥିଲେ ମୋହନ ବଂଶୀ । କୃଷ୍ଣ ସେଇ ବଂଶୀ କୁ ନିନାଦିତ କରୁଥିଲେ କଦମ୍ବ ମୂଳେ, ଯମୁନା କୂଳେ, ବୃନ୍ଦାବନେ ବିପିନେ, ଉପବନେ, ତଥା ଗାଈ ଚରାଉଥିବା ସ୍ଥାନେ । ବଂଶୀ ର ସ୍ୱନ ପ୍ରଭାବରେ ଯମୁନା ଜଳ ଉଲ୍ଲସିତ ହେଇ ଉତ୍ଫୁଲ୍ଲିତ ହେଇଯାଉଥିଲା । ଶୁଷ୍କ ତରୁ ପଲ୍ଲବୀତ ହେଇ ପଡୁଥିଲା, ପାଷାଣ ବିଗଳିତ ହେଇଯାଉଥିଲା, ବନ ଜୀବ ଙ୍କ ମନ ବଂଶୀ ସ୍ୱନ ପ୍ରତି ଆକୃଷ୍ଟ ହେଇ ଯାଉଥିଲା, ସେମାନେ ଭୋଜନ ପାନ ପାଶୋରିଯାଇ ପରସ୍ପର ବୈରି ଭାବ ଭୁଲି ବଂଶୀ ପାଖକୁ ତଥା କୃଷ୍ଣ ଙ୍କର ପାଖକୁ ଚାଲି ଆସୁଥିଲେ ବନେ । ଗୋପ ବାଳକ ମନେ ମଧ୍ୟ ବଂଶୀ ପ୍ରତି ଏମିତି ମୋହିତ ଥିଲେ ଯେ ଦିନ ଟିଏ ସ୍ୱନ ନ ଶୁଣିଲେ ରହି ପାରୁନ ଥିଲେ । ଏପରି କ୍ଷେତ୍ରରେ ଯୁବତୀ ମାନଙ୍କ ମନ ର ଅବସ୍ଥା କିପରି ହଉଥିବ ଅନୁମେୟ । ଫୁଲ ର ମଧୁ ମହକ ପ୍ରତି ଆକୃଷ୍ଟ ହେଇ ଯେମିତି ମଧୁପ, ଅଗ୍ନି ର ଆଲୋକ ପ୍ରତି ପତଙ୍ଗ, ଖେଳନା ପ୍ରତି ଯେମିତି ଶିଶୁ ଆକୃଷ୍ଟ ହେଇ ପାସକୁ ଧାଇଁ ଆସନ୍ତି ସେମିତି ବଂଶୀ ସ୍ୱନ ପ୍ରତି ଆକୃଷ୍ଟ ହୋଇ ଗୋପତରୁଣୀ ମାନେ ଧାଇଁ ଆସୁଥିଲେ ବଂଶୀ ପାଖକୁ ଅର୍ଥାତ କୃଷ୍ଣ ବଂଶୀଧରି ଯେଉଁଠିଥାନ୍ତି ସେଇ ଜାଗା କୁ । ସେମାନଙ୍କ ର କୃଷ୍ଣଙ୍କ ପ୍ରତି ସେତିକି ଦର୍ଶନ ଅଭିଳାଷ ନ ଥିଲା । ବଂଶୀ ର ସ୍ୱନ ପ୍ରତି ଥିଲା ଆକର୍ଷଣ । ବଂଶୀ

ISSN NO.
2582-208X

ଯେଉଁଠି ବି ବାଜିବ, ଶୃତି ଗୋଚର ମାତ୍ରକେ ଗୃହ କାର୍ଯ୍ୟ ତ୍ୟାଗ କରି ଭୋଜନ ପିବନ ସନ୍ତାନ ଆଦିଙ୍କୁ ଛାଡ଼ିଦେଇ ଧାଇଁ ଯାଉଥିଲେ ଅସ୍ତ ବ୍ୟସ୍ତ କେଶବାସ ଅସମ୍ଭାଳ ହୋଇ ବଂଶୀ ପାଖକୁ । ଯେମିତି ରାତିରେ ଆଲୋକ ପାଖକୁ ଦଉଡେ ଝଡି ପୋକ । ବଂଶୀ ସ୍ୱନ ବିଗାଡି ଦେଇଥାଏ ସେମାନଙ୍କ ମାନସିକ ଅବସ୍ଥା । ସ୍ୱନ ଶ୍ରବଣ ମାତ୍ରକେ ଆଉ ଧୈର୍ଯ୍ୟ ଧରି ଭବନେ ରହିବା ସାମର୍ଥ୍ୟ ନ ଥାଏ ଗୋପୀ ଙ୍କର । ସେମାନେ କୃଷ୍ଣ ଙ୍କ ଅଙ୍ଗସଙ୍ଗ ଲାଭ କରିବାକୁ କାମ ପାଗଳୀ ନ ଥିଲେ ବରଂ ବଂଶୀ ସ୍ୱନ ଶୁଣିବା ଏବଂ ବଂଶୀକୁ ପାଖରୁ ଦର୍ଶନ ସ୍ୱର ଶ୍ରବଣ ନିମିତ୍ତ ଧାଇଁ ଆସୁଥିଲେ । ଯଦି କୃଷଙ୍କ ଦର୍ଶନ ପାଇଁ ଗୋପୀ ବ୍ୟାକୁଳିତ ବ୍ୟସ୍ତ ହୋଇଥାନ୍ତେ ତେବେ ଯେଉଁଦିନ ଠାରୁ କୃଷ୍ଣ ମଥୁରା ଚାଲିଗଲେ ଏମାନେ ମଧ୍ୟ ଦହି ବିକିବା ଆଳ ରେ ମଥୁରା ଯାଇ ପ୍ରତିଦିନ କୃଷ୍ଣଚନ୍ଦ୍ର ଙ୍କୁ ଦେଖନ୍ତେ । ତାଙ୍କୁ ଝୁରି ଝୁରି ତନୁ କ୍ଷୀଣ କରି ନ ଥାନ୍ତେ । ସେମାନେ ଜାଣିଥିଲେ ଏଠି ବନେ ଉପବନେ କଦମ୍ବ ତଳେ ଯମୁନା କୂଳେ ଯେଉଁ ପରିବେଶ ରେ କୃଷ୍ଣ ବଂଶୀ ବଜାଉ ଥିଲେ ସେଠି ରାଜମହଲ ରେ ରହି ସେମିତି ବଂଶୀ ବଜାଇବେ ନାହିଁ । ତା ଛଡା ଆମେ ଯଦି ତାଙ୍କୁ ମଥୁରା ଯାଇ ଭେଟିବାକୁ ଚାହିଁବୁ ଦ୍ୱାରପାଳ କଟୁଆଳ ମାନେ ସହଜେ ଛାଡିବେ ନାହିଁ। ଯଦି ବା ଛାଡିବେ କୃଷ୍ଣଙ୍କୁ ରାଜସଭାରେ ବଂଶୀ ବଜା ବୋଲି ଅନୁରୋଧ କରିହେବ ନାହିଁ, ତେବେ ତା ପାଖକୁ ଯାଇକିଛି ଲାଭ ନାହିଁ । ଏଇ ଭାବନା ରେ ମଜ୍ଜି ସେମନେ ମଥୁରା କୁ ଆଉ କୃଷ୍ଣ ଙ୍କୁ ଭେଟିବା ଆଶାରେ ଯାଇ ନ ଥିଲେ । ବରଂ କୃଷ୍ଣ ଫେରନ୍ତେ, ବଂଶୀ ବଜାନ୍ତେ, ମନ ମୋହନ୍ତେ ବୋଲି ଭାଳି ଭାଳି ତାଙ୍କ ବାଟ ଚାହିଁ ବସିଥିଲେ । ବଂଶୀ ସ୍ୱନ ଙ୍କୁ ଝୁରି ହେଉଥିଲେ ବ୍ରଜ ବାଳି । କେବଳ ବ୍ରଜ ବାଳି ନୁହନ୍ତି ସାରା ପ୍ରକୃତି, ଝୁରୁଥିଲା କୃଷ୍ଣ ଙ୍କ ବଂଶୀ ସ୍ୱନ କୁ । ଯଦି କୃଷ୍ଣଙ୍କ ଅଙ୍ଗ ସଙ୍ଗ ଲାଗି ଝୁରିବାକୁ ଥିଲା ତ କେବଳ ଗୋପୀ ହିଁ ଝୁରିଥାନ୍ତେ, ବନ ଉପବନ ଗୋବର୍ଦ୍ଧନ ଯମୁନା କଦମ୍ବ ବନଜୀବ ଜଡ ବସ୍ତୁ ସମସ୍ତେ ଗୋପ ରେ ଝୁରି ହେଉଥିଲେ କୃଷ୍ଣଙ୍କର ବଂଶୀ ସ୍ୱନ କୁ । ତେବେ ଗୋପୀ ମାନେ ମୋହନ ଙ୍କୁ ନୁହଁ ତାଙ୍କ ମୋହନ ବଂଶୀ କୁ ହିଁ ଝୁରିହେଉଥିଲେ ଏହା ଅନସ୍ୱୀକାର୍ଯ୍ୟ ।

ସିନ୍ଧେକେଲା ବଲାଙ୍ଗୀର
ମୋ: 9583605915

ISSN NO.
2582-208X

# ସାଥି



ଅଜୟ କୁମାର ରାଉତ

ତୁମକୁ ଭୁଲି ପାରୁନ ବୁଲିତ,
ସହିବାକୁ ହୁଏ ଅନେକ ଯାତନା,
ତୁମକୁ ଖାଲି ଦେଖିବା ପାଇଁ,
ରାତି ଦିନ ଖୋଜେ ବାହାନା,
ହୃଦୟ ରେ ମୋର ପ୍ରେମ କୁ ସଜେଇ,
ରହିଁଛି ଦୁଆର ଖୋଲି,
କେବେ ଆସି ଦେଖିଯାଅ ମତେ,
ଅପେକ୍ଷା ରେ ଅଛି ମୁ ଖାଲି,
ଫୁଲଟେ ମାଗିଲି ସାରା ବଗିଗ୍ଛରୁ,
ଫୁଲ ଯେ ଆଣିଲ ତୋଳ,
ତୁମପାଇଁ କେତେ ନନ୍ଦା, ଅପମାନ ସହି,
ତୁମେ ଯେ ପାରିଲ ନାହିଁ ବୁଝି,
ଭାବି ପାରୁନାହିଁ ତମକୁ ମୋ ପାଇଁ,
ପଠାଇଲା କେଉଁ ମାଳୀ,
ହୃଦୟ ର ସେଇ ଇଲାକା ରେ,
ତୁମେତ କରିଛ ଘର,
କୁହ ସାଥି ତୁମେ କେମିତି କରିବ,

ISSN NO.
2582-208X

ତୁମ କୁ ମୋ ଠାରୁ ପର,
ଦୂରେଇ ଯିବନ ମୋଠାରୁ,
ଆସୁ ଯେତେ ସମସ୍ୟା ଝଡ଼,
ରହିଥିବା ସାଥେ ଆସୁ ଝଡ଼ ବାତ୍ୟା ର ମୁଡ଼,
ସେ ଝଡ଼ ରେ ମତେ ଛାଡ଼ି ଗ୍ଲି ଗଲେ,
କଷ୍ଟ କେବେ ପାରିବି ନାହିଁ ସହି,
ଗ୍ତି, ଦିନ ଖାଲି ତୁମ କଥା ଭ୍ବି,
ଲୁହ ରେ ମୋ ଦିନ ଯିବ,
ସାଥି ଯଦି କେବେ ଭୁଲିଯାଅ ମୋତେ,
ଦେଇଯିବ ମୋହାତେ ବିଷ,
ତୁମ ପାଇଁ ସାଥି ଭ୍ବୁ ଥୁଲ୍ ନୀତି ଯିଏ,
ତୁମକୁ ସେ ନୀତି ଝୁରି ମରୁଛି ରେ,
ତାକୁ ବୁଝେଇବ କଏ ।

ଆଇନଜୀବୀ, କଟକ

ISSN NO.
2582-208X

# ମନ୍ଥରା ରାମ ଜଣାଣ

ପ୍ରବୋଧ କୁମାର ହୋତା

ଦର୍ଶନେ ଯାହାର ରୋମାଂଚତ ଶରୀର
ଯାହାଙ୍କ ପାଦସ୍ପର୍ଶେ ଅହଲ୍ୟା ଉଦ୍ଧାର
ପର୍ଶୁରାମ ଅଭିଭୂତ ଯାହାଙ୍କ ମିଳନେ
ଯୁଗଯୁଗ ମୁନିଋଷି ଯାହାଙ୍କର ଧ୍ୟାନେ
ଅଦୂରରୁ ଦୂର ତାଙ୍କୁ କଏ କରିପାରେ
ଯାହା ଘଟୁଥିଲା ଘଟୁଛି ବା ଘଟିପାରେ
ଇଚ୍ଛାମୟ ପ୍ରଭୁ ସବୁ ତୁମରି ଇଚ୍ଛାରେ ।

ଆପଣ ବିଶ୍ୱବ୍ରହ୍ମାଣ୍ଡ ବ୍ୟପ୍ତ ବିରାଟ ଦ୍ରୁମ
କେଉଁ କୋଣରେ ସ୍ଥିତ ମୁଁ କ୍ଷୁଦ୍ର ଗୁଳ୍ମ
ଆପଣଙ୍କ ଶାଖା ପ୍ରଶାଖାର ଛାୟାମାୟା
ଆଶ୍ରିତ, ଏଇଠି ମୃତ୍ୟୁ ଏଇଠି ଜନ୍ମ ।
ଯେତେସବୁ ଏଠି ଛୋଟବଡ଼ ନାଟକ
ଆପଣ ତ ତାର ପ୍ରଯୋଜକ ନିର୍ଦ୍ଦେଶକ
କାହାଣୀ ଓ ସଂଳାପର ଲେଖକ ମଧ୍ୟ
ମୁଁ ତ ନିଭାଇଛି ଛୋଟ ଚରିତ୍ର ମାତ୍ର ଏକ ।

ଲକ୍ଷ୍ୟ ତ ନଥିଲା ରାମ ଅବତାରର
ସୁଖର ସଂସାର ଅବା ରାଜ ଦରବାର
ଲକ୍ଷ୍ୟ ଥିଲା ବିଧିର ପୂର୍ବ ନିର୍ଦ୍ଧିଷ୍ଟ
ପୁରସ୍କୃତ ହେବେ ଶିଷ୍ଟ ଦଣ୍ଡିବେ ଦୁଷ୍ଟ

ଶିକ୍ଷାଦେବେ ଜଗତକୁ ଜୀବନର ପରିଭାଷା
ଆସୁ ଯେତେ ଝଡ଼ଝଞ୍ଜା ଦୁଃଖ କ କଷ୍ଟ ।

ISSN NO.
2582-208X

ରାମକାର୍ଯ୍ୟ ପାଇଁ ଭକ୍ତ ହନୁମାନ ବୀର
ତବ ପଦ ଧୌତକରି ଧନ୍ୟ ସେ ଧୀବର
ପୁରସ୍କୃତ ଗୁଣ୍ଡୁଚ, ତା ପୃଷ୍ଠେ ଦେଲ କର
ତୁମ ଯୋଜନାର ମୁଁ ତ ଥିଲି ସୂତ୍ରଧର
ମୋ ପାଇଁ କାହିଁକି ପ୍ରଭୁ ଏତେ ହତାଦର
ଆଜିବି ମୋପାଇଁ ସ୍ୱର ଖାଲି ଅପବାଦର ।

ଯେ ପ୍ରଭୁ ନିଜେ ସ୍ୱୟଂ ଆଗତ ଅତୀତ
ବଦଳୁଥିବା ବର୍ତ୍ତମାନ ମାନଙ୍କର ମୁହୂର୍ତ୍ତ
ନିୟମରେ ବନ୍ଧା ଯାହାଙ୍କ
ଗ୍ରହ ଗ୍ରହାଣୁ ରବି ତାରା ଶଶାଙ୍କ
ଯିଏ ଅନାଦି ଅନନ୍ତ ତ୍ରିଗୁଣରହିତ
ଦୁଃଖଲାଗେ ହସଲାଗେ ଶୁଣି ଜନାଦୃତ କଥା
ବୃନ୍ଧାଦାସୀ ପାଇଁ ସେ ହେଲେ ନିର୍ବାସିତ ।

ଏବେବି ଭାରାକ୍ରାନ୍ତ ମୋ କୁବ୍ଜ ପୃଷ୍ଠ
କାଳକାଳର ଘୃଣା ନିନ୍ଦା ଅପଶବ୍ଦ
ନୁହେଁ ମୁଁ କୁଣ୍ଠିତ ବି ଅବସାଦ
ନାହିଁ ଏଥିପାଇଁ ଅଣୁମାତ୍ର ବିଷାଦ
ଆପଣଙ୍କ ଯୋଜନାର ସଫଳ ରୂପାୟନ
ଖୁସି ମୁଁ, ଭୂମିକା ମୋ ଥିଲା ଗୁରତ୍ୱପୂର୍ଣ୍ଣ
ଆଶିଷ ଦିଅ ପ୍ରଭୁ ସେବାରେଥିବି ଜନ୍ମଜନ୍ମ
ଆଶ୍ରିତ ମୁଁ ସ୍ଥାନଦିଅ ମୋତେ ତୁମ ପାଦପଦ୍ମ ।

ବିଭାଗୀୟ ମୁଖ୍ୟ, ବାଣିଜ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ପ୍ରେମ



ଜନ୍ମଜୟ ନାୟକ

ପ୍ରେମ ଏକ ପବିତ୍ର ସଂପର୍କ
ଦୁଇ ନିରୀହ ହୃଦୟର କଥା
ଦୁଇ ନିଷ୍ପାପ ମନର ମିଳନ
ପ୍ରେମ ଶାଶ୍ବତ ଓ ଚିରନ୍ତନ
ନିଃସ୍ୱାର୍ଥପରତାର ପ୍ରତିଛବି ଏ ପ୍ରେମ
ମାୟାମରୀଚିକା ସଦୃଶ ଏ ପ୍ରେମ ।

କେବେ ତ୍ୟାଗର ଜୂଇରେ ଝଲସି,
ଅମର ହୋଇଯାଏ ଏ ପ୍ରେମ,
କେବେ ପ୍ରତାରଣାର ଅନଳେ ଜଳି,
ଶ୍ୱାସ ରୁଦ୍ଧ ହୋଇଯାଏ ପ୍ରେମ ।
କେବେ ସୀମାହୀନ ଦିଗବଳୟରେ ଦିଗ ହରା କରେ,
ତ କେବେ ନିଃସଙ୍ଗ କରେ ବେଳାଭୂମିରେ ।

ISSN NO.
2582-208X

କେବେ ହାରିବାରୁ ଜିତିବା ଶିଖାଏ
କେବେ ଓଠର ଭାଷା ଆଖିରୁ ପଢାଏ
ଏମିତି ପବିତ୍ର ପାପ ଏ ପ୍ରେମ
ଯାହାର ପ୍ରାୟଶ୍ଚିତ ହିଁ ନାହିଁ
ପ୍ରେମର ଗଭୀରତା ଅମାପ
ପାଇବାର ଆଶା ଜୀଅନ୍ତା କବର ଦିଏ ପ୍ରେମକୁ

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ଲୌହ ଦାନବ ର ରକ୍ତ ଭୋଜି



ମୋନାଲିସା ପଣ୍ଡା

ରଜତ ଜଣେ ମେଧାବୀ ପିଲା । ନିଜ ପରିଶ୍ରମ ରେ ଆଜି ଛିଡା ହେଇଛି, ସମାଜରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି । ତାର ପିତା ଜଣେ କ୍ଷୁଦ୍ର ଚାଷୀ ।ନିଜ ଜମି ବାଡ଼ି ବିକ୍ରି କରି ତାକୁ ପାଠ ପଢ଼େଇ ଛନ୍ତି । ଆଜି ସେ କଲିକତା ରେ ଚାକିରୀ ପାଇଛି । ପ୍ରଥମ ମାସର ଚାକିରୀ ର ଦରମା ଧରି ଘରକୁ ପ୍ରତ୍ୟାବର୍ତନ ନ କରି ରହିପାରିଲାନି । ନିଜ ଘରକୁ ଆସି ମାଆ ବାପା ସହିତ ଖୁସି ରେ ମୁହୂର୍ତ୍ତ ଅତିବାହିତ କଲା । ସକାଳ ହେଲାରୁ ବସି ଗପ ସପ କରୁଥାନ୍ତି, ଠିକ ସେତିକି ବେଳେ ବିବାହ ପାଇଁ ପ୍ରସ୍ତାବ ଉଠେଇଛନ୍ତି ରଜତ ର ବାପା,, ପୁଅ ବିବାହ ଯୋଗ୍ୟ ହେଇଯାଇଛି । କିନ୍ତୁ ତାର ମନର ମାନସୀ ତା ହୃଦୟ ରେ ପୂର୍ବରୁ ଅଛି । ସେ କିଛି କହିପାରିନି,, ସେଠୁ ଉଠି ଚାଲିଯାଇଛି । ରଜତ ର ନିଜସ୍ୱ ଗାଁ, ମଧୁପୁର ରେ ହିଁ ବାଲ୍ୟ କାଳରୁ ପାଠ ପଢୁଥିଲା । ତାର ନମ୍ର ଭାବ ଆଉ ବୁଦ୍ଧି ପାଇଁ ସର୍ବଦା ଶିକ୍ଷକ ମାନଙ୍କ ପ୍ରିୟ ଛାତ୍ର ଥିଲା । ଭଲ ପଢୁଥିବାରୁ ଶ୍ରେଣୀ ର ସମସ୍ତେ ଖୁବ ଭଲ ପାଉଥିଲେ । ରିତା ନାମକ ଝିଅ ଟିଏ ପଢୁଥିଲା । ଛୋଟ ବେଳେ ଦୁହିଁଙ୍କ ଭିତରେ ବହୁତ ତର୍କ ହୁଏ ପାଠ ପଢାକୁ ନେଇଁ । ଶିକ୍ଷକ ସାହିତ୍ୟ ବହିର ପାଠ ପଢିବା ପାଇଁ କହିଲେ ରିତା କହିବ ମାଡ ହାଣ୍ଡି କଥା ଗଳ୍ପ ପଢିବ ଆଉ ରଜତ ପଢିବ ଲୌହ ଦାନବ ର ରକ୍ତ ଭୋଜି ଗଳ୍ପ । ପରିଶେଷରେ ରଜତ ର କଥା ରହେ, କାରଣ ସେ ଥିଲା ଭଲ ଛାତ୍ର । ଧୀରେ ଧୀରେ ସେମାନେ ବାଲ୍ୟ ରୁ ତରୁଣ ତରୁଣୀ ହେଇଛନ୍ତି । ତାଙ୍କ ଛୋଟ ବେଳର ତର୍କ କେତେବେଳେ ଭଲ ପାଇବା ରେ ପରିଣତ ହେଇଯାଇଛି । ଏକଥା ରଜତ ତା ମା ଙ୍କୁ

ISSN NO.
2582-208X

କହିଛି, ଏବଂ ତାଙ୍କ ଘରେ ମଧ୍ୟ ଏଇ ଝିଅ ଙ୍କୁ ହିଁ ବିବାହ ପାଇଁ ଠିକ କରିଛନ୍ତି, ଏକଥା ରଜତ ଜାଣିନାହିଁ । ସେ ସାକ୍ଷାତ କରିବାକୁ ଯାଇଛି ତାର ମନର ମାନସୀ କୁ । ଦୁହେଁ କିଛି କ୍ଷଣ ପାଇଁ ସ୍ତବ୍ଧ ହେଇଯାଇଛନ୍ତି । ମନର ଅକୁହା ବେଦନାକୁ ପରିପ୍ରକାଶ କରିଛନ୍ତି ଜଣେ ଅନ୍ୟ ଜଣ ଙ୍କ ଚକ୍ଷୁ ମାଧ୍ୟମରେ । ବିଚ୍ଛେଦ ର ବ୍ୟଥା କୁ ଅତି ଆପଣାର ସହିତ ହୃଦୟଙ୍ଗମ କରିଛନ୍ତି । ଠିକ ସେତିକି ବେଳେ ରିତା କହିଦେଇଛି ତାଙ୍କ ବିବାହ ର କଥା, ଯୋଉ କଥା ରଜତ ର ମାଆ ତାକୁ ଲୁଚେଇ ରଖିଥିଲେ, ରିତା ଠୁ ରଜତ ଶୁଣି ଖୁସି ହେବ ଭାବି । ଏକଥା ରଜତ ଶୁଣି ଖୁସି ରେ ଆତ୍ମବିଭୋର ହୋଇଯାଇଛି । ମନରେ ଆନନ୍ଦ ର ଫଲଗୁ ତରଙ୍ଗାୟିତ ହୋଇଯାଉଛି । ବହୁତ ସମୟ ପର୍ଯ୍ୟନ୍ତ ସେମାନେ କଥାବାର୍ତ୍ତା ହେଇଛନ୍ତି । ତାପରେ ରଜତ ସକାଳୁ ଯିବାକୁ ପଡିବ କହି ରିତାଠାରୁ ବିଦାୟ ନେଇଁ ଘରକୁ ଚାଲି ଆସିଛି । ଦୂର ହେବାର ଭୟ ରେ ରିତା କାନ୍ଦିବାରୁ ତାକୁ ଆଲିଙ୍ଗନ କରି ବିଦାୟ ନେଇଛି । ଆସିବା ସମୟରେ ବାଲ୍ୟ କାଳର ବନ୍ଧୁ ମାନେ ଦେଖା ହେଇଛନ୍ତି । ତାଙ୍କୁ ସାକ୍ଷାତ କରିଛି । ତାର ସେହି ପ୍ରିୟ ସାହିତ୍ୟ ଶିକ୍ଷକ ଙ୍କୁ ମଧ୍ୟ ଦେଖା କରିଛି । ଚାକିରୀ କଥା ଶୁଣି ଖୁସି ହେଇଛନ୍ତି । ତାପରେ ଘରକୁ ଫେରିଛି । ଖାଇ ରାତିରେ ବିଶ୍ରାମ ନେଇଛି । ପ୍ରଭାତ ରୁ ଉଠି ନିତ୍ୟ କର୍ମ ସାରି କିଛି ମୁହୂର୍ତ୍ତ ଗାଁ କୁ ଦେଖିଛି । ତାକୁ ସେଦିନ ଗାଁ ଟା ଅତି ଆପଣାର ଲାଗୁଥିଲା । ସୁନ୍ଦର ବୃକ୍ଷ ଲତା, ସବୁଜିମା ପୂର୍ଣ୍ଣ ପରିବେଶ, କୋଇଲିର କୁହୁତାନ, ଝରଣା ର ଶବ୍ଦ ଖୁବ ନିଜର ଲାଗୁଥିଲା, ଇଛା ହେଉନଥିଲା ଗାଁ ଠୁ ଦୁରେଇ ଯିବାକୁ । କିନ୍ତୁ ନିୟତି ର ନିର୍ଦ୍ଦେଶନା, କିଏ ବା ଜାଣିବ । ତାକୁ ଯିବାକୁ ହିଁ ପଡିବ ନିଜ କର୍ମ କ୍ଷେତ୍ର କୁ । ଆଉ ସେ ବାହାରିଛି କଲିକତା ଅଭିମୁଖେ । ବିଦାୟ ନେଇଛି ନିଜ ମାତୃଭୂମି ଠୁ, ନିଜ ମାଆ, ବାପା ଆଉ ପ୍ରିୟତମା ଠୁ । ବେଶ ଖୁସି ରେ ବାହାରିଛି ।

ପହଂଚିଛି ନିଜର ଗନ୍ତବ୍ୟ ସ୍ଥଳରେ । ରେଳ ଆସି ପହଂଚିଛି । ଚଢିଛି ରେଳ ଗାଡି ରେ, ରେଳ ଟି ଛୁକ ଛୁକ ଶବ୍ଦ କରି ଆଗକୁ ବଢ଼ି ଚାଲିଛି । ହଠାତ........ ବହୁତ ଜୋର ରେ ରେଳ ଗାଡି ଥରିଗଲା, ବଲବ ଗୁଡାକ ବନ୍ଦ ହେଇ ଗଲା ସମସ୍ତେ ଭୟଭୂତ ହେଇଗଲେ

ISSN NO.
2582-208X

ଆଉ ରେଳ ଗାଡି ଯାଇ ବାଡେଇ ହେଲା ସମ୍ମୁଖରେ ଥିବା ମାଲଗାଡି ଉପରେ । କିଛି ମୁହୂର୍ତ୍ତ ରେ ସବୁ ଭାସିଗଲା । କାଳ ର କରାଳ ଗ୍ରାସ ରେ ସବୁ ଧ୍ୱଂସ ହେଇଗଲା । ଚାରି ଆଡ଼େ ଆର୍ତ୍ତ ଚିତ୍କାର । କାହାର ପୁଅ, କାହା ସ୍ୱାମୀ ତ ଆଉ କାହାର ସପରିବାର । ଚିହ୍ନ ବର୍ଣ୍ଣ ମିଳିଲାନି । ସର୍ବସ୍ୱାନ୍ତ କରିଦେଲା ଯାତ୍ରୀ ଙ୍କୁ । କିଏ ଜାଣିଥିଲା ଯେ ସେହିଦିନ ଶେଷ ରାତ୍ରି ଥିଲା ସମସ୍ତ ଙ୍କ ପାଇଁ । ଶାନ୍ତ ପରିବେଶରେ ହାହାକାର କ୍ରନ୍ଦନରେ ଥରିଉଠିଲା ମେଦିନୀ । ଲୌହ ଦାନବ ଆଜି ପୁଣି ଥରେ ରକ୍ତ ର ଭୋଜି କରିଗଲା, ଖାଇଗଲା ଅସଂଖ୍ୟ ମାନବ ର ଜୀବନ । ସେହି ରେଳ ରେ ରଜତ ବି ଯାଉଥିଲା । ସେ ବି ଆଉ ନାହିଁ । ତାର ଆତ୍ମା ଦେଖୁଚି ସେହି ବିକଟାଳ ଦୃଶ୍ୟ କୁ, ଆଉ ଭାବୁଛି ସେ ଛୋଟ ବେଳେ ଜିଦ୍ କରୁଥିଲା ଲୌହ ଦାନବ ର ରକ୍ତ ଭୋଜି ଗଳ୍ପ ପଢିବାକୁ ଆଉ ଆଜି ସେ ସେହି ଲୌହ ଦାନବ କରୁଥିବା ରକ୍ତ ଭୋଜି ରେ ନିଜେ ବି ଲୀନ ହେଇଗଲା ଯେ ତାର ସତ୍ତା ବି ମିଳିପାରିଲାନି.....

କୋମନା, ନୂଆପଡା

ISSN NO.
2582-208X

# ଗାନ୍ଧୀ ତୁମେ ଫେରିଆସ



ପବିତ୍ର ନାରାୟଣ ବେହେରା

ଗାନ୍ଧୀ ତୁମେ ଫେରି ଆସ .....
ଜାଳିବାକୁ ଅହିଂସା ପ୍ରଦୀପ...
ତୁମେ ଗଲାପରେ -
ସବୁ ହଜିଗଲା.....
ସବୁ ଲିଭିଗଲା.......
ସ୍ୱପ୍ନ ଭାଙ୍ଗିଗଲା........
ରାତି ପାହିଗଲା...........
ଆଉ...ଭାରତ ମାଆଟା....ତମକୁ ହଜେଇ
କରୁଅଛି ଖାଲି ବିଳାପ....

ଗାନ୍ଧୀ ତୁମେ ଫେରି ଆସ .....
ନେବାପାଇଁ ଜାତିର ନେତୃତ୍ୱ...
ତୁମେ ଆସିଗଲେ -
ହେବ ଆନ୍ଦୋଳନ.....
ଚାଲିବ ସଂଗ୍ରାମ........
ହଟିବ ଶୋଷଣ..........
ମରିବେ ରାବଣ...........

ISSN NO.
2582-208X

ଆଉ ...ରାମ ରାଇଜର ପରିକଳ୍ପନାରେ...
ସୃଷ୍ଟି ହେବ ବିଶ୍ୱ ଭାତୃତ୍ୱ......

ଗାନ୍ଧୀ ତୁମେ ଫେରି ଆସ .....
କରିବାକୁ ସପନ ସାର୍ଥକ...
ତୁମ ନେତୃତ୍ୱରେ -
ନିଶା ନିବାରଣ....
ଅଶିକ୍ଷା ଗ୍ରହଣ......
ମିଛ ସ୍ୱାଭିମାନ.......
ବିଦେଶୀ ଶାସନ.......
ଆଉ ... ଅନୀତି ଦୁର୍ନୀତି ଦେଶରୁ ହଟାଇ...
ରଖିବୁ ଦେଶର ମହତ......

ଗାନ୍ଧୀ ତୁମେ ଫେରି ଆସ .....
ରଖିବାକୁ ଭାରତର ଟେକ....
ତୁମରି ଇଚ୍ଛାରେ -
ଶାସନ ଚାଲିବ....
ସଂସ୍କାର ଆସିବ......
ଏକତା ରହିବ.........
ଭାରତ ହସିବ...........
ଆଉ ...ଶାନ୍ତି ମୈତ୍ରୀର ନବ ଭାବନାରେ....
ରହିବନି କିଛି ଫରକ....

ଶିକ୍ଷକ, ସୁରେଖାଦେଇପୁର
ସୋରଡ଼ା, ଗଞ୍ଜାମ

ISSN NO.
2582-208X

# ଅବହେଳା



ପ୍ରକାଶ କୁମାର ଗୁନ୍ଦ

ଅବହେଳା କେବେ କରିବନି ପିଲେ
ତୁମରି ପଢିବା ପାଠ
ନହେଲେ ହୋଇବ ଦୁନିଆ ଅନ୍ଧାର
ଦିଶିବନି ଆଉ ବାଟ ।।

ଅବହେଳା ତୁମେ କରିବନି ଜମା
ଗଛଟିଏ ପୋତିଥିଲେ
କୋଡାଖୁସା କରି ଯତନ ତାହାର
ନିତି ନେଉଥିବ ପିଲେ ।।

ସମୟକୁ କେବେ କଦାପି ତୁମରେ
କରିବନି ଅବହେଳା
ସାଥିରେ ତାହାର ତୁମେ ନ ଚାଲିଲେ
ବୁଡିଯିବ ତୁମ ଭେଳା ।।

ISSN NO.
2582-208X

ଅବହେଳା କେବେ କରିବନି ତୁମେ
ହୋଇଥିଲେ ପରା ରୋଗ
ବେଳୁ ବେଳୁ ତାର ଯନ୍ତ୍ରଣା ବଢ଼ିବ
ତୁମେ ହିଁ କରିବ ଭୋଗ ।।

ଅବହେଳା କେବେ କରିବନି ପିଲେ
ପିତା ମାତା ଆଉ ଗୁରୁ
ଆମପାଇଁ ସିଏ ଚଳନ୍ତି ଠାକୁର
ବାସୁଥାନ୍ତି ଭୂରୁ ଭୂରୁ ।।

ଅବହେଳା କେବେ କରିବନି ତାକୁ
କରଜରେ କରିଥିଲେ
ସମୟ ସୁବିଧା ଦେଖି ଧିରେ ଧିରେ
ସୁଝି ଦେବ ପରା ପିଲେ ।।

ଅବହେଳା କଲେ ସବୁ ଜିନିଷକୁ
ଦୁଃଖ ହେବ ଆମ ସାଥୀ
ହାତ ପାହାନ୍ତାରୁ ଖୁସି ଚାଲିଯିବ
ହଜିଯିବ ସୁଖ ଶାନ୍ତି ।।

ଜୟପୁରଶାସନ ପିପିଲି ପୁରୀ
ମୋ-୭୦୦୮୯୨୫୯୫୪

ISSN NO.
2582-208X

# ଅଧୁରା ଦେବଦାସୀ



ପ୍ରଶାନ୍ତ ବ୍ରହ୍ମା

ପାଦରେ ପଡ଼ିଛି ସିଙ୍କୁଳି କେବେ ଯିବ ଅବା ସେ ମୁକୁଳି
ଅବୁଝା ମନଟା ତା'ର ପାରେନାହିଁ କେବେହେଲେ ସମ୍ଭାଳି ।

ସିନ୍ଧୁକ ଭିତରେ ଘୁଙ୍ଗୁର ରହିଅଛି କଳଙ୍କିତ ହୋଇ
କେବେ ହେବ ପାଦେ ବନ୍ଧା ଦୋହଲି ଯିବ ତା'ର ପାଦ ଦୁଇ ।

ଯନ୍ତ୍ରୀ ଯାଏ ଯେବେ ବାଜି ମନ ହୋଇଯାଏ ଅସ୍ଥିର
ଅଧୁରା ଦେବଦାସୀ ପରା କିପରି ହେବ କକାତର ।

ଅମାନିଆ ମନ ମାନେ ନାହିଁ ବୋଲ
କିପରି ପାରିବ ନିଜକୁ ସମ୍ଭାଳି
ଇଶ୍ୱରଙ୍କୁ ଚାହିଁ କହେ ଫିଟାଇ ଦିଅ ହେ
ପ୍ରଭୁ ମୋ ପାଦର ସିଙ୍କୁଳି ।

ପଳାଶପୁର, ଖୋର୍ଦ୍ଧା

ISSN NO.
2582-208X

# ଏକବିଂଶ ଶତକର କବିତାର ଧରା ଓ ଧାରା



ମାନସ କୁମାର ସେନାପତି

ଯାହା କାଲି ଥିଲା ନୂଆ ତାହା ଆଜି ପାଇଁ ହୋଇଛି ପୁରୁଣା । ବଦଳୁଛି ସାହିତ୍ୟର ରୂପ । କବିତା ଚର୍ବଚରିତ ପରମ୍ପରାର ଶଗଡ ଗୋଳାରୁ ବାହାରି ଆସି ଆଦରିଛି ନୂଆ ନୂଆ ରୂପ(form) କୁ । କେତେବେଳେ କଳାଦେବୀ ରୂପ ଧରି ନଜର ଶାନ୍ତ କମନୀୟ ସ୍ୱରୂପ ପ୍ରକାଶ କରିଛି ତ ପୁଣି ଆବଶ୍ୟକ ସ୍ଥଳେ ହୋଇଛି ଉଗ୍ର, ରୁଦ୍ର, ଭୈରବ । ବଦଳୁଛି ସମୟ ତା ସହ ତାଳଦେଇ ବଦଳୁଛି ଯୁଗ ରୁଚ । ପାଠକର ଧୈର୍ଯ୍ୟ ଓ ସମୟର ସ୍ୱଳ୍ପତା କୁ ଆଖିରେ ରଖି ସମତାଳରେ ବଦଳୁଛି କବିତା । ସ୍ୱଳ୍ପ ଶବ୍ଦ କ୍ଷୁଦ୍ର କଳେବର ଭିତରେ ଉତୁରି ପଡୁଛି କବିର ଶକ୍ତିଶାଳୀ ଚେତନାର ଆବେଗ ଭଙ୍ଗା-ଗଢା ଜୀବନ ଭିତରେ କବିତା ମଧ୍ୟ ପୁରାତନ ଶୈଳୀ ଚେତନା ଆଦିକୁ ଭାଙ୍ଗି ଗଢୁଛି ନୂଆ ସ୍ୱରର/ବାଦର ସାହିତ୍ୟ । ସମୟର ଧ୍ୱଂସାଭିମୁଖୀ ଛାପ ପଡୁଛି କବିର କବିତା ରେ । ଆଜିର କାବ୍ୟ କୃତୀ ବା ଯେକୌଣସି ପାଠ୍ୟ ବା text କୌଣସି ସୀମା ମଧ୍ୟରେ ଆବଦ୍ଧ ହେବାକୁ ପସନ୍ଦ କରୁନ । ଏକ ବନ୍ଧନୀ ଭିତରେ ଆବଦ୍ଧ ହୋଇ ରହିବାକୁ ଅସ୍ୱୀକାର କରୁଛି । କବିତା କେବଳ କବିତା ନୁହେଁ ସେ ମୁଠାଏ ଚେତନା । ତାର ଭାବ ସତ୍ତା ବିସ୍ତାରିତ ହୋଇଛି ଦିଗରୁ ଦିଗନ୍ତ ଯାଏ । କଳୁଷିତ ସମାଜ, ପ୍ରଦୂଷିତ ବାୟୁ, ଜଳ, ମାଟି, ପାଣି, ପବନ ରେ ପାଳିତ ଆଜିର ଦଗ୍ଧିଭୂତ ସଭ୍ୟ ଜୀବନ । ଲୋକ କାହାଣୀ, ବୁଢୀ ଅସୁରୁଣୀ ତତଲା ତେଲ କରେଇ ରେ ଟକ୍ ଟକ୍ ତେଲରେ ସନ୍ତୁଳିତ ହେଲାପରି ଆଜିର ମଣିଷର ଜୀବନ । ଏଠି ଜୀବନ ନାହିଁ, ନାହିଁ ମୃତ୍ୟୁ, ନାହିଁ ଶାନ୍ତି, ନାହିଁ ମୁକ୍ତି, ପ୍ରଗତିର ଗନ୍ଧ, ଯନ୍ତ୍ରଣା ହିଁ ଯନ୍ତ୍ରଣା ହୋଇଛି ଜୀବନର ଶ୍ରେୟ । ଜ୍ୱଳନ, ଦହନ, ଜୀବନ୍ତ ଦଗ୍ଧ ଜଳୁଥିବା ସମୟ ମଧ୍ୟରେ ଶୁଷ୍କ ତୃଣ

ISSN NO.
2582-208X

ପ୍ରାୟ ବଞ୍ଚୁଛି ମଣିଷ ନଜର ଏଇ କେଇ ଘଣ୍ଟାର ଜୀବନ । ହିଂସା, ରକ୍ତପାତ, ଅନାହାର, ମୃତ୍ୟୁ, ବଳତ୍କାର, ଅବିଶ୍ୱାସ, ରୋଗ, ଅଶାନ୍ତ, ଓ ମୁଠା ମୁଠା ବ୍ୟର୍ଥତା ହିଁ ସାମାଜିକ କବିତାର ଥିମ୍ ସାଜିଛି । ଏହିଭଳ ଜଳୁଥିବା ଜୀବନ ଚକ୍ରକୁ ସାମାଜିକ ମଣିଷର ଦଗ୍ଧିଭୂତ ଚକ୍ରକୁ ମଣିଷର ଛାତି ଭିତରୁ କାଢି ଛପେଇ ଦେଇଛି ତାର କବିତା ବହିରେ ।

ଏକବିଂଶ ଶତାବ୍ଦୀ ର କବିତା ଉତ୍ତର ଆଧୁନକବାଦ  ସ୍ୱରରେ ପୃଷ୍ଟ । ଏହି କବିତାର ମୂଳ ପ୍ରେରଣା ହେଉଛି ଜୀବନ । ଜୀବନର ସମସ୍ତ ସମସ୍ୟା ତଥା ଅନୁଭବ ପ୍ରତି ଆମ ସମୟର ଲିଖିତ କବିତାର ବକ୍ତବ୍ୟ ବେଶ୍ ସମ୍ବେଦନଶୀଳ । ସାହିତ୍ୟ କୁ ସମାଜର ଦର୍ପଣ ବୋଲି ଯୁଗଯୁଗ ଧରି କୁହାଯାଉଛି: ଆଜିର କବିତା ହେଉଛି  ଜୀବନ ବଞ୍ଚିବାର ଶୈଳୀ: ଜୀବନ ଗଢିବାର ଧାର୍‌ ଅଟେ । ଚେତନାରେ ବିବର୍ତ୍ତନ ନାହିଁ କେବଳ ପରିବର୍ତ୍ତନ ଅଛି । ଯେମିତିକ old wine in new bottle · ଜୀବନକୁ ପରିବେଷଣ କରିବାରେ କୌଶଳରେ ପରିବର୍ତ୍ତନ । ସାଧାରଣ ମଣିଷ ଆଖିରେ ଯାହା ସାମାନ୍ୟ କବି ଦୃଷ୍ଟିରେ ତାହା ବିରାଟ ରୂପ ଧାରଣ କରି କବିତାରେ ପ୍ରକାଶ ପାଇଛି । ୧କବିତାରେ ଏଣୁ ଏହା ବାସ୍ତବ ଧର୍ମୀ ମନେହୁଏ । ଭାଷା ଓ ଭାବର ସାବଲୀଳତା, ଜୀବନଧର୍ମୀ ରସାନୁଭୂତିର ବିଭିନ୍ନ ଅଙ୍ଗିକତା, ବୈଜ୍ଞାନକ ଦୃଷ୍ଟିଭଙ୍ଗୀ, ଦାର୍ଶନକ ଚନ୍ତା, ବସ୍ତୁନଷ୍ଠ କଳାର ତାତ୍ତ୍ୱିକ ବିଗ୍ଭରଧାର୍ ତଥା ମନ ଓ ଚନ୍ତନ ର ଏକ ପରିପୂର୍ଣ୍ଣ ପ୍ରକାଶ ଆଜିର ଓଡିଆ କବିତାକୁ ନୂଆ ମୁହଁ ନୂଆ ପରିଚୟ ପ୍ରଦାନ କରିଛି । ମାନବ ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ, ପାରମ୍ପରିକ ମୂଲ୍ୟବୋଧ, ନୂତନ ଚନ୍ତାଧାର୍ ଏହା ସହିତ ଗଭୀର ଭାବରେ ଜଡିତ । ଶିଳ୍ପ ଓ ପ୍ରଯୁକ୍ତିବିଦ୍ୟାର ବିକାଶ ସହ ପଦ ମେଳେଇ ସାହିତ୍ୟର ପ୍ରଗତି ଆଡକୁ ବଢି ଗ୍ଭଲିଛି । ୨୦୦୦ ପରବର୍ତ୍ତୀ ଓଡିଆ କବିତା ଗଭୀର ଆତ୍ମ ପ୍ରତ୍ୟୟ ର ସହିତ ବେଶ୍ ନୂଆ ଝଲକ ସୃଷ୍ଟି କରିଛି । ଏ ଦିଗରେ ଆମ ନୂଆ ପିଢିର ଯୁବ ସାହିତ୍ୟିକ ବର୍ଗଙ୍କ ଭୂମିକା କୁ ଅସ୍ୱୀକାର କରିହେବ  ନାହିଁ । ଏହି ସାହିତ୍ୟିକ ଗୋଷ୍ଠୀ ବିଭିନ୍ନ ପରୀକ୍ଷା ନରୀକ୍ଷାର ବାଟ ଦେଇ ଆମ ଓଡିଆ କବିତାକୁ ଏକ ନୂଆ ମୋଡରେ ଉପନୀତ କରାଇଛନ୍ତି । ଏହାର ସ୍ୱରରେ ବିଭିନ୍ନତା ବର୍ଣ୍ଣିତ ହୋଇଛି ।

(୧) ସମ୍ବେଦନଶୀଳ ଗଭୀର ଜୀବନବୋଧ :

ଚଳନ୍ତି ସମୟର ଘଟଣା, ଦୁର୍ଘଟଣା, ସମସ୍ୟା, ସମାଧାନର କଥା କୁ ମଣିଷର ଛାତି ତଳୁ ଛାପି ନେଇ କବିତା ଲେଖୁଛି କବି । ସେଥିରେ ରହିଛି ଜୀବନ ପ୍ରତି ସୂକ୍ଷ୍ମତା ସୂକ୍ଷ୍ମ

ISSN NO.
2582-208X

ଦୃଷ୍ଟିକୋଣ, ମୌଳିକ ଭାବନା । (୩) ଜ୍ଞାନପୀଠ ପୁରସ୍କାର ବିଜେତା ପଦ୍ମଭୂଷଣ କୁଆଁର ନାରାୟଣ ଙ୍କ ମତରେ କବିତାର ମୂଳ ପ୍ରେରଣା ଜୀବନ ଓ ଭାଷା ରୁ ମିଳିଥାଏ । ସମୀକ୍ଷା ଏହାର ଅଂଶ ଟିଏ ଯାହାର ଭୂମିକା ସାଙ୍କେତିକ ମାତ୍ର, ନିର୍ଣ୍ଣାୟକ ନୁହେଁ । କବିର କବିତା ପାଇଁ କଞ୍ଚାମାଲ ଯୋଗେଇଛି ସମାଜ ଓ ଜୀବନ । ୨୦୨୧ ରେ ପ୍ରକାଶିତ କବି ବଂଶୀଧର ଚୌଧୁରୀ ଙ୍କ 'ଚଷା ପୁଅର କୁଜ' କବିତାରେ (୪) ଦେଶ ?

"କାହିଁ କଉଠି ସେ ଦେଶ
କଉଠି ତାର ବାସିନ୍ଦା
ଋଣ ବୋଝ ଅନାହାର ଅର୍ଦ୍ଧାହାର
ନିରନ୍ତର ଖଟଣିରେ
ବାଙ୍କି ଯାଉଛି ଶକ୍ତ ସଳଖ ମେରୁହାଡ
ରକ୍ତକୁ ପାଣି ଲହୁକୁ ଲୁହ କରି
ପି' ପି' ଲୁଣି ଝାଳ କେତେଦିନ ଏମିତି
ଗ୍ଧଲି ପାରନ୍ତେ ସଳଖ !"
(ଚଷାପୁଅର କୁଜ, ବଂଶୀଧର ଚୌଧୁରୀ)

(୨) କବିତା ଲଳିତ ଗାନଧର୍ମୀ ନ ହୋଇ ହୋଇଛି ବାର୍ତ୍ତାଧର୍ମୀ :

(୫) ଆଜିର କବିତା ଏକ ସଚେତନ ମନର ନିବିଡ ଆଲେଖ୍ୟ ଅଟେ । ଏହା ମଧ୍ୟ ପରିବର୍ତ୍ତନଶୀଳ ଆମ ଚେତନା ର ଆବେଗମୟୀବ୍ୟାରୋମିଟର। ଆମ ମାନସିକ ଇକୋଲୋଜି ର ବିଶ୍ୱସ୍ତ ପ୍ରତିଧ୍ୱନି । କବିତା କୁ ନିର୍ଦ୍ଦିଷ୍ଟ ଛାଞ୍ଚ ରେ ନ ପକାଇ ଏହାକୁ ଅନୁଭୂତି ର ଟୁକୁରା ଟିଏ କରିଦେବା ଓ ଆଧୁନିକ ଶିଳ୍ପୀ ର ସ୍ୱପ୍ନ, ତାର ଅନ୍ୱେଷା କବିତା: କବି ହୃଦୟର ଗଭୀର କ୍ଷତ । ଏ କ୍ଷତ କବି ପ୍ରାଣକୁ ବଞ୍ଚାଇ ରଖିଛି । ନିଜ ଅନୁଭବ କୁ ନିଗାଡି କବିତାର ଅସ୍ତିତ୍ୱ ଗଢିଛି । ଏକବିଂଶ ଶତାବ୍ଦୀର କବିତାରେ ଭାବ ବା ବକ୍ତବ୍ୟ ହିଁ ପ୍ରଧାନ ହୋଇଛି ସେତେବେଳେ କବିତାର ଭାଷାର ବୈଚିତ୍ର୍ୟସ୍ୱଳ୍ପ ମାତ୍ରାରେ କମିବା ସ୍ୱାଭାବିକ(୬) ।

ISSN NO.
2582-208X

"ଯେଉଁ ଗଛ କୁ ଖୋଜି ଖୋଜି
ମୁଁ ଏବେ ହୋଇ ଗଲିଣି ନୟାନ୍ତ,
ବାଟ ଭୁଲି ସାରିଲିଣି କଂକ୍ରଟ୍ ଜଙ୍ଗଲରେ
ଏବଂ ଯେଉଁ ଗଛକୁ ଖୋଜି ଖୋଜି
ମୁଁ ଏବେ ପହଞ୍ଚିବାକୁ ଯାଉଛି
ଦିଗ୍ ବଳୟର ଉପାନ୍ତରେ ।"

(ଗଛ, ଲକ୍ଷ୍ମୀକାନ୍ତ ତ୍ରିପାଠୀ)

ଆଜିର କବିତା ନଜସ୍ୱ ଭୂଇଁରେ ଛିଡା ହେବାର ଦମ୍ଭ ପାଇଛି । ଶୋଷଣ, ସାମ୍ପ୍ରଦାୟିକ ଦଙ୍ଗା, ରାଜନୈତିକ ହଟଚମଟ, ସରକାରୀ ଯୋଜନା, ଦୁର୍ନୀତି, ବିସ୍ଥାପିତ ମଣିଷର ଅସହାୟତା, ମଦ ମୃତ୍ୟୁ ଘଟଣା, ସନ୍ତ୍ରାସବାଦୀ କାର୍ଯ୍ୟକଳାପ, ପରିବେଶ ପ୍ରଦୂଷଣ, ଦଳତ ଙ୍କ ସମସ୍ୟା, ଏତେ ସବୁ ଅସୁବିଧା ମଧ୍ୟରେ ବି ମୁଣ୍ଡ ଟେକଛି ଏକବିଂଶ ଶତାବ୍ଦୀ ର ଓଡିଆ କବିତା । କମର କଷି ମଣିଷ କୁ ମଣିଷ ପରି ଗଢିବାରେ ସହାୟତା କରୁଛି । ବଞ୍ଚିବା ଶିଖାଉଛି ।

(୩) ଜଗତୀକରଣ ପରବର୍ତ୍ତୀ କବିତା :

ଜଗତୀକରଣ କୁ କେନ୍ଦ୍ର କରି ରଚତ ହେଉଛି ଏକବିଂଶ ଶତାବ୍ଦୀ ର ଓଡ଼ିଆ କବିତା । (୭) ଜଗତୀକରଣ ଦିନକୁ ଦିନ ସରକାରୀ ଦୁଧ ପାନ କରି ଶକ୍ତଶାଳୀ ହେଲା । ସାଧାରଣ ମଣିଷର ଓଠ ତଳେ ଥିବା କଳାଜାଇ କଳଙ୍କରେ ବଦଳ ଗଲା । ସର୍ଜନଶୀଳତା ର ପରିସୀମା ବଦଳ ଗଲା । ଏକବିଂଶ ଶତାବ୍ଦୀ ର କବି ଯୁଧିଷ୍ଠିର ମହାନ୍ତ (୮)ଙ୍କ 'ଭୁବନେଶ୍ୱର' କବିତା କୁ ଲକ୍ଷ୍ୟ କଲେ ସ୍ପଷ୍ଟ ବାରି ହୁଏ।

"ସବୁଜ ପତ୍ରର ଉହାଡରେ ଏଠି
ପ୍ରତାରଣାର ବହଳ ଅନ୍ଧାର
କଂକ୍ରଟ୍ ର ଘନଘୋର ଜଙ୍ଗଲରେ
ଉତ୍ସବ, ଗହଗହ କାମନାର
(୮) ହୃଦୟ ଖୋଜିବା ବିଲ୍ କୁଲ୍ ନଷିଦ୍ଧ ଏଠି

ISSN NO.
2582-208X

ଭଲ ପାଇବାର ଫସଲରେ
ପ୍ରତାରଣା ର ଘୁଣ ପୋକ
ଆଉ ପୋକ ସବୁ/ କରିସାରିଲେଣି ମଞ୍ଜି କୁ ଦୁର୍ବଳ ।

(ଭୁବନେଶ୍ୱର, ଯୁଧିଷ୍ଠିର ମହାନ୍ତ )

(୪) କଛି ପୁରୁଣା ପ୍ରସଙ୍ଗ ରେ ପୁନଃ ଦୃଷ୍ଟିପାତ :

ଏକବିଂଶ ଶତାବ୍ଦୀ ର ଓଡ଼ିଆ କବିତା ପୁରାତନତା କୁ ପରିହାର କରି ପଛରେ ପକାଇ ଦେଇଛି ସତ, କନ୍ତୁ ଉତ୍ତରାଧିକାରୀ ସୂତ୍ରରେ ମିଳଥିବା କଛି Universal problem ଯଥା – ନଅଣ୍ଟିଆ ମଣିଷର ଖାଦ୍ୟ, ବସ୍ତ୍ର, ବାସଗୃହ ସମସ୍ୟା, ମାନବିକ ସଂବେଦନ, ସମ୍ୟବାଦୀ ଚନ୍ତନ, ସାମ୍ୟବାଦୀ ବାସ୍ତବତା, ନବ୍ୟ ପ୍ରଗତିଶୀଳ ଚେତନା, ଦଳତ ଚେତନା ଆଦିକୁ ସାଥିରେ ନେଇ ଚାଲିଛି କବିତା । ଯେତେବେଳେ କବି ଏକବିଂଶ ଶତାବ୍ଦୀରେ ଅବସ୍ଥାନ କରି ମଧ ଦାଦନ ଶ୍ରମିକର ଦୁଃଖ, ଓଡିଶାର ବେକାରି ସମସ୍ୟା, ଚାଷୀ ସମସ୍ୟା ଆଦିର କଥା କହୁଛନ୍ତ ଆମକୁ ବୁଝିନେବାକୁ ହେବ ଯେ କବି ପ୍ରାଚୀନ ଅର୍ଥାତ ବିଂଶ ଶତାବ୍ଦୀ ର କବିତାର ଗତିପଥ କୁ ପଛକୁ ଫେରି ଚାହିଁଛନ୍ତ । କବି ବଂଶୀଧର ଚୌଧୁରୀ ଙ୍କ 'ରକ୍ତାକ୍ତ ନୀଳଜହ୍ନ' କବିତା ପୁସ୍ତକର 'ଦିଅଜଳ' କବିତା ର ପଂକ୍ତ ରେ କବିଙ୍କ ଠାରେ ନରନ୍ତର ଚତ୍କାର ଶୁଭିଛି –

"ଏଠି
ଭୋକରେ ନଆଁ
ଶୋଷରେ ନଆଁ
ସ୍ୱପ୍ନରେ ନଆଁ
ଜୀବନରେ ନଆଁ
ନଆଁ/ଛଳନାର ଶୋଷକର ।"

(ଦିଅଜଳ, ବଂଶୀଧର ଚୌଧୁରୀ)

ISSN NO.
2582-208X

କବି ଦୀଲ୍ଲିପ କୁମାର ସ୍ୱାଇଁ (୯)ଙ୍କ "ଗୋଟିଏ ଚଷା ଘରର ଦୃଶ୍ୟ" କବିତାରେ କବି କୃଷକ ଜୀବନର କାରୁଣ୍ୟତା ର ପ୍ରକାଶ କରିଛନ୍ତି । ଜଗତକୁ ଅନ୍ନ ଯୋଗାଉଥିବା ମଣିଷର ଦୟନୀୟ ଦଶା ବୋଧପ୍ରତିଫଳତହୋଇଛି ତାଙ୍କ କବିତାରେ -

"ଅକ୍ଷୀ ତୃତୀୟା ଦିନ
ବାପାଙ୍କ ଆଖି ଦିଶେ ଲୁହ ଛଳଛଳ
ବାପା ଯାଆନ୍ତି ନଇକୂଳ
ସେଇଟା ଆମର ଲକ୍ଷ୍ମୀ ବିଲ
ଫଟା ମାଟିର ଆଁ ଭିତରେ ମିଳେଇ ଯାଏ
ବାପାଙ୍କ ସ୍ୱପ୍ନ । "

(ଗୋଟିଏ ଚଷା ଘରର ଦୃଶ୍ୟ, ଦୀଲ୍ଲିପ କୁମାର ସ୍ୱାଇଁ)

(୫) ପ୍ରତୀକ, ଚିତ୍ରକଳ୍ପ, ସିମ୍ବଲ୍, ମିଥ୍ ର ଗୁରୁତ୍ୱ ହ୍ରାସ :

ବିଂଶ ଶତାବ୍ଦୀର ଓଡିଆ କବିତାରେ ଯେଉଁ ପ୍ରଚୁର ମାତ୍ରାରେ ମିଥ୍ ଚିତ୍ରକଳ୍ପ ଆଦିର ପ୍ରଭାବ ଦେଖିବାକୁ ମିଳଥାଏ ତାହା ଏକବିଂଶ ଶତାବ୍ଦୀରେ କବିଙ୍କ ମାତ୍ରା କମ ହୋଇଛି । କବି ଯେଉଁ ଭାଷା ରେ ନିଜେ ସହଜ ମନେ କଲେ ଓ ପାଠକ ପାଖରେ କବିତା ଭାବ ସଞ୍ଚାରୀ ହୋଇପାରିବ ସେହି ଭାଷାର ବ୍ୟବହାର କରିଛି । କୌଣସି ନିର୍ଦ୍ଦିଷ୍ଟ ଛନ୍ଦ, ବା ରାଗ ରାଗିଣୀ ରୁ ମୁକ୍ତ ହୋଇ କବି କବିତା ରେ ଭାବ ପ୍ରକାଶ ରେ ସକ୍ଷମ ହୋଇଛି । କବିତା ପଠନ ବେଳେ ନିଃଶ୍ୱାସର କ୍ରମ ପରିବର୍ତ୍ତନ ହିଁ କବିତାର ଛନ୍ଦ ପାଲଟିଯାଏ । ଏହି ରହି ରହି ପଢିବାରୁ ହିଁ ଅର୍ଥର ଉତ୍ପତି ହୋଇଥାଏ । ଏହା ଏକବିଂଶ ଶତକର କବିତାର ଅନ୍ୟତମ ବିଶେଷତ୍ୱ । ନୂଆ କବିତାର ସ୍ୱର ଓ ଭାଷା ଉଭୟ ମୁକ୍ତ ।

"ବାରଣ ସେମାନଙ୍କୁ ନଆଁ, ପାଣି
ବାରଣ ସେମାନଙ୍କୁ ମାଟି, ଗଛ
ବାରଣ ସେମାନଙ୍କୁ
ପାହାଡ, ଜଙ୍ଗଲ, ହ୍ରଦ, ସମୁଦ୍ର
ଏମିତିକି ପାଦଚଲା ପଥ, ରାଜପଥ ।"

ISSN NO.
2582-208X

(କେମିତିକା ଫୁଟିଯାଏ ଫୁଲ, ବଂଶୀଧର ଚୌଧୁରୀ)

ଏହିଭଳି କବିତା ରଚନାରେ କବି କମା, କୋଲନ, ସେମିକୋଲନ, ହାଇଫେନ୍, ଓ ଶବ୍ଦ ମଧ୍ୟସ୍ଥ ଦୂରତାକୁ ଦୃଷ୍ଟି ଦେଇଥାନ୍ତି ।

(୬) ସାମ୍ପ୍ରତିକ କବିତାରେ ଶବ୍ଦ ଚୟନରେ ଚମତ୍କାରିତା:

କବି ବିଶାଳ ଭାବନକୁ ଖୁବ୍ କମ୍  ରେ ପ୍ରକାଶିତ କରିବା ପାଇଁ ଭାବ ଉଦ୍ଦୀପକ ଶକ୍ତଶାଳୀ ଏବଂ ସଂକ୍ଷିପ୍ତ ଶବ୍ଦ କୁ ଶବ୍ଦ ଭଣ୍ଡାରରୁ ଚୟନ କରିବାକୁ ଚେଷ୍ଟା କରିଥାଏ । ଏହି ପ୍ରୟାସ ଯୋଗୁଁ ଏକ ବିଂଶ ଶତାବ୍ଦୀର କବିତା ର କ୍ଷୁଦ୍ରତର ଓ କ୍ଷୁଦ୍ରତମ ଯଥା ଏକପଦୀ କବିତା, ଶୀର୍ଷକ ହୀନ କବିତା, ଦୁଇ ଧାଡି ବିଶିଷ୍ଟ କବିତା ଆଦି ରଚତ ହେବାରେ ଲାଗିଛି । କବି ଭରତ ଚନ୍ଦ୍ର ଦାସ ଙ୍କ 'ପ୍ରୀତିଚ୍ଛନ୍ଦା'(୨୦୨୧) କୁ ଦୃଷ୍ଟି ଦେଇ ଦେଖି ପାରିବା କବି କେତେ କମ୍ ଶବ୍ଦରେ କବିତା ଲେଖିବାକୁ ଚେଷ୍ଟା କରିଛନ୍ତି । ଏବଂ ତାହା ହିଁ ଏକବିଂଶ ଶତାବ୍ଦୀ ର ବ୍ୟସ୍ତ ବହୁଳ ପାଠକର ଗ୍ରହିଦା ।

"ପ୍ରୀତିଚ୍ଛନ୍ଦା ତୁମ ପ୍ରୀତି ଭ୍ରମେ ଭ୍ରମ
ସ୍ୱପ୍ନ ଭରା ନଦ ତୁମେ
ମନର ମାନସୀ  ଦେଲେ ଥରେ ହସି
ବିରହ ବେଳା ମୋ ଝୁମେ ।"

(ଶହେ ଗୁଳଶ, ପ୍ରୀତିଚ୍ଛନ୍ଦା)

(୭) ନୂତନ କବିତାରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ:

ଉତ୍ତରଆଧୁନିକ ଓଡିଆ କବିତାରେ କୀଟପତଙ୍ଗ, ପଶୁପକ୍ଷୀ, ଗୁଳ୍ମଲତା, ଏବଂ ଯେକୌଣସି ଜଡବସ୍ତୁ ମଧ୍ୟ ମୁଖ୍ୟ ବିଷୟ ହୋଇ ପାରିଛି । କବି ମଧ୍ୟରେ ପରିବେଶ ସୁରକ୍ଷା ମନୋଭାବ ପ୍ରକାଶିତ ହୋଇଛି । ଧ୍ୱଂସ ଆଡକୁ ଦ୍ରୁତ ଗତିରେ ମାଡି ଯାଉଥିବା ମଣିଷ ର ପାଠ କୁ କବି ଅଟକାଇବାକୁ ଚେଷ୍ଟା କରିଛି । ଯେପରିକ କବି ବଂଶୀଧର ଚୌଧୁରୀ୧୦ଙ୍କ 'କୁଟା' କବିତା କୁ ନମୁନା ରୂପେ ନଆଯାଇ ପାରେ –

ISSN NO.
2582-208X

"ମେସିନ୍/ କାଟୁଛି/ ମଳୁଛି/ ଧାନ
ହଜିଗଲ୍ଣି/ଦା'/ ଧାନକଟାର/ ଗୀତ
ଖାଲିପେଟରେ/ଗାଇ/ ବାଛୁରି/ ବଳଦ।"

(କୁଟା, ବଂଶୀଧର ଚୌଧୁରୀ)

(୮) ଆଜିର କବିତା ସୂଚନା ଓ ପ୍ରଯୁକ୍ତିବିଦ୍ୟା କୁ ଯଥେଷ୍ଟ ଗୁରୁତ୍ୱ ଦିଏ :

ଆଜିର କବିତା ଜୀବନର ଗୋପନତମ ଦିଗ ଗୁଡିକୁ ଫୁଟେଇବାକୁ ସଫଳ ହୋଇପାରୁଛି । ଏଣୁ ଏହାର କବିମାନଙ୍କର ଦୃଷ୍ଟିକୋଣ ବହୁସ୍ତରୀୟ, ବହୁରୈଖିକ । ଏହା ମାନବିକତା ଉପରେ ମଧ୍ୟ ଗରୁତ୍ୱ ଦିଏ ।

(୯) ଏବର କବିତା ଆଞ୍ଚଳିକ ସଂସ୍କୃତି ସହ ବିଶ୍ୱ ସଂସ୍କୃତି ର ମିଶ୍ରଣ, ଭାଷା ସହ ଭାଷା ମିଶ୍ରଣ କୁ ପ୍ରଶ୍ରୟ ଦେଉଛି :

ବାସ୍ତବିକ ଏକବିଂଶ ଶତାବ୍ଦୀ ର କବିତା ର ଗତି ଓ ପ୍ରଗତିର ଧାର୍ ବହୁଭାବ ଓ ଭାବନା, ଚନ୍ତା ଓ ଚେତନା ଓ ଦର୍ଶନର ଫେଣ୍ଟାଫେଣ୍ଟି ବହୁବର୍ଣ୍ଣୀ ବିଭବର ସମାବେଶ ଯାହା ଇନ୍ଦ୍ରଧନୁର ସପ୍ତରଙ୍ଗ ପରି ଆକର୍ଷଣୀୟ । ଉତ୍ତର-ଆଧୁନିକତା ର ଓଡ଼ିଆ କବିତାରେ ଏକ ସ୍ୱତନ୍ତ୍ର ସ୍ୱର, ଏକ ସ୍ୱତନ୍ତ୍ର କାରିଗରୀ କୌଶଳ, ଭାଷା ଓ ଭାବର ନୂଆ ପ୍ରକାଶ ଦେଖାଯାଉଛି । କବିତା ର ଏହି ବିକାଶ କ୍ରମ କୁ ଲକ୍ଷ୍ୟ କରି ଏକବିଂଶ ଶତାବ୍ଦୀ ର କିଛି କବିଙ୍କର ନାମ ସ୍ମରଣ କରିବା ଉଚତ ମନେ କରୁଛି । ହରିହର ମିଶ୍ର, ଶ୍ରୀହରି ଧଳ, ରୁନୁ ମହାନ୍ତ, ସୌଭାଗ୍ୟବନ୍ତ ମହାରଣା, ପ୍ରମିଳା ଶତପଥୀ, ସୁନତ ମୁଣ୍ଡ, ହୃଷିକେଶ ମଲ୍ଲିକ, ହୁସେନ ରବିଗାନ୍ଧୀ, ସନ୍ତୋଷ କୁମାର ନାୟକ, ବଂଶୀଧର ଚୌଧୁରୀ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଅପର୍ଣ୍ଣା ମହାନ୍ତ, ଫନୀ ମହାନ୍ତ, କବି ଜୟନ୍ତ ମହାପାତ୍ର ଏମିତି ଅନେକ ପ୍ରବୀଣ ଓଡ଼ିଆ କବିମାନଙ୍କର ଲେଖନୀ ଓଡିଆ ମନରେ ଦମ୍ଭ ଭରିଛି ଯେ ଓଡ଼ିଆ କବିତା ଖୁବ୍ ଅଳ୍ପ ଦିନରେ ବିଶ୍ୱ ସାହିତ୍ୟ ର କବିତା ସହିତ କାନ୍ଧ ମିଳାଇ ବାଟ ଗ୍ଭଲିବ ।

ISSN NO.
2582-208X

(୧୦) ଏକବିଂଶ ଶତକର କବିତାରେ ମୃତ୍ୟୁ :

ଆଧୁନିକ କବିତା ରେ ମୃତ୍ୟୁ ଚେତନା ରୂପାୟନ ରେ କବିମାନେ ବେଶ ସଫଳତା ଲାଭ କରିଛନ୍ତି । ମୃତ୍ୟୁ ପ୍ରତି ଏକ ସତର୍କ ସଚେତନ ଦୃଷ୍ଟିଭଙ୍ଗୀ କଛି କବିତାରେ ପ୍ରତିଫଳତ ହୋଇଛି । ମୃତ୍ୟୁକୁ ଏକ ଅବସମ୍ଭାବୀ ସତ୍ୟ, ନଗ୍ନ ବାସ୍ତବତା ଭାବରେ ଏକବିଂଶ ଶତକର କବି ଧରି ନେଇଛି । ମୃତ୍ୟୁ ନିକଟରେ ଅସହାୟ ମଣିଷର ଚକ୍ରାର ବିଫଳ ହେବା ସ୍ୱାଭାବିକ । ବିଂଶ ଶତକରେ ସକ୍ରୟ କବି ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ଦୀପକ ମିଶ୍ର, ଙ୍କ 'ସପ୍ତମ ଋତୁ', 'ଅରଣା ମଇଁଷି' ଆଦି ଏକବିଂଶ ଶତକର କବି ଡ. ସନ୍ତୋଷ କୁମାର ନାୟକ ଙ୍କ କବିତା 'ଭୀମା ଧୀବର' କୁ ନିଆ ଯାଇ ପାରେ –

"ପ୍ରତିଥର ଜାଲେ ତା'ର, ଇଚ୍ଛାରେ
ପ୍ରୟାସରେ ତା'ର
ତା' ଆସକ୍ତ, ଆତ୍ମୀୟତା ଅବା ତା'ର ଆପଣାପଣର
ପ୍ରତି ମୂଲ୍ୟେ ହୋଇଯାଉ ଆମେ ସବୁ
ଦରିଦ୍ର-ନିର୍ବଳ ଆଉ ନିସ୍ତେଜ-ନିଥର।"

(ଭୀମା ଧୀବର, ସନ୍ତୋଷ କୁମାର ନାୟକ)

ଏଇ ସମୟର ଓଡିଆ କବିତାରେ ମୃତ୍ୟୁ ଚେତନାର ଯେଉଁ ମହକ ପ୍ରକାଶ ପାଇଛି ତାହା ସମଗ୍ର ଭାରତୀୟ ସାହିତ୍ୟ ରେ ଅତୁଳନୀୟ ବୋଲି ବିଶିଷ୍ଟ ସମାଲୋଚକ ଡ. ନିତ୍ୟାନନ୍ଦ ଶତପଥୀ ମତ ଦେଇଛନ୍ତି । ଅଶି ପୂର୍ବବର୍ତ୍ତୀ କବିତାରେ ମୃତ୍ୟୁ ପ୍ରତି ଯେଉଁ ଭୟ ଦେଖାଦେଇଥିଲା ତା ପରିବର୍ତ୍ତେ ଆସିଛି ମୃତ୍ୟୁ ସହିତ ଏକ ପ୍ରକାର ବୁଝାମଣା, ଏକ ପ୍ରକାର ଭଲପାଇବା – ଯାହା ବହୁ ବିରୋଧାଭାଷି ବକ୍ତବ୍ୟ ଓ ରୂପକଳ୍ପ ମଧ୍ୟରେ ସାବ୍ୟସ୍ତ ହୋଇଛି । ଏ ଚେତନା ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ଦୀପକ ମିଶ୍ର ଓ ପ୍ରତିଭା ଶତପଥୀ ଙ୍କ କବିତାରେ ଅଶି ପୂର୍ବବର୍ତ୍ତୀ ଉତ୍ତର-ସତୁରି କାଳରେ ଆସି ପରବର୍ତ୍ତୀ ଦଶନ୍ଧି ରେ ବହୁ ବୈଚିତ୍ର୍ୟ ଓ ବିବିଧତା କୁ ଅବଲମ୍ବନ କରିଛି । ରମାକାନ୍ତଙ୍କ କବିତାରେ ମୃତ୍ୟୁ କୁ ଏକ ଆରାମ ଦାୟକ କର୍ମ ଭାବେ ପ୍ରତିପାଦିତ, ତେଣୁ ମୁର୍ଦ୍ଦାରଙ୍କ ଚତୁର୍ଦ୍ଦିଗରେ ସେ ଅନିର୍ବଚନୀୟ ସୌନ୍ଦର୍ଯ୍ୟ କୁ ଅନୁଭବ କରନ୍ତି । ଏକବିଂଶ ଶତକର କବି ଦୃଷ୍ଟିରେ ମୃତ୍ୟୁ ଅନ୍ୟାନ୍ୟ କାମପରି ଏକ ସାଧାରଣ କାମ ମାତ୍ର, ତେଣୁ ସେଥିପାଇଁ ଅଯଥା ଦୁଶ୍ଚିନ୍ତା ଓ

ISSN NO.
2582-208X

ଆତଙ୍କ କାହିଁକି ? ସୀତାକାନ୍ତ ବିଦାୟ ମୂହୁର୍ତ୍ତ କୁ ବିଜୟ ମୂହୁର୍ତ୍ତ ଭାବେ ପରିକଳ୍ପନା କରନ୍ତି। ସେଇ ନୂତନ ଇଲାକା କୁ ଯିବା ପାଇଁ  କାଳସୀ ନାଚଲା ପରି ପାଦ ଉତ୍ପାଟିତ ହୋଇଥାଏ । ମୃତ୍ୟୁ ରୂପୀ ଶ୍ୟାମର ମୂରଲୀ ଧ୍ୱନ ତାଙ୍କୁ ଏତେ ଉଚ୍ଛାଟିତ କରେ ଯେ ସେ ପିଲାଝିଲା ଙ୍କ ମାୟା ମମତା ଓ ସମସ୍ତ ପାର୍ଥିବ ସମ୍ପର୍କକୁ ଛାଡି ଆରପାରିକୁ ଯିବାକୁ ଗୋଡ ଟେକ ବସନ୍ତି। କବି ଦୀପକ ମିଶ୍ର ମୃତ୍ୟୁ କୁ ରମଣୀ ର କୋଳ ସହିତ ତର୍କଣା କରନ୍ତି । ମୃତ୍ୟୁ ଏକ ବରଣୀୟ ଅତିଥି ତା ପାଇଁ ଅଯଥା ଭୟ କାହିଁକି ? କବି ସନ୍ତୋଷ କୁମାର ଙ୍କ କାବ୍ୟିକ ଭାଷା ରେ –

"କେଜାଣି କ ମନ୍ତ୍ର ଫୁଙ୍କେ
କଛି ନା କଛି ତ ଉଠେ , ଜାଲେ ତା'ର
ଥରେ ଅଧେ ନୁହେଁ, ପ୍ରତିଥର
କେଜାଣି କେମିତି କାହିଁ
ଯେତେ ସେ ନଷ୍ଠୁର ଅବା ଦିଶୁ ଭୟଙ୍କର
ଭିତରୁ ଶବ୍ଦଟେ ଆସେ ସବୁବେଳେ
ଶିବ-ଶିବ-ଶିବ ଓ ସୁନ୍ଦର।"

(୧୧) କବିତାରେ ଚଳତ ଶତାବ୍ଦୀ ର ଦଳତ ଓ ଆଦିବାସୀ ଚେତନା ସ୍ଥାନ ପାଇଛି :

ବିଶ୍ୱର ସମସ୍ତ ସାମାଜିକ ଇତିହାସ ହିଁ ପ୍ରାଣୀ ସଙ୍ଘର୍ଷର ଇତିହାସ । ପ୍ରତ୍ୟେକ ସମୟରେ ସମାଜରେ ଦୁଇଟି ପରସ୍ପର ବିରୋଧୀ ଶ୍ରେଣୀ ମଧ୍ୟରେ ସଂଘର୍ଷ ଚାଲି ଆସିଛି । ସେମାନେ ହୁଅନ୍ତି ସ୍ୱାଧୀନ ମାନବ ବା କ୍ରୀତଦାସ, ଭୃତ୍ୟ ଅବା ପ୍ରଭୁ, ଶୋଷିତ-ଶୋଷକ, ଉଚ୍ଚ ଜାତିର ମଣିଷ ନଚ୍ଚ ଜାତିର ମଣିଷ । ସମାଜରେ ଏମାନଙ୍କ ମଧ୍ୟରେ ନତ୍ୟ ବିରୋଧାଭାଷ ଚାଲେ । ନତି ଶ୍ରେଣୀ ସଂଘର୍ଷ ଚାଲେ । ଶୋଷକ ଗୋଷ୍ଠୀ କେବେ ତାର ସ୍ୱଭାବ ସୁଲଭ ଗୁଣ କୁ ଛାଡେ ନାହିଁ । ଧର୍ମ, ଅର୍ଥ, କ୍ଷମତା, ଈଶ୍ୱର,ଜାତିବାଦ ଓ ପରୋକ୍ଷ ହିଂସା ଉପରେ ଦଣ୍ଡାୟମାନ ଶୋଷକ ଗୋଷ୍ଠୀ ଆଧୁନକତାର ସଭ୍ୟ ମୁଖା ମଧ୍ୟରେ ଶୋଷଣ ଜାରିରହେ। ଯୁଗେ ଯୁଗେ କବି ଲେଖକଙ୍କ କବିତା ଗଳ୍ପରେ ଏହି ଦଳତ ଙ୍କର ଦୁଃଖ ଦୁର୍ଦ୍ଦଶା ସ୍ଥାନ ପାଇ ଆସିଛି । ସମସ୍ତ ମାନବୀୟ ଅଧିକାର ରୁ ବଞ୍ଚିତ ସାମାଜିକ ବ୍ୟବସ୍ଥାରୁ ପରିତ୍ୟକ୍ତ ଏବଂ ଆର୍ଥିକ ବ୍ୟବସ୍ଥା ରୁ ଶୋଷିତ  ନଷ୍ପେସିତ ମଣିଷର ସ୍ୱର, ଉଷୁମ ନଶ୍ୱାସ ହିଁ ଦଳତ

ISSN NO.
2582-208X

ଚେତନାର ନାମ ନେଇ କବିତାରେ ପ୍ରତିଫଳିତ ହୋଇଛି । ଯେଉଁ ବିଶ୍ୱକର୍ମା ମଣିଷ ସୃଷ୍ଟି ର ନାୟକ, ସଭ୍ୟତାର ବାହକ ଏବଂ ସଂସ୍କୃତିର ଗାୟକ ଯେଉଁମାନେ ପ୍ରତିଦିନ ଜୀବନ ସଂଗ୍ରାମରେ ଯୁଝି ଯୁଝି ପୃଥିବୀକୁ ନୂଆ ରୂପ ଦିଅନ୍ତି ଏବଂ ସମସ୍ତ ପ୍ରକାର ଧ୍ୱଂସବାଦୀ ଓ ମୃତ୍ୟୁମୁଖୀ ପ୍ରକ୍ରିୟା କୁ ପରାହତ କରି ସୃଷ୍ଟି ଓ କୃଷିର ଅକ୍ଷୟ ବୀଜ ବପନ କରନ୍ତି । ଚିରକାଳ ଅନନ୍ତ ଜୀବନର ଜୟଗାନ କରନ୍ତି । ସେହିମାନେ ହିଁ 'ମହାଜୀବନ' ପୁଣି ସେହିମାନଙ୍କୁ ହିଁ ସମାଜ କହେ ଦଳିତ । (ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ବ୍ରଜନାଥ ରଥ ଙ୍କ କାବ୍ୟ 'ବିଶ୍ୱ') । କବି ବଂଶୀଧର ଚୌଧୁରୀ ଙ୍କ 'ପାହାଡ଼ୀ ସୁନ୍ଦରୀ' କବିତା ରୁ ପଂକ୍ତି ଟିଏ ଉଦ୍ଧାର କରାଯାଇ ପାରେ –

"ସାର୍ ରତୁ
ଗେଟି, ବାଲି,ସିମେଣ୍ଟ
ଥାକ ଥାକ ଇଟା
ଉଠାଏ ତା' ମୁଣ୍ଡ
ନଥାଏ ମୁଟୁଳା
ବେଲେ ତୋରାଣି ରେ
ମେଣ୍ଟାଏ ଭୋକ ଶୋଷ
ନଥାଏ ଅବସାଦ
ନଥାଏ ଅବଶୋଷ ।"

(ପାହାଡ଼ୀ ସୁନ୍ଦରୀ, ବଂଶୀଧର ଚୌଧୁରୀ)

ଦଳିତଙ୍କ ପାଇଁ ଆଜି ବି ଧନୀକ ଶ୍ରେଣୀରେ ବଞ୍ଚି ରହିଛି ଘୃଣା । ଆଖିରେ ଦେଖିଲେ ନାକ ଟେକିବା, ଗଙ୍ଗା ପାଣିରେ ଗାଧୋଇବା ଭଳି ଭାବ ଆଜି ବି ଧନୀକ ଶ୍ରେଣୀଙ୍କ ଠାରେ ଲକ୍ଷ୍ୟ କରାଯାଏ । ଏକବିଂଶ ଶତକର ଚଳଚଞ୍ଚରେ କବିଦୃଷ୍ଟିରେ କିଛି ଖସିଯାଇ ନାହିଁ । କବି ବ୍ରଜନାଥ ରଥ 'ହେ ମହାଜୀବନ' ରେ ସେହି ଦଳିତ ନିଷ୍ପେସିତ ମଣିଷ ର ବନ୍ଦନା ଗାନ କଲା ପରି ନୂଆ କବି ମଧ୍ୟ କିଛି ମାତ୍ରାରେ ସେ ପ୍ରତି ଦୃଷ୍ଟି ଦେଇଛନ୍ତି ଓ ଅନୁରୂପ ବନ୍ଦନା ଗାନ କରିଛନ୍ତି ।

ISSN NO.
2582-208X

ଏକବିଂଶ ଶତକର ଦ୍ୱିତୀୟ ଦଶକରେ ଓଡ଼ିଆ କବିତା ରଚନା କରୁଥିବା ଯୁବ କବି କବିୟତ୍ରୀ ମାନେ ସାହିତ୍ୟ ଭଣ୍ଡାରରୁ ପୃଷ୍ଟ କରିବାରେ ମନୋନବେଶ କରୁଛନ୍ତି । ତରୁଣ କବି ପ୍ରତିଭି ମାନଙ୍କର କବିତାର ଭିବବସ୍ତୁ କୌଣସି ନର୍ଦ୍ଦିଷ୍ଟ ପରିସୀମା ମଧରେ ଆବଦ୍ଧ ରହିବାକୁ ଗ୍ହୁଁନାହିଁ । ବିଭିନ୍ନତା ପୂର୍ଣ୍ଣ ଭିଷା ଓ ଶୈଳୀ ଏବର ଓଡିଆ କବିତାର ଅନ୍ୟତମ ବିଶେଷତ୍ୱ ସାଜିଛି ।

ବର୍ତ୍ତମାନ ର ସାହିତ୍ୟ କ୍ଷେତ୍ରରେ ଲେଖନୀ ଗ୍ଳନା କରୁଥିବା କବି ମାନଙ୍କ ମଧରେ ଯୁବ କବି ଦୀପକ ସ୍ୱାଇଁ{୧୧} (କେନ୍ଦୁଝର), ମନୋଜ ପଣ୍ଡା (ବାଲେଶ୍ୱର), ବିରେନ୍ଦ୍ର ନାୟକ (ଯାଜପୁର), ଅଂଶୁମାନ ସାହୁ (ଜଗତସିଂହପୁର), କବୟତ୍ରୀ ଶ୍ରୀଶିକ୍ତା ସୁଭଦର୍ଶନୀ ନାୟକ (ଜଗତସିଂହପୁର), ରଞ୍ଜନ ମହାନ୍ତ (ବାଲେଶ୍ୱର), ସଞ୍ଜୟ ପଣ୍ଡା (ବାଲେଶ୍ୱର), ଗ୍ଜେନ୍ଦ୍ର ଗିରି(ବାଲେଶ୍ୱର), ସୁଦୀପା ସାହୁ (ବାଲେଶ୍ୱର), ସ୍ରୋତସ୍ୱିନୀ ପରିଡା (ଯାଜପୁର), ରୂପାଲିଭୋଇ(କଟକ), ସ୍ୱାଗତିକା ବେହେର୍(କଟକ), ଶ୍ୱେତରୂପା ମିଶ୍ର (କଟକ), ଗ୍ଜଶ୍ରୀ ପରିଡା(ମୟୂରଭଞ୍ଜ), ମନୋଜ କୁମାର ମହାନ୍ତ(ମୟୂରଭଞ୍ଜ), ସୁଧାଂଶୁ କୁମାର ଗିରି (ଆନନ୍ଦ ସାଗରିଆ (କନ୍ଧମାଳ), ଶ୍ରୀମାନ ଶିବସୁନ୍ଦର (କଟକ), ଜ୍ୟୋତିର୍ମୟୀ ସାହୁ, ସଙ୍ଘମିତ୍ରା ନାୟକ (କେନ୍ଦ୍ରାପଡା) ଆଜିର ଏକବିଂଶ ଶତକର କବି ଓ ଲେଖକ ଙ୍କ ପାଇଁ ପାଠକ ନକଟରେ ପହଞ୍ଚିବା ପାଇଁ ସୋସିଆଲ ମିଡିଆ ମଧ ଏକ ବିଶାଳ କ୍ଷେତ୍ର ପ୍ରସ୍ତୁତ କରୁଛି ।

ଏକବିଂଶ ଶତକର ଓଡିଆ କବିତା ବିଚତ୍ର ରଙ୍ଗରେ ରଙ୍ଗାୟିତ। ଏଠି ଆନନ୍ଦ ବି ଅଛି କବିତା ରେ ପୁଣି ଅଛି ବିଷାଦ, ମିଳନ ଓ ବିରହ, ସୃଜନ ଓ ଧ୍ୱଂସ, ସମସ୍ତ ବିରୋଧଭାଷ ମଧରେ ଓଡିଆ ସାହିତ୍ୟର କାବ୍ୟରଥ ଆଗକୁ ଗଡି ଗ୍ଲିଛି । ଏହାର ବିସ୍ତୃତ ଦିଗନ୍ତ ପ୍ରସାରୀ ଦିଗ ଗୁଡିକୁ କଳବା ଅସମ୍ଭବ ପରି ମନେହୁଏ ।

-----o------

ISSN NO.
2582-208X

## ପୃଷ୍ଠଟୀକା

୧. ଗିରି, ପତିତପାବନ, ସାଂପ୍ରତିକ ନୂଆ କବିତାର ଭୂମି ଓ ଭୂମା: ଇସ୍ତାହାର, (ଚଉତିରିଶ ବର୍ଷ, ୪ର୍ଥ ସଂଖ୍ୟା, ୨୦୧୨)ପୃଷ୍ଠା -୧୩୮ ।

୨. ଗିରି, ପତିତପାବନ, ସାଂପ୍ରତିକ ନୂଆ କବିତାର ଭୂମି ଓ ଭୂମା: ଇସ୍ତାହାର, (ଚଉତିରିଶ ବର୍ଷ, ୪ର୍ଥ ସଂଖ୍ୟା, ୨୦୧୨)ପୃଷ୍ଠା -୧୩୮ ।

୩. ତୈବ-ପୃ- ୧୩୯

୪. ଚୌଧୁରୀ, ବଂଶୀଧର, ଚଷାପୁଅର କୁଜ, ଚଷାପୁଅର କୁଜ,(ପ୍ରଥମ ସଂସ୍କରଣ, ସ୍ୱାବଲମ୍ବନ ପୁସ୍ତକ ପ୍ରକାଶନ ଓ ବିତରଣ ସଂସ୍ଥାନ, ବାଲେଶ୍ୱର, ୨୦୨୧, ପୃ- ୯ ।

୫. ଗିରି, ପତିତପାବନ, ସାଂପ୍ରତିକ ନୂଆ କବିତାର ଭୂମି ଓ ଭୂମା: ଇସ୍ତାହାର, (ଚଉତିରିଶ ବର୍ଷ, ୪ର୍ଥ ସଂଖ୍ୟା, ୨୦୧୨)ପୃଷ୍ଠା -୧୩୮ ।

୬. ତ୍ରିପାଠୀ ଲକ୍ଷ୍ମୀକାନ୍ତ, 'ଗଛ' : ଇସ୍ତାହାର (୩୬ ବର୍ଷ, ୧ମ/୨ୟ ସଂଖ୍ୟା, ଏପ୍ରିଲ, ୨୦୧୪) ପୃ- ୧୩୭

୭. ସ୍ୱାଇଁ, ଡକ୍ଟର ଦିଲ୍ଲୀପ କୁମାର, ଏକବିଂଶ ଶତାବ୍ଦୀ ର କବିତା :ଇସ୍ତାହାର (୩୮ ବର୍ଷ, ୩ୟ/୪ର୍ଥ ସଂଖ୍ୟା) ଅକ୍ଟୋବର -୨୦୧୬,ପୃ- ୧୪୬ ।

୮. ପଣ୍ଡା,କମଳାକାନ୍ତ, ଭୁବନେଶ୍ୱର-୧ : ଇସ୍ତାହାର, ୩୬ ବର୍ଷ, ୧ମ/୨ୟ ସଂଖ୍ୟା, ୨୦୧୪, ପୃ- ୧୮୦

୯. ସ୍ୱାଇଁ, ଦିଲ୍ଲୀପ କୁମାର, 'ଗୋଟେ ଚଷା ଘରର ଦୃଶ୍ୟ' ।

୧୦. ଚୌଧୁରୀ, ଡ. ବଂଶୀଧର, କୁଟା , ରକ୍ତାକ୍ତ ନୀଳଜହ୍ନ, ସୁବର୍ଣ୍ଣ ଶ୍ରୀ ପ୍ରକାଶିନୀ, ବାଲେଶ୍ୱର, ୨୦୧୭, ପୃ- ୪୨

୧୧. ସୂର୍ଯ୍ୟୋଦୟ ଭାଷା ଓ ସାହିତ୍ୟ ପ୍ରତିଷ୍ଠାନ ର ପ୍ରତିଷ୍ଠାତା ସମ୍ପାଦକ ଙ୍କ ସହ ବ୍ୟକ୍ତିଗତ ବାର୍ତ୍ତାଳାପ ରୁ ଜ୍ଞାତ ।

ଗବେଷକ, ଫକୀରମୋହନ ବିଶ୍ୱବିଦ୍ୟାଳୟ
ମୋବାଇଲ- ୯୧୬୮୩୭୭୦୬୧

ISSN NO.
2582-208X

# ତୁହି ଗୋଲାପ



ସୁଲତା ସାହୁ

କୋଟି ଲାବଣ୍ୟମୟୀ ତୁହି ଗୋଲାପ
ତୋ ରୂପନିଧି ମତେ କରେ ଭାବୁକ
କେଉଁ ରୂପେ ତତେ ଗଢିଲା ବିହି
ତୋ ଶୋଭା କରୁଥାଏ ସଭିଙ୍କୁ ବାଇ
ତୁ ଅତି ସୁକୁମାର ଅଟୁ ଗୋଲାପ
ତୋତେ ପାଇବା ହୁଏ ଭାରି ଦୁର୍ଲଭ
ସୁନ୍ଦରୀ ବୋଲି ତୋର କୋମଳ ଦେହେ
କଣ୍ଟା ବି ବହିଅଛି ତୁହି ତନୁରେ
ଏତେ ଯତନେ ତୋତେ ଗଢିଲା ଜାଣି
ସୁନ୍ଦରୀ ବୋଲି କାଳେ ନେବ ତୋତେ କେ ଟାଣି
ତେଣୁ ଧାରଣ କଲୁ ଶରୀରେ କଣ୍ଟା
ପାଇବ ଆଘାତ ଯେ କରିବ ନିନ୍ଦା
କୋମଳ ଅଙ୍ଗେ ତୋର ସଲିଲ ବାରୀ
ବିନ୍ଦୁ ବିନ୍ଦୁ ଯେବେ ପଡଇ ଝରି
ଆହା କି ମନୋଲୋଭା ଦିଶୁ ତୁ ସତେ
ଆକୃଷ୍ଟ ହୁଏ ମହୀ ତୋ ରୂପ ରଙ୍ଗେ
ତୋର ସୁରଭି ଆହା କି ମନୋହର
କୋଟି ଜନମନ ତୋ କରୁ ମୋହନ
ତୋ ରୂପେ ମୁଗ୍ଧ ହୋଇ କେତେ ଭଅଁର
ଆସନ୍ତି ପାଖେ ଧାଇଁ ନିକଟେ ତୋର

ISSN NO.
2582-208X

ଦିଅଁଙ୍କ ପାଖରେ ଲ଼ାଗି ହୋଇ ଯେ ତୁହି
କେବେ କାମିନୀ ଗଭା ପୁଣି ସଜାଇ
ତତେ ନେଇ ପ୍ରେମୀ, ପ୍ରେମ ମନ୍ଦିର ଚୋଳେ
ଚୋଳିନ ଜାଣିଲେ ତାହା ଭୁଷୁଡେ କାଳେ
ପ୍ରେମ ପ୍ରତୀକ ତୁହି ଅଟୁ ଗୋଲାପ
ପ୍ରେମ ଯେ କଣ୍ଟକିତ ନୁହେଁ ସୁଗମ
କଣ୍ଟାର ଆଘାତ ଯେ ସହି ପାରଇ
କୋମଳ ହୁଏ ପ୍ରାଣ ଶିଖାଉ ତୁହି
ଏଭଳି କେତେ ତୋର ଗୁଣ ଗାଇବି
ନୁହେଁ ସମ୍ଭବ ମୁଁ ଯେ ବର୍ଣ୍ଣିପାରିବି
ଗୋଲାପ ଦିବସ ରେ ଧାଡିଏ ପଦ
ଗୋଲାପି ରଙ୍ଗେ ଭରୁ ସଭିଙ୍କ ହୃଦ

ଶେରଗଡା, ଗଞ୍ଜାମ

ISSN NO.
2582-208X

# ବାପା



ଆଦ୍ୟାଶା ନନ୍ଦ

ମୋ ଦେହେ ଜୀବନ ସଞ୍ଚରିଛ ତୁମେ
ତୁମେ ପରା ମୋ ସ୍ପନ୍ଦନ
ତୁମେ ମୋର ଗର୍ବ, ତୁମେ ଗୌରବ
ଈଶ୍ୱରଙ୍କ ବରଦାନ ।

ଅକୁହା ମନର କୋହକୁ ବୁଝିଛ
ବୁଝିଛ ଅବ୍ୟକ୍ତ ଦୁଃଖ
ମୋ ଆୟୁଷ ବାପା ତୁମକୁ ଲାଗୁ ହେ
ଜୀବନ ହେଉ ସାର୍ଥକ ।

ସଂସାର ବାଟରେ ହେଲେ ବାଟବଣା
ମନ ଖୋଜୁଥାଏ ତୁମକୁ
ତୁମେ ମୋ ସାହସ, ତୁମେ ମୋ ଶକତି
ହରିନିଅ ସବୁ କଷ୍ଟକୁ ।

ISSN NO.
2582-208X

ଅମଡ଼ା ବାଟରେ ପାଦ ପଡିଗଲେ
ଆଖି ଖୋଜିବୁଲେ ତମକୁ
ତୁମେ ପାଖେ ଥିଲେ କିଛି ଲୋଡ଼ା ନାହିଁ
ଖୁସି ଛୁଏଁ ଆକାଶକୁ ।

ସୁଖର ଆରମ୍ଭ ତୁମ ଠାରେ ମୋର
ଅନ୍ତ ହୁଏ ସବୁ ଦୁଃଖ
ତୁମ ନୀତି ଆଦର୍ଶ ହେଉ ମୋ ପାଥେୟ
ତୁମ ପାଖେ ସ୍ୱର୍ଗ ସୁଖ ।

ଦୁଃଖର ଶିରିପା ପିନ୍ଧିଣ ମଥାରେ
କୁହ ତୁମେ ସୁଖୀ ବାପା
କୋଟି ଜନମର ପୁଣ୍ୟଫଳ ତୁମେ
ମୋ ଖୁସିର ଲୁହ ଟୋପା ।.....

ନୟାପଲ୍ଲୀ, ଭୁବନେଶ୍ୱର

ISSN NO.
2582-208X

# ପରିବର୍ତ୍ତିତ ସମାଜ ଓ ମୁଁ



ଆକାଂକ୍ଷାମୟୀ ଦାଶ

ସାମାଜିକପ୍ରାଣୀ ସମାଜରେ ରହେ
ସମାଜ ଚେତନା ନେଇ....
ଚାରି ପାଖେ ସତେ ନିଜ ପରିବାର ବାଟବଣା ହେବ ନାହିଁ ।୧।

ସମାଜକୁ ଛାଡ଼ି ଜୀବନ ବିତିଲେ
ହଜିଯିବ ଭବିଷ୍ୟତ
ନିଜ ସଙ୍ଗେ ନିଜେ ସମୟ କାଟିଲେ
ବଦଳିଯିବ ଦିଗନ୍ତ ।୨।

ଅତୀତ ରୂପରେ କିଛି ରହିଥିଲା
ଭିନ୍ନ ରୂପ ବର୍ତ୍ତମାନ
ଭାବନା କୁ ନେଇ ଭ୍ରମ ଆସିଥାଇ
ଯଦି ହୁଏ ଆକଳନ ।୩।

ବାଲ୍ୟ ଓ କୈଶର ନାହିଁ ଆଜି ଆଉ
ନୂତନର ରୂପେ ମୁହିଁ

ISSN NO.
2582-208X

ପୋଛିବାର ପରି ପୁଛୁଛି ନିଜକୁ
ଦୂର ଭବିଷ୍ୟତ ପାଇଁ ।୪।

ତଥାପି କାହିଁକି ଶଙ୍କା ଆସେ ମନେ
ଦୁନିଆର ରୂପ ଦେଖି
ସାଙ୍ଗ ସାଥି ମେଳେ
ଆସଇ ଧାରଣ ପରିସର ମୋର ସାକ୍ଷୀ ।୫।

ଗୁରୁଜନେ ଦେଇ ଭକତିର ଅର୍ଘ୍ୟ
ଲଘୁଜନେ ଦେଇ ପ୍ରେମ
ଏଇ ମୋ ସଂସ୍କାର ଧରିଛି ଆକାର
ସମାଜକୁ ଦେଇ ଧ୍ୟାନ ।୬।

କାହିଁକି କେଜାଣି ଅବାଟ କୁ ମଣି
କେତେ ପ୍ରକାରର ରୂପ
ସତେ ଅବା ତାକୁ ଗ୍ରାସି ଅଛି ମୋହ
ମିଥ୍ୟାର ସଦା ସମୀପ ।୭।

ସତ୍ୟ ଆଜି ଏଠି ମୂକ ସାଜିଅଛି
ଦେଖିଏ ପରିବର୍ତ୍ତନ
କିଏ ବା କାହାର ହୋଇବ ନିଜର
ପଳାଇ ହୁଏ ନି ମନ।୮।

ISSN NO.
2582-208X

ଦୁଃଖଦରିଆର ବେଳାଭୂମି ପରେ
ଥିବ ଯଦି ବାଲି ଘର
ଝଡ଼ର ଆଘତେ ରହି ପାରେ ନାହିଁ
ଭାଙ୍ଗି ହୁଏ ଚୁରୁମାର ।୯।

ତା ଭୁଇ ଆଜି ସୁନ୍ ସାନ୍ ଦିଶେ
ସହରୀ ହେବାର ନିଶା
ପ୍ରବେଶକୁ ଛାଡ଼ି ଦେଶ ତ୍ୟାଗ କରି
ବିଦେଶକୁ ଯିବା ଆଶା ।୧୦।

ସମାଜର ରୂପ କଥା କହୁ ଥିଲେ
କୁହନ୍ତା ବିକଳ ହୋଇ
ବିକଳାଙ୍ଗ ରୂପେ ଗ୍ରାମୀଣ ଭିତ୍ତିରେ
ନୁହନ୍ତି କାହାର କେହି ।୧୧।

ଧନ୍ୟ ଏ ବିଜ୍ଞାନ ଦେଉ ନାହିଁ ଜ୍ଞାନ
ଧରି ସାମାଜିକ ଜ୍ଞାନ
ବନ୍ଧନୀ ରେ ରହି ବାନ୍ଧି ହୋଇ ମୁହିଁ
କହେ ସମାଜ ବିଜ୍ଞାନ ।୧୨।

ବଲାଙ୍ଗୀର

ISSN NO.
2582-208X

# ଆତ୍ମଜୀବନୀ ଅନୁଶୀଳନ



ସ୍ମୃତିରଞ୍ଜନ ସେଠୀ

ଚରିତ ରଚନାଟି ଭାରତରେ ବହୁପ୍ରାଚୀନ। ଭାରତୀୟ ସାହିତ୍ୟର ଆଦ୍ୟକାଳରୁ ପୁରାଣ ରଚନାର ସମୟରୁ ଏହି ଜୀବନୀ ଲେଖିବାର ପ୍ରୟୋସ ଆରମ୍ଭ ହୋଇଥିଲା। ପ୍ରଥମରୁ ସ୍ୱକୀୟ ଅନୁଭୂତିକୁ ନେଇ କୌଣସି କାବ୍ୟ କିମ୍ବା ପୁରାଣ ନଥିଲା। ଏହା ପରୋକ୍ଷରେ କବି, ବିଦ୍ୱାନ, ପଣ୍ଡିତମାନଙ୍କ ଦ୍ୱାରା କୌଣସି ସମ୍ରାଟ, ପରିଚିତ ବ୍ୟକ୍ତି ଅଥବା ବଂଶାବଳୀକୁ ନେଇ ଚରିତଭିତ୍ତିକ କାହାଣୀ ପ୍ରସ୍ତୁତ କରାଯାଉଥିଲା। ପରେ ପାଖାପାଖି ଆଧୁନିକ ଯୁଗର ସମୟ ଖଣ୍ଡରେ ଆତ୍ମଜୀବନୀ ରଚନା କରାଯାଇଥିଲା।

ଆତ୍ମଜୀବନୀ ରଚନାର ପ୍ରୟୋସ ନୂତନ ହେଲେ ମଧ୍ୟ ଏହାର ମୂଳଉତ୍ସ ହେଉଛି ଭାରତୀୟ ପ୍ରାଚୀନ ସାହିତ୍ୟ। ଏ କ୍ଷେତ୍ରରେ ଆଦ୍ୟପ୍ରେରଣା ବାଲ୍ମିକୀଙ୍କ ରାମାୟଣ, ଯାହା ଅଯୋଧ୍ୟା ରାଜ୍ୟର ରାଜା ସୂର୍ଯ୍ୟବଂଶୀ ଶ୍ରୀରାମ ଚନ୍ଦ୍ରଙ୍କ ଚରିତ ଆଧାରିତ। ଆତ୍ମଜୀବନୀ କହିଲେ ସ୍ୱକୀୟ ଅଭିବ୍ୟକ୍ତି, ବ୍ୟକ୍ତିଗତ ଅନୁଭୂତି ଓ ଆତ୍ମକଥନକୁ ବୁଝାଏ। ଅନ୍ତରଙ୍ଗ ଅନୁଭୂତି ଓ ଅବ୍ୟକ୍ତ ଭାବକୁ ବ୍ୟକ୍ତ କରିବାର ଏକ ନୂତନ ଧାରା ଭାବେ ଆତ୍ମଜୀବନୀ ଆତ୍ମପ୍ରକାଶ କଲା। ଶ୍ରୀମଦ୍ ଭାଗବତ ମତାନୁସାରେ,

ISSN NO.
2582-208X

"ମହତେ ଯାହା ଆଚରିବେ ।
ଇତରେ ତାହା ହିଁ କରିବେ ।।
ସେ ଯାହା ପ୍ରମାଣ କରିବେ ।
ଲୋକେ ତଦାନୁବର୍ତ୍ତୀ ହେବେ ।।"

ଏହି ପଦରେ ଅତିବଡ଼ି ଜଗନ୍ନାଥ ଦାସ ଆତ୍ମଜୀବନୀର ମହତ୍ୱ, ଗୁରୁତ୍ୱ ଓ ଗ୍ରହଣଶୀଳତା ପରିପ୍ରେକ୍ଷୀରେ ନିଜ ମତକୁ ଦର୍ଶାଇଛନ୍ତି। ମହାପୁରୁଷ ତଥା ଲବ୍ଧପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ଆତ୍ମଜୀବନୀ ପାଠରେ ହିଁ ପାଠକକୁ ମିଳିଥାଏ ଏକ ନୂତନ ସମ୍ମୋହନ, ଅହେତୁକ ଉତ୍ସାହ ଓ ଭବିଷ୍ୟତକୁ ଗଢ଼ିବା ପାଇଁ ପ୍ରେରଣାଦାୟୀ ଉପାଦାନ। ସଫଳ ହୋଇଥିବା ବ୍ୟକ୍ତି ନିଜ ଜୀବନରେ ଭେଟିଥିବା ସଂଘର୍ଷ, ସଂଘାତ ଓ ଶାନ୍ତରହତ ପରିସ୍ଥିତି ଓ ପରିବେଶକୁ ପାଠକୀୟ ଭଙ୍ଗୀରେ ଗ୍ରହଣ କଲେ ସେଥିରୁ ଆତ୍ମଜୀବନୀର ବାସ୍ତବିକ ରୂପରେଖ ଆମେ ଚିହ୍ନିପାରିବା। ଗୋପବନ୍ଧୁ କହିଥିଲେ,

"ମାନବ ଜୀବନ ନୁହଇଁ କେବଳ ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜୀଏଁ ନର କର୍ମ ଏକା ତା'ର ଜୀବନର ମାନଦଣ୍ଡ ।"

କର୍ମକୁ ପାଥେୟ କରି ଓ ପଥ ମନେକରି ପ୍ରୟାସୀଥିବା ବ୍ୟକ୍ତିମାନେ ଯେତେବେଳେ ସଫଳ ହୁଅନ୍ତି ସେଇ ସଫଳତାର ମାର୍ଗକୁ ସେ ଆତ୍ମଜୀବନୀ ମାଧ୍ୟମରେ ଉନ୍ମେଷ କରନ୍ତି। ଯାହାର ଫଳ ପାଠକ ପ୍ରାପ୍ତ କରେ।

ଆତ୍ମଜୀବନୀ ସମ୍ପର୍କରେ ଓଡ଼ିଆ ସାହିତ୍ୟର ଲେଖକ, ଆଲୋଚକ ଓ ସମାଲୋଚକମାନେ ଭିନ୍ନଭିନ୍ନ ମତ ଦେଇଛନ୍ତି। ପଣ୍ଡିତ ଗୋଦାବରୀଶ ମିଶ୍ର କହିଛନ୍ତି,

ISSN NO.
2582-208X

"ଆତ୍ମଜୀବନୀ ଲେଖିବାର ଦାୟିତ୍ୱ ବଡ଼ ବେଶି। ସେ ଦାୟିତ୍ୱ ଅପରବ୍ୟକ୍ତିଙ୍କ ଜୀବନୀ ଲେଖିବା ଲେଖକଙ୍କର ନାହିଁ ।" ଅର୍ଥାତ୍ ନିଜ ବିଷୟରେ ନିଜ ଅଭିଜ୍ଞତାରୁ ଲେଖିବା ଯେତେ କଷ୍ଟ, ସେତିକି ମଧ୍ୟ ଗୁରୁଦାୟିତ୍ୱ ବହନ କରେ। ନିଜେ ବୁଝିଥିବା ଓ ଅଙ୍ଗେ ଲିଭେଇଥିବା ସମୟକୁ ଅବିକଳ ଉତ୍ତାରିହୁଏନି କାଗଜରେ। ସେଥିପାଇଁ ଲୋଡ଼ା ସାହସିକତା ଓ ସତ୍ୟତା। ସେଇଥିପାଇଁ ତ ଅନେକ ଆତ୍ମଜୀବନୀରେ କଳ୍ପନା ପ୍ରସଙ୍ଗ ଦୃଶ୍ୟମାନ ହୁଏ। ପ୍ରତ୍ୟେକ ଆତ୍ମଜୀବନୀରେ ଅର୍ଦ୍ଧ ସତ୍ୟ ଦଣ୍ଡାୟମାନ ଥାଏ। ନିଜକୁ ଚିହ୍ନେଇବାର ପ୍ରୟାସରେ, ନିଜକୁ ବିଜ୍ଞପିତ କରିବାର ଇଚ୍ଛାରେ ଆତ୍ମଜୀବନୀ ଲେଖା ହୁଏନାହିଁ। ଏହା ଲେଖାଯାଏ କେବଳ ନିଜର ଆବେଗକୁ ପ୍ରାଧାନ୍ୟ ଦେଇ ନିଜେ ଦେଖିଥିବା ଜୀବନର କଥା କହିବା ପାଇଁ। ପଠାଣି ପଟ୍ଟନାୟକଙ୍କ ଭାଷାରେ, "ଜୀବନପ୍ରତି ଗଭୀର ଦୃଷ୍ଟି, ସମାଜ ପ୍ରତି ନିବିଡ଼ ମମତାବୋଧ ଥିଲେ ହେଁ ଆତ୍ମଜୀବନୀ ସରସ ଓ ସାର୍ଥକ ହୋଇଥାଏ ।" ଜୀବନ ପ୍ରତି ଏହି ଅନ୍ତର୍ନିହିତ ଦୃଷ୍ଟି ଓ ଅକଳନୀୟ ଭାବପକ୍ଷକୁ ନେଇ ଯେଉଁ ଅଭିଜ୍ଞତାଟିକକ ବ୍ୟକ୍ତି ଭିତରେ ଆଉଟୁପାଉଟୁ ହୋଉଥିଏ, ସେସବୁକୁ ସେ ସମାଜ ଆଗରେ ଉପସ୍ଥାପିତ କରିବାକୁ ବ୍ୟାକୁଳ ହୋଇଉଠେ। ଅଭିଜ୍ଞତା ଓ ଅନୁଶୀଳନ ଆତ୍ମଜୀବନୀ ପାଇଁ ଯେତେ ଜରୁରୀ ଅଭିବ୍ୟକ୍ତି ମଧ୍ୟ ସେତେ ଜରୁରୀ। ଏହାର ଆଙ୍ଗିକ ରୂପକୁ ବିଶ୍ଳେଷଣ କଲେ ଆମେ ଯେଉଁ ସର୍ଜନାତ୍ମକ କଳାକୁ ଦେଖିପାରିବା ତାହାହିଁ ଆତ୍ମଜୀବନୀ ରଚନାର ବାସ୍ତବିକ କୌଶଳ ହୋଇଥାଏ।

ଡ. ଲାବଣ୍ୟ ନାୟକ କହନ୍ତି, "କଳାତ୍ମକ ଅଭିବ୍ୟକ୍ତି ଆତ୍ମଜୀବନୀକୁ ଉଚ୍ଚକୋଟୀରେ ଉପନୀତ କରାଇଥାଏ। ତେଣୁ ଆତ୍ମଜୀବନୀର ମୂଲ୍ୟ ଲେଖକଙ୍କ ରଚନାଶକ୍ତିର ଗୁଣତର ମୂଲ୍ୟ ଉପରେ ନିର୍ଭର କରେ।" ଏହି ଗୁଣାତ୍ମକ ମାନକୁ ଆତ୍ମଜୀବନୀର କଳେବର ମଧ୍ୟରେ ଫୁଟାଇପାରିଲେ ଏହ ଦୀର୍ଘାୟୁ ହୋଇ ପାଠକମହଲରେ ବଞ୍ଚି ରହିଥାଏ। ଏହା ମାଧ୍ୟମରେ ଆମେ ତତ୍ ସମୟର ସାମାଜିକ ବାତାବରଣ, ଅର୍ଥନୈତିକ ମାନଦଣ୍ଡ, ପରିବେଶ ତଥା ବ୍ୟକ୍ତି ମୂଲ୍ୟବୋଧର ଚିନ୍ତାଚେତନା ସମ୍ପର୍କରେ ଜ୍ଞାତ ହୋଇପାରିବା। ହାରାହାରିଭାବେ ଦେଖିଲେ ଗୋଟିଏ ବ୍ୟକ୍ତିର ଆତ୍ମଜୀବନୀ ମଧ୍ୟରେ ଗୋଟିଏ ସମୟଖଣ୍ଡକୁ ଚିହ୍ନିପାରିବା। କାରଣ ଏଥିରେ ବାସ୍ତବିକ ଘଟଣା ଓ ଯୁକ୍ତିଯୁକ୍ତ ତଥା ପ୍ରାମାଣିକ

ISSN NO.
2582-208X

ପ୍ରସଙ୍ଗ ପର୍ଯ୍ୟବେସିତ ହୋଇଥାଏ। ମାତ୍ର କିଛି ଆତ୍ମଜୀବନୀରେ କାଳ୍ପନିକ ପ୍ରସଙ୍ଗ ଓ ମନଗଢ଼ା କଥା ସ୍ଥାନ ପାଉଥିବାରୁ ସେ ଆତ୍ମଜୀବନୀଗୁଡିକ ଉକ୍ତ ସମୟଖଣ୍ଡର ପ୍ରତିନିଧିତ୍ୱ କରନ୍ତିନି। ଏଣୁ ଜର୍ଜ ବର୍ଣ୍ଣାଡସ୍ କହିଛନ୍ତି, "All autobiographies are lies"। ଯଦିଓ ଏହି ମତଟି ସବୁ ଆତ୍ମଜୀବନୀ ପାଇଁ ଉପଯୁକ୍ତ ନୁହେଁ। ମାତ୍ର କିଛି ଆତ୍ମଜୀବନୀ ଏ ଧରଣର କାଳ୍ପନିକତା ଓ ଅସତ୍ୟ ଆଧାରିତ ପ୍ରସଙ୍ଗମାନ ରୂପ ପାଇଥାଏ।

ଓଡ଼ିଆ ସାହିତ୍ୟରେ ବିଭିନ୍ନଧରଣର ଆତ୍ମଜୀବନୀ ଦେଖିବାକୁ ମିଳିଥାଏ। ସେଗୁଡିକୁ ବିଭିନ୍ନ ଭାଗରେ ବର୍ଗୀକୃତ କରାଯାଇପାରେ। ଯଥା; ସାହିତ୍ୟଭିତ୍ତିକ ଆତ୍ମଜୀବନୀ, ଇତିହାସଭିତ୍ତିକ ଆତ୍ମଜୀବନୀ, ରାଜନୀତିକ ଆତ୍ମଜୀବନୀ, କଳାଭିତ୍ତିକ ଆତ୍ମଜୀବନୀ, ବିଜ୍ଞାନଭିତ୍ତିକ ଆତ୍ମଜୀବନୀ ଆଦି। ଜଣେ ସାହିତ୍ୟିକଟିଏ ନିଜ ସମ୍ପର୍କରେ ଲେଖିଲାବେଳେ ସାହିତ୍ୟ ସମ୍ପର୍କିତ ଆଲୋଚନାମାନ ସ୍ଥାନ ପାଇଥାଏ। ସେମିତି ଜଣେ ଐତିହାସିକ ନିଜ ଆତ୍ମଜୀବନୀ ଲେଖିଲାବେଳେ ନିଜ ଅଞ୍ଚଳ, ନିଜ ରାଜ୍ୟ ତଥା ନିଜ ଦେଶର ଇତିହାସକୁ ଗୁରୁତ୍ୱ ଦେଇଥାଏ। ରାଜନେତାଟି ନିଜ ଲେଖାରେ ତତ୍ ସମୟର ରାଜନୀତିକ ପରିବେଶକୁ ପରିସରଭୁକ୍ତ କରିଥାଏ। ସେହିକ୍ରମରେ କଳାକାରଟିଏ ନିଜ କଳାର ପରିବେଷ୍ଟନୀକୁ ନିଜ ଆତ୍ମଜୀବନୀରେ ସ୍ଥାନ ଦେଇଥାଏ। ସେମିତି ବିଜ୍ଞାନସମ୍ପର୍କିତ ଆଲୋଚନା ଜଣେ ବୈଜ୍ଞାନିକର ଆତ୍ମଜୀବନୀରେ ଦେଖିବାକୁ ମିଳିଥାଏ। ଏହିଭଳି ଭାବରେ ନିଜର ନିଶା ଓ ପେସା କ୍ଷେତ୍ରଟି ଜାଣତରେ ଅଥବା ଅଜାଣତରେ ଆତ୍ମଜୀବନୀ ମଧ୍ୟରେ ରୂପ ପାଇଥାଏ।

ଓଡ଼ିଆ ସାହିତ୍ୟରେ ଆତ୍ମଜୀବନୀ ଲେଖିବାର ପ୍ରଥମ ପ୍ରୟାସ କରିଛନ୍ତି ବ୍ୟାସକବି ଫକୀରମୋହନ ସେନାପତି। ସେ ତାଙ୍କ ଆତ୍ମଜୀବନୀ ସମ୍ପର୍କରେ ସୂଚନା ଦେବାକୁ ଯାଇ କହନ୍ତି, "ଓଡ଼ିଆ ଭାଷାରେ ଜୀବନ ଚରିତର ବିଶେଷ ଅଭାବ। ମାତ୍ର ମୋ ତୁଚ୍ଛ ଜୀବନରେ ଜୀବନଚରିତର ଉପଯୋଗୀ ସେପରି ଗୁରୁତର ଉପାଦାନର ମଧ୍ୟ ନିତାନ୍ତ ଅଭାବ। ବିଶେଷରେ ଯେପରି ସଜାଇ ଲେଖୁଲେ, ପାଠକ ମହାଶୟଗଣ ଆଗ୍ରହ ସହିତ ପୁସ୍ତକ ପାଠରେ ପ୍ରବୃତ୍ତ ହେବେ, ସେପରି ଶକ୍ତି ମଧ୍ୟ ମୋହର ନାହିଁ; ତେବେ ଏହି ଦୁଃସାହସିକ

ISSN NO.
2582-208X

କାର୍ଯ୍ୟରେ ପ୍ରବୃତ୍ତ ହେବାର ଗୋଟିଏ ମାତ୍ର କୈଫିୟତ୍ ଅଛି । ଅଦୂର ଭବିଷ୍ୟତରେ ଅନେକଗୁଡ଼ିଏ ଆତ୍ମଜୀବନୀ -ଲେଖକ ଆମ୍ଭମାନଙ୍କର ଏହି ପବିତ୍ର ଜନ୍ମଭୂମିରେ ବିଚରଣ କରିବେ, ଏହା ମୋହର ଧ୍ରୁବ ବିଶ୍ୱାସ । ମୁଁ ସେମାନଙ୍କ ପାଇଁ ମୂଳଦୁଆ ମାତ୍ର ପ୍ରସ୍ତୁତ କରୁଅଛି ।" ତାଙ୍କ ଆତ୍ମଜୀବନୀଟି 'ଆତ୍ମଚରିତ' ନାମରେ ଦୁଇଟି ଅଧ୍ୟାୟ ଗୋପବନ୍ଧୁ ଦାସଙ୍କ 'ସତ୍ୟବାଦୀ' ପତ୍ରିକାରେ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ 'ସେନାପତିଙ୍କ ଆତ୍ମଚରିତ' ନାମରେ ପ୍ରଥମ ଅଧ୍ୟାୟ ବ୍ୟତୀତ ଅନ୍ୟ ସମସ୍ତ ଅଧ୍ୟାୟ ପ୍ରକାଶ ପାଇଥିଲା। ୧୯୨୭ ମସିହାରେ ଫକୀରମୋହନଙ୍କ ପୁତ୍ର ମୋହିନୀ ମୋହନ ସେନାପତି ଆତ୍ମଜୀବନୀକୁ ବହୁମାତ୍ରାରେ ସଂଶୋଧନ ଓ ପରିବର୍ତ୍ତନ କରି ପ୍ରକାଶ କଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଅନେକ ଗବେଷକଙ୍କ ପ୍ରୟାସରେ ଏହାର ଶୁଦ୍ଧ ସଂସ୍କରଣ ପ୍ରକାଶ ପାଇଥିଲା।

ଫକୀରମୋହନ ସେନାପତିଙ୍କ ପରେ ଅନେକ ବ୍ୟକ୍ତି ଆତ୍ମଜୀବନୀମାନ ରଚନା କରିଯାଇଛନ୍ତି। ସେମାନଙ୍କ ଆତ୍ମଜୀବନୀଗୁଡିକ ହେଲା; ଗୋପାଳଚନ୍ଦ୍ର ପ୍ରହରାଜଙ୍କ 'ପ୍ରହରାଜ ପରିକ୍ରମା', ଗଣକବି ବୈଷ୍ଣବ ପାଣିଙ୍କ 'ପାଣିକବିର ଆତ୍ମକାହାଣୀ' ଆତ୍ମକାହାଣୀ', ଲକ୍ଷ୍ମୀନାରାୟଣ ସାହୁଙ୍କ 'ମୋ ବାରବୁଲା ଜୀବନ', ଗୋଦାବରୀଶ ମିଶ୍ରଙ୍କ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ', କାଳୀଚରଣ ପଟ୍ଟନାୟକଙ୍କ 'କୁମ୍ଭାରଚକ', ହରେକୃଷ୍ଣ ମହତାବଙ୍କ 'ସାଧନାର ପଥେ', ରମାଦେବୀ ଚୌଧୁରୀଙ୍କ 'ଜୀବନପଥେ', କାଳନ୍ଦୀଚରଣ ପାଣିଗ୍ରାହୀଙ୍କ 'ଯାହା ଅଙ୍ଗେ ନିଭାଇଛି', ସତ୍ୟନାରାୟଣ ରାଜଗୁରୁଙ୍କ 'ମୋର ଜୀବନର ସଂଗ୍ରାମ', କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ 'ମୋ ସମୟର ଓଡ଼ିଶା', କୁଞ୍ଜବିହାରୀ ଦାଶଙ୍କ 'ମୋ କାହାଣୀ', ଭୁବନେଶ୍ୱର ବେହେରାଙ୍କ 'ଗାଁର ଡାକ', ଗୋପାଳ ଛୋଟରାୟଙ୍କ 'ପଥିକ', ସୁରେନ୍ଦ୍ର ମହାନ୍ତିଙ୍କ 'ପଥ ଓ ପୃଥିବୀ', ଦୀନାନାଥ ପାଠୀଙ୍କ 'ଦିଗପହଣ୍ଡିର ଡ୍ରଇଁମାଷ୍ଟ୍ରେ', ଫତୁରାନନ୍ଦଙ୍କ 'ମୋ ଫୁଟାଡଙ୍ଗାର କାହାଣୀ', ରବି ସିଂଙ୍କ 'ନିଃସଙ୍ଗ ପଦାତିକ', ସଚ୍ଚିଦାନନ୍ଦ ରାଉତରାୟଙ୍କ 'ଉତ୍ତରକକ୍ଷ', ମନୋରଞ୍ଜନ ଦାସଙ୍କ 'ସ୍ମୃତିସଂଳାପ', ମନୋଜ ଦାସଙ୍କ 'ସମୁଦ୍ର କୂଳରେ ଏକ ଗ୍ରାମ', ନିତ୍ୟାନନ୍ଦ ମହାପାତ୍ରଙ୍କ

ISSN NO.
2582-208X

'ନାହିଁ ତିଷ୍ଠାମି ବୈକୁଣ୍ଠେ', ପଠାଣି ପଟ୍ଟନାୟକଙ୍କ 'ଜୀବନର ଚଲାପଥେ', ଅସୀମ ବସୁଙ୍କ 'କଥାରେ କଥାରେ', ଜୟନ୍ତ ମହାପାତ୍ରଙ୍କ 'ପାହିନି ରାତି', ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ମୋ ଜୀବନ ଅନ୍ୟ ଏକ ଉପନ୍ୟାସ' ଆଦି ଅନେକ ଆତ୍ମଜୀବନୀ ଓଡ଼ିଆ ସାହିତ୍ୟରେ ଲେଖା ଯାଇଛି।

ଏବେ ମଧ୍ୟ ଅନେକ ବ୍ୟକ୍ତି ଆତ୍ମଜୀବନୀ ଲେଖା ଜାରି ରଖିଛନ୍ତି। ଉଦାହରଣ ଭାବେ ଦେବଦାସ ଛୋଟରାୟଙ୍କ 'ଗୋଟିଏ ଗୋଟିଏ ଦିନ'କୁ ନିଆଯାଇପାରେ ଯାହା 'କଥା' ପତ୍ରିକାରେ ଧାରାବାହିକ ଭାବରେ ପ୍ରକାଶ ପାଇଆସୁଛି। ଆଗକୁ ଆହୁରି ଅନେକ ଆତ୍ମଜୀବନୀ ଓଡ଼ିଆ ସାହିତ୍ୟରେ ଲେଖାଯିବ। ଓଡ଼ିଆ ସାହିତ୍ୟରେ ଆତ୍ମଜୀବନୀର ଭବିଷ୍ୟତ ଉଜ୍ଜ୍ୱଳ, ଏଥିରେ ସଂଦେହ ନାହିଁ।

ଅଧ୍ୟାପକ, ଓଡ଼ିଆ ବିଭାଗ,
ମହାପୁରୁଷ ହାଡ଼ି ଦାସ ମହାବିଦ୍ୟାଳୟ,
ଛତିଆ, ଯାଜପୁର- ୭୫୪୦୨୩
ମୋ- ୯୩୩୭୦୮୯୨୬୨
Email: smrutiranjansethy2015@gmail.com

ISSN NO.
2582-208X

# ବାବା ଅଭିରାମ



ଅନନ୍ତ କୁମାର ଦାସ

ଜପ ହରେକୃଷ୍ଣ ହରେରାମ
ଭଜ ସତ୍ୟ ନାରାୟଣ ଅଭିରାମ
ସଦା ତୁଣ୍ଡେ ମୋର ପ୍ରଭୁଙ୍କ ନାମ
ତୁମ ନାମେ ଦାସ ଅନନ୍ତର କୋଟି ପ୍ରଣାମ
ନିତି ତୁମ ଦର୍ଶନ ପାଇଁ
ଧାଇଁ ଆସିଥିଲି ମୁହିଁ
ସପରିବାର ଘେନି ହଳଦୀପଦା ଗ୍ରାମ
ବସତି ତାଙ୍କର ବାଲେଶ୍ୱର ବର୍ତ୍ତନା ଗ୍ରାମ
ନାଗେଶ୍ୱର ବାବା ଆଉ ଛଚି ବାବାଙ୍କ ଧାମ
ଜନ୍ମିଥିଲେ ପ୍ରଭୁ ବାବା ଅଭିରାମ
ଲୀଳାଖେଳା ସବୁ ତାଙ୍କ କରମଳା ଆଶ୍ରମ
ନିତି ସଂଜ ସକାଳେ ମୁଁ କରେ ଭଜନ ଜଣାଣ
ବାବା ଅଭିରାମ କୃପା ପାଇ ଧନ୍ୟ ମୋ ଜୀବନ
ମୋର ସପରିବାରର ସମସ୍ତଙ୍କ ମନ
ତାଙ୍କ ସେବାରେ ମୁଁ କରିଛି ନିୟୋଜନ

ISSN NO.
2582-208X

ଭକ୍ତ ଭଗବାନ ପାଇଁ
ସବୁ ବାଧା ବିଘ୍ନକୁ ଡେଇଁ
ମୋହ ମାୟା ବାପ ଭାଇ
ଛାଡି ଆସେ ସବୁ ଧାଇଁ
ନିତି ତୁମ ଦରଶନ ପାଇଁ
ତୁମ ପାଖେ ଘର କରି ରହିଲି ମୁହିଁ
ସବୁ ଦୁଃଖ କଷ୍ଟକୁ ସହିଲି ତୁମ ନାମ ଧରି
ଆଉ ସବୁ ଧରିଲି ହୃଦେ ଚାପି କରି
ଆଉ ପାରୁନାହିଁ ପ୍ରଭୁ ମୋତେ
ଏ ମାୟା ସଂସାରୁ ନିଅ ଉଦ୍ଧାରି
ସବୁ ଜାଣି କରି
ମିଛ ମାୟାରେ ନିତି ଯାଉଛି ମରି
ପିତା-ସ୍ୱାମୀ ଅଜା-ଜେଜେ ସବୁର
ଅଭିନୟ କରି
ଘର ପରିବାର ସଂସାର
ପ୍ରଭୁ ସବୁ ତୁମ୍ଭଙ୍କୁ ସମର୍ପଣ କରି
ଚୋର ପୋଲିସର ଲୁଚକାଳି
ଖେଳି ଖେଳି ହେଲିଣି ମୁଁ ନୟାନ୍ତ
ପାରୁ ନାହିଁ ଆଉ ପ୍ରଭୁ
କରନାହିଁ ମୋତେ ହନ୍ତ ସନ୍ତ
ବିତିଯାଉ ମୋର
ବାକି ଜୀବନ ଛାର

ISSN NO.
2582-208X

ଏ ଦାସ ଅନନ୍ତର
ପ୍ରଭୁ ଅଭିରାମ ଦୋଷ କ୍ଷମା କର
ମୋ ଜୀବନ ଯାଉ ତୁମ ସେବାର
ସଦା ତୁମ ନାମେ ସମର୍ପଣ ସପରିବାର
କରି ବାଳୁତ ବିଚାର
ଏତିକି ଗୁହାରି ପ୍ରଭୁଙ୍କଠାରେ ମୋର
ବାବା ଅଭିରାମ କ୍ଷମାକର
ତୁମ୍ଭ ଯଶ ନାମ ରହୁ ଯୁଗ ଯୁଗର
ଏତିକି ପ୍ରାର୍ଥନା ଅନନ୍ତ ଦାସର ।

ଅବସର ପ୍ରାପ୍ତ ପୋଲିସ କର୍ମଚାରୀ
ବର୍ଦ୍ଧନା, ସୋମନାଥପୁର, ବାଲେଶ୍ୱର
୯୭୭୮୫୦୩୦୪୫

ISSN NO.
2582-208X

# ହେ ଜଗନ୍ନାଥ



ଯଯାତି କେଶରୀ ମହାକୁଡ଼

ନୀଳମାଧବ ରୂପେ ପ୍ରକଟ ହେଲ
ଶବର ହାତରେ ପୂଜା ପାଇଲ ।[୧]

ବିଦ୍ୟାପତି ହାତେ ଚୋରି ହୋଇଲ
ଭକ୍ତ ଶବରକୁ ପାଗଳ କଲ ।[୨]

ନୀଳମାଧବରୁ ମହାଦାରୁ ହେଲ
ସାଗର ଗର୍ଭରୁ ଭାସିଆସିଲ ।[୩]

ଏମିତି ଠାକୁର ଜଗତେ ନାହିଁ
ନିଜ ଦେହକୁ ସେ ନିଜେ ଗଢ଼ଇ ।[୪]

ନାରୀ ପାଇଁ ତୁମେ ଅଧା ରହିଲ
ଜଗନ୍ନାଥ ନାମ ନିଜେ ରଖିଲ ।[୫]

ISSN NO.
2582-208X

ଦୁଇ ବାହୁକୁ ଖୋଲି ରଖିଛ
ବାହୁରେ ଭକ୍ତଙ୍କୁ ବାନ୍ଧି ରଖୁଛ ।[୬]

ଜଗତର ନାଥ ଆହେ ଜଗନ୍ନାଥ
ଭକତ ପାଇଁକି ବାହୁ ମେଲିଛ ।[୭]

ରତ୍ନସିଂହାସନେ ବସି ସବୁ ଦେଖୁଛ
ଭକତକୁ ସଦା ଚାହିଁ ରହିଛ ।[୮]

ଚାରିଧାମ ମଧ୍ୟେ ଗୋଟିଏ ଧାମ
ସେଇ ଆମ କାଳିଆର ଧାମ ।[୯]

ଭକତ ବତ୍ସଳ ତାହାରି ନାମ
ସେଇ ଆମ ପ୍ରଭୁ ଦାରୁ ବ୍ରହ୍ମ ।[୧୦]

ମହାବାହୁ ବୋଲି ଜଗତ ଜାଣେ
ପୁରୀ ଧାମ ତାର ନାମ ବଖାଣେ ।[୧୧]

ବାଇଶି ପାହାଚେ ଯିଏ ଗଡ଼ଇ
ସବୁ ପାପ ସେଠି କ୍ଷୟ ହୁଅଇ ।[୧୨]

ଜାତି ଧର୍ମ ନାହିଁ ତୁମରି ଠାରେ
ସଭିଙ୍କୁ ମନ୍ଦିରେ ଦର୍ଶନ ମିଳେ ।[୧୩]

ISSN NO.
2582-208X

ଗରିବ ଭୋକିଲା ଦୁଃଖ ବୁଝୁଛ
ଆନନ୍ଦ ବଜାର ଖୋଲିଦେଇଛ ।[୧୪]

ଆନନ୍ଦ ବଜାର ସଭିଙ୍କ ପାଇଁ
ଅବଢ଼ା ଖାଇଣ ହସ୍ତ ମୁଣ୍ଡେ ପୋଛଇ ।[୧୫]

ସବୁ ଭକ୍ତଙ୍କର ଦର୍ଶନ ପାଇଁ
ରଥ ଯାତରାକୁ ଆସ ଓହ୍ଲାଇ ।[୧୬]

ଭକ୍ତର ଦୁଃଖକୁ ବୁଝିପାରିଲ
ଭକତ ହାତରୁ ନଡ଼ିଆ ନେଲ ।[୧୭]

ନଅଦିନ ରହି ମାଉସୀ ଘରେ
ଫେରିଲା କାଳିଆ ବଡ଼ ଦେଉଳେ ।[୧୮]

ଲକ୍ଷ୍ମୀଙ୍କୁ ସାଙ୍ଗରେ ନନେଲେ ବୋଲି
କବାଟ ନଖୋଲି କରିଲେ କଳି ।[୧୯]

ଲକ୍ଷ୍ମୀଙ୍କୁ ବୁଝାଇ ଦ୍ୱାର ପ୍ରବେଶ କଲେ
ରତ୍ନସିଂହାସନେ ଯାଇ ବିଜେ ହୋଇଲେ ।[୨୦]

ଗ୍ରାମ:- ମଇତାପୁର
ଜିଲ୍ଲା:- ବାଲେଶ୍ୱର
ଭ୍ରାମ୍ୟଭାଷ :- ୭୩୮୧୨୭୦୨୦୯

ISSN NO.
2582-208X

# ମୁଁ ଓଡ଼ିଆ ମୋ ଭାଷା ଓଡ଼ିଆ



ଲକ୍ଷ୍ମୀପ୍ରିୟା ବିଶ୍ୱାଳ

ମୁଁ ଓଡ଼ିଆ ମୋର ଧାମ ଓଡ଼ିଶା ।
କ୍ଷେତ୍ର ଯା ପାବନ କରଇ ରସା ।
ଭାଷା ମୋ ଓଡ଼ିଆ ଓଡ଼ିଆ ମୁହିଁ ।
ଉତ୍କଳର ମୁଁ ସନ୍ତାନ ବୋଲାଇ ।
ଓଡ଼ିଶା ମୋ ଗର୍ବ ସର୍ବସ୍ୱ ମୋର ।
ଉତ୍କଳ ରାଣୀ ଜନନୀ ମୋହର ।
ଉତ୍କଳର ମାଟି ପାଣି ପବନ ।
ଲାଗି ପୃଷ୍ଟ ମୋର ଏ ଅପଘନ ।
ଉତ୍କଳ କମଳା ବିଳାସ ସ୍ଥଳ ।
ଉତ୍କଳୀୟ ମୁଁ ମୋ ଭାଷା ଉତ୍କଳ ।
ଓଡ଼ିଶା ମୋହର ଜନମ ଭୂଇଁ ।
ତାର ଟେକ ସଦା ମୁଁ ରଖିବଇଁ ।
ଗର୍ବିତ ମୁହିଁ ଉତ୍କଳ ସନ୍ତାନ ।
ଯା ପାଣି ପବନେ ମୁଁ ବର୍ଦ୍ଧମାନ ।।

ଗ୍ରାମ, ମହୁ, ପୋଷ୍ଟ ମହୁ, ଥାନା-ଆଳ,
ଜିଲ୍ଲା, କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ପୁରୁଣାକୁ ନୂଆ କରେ ନୂଆକୁ ନିଆରା



ସୂର୍ଯ୍ୟ ନାରାୟଣ ସାହୁ

ମଣିଷ ଦିନକୁ ଦିନ ଯେତେ ବଡ଼ ହେଇ ହେଇ ଯାଉଛି ସେ ଅତୀତର କଥା ସେତିକି ସେତିକି ଭୁଲି ଭୁଲି ଯାଉଛି । ହେଲେ ଆଜି କାଲିକା ନୂଆ ଯୁବ ପିଢ଼ି ପାଇଁ କେତେ ଜିନିଷ ଲୋପ ପାଇସାରିଲାଣି । ୫୦/୭୦ ଦଶକର ପିଲା ମାନଙ୍କ ଯୁଗ ବା ସେଇ ସମୟକୁ ଗୋଟେ ଗୋଲଡେନ ଏରା ବୋଲି କୁହାଯାଏ । ଆଉ ସେଇ ସମୟରେ ଯେଉଁ ମାନେ ଜନ୍ମ ନେଇଛନ୍ତି ସେମାନେ ଜୀବନରେ ସବୁ ଖୁସି ନିଶ୍ଚୟ ପାଇଛନ୍ତି । ଚାଲନ୍ତୁ ଏମିତି ଏକ ସ୍ମୃତି ପଢ଼ିବା, ଯାହା ଆପଣ ମାନଙ୍କୁ ମଧ୍ୟ ନେଇଯିବ ସେ ଯୁଗର ଇତିହାସ ପାଖକୁ ।

**********************************

ଦୂର.. ତାଳ.. ବଣେ...
ଦୂର...ତାଳ...ବଣେ....
ବାୟା.. ବଧୁର...ବସା..
ବାୟା...ବଧୁର... ବସା... ।

ରେଡ଼ିଓର ସଂଗୀତ ମୁର୍ଚ୍ଛନା, ଝରକାର ମୃଦୁ ମଳୟ ପବନରେ ଭାସି ଆସୁଥିଲା... ଆଉ ମୁଁ ବୋଉ କୋଳ ରେ ଶୋଇ ଶୁଣୁଥିଲି.. ।

ISSN NO.
2582-208X

ଲାଗୁଥିଲା ଯେମିତି ମୁଁ ଗୋଟେ ୫୦ ଦଶକ ର ହିରୋ । ନହେଲେ ଆଜିକାଲି କା ପିଲା ହୋଇ ଏମିତି ମାନ୍ଧାତା କାଳର ଗୀତ କାହିଁକି ଶୁଣୁ ଥାନ୍ତି!! ଭାରି ଭଲ ଲାଗୁଥିଲା ସେଇ ଅତୀତକୁ ଫେରିଯିବା.. । କେଜାଣି କାହଁକି ସେଇ ଅତୀତରେ ଏମିତି କିଛି ସ୍ୱାଦ ଥିଲା । ଅତୀତର ସ୍ୱାଦ ଚାଖି ଚାଖି ଭବିଷ୍ୟର ସ୍ୱାଦ ଚାଖିବାକୁ ଆଉ ଇଛା ନାହିଁ । ଢେର ସାରା କଥା ମନେ ପଡିଯାଉଥିଲା ଛବିଳ ବର୍ଣ୍ଣବୋଧ ବହି ପରି.. ଚକା ଚକା ଭଉଁରୀ,ଏଇ ଆମ ଘର, ଆସ ଆମେ ଖେଳିବା, ଜହ୍ନ ମାମୁ, କାଳୀଯାଇ, କଳା ମାଣିକରେ, ଦୁଃଖୀ ଧନ ନୀଳ ମଣିରେ, ହଁ ଆଉ ଏକ କବିତା ଯାହା ଗ୍ରାମ୍ୟ ଜୀବନର ସରଳ ଜୀବନ ଯାପନ ଲୋକମାନଙ୍କ ବିଷୟରେ ପ୍ରସ୍ଫୁଟିତ । ମନେ ଅଛି ସେଇ ଷଷ୍ଠ ଶ୍ରେଣୀର କବିତା ଯାହା ସଚି ରାଉତ ରାୟ ଙ୍କର କୃତି " ଛୋଟ ମୋର ଗାଁ ଟି " ତାହେଲେ ଟିକେ ମନେ ପକେଇ ଦେଉଛି ....

"ଛୋଟ ମୋର ଗାଁ ଟି...
ଭୂଗୋଳ ପୋଥି ପଛରେ ପଛେ ନଥାଉ ତାର ନାଁ'ଟି । "
ଏମିତି କେତେ କବିତା... ଭାସି ଆସୁଥିଲା କଳା ମେଘ ପରି ।

ସବୁବେଳେ ମୋ ମନର ହିରୋଟା ଜାଗ୍ରତ ହୋଇ ଉଠୁଥିଲା ସେ କବିତା ଆଉ ଗୀତ ସବୁ ଶୁଣି.. । ଭାରି ଭଲ ଲାଗୁଥିଲା । ଶୁଣିବାକୁ କାନର ପରଦା ଗୁଡିକ ଏକ ନିରବ ଅସ୍ପୃହା ଉନ୍ମାଦନା ସୃଷ୍ଟି କରୁଥିଲା ଯେମିତି । ଲୋମ ଗୁଡାକ ଟାଙ୍କୁରୀ ଉଠୁଥିଲା । କେଜାଣି କାହିଁକି ଅତୀତ କଥା ମନ ପଡିଲେ ମୁଁ ଏକ ଅବାସ୍ତବ ଜଗତକୁ ଟାଣି ହେଇ ଯାଏ ଯେମିତି ।

ଭବିଷ୍ୟତ ଆଡକୁ ଚାହିଁବାକୁ ଜମା ଇଛା ହୁଏନି । ଯୌବନରେ ଥାଇ ବି ଅତୀତର ସେଇ ଧୂଳି ମାଟି ଖେଳିବାକୁ ମନରେ କୌତୁହଳ ଉପୁଜୁଥିଲା । ଦଶମ ଶ୍ରେଣୀ ସେଇ କବିତା । ବିନୋଦ ଚନ୍ଦ୍ର ନାୟକଙ୍କ କୃତି "ଗ୍ରାମପଥ" ଯାହା ଆଜି ମଧ୍ୟ ମୋ ମନକୁ ରୁଦ୍ଧିମନ୍ତ କରୁଛି । ଆପଣ ମାନେ ଦଶମ ଶ୍ରେଣୀ ସାହିତ୍ୟ ବହିରେ ନିଶ୍ଚୟ ପଢ଼ିଥିବେ...ତଥାପି ଟିକେ ମନେ ପକେଇଦେଉଛି..

ISSN NO.
2582-208X

"ଦୂର ତାଳ ବଣେ,
ଆକାଶ ଶୁଣାଏ,
ମାଟିର କବିତା କି ସେ!!,
ଏ ଗ୍ରାମ ର ପଥ,
ତହିଁ ଦିଗନ୍ତ ମିଶେ,
କ୍ଷେତ ପରେ କ୍ଷେତ, କାଶ ଫୁଲ ଆଉ,
ବେଣା ରେ ଜଟିଳ ପାଟ,
ପାଟ ପରେ ବଣ,
ବଣ ପାରି ହେଲେ,
ମାମୁ ଘର ଗାଁ ଦିଶେ... ।"

ଇଛା ହଉ ଥିଲା ପୁଣି ଥରେ ଯାଇ ଦଶମରେ ଜଏନ କରି ଆଜିର ବାସ୍ତବତାକୁ ଭୁଲି ଯିବାକୁ । ମନରେ ଅସରାୟ ଇଛା ବର୍ଷାର ପାଣି ଫୋଟକା ପରି ଅହେତୁକ ସ୍ଫୁରଣ ଭାସି ଆସୁଥିଲେ ସୁଦ୍ଧା ନିରୁପାୟ ଥାଏ । ସେଇ ଅତୀତକୁ ଫେରିଯିବାକୁ । ଇଛା ହୁଏ ପ୍ରଥମ ବର୍ଷାର ମାଟିରେ ପଡିଲା ମାତ୍ରେ ମାଟିର ବାସ୍ନାକୁ ଘ୍ରାଣ କରିବା ପାଇଁ ଏବଂ ମାଟିର ମଣିଷ ହୋଇ ସେଇ ମାଟି ଉପରେ ଥାଇ ବଞ୍ଚିବାର ଆଶା ସଞ୍ଚାର କରୁଥିଲା । ଏମିତି ସେଇ ଅତୀତର ଗୀତ ଶୁଣି ଅତୀତର ବହୁତ କଥା ମନେ ପକାଇଥାଏ । ହେଲେ ଆଜିର ବାସ୍ତବତା ତା'ର ଲୁହା ଶିକୁଳିରେ ମୋ ଗୋଡ଼କୁ ବାନ୍ଧି ଦେଇଥିଲା ଯେମିତି । ଗୋଟେ ମଲା ମଣିଷ ପରି ମୁଁ ପଡି ରହିଛି ଆଉ ଯୌବନରେ ପଦାର୍ପଣ କରି ସୁଦ୍ଧା ମତେ ପଙ୍ଗୁ ପରି ଅନୁଭୂତ ହେଉଛି । କାଶ ତଣ୍ଡି ଫୁଲ ପରି ଜୀବନ ଅତି ସରଳରେ କଟୁଥିଲା । ଯେମିତି ସମୁଦ୍ରର ଉର୍ମି ମାଳା କୂଳକୁ ଛୁଇଁବାକୁ ବ୍ୟାକୁଳ ହୁଅନ୍ତି ଯେମିତି ବୟସର ଅପରାହ୍ନରେ ସନ୍ଧ୍ୟା ଆଡକୁ ଆଗେଇ ଚାଲିଥାଏ ଠିକ ସେମିତି । ଜୀବନ ମରଣ ଆଡକୁ ଗତିଶୀଳ ହୋଇଚାଲିଥାଏ । ଏହା ହିଁ ତ ବାସ୍ତବତା ।

ISSN NO.
2582-208X

ଆପଣ ମାନେ ପୁରୁଣା ଜିନିଷ ଯଦି ଘରେ ଥାଏ ଫୋପାଡ଼ି ଦିଅନ୍ତି । ସେହି ଯାଗାରେ ନୂଆ ଜନିଷ କୁ ଆଶ୍ରା ଦିଅନ୍ତି । ହେଲେ ମୁଁ ସେଇ ଅଶି ଦଶକର ଜିନିଷକୁ ଭଲ ପାଏ । ଆଉ ସେଇ ଜିନିଷକୁ ସାଇତି ରଖେ ମୋ ମୋ ମାନସପଟରେ । ସେଇ ଜିନିଷକୁ ଦେଖିଦେଲେ ମୋ ଅତୀତ ବହେ ଗାଥା ମନେ ପଡ଼ିଯାଏ । କେଜାଣି କୋଉ କାଳୁ ସେ ଜନ୍ମ ହେଇଥିବ ?? ଯୁଗ ଯୁଗ ଧରି କେତେ ପୁରୁଷ ତା'ରି ଉପରେ ହାତ ବୁଲାଇ ଆସିଥିବେ । ଆଉ ସେଇ ଜିନିଷରେ ବାପ- ଅଜା ମାନଙ୍କର ଆଙ୍ଗୁଠିର ହାତ ଛାପ ଥିବ । ଥରୁଟେ ଦେଖିଦେଲେ ମୋ ମନରେ ଅସରାଏ ବର୍ଷାର ପାଣି ଫୋଟୋକା ପରି କେତେ ପ୍ରଶ୍ନ ମନକୁ ଆସିଯାଏ । ଉଙ୍କିମାରୁଥଏ ଅସରାଏ ଅସୁମାରୀ । କେତେ ପ୍ରତିଛବି । ଲୁହରେ ଟଳ ମଳ ହେଇଯାଏ ସେଇ କ୍ଷଣିକ ପାଇଁ । ଦିଗନ୍ତ ହରା ପଥିକ ପରି ଖୋଜିବୁଲେ ସେଇ ଅତୀତକୁ ।

ଅପରାହ୍ନ ସୂର୍ଯ୍ୟର ବିଦଗ୍ଧ ଖରା ତାତିରେ ଜର୍ଜରିତ ହୋଇ ଉଠେ ଅତୀତ । କେଜାଣି କାହିଁକି ଅତୀତ କଥା ମନକୁ ଆସିଲେ ରକ୍ତ ବୁନ୍ଦା ସବୁ ଏକ ଉନ୍ମାଦନା ସୃଷ୍ଟି କରନ୍ତି ଯେମିତି । କର୍ଣ୍ଣପଟରେ ଶୁଣିବାକୁ ଇଚ୍ଛା ହୁଏ ସେଇ ସ୍ମୃତି ସବୁ । ଛାତିରେ ଅହେତୁକ ଶୀହୀରଣ ଖେଳିଯାଏ । ବୁନ୍ଦା ବୁନ୍ଦା ରକ୍ତ ମୋର ରାତ୍ରିର ଜାଗ୍ରତ ପ୍ରହରୀ ପରି ଉଠି ବୁଲେ । ମୋ ଶରୀରର ପ୍ରତ୍ୟେକଟି ସ୍ନାୟୁ ଚଳ-ଚଞ୍ଚଳ ହୋଇ ଉଠେ । ହାତ ଗୋଡ଼ରେ  ଲୋମ ସବୁ ଟାଙ୍କୁରୀ  ହୋଇ ଉଠେ ଯେମିତି କୋଉ ଏକ କାରଗିଲ ଯୁଦ୍ଧ ରଣଭୂମିର ସୈନିକଙ୍କ ପରି ।

ମୋ ମନର ହିରୋଟା ଯେମିତି ପୁରୁଣା "ଯାଯାବର" ଫିଲ୍ମ ର ଶ୍ରୀରାମ ପଣ୍ଡାଙ୍କ ପରି ଉଠି ବସୁଥିଲା । ସତେ ଯେମିତି ଗୋଟେ ଯାଗାରେ ମୁଁ ଯେମିତି ସ୍ଥାୟୀ ନୁହଁ । ସେଇ ଶ୍ରୀରାମ ପଣ୍ଡାଙ୍କ କଥା ଆଜି ବି ମନେ ପଡି ଯାଏ । ବଧୂ ନିରୁପମା, କାବେରୀ, ସାଗର - ଶାମୁକା, 1942 a love story, ଏମିତି କେତେ ଚଳଚିତ୍ର । ଆଜିର ହିରୋ ମାନଙ୍କ ପରି ଇଛା ହୁଏନି ରଙ୍ଗ -ବେଶ, ସାଜ- ସଜା, ଇଛା ହୁଏନି ଏଇ ଜିନ୍ସ ପ୍ୟାଣ୍ଟ ଆଉ ଶାର୍ଟ ।

ISSN NO.
2582-208X

ଫେରିଯିବାକୁ ଇଛା ହୁଏ ଜେଜେ ବାପାଙ୍କ ସେଇ ଧୋତି- କୁର୍ତ୍ତା ପାଖକୁ । ମଣିଷ ଜନ୍ମ ନେଇଛି ଯେତେବେଳେ ସମୟର ସ୍ରୋତରେ ବହି ଯାଇ ଆଜି ର ଯୁଗୋପଯୋଗୀ ହେବା ନିମନ୍ତେ ଯଥାର୍ଥ ଆବଶ୍ୟକତା ହୋଇ ପଡୁଛି । ହେଲେ ମୋ ମନର ମାନସ ପଟଟା ଖୋଜୁ ଥାଏ ସେଇ ଅତୀତକୁ । ସତେ!! ଯେମିତି କାଳର କରାଳ ରୂପରେ ସେଇ ଅତୀତର ବହୁତ କିଛି ହରେଇ ବସିଛି!!

ଆଗ ପରି ଆଉ ତାଳ ବଣ ନାହିଁ କି ବାଇ ଚଢେଇ ବସା ବି ଦେଖିବାକୁ ସ୍ୱପ୍ନ । ଆମ୍ବ ତୋଟା, ଗାଡ଼ିଆ, ପୋଖରୀ, ନଈ- ନାଳ, ଆଉ ସେଇ ବିଲ, ପାହାଡ଼,ନଈ ପଠାର ସେଇ କାଶ ତଣ୍ଡି ଫୁଲ, କୁଆଁରୀ ମାନଙ୍କ ଜହ୍ନି ଉଷା, ବାଡ଼ରେ ମାଳିଥିବା ସେଇ ଅପରାଜିତା,ଜହ୍ନି ଫୁଲ, ବର୍ଷା ହେଲେ ସାଙ୍ଗ ମାନେ ସବୁ ମିଶି ପୋଖରୀ ପହଁରା, ନଈରେ ପାଣି ଆସିଲେ ପହଁରିବା, ବାଟି ଖେଳ, ବାସ୍କେଟ ବଲ, ବୋହୁ ଚୋରି ଖେଳ, କିତ କିତ, ସାଙ୍ଗକୁ କବାଡି, ଚକା ଭଉଁରୀ, ଚୋର - ପୋଲିସ, ରାଜା - ମନ୍ତ୍ରୀ, ବିଷ -ଅମୃତ, ମୂଷା - ବିରାଡ଼ି, କ୍ରିକେଟ, ସବୁଠୁ ମଜାଦାର ଥିଲା । ଧାନ ଖଳାରେ ଧାନ ଗଦାରେ ଲୁଚକାଳି ଖେଳ, ଦୌଡ଼, ହାଣ୍ଡି ବାଡ଼ିଆ, ଏଇସବୁ ସାଥେ ଆମ୍ବ ତୋଟାରେ ଡାହୀ - ମାଙ୍କଡ଼, ଏମିତିକି ଜେଜେଙ୍କ ଠାରୁ ଆଠଅଣା ପଇସା ନେଇ ଆଇସକ୍ରିମ ବାଲା ଠାରୁ ଆଇସକ୍ରିମ ଖାଇବା, ଆମ୍ବ, ପଣସ, ଏଇ ସବୁ ଚୋରି କରି ଖାଇବା, ଲଣ୍ଠନ ନେଇ ଟ୍ୟୁସନ ଯିବା, କାଗଜକୁ ମୋଡି ତାକୁ ସିଗାରେଟ ଆକାର କରି ମିଛି ମିଛିକା ସିଗାରେଟ ଖାଇବା, ଶଗଡ଼ ଗଲା ବେଳେ ପଛପଟୁ ଟାଣି ଧରିବା, ତାଳ - ଖଜୁରୀ ସାଙ୍ଗ ସାଙ୍ଗ ଭିତରେ ଭାଗ ବଣ୍ଟା, ନଈ ବାଲିରେ ଘର କରିବା, ଦୌଡ଼ା-ଦୌଡ଼ି ହେବା, କଳା - ଧଳା ଟିଭି ରେ ଶକ୍ତିମାନ,ଆଉ ରଙ୍ଗୋଲି ଭଳି କାର୍ଯ୍ୟକ୍ରମ ଦେଖିବା, ଦୀପାବଳି ସମୟ ଆସିଲେ ପିସ୍ତଲ କିଣି ରିଲ ବାଣ ନେଇ ଫୁଟାଇବା, ସେକାଳର ହାବେଳୀ ବାଣ ସାଙ୍ଗକୁ ମାଣ ବସା ଗୁରୁବାରେ ବୋଉ ହାତ ରନ୍ଧା ପୋଡ଼ ପିଠା ଆଡିଶା, ଚକୁଳି, ବିଭିନ୍ନ ରକମର ଫଳ ସବୁ ଆଜିର ବାସ୍ତବ ଦୁନିଆରେ ଆଉ ନାହିଁ । ହଜି ଯାଇଛି ସବୁ ଇତିହାସ । ନଦୀ ଗର୍ଭରେଲୀନ ହେଇଯାଇଛି । ଆଜି କୋଉ ପିଲା ପାଖରେ ସମୟ ନାହିଁ, କାହା ପାଖରେ ବନ୍ଧୁତା ର ପରିଭାଷା ନାହିଁ, କାହା ପାଖରେ

ISSN NO.
2582-208X


ଧର୍ଯ୍ୟ ନାହିଁ, କାହା ପାଖରେ ଆନ୍ତରିକତା ନାହିଁ, ତଥାପି... ତଥାପି ହସୁଚି ସେଇ ଅତୀତର ସ୍ମୃତି ପଟକୁ ନେଇ । ଯାହା ୨୦ ଦଶକର ପିଲା ହୋଇ ଆମେ ମାନେ ଉପଭୋଗ କରିଥିଲୁ, ତାହା ଆଜି କାଲିକା ପିଲା ବୁଝୁନାହାନ୍ତି । ସମସ୍ତେ ମୋବଇଲ ରେ ବ୍ୟସ୍ତ ହୋଇ ପଡିଲେଣି, କେହି ମଧ୍ୟ ବ୍ୟସ୍ତ ବହୁଳ ଜୀବନ ଭିତରେ ସୁଦ୍ଧା ଶାରୀରିକି ପରିଶ୍ରମ କରି ଖେଳ ଖେଳୁନାହାନ୍ତି । ବାହାରକୁ ଯାଇ ବୁଲାବୁଲି କରୁନାହାନ୍ତି, ପ୍ରକୃତିକୁ ଉପଭୋଗ କରୁନାହାନ୍ତି, ବିଲୀନ ହେଇଗଲାଣି ସବୁ । କେଜାଣି ଆମ ପରବର୍ତ୍ତୀ ପିଢ଼ି ଏଇସବୁ ବିଷୟରେ ଜାଣିବେ କି ନାହିଁ!! ସବୁ ଯେମିତି ଅପସରି ଯାଇଛି । ଦେଖିବାକୁ ମିଳୁ ନାହିଁ ଗାଁ.. ଗାଁ..ରେ ଆଉ ସେଇ ଶଗଡ଼ ଗାଡି । ଦେଖା ଯାଉନି ଗାଁ ମାନଙ୍କରେ ସେଇ ଲ୍ୟାଣ୍ଡ ଫୋନ । ଦେଖା ଯାଉନାହିଁ ସେଇ ସେଇ କଙ୍କି ପ୍ରଜାପତି । ଏଇସବୁ ଯେମିତି ଆଧୁନିକ ବାସ୍ତବ ଜଗତ ଠାରୁ ବିଦାୟ ନେଇ ସାରିଛି..... ହଁ...ବିଦାୟ ନେଇ ସାରିଛି.... ।

ସେଥିପାଇଁ ଏଇ ଲେଖା ମୋର...
ପୁରୁଣାକୁ ନୂଆ କରେ ନୂଆକୁ ନିଆରା ।

ଆଶା କରୁଛି ଏଇ କାହାଣୀ ଟି ଆପଣଙ୍କ ମାନସ ପଟରେ ଅତୀତର ସ୍ମୃତି ସବୁ ରୁଦ୍ଧିମନ୍ତ ହୋଇ ନାଚି ଉଠିଥିବ ।

ଆସ୍ଥା, ଗଞ୍ଜାମ

ISSN NO.
2582-208X

# ଧନୁ ଯାତ୍ରା



ଅଳକା ବାରିକ୍

କଳା କୌତୁକ ପଦ୍ମମୁଖ ।
କଂସ ଧନୁଯାତ୍ରା ପ୍ରତ୍ୟକ୍ଷ ।
କରିବାକୁ ତାର ଦର୍ଶନ ।
କୃଷ୍ଣ ହେଲେ ଉଷତ ମନ ।
କାଇଁଚ ମାଲୀଆ ଶ୍ରିହରୀ ।
କଲେ ଗମନ ମଧୁ ପୁରୀ ।
କଂସ ମାମୁଁ ର ନିମନ୍ତ୍ରଣ ।
କରିଲେ ରକ୍ଷା ନାରାୟଣ ।
କରୁଣା ବତ୍ସଲ ଶ୍ରୀଧର ।
କୁବଳୟା କଲେ ସଂହାର ।
କରି ଅଷ୍ଟ ମଲ୍ଲ ବିନାଶ ।
କୃପା କଟାକ୍ଷେ ଜଗଦୀଶ ।
କମଳା ବିଳାସ ଶ୍ରୀକୃଷ୍ଣ ।
କଂସ ଦେଖି ହେଲା ନିଧନ ।।

ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ସ୍ୱପ୍ନର ଭାରତ



ପ୍ରକାଶ ଚନ୍ଦ୍ର ପଣ୍ଡା

କେମିତି ହେବମୋ ସ୍ୱପ୍ନର ଭାରତ
ଭାବିଲି ମୁଁ ମନେ ମନେ
ନରହିବେ କେହି ଅନାହାରେ ଜନ
ଭୋକ ଉପାସରେ ଦିନେ ।

ଜାତି ଧର୍ମ ପରି କୁସଂସ୍କାର ଠାରୁ
ରହିବେ ସଭିଏଁ ଦୂରେ
ସବୁ ଧର୍ମ କୁ ସଭିଏଁ ଦେଖିବେ
ଏକାପରିକା ଦୃଷ୍ଟିରେ

ଆନନ୍ଦ ଉଲ୍ଲାଷେ ପାଳନ କରିବେ
ବାରମାସେ ତେର ପର୍ବ
ନଥିବ ମନରେ ବାଛ ବିଚାର
ଘୃଣା, ହିଂସା ଆଉ ଗର୍ବ ।

କୋଟି ଜନତାର ଜନ୍ମଦାତ୍ରୀ ମୋର
ପୁଣ୍ୟ ମାଟି ମାଆ ଏହି
ମଣ୍ଡିତ କୋଳକୁ ତାହାର
କେତେ ବୀର ଜନ୍ମ ଦେଇ

ଅକ୍ଷୟ ହେଉ ମୋ ଜନ୍ମମାଟିର
ବୀର ଗାଥା ସ୍ୱର୍ଣ୍ଣକ୍ଷରେ
ଚିର ବନ୍ଦନୀୟା ଏହି ମାଟି ମାଆ
ଅଦ୍ୱିତୀୟା ଏ ମହୀରେ ॥

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ଆସିଛି ମୋ ରାମ...

ଅନାଦି ଚରଣ ବେହେରା

ଜୟ ଶ୍ରୀରାମ, ଜୟ ଶ୍ରୀରାମ !
ସମସ୍ତେ କୁହ ଜୟ ଶ୍ରୀରାମ !
ମୋ ମନର ଦେବତା
ମୋ ପ୍ରାଣର ଦେବତା,
ଜୟ ଶ୍ରୀରାମ !
କେଉଁଠି ଥିଲୁରେ ଧନ ମଣି ମୋର
ଏତେ ଦିନ ପରେ ଆସିଲୁ ଆଜି
ଆଉ ସତେ କ ଜୀବନ ପାଇଲି ଖୋଜି
ମୋ ହାତକୁ ଆଜି
ଆକାଶର ତାରା ପଡିଛି ଖସି,
ସପନର ରାଜା ରାମ ରେ ମୋର
ତୋତେ ପାଇ ମୁଁ ଯେ ବହୁତ ଖୁସି
କେମିତି କହିବି କେତେ ଯେ ଖୁସି
ଆକାଶ ପାଇଛି ଯେମିତି ଆଜି
ରାମ ରାମ କହି ସାରା ହିନ୍ଦୁସ୍ଥାନ
ଉଠୁଛି ପଡୁଛି,
ଦେଖ ତୋତେ ଦେଖି କେମିତି ଆଜି
ଧନ ରେ ମୋ ରାମରେ !
ତୁ ମୋ ରାଜା ରେ !
ପ୍ରତିଟି ହିନ୍ଦୁର ମୋଦନ ମୋହନ
ବସନ୍ତ ଜୀବନେ ଅବାରେ,
ଫେରି ପାଇଛି ମୁଁ ମୋ ରାମ ରାଜ୍ୟ
ହିନ୍ଦୁ ଜୀବରେ ତୁ ହେଲୁ ବିରାଜ,

ISSN NO.
2582-208X

ମୋ ସୁଖ ପସରା..
ରାମ ତୁହି ମୋର ନୟନ ତାରା,
ପାଖୁ ମୁଁ ଛାଡିବି ନାହିଁ ରେ,
ରାମ ରେ ! ମୋ ଧନ ରେ !
ଫୁଲ ଗୁଞ୍ଜୁଡି ତୁ ମୋ ଅପୂର୍ବ ସମ୍ପଦ,
ପାଖେ ବସ ତୋତେ ଆଖି ପୁରେଇ,
ଦେଖୁଥିବି ରହି ଥିବୁ ଆଗରେ ।
ଆରେ ମୋ ରାମ ରେ !
ମୁଁ ତ ଜାଣିଛି,
ମୋ ହଜିଲା ହୀରା କୁ ପାଇଛି
ମୋ ରାମ ମୋ ପାଖେ ଆସିଛି,
ଆସରେ ଦେଖି, କେମିତି ମୋ ମନ
ଆଜି ଥେଇ ଥେଇ ନାଚୁଛି,
ମୁଁ ମୋ ରାମକୁ ପାଇଛି ...

ପ୍ରଧାନ ଶିକ୍ଷକ,
ଜୁରମୁଂଡା ସରକାରୀ ଉ.ପ୍ରା ବିଦ୍ୟାଳୟ
ବଉଦ / ମୋ - ୯୯୩୭୦୬୮୮୦୪

ISSN NO.
2582-208X

# ପଦୁଅଁ ପୋଖରୀ



ଦାସ କମଳ କୁମାର

ମୁଁ ପଦୁଅଁ ପୋଖରୀ । ଏମିତି ସେମିତି ପୋଖରୀ ନୁହଁ ପଦୁଅଁ ଫୁଲେ ଭରା ଆଉ ମୋ ସୁଶିତଳ ଜଳରାଶି କାହାକୁ ବା ଆକର୍ଷିତ ନକରିବ। ଗାଁରେ ଥିବା ବାକି ପୁଷ୍କରିଣୀ ଅପେକ୍ଷା ମୁଁ ବହୁତ ସୁନ୍ଦରୀ ତେଣୁ ମୋ ମନରେ ଭାରି ଗର୍ବ। ଗାଁ ମୁଣ୍ଡରେ ଥାଏ, ପାଖରେ ଗାଁ ମନ୍ଦିର ସେଠାରେ ପୂଜକ ଘଣ୍ଟି ବଜାଇଲେ ପ୍ରଥମେ ମୋତେ ଶୁଭେ। ମୋ ଶରୀର ପୁଲକିତ ହୋଇ ଉଠେ, ହେବନି ବା କେମିତି କାହାର ଏଡେ ଭାଗ୍ୟ ସକାଳୁ ସକାଳୁ ପ୍ରଭୁଙ୍କ ଛଡା ଫୁଲ ତୁଳସୀ ମୋ ଉପରେ ପଡେ, ମୁଁ ସିନା ମନ୍ଦିରକୁ ଯାଇ ପାରେନି କିନ୍ତୁ ସେ ତ ଦୟାର ସାଗର ଏ ଅଭାଗିନୀ ପ୍ରତି ସୁଦୟା ହୁଅନ୍ତି ତାଙ୍କର ଛଡା ଫୁଲ ଭୋଗ ତୁଳସୀ ପ୍ରାପ୍ତ କରାଇ।

ଗାଁର ପ୍ରାୟ ଅର୍ଦ୍ଧେକ ଲୋକ ମୋ ଉପରେ ନିର୍ଭର କରନ୍ତି। ଛୋଟରୁ ଆରମ୍ଭ କରି ବୁଢା ପର୍ଯ୍ୟନ୍ତ ସମସ୍ତେ ମୋ ପାଖକୁ ଆସନ୍ତି ସ୍ନାହାନ କରନ୍ତି, ଲୁଗା ପଟା ସଫା କରନ୍ତି । ସମସ୍ତଙ୍କ ଉପସ୍ଥିତି ମୋତେ ଭାରି ଭଲ ଲାଗେ ସବୁଠୁ ବେଶି ଭଲ ଲାଗେ ଯେତେବେଳେ ଛୋଟ ଛୋଟ ପିଲାମାନେ ସ୍କୁଲ୍ ରୁ ଫେରି ମୋ ପାଣିକୁ ଦିଭାଗ କରନ୍ତି ।

ଗାଁ ଯାକର ଖବର ମୋ ପାଖରେ । ସତ କଥା ଆଜ୍ଞା କେଉଁଠି ସୋରିଷଟିଏ ଫୁଟିଲେ ବି ପ୍ରଥମେ ମୁଁ ଶୁଣେ । ବୋଧେ ଗପର ପେଡି ଟା ଗାଧୁଆ ତୁଠରେ ହିଁ ଖୋଲାଯାଏ। ତ୍ରେତୟା

ISSN NO.
2582-208X

ଯୁଗରେ ବୀର ହନୁମାନ, ଲଙ୍କାରେ ସୀତା ମାଆ ଙ୍କ ଠାବ କରିବାକୁ ଗାଧୁଆ ତୁଠର ସାହାଯ୍ୟ ନେଇଥିଲେ ଆଉ ସଫଳ ହୋଇଥିଲେ ମଧ୍ୟ ।

ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ରୌଦ୍ର ତାପରେ ନିସ୍ତେଜ ଶରୀରକୁ ନେଇ ସମସ୍ତେ ମୋ ପାଖକୁ ଧାଇଁ ଆସନ୍ତି କେବେ କାହାକୁ ନିରାଶ କରେନି ସମସ୍ତେ ମୋର ଶିତଳ ଜଳରାଶିରେ ନିଜ ଶରୀରର କ୍ଲାନ୍ତକୁ ଦୂର କରିଥାନ୍ତି। ମୋହରି ଉପରେ ଛୋଟ ଛୋଟ କୂଅ କରି ତାହାରି ଜଳକୁ ନେଇ ନିଜର ଆବଶ୍ୟକତାକୁ ଦୂର କରନ୍ତି। ପଦ୍ମ ଫୁଲ ଏବଂ ପତ୍ରରେ ମୋ ଶରୀର ଆଛାଦିତ ହୋଇ ଯାଇଥାଏ କି ସୁନ୍ଦର ଦିଶୁଥାଏ ମୁଁ।

ବର୍ଷାଦିନ ବର୍ଷାରେ ମୋର ଜଳରାଶି ପୁରିଉଠି ପରିପୂର୍ଣ୍ଣ ହୋଇଯାଏ। ମୁଁ ବହୁତ ଖୁସି ହୁଏ ସାରା ଜଳଜଗତ ସତେ ଅବା ଏକାକାର ହୋଇଯାଏ। ପିଲାମାନେ ପ୍ରୟାସ କରନ୍ତି ପହଁରି ପହଁରି ମୋତେ ପାର ହେବାକୁ ମୋତେ ବହୁତ ଖୁସି ଲାଗେ । ମହାପ୍ରଭୁଙ୍କୁ ପାଶେ ସର୍ବଦା ସମସ୍ତଙ୍କର ମଙ୍ଗଳ କାମନା କରେ ମୋ ପାଇଁ କାହାର ଅନିଷ୍ଟ ନ ହେଉ । ଯଦି କାହାର ଅନିଷ୍ଟ ହୁଏ ସବୁଠୁ ଅଧିକ କଷ୍ଟ ମୁଁ ପାଇଥାଏ। ପିଲାମାନେ ବିଭିନ୍ନ ପ୍ରକାର ଡିଆଁ ମାରିବା, ଟେକା ମାରି ମୋର ଦୈର୍ଘ୍ୟକୁ ପାର କରିବା, କାହାର ଗୋଡି ମୋ ଉପରେ କେତେ ଥର ଡିଆଁ ମାରୁଛି, କାହା ବନିଶିରେ କେତେ ବଡ ମାଛ ପଡୁଛି ଇତ୍ୟାଦି ଇତ୍ୟାଦି ହରକତ ମୋତେ ଭାରି ଭଲ ଲାଗେ ।

ଶିତ ଦିନେ ମୋର ପାଣି ଟିକେ ଅଧିକ ଥଣ୍ଡା ହୁଏ। ସେହି ସମୟରେ ମୋ ସହିତ ସମସ୍ତେ ଅଧିକ ସମୟ ବିତାନ୍ତି । ସମସ୍ତେ ଗାଧୋଇବାକୁ ଆସି ମୋ ହୁଡାରେ ବସି ଖରା ଖାଆନ୍ତି ବିଭିନ୍ନ ପ୍ରକାର ଗପର ପେଡି ଖୋଲନ୍ତି ଜଣେ ଜଣଙ୍କ ଉପରେ ପାଣି ନପକାଇବା ଯାଏ ଗାଧୁଆ ହୁଏନି। ଆଉ କିଛି ଗାଧୋଇବାକୁ ଆସି ଶିତକୁ ଡରି ବହୁ ସମୟ ହୁଡାରେ ବସି ପରେ ଗାଧୋଇବାକୁ କହି ଚାଲି ଯାଆନ୍ତି ।

ଏମିତି ଖୁସିରେ ସମୟ ଚାଲେ। ହଠାତ୍ ଶୁଣେ ସରକାରଙ୍କର ସହାୟତା ରାଶି ଆସିଛି ମୋର ନବ କଳେବର ହେବ। ଡର ଲାଗେ ମୋତେ ଖୋଳା ଯିବ, ରମ୍ପାରମ୍ପି କରାଯିବ

ISSN NO.
2582-208X

କଷ୍ଟ ଲାଗିବ ପୁନଶ୍ଚ ଭାବେ  କଷ୍ଟ ସହିଲେ ସିନା ମୁଁ ସୁନ୍ଦରୀ ଦେଖାଯିବି। ସମସ୍ତେ ମୋ ପ୍ରତି ଆକୃଷ୍ଟିତ ହେବେ। ମୁଁ ସମସ୍ତଙ୍କର ଅଧିକ ଭଲ ପାଇବା ପାଇ ପାରିବି। ମାଛ ମାରିବା ଉଦ୍ଦେଶ୍ୟରେ ପ୍ରଥମେ ମୋତେ ମଝିରୁ ଚିରି ଦିଆଯାଏ, ମୋର ପାଣିକୁ ନିଷ୍କାସିତ କରି ଦିଆଯାଏ ।

ମୋତେ ନିର୍ଭର କରି ରହୁଥିବା ବହୁ ଜଳଜୀବ ମରି ଯାଆନ୍ତି ସେ କଷ୍ଟ କେମିତି କହିବି। କିଛି ଦିନ ମଧ୍ୟରେ କାମ ସରିଯାଏ ମୋର ରୂପ ରେଖ ବଦଳି ଯାଏ। ତାପରେ ଆଉ କେହି ଆସନ୍ତିନି, ଗାଧୁଆ ତୁଠ ଖାଁ ଖାଁ ।

କାରଣ ମୁଁ ଆଉ ସୁନ୍ଦରୀ ନଥିଲି ମୋ ପ୍ରତି କାହାର ଆକର୍ଷଣ ନଥିଲା, ଗାଧୁଆ ତୁଠ କାଦୁଅ, ଯେଉଁଠି ପାଣି ରହିବା କଥା ପାଣି ନାହିଁ, ମୋ ଉପରେ ଆଗଭଳି ପଦ୍ମ ଫୁଲ ରାଜୁତି କରୁନଥିଲା ରାଜୁତି କରୁଥିଲା ଅମରି ଫୁଲ। ମୋ ହୁଡା ଆଗରୁ କେତେ ପରିଷ୍କାର ଥିଲା, କିନ୍ତୁ ଆଜି ହୁଡାରେ ଚାଲିବା କଷ୍ଟସାଧ୍ୟ, ହୁଡା ଉପରେ ଏକ ସୁନ୍ଦର ମାଆ ବୃନ୍ଦାବତୀଙ୍କ ପିଠ ଥିଲା ତାକୁ ବି ନଷ୍ଟ କରି ଦିଆଗଲା। ସତରେ ମହାପ୍ରଭୁ ଗର୍ବ ସହନ୍ତିନି ଆଉ ମୋର ଗର୍ବ ନାହିଁ ତାହା କେବେ ଠାରୁ ଧୂଳିସିତ୍ ହୋଇ ସାରିଛି। ମୋ ଆଖିରୁ ଲୁହ କେବେ ଶୁଖୁନି ଅପେକ୍ଷା କରିଛି ପୁଣି କେବେ ଆପଣମାନେ ମୋ ପାଖକୁ ଫେରିବେ। ଏହା ପରେ ବି ଦୁଇ ତିନି ଥର କାମ ଆସିଛି କିନ୍ତୁ ଫଳ ଶୂନ ।

ଆପଣମାନେ ଜାଣିଛନ୍ତି ଆପଣଙ୍କ ବାପା ଜେଜେବାପା କେତେ କଷ୍ଟ କରି ବିନା କୌଣସି ସରକାରୀ ସହାୟତାରେ ନିଜ ଅର୍ଥ, ନିଜ ପରିଶ୍ରମରେ ମୋତେ ତିଆରି କରିଥିଲେ କିନ୍ତୁ ଆପଣମାନେ ନିଜ ପଇସା ତ ଖର୍ଚ୍ଚ କରିନଥିଲେ ସରକାରୀ ପଇସାରେ ନିଜ ସ୍ୱାର୍ଥ ପାଇଁ ମୋତେ ଅସୁନ୍ଦରୀ କାହିଁକି କଲେ। କ'ଣ ଭୁଲ୍ ଥିଲା ମୋର।ଦୀର୍ଘ ଆଠ, ଦଶ ବର୍ଷରୁ ଉର୍ଦ୍ଧ୍ୱ ବିତିଗଲା ପରେ ଶୁଣିଲି ମୋ ପାଇଁ ଗ୍ରାମବାସି ଚିନ୍ତିତ। ଦୁଃଖ ଲାଗିଲା ହସବି ଲାଗିଲା।

ISSN NO.
2582-208X

ସତକୁ ସତ ଶୁଣିଲି ମନ୍ତ୍ରୀ ମହାଶୟ କହିଛନ୍ତି ମୁଁ କୁଆଡେ ଆଦର୍ଶ ପୁଷ୍କରିଣୀ ହେବି, ବହୁତ ସୁନ୍ଦରୀ ଦେଖାଯିବି। ଯାହାହେଉ ନୂଆ କିଛି କାମ ହେଲା ମୋ ହୁଡାକୁ ଉସାରିଆ କରାଗଲା, ନୂଆ ପକ୍କା ତୁଠ କରାଗଲା। କିନ୍ତୁ ଡର ଲାଗୁଛି ସେ ତୁଠ ଭୁଷୁଡି ପଡିବନି ତ? ସେ ସରକାରୀ କାମକୁ ମୋତେ ଭାରି ଡର। ଆଜ୍ଞା ସତ କହିବେ ମୁଁ କ'ଣ ଆପଣଙ୍କ କୌଣସି କାମରେ ଆସେନି। ମୋର ସିନା ପାଟି ନାହିଁ ଆପଣମାନଙ୍କର କ'ଣ ପାଟି ନାହିଁ? ଆପଣମାନେ କ'ଣ ସବୁ ମୁକ? ଆପଣମାନଙ୍କର ମୋ ପାଇଁ କହିବା କ'ଣ କର୍ତ୍ତବ୍ୟ ନୁହଁ?

ସର୍ବଶେଷରେ ଆପଣମାନଙ୍କୁ ମୋର ପ୍ରାର୍ଥନା ମୋତେ ଆପଣମାନେ ପରିଷ୍କାର ନ କରନ୍ତୁ କିନ୍ତୁ ଅପରିଷ୍କାର କରନ୍ତୁନାହିଁ। ମୋର ସୁନ୍ଦରୀ ହେବା ଦରକାର ନାହିଁ କିନ୍ତୁ କାମ କରି ଅସୁନ୍ଦରୀ କରନାହିଁ। ଆଉ ଏକ ନିବେଦନ ସମସ୍ତେ ମୋ ପାଖକୁ ଆସନ୍ତୁ।

।ନମସ୍କାର।

ଇତି ଆପଣମାନଙ୍କର

ପଦୁଅଁ ପୋଖରି

ଗୋବିନ୍ଦପୁର,
ମାର୍ଥାପୁର

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ପଞ୍ଚମ ଅଧ୍ୟାୟ

ରାଗ-ବସନ୍ତ ବରାଡ଼ି

ବନ ଉପବନେ ତରୁଲତା ତୃଣ ଆବର ରଚଲେ ପରାଣୀ
ମନୁଷ୍ୟକୁ ଦେଲେ ଦିବ୍ୟ ଜ୍ଞାନାଞ୍ଜନ ଉତ୍ତମ ବିଚାର ଚଳଣି
ବିହଗ, କୂଜନେ ସନ୍ତାପ ହରଇ
ଜୀବନ ଆଧାରେ ଧରିତ୍ରୀ ମଣ୍ଡଳେ ଅନଳ ସର୍ବତ୍ର ଖେଳଇ ।୨୬ ।

ବିଷ୍ଣୁ ନାମାମୃତ ଶ୍ରବଣେ ସକଳ ପାତକ ହୁଅଇ ବିନାଶ
ବିଥିର ଚତ୍ତରେ ଶାନ୍ତ ବିରାଜଇ ବିଭୁ ଦୟା ହେଲେ ପ୍ରକାଶ
ନିର୍ମଳ, ହୁଅଇ ଅନ୍ତର ଆତମା
ଶ୍ରାବଣ ଶେଷାନ୍ତେ ଯେସନ ତଟିନୀ ପୟ ହୁଏ ସ୍ୱଚ୍ଛ ସୁଷମା ।୨୭ ।

ଇହଲୋକ ଲୋକେ ବୃଜିନ ଆଚରି ନକରେ ହୃଦୟେ ଶୋଚନା
ପୂଜା ଆରାଧନା ପଶ୍ଚାତ୍ତାପ ଭୁଲି ମତ୍ତଗର୍ବେ ହୁଏ ସୁମନା
ବିଭୁଙ୍କ, ନାମକୁ ନକରେ ଗାୟନ
ନରକ ଯନ୍ତ୍ରଣା ଭୋଗଇ ଅବଶ୍ୟ ଏ ଅଟେ ଶାସ୍ତ୍ରୀୟ ବିଧାନ ।୨୮ ।

ସତ୍ୟ ଶାନ୍ତ କ୍ଷମା ଆଚରଣ ବିଭୁ ପ୍ରେମରେ ମଜ୍ଜିବା ମନୁଷ୍ୟ
ବୈଶ୍ୱାନର ପ୍ରାୟ ଦହନ କରଇ ଦୂଷଣ ଆତ୍ମର କଳୁଷ
ଭକତି, ହୃଦୟରେ ଭରେ ଶକତି
ଇହଲୋକ ଛାଡି ପରଲୋକ ଗଲେ ଆତ୍ମାକୁ ମିଳଇ ମୁକତି ।୨୯ ।

ISSN NO.
2582-208X

ଗୋ-ବ୍ରାହ୍ମଣ ନିଃସ୍ୱ ବିକଳାଙ୍ଗ ହିତେ ଯା ହୃଦୟେ ଆସେ କମ୍ପନ
ଧର୍ମାତ୍ମା ନାମରେ ବିଦିତ ଜଗତେ ପ୍ରଭୁ ପାଶେ ତାର ଆସନ
ସ୍ୱଜନ, ଏ ବଚ ଅଟଇ ପ୍ରମାଣ
ଜଗତ କରତା ଶ୍ରୀହରି ବିମୁଖେ ନିଷ୍ଫଳ ଅଟଇ ପରାଣ ।୩୦।

-: ଟୀକା :-

ଦିବ୍ୟ – ସ୍ୱର୍ଗୀୟ
କୁଜନେ – ସ୍ୱରରେ
ସୁମନା – ଦେବତା
ବିହଗ – ପକ୍ଷୀ
ଅନିଳ - ପବନ

ବରପଦର, ଗୋବିନ୍ଦପୁର,
ବରଗଡ

ISSN NO.
2582-208X

# ଗୀତା ମାହାତ୍ମ୍ୟ



ମାଳତୀ ଦେବୀ

ଶିବୋ ମହେଶ୍ୱର-ଶ୍ଶଂଭୁଃ ପିନାକୀ ଶଶିଶେଖରଃ ବାମଦେବୋ ବିରୂପାକ୍ଷଃ କପର୍ଦ୍ଦୀ ନୀଲଲୋହିତଃ ॥

ଶଂକର-ଶ୍ଶୂଲପାଣିଶ୍ଚ ଖଟ୍ୱାଂଗୀ ବିଷ୍ଣୁବଲ୍ଲଭଃ ଶିପିବିଷ୍ଟୋଽଂବିକାନାଥଃ ଶ୍ରୀକଂଠୋ ଭକ୍ତବତ୍ସଲଃ ॥

ଭବ-ଶ୍ଶର୍ବସ୍ତ୍ରିଲୋକେଶଃ ଶିତିକଂଠଃ ଶିବାପ୍ରିୟଃ ଉଗ୍ରଃ କପାଲୀ କାମାରି ରଂଧକାସୁରସୂଦନଃ ॥

ଗଂଗାଧରୋ ଲଲାଟାକ୍ଷଃ କାଲକାଲଃ କୃପାନିଧିଃ ଭୀମଃ ପରଶୁହସ୍ତଶ୍ଚ ମୃଗପାଣି-ର୍ଜଟାଧରଃ ॥

କୈଲାସବାସୀ କବଚୀ କଠୋର-ସ୍ତ୍ରିପୁରାଂତକଃ ବୃଷାଂକୋ ବୃଷଭାରୂଢୋ ଭସ୍ମୋଦ୍ଧୂଳତବିଗ୍ରହଃ ॥

ସାମପ୍ରିୟ-ସ୍ସ୍ୱରମୟ-ସ୍ତ୍ରୟୀମୂର୍ତ୍ତି-ରନୀଶ୍ୱରଃ ସର୍ବଜ୍ଞଃ ପରମାତ୍ମା ଚ ସୋମସୂର୍ୟ୍ୟାଗ୍ନିଲୋଚନଃ ॥

ହବି-ର୍ୟଜ୍ଞମୟ-ସ୍ସୋମଃ ପଂଚବକ୍ତ୍ର-ସ୍ସଦାଶିବଃ ବିଶ୍ୱେଶ୍ୱରୋ ବୀରଭଦ୍ରୋ ଗଣନାଥଃ ପ୍ରଜାପତିଃ ॥

ISSN NO.
2582-208X

ହିରଣ୍ୟରେତା ଦୁର୍ଧର୍ଷୋ ଗିରୀଶୋ ଗିରିଶୋଽନଘଃ ଭୁଜଂଗଭୂଷଣୋ ଭର୍ଗୋ ଗିରିଧନ୍ୱା ଗିରିପ୍ରିୟଃ ॥

* କୃତ୍ତିବାସାଃ ପୁରାରାତି-ର୍ଭଗବାନ୍ ପ୍ରମଥାଧିପଃ ମୃତ୍ୟୁଂଜୟ-ସ୍ସୂକ୍ଷ୍ମତନୁ-ର୍ଜଗଦ୍ୱ୍ୟାପୀ ଜଗଦ୍ଗୁରୁଃ॥ *

ବ୍ୟୋମକେଶୋ ମହାସେନଜନକ-ଶ୍ଚାରୁବିକ୍ରମଃ ରୁଦ୍ରୋ ଭୂତପତିଃ ସ୍ଥାଣୁ-ରହିର୍ଭୁଧ୍ନ୍ୟୋ ଦିଗଂବରଃ ॥

ଅଷ୍ଟମୂର୍ତି-ରନେକାତ୍ମା ସାତ୍ତ୍ୱିକ-ଶ୍ଶୁଦ୍ଧବିଗ୍ରହଃ ଶାଶ୍ୱତଃ ଖଂଡପରଶୁ-ରଜଃ ପାଶବିମୋଚକଃ॥

ମୃଡଃ ପଶୁପତି-ର୍ଦେବୋ ମହାଦେବୋଽବ୍ୟୟୋ ହରିଃ ପୂଷଦଂତଭି-ଦବ୍ୟଗ୍ରୋ ଦକ୍ଷାଧ୍ୱରହରୋ ହରଃ॥

ଭଗନେତ୍ରଭି-ଦବ୍ୟକ୍ତୋ ସହସ୍ରାକ୍ଷ-ସ୍ସହସ୍ରପାତ୍ ଅପବର୍ଗପ୍ରଦୋଽନଂତ-ସ୍ତାରକଃ ପରମେଶ୍ୱରଃ ॥

ଏବଂ ଶ୍ରୀ ଶଂଭୁଦେବସ୍ୟ ନାମ୍ନାମଷ୍ଟୋତ୍ତରଂ ଶତମ୍॥

ଇତି ଶ୍ରୀ ଶିବାଷ୍ଟୋତ୍ତରଶତନାମସ୍ତୋତ୍ରରତ୍ନଂ ସମାପ୍ତମ୍॥

ସଂଗ୍ରାହିକା: ମାଳତୀ ଦେବୀ
ପୁରୁଣା ବଜାର, ଲୋକାପଦା, ଆଳ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ନଈରେ ଭାସୁଛି ଦୁଃଖ



ଦୁଷ୍ମନ୍ତ ବେହେରା

ନଈ ର ଆର ପାଖ ରେ ଛୋଟ ଗାଁ ଟିଏ। ସେ ଗାଁ ରେ ବାସ କରନ୍ତି ମଧୁଆ ଧୀବର। ପେଷାରେ ନଦୀ ଘାଟରେ ଡଙ୍ଗା ବାହି ଲୋକଙ୍କୁ ପାର କରିବା । ମଧୁଆ ର ପରିବାର କହିଲେ ସ୍ତ୍ରୀ ଆଉ ଗୋଟିଏ ବୋଲି ଝିଅ ମୀନୁ । ମାତ୍ର ବୟସ ତାର ବାର ବର୍ଷ। କିନ୍ତୁ ସ୍ତ୍ରୀ କେବେ ଠାରୁ ଆର ପାରି କୁ ଚାଲିଯାଇଛନ୍ତି ।

ମଧୁଆ ପରିବାର ବଡ ଦୁଃଖ ଦୁର୍ଦ୍ଦଶା ରେ ଦିନ କାଟନ୍ତି । ଚାଳ ଛପର ଘର ଚାରିକାନ୍ଥ ମାଟି ଏଇ ଯେମିତି ଦୁଃଖ ଗୁଡିକ କହିଦଉଥିଲା ଦୁଃଖ ରେ ଭୋକ ତ ଏମିତି ହିଁ ଆସେ ।

ଦୁଃଖ ତ ଏମିତି ସୁଅ
ଭସେଇ ନିଏ ମନକୁ ମୋର
ବେଦନା ସହିବା ଜାର ଅଭ୍ୟାସ
ଦୁଃଖ କେମିତି ନ ସହିବ .....

ମଧୁଆ ପ୍ରତିଦିନ ନଈ କୂଳରେ ଡଙ୍ଗା ଧରି ଅପେକ୍ଷା କରିଥାଏ । କେତେବେଳେ ଆସିବେ ଲୋକେ ନଈ ପାର ହେବା ପାଇଁ । କିଛି ପଇସା ମିଳିଗଲେ ଘର କୁ ନେବ ଓ ମୀନୁ ତା ବାଟକୁ ଅପେକ୍ଷା କରିଥିବ। ଝିଅ ଟି ମୋର ସକାଳ ପ୍ରହରୁ କିଛି ଖାଇ ନଥିବ । ଆସି ଦୁଇଟା ସମୟ ହେଲାଣି ।

ISSN NO.
2582-208X

ଘରେବି ସେମିତି କିଛି ଖାଇବା ପାଇଁ ନାହିଁ । ହେ ଭଗବାନ୍ ଏ କି ଦୁଃଖ ର ପରୀକ୍ଷା ନଉଛ ।

ଗରିବ ଆଶା ଆଶାରେ ମରେ
ଜୀବନ ଲାଳଶା ଲାଳଶାରେସରେ
ମନ କହୁଛି ଅପେକ୍ଷା କର ତୁମେ
ମିଳି ଯିବ ଏଇ ଆସୁଛି ସତେ ......

ଗୋଟିଏ ଲୋକ ଏ ପର୍ଯ୍ୟନ୍ତ ନଈ ପାର ହୋଇନାହାନ୍ତି। କ'ଣ କରିବି। ମୀନୁ କେମିତି ଥିବ ।ଘରେ ମୀନୁ ଭୋକ ସହି ନପାରି ଭାତ ହାଣ୍ଡି ଚାମୁଡି ଦେଖିଲା କିଛି ଭାତ ନାହିଁ । ମୀନୁ କହିଲା ଏ ଦୁଃଖ ଭରା ଘରଟି କେମିତି ଭୋକ ରେ ମାରୁଛି । ଏ ଦୋଷ ଘରର ନୁହଁ ଏ ଦୋଷ ମୋ ଭାଗ୍ୟର।

ମୀନୁ ଭୋକ ସହି ନପାରି ନଈ ଘାଟ ରେ ବାପାଙ୍କ ପାଖରେ ପହଞ୍ଚିଲା। ମଧୁଆ ମୀନୁ କୁ ଦେଖି ଲୋହ ଭରା ଆଖି ଦୁଇଟି ଛଳ ଛଳ ହୋଇ କହିଲା "ମା" ମୀନୁ ଆଜି କିଛି ରୋଜଗାର ହେଇ ନାହିଁ। ମୀନୁ ବାପାଙ୍କ ଆଖି ରୁ ଲୋହ ପୋଛି ଦେଇ କହିଲା ବାପା ଦୋଷ ଆମର ନୁହଁ ଏ ଦୋଷ ନଈର ।

ମୀନୁ ନଈ କୂଳେ ବସି ହାତ ରେ ପାଣି କୁ ହଲାଇ "ଭାସି ଯା ମୋ ଦୁଃଖ" "ଭାସି ଯା ମୋ ଭୋକ" "ଭାସି ଯା ମୋ ଗରିବ" "ଭାସି ଯା ମୋ ଭୋକ ସହି ଯାଉଥିବା ବେଦନା" ଭାସି ଯା ମୋ ଜୀବନ ଦୁଃଖ " ନଈରେ... ଭାତ ଖା, ଡାଲି ଖା, ଖିରି ଖା, ଖାରେ... ନଈ ତୁ.... ସବୁ ଖା

ଭସେଇ ନେ ରେ ଯେତେ ସୁଖ
ଲେଖି ଦେଇଛୁ ମୋ କରମେ ଦୁଃଖ

ISSN NO.
2582-208X

ମୀନୁ ନଈ କୂଳରେ କହୁ କହୁ ଗୋଟିଏ ଲୋକ ଆସି ପହଞ୍ଚିଲା ନଈ ପାର ହେବା କୁ ମୀନୁ କୁ ତା ବାପା ଡାକିଲେ ଜଣେ ଲୋକ ଆସିଛନ୍ତି। ନଈ ପାର ହେବା ପାଇଁ । ହୁଉରେ ନଈ ଏତେ ବେଳେ ମୋ ଦୁଃଖ ଶୁଣିଲୁ

ଦୁଃଖ ଶୁଣିଲୁ ମନ ଶୁଣିଲୁ
ଶୁଣିଲୁ ମୋ ଭାଷାକୁ
ବୁଝିବା ଆଗରୁ ଡେରି ହୋଇଯାଏ
ମୋ ପରିସ୍ଥିତି ବେଳକୁ ....

ନଈ ଆର କୂଳରେ ପହଞ୍ଚିଲା ଡଙ୍ଗା। ଲୋକ ଜଣ କ ଦଶ ଟଙ୍କା ଦେଇ ଚାଲିଗଲା । ମୀନୁ ଦେଖି ପୁଣି ନଈ କୂଳ ପାଖକୁ ଧାଇଁ ଯାଇ ହାତ ରେ ପାଣିକୁ ହଲାଇ କହିଲା

ଦେଲୁ ଏତିକି ଟିକିଏ ସୁଖ
ବଞ୍ଚିଲା ବେଳକୁ ଲାଗୁଛି ଦୁଃଖ...

ହଉରେ ନଈ ! "ଭସେଇ ନେ ମୋ ସୁଖ " "ଭସେଇ ନେ ମୋ ହସ" "ଭସେଇ ନେ ମୋ ମନ" "ଜୀବନ ଟିକକ ଦେଲୁ ଯାହା କରମେ ସୁଖ ଭସେଇ ନେ ମୋ କରମେ ଦୁଃଖ"। ପାଠ ମୁଁ କେମିତି ପଢିବି କହ ତାକୁ ଭସେଇ ନେ ମୋ ଶିକ୍ଷିତ ଗୁଣ । ଏ କଥା କହୁ କହୁ ନଈ ଆର ପାଖରେ ପୁଣି ଜଣେ ଲୋକ ଡାକିଲା ଡଙ୍ଗା ଆଣ । ହଉ "ମା" ମୁଁ ଡଙ୍ଗା ଆର ପାଖକୁ ନଉଛି । ମୁଁ ଆସିଲେ ଘରକୁ ଯିବା । ଏ କୂଳ ରୁ ଆର କୂଳ କୁ ଲୋକଟି ପହଞ୍ଚିଲା। ଲୋକ ଜଣକ ଦଶ ଟଙ୍କା ଦେଲା। ମୀନୁ ଏହା ଦେଖି କହିଲା ହଉରେ ନଈ ତୁ ମୋ ଦୁଃଖ ବୁଝିଲୁ ହେଲେ ମୋ ଜୀବନ ସୁଖ ବୁଝି ପାରିଲୁ ନାହିଁ

ISSN NO.
2582-208X

ଦେଖିଲି ତଡତେରେ ଯାଉଛୁ ବହି
ଭସେଇ ନେଉଛୁ ଦୁଃଖ
ତୋର ଯୌବନ ଫୁଟୁଛି ଏଠି
ମୋ ଯୌବନ ଯାଉଛି ସେଠି ...

ମଧୁଆ ଡାକିଲା "ମା" ମୀନୁ ଆଜି ଆମର କୁଡିଏ ଟଙ୍କା ହୋଇଛି । ଆଜି ର ଦିନଟି ଭୋକ କଷ୍ଟେ ମଷ୍ଟେ ମେଣ୍ଟି ଯିବା ।

ଆରେ "ମା"
ଦୁନିଆ ରେ ସମୟର
ନଈ ବୋହିଯାଏ
ଏ କୂଳ ଭାଙ୍ଗି କେବେ
ଆର କୂଳ ଗଢି ଦିଏ
ପୁଣି ଦୁଇ କୂଳ କେବେ ଖାଏ
ଦୁନିଆ ର ସମୟ ରେ
ନଈ ରେ ଦୁଃଖ ବୋହିଯାଏ
ଏ କୂଳେ ରଜନୀ ପାହେତ
ସେ କୂଳେ ଦିନର ସମୟ ଖେଳେ....

ମୀନୁ କହିଲା ହଉରେ ନଈ ଏ ତୋ ଆମର ନିତିଦିନିଆ ଦୁଃଖ ତୁ କି ବୁଝିବୁ ମନର ସୁଖ । ତୁ ଏମିତି  ଭାସି ଯାଉଥା ।

ଗ୍ରସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X

# ଅହଙ୍କାରୀର ଧର୍ମ



ଅଶୋକ କୁମାର ପଧାନ

ଦୁଃଖ କର ନାହିଁ ଅନ୍ୟର ଇର୍ଷା ଦେଖି
କରିଯାଅ ନିଜ କର୍ମ
କେତେଯେ ଜଳିବେ ଅହଙ୍କାରୀ ହେବେ
ହେବ ତାହା ତାଙ୍କ ଧର୍ମ ।

ମନେ ରଖ ଭାଇ ସଂସାରେ ତମକୁ
ଯଦି ଈର୍ଷା ମିଳୁନାହିଁ
ନ ଭାବ ତମେ ହେଉଛ ଅଗ୍ରସର
ତମ ଉନ୍ନତି ଆଉ କାହିଁ ।

ଇର୍ଷା ଅହଙ୍କାର ତମକୁ ଦେଖି
କରନ୍ତି ଯଦି ଅନ୍ୟ ଲୋକେ
ଖୁସି ହୁଅ ତୁମେ ସେ ଦୃଶ୍ୟ ଦେଖି
ଧନ୍ୟ ତମ ଜନ୍ମ ଇହ ଲୋକେ ।

ISSN NO.
2582-208X

ସଫଳ ହୋଇବ ଜୀବନ ତମର
ଲୋକେ କଲେ ଅହଙ୍କାର
ମହତ ଜନଙ୍କୁ ନ ପାରନ୍ତି ସହି
ଇତିହାସ ସାକ୍ଷୀ ତାର ।

ଅହଙ୍କାରୀ ଯେତେ ମିଶନ୍ତି ମାଟିରେ
କେହି ନ ଜାଣନ୍ତି ତାଙ୍କ କଥା
ମହତ ଜନ ସିନା ଅମର ରୁହନ୍ତି
ଇତିହାସ କହେ ଗାଥା ।

ହୁଅ କର୍ମବୀର ଲେଖ ଭବିଷ୍ୟତ
ହେଉ ଦିନେ ଇତିହାସ
ସଂସାରେ ତମର ଗାଉଥାନ୍ତୁ ଗୁଣ
ଯୁଗେଯୁଗେ ରହୁ ଯଶ ।

ଗିଧମାଲ, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର
ଦୂରଭାଷ -9178440682

ISSN NO.
2582-208X

# ଅସରା କଲମ

କେଶବ ମେହେର

କିଏ ସେ ଜାଣିବ ଅସରା କଲମ କଥା
କାଳି ଥାଇ କଣ ପାଇଁ ଚାଲି ନ ପାରିଲା
ମୁନ ତା ଖରାପ ହେଲା ନା
କାଳି ତା ତଳକୁ ଆସି ନ ପାରିଲା
କିଏ ସେ ଜାଣିବ...

ନିଜର ଜୀବନ ଖାତିରି ନ କରି
ଚାଲିଲା ଯେତେ ସମ୍ଭବ ତା ପାଇଁ
ନୂଆ କଲମ ପାଇଲା ସେହି
ଯାହା ସାଥିରେ ଥିଲା ଚାଲିବା ପାଇଁ
କିଏ ଜାଣିବ ସେ କଣ ହେଲା
କାଳି ଥାଇ କଣ ପାଇଁ କଲମ ନ ଚାଲିଲା ।

କବିତା ଲେଖୁ ଅବା ଲେଖୁ ସେ ଗଳ୍ପ
ନେଇ ଆସୁଥିଲା ନୂଆ ନୂଆ ଶବ୍ଦ
ପ୍ରେମ ପତ୍ର ଲେଖୁ ଅବା ଲେଖୁ ସେ ବିରହ ପତ୍ର
ସାଥୀ ହେଇ ଚାଲିଥିଲା ନ ଭାବି ଅହଂ
ପୁଣି କଣ ହେଲା କେଜାଣି
କାଳି ଥାଇ କଣ ପାଇଁ କଲମ ନ ଚାଲିଲା ।

ISSN NO.
2582-208X

କେବେ ହେଲେ ଖାତାକୁ ସେ ଖୋଲା ରଖୁନଥିଲା
ଅଟକି ଅଟକି ହଉ ପଛେ ପୂରଣ କରୁଥିଲା
ନୂଆ ଥିଲା ବେଳେ ସିନା ଚର୍ ଚର୍ ଚାଲିଥିଲା
ଏବେ କଣ ପାଇଁ ଅଟକି ଗଲା କିଏ ବୁଝି ନ ପାରିଲା
କିଏ ସେ ଜାଣିବ...

ହାତିବନ୍ଧା, ନୂଆପଡ଼ା

ISSN NO.
2582-208X

# ଆତଙ୍କୀର ସନ୍ଧ୍ୟା
# ୧୪ ଫେବୃଆରୀ
# ୨୦୧୯



ଅନନ୍ତ କୁମାର

ଫେବୃଆରୀ ୧୪ ତାରିଖ କଥା ମନେ ପଡିଗଲେ ଶାରା ଶରୀରରେ ନିଆଁ ଲାଗି ଯାଉଛି ଆଉ ଆଖିରେ ଅସରା ଲୁହ ସାଙ୍ଗକୁ ହୃଦୟରେ ବୁକୁଫୁଟା କୋହ ଭରି ଯାଉଛି । ୨୦୧୯ ଫେବୃଆରୀ ୧୪ ଆମ ଭାରତୀୟ ମାନଙ୍କ ପାଇଁ ଦୁଃଖଦ ସମ୍ବାଦ ଆଣିଥିଲା ଯାହା ଯୁଗ ଯୁଗ ପାଇଁ ସ୍ମରଣୀୟ ହେଇ ପ୍ରତ୍ୟେକଟି ଭାରତୀୟ ମାନଙ୍କ ମନରେ ଜାଗ୍ରତ ହେଇ ରହିବ। ସେଦିନ ଚାହୁଁ ଚାହୁଁ ଅଦିନିଆ ଝଡ଼ ଭଳି ମାଡି ଆସିଲା ମୃତ୍ୟୁର କରାଳ ଆଖି ସାମ୍ନାରେ ଅକସ୍ମାତ ଚାଲିଗଲା ଆମ ୪୦ ଯବାନଙ୍କ ପ୍ରାଣ । କେହି କିଛି ବୁଝିବା ପୂର୍ବରୁ କାପୁରୁଷ ଭଳି କିଛି ଆତଙ୍କବାଦ ପୁଲଓ୍ୱମା ନିକଟରେ ଆମ ଯବାନଙ୍କ ଗାଡ଼ିକୁ ନୃସଂଶ ଭାବେ ବୋମା ବିସ୍ଫୋରଣ କରିଥିଲେ ଯାହା ଫଳରେ ଆମ ୪୦ ଯବାନଙ୍କ ମରଶରୀର ଖଣ୍ଡ ବିଖଣ୍ଡିତ ହେଇ ପଡ଼ିଲା ଆଖି ପିଛୁଳାକେ ଯାହା ସାରା ଭାରତ ବାସୀଙ୍କ ଛାତିକୁ ଥରାଇ ଦେଇଥିଲା। ଏହି ବର୍ବର କାଣ୍ଡ ସାରା ବିଶ୍ୱକୁ ଶୋକାକୁଳ କରିଦେବା ସହ ଭାରତ ବର୍ଷକୁ ସ୍ତବ୍ଧ କରିଦେଇଥିଲା। ସେଦିନର ଘଟଣା ମନେ ପଡିଗଲେ ଲୋମ ଆଜିବି ଟାଙ୍କୁରି ଉଠୁଛି ଆଉ ଆଖିରୁ ଧାର ଧାର ଅଶ୍ରୁ ବାହାରି ଆସୁଛି, ସେଦିନ ଏକାଥରକେ ୪୦ ଯବାନଙ୍କ ଯୁଇ ଜଳୁଥିଲା ଯାହା ଆମ ଭାରତୀୟ ମାନଙ୍କ ପାଇଁ ଥିଲା ହୃଦୟ ବିଦାରକ ଚିତ୍ର ଯାହା ଆଜି ବି ଛାତି ଭିତରକୁ କଷ୍ଟ ଦେଉଛି। ସତରେ ସେଦିନ ଅକସ୍ମାତ ରାକ୍ଷସ ରୂପୀ ଆତଙ୍କ ବାଦ ସାଜି ପଶୁ ଭଳି ନୃସଂଶ ଭାବେ ଆମ ଯବାନ ମାନଙ୍କୁ ଏମିତି ମାରିଥିଲେ

ISSN NO.
2582-208X

ଆଜିବି ସାରା ଦେଶ ବାଶୀଙ୍କ ସହ ଭାରତ ମାଆ ର ଆଖିରୁ ଲୁହ ନୁହେଁ ଲହୁ ଝରୁଛି । ସେଦିନ କେତେ ମାଆ ନିଜର ବୀର ପୁତ୍ର ପାଇଁ ସେଦିନ ଛାତି ଫଟାଇ କାନ୍ଦି କାନ୍ଦି ଅଚେତ ହେଇଛି ତ କିଏ ସ୍ୱାମୀ ହରାଇ ବିଧବା ସାଜିଛି ତ କିଏ ଅନାଥ ପାଲଟିଛି ବାପାକୁ ହରାଇ କିଏ ନିଜର ବୀର ଭାଇ ହରାଇଛି ତ କିଏ ଆଶାବାଡି ହରାଇଛି କିନ୍ତୁ ଆମ ମାଟି ମାଆ ଭାରତ ଭୂମି ପାଇଁ ବାହୁ ବଳି ବୀର ଯୋଦ୍ଧା ମାନଙ୍କୁ ହରାଇଛି ସତ କିନ୍ତୁ ଶତ୍ରୁ ଆଗରେ ନତମସ୍ତକ ହେଇ ନାହିଁ ବୀରତ୍ୱର ସହ ଲଢ଼େଇ କରି ପ୍ରତିଶୋଧ ନେଇଛି। ସତରେ ସେଦିନ ଘଟଣାକୁ ଭୁଲି ହେବନି ଯୁଗ ଯୁଗକୁ ଅଭୁଲା ସ୍ମୃତି ହେଇ ଚୀର କାଳକୁ ଇତିହାସରେ ଲିପିବଦ୍ଧ ହେଇ ରହିବ ସତ ତଥାପି ଆମେ ଭାରତ ମାତାର ସମସ୍ତେ ଜଣେ ଜଣେ ସୁଯୋଗ୍ୟ ସନ୍ତାନ ହିସାବରେ ଆମର ବି ଏ ପବିତ୍ର ମାଟି ପ୍ରତି ଏ ଭାରତ ମାଆର ର ସହିଦ ଯବାନଙ୍କ ପ୍ରତି କିଛି କର୍ତ୍ତବ୍ୟ ଅଛି କିଛି ନ ହେଲେ ନାହିଁ ଆମ ନିଶ୍ୱାସ ଚାଲୁଥିବା ଯାଏଁ ଦେହରେ ରକ୍ତ କଣିକା ବହୁ ଥିବା ଯାଏଁ ପ୍ରତିବର୍ଷ ଫେବୃୟାରୀ ୧୪ ରେ ଆମେ ସହୀଦ୍ ହେଇଥିବା ବୀର ଯବାନ ମାନଙ୍କୁ ଏବଂ ସେମାନଙ୍କ ପରିବାର ପାଇଁ ଛୋଟିଆ ଛୋଟିଆ କ୍ୟାଣ୍ଡେଲ କିମ୍ବା ଦୀପଟିଏ ଜାଳି ସେମାନଙ୍କ ଅମର ଆତ୍ମାର ପ୍ରାର୍ଥନା କରିବା ସହ ପରିବାର ପାଇଁ ଭଗବାନଙ୍କ ପାଖେ କିଛି ମୁହୂର୍ତ୍ତ ପ୍ରାର୍ଥନା କରି ଆଗାମୀ ଯୁବ ପିଢି ପାଇଁ କିଛି ଦିଗ୍ ଦର୍ଶନ ଦେବା

ଭାରତ ମାତା କ ଜୟ

କାର୍ଯ୍ୟକାରୀ ସମ୍ପାଦକ
ଜାତୀୟ କବି ଲେଖକ ସଂଗଠନ
ଯୋଗାଯୋଗ -୮୩୩୯୯୩୯୯୨୯

ISSN NO.
2582-208X

# ଫୁଲ ବଗିଚା



ରାଧା ରାଣୀ ରାଉଳ

ଫୁଲ ବଗିଚାରେ ବାଟ ଚାଲୁ ଚାଲୁ
ପାଦ ମୋ ଅଟକି ଗଲା...
ମନ ମୋର ଯାଇ ତା ପ୍ରେମରେ ପଡି ଗଲା
ଭାବିଲି ତା କଥା କେତେ
ପରସ୍ତ ପରସ୍ତ ତା ଦେହେ ପାଖୁଡା
ଖଞ୍ଜି ଖଞ୍ଜି ହୋଇ ଥାଏ...
ତା ମନ ଚାହିଁ କି ଖୋଲି ଖୋଲି ଯାଏ
ଦୁନିଆଁ କୁ ଲାଗେ ଭଲ...
ତା କୋମଳ ଦେହ ଭାରି ସେ ନିରୀହ
ଭାବେନି କେବେ ସେ ତା ନିଜ କଥା....
ହସାଇ ଦିଏ ସେ ସଭିଙ୍କୁ ଏକା...

କଟିକଟା, ଯାଜପୁର

ISSN NO.
2582-208X

# ବୋଉ

ରେଶମା ସୁଲତାନା

ବୋଉ କହୁଛି ମୁଁ ଆଜି
ତୋର ସବୁ କଥାରେ ମୁଁ ରାଜି
ତୁ ହି ମୋର ସବୁ କିଛି

ଡାକୁ ତୁ ମୋତେ ଧନ
ଆଜି ମୁଁ ଜାଣିଲି.. ତୁ ମୋର ପ୍ରକୃତ ଧନ
ତୋ କୋଳ ରେ ମୁଁ ଦେଖିଛି ସୁନେଲି ସପନ
ତୋତେ ଦେଖିବାକୁ ମୋର ବିକଳ ମନ

ନିର୍ମଳ ମନ ତୋର କେତେ ସାଫ୍
କରୁ ତୁ ମୋର ସବୁ ଭୁଲ ମାଫ୍
ମୋତେ କଲୁ ତୁ ଭଲ ମଣିଷ
ବିଧାତା ଦିଅନ୍ତୁ ତୋତେ ଖୁବ୍ ଆୟୁଷ ।

ISSN NO.
2582-208X

# ନାରୀ



ସଙ୍ଗୀତା ମହାନ୍ତ

ଏ ସଂସାରରେ ନାରୀ ର ସ୍ଥାନ ଅପୂରଣୀୟ... ସେ ସର୍ବଦା ପୂଜା ପାଇବା ପାଇଁ ଯୋଗ୍ୟା.. କାହିଁକି ଏ ସମାଜ ର କିଛି ଲୋକ ବୁଝି ପାରନ୍ତି ନାହିଁ ତା ମନର ଭାଷା ଆଉ ମନର ଅକୁହା କଥା ... ସେ କେତେ ଯେ ବଳିଦାନ ଦେଇଥାଏ ତା ପରିବାର ପ୍ରତି ଆଉ ସମାଜ ପ୍ରତି, କିନ୍ତୁ ତା ପ୍ରତିବଦଳରେ ପାଇଥାଏ କେବଳ ନିନ୍ଦା ହିଁ ନିନ୍ଦା... ହେଲେ କାହିଁକି? କଣ ପାଇଁ ? ତାର କଣ ଇଚ୍ଛା ନାହିଁ ? କି ତାର କିଛି ଖୁସି ନାହିଁ ? ସେ କଣ ତା ମନ ଇଚ୍ଛା କୋଉଠି ବସି ପାରିବନି? କି ଖୁସି ହେଇ ପାରିବନି ? ସବୁବେଳେ ତାକୁ କାହିଁକି ପ୍ରତିବାଦ କରାଯାଏ? ସେ କିଛି କରିପାରିବନି .... ଯଦି ତାକୁ ଖୁସି ରେ ରଖିପାରୁନ ତେବେ ତା ଠାରୁ କେମିତି ଆଶା କରୁଛ ଖୁସି ଆଉ ସମ୍ମାନ ପାଇବ ବୋଲି ... କେମିତି ସେ ତୁମକୁ ଖୁସି ଉ ସମ୍ମାନ ଦେବ? ତା ମନ ତ ଖୁସି ନାହିଁ ସେ ସିନା ଖୁସିରେ ରହିଲେ ସେ ଆଉ ପାଞ୍ଚ ଜଣଙ୍କୁ ଖୁସି ଦିବ... ସେ ତ ନିଜେ ଦୁଃଖ ଆଉ ମନର କୋହରେ ଗୁପି ଗୁପି ଜଳିଗଲାଣି... ସେ କାହା ମନର କଥାକୁ ବୁଝିବ... ସେ ତା ନିଜର ଇଚ୍ଛାକୁ ସବୁବେଳେ ଜଳାଞ୍ଜଳି ଦେଇଥାଏ... ସବୁବେଳେ ଚୁପ୍ ରହିଥାଏ ହେଲେ କେହିବି ବୁଝିପାରନ୍ତି ନାହିଁ ତା ଚୁପ୍ ରହିବାର କାରଣ.. ତା ମନ ଭିତର ର ଇଚ୍ଛା.... ନାରୀର ସ୍ଥାନ କେହି ବି ନେଇ ପାରିବେ ନାହିଁ... ସେ ଆମ ପାଇଁ ସଂହାର କର୍ତ୍ତା.... ସେ ହିଁ ଆମର ପାଳନ କର୍ତ୍ତା... ସେ ହିଁ ଆମ ପାଇଁ ରକ୍ଷା କର୍ତ୍ତା..... ତେଣୁ ନାରୀକୁ ସର୍ବଦା ସମ୍ମାନ ଦିଅ ଆଉ ଖୁସିରେ ରଖ ।

ISSN NO.
2582-208X

# ପ୍ରିୟ ବାନ୍ଧବୀ



ରୋହନ ନାଏକ

ସନ୍ଧ୍ୟା ସମୟେ ମୁକ୍ତ ଆକାଶ ତଳେ
ନୀରବେ ବସିଥିଲି ମୁହିଁ
ଗୃହ ଲେଉଟା ପକ୍ଷୀ ରାବ ଶୁଣି
ଚମକି ପଡ଼ିଲି ତହିଁ ।

ଶବ୍ଦ ଶୁଣି ଚାହିଁଲି ଆକାଶେ ସେହି କ୍ଷଣେ
ଦେଖିଲି ଅପୂର୍ବ ଦୃଶ୍ୟ ଏକ
ଖୁସି ମନରେ ଉଡୁଥାଆନ୍ତି ଗଗନେ
ଯେତେ ସବୁ ପକ୍ଷୀଯାକ ।

ମନପ୍ରାଣ ମଧ୍ୟେ ସେ ସୁନ୍ଦର ଦୃଶ୍ୟ
ଜନ୍ମାଏ ଭୀଷଣ ତାତି
ମନେ ପଡୁଥାଏ ପ୍ରିୟ ବାନ୍ଧବୀ ସହ
ଜଡ଼ିତ ଥିବା ଯେତେ ସ୍ମୃତି ।

ISSN NO.
2582-208X

ବହୁ ଦିନ ପରେ ମନେ ପଡ଼ିଲା
ପ୍ରିୟ ବାନ୍ଧବୀ କଥା
ବିଗତ ଦିନଯାକ ସକଳ କ୍ଷଣେ
ଦିଏ ବିରହ ବ୍ୟଥା ।

ଯହିଁ ମୁଁ ଯାଏଁ ଯହିଁ ମୁଁ ଥାଏଁ
ମନେ ପଡ଼େ ତୁମ ଡ଼ାକ
ସେହି ମୁହୂର୍ତ୍ତେ ଝରିପଡୁଥାଏ
ଆଖିରୁ ଅଶ୍ରୁଜଳ ଯାକ ।

'ଦୋସ୍ତି' ବୋଲି ଯେବେ ଡ଼ାକ ତୁମେ
ମନ ପ୍ରାଣ ହସି ଉଠେ
ସେ ହସ କାହିଁ ପାଇବ ଏବେ
ଏ ଶୁଖିଲା ଓଠେ ।

ବିଗତ କଥାମାନ ସହ ମନେ ପଡ଼ିଲା
ତୁମ ମଧୁର ହସ
ନୟନ ଆଗରେ ଝଲସି ଉଠୁଥାଏ
ତୁମ ମନୋରମ ବେଶ ।

ତୁମ ପରି ଆଉ ପ୍ରିୟ ତ ମୋର ନାହିଁ
ଜୀବନେ ସଖୀ
ସବୁଆଡେ ତୁମେ ରହିଅଛ ବୋଲି
ଅନୁଭବ କରୁଛି ଏ ଆଖି ।

ISSN NO.
2582-208X

ହେ ପ୍ରିୟ ବାନ୍ଧବୀ!     ତୁମକୁ କିପରି
ମୁଁ ଭୁଲିବି  କହ
ସକଳ ଖୁସିରେ     ଦୁଃଖ ଦିଏ ମୋତେ
ସଖୀ ତୁମ ବିରହ ।

ତୁମେ କି କେବେ     ଭାବ ପ୍ରିୟ ବାନ୍ଧବୀ
ବେଳେବେଳେ ମୋ ପରି
ଅତୀତ କଥା ଭାବି     ବିଶାଳ ନୟନେ
ଲୋତକ ପୂର୍ଣ୍ଣ କରି  ?

ଜାଣୁ ଅଛି ମୁହିଁ     ଭୁଲି ନ ଥିବ ମୋତେ
ନୁହେଁ ତୁମେ ସେପରି
ଜାଣେ ମୁଁ ଏ ସଂସାରେ     ବାନ୍ଧବୀ ନାହିଁ ମୋର
ପ୍ରିୟ ବାନ୍ଧବୀର ସରି ।

ଜାମୁଟପାଲି, ବରଗଡ଼,
ମୋ:ନଂ-୮୦୧୮୭୮୬୪୯୨

ISSN NO.
2582-208X

# କିଛି ଭୁଲ କଲି କି ?



ସୀତାକାନ୍ତ ଡୁମୁନଆଁ

କିଛି ଭୁଲ କଲି କି ?
ଆଜି ଯାହା ମୋ ଛଡା
ଆଉ କେହି ଭୋଗୁ ନାହାନ୍ତି ।
କର୍ମକଲି, ରୋଜଗାର କଲି,
ସତ୍ ପଥିକ ହେଲି,
ବାଟେ କେତେ କଷ୍ଟ କେତେ ଦୁଃଖ,
ଦେଖି ଆଖିବୁଜି ସହି ଗଲି ।

ପିଲାପିଳି ପାଠ ପାଇଁ,
କେତେ ଗାଳି ଗୁଲଜ ସହି,
ଗରମ ଝାଳ ନପୋଛି,
ରିକ୍ସା ଟାଣିଲି,
ହେଲେ ଭୁଲ କଲି କେଉଁଠି ?
ନଖାଇ ନପିଇ,
ସେବକ ଭାବେ ଟଙ୍କା,
ରୋଜଗାରରେ ହାତ ଥାପିଲେ,
କେବଳ ପିଲାପିଲି ପାଇଁ।

ISSN NO.
2582-208X

ସେମାନଙ୍କୁ ମଣିଷ ତିଆରି,
କାରଖାନା କୁ ପଠାଇ,
ମଣିଷ କଲି,
ପଦପଦବୀ ରହି ନିଜ,
ନାଁ ପାମପିଲେଟ ତିଆରି,
ପାଇଁ ସାମର୍ଥ୍ୟ ଯୋଗାଇ ଦେଲି,
ହେଲେ ଭୁଲ କଲି କଉଠି ?
ସେମାନେ ଏତେ ଉଚ୍ଚରେ,
ଥାଇ ମୋର ଏ ଅବସ୍ଥା .....।

ଅନ୍ତର୍ଲା ଦେଓଗାଁ ବଲାଙ୍ଗୀର

ISSN NO.
2582-208X

# ମଗୁଶିର ମାସ



ସମ୍ପଦା ଦେବୀ

କରେ ଆଗମନ ଧରଣୀ ମଣ୍ଡିନ
ମଗୁଶିର ମାସ ଗ୍ରଣ ।
କାର୍ତ୍ତିକର ପରେ ଆସଇ ପ୍ରଖରେ
ମାର୍ଗଶୀର ମାସ ସାର ।
କରି ପରିଧାନ ଶୁକଳ ବସନ ପୁଷ ପୂନ ଆଗୁସାର ।
କୋମଳ ତା ତନୁ ବଲ୍ଲରୀ ଆଦରି
ବିଶ୍ୱ କରଇ ମଣ୍ଡନ ।
କଷ୍ଟ ହୁଏ ଦୂର କୃଷକ ଜନର ଅମଳର ଋତୁ ଏହି ।
କଳପନା ଗ୍ରଜ୍ୟେ ବୁଲେ ଗୃଷୀ ମନ
ପୌଷ ପୂର୍ଣ୍ଣିମା ପାଳଇ ।
କଳ କଳୁଷ ନାଶନ ଭଗବାନ ଦେବାଭିଷେକ ହୁଅନ୍ତ ।
କେନ୍ଦ୍ରାପଡାରେ ବଳ ଗ୍ରଜାଶ୍ରମେ ନବ
ଦିନ ଯଜ୍ଞ ଶାନ୍ତ ।
କଣ୍ଟିଲୋ ଠାରେ ନୀଳମାଧବ ଯାତ୍ରା
ପରବ ପାଳନ ହୋଇ ।
କରନ୍ତୁ ଦେବାଭିଷେକ ର ବନ୍ଦନ ଜନେ ଜଗଦୀଶ ଧାୟୀ ।।

ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଶ୍ରୀକୃଷ୍ଣଙ୍କର ଉଦ୍ଧବଙ୍କ ପ୍ରତି ଅନ୍ତମ ଉପଦେଶ କ'ଣ ଥିଲା



ନରେନ୍ଦ୍ର ପ୍ରସାଦ ବେହେରା

## ଭାଗବତ କଥା --- ୮

ଉଦ୍ଧବ କହିଲେ-ପ୍ରଭୁ, ଆପଣ ଯେଉଁ ସବୁ ଉପଦେଶ ଦେଲେ, ତାହା ସାଧାରଣ ମନୁଷ୍ୟ ବୁଝିବା କଷ୍ଟକର ବୋଲି ମୁଁ ମନେକରେ । ତେଣୁ ଯେଉଁ ପଥଟି ଅନୁସରଣ କଲେ ମନୁଷ୍ୟ ସହଜରେ ମୁକ୍ତିଲାଭ କରିପାରିବ, ତାହା ମୋତେ ବୁଝାଇ ଦିଅନ୍ତୁ ।

ଉଦ୍ଧବଙ୍କ କଥାରେ ସନ୍ତୁଷ୍ଟ ହୋଇ ମାଧବ କହିଲେ-ହେ ଉଦ୍ଧବ, ଯେଉଁ ପବିତ୍ର ଭାଗବତ ଧର୍ମ ଶ୍ରଦ୍ଧାର ସହିତ ଆଚରଣ କଲେ ମନୁଷ୍ୟର ସଦଗତି ହେବ ଏବଂ ମୃତ୍ୟୁ ହାତରୁ ମଧ୍ୟ ଅନାୟାସରେ ମୁକ୍ତିଲାଭ କରିପାରିବ, ତାହା ମୁଁ ବୁଝାଇଦେଉଛି । ତାହା ହେଉଛି ଭକ୍ତିର ପଥ । ସେହି ଭକ୍ତିର ସାର କଥା ଶୁଣ ।

ମୋତେ ସଦାସର୍ବଦା ସ୍ମରଣ କରି ସକଳ କାର୍ଯ୍ୟ କରୁଥିବ । କୌଣସି ବିଷୟ ପ୍ରତି ଆସକ୍ତି ରଖିବ ନାହିଁ । ସକଳ କର୍ମର ଫଳ ମୋତେ ହିଁ ଅର୍ପଣ କରିବ । ସାଧୁବ୍ୟକ୍ତିମାନେ ଯେପରି ଆଚରଣ କରନ୍ତି, ସେହିପରି ଆଚରଣ କରିବ । ଭଗବତ୍ କଥା ପ୍ରତି ଅନୁରାଗୀ ହେବ ଏବଂ ସାଧୁ-ମହାତ୍ମାମାନଙ୍କଠାରୁ ଭଗବତ୍ ପ୍ରସଙ୍ଗ ଶ୍ରବଣ କରିବ । ମୋ ନିମନ୍ତେ ଯେଉଁସବୁ ଉତ୍ସବ ଅନୁଷ୍ଠିତ ହୁଏ ତାହା ଦର୍ଶନ କରିବ ଓ ମୋର ଉତ୍ସବ ପାଳନ କରିବ । ଏପରି ଆଚରଣ ଦ୍ୱାରା ମନର ମଳିନତା ଦୂର ହୋଇଗଲେ, ମନୁଷ୍ୟ ନିଜର ହୃଦୟ ମଧ୍ୟରେ ମୋର ଉପସ୍ଥିତି ସ୍ପଷ୍ଟ ଅନୁଭବ କରି ପାରିବ । ସେତେବେଳେ ମନୁଷ୍ୟ ସକଳ ଜୀବଙ୍କ ମଧ୍ୟରେ ମୁଁ ବାସ କରୁଥିବା ବୁଝିପାରିବ ଓ ଜାଣିପାରିବ । ବ୍ରାହ୍ମଣ ଓ ଅବ୍ରାହ୍ମଣ,

ISSN NO.
2582-208X

ସାଧୁ ଓ ଅସାଧୁ, ଭଲ ଓ ମନ୍ଦ ସବୁକଛି ଯେଉଁ ପୁରୁଷ ସମାନ ଦୃଷ୍ଟିରେ ଦେଖନ୍ତି, ସେ ହେଉଛନ୍ତି ପଣ୍ଡିତ । ସର୍ବଭୂତେ ଈଶ୍ୱରଙ୍କର ସତ୍ତା ଅନୁଭବ କରିବା ହିଁ ମୋତେ ଲାଭ କରିବାର ଶ୍ରଷ୍ଠ ଉପାୟ ବୋଲି ଜାଣିବୁ ।

ଶ୍ରୀଭଗବାନ ଆହୁରି କହିଲେ -ଈଶ୍ୱରଙ୍କର ଶ୍ରୀଚରଣରେ ଆତ୍ମନିବେଦନ ହିଁ ହେଉଛି ମୋକ୍ଷ ଲାଭର ଶ୍ରେଷ୍ଠ ପଥ । ମୁଁ ଏହି ଯେଉଁସବୁ ସାର କଥା ତୋତେ କହିଲି, ତାହା ଜାଣିଲେ, ଜାଣିବାର ଅବଶେଷ ଆଉ କଛି ରହେ ନାହିଁ । ଯେଉଁ ବ୍ୟକ୍ତି ମୋର ଭକ୍ତଗଣଙ୍କ ମଧ୍ୟରେ ଏହି ଜ୍ଞାନ ବିତରଣ କରେ, ସେ ହେଉଛନ୍ତି ମୋର ପରମ ପ୍ରିୟ । ଦାମ୍ଭିକ, ନାସ୍ତିକ, କପଟୀ, ଲମ୍ପଟୀ ଓ ଶଠ ପ୍ରକୃତିର ଲୋକମାନଙ୍କୁ ଏହି ଜ୍ଞାନ ଦିଆଯାଏ ନାହିଁ । ଉଦ୍ଧବ, ତୁ ଏହି ବ୍ରହ୍ମତତ୍ତ୍ୱ ଅବଗତ ହେଲୁ ତ ? ତାହେଲେ ତୋର ସମସ୍ତ ଶୋକ ଓ ମୋହ ଦୂରୀଭୂତ ହୋଇଗଲା ତ ?

ଉଦ୍ଧବ ଶ୍ରୀକୃଷ୍ଣଙ୍କର ଶ୍ରୀଚରଣରେ ମଥା ରଖି କହିଲେ- ହେ ଅଜ ! ହେ ଆଦ୍ୟ ! ଆପଣଙ୍କ କୃପାରୁ ଆଜି ମୋର ସମସ୍ତ ମୋହାନ୍ଧକାର ଦୂର ହୋଇଯାଇଛି । ଆପଣ ନଜ ମାୟାରେ ମୋତେ ସ୍ନେହପାଶରେ ଆବଦ୍ଧ କରି ରଖିଥିଲେ, ପୁଣି ନଜେ ହିଁ ଜ୍ଞାନରୂପ ଅସି ଦ୍ୱାରା ତାହା ଛିନ୍ନ କରିଦେଲେ । ହେ ମହାଯୋଗୀ ! ହେ ଯୋଗେଶ୍ୱର ! ଆପଣଙ୍କୁ ମୋର କୋଟି ନମସ୍କାର । ମୁଁ ତ ଆପଣଙ୍କର ଆଶ୍ରିତ । ମୋତେ ସେହି ବୁଦ୍ଧି ପ୍ରଦାନ କରନ୍ତୁ,ଯେପରିକ ଆପଣଙ୍କ ପାଦପଦ୍ମରେ ମୋର ମତି ସ୍ଥିର ରହିବ । ଆପଣଙ୍କଠାରେ ମୋର ଅନୁରାଗ ଅକ୍ଷୟ ହୋଇ ରହିଥାଉ ।

ତା'ପରେ ଶ୍ରୀଭଗବାନ କହିଲେ-ହେ ଉଦ୍ଧବ, ତୁ ବର୍ତ୍ତମାନ ମୋର ପ୍ରିୟଧାମ ବଦ୍ରିକା ଆଶ୍ରମକୁ ଚାଲିଯାଆ । ସେଠାରେ ଏକାଗ୍ର ଚିତ୍ତରେ ମୋର ଉପଦେଶ ଗୁଡିକୁ ଅନୁସରଣ କର । ମୋଠାରେ ମନ ନବିଷ୍ଟ କର । କ୍ରମେ ସତ୍ତ୍ୱ, ରଜଃ ଓ ତମଃ ଗୁଣର ପ୍ରଭାବରୁ ମୁକ୍ତ ହୋଇଯିବୁ । କନ୍ତୁ ଏହି ତିନ ଗତିକୁ ଅତିକ୍ରମ କଲେ ଯେଉଁ ପରମଗତି ରହିଛି, ସେହି ବ୍ରହ୍ମସ୍ୱରୂପ ମୋତେ ତୁ ନଶ୍ଚୟ ଲାଭ କରିବୁ । ଏହାପରେ ଉଦ୍ଧବ ଶ୍ରୀକୃଷ୍ଣଙ୍କ ପାଦୁକା ମସ୍ତକରେ ରଖି ବିଦାୟ ନେଇ ଅଶ୍ରୁପୂର୍ଣ୍ଣ ନୟନରେ ବଦ୍ରିକା ଅଭିମୁଖେ ଯାତ୍ରା କଲେ ।

ଆଳନ୍ଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ପାଣି ସିଙ୍ଗଡ଼ା,ପଦ୍ମନାଡ ଓ ଆମ ସ୍ୱାସ୍ଥ୍ୟ



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ବିଶ୍ୱର ବିଭିର୍ଣ୍ଣ ଦେଶ ଏବଂ ଆମଦେଶ ଭାରତର, ବିଭିର୍ଣ କୋଣନୁକୋଣରେ, ଜଳ ଓ ସ୍ଥଳ ଭାଗରେ ଯେତେପ୍ରକାର ଉଦ୍ଭିଦ, ଲତା, ଗୁଳ୍ମ, ଆଦି ରହିଛି, ସେଗୁଡିକର ଚେର, ମୂଳ, ଛାଲି, ଡାଳ, ପତ୍ର, ଫୁଲ ଓ ଫଳ ପ୍ରତେକ ଦ୍ରବ୍ୟ ମାନବ ଶରୀର ପାଇଁ ପ୍ରକୃତି ଦତ୍ତ ଜୀବନୀୟ ଗୁଣବର୍ତ୍ତା ତଥା ଔଷଧୀୟ ଗୁଣରେ ପରିପୂର୍ଣ ରହିଛି, ଯାହାକ ସ୍ୱାସ୍ଥ୍ୟ ହିତ ନମନ୍ତେ, ବର୍ଷ ର ବିଭିର୍ଣ ଋତୁରେ ମିଳୁଥିବା ଖାଦ୍ୟ ପଦାର୍ଥ କୁ ଆମେ ଖାଦ୍ୟ ରୂପେ ଖାଇବା ଉଚତ, ଯଦ୍ୱାର୍ ଆମ ସ୍ୱାସ୍ଥ୍ୟ, ସୁସ୍ଥ ସବଳ ସତେଜ ହେବାସହ ଶରୀରରେ "ରୋଗ ପ୍ରତିରୋଧକ ଶକ୍ତ" ବୃଦ୍ଧି ପାଇ ମନୁଷ୍ୟ ଦୀର୍ଘାୟୁ ହେବାରେ ସାହାର୍ଯ୍ୟ କରିଥାଏ, ଯାହାକ ଆମେ ଆମର ପାରମ୍ପରିକ ଆୟୁର୍ବେଦ ଚକିତ୍ସା ଶାସ୍ତ୍ର ରେ ବର୍ଣିତ ବିଭିର୍ଣ୍ଣ ଖାଦ୍ୟ ପଦାର୍ଥର ଗୁଣ ଓ ଉପକାର ବିଷୟରେ ଚକିତ୍ସକଙ୍କ ପରାମର୍ଶ ନେଇ ସଠିକ ରୂପେ ବ୍ୟବହାର କରି, ଧରାପୃଷ୍ଠ ରେ ଦୀର୍ଘ ଦିନ ବଞ୍ଚି ରହିବା ନମନ୍ତେ ଚେଷ୍ଟା ଜାରି ରଖିବା ଉଚତ, ଏହା ଆମ ମନୁଷ୍ୟ ସମାଜ ପାଇଁ ପ୍ରକୃତିର ବରଦାନ ସ୍ୱରୂପ ଅଟେ ।

ଆମ ଦେଶର ବିଭିର୍ଣ ରାଜ୍ୟର ଜଳବାୟୁ ଅନୁଯାୟୀ ଭିର୍ନ ଭିର୍ନ କିସମ ର ଖାଦ୍ୟ ଦ୍ରବ୍ୟ ଦୃଷ୍ଟି ଗୋଚର ହୋଇ ଥାଏ, ଯାହାକ ଆମେ ବେଳେ ବେଳେ ଏହାର ସଠିକ ବିନ୍ନ ଯୋଗ ନକରି କିମ୍ବା ଏହାର ଉପକାରିତା ଜାଣି ନପାରି ଏହି ଉପକାରୀ ଖାଦ୍ୟ କୁ ଅଣଦେଖା କରିଥାଉ, ଯଦ୍ୱାରା ଆମେ ବିଭିର୍ଣ୍ଣ ଦୁରାରୋଗ୍ୟର ଶିକାର ହୋଇଥାଉ । ବିଶ୍ୱର ପ୍ରତେକ ଦେଶ ତଥା ଭାରତର କୋଣାନୁକୋଣେ ଜଳବାୟୁ ଅନୁଯାଇ ଏମିତି କେତେକ ନଆର୍ କିସମର ସ୍ୱାସ୍ଥ୍ୟ

ISSN NO.
2582-208X

ଉପକାରୀ ଖାଦ୍ୟ ଦ୍ରବ୍ୟ ରହିଛି ଯାହାକି ସବୁ ସ୍ଥାନ ରେ ଏହା ମିଳନଥାଏ, ଯାହାକୁ କେତେକ ବ୍ୟକ୍ତି ଜାଣି ନଥାନ୍ତି କମ୍ବା ଖାଦ୍ୟ ରେ ବ୍ୟବହାର କରି ନଥାନ୍ତି, ସେଥି ମଧ୍ୟରୁ "ପାଣି ସିଙ୍ଗଡ଼ା" ଓ "ପଦ୍ମ ନାଡ଼" ସ୍ୱାସ୍ଥ୍ୟହିତ ପାଇଁ ଏକ ଏକ ବହୁ ଉପକାରୀ ଖାଦ୍ୟ ଅଟେ,ଏ ଦୁଇ ପ୍ରକାର ଦ୍ରବ୍ୟ ଜଳ ମଧ୍ୟ ରେ ହିଁ ହୋଇଥାଏ ।

## ପାଣି ସିଙ୍ଗଡ଼ା :-

ପାଣି ସିଙ୍ଗଡ଼ା ସ୍ୱାସ୍ଥ୍ୟ ପାଇଁ ବିଶେଷ ଲାଭ ଦାୟକ ଅଟେ । ଏହାକୁ ଇଂଙ୍ଗିଲିସ ରେ "Water chestnut"'ଏହାର Botanical name- "Eleocharis dulcis" ଅଟେ, ବଙ୍ଗାଳ ଭାଷାରେ ଏହାକୁ ପାଣି ଫଳ, କୁହାଯାଏ,ଏ ହା ଗୁଇନା, ଅଷ୍ଟ୍ରେଲିଆ, ଆଫ୍ରିକା, ନଇଜଲାଣ୍ଡ ଆଦି ଦେଶରେ ବହୁ ଦେଶରେ ଦେଖାଯାଏ । ପାଣି ଭିତରେ ଫଳୁଥିବା ଏହି ଫଳକୁ ଖୁବ କମ ଲୋକ ଜାଣିଥାନ୍ତି । ଏହା ଆମ ସ୍ୱାସ୍ଥ୍ୟ ପାଇଁ ଖୁବ ହିତରେ ଲାଗିଥାଏ, ଏହାକୁ ଖାଇବା ପାଇଁ ଅନେକ ଲୋକ ପସନ୍ଦ କରିଥାନ୍ତି । "ପାଣି ସିଙ୍ଗଡ଼ା"ରେ ପ୍ରଚୁର ପରିମାଣରେ କ୍ୟାଲସିୟମ ରହିଥାଏ, ଯଦ୍ୱାରା ଏହା ଆମ ଦାନ୍ତକୁ ଓ ଶରୀରର ହାଡ଼କୁ ମଜଭୁତ କରିବା, ଶରୀରର ଦୁର୍ବଳତା ଦୂର କରିବା, ପେଟରେ ଗ୍ୟାସ, ଅମ୍ଳତା, କୋଷ୍ଠ କାଠିନ୍ୟ ଦୂର କରିବା ସହ, ଅନ୍ତନଳୀକୁ ସଫା ରଖିବାରେ ସାହାଯ୍ୟ କରିବା ସହ ପାଚନ କ୍ରିୟା କୁ ତ୍ୱରାନ୍ୱିତ କରିଥାଏ । ଏଥିରେ ତନ୍ତୁ ଜାତୀୟ ପଦାର୍ଥ ଭରି ରହିଛି ଯାହାକି ସ୍ୱାସ୍ଥ୍ୟ ପାଇଁ ହିତକର । ଏଥିରେ ପୋଟାସିୟମ, ମାଙ୍ଗାନିଜ, ଭିଟାମିନ B6, ରିବୋଫ୍ଲୋବିନ, କପେର, ଆଦି ସ୍ୱାସ୍ଥ୍ୟ ହିତକାରୀ ପଦାର୍ଥ ରହିବା ସହ ଏଥିରେ "ଆଣ୍ଟି -ଅକ୍ସିଡେଣ୍ଟ" ଗୁଣ ରହିଥିବାରୁ ଏହା ଖାଇବା ଦ୍ୱାରା ଟନସିଲ ଓ ଗଳା ସମସ୍ୟା ଦୂରହେବା ସହ ସୁନିଦ୍ରା ହେବାରେ ସାହାଯ୍ୟ କରିଥାଏ । ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରର ଚରକ ସଂହିତାରେ ପାଣି ସିଙ୍ଗଡ଼ା ଏକ ସ୍ୱାଦିଷ୍ଟ, ହଜମ ଶକ୍ତି ବୃଦ୍ଧିକାରକ । ପିତ ଓ କଫ ଦୋଷ ନାଶକ ,ବନ୍ଧ୍ୟାତ୍ୱ ଦୂରୀକରଣ (infertility), ଧ୍ୱଜଭଙ୍ଗ, କ୍ଲବତା (impotency), ମୂତ୍ରସମ୍ବନ୍ଧୀ ଯନ୍ତ୍ରଣା, ପ୍ରଚୁର ରକ୍ତସ୍ରାବ (haemorrhages), ଉପଶମ ହେବା ସହ, ଶରୀରର ସାଧାରଣ ଦୁର୍ବଳତା ଦୂର କରିଥାଏ,ବୋଲି ଉଲେଖ ରହିଛି ।

ଏତଦ ସହ ପାଣିସିଙ୍ଗଡ଼ା କୁ ଖାଦ୍ୟ ଭାବେ ଖାଇଲେ ଏହା ଆମ ଶରୀରରେ ଉଚ୍ଚରକ୍ତଚାପକୁ ସ୍ୱାଭାବିକ ସ୍ତରକୁ ଆଣିବା ନିମନ୍ତେ ଏହା ଏକ ପ୍ରଧାନ ପ୍ରାକୃତିକ ଚିକିତ୍ସା ଅଟେ । ହାର୍ଟ

ISSN NO.
2582-208X

ଷ୍ଟ୍ରୋକ, ହାର୍ଟ ଆଟାକ, ଶରୀରର ଖରାପ କଲେଷ୍ଟରଲକୁ ହ୍ରାସ କରିବା ସହ ଏହା ଶରୀର ର ହୃଦରୋଗକୁ ଉପଶମ ରେ ସହାୟକ ହୋଇଥାଏ । ଉଚ୍ଚ ରକ୍ତ ସର୍କରା (high blood sugar )କୁ ହ୍ରାସ କରାଇ ସ୍ୱାଭାବିକ ସ୍ତରକୁ ଆଣିଥାଏ । ଏହା ଖାଇବା ଦ୍ୱାରା ଆମ ଶରୀରରେ ଥିବା ବିଭିର୍ଣ୍ଣ ଦୂଷିତ ପଦାର୍ଥ ଶରୀରରୁ ନିର୍ଗତ ହେବାସହ ବିଭିର୍ଣ୍ଣ ଭାଇରସ ଓ ବ୍ୟାକ୍ଟେରିଆ ରୁ ଉପୂର୍ଣ ରୋଗକୁ ଦୂର କରିବାରେ ସହାୟକ ହୋଇଥାଏ । ଏପରି ସ୍ୱାସ୍ଥ୍ୟ ଉପଯୋଗୀ "ପାଣି ସିଙ୍ଗଡ଼ା" କୁ ଆମେ ଖାଦ୍ୟ ଭାବେ ଖାଇବା ଜରୁରୀ ଅଟେ ।

## ପଦ୍ମ ନାଡ଼ର ଉପକାରିତା ଓ ଔଷଧୀୟ ଗୁଣ :-

ପଦ୍ମ ନାଡ଼କୁ ଇଂରାଜୀ ରେ (Lotus stem )ଓ ଏହାର ଉଦ୍ଭିଦ ବିଜ୍ଞାନରେ (Nelumbo nucifera ) ନାମରେ ନାମକରଣ ରହିଛି । ଏହା ବିଶ୍ୱର ଭାରତ, ଚାଇନା, ଜାପାନ, କୋରିଆ ଆଦି ବିଭିର୍ଣ୍ଣ ଦେଶ ମାନଙ୍କରେ ପଦ୍ମ ଫୁଲନାଡ଼ର ମୂଳଭାଗରେ ରହିଥିବା ନାଡକୁ ଭାଜି, ତରକାରୀ କରି ଖିଆ ଯାଇ ଥାଏ । ଏହା ଦେଖିବାକୁ ଧଳା ଅଟେ । ଏହା ସାଧରଣତଃ ଜଳାଶୟ, ମାନଙ୍କରେ ରହିଥାଏ । ଆମ ଦେଶର ପ୍ରାୟତଃ ପଦ୍ମ ଫୁଲ ଓ ଏହା ଦେବକାର୍ଯ୍ୟ ରେ ବ୍ୟବହାର ବିଷୟ ସମସ୍ତେ ଜାଣନ୍ତି । କିନ୍ତୁ କଛି ଲୋକ ପଦ୍ମ ନାଡ଼ ଏକ ସ୍ୱାସ୍ଥ୍ୟ ପ୍ରଦ ତଥା ଏଥିରେ ଔଷଧୀୟ ଗୁଣବର୍ତ୍ତା ରହିଥିବାର ଓ ଏହାକୁ ଖାଦ୍ୟ ରୂପେ ଖାଇବା କଥା ଜାଣି ନଥାନ୍ତି ।

ପଦ୍ମ ନାଡରେ ମୁଖ୍ୟ ତଃ ଭିଟାମିନ -c, କପେର, ଆଇରନ, ଭିଟାମିନ ବି କଂପ୍ଲେକ୍ସ, ପୋଟାସିୟମ, ସୋଡିୟମ, ପ୍ରୋଟିନ, ଭରପୁର ରହିଛି । ଏହା ଆଣ୍ଟି -ଅକ୍ସିଡେଣ୍ଟ ଅଟେ । ଏହାକୁ ଖାଦ୍ୟ ଭାବେ ଖାଇବାଦ୍ୱାରା, ଏହା ତ୍ୱଚାକୁ ସୌନ୍ଦର୍ଯ୍ୟ ବଢାଇବା ସହ କେଶ ବୃଦ୍ଧି ଘଟିବା, ଦେହରୁ ବହୁତ ଝାଳ ନିର୍ଗତ ହେଉଥିଲେ ଏହା ସ୍ୱାଭାବିକ ହେବା ସହ ନାକରୁ କମ୍ବା ପରିସ୍ରା ରେ ରକ୍ତ ପଡୁଥିଲେ ଉପଶମ ହୋଇଥାଏ । ଥଣ୍ଡା କାଶ, କୁଣ୍ଡିଆ, ଚର୍ମ ରୋଗ ଉପଶମ ହେବାସହ, ମହିଳା ଓ ପୁରୁଷଙ୍କ ଯୌନ ଶକ୍ତି ବୃଦ୍ଧି ଶରୀରରର ଖରାପ କଲେଷ୍ଟୋରଲକୁ ନିର୍ଗତ କରାଇବା ସହ ଉଚ୍ଚ ରକ୍ତଚାପକୁ ସନ୍ତୁଳତ ରଖିଥାଏ । ଆନମିଆ, ଉତ୍ତମ ରକ୍ତ ସଂଚାଳନ, ସହ ଶରୀରରେ ଲୋହିତ ରକ୍ତ କଣିକା ମାତ୍ରା ବୃଦ୍ଧି କରାଇ, ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ । କାଶ, କଫ, ଯକ୍ଷ୍ମା, ହୃଦରୋଗ, ମଳାବରୋଧ ଆଦି ଦୂର ହେବା, ହାର୍ଟ ସୁସ୍ଥ ରହିବା ସହ ମନକୁ ଚାପ ମୁକ୍ତ ରଖିଥାଏ । "ପଦ୍ମନାଡ଼"କୁ ଖାଦ୍ୟ ରୂପେ

ISSN NO.
2582-208X

ଆମେ ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟାଇ ବିଭିର୍ଣ୍ଣ ରୋଗ କୁ ପ୍ରତିରୋଧ କରାଇଥାଏ ।

ଆମର ଭାରତୀୟ ପାରମ୍ପରିକ ଖାଦ୍ୟ ଶୈଳୀ ରେ ଯାହା ରହିଛି ତାହା ଆମ ସ୍ୱାସ୍ଥ୍ୟ ପାଇଁ ହିତକର ଅଟେ । "ପାଣି ସିଙ୍ଗଡ଼ା" ଓ"ପଦ୍ମ ନାଡ଼" ପରି ଏମିତି ସ୍ୱାସ୍ଥ୍ୟ ହିତକାରୀ କେତେ ଖାଦ୍ୟ ପଦାର୍ଥ ରହିଛି, ଯାହାକ ଆମେ ଜାଣିପାରି ନଥାଉ । ତେଣୁ ଦୈନନ୍ଦିନ ଖାଦ୍ୟରେ ଏସବୁକୁ ଖାଦ୍ୟ ଭାବେ ଖାଇବା ଦ୍ୱାରା ଆମେ ସୁସ୍ଥ ଓ ଦୀର୍ଘାୟୁ ହୋଇ ବଞ୍ଚି ରହିବାରେ ସହାୟକ ହୋଇ ପାରିବ ।

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି
ଜିଲ୍ଲା -ନବରଙ୍ଗପୁର
ଫୋନ -୭୮୯୪୧୧୨୪୮୭

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ସଜନା ତରକାରୀ

ଅରବିନ୍ଦ ମିଶ୍ର

## ଆବଶ୍ୟକୀୟ ସାମଗ୍ରୀ:

୩ ଟି ସଜନା ଛୁଇଁ, ଗୋଟିଏ ବଡ ଆଳୁ, କଛି ସୋରିଷ ଓ ଜୀରା, ଗୋଟିଏ ବାଇଗଣ, ଏକ ଛୋଟ ପ୍ୟାକେଟ ବଡି, ହଳଦୀ ଗୁଣ୍ଡ, ଅଦା, ରସୁଣ, ପିଆଜ ପେଷ୍ଟ, ଗୋଟିଏ ଟମାଟୋ, କଛି ମାତ୍ରାରେ ତେଲ ଓ ଲୁଣ

## ପ୍ରସ୍ତୁତ ପ୍ରଣାଳୀ :

ପ୍ରଥମେ ଆଳୁ ଆଉ ସଜନା ଛୁଇଁ କୁ କାଟି ପାଣିରେ ପକାଇ ଭଲ ଭାବରେ ଧୋଇ ଦିଅନ୍ତୁ । ତା ପରେ ବାଇଗଣକୁ ମଧ୍ୟ କାଟି ଧୋଇଦିଅନ୍ତୁ । କଡାଇ ରେ ତେଲ ପକାଇ ଗରମ କରନ୍ତୁ । ସେଥିରେ ପ୍ରଥମେ ବଡିକୁ ଭାଜି ବାହାରେ ରଖନ୍ତୁ । ତା ପରେ କଡାଇରେ ସଜନା ଛୁଇଁ ଓ ଆଳୁକୁ ଅଧା ଭାଜନ୍ତୁ । ସେଥିରେ ହଳଦୀ ଗୁଣ୍ଡ ପକାନ୍ତୁ । ଏବେ ଏହାକୁ ଏକ ପାତ୍ରରେ କାଢି ରଖନ୍ତୁ ।



ISSN NO.
2582-208X

ଏବେ କଡାଇରେ ବାଇଗଣକୁ ଅଳ୍ପ ଭୁଜି ବାହାରେ ରଖନ୍ତୁ । ବର୍ତ୍ତମାନ ସୋରିଷ ଏବଂ ଜୀରା କୁ ଗ୍ରାଇଣ୍ଡରରେ କଛି ମାତ୍ରାରେ ପାଣି ଦେଇ ଗ୍ରାଇଣ୍ଡ କରନ୍ତୁ । ଏବେ ଅଦା ରସୁଣ ପିଆଜ ପେଷ୍ଟ କୁ ପକାଇ ନାଲି ହେଲା ପର୍ଯ୍ୟନ୍ତ ଭୁଜନ୍ତୁ । ଏବେ ଏଥିରେ ହଳଦୀ ଗୁଣ୍ଡ ଧନିଆ ଗୁଣ୍ଡ ପକାଇ ମିଶାନ୍ତୁ । ବର୍ତ୍ତମାନ ଗୋଟିଏ ଟମାଟୋ କୁ କାଟି ରଖନ୍ତୁ । ବର୍ତ୍ତମାନ ଏଥିରେ ଭଜାହୋଇ ରଖା ଯାଇଥିବା ଆଳୁ ଏବଂ ସଜନା ଛୁଇଁକୁ ପକାଇ ଘାଟନ୍ତୁ ଏବଂ ସୋରିଷ ପେଷ୍ଟ ପକାଇ ଦିଅନ୍ତୁ । ଏବେ କଟା ହୋଇ ରଖିଥିବା ଟାମାଟୋ କୁ ପକାଇ ଭୁଜି କଛି ପାଣି ଦିଅନ୍ତୁ ଏବଂ ଠାଙ୍କୁଣୀ ଘୋଆଇ ଦିଅନ୍ତୁ । କଛି ସମୟ ପରେ ଢାଙ୍କୁଣୀ କାଢି ସେଥିରେ ଭଜା ବାଇଗଣ ପକାଇ ପୁଣି କଛି ସମୟ ବସାଇ ଦିଅନ୍ତୁ । ଏବେ ତାହାକୁ କାଢି ଏକ ପାତ୍ରରେ ରଖି ସେଥିରେ ଭଜା ବଡି ପକାନ୍ତୁ । ବାସ୍, ପ୍ରସ୍ତୁତ ସଜନା ଛୁଇଁ ତରକାରୀ ।

ଲକ୍ଷ୍ମୀ

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ମୋର୍ ଦୁଖ୍ ଟାତ, କେତେ ନ କେତେ କମ୍



ସନ୍ତୋଷ କୁମାର ବେହେରା

ଆଏଜ୍ ଜାନନି ଦୁନିଆଁ ଭିତିରେ
କେତେ ଦୁଖି ରକିଁ ଅଛନ୍
ସମକର୍ ଭିତିରେ ମୋର୍ ଦୁଖ୍ ଟାତ
କେତେ ନି କେତେ କମ୍ (୧)

ଦୁଖ୍ ଜନାବାକେ କେତେ ଦୁରୁ ମୁଇଁ
ଜଗାର୍ ନିକେ ଆଇଥିନି
ମୋର୍ ଦୁଖ୍ ତଲେ କେତେ ଦୁଖି ଦେଖି
ସବୁ ଦୁଖ୍ ଭୁଲି ଗନି (୨)

କାର୍ ହାତ୍ ନାଇଁ,କାର୍ ନାଇଁ ଗୋଡ୍
ଆଏଁଖ୍ ଗୁଟେ ନାଇଁ କାର୍
ଫିର୍ ଭି ଖୁସିରେ ଦିନ୍ କାଟୁଅଛନ୍
ନାଇଁ ମାନବାର ତ ହାର୍ (୩)

ସେ ଠାନୁ ମୁଇଁ ତ କେତେ ସୁଖେ ଅଛେଁ
ଦୁଖ୍ ଦେଲି ନ ପାସିରି

ISSN NO.
2582-208X

ଦୁଖ୍ ସୁଖ୍ ଏଇ ଦୁନିଆଁ ଭିତରେ
ଦୁଖ୍ ଜହଁ ଅଛେ ଭରି (୪)

ସୁଖି ବଲିକରି କିଏ ତ ନାଇଁନ
ହଜାରେରେ ଭି ତ ଗୁଟେ
ଧନ୍ କମେଇଁ ମନ୍ ପରଛା ନାଇଁନ
ଯଉଛନ୍ ସଭେ ଉବାଟେ (୫)

ଦୁଖ୍ କେ ତ ମୋର୍,ନାଇଁନ ହୋ ଡର୍
ଦୁଖେ ନାଇଁ ହୁଏଁ ଘାରି
ଦୁଖ୍ କେ ଭି ସୁଖ୍ ମନେ ଭାବିଦେଲେ
ହେଇ ଯିବି ଡଂଗା ପାରି (୬)

କପସିଲ୍, ତୁଷୁର୍, ବଲ୍ଙ୍ଗିର
ଫୋନ:ନ:-୭୭୩୫୭୧୫୧୦୭

ISSN NO.
2582-208X

# କେନ୍ତା କରି ଏକଲା



ଗଜାନନ ମିଶ୍ର

ଏକଲା ହେଲ କେନ୍ତାକରି ହୋ,
ସଭେ ତ ଅଛନ୍ ଭିତରି ବାହାରି ଭର୍ତ୍ତି
ହେଇକରି!
ସଭେ ବାଁଚିଛନ୍ ଇ ପୁର୍ଥି ଭିତ୍ରେ।

ସଭକେ ଧରିରଖିଛେ ଇ ମାଏଟ୍
ଇ ପାଏନ୍ ଇ ପବନ୍ ଇ ଜୁଏ।
ସଭେ ଅଛନ୍ ଆଶ୍ରା କରି ଆକାଶକେ।

କେନ୍ ଇଲାକାରେ ଅଛ ପାସ୍ର,
ନେଇଁ ପାସ୍ରିଲେ କେନ୍ତା ଜନା ପଡବା
ସଭେ ଗୁଟେ ଆଏ!

ଥ, ଜେନ ଥ,
ମୋର ହେଇ ଅଛ,
ସୋର୍ ଧରି ଥା।

ISSN NO.
2582-208X

ଏକ୍ଲା କିହେ ନେଇଁ ରହିପାରନ୍,
ନେଇଁ ଥେଇ ଏକ୍ଲା କିହେ
କେଭେ କେନ!

ଏକ୍ଲା ବଲି ନେଇଁ ଭାବ,
ଭାବ୍ଲେ ବିପଦ୍
ଧୁକା ଗରେଲ୍ ଡର୍।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# ଆମର୍ ପାଏନ୍ ପବନ୍ ମଧୁର୍



ସୁହଂସ ଭୋଇ

ଆମର୍ ପାଏନ୍ ପବନ୍ ମଧୁର୍
ମଧୁର୍ ଆମର୍ ମନ୍
କଥା ଭାଷା ବୁଲି ଖଅଁଣ୍ ମଧୁର
ମଧୁର୍ ଚାଲି ଚଲନ୍

ଇ ମାଏଟ୍ ଥିଁନ୍ ଜନମ୍ କରମ୍
ଟୁରା ବୀର୍ ସୁରେନ୍ଦର
ଉଜଲ୍ କୁଞ୍ଜଲ୍ ଉଦନ୍ତ ଅଏରି
ମାଧୋ ହଟେ ଜମିଦାର

ପିଠିର୍ ଉପୁରେ ଉତାଲି ଘେଁସାଲି
ଜିରା ଅଂଗ୍ ମହାନଦୀ
ତେଲ୍କୁ ତେଲ୍, ଲମିଁ ଯାଇଛନ୍
ନାଚିଁ ଡେଗିଁ ଖେଲି କୁଦି

ଗୁଟେ ମାଁର୍ ଛୁଆ ଇ ବାରପାହାଡ୍
ଆରଟା ଗନ୍ଧମାର୍ଦ୍ଦନ
ଜନେଁ ଡାକୁଅଛେ ନାନୀ ନାନୀ ବଲିଁ
ଜନେଁ ଡାକୁଛେ ବୁହେନ

ISSN NO.
2582-208X

ଚର୍ ଚର୍ ଚର୍ ଲେଖି ଦେଇଛନ୍
କେତେ ବହି ଗଂଗାଧର
ତପସ୍ୱିନୀ  ଅର୍ଘ୍ୟଥାଳି ଇନ୍ଦୁମତୀ
ଆଦି ରସ ରତ୍ନାକର

ଜୁଡି ଜୁରେଇଁ ଲେଖେ ସମଲ୍ ପୁରି
ବସିଁ କବି ହଳଧର
ଭୁଲିଆ କପ୍ ଟା ବୁନିଁ ନାଆଁ କଲା
ଚତୁର୍ ଭୁଜ ମେହେର

ମହୁଲ ଝାରେଁ ରେ ବରସିଲା ପାନିଁ
ରଂଗବତୀ କ୍ରିସ୍ନା ନାନି
ବୁଭୁତି ଫକୀର ଆରୁ ଜିତେନ୍ଦ୍ ର
ଗୀତ୍ ଗାଏ ପଦ୍ ମିନୀ

ପର୍ ବତ ଉହାଡେ ନୃସିଂହନାଥ
ବାବାଜୀ ହରିଶଙ୍କର
ମାଆଁ ସମଲେଇ ପୂଜା ପାଉଛନ୍
ଗୁଡି ତ ସମଲପୁର

ପହଣ୍ଡି , ବରଗଡ଼

ISSN NO.
2582-208X

# କବିତା



ସୁନୀଲ କୁମାର ଅଗସ୍ତି

ଦେଖ, ତମେ ଯେଭେ ଗଲେ
ମୋର୍ ଘରକେ ଆଏବ
'କବିତା' ଗୁଟେ ହେଇ କରି ଆଏବ,
ତମର୍ କଥାନୀ ଯେତେ
ଚହଲ୍ ପକେଇଛେ ଚାରହିକୁତି
ଆମେ ହଁ ବଲୁଛୁଁ
ନି' ବଏଲୁଁ ଭାଏଲ୍ ,
କାଁ' ଯେ ବଏଲେ
ତମର୍ କଥାନୀ ଥିଁ ତମେ
ଛୁଚାଥିଁ ଆମ୍ କେ ଲିମ୍
ଆଲୁ କେ ବାଏଗନ୍
ସତ୍ ଆର୍ ମିଛ୍ କେ
ତଲ୍ ଉପର୍ ଲେଁହେଁଟେଇ ଦି' ଛ ଯେ
ଇଥି ତ' ଲୋକ୍ ବେଡା ହି' ଯାଏସନ୍' ନ,

ISSN NO.
2582-208X

ହେଲେ ତମର୍ 'କବିତା'
ଗୁଟା ମୋଟ୍ ଅବଗା ସତ୍ ଆଏ ଯେ
ଅବଗା, ଅବଗା ଦରପନ୍,
ନେଇଁ ନେଇଁ ନେଇଁ ନେଇଁ ତମେ
ଅବଗା କବିତା ଟେ ହେଇ
ମୋର୍ ଘରକେ ଆଏବ ଦେଖ
ଦେଖ ମୋର୍ ଘରକେ ଆଏବ,,

ଟିଟିଲ୍‌ଗଡ଼, ବଲାଙ୍ଗୀର
ମୋ/୭୭୩୫୮ ୭୬୬୪୯

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# କାଙ୍ଗୁ ଖିରି



ଡ଼ଃ ରଞ୍ଜିତ କୁମାର ସାହୁ

ଲିପୁ କକାଙ୍କ ସହ ସୁଦୁର କୋରାପୁଟକୁ ଛୁଟିରେ ଯାଇ ଥାଏ I କୋରାପୁଟ କୁଆଡେ ବିଶ୍ୱରେ ଥିବା କୃଷି ଜନିତ ଅନେକ ପାରମ୍ପାରିକ ସ୍ଥଳୀ ମଧ୍ୟରେ ଅନ୍ୟେତ୍ତମ ! କକା କହିଲେ, ସେଠାରେ ଅନେକ ପ୍ରକାରର ବନ ଲତା, ପଶୁ ପକ୍ଷୀ ଦେଖା ଯାଆନ୍ତି ତେଣୁ ଏହାକୁ ବିଶ୍ୱର ଏକ ଜୈବ ବିବିଧତାର କେନ୍ଦ୍ର ରୂପରେ ଚିହ୍ନଟ କରା ଯାଇଛି I ସେହି ପରି ଭାବରେ ସେଠାରେ ଅନେକ ପ୍ରକାରର ଫସଲର ଉତ୍ପାଦନ ହୁଏ I କକା ସ୍ଥାନୀୟ କୃଷି କେନ୍ଦ୍ରରେ ନିଯୁକ୍ତ ଅଟନ୍ତି ଏବଂ କୃଷି ବିଷୟରେ ଅନେକ କିଛି ସୂଚନା ଜାଣନ୍ତି I ରବିବାର ଦିନ କିଛି ସହର ରେ ହାଟ ବସେ ଏବଂ ସ୍ଥାନୀୟ କୃଷକ ଏବଂ ଆଦିବାସୀ ମାନେ ନିଜର ଉତ୍ପାଦନ ବିକ୍ରୟ କରିବାକୁ ଆସନ୍ତି I କକା ମଧ୍ୟ ସପ୍ତାହ ପାଇଁ ନିଜର ପନି ପରିବା ଇତ୍ୟାଦି ସେହି ହାଟରୁ ଆଣି ଥାଆନ୍ତି I ତେଣୁ ଦୁଇଟି କନା ଥଳି ଧରି ଦୁହେଁ ହାଟରେ ବୁଲି ସାମଗ୍ରୀ କିଣିବାକୁ ଲାଗିଥିଲେ I

ହାଟରେ ବୁଲୁ ବୁଲୁ ଲିପୁ ଜଣେ ମହିଳା ବିକାଳୀ ପାଖରେ ଅଟକି ଗଲା I କକା ମଧ୍ୟ ଆସି ଠିଆ ହୋଇଗଲେ I ମହିଳା ଜଣକ ଅନେକ ପ୍ରକାରର ଶସ୍ୟ ବିକୁଥିଲା I ସିଏ କିନ୍ତୁ ନିକିତି ବ୍ୟବହାର ନ କରି ବିଭିନ୍ନ ଆକାରର ପାତ୍ରରେ ମାପି ଦର କରୁଥିଲା I ଲିପୁ ଆଖିରେ ପଡିଲା ଗୋଟିଏ ଟୋକେଇରେ ଥିବା ସୋରିଷ ଭଳି ଛୋଟ ଛୋଟ ହାଲୁକା ଧୂସର ରଙ୍ଗର ଶସ୍ୟ ଉପରେ I କୌତୁହଳ ହୋଇ ପଚାରିଲା ତାହା ବିଷୟରେ I ବିକାଳୀ ଜଣକ

ISSN NO.
2582-208X

ଜଣେଇଲା ସେହି ଶସ୍ୟର ନାମ "କାଙ୍ଗୁ" ଏବଂ ତାହା କୁଆଡେ ଏକ ସୁଆଦିଆ ଶସ୍ୟ I ବିକାଳୀ ଜଣକ ଲିପୁକୁ ମୂଲ କମେଇ ଦେବାକୁ ରାଜି ହେଲା ଏବଂ ବଳକା ଥିବା ସବୁ "କାଙ୍ଗୁ" କିଣିବାକୁ ଆଗ୍ରହ କଲା I ଲିପୁ କକାଙ୍କ ଆଡକୁ ଚାହିଁଲା I କକା ହସି ଲିପୁ ଆଡକୁ ଟଙ୍କା ବଢ଼େଇଦେଲେ I

ବିକାଳୀ ପାଖରେ ବଳକା ଥିବା କାଙ୍ଗୁ ବିକ୍ରୟ ହୋଇ ଯାଇଥିବାରୁ ବିକାଳୀ ଜଣକ ଖୁସି ହୋଇ ଗଲା I ଲିପୁ ମଧ୍ୟ ଏକ ନୂଆ ପ୍ରକାରର ଜିନିଷ କିଣି ଖୁସି I ତାହା ପରେ ଅନ୍ୟ କିଛି ସାମଗ୍ରୀ କିଣି ଦୁହେଁ ଘରକୁ ଫେରିବାକୁ ଲାଗିଲେ I

କକା ବୁଝି ସାରିଥିଲେ ଲିପୁ ମନରେ ଅନେକ ପ୍ରଶ୍ନ ଉଙ୍କି ମାରିବାକୁ ଲାଗିଥିଲା "କାଙ୍ଗୁ " ବିଷୟରେ I

କକା କହିଲେ, "ଆମ ଦେଶରେ ଧାନ, ଗହମ ଭଳି ଶସ୍ୟ ବ୍ୟତୀତ ଅନେକ ପ୍ରକାରର ଶସ୍ୟ ଉତ୍ପାଦନ ହୁଏ ଯାହାକୁ "କ୍ଷୁଦ୍ର ଶସ୍ୟ" ରୂପରେ ଜଣା ଯାଏ I ଏହି ଶସ୍ୟ ଗୁଡିକ ପ୍ରାୟ ଅଳ୍ପ ଜମିରେ ଏବଂ ସ୍ଥାନୀୟ ସ୍ତରରେ ଉତ୍ପାଦନ ହୁଏ ଏବଂ ଉପଯୋଗ କରାଯାଏ I ଆଜି କାଲି ଏହି ଶ୍ରେଣୀର ଶସ୍ୟର ପୌଷ୍ଟିକତା କୁ ନେଇ ବହୁତ ଚର୍ଚ୍ଚା ଚାଲିଛି ଏବଂ ଏହାର ଅଧିକ ଉତ୍ପାଦନ ଏବଂ ଉପଭୋଗ ଲାଗି ସରକାର ମଧ୍ୟ ପଦକ୍ଷେପ ନେବାରେ ଲାଗିଛନ୍ତି I "

"କିନ୍ତୁ ଏଥିରେ ଏମିତି କଣ ଅଛି ଯେ ଅକସ୍ମାତ ଏହାକୁ ଏତେ ପ୍ରଚଳିତ କରା ଯାଉଛି ? ଏହା କେଉଁଠାରୁ ଆସିଲା ?" ଲିପୁ ପଚାରିଲା I

"କାଙ୍ଗୁ ପ୍ରଥମେ ଚୀନ ରେ ଫସଲ ଭାବରେ ଚାଷ ହୋଇ ଥିଲା I ପରେ ଏହା ବିଭିନ୍ନ ଦେଶରେ ଚାଷ ହେବାକୁ ଲାଗିଲା I ଏହା କ୍ଷୁଦ୍ର ଶସ୍ୟ ମଧ୍ୟରେ ଦ୍ଵିତୀୟ ଅଧିକ ଉତ୍ପାଦନ

ISSN NO.
2582-208X

ହୁଏ । ଏହା ମକା ଭଳି ଏକ ଡେଙ୍ଗା ଘାସ ଯାହାର ଅଗ୍ର ଭାଗରେ ପେନ୍ଥା ପେନ୍ଥା ହୋଇ ଫୁଲ ଏବଂ ପରେ ମଞ୍ଜି ସୃଷ୍ଟି ହୁଏ । ଆଜି କାଲି ବହୁତ ଲୋକ ଆଲେର୍ଜି ଯୋଗୁଁ ଗହମକୁ ନିଜର ଖାଦ୍ୟରେ  ସଂଲିଷ୍ଟ କରୁ ନାହାନ୍ତି । ସେମାନଙ୍କ ପାଇଁ  ଏହା ଏକ ଉତ୍କୃଷ୍ଟ ଆହାର," କକା ଉତ୍ତର ଦେଲେ ।



"କିନ୍ତୁ ଏଥିରେ ଅଛି କଣ ?"

କକା ଉତ୍ତର ଦେଲେ, "ଏଥିରେ ପ୍ରାୟ 11% ପୃଷ୍ଟିସାର ରହିଛି । ଏହା ବ୍ୟତୀତ ପ୍ରଚୁର ପରିମାଣରେ ଲୌହ ଏବଂ କ୍ୟାଲସିଅମ ରହିଛି । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ ବି12 ମଧ୍ୟ ରହିଛି । ତେଣୁ ଏହାକୁ ଭକ୍ଷଣ କରିବା ଦ୍ୱାରା ମଧୁମେହ ରୋଗୀ ମାନେ ଯେଉଁ ମାନେ ଚାଉଳ ଅଧିକ ଖାଇ ପାରନ୍ତି ନାହିଁ, ବେଶ ଉପକାର ପାଇଥାଆନ୍ତି । ଏହା

ISSN NO.
2582-208X

ହୃଦରୋଗୀ ମାନଙ୍କ ପାଇଁ ମଧ୍ୟ ହିତକାରି । ଏହାର ସେବନ ଦ୍ୱାରା ଚର୍ମ ଏବଂ କେଶର ସ୍ୱାସ୍ଥ୍ୟ ଭଲ ରୁହେ । ଏହା ଦେହରେ ମେଦ ହ୍ରାସରେ ମଧ୍ୟ ସହାୟକ ହୁଏ ।"

"କିନ୍ତୁ ଏହାକୁ ଖାଇବା କେମିତି ?" ଲିପୁ ପୁଣି ପଚାରିଲା ।

"ଅନ୍ୟ ଶସ୍ୟ ଭଳି ଏହାକୁ ମଧ୍ୟ ଖାଇବା ପୂର୍ବରୁ ରାନ୍ଧିବାକୁ ହୁଏ । ଏହାକୁ ସିଝେଇ ଖିଆ ଯାଇ ପରେ କିମ୍ବା ଏଥିରୁ ଖିରି ଉପମା ଇତ୍ୟାଦି ମଧ୍ୟ ପ୍ରସ୍ତୁତ ହୁଏ," କକା କହିଲେ ।
ଗାଡ଼ିରେ ସାମାନ ସବୁ ରଖୁ ରଖୁ କକା କହିଲେ ।

"ମୁଁ କେବଳ ଖିରି ଖାଇବି," ଲିପୁ କହିଲା ।

"କିନ୍ତୁ ଖିରି ପାଇଁ ତ କ୍ଷୀର ଦରକାର ! ହଁ ମାନେ ପଡିଲା ତୋ ଖୁଡୀ କହିଥିଲେ ଆସିଲା ବେଳୁ କ୍ଷୀର ନେଇ ଆସିବାକୁ । ଭଲ ହେଲା ମନେ ପଡିଗଲା," କକା କହିଲେ ।
ଗାଡ଼ିରେ କିଣିଥିବା ଜିନିଷ ସବୁ ରଖି ଦୁହେଁ ପୁଣି ବାହାରି ଗଲେ କ୍ଷୀର ଦୋକାନ ଆଡ଼କୁ ।

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ରଙ୍ଗପରବ ହୋଲି



ନୀଳମଣି ଗୁନ୍ଦ

ଶୁଆଟି ଗାଏ ଗଛ ଉପରେ
ଶାରିଟି ଗାଏ ବଣରେ
କହନ୍ତି ରଙ୍ଗପରବ ଆସେ
ବସନି ଲୁଚି କୋଣରେ ।

ପାରା ଉଡଇ ଚାଳ ଉପରେ
କାଉ ରାବଇ କାଆରେ
ବଜାର ଯାଇ ରଙ୍ଗ କିଣିବା
କହନ୍ତି ଡାକି ମାଆରେ ।

ଶଂଖି ବିଲେଇ ଦୋଡାଏ ମ୍ୟାଉଁ
କୁକୁର ଭୁକେ ଭୋଓରେ
କିଣିଛ ଯଦି ପିଚକାରିଟି
ଆଇଙ୍କ ଆଗେ ଥୋଓରେ ।

ISSN NO.
2582-208X

ମୁନା ହାତରେ ରଙ୍ଗ ବାଲଟି
ଝୁନା ଧରିଛି ରଙ୍ଗରେ
କିଏ କହୁଛି ରଙ୍ଗ ମାରିବ
ଗଲେ ବି ଅସ୍ତରଙ୍ଗରେ ।

ଇଏ କହିଲା ହୋଲିରେ ଇଏ
ସିଏ କହିଲା ହୋଲିଟି
ସବୁ ମିଶିଲେ ହେବରେ ମଜା
ରଙ୍ଗପରବ ବୋଲିଟି ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

ISSN NO.
2582-208X

# ଗୋ ମାତା ର ସେବା



ବିକାଶ କୁମାର ହୋତା

ବଉଳୀ, ଧୋବଳୀ ଗୋ ମାତା ଦୁଇ
ବଢ଼ାନ୍ତି ମୋ ଘର ଶୋଭା
ତାଙ୍କ ସେବା ଯତ୍ନ ଅଟେ ମୋର ଧର୍ମ
ଲାଗେ ସତେ ପ୍ରଭୁ ସେବା ।।(୧)
ଯାହା ମତେ ମିଳେ ତାହା ମୁଁ ପରସେ
ଆନନ୍ଦରେ ଭୁଞ୍ଜିଥାନ୍ତି
ଭଲ ମନ୍ଦ କେବେ ଦେଇ ନାହିଁ ତାଙ୍କୁ
ତଥାପି ଥାଆନ୍ତି ଶାନ୍ତି ।।(୨)
ଘାସ ବୋହି ଆଣେ ନିତି ତାଙ୍କ ପାଇଁ
ବିଲରୁ ଆମରି କାଟି
ଆନନ୍ଦ ମନରେ ଖାଇଥାନ୍ତି ଦୁହେଁ
ଦେଉଥାନ୍ତି ଲାଞ୍ଜ ପିଟି ।।(୩)
ନିଇତି ସକାଳେ ଗାଇ ଗୋଠ ମେଳେ
ଯାଆନ୍ତି ସେମାନେ ଚରି
ପେଟ ପୂରା ଖାଇ ମନ ଖୁସି କରି
ଆସନ୍ତି ସଞ୍ଜକୁ ଫେରି ।।(୪)

ISSN NO.
2582-208X

ପାଇଥାଏ ମୁହିଁ କ୍ଷୀର ତାଙ୍କ ଠାରୁ
ହୁଅଇ ସେଥିରୁ ଘିଅ
ମାଆ କରିଥାଏ ଛେନା କି ପନିର
ବାସୁଥାଏ ମହ ମହ ।।(୫)
ବଳକା କ୍ଷୀର କୁ ବିକ୍ରି କରିଦେଇ
ରୋଜଗାର କରେ ଟଙ୍କା
ଦେହ ତାଙ୍କ କେବେ ହୋଇଲେ ଖରାପ
ମନରେ ଆସଇ ଶଙ୍କା ।।(୬)
ବଉଳୀ ଧୋବଳୀ ଉପକାର ସଦା
ହେଉଥାଏ ନିତି ଭାଳି
ଗୋବରୁ ତାଙ୍କର ତିଆରି କରି ମୁଁ
ଘସି କରିଦିଏ ଜାଳି ।।(୭)
କୁକୁର ରଖିକି ଆଜିକାଲି ଘରେ
କହୁ ଆମେ ଆଧୁନିକ
ଗାଇ ରଖିଦେଲେ ଲାଜ ଆସେ ମନେ
ଜୀବନ ଆମର ଧିକ ।।(୮)

ଦକ୍ଷିଣକାଳୀ ରୋଡ଼
ବିଦ୍ୟାନଗର, ଢେଙ୍କାନାଳ

ISSN NO.
2582-208X

# ଆଇ ମାଆ
# କବିତା - ୧



ଦାସ କମଳ କୁମାର

## (କଇଁଛ,ଠେକୁଆ)

ଆଇ ମାଆ କୁହେ ପିଲାଙ୍କୁ କବିତା
   କୁହେ ଶୁଣ ମନ ଦେଇ ।
କବିତାରୁ ଯାହା ଶିଖିଲ କହିବ
   ପଚାରିବି ଯେବେ ମୁହିଁ ।
ଏକ ଜଙ୍ଗଲରେ ପରିବାର ସହ
   ଠେକୁଆଟି ରହୁଥିଲା ।
ଜଙ୍ଗଲ ର ପାର୍ଶ୍ୱେ ବୁଲୁ ବୁଲୁ ସିଏ
   କଇଁଛ ଏକ ଦେଖିଲା ।
କଇଁଛକୁ ଦେଖି ପଚାରେ ଠେକୁଆ
   କେଉଁଠି ତୁମର ଘର ।
ପାଖ ପୁଷ୍କରିଣୀ ଦେଖାଇ କଇଁଛ
   କୁହେ ସେଠି ବାସ ମୋର ।
ସେହି ଦିନୁ ଦୁହେଁ ହୋଇଗଲେ ସାଙ୍ଗ
   ଖେଳୁଥିଲେ ଏକା ସାଥେ ।
ଠେକୁଆ ଦଉଡେ ବହୁ କ୍ଷିପ୍ର ବେଗେ
   କଇଁଛ ଚଳଇ ମଠେ ।

ISSN NO.
2582-208X

ନିଜର ବଡିମା ଦେଖାଇବା ପାଇଁ
ଠେକୁଆ କୁହଇ ସାଙ୍ଗ ।
ପ୍ରତିଯୋଗିତାଏ କରିବା ଦୌଡର
ଦୁହେଁ ନେବା ସେଠି ଭାଗ ।
କଇଁଛ ସମ୍ମତି ଜଣାଇଲା ଦୁଃଖେ
ସାଙ୍ଗର କପଟ ଜାଣି ।
ଠେକୁଆ ଭାବଇ ଅତି ସହଜରେ
ପାରିବ ଏହାକୁ ଜିଣି ।
ପ୍ରତିଯୋଗିତାଟି ଆରମ୍ଭ ହୋଇଲା
ଠେକୁଆ ଦଉଡେ ଦ୍ରୁତେ ।
କିଛି ବାଟ ଧାଇଁ ପଛକୁ ଦେଖଇ
ନଦିଶେ କଇଁଛ ସତେ ।
ଭାବିଲା ଠେକୁଆ ବିଶ୍ରାମ କରିବ
ସେହିଠାରେ କିଛି କ୍ଷଣ ।
କଇଁଛ ଆସିଲେ ପୁଣି ଦଉଡିବ
ଅଚିରେ ଜିତିବ ରଣ ।
ଅଳସ ପଣରେ କରିଲା ବିଶ୍ରାମ
ଶୋଇଗଲା ନିଦେ ସିଏ ।
ଧିରେ ଧିରେ ଚାଲି ଲକ୍ଷ୍ୟ ସ୍ଥଳେ ଯାଇ
କଇଁଛ ଯେ ଠିଆ ହୁଏ ।
ନିଦ୍ରାରୁ ଜାଗ୍ରତ ହୋଇ ଦଉଡିଲା
ହେଲେ ଲାଭ ନାହିଁ କିଛି ।
ନିଜ ପରାଜୟ ଦେଖିଣ ଠେକୁଆ
ଦୁଃଖରେ ପଡିଲା ବସି ।
କୁହ ପିଲେ ଏବେ କିଏ ସେ କହିବ
ଠେକୁଆ ହାରିଲା କାହିଁ ?

ISSN NO.
2582-208X

ଏହା ଶୁଣି ମିନୁ ହାତ ଟେକି କୁହେ
ଉତ୍ତର କହିବି ମୁହିଁ ।
ଠେକୁଆ ଅଟଇ ବଡ ଅଳସୁଆ
ଅଳସୁଆ ଦୁଃଖ ପାଏ ।
ପ୍ରତିଦ୍ୱନ୍ଦୀ ଟିକୁ ହେୟ ମନେ କଲେ
ନିଶ୍ଚେ ପରାଜୟ ହୁଏ ।
ମିନୁର ଉତ୍ତର ଶୁଣି ଆଇ ମାଆ
ମନେ ବହୁ ଖୁସି ହେଲେ ।
ଅଳୁସୁଆ କେହି ହେବା ନାହିଁ କହି
ଶପଥ ସବୁରି ନେଲେ ।

( ଜୟ ଜଗନ୍ନାଥ )

ଗୋବିନ୍ଦପୁର,ମାର୍ଥାପୁର

ISSN NO.
2582-208X

# ଚଗଲା ରିଷି ବଦଳି ଗଲା



ରାମ ଚନ୍ଦ୍ର ପ୍ରଧାନ

ଛୋଟିଆ ଗାଁ ହରିପୁର । ସେଇ ଗାଁ'ରେ ତୁମ ପରି ଗୋଟେ ପିଲାଟିଏ ରହୁଥିଲା । ନାଆଁଟି ତା'ର ରିଷି । ହେଲେ ସ୍ୱଭାବଟା ତା'ର ଠିକ୍ ଓଲଟା । ସେ ପୁରା ଚଗଲା, ଦୁଷ୍ଟ ଆଉ ଅମାନିଆ । ଘରେ କାହାରି କଥା ଶୁଣେନା । ସାଙ୍ଗସାଥିଙ୍କ ସହ ଝଗଡ଼ା କରେ । ଗୁରୁଜନମାନଙ୍କ ପ୍ରତି ଭଲ ବ୍ୟବହାର ଦେଖାଏ ନାହିଁ । ଗୋଟେ କଥା କହିଲେ ପ୍ରତି ଉତ୍ତରରେ ଦି'ଟା କଥା କହେ । ଦାଣ୍ଡେ ଯାଉଥିବା ଭାଲୁକୁ ଘର ଭିତରକୁ ଡାକି ଆଣେ ଆଉ ଚାଲିଗଲା ଶଗଡ଼ରେ ହାତ ପୂରାଇ ଦିଏ । ଏଥିପାଇଁ ବାପାମାଆ ତା' ପାଇଁ ସବୁବେଳେ ଚିନ୍ତିତ ରୁହନ୍ତି । ସାଙ୍ଗସାଥି କେହି ବି ତା' ସହ ସାଙ୍ଗ ହୁଅନ୍ତି ନାହିଁ । ଖେଳ ଛୁଟିରେ ସ୍କୁଲରେ ତା' ସାଥିରେ କେହି ଭଲରେ ଖେଳନ୍ତି ନାହିଁ । ତା' ମନଟା ସବୁବେଳେ ଅସ୍ଥିର, ତେଣୁ ସେ କେବେ ହେଲେ ଧୀରସ୍ଥିର ଭାବେ ବସି ପାରେନି । ଶ୍ରେଣୀରେ କେବେ ପାଠ ଶୁଣେନି କି କୌଣସି ଗୃହକାର୍ଯ୍ୟ କରେନି । ତା'ର ଏମିତିକା ଗୁଣ ପାଇଁ ସେ ଶିକ୍ଷକଙ୍କ ଠାରୁ ସବୁଦିନେ ମାଡ଼ ଖାଏ ଓ ଗାଳି ଶୁଣେ । ଖାଲି ସେତିକି ନୁହେଁ, ରାତି ପାହିଲେ ରିଷି ବାଡ଼ିଟେ ଧରି କୁକୁର, ବିଲେଇ, କାଉ ଓ ଅନ୍ୟାନ୍ୟ ଛୋଟ ଛୋଟ କୀଟ ପତଙ୍ଗମାନଙ୍କୁ ମାରିବାକୁ ଗୋଡ଼ାଏ । ଏଥିପାଇଁ ସେମାନେ ରିଷିକୁ ଭାରି ଡରନ୍ତି । ଖରାତରା ନ ମାନି ସେ କଙ୍କି ଓ ଭଅଁର ଧରେ । ଭାରି ଅବୁଝାଟାଏ । କଥାବାର୍ତ୍ତା ଚଣା ଫୁଟିଲା ଭଳି ହେଲେ ପାଠଘର ଶୂନ । ବେଳେବେଳେ ସେ ତା' ମାଆଙ୍କ ପାଖରେ ଆସି ଅଭିଯୋଗ କରେ ତା' ସହ କେହି ଖେଳୁ ନାହାଁନ୍ତି ବୋଲି । ମାଆ ପ୍ରଭାତୀ ଦେବୀ ତାକୁ ବୁଝାଇ କୁହନ୍ତି । ସେମାନେ ତୋ ପରି ଦୁଷ୍ଟ ନୁହଁନ୍ତି କି କାହା ସହ ଝଗଡ଼ା କରନ୍ତି ନାହିଁ । ଗୁରୁଜନଙ୍କ କଥା ଶୁଣନ୍ତି ଓ ଭଲ ପାଠ ପଢ଼ନ୍ତି। ସାଙ୍ଗସାଥି ହୋଇ ପରସ୍ପର ଖେଳନ୍ତି,ହସନ୍ତି,ବୁଲନ୍ତି, ତେଣୁ ସେମାନେ ସୁନା ପିଲା। ତୁ ତ ସେମିତିକା ନୁହଁ, ସେଥିପାଇଁ ସେମାନେ ତୋ ସହ ଖେଳିବାକୁ ଭଲ ପାଆନ୍ତି

ISSN NO.
2582-208X

ନାହିଁ । ରିଷି ମାଆଙ୍କ କଥା ଭଲ ଭାବେ ଶୁଣେ ଓ ମନକୁ ନିଏ । କିନ୍ତୁ ଟିକିଏ ପରେ ପୁଣି ଯେମିତି ସେମିତି । "ମୋତେ ଯେତେ ମାଠୁଛୁ ମାଠେ, ମୁଁ ସେଇ ଦରପୋଡା କାଠେ" ।

ସବୁଦିନ ପରି ରିଷି ସେଦିନ ସ୍କୁଲରୁ ବହି ବସ୍ତାନି ଧରି ଫେରୁଥିଲା । ଆସିଲା ବେଳେ ଦେଖିଲା ପଡ଼ୋଶୀ ଘର ବନି ମାଆ ପାଖରେ କେତେ ଗୁଡ଼ାଏ ମାଙ୍କଡ଼ ଜମା ହୋଇଛନ୍ତି ଆଉ ବନି ମାଆ ଓ ତାଙ୍କ ପୁଅ ତମନ ସେମାନଙ୍କୁ ବିସ୍କୁଟ ଦେଉଛନ୍ତି । କିଏ କାନ୍ଧରେ ବସି ପଡୁଛି ତ ଆଉ କିଏ ଗୋଡ଼ ପାଖରେ ବସି ଡିଆଁ ମାରୁଛନ୍ତି । ସତେ ଯେମିତି ସେମାନେ ମାଙ୍କଡ଼ ନୁହଁନ୍ତି ଚିହ୍ନାଜଣା ମଣିଷ । ବନି ମାଆ ପ୍ରତିଦିନ କାଉ, କୁକୁର, ବିଲେଇକୁ ଖାଇବାକୁ ଦିଅନ୍ତି । ରିଷି ସେମାନଙ୍କୁ ଘଉଡ଼ାଇ ଦିଏ ବୋଲି ଦୀନବନ୍ଧୁ ବାପା ରିଷିକୁ ଗାଳି ଦିଅନ୍ତି । ଆଜି ଭଳିଆ ବିରଳ ଘଟଣା ରିଷି ପାଇଁ ପୁରା ନୂଆଁ । ଏମିତିକା ଘଟଣା ସେ ଆଗରୁ କେବେ ଦେଖି ନ ଥିଲା । ତେଣୁ ତାକୁ ଭାରି କୌତୁହଳ ଲାଗିଲା । ବହି ବସ୍ତାନି ଫିଙ୍ଗି ଦେଇ ସେ ମାଆ ପାଖକୁ ଧାଇଁଲା ଏବଂ ମାଆଙ୍କ ହାତଧରି ଡାକି ଆଣିଲା ଏସବୁ ଦେଖାଇବା ପାଇଁ । ତାପରେ କିଛି ସମୟ ନିରବ ରହି ମାଆଙ୍କୁ ରିଷି ପଚାରିଲା -"ମୁଁ ସେମାନଙ୍କୁ ପାଖକୁ ଡାକି ଖାଇବାକୁ ଦେଲେ ସେମାନେ କ'ଣ ଆସିବେ ?" ଏକଥା ଶୁଣି ମାଆ ରିଷିକୁ କହିଲେ -"ସେମାନେ ବି ମଣିଷ ପରି, ସବୁ କଥା ବୁଝନ୍ତି ।" ସ୍ନେହ ଆଦର ଦେଇ ସେମାନଙ୍କୁ ଡାକି ଖାଇବାକୁ ଦେଲେ ଦିନେ ନା ଦିନେ ସେମାନେ ତୋର ଉପକାର କରିବେ । ମାଆଙ୍କ ଠାରୁ ଏସବୁ ଶୁଣି ରିଷିର ମନ ବଦଳି ଗଲା । ତା'ର ଦୁଷ୍ଟାମୀ ଆଉ ଚଗଲାମୀ କୁଆଡ଼େ ଉଭେଇ ଗଲା । କାହାକୁ କିଛି ନ କହି ସେ ସଅଳ ରାତ୍ରି ଭୋଜନ ଖାଇ ଜେଜେ ବାପାଙ୍କ ପାଖକୁ ଯାଇ ଶୋଇପଡିଲା ।

ତା' ପର ଦିନ ସକାଳୁ ଉଠି ରିଷି ଘରର ଗୁରୁଜନମାନଙ୍କୁ ପ୍ରଣାମ କଲା । ବାଡ଼ିପଟେ ବୁଲୁଥିବା କୁକୁର, ବିଲେଇ, କାଉ ଆଦି ପଶୁପକ୍ଷୀମାନଙ୍କୁ ଡାକି ଖାଇବାକୁ ଦେଲା । ପ୍ରଥମେ ପ୍ରଥମେ ସେମାନେ ରିଷି ପାଖକୁ ଆସିଲେ ନାହିଁ, ତା ପରେ ପରେ ଏବେ ଅନେକ ପଶୁପକ୍ଷୀ ତା' ପାଖକୁ ଆସୁଛନ୍ତି ଏବଂ ରିଷି ସେମାନଙ୍କୁ ସ୍ନେହରେ ଖାଇବାକୁ ଦେଉଛି । ରିଷିର ଏ ପରିବର୍ତ୍ତନ ଦେଖି ସଭିଏଁ ଖୁସି । ସାଙ୍ଗ ହେଉ ନ ଥିବା ପିଲାମାନେ ଏବେ ତା' ସହ ସାଙ୍ଗସାଥି ହୋଇ ଖେଳୁଛନ୍ତି, ପଢୁଛନ୍ତି, ବୁଲୁଛନ୍ତି । ପଡ଼ୋଶୀ ଦୀନବନ୍ଧୁ ବାପା ତା' ଉପରେ ଆଉ ଆଗଭଳି ରାଗୁ ନାହାନ୍ତି । ଏବେ ରିଷି ସାଙ୍ଗସାଥିମାନଙ୍କ ସହ ନିୟମିତ ବିଦ୍ୟାଳୟ ଯାଉଛି । କାହା ସହ ଝଗଡ଼ା କରୁନି । ବାପାମାଆଙ୍କ କଥା ଶୁଣୁଛି । ଗୁରୁମା,

ISSN NO.
2582-208X

ଗୁରୁଜୀଙ୍କୁ ସମ୍ମାନ ଦେଉଛି । ସ୍କୁଲରେ ଦୁଷ୍ଟାମୀ ନ କରି ମନ ଧ୍ୟାନ ଦେଇ ପାଠ ପଢୁଛି ଏବଂ ସ୍କୁଲରେ ଦିଆଯାଇଥିବା ଗୃହକାର୍ଯ୍ୟ ଠିକ୍ ସମୟରେ ସାରିଦେଉଛି । ସତରେ କହିବାକୁ ଗଲେ ରିଷି ଏବେ ପୁରା ବଦଳି ଗଲାଣି । ଏକଥା ଯିଏ ଶୁଣିଲା ରିଷିକୁ ସାବାସି ଦେଉଛନ୍ତି । ସାହି ପଡୋଶୀ ଠୁ ଆରମ୍ଭ କରି ସାଙ୍ଗସାଥି, ଗୁରୁଜନ ସଭିଏଁ କହୁଛନ୍ତି, ରିଷି ଏବେ ସୁନାପିଲା ହୋଇ ଯାଇଛି ।ଏଥିରେ ସବୁଠୁ ବେଶି ଖୁସି ରିଷିର ବାପାମାଆ । ଏକଥା ଦେଖି ତାଙ୍କ ଛାତି କୁଣ୍ଢେମୋଟ ହୋଇଯାଉଛି । ଆଉ ସେମାନେ ଖୁସିରେ କହି ବୁଲୁଛନ୍ତି ଆମ ଚଗଲା ରିଷି ଆଜିକାଲି ଆଉ ଦୁଷ୍ଟାମୀ କରୁନି, ସେ ପୁରାପୁରି ବଦଳି ଯାଇଛି । ରିଷିର ଅହେତୁକ ପରିବର୍ତ୍ତନ ଦେଖି ମାଆ ଠାକୁରଙ୍କୁ ମନେ ମନେ ଧନ୍ୟବାଦ ଦେବା ସହ ତାଙ୍କୁ ନିଇତି ପ୍ରାର୍ଥନା କରି କହୁଛନ୍ତି -"ସେ ଯେମିତି ସବୁଦିନେ ଏମିତି ଭଲରେ ରହିଥାଉ ଆଉ ଭଲ ପାଠ ପଢ଼ି ଭବିଷ୍ୟତରେ ଏ ଦେଶ ଜାତିର ନାଆଁ ରଖୁ ।"

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ପିନ - 761111 /ମୋ - 9861638736

ISSN NO.
2582-208X

# କୁନା ଶିଖିଲା ପିମ୍ପୁଡ଼ିଠାରୁ



ଅମରନାଥ ବାରିକ୍

ପିମ୍ପୁଡ଼ି ଭାଇ ପିମ୍ପୁଡ଼ି ଭାଇ
କଥା ପଚାରିବି ଦେବକି କହି ।
କୁଆଡ଼େ ଯାଉଛ ମୋ କଥା ଶୁଣ
ଦେଉଅଛି ମୁହିଁ ତୁମକୁ ରାଣ ।

ଟିକିଟିକି ଗୋଡ଼ ଛୋଟ ଶରୀର
ଟିକି ହାତେ ବଡ଼ କାମଟି କର ।
ଉପାୟ ତାହାର ଦେବକି କହି
ଦଣ୍ଡେ ବିଶ୍ରାମରେ ମୋ ପାଖେ ରହି ।

ବରଷା ଆଗରୁ ଆହାର ରଖ
ଭଲ ମନ୍ଦ ସବୁ ବୁଝି ପରଖ ।
ଯିବାବେଳେ ବାଟେ ଧାଡ଼ିରେ ଚାଲ
ମାନ ନାହିଁ କେବେ ଢିପ କି ଖାଲ ।

ମିଳିମିଶି ସବୁ ସାଙ୍ଗରେ ରୁହ
ତୋର ମୋର କିଛି କେବେ ନକୁହ ।

ISSN NO.
2582-208X

ସାଥି ହୋଇ ସବୁ ଏକାଠି ଖାଅ
ଶୃଙ୍ଖଳାରେ ମନେ ମନ ମିଳାଅ ।

ଏକ ଆରେକର ସହାୟ ହୋଇ
ଖୋଜି ବୁଲୁଥାଅ ଆହାର ପାଇଁ ।
ପାଇଲେ ସଭିଏଁ ନିଅ ଗଡ଼େଇ
ଟିକି ମନେ ବଡ଼ ଆଶାଟି ନେଇ ।

ପିମ୍ପୁଡ଼ି କହିଲା କୁନାକୁ ଚାହିଁ
ବସ ମୋର ପାଖେ ଦେବି ବତାଇ ।
ଏଥର କଥା ମୋ ଶୁଣ ଧ୍ୟାନରେ
ଯାହା ମୁଁ କହୁଛି ଛୋଟ ପାଟିରେ ।

ସର୍ବଦା ହୋଇବ ପରୋପକାରୀ
ମନେ ଉଚ୍ଚ ଆଶା ବିଶ୍ୱସ ଭରି ।
ହୁଅ ପଛେ ଛୋଟ ପିଲାଟି ତୁମେ
ନିଜକୁ ମଣିବ ନର ପ୍ରଥମେ ।

ନରଖିବ ସ୍ୱାର୍ଥ ଜୀବନେ କେବେ
ମଣିଷରେ ଗଣା ହୋଇବ ତେବେ ।
ପାଠ ସାଠ ଜ୍ଞାନ ବିବେକ ବୁଦ୍ଧି
ରଖିବ ବିଚାର ଉଚିତ ଯଦି ।

କରୁଥିବ କାମ ଯେତେ କଠିନ
ଅଳସୁଆ ହେବ ନାହିଁଟି ଧନ ।

ISSN NO.
2582-208X

ଜିତିବ ନିଶ୍ଚିତ ଜୀବନ ବାଜି
ନହୋଇବେ ଜନେ କେବେ ଅରାଜି ।

କାଲି କାମ ପୁଣି ଆଜି କରିବ
ଦେଶ ଜାତି ଲାଗି ଜୀବନ ଦେବ ।
ଅଳପରେ ଖୁସି ହୋଇ ରହିବ
ଅଧିକ ଧନେ ଲୋଭ ନରଖିବ ।

ସମୟର ସଦୁପୋଯୋଗ କରି
ଚଲାଇବ ହସି ଜୀବନ ତରୀ ।
ନକରିବ ହେଳା ପିତା ମାତାଙ୍କୁ
ପୂଜୁଥିବ ସଦା ମାନି ଏହାଙ୍କୁ ।

ପିମ୍ପୁଡ଼ି ଭାଇର ହିତ କଥାକୁ
ଶୁଣି କୁନା ସବୁ ନେଲା ମନକୁ ।
କରିବ ଯାହା ସେ କହିଲେ ସବୁ
ଏବେ ଠାରୁ ଲାଗି ପଡ଼ିଲେ ବାବୁ ।

ISSN NO.
2582-208X

# ନୀରବ ପ୍ରାର୍ଥନା



ଆକାଂକ୍ଷା ମିଶ୍ର

ମାନ ଅଭିମାନ ସବୁ ମୂଲ୍ୟହୀନ
ମଣିଷ ବଞ୍ଚିବା ପାଇଁ
ନିଜ ନିଶ୍ୱାସକୁ ଭରସା ପାଉନି
ଜୀବନର ମାନେ ଏହି (୧)

ଅଢେଇ ଦିନିଆ କୁଣିଆ ସଭିଏଁ
ଯିବା ଆଗପଛ ହୋଇ
ଗର୍ବ ଅହଙ୍କାର ରାଗ ରୋଷ ପୁଣି
କରିବା ଯେ କାହିଁ ପାଇଁ? (୨)

କାନ୍ଦୁଥିଲେ ସିଏ ଲୁହପୋଛି ଦିଏ
ଦୁଃଖରେ ହୁଏ ଯେ ଦୁଖୀ
ଆସେ ନାହିଁ କେବେ ବିପଦ ତା ପାଇଁ
ସାହାତାର ଚକାଆଖି (୩)

ଜନ୍ମ ଜନ୍ମାନ୍ତର ସମ୍ପର୍କ ଥାଉ ହେ
ଜଗା ତୁମ ସାଥେ ମୋର
ଭଲରେ ଥାଏକି ମନ୍ଦରେ ଥାଏ ମୁଁ
ଜାଣି କରିବନି ଦୂର (୪)

ଆଖିରେ ଦେଖୁଛି ହସୁଚି ଅଧର୍ମ
ଧର୍ମ ଗଡ଼ାଉଚି ଲୁହ
ତଥାପି କହୁଛି କହୁଥିବି ପ୍ରଭୁ
ଧର୍ମର ହେବ ଜୟ। (୫)

ମଲ୍ଲୀପୁର (କଆଳ )
ଖୋର୍ଦ୍ଧା
୯୯୩୮୦୨୦୧୨୦

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ



ଦିଲ୍ଲୀ ପବ୍ଲିକ ସ୍କୁଲ, ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମତାମତ/ସମୀକ୍ଷା

## ବେଦାନ୍ତୀ - ଫେବୃୟାରୀ ସମୀକ୍ଷା



ଦେବଯାନୀ ସ୍ୱାଇଁ

ଓଡିଆ ଭାଷାର ସମୃଦ୍ଧି କରିବା ତଥା ଯୁବ ଲେଖକ ଲେଖିକାଙ୍କୁ ଉତ୍ସାହିତ କରିବା ସହିତ ପାଠକ ମାନଙ୍କୁ ଆକର୍ଷିତ କରିଥାଏ "ବେଦାନ୍ତୀ" ତାର ପ୍ରଚ୍ଛଦ ପୃଷ୍ଠାରେ ଆକର୍ଷଣୀୟ ପ୍ରତିଛବି ନେଇ। ଏଥରକ ମଧ୍ୟ ପ୍ରଚ୍ଛଦ ପୃଷ୍ଠାରେ ନିଜର ସ୍ୱତନ୍ତ୍ରତା ବଜାୟ ରଖି, ସୁନ୍ଦର ଲାଲ୍ ରେଶମ ରଙ୍ଗର କପା ଫୁଲରେ ସଜ୍ଜିତ ହୋଇ ଆସିଛି ଆମ ପ୍ରିୟ "ବେଦାନ୍ତୀ"।

ସଂପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ୫୦୦ ବର୍ଷ ଅପେକ୍ଷାର ଅନ୍ତ ଘଟାଇ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ନୂତନ ଭବ୍ୟ ମନ୍ଦିରର ପ୍ରତିଷ୍ଠାକୁ ଲକ୍ଷ୍ୟ କରି କହିଛନ୍ତି, ଏହା ଭକ୍ତ ମାନଙ୍କ ମନରେ ଆନନ୍ଦ, ଉତ୍ସାହ ଓ ଭାବାବେଗକୁ ବୃଦ୍ଧି କରିବା ସହିତ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଅଭୁତପୂର୍ବ ବିକାଶ ଆଣି ପାରିଛି।

ଭିତର ପୃଷ୍ଠାରେ ନିୟମିତ ବିଭାଗ ସହିତ ରହିଛି ଶତାଧିକ ଆଲେଖ୍ୟ।

ପ୍ରଥମ ଲେଖା, ଧାରାବାହିକ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ ରହିଛି ଏକ ରହସ୍ୟମୟ ତଥ୍ୟ, ଆଣ୍ଡାମାନ ଦ୍ୱୀପରେ ଅନେକ ଗୁଡିଏ ବିସ୍ମୟକର ଜୀବଜନ୍ତୁ ଭିତରେ

ISSN NO.
2582-208X

ଏକ କ୍ଷୁଦ୍ର ସୁଇଫ୍ଟଲେଟ୍ ଚଢେଇ, ଯାହାର ବସାରୁ ପ୍ରସ୍ତୁତ ହେଉଛି ସବୁଠୁ ସ୍ୱାଦିଷ୍ଟ ସୁପ୍। "ଶ୍ରୀମତୀ ପଦ୍ମାଳୟା" ରେ ଗାଳ୍ପିକାଙ୍କ ଚିନ୍ତାଦୃଷ୍ଟି ଅତ୍ୟନ୍ତ ଗ୍ରହଣୀୟ। ତାଙ୍କ ମତରେ, ନାରୀ ସଶକ୍ତୀ କରଣ ମାନେ ନୁହେଁ ଯେ ପୁରୁଷ ମାନଙ୍କୁ ବଦନାମ୍ କରିବାର ଡର ଦେଖାଇ ପଇସା ମାଗିବା ନହେଲେ ଜବରଦସ୍ତି କାହାର ଭୋଜିଭାତକୁ ଯାଇ ଖାଇବା ବୋହି ଆଣିବା ବରଂ କାମ କରି ସ୍ୱାବଲମ୍ବୀ ହୋଇ ଶ୍ୱାଭିମାନରେ ବଞ୍ଚିବା। ପ୍ରେମ ସତରେ କିଭଳି... ଏକ "କାଡବରି ଚକୋବାର" ଭଳି...ଗୋଟେ ବାଇଟ୍ ତୁମର, ଗୋଟେ ବାଇଟ୍ ମୋର, ଏମିତି କିଛି ନା ଆଉ କିଛି!!

ମୋର ପ୍ରିୟ ଧାରାବାହିକ ଗଳ୍ପ "ଉଠ୍ ପୁଟୁର୍"ରେ ଅଭିର, ମେଟ୍ରିକ ପରୀକ୍ଷା ଦେବାଲାଗି ଦୂର ଗାଁ କୁ ଆସି ପରୀକ୍ଷାକେନ୍ଦ୍ର ନିକଟରେ ରହଣି ବେଳର କିଛି ସ୍ମୃତି। ଭାଇ ଠାରୁ ଯେତେ ମାଡ ଖାଏ ପଛେ, "ସତ କହିବାକୁ କିଆଁ ଡରିବି"। "ସୂର୍ଯ୍ୟମୁଖୀ"ର ଅବଶୋଷ କି, ଦିନ ତମାମ ସେ ତାଙ୍କୁ ଅନେଇ ରହିଲା ତଥାପି ଭି କେତେ ଭଲ ପାଏ ତାଙ୍କୁ କହି ପାରିଲାନି। ତଥ୍ୟ ସମ୍ବଳିତ, "ପଶ୍ଚିମ ଓଡିଶାର ଦଣ୍ଡ ଯାତ୍ରା- ଏକ ବିହଙ୍ଗାବଲୋଚନ" ଏବଂ "ଓଡିଆ ଗୀତିକବିତାରେ ଚଉପଦୀର ରଚନାରୀତି"। ଆଲୋଚନାତ୍ମକ ଆଲେଖ୍ୟ, "ସାଂପ୍ରତିକ ସମାଜରେ ଲୋକକଳାର ପ୍ରାସଙ୍ଗିକତା" ଏବଂ "ଲଳିତ ନିବନ୍ଧ- ପାର୍ବଣର ରଙ୍ଗ"। ଏମିତି ଏମିତି ରହିଛି ଆହୁରି ଅନେକ ନାଟକ ଗଳ୍ପର ଆଲେଖ୍ୟ।

"କବିତା" ସବିତା କବିତା ସରିତା ସେ ତ ଭାବନାର ଭାବଧାରା, ପାଠକ ମନକୁ ଛୁଇଁଯାଏ କେବେ ପୁଣି ହୋଇଯାଏ କାଳଜୟୀ ପରା! "ଜୀବନ ଚକ୍ର"ର କଷାଘାତ ତଳେ "ଆଶା"ର ପ୍ରଦୀପ ବୁଣଇ ହସ, "ଜୀବନର ନଉକାରେ" ଭାସଇ ଜୀବନ- ଦୁଃଖ କଷ୍ଟ ଭରା କାତ। "ହାଟ" ସାରା ଗହଳି ଲାଗିଛି କିଣିବାକୁ ଏକ ଚାମୁଚେ ସୁଖ! ଦିନେ ସଂସାର ହାଟ ସରିବରେ ସଙ୍ଗାତ, ଦାରୁଣ ଦଇବ ଭଜୁଥାଅ ରାମ କୃଷ୍ଣ ନାମ "ଜୀବନ ସଂଗୀତ"। "ଜନେ କହିବେ"- ପିଅର ପୟରେ ଥାଉ ମୋ ମତି, ମିଥ୍ୟା ଗର୍ବ କରି କଉରବ ଧ୍ୱଂସ- "ଅତିରୁ ଇତି" !

ISSN NO.
2582-208X

ହେ "ଶିଖି ପୁଛ ଚୁଳିଆ", "ସବୁ ତୁମରି ଇଚ୍ଛା"। "ମାଗୁ ଅଛି ଏହି ଭିକ୍ଷା", " ତୁମରି ନାମରେ ସକାଳ ଆରମ୍ଭ" ତୁମ ନାମ ଧରି ଯାଉ ଏ ଜୀବନ। "ଆଉ କିଛି ଚାହେଁ ନାହିଁ"- କେବଳ ଯିବା ବେଳେ ମୋର ଚାରି ପାଖେ ବସି ରହିଥିବେ ସାଇ ଭାଇ।

"ଗାଁ ପରିମଳ ଧୋବା ତୁଠରୁ"- ଗୃହ ପରିମଳ ତୁଳସୀ ଚଉରାରୁ। ସନମାନ ଜଗି ଚଳ ଏ ସଂସାରେ "ସମ୍ମାନ" ଦେଇ ଅନ୍ୟକୁ। "ମାଆର ରାନ୍ଧଣା" ଅମୃତ ସମାନ, "ନା, ମୁଁ ଭୁଲିପାରେ ଗାଁ କୁ..."। "ଆମରି ଉତ୍କଳ", ସମୟ ଗୋ ତୁମେ "ନିତ୍ୟ ନୂତନ" ଅଜର ଅମର ମହାକାଳ। ଓଡିଶାର ବାସୀ ହୋଇକରି ଆମ୍ଭେ ପ୍ରବାସୀ ଶବ୍ଦଟି "ଯନ୍ତ୍ରଣା ଦେଉଛି ଅତି", ହେଲେ "ଫେରିବ ରାମରାଜ୍ୟ" ହୋଇଛି ପ୍ରାଣ ପ୍ରତିଷ୍ଠା ଶ୍ରୀ ରାମଚନ୍ଦ୍ରଙ୍କର, ଝଲସିବ ଶାନ୍ତି ମୈତ୍ରୀ ଓ ପ୍ରୀତି।

"ପ୍ରୀତି ତରପଣ", "ତୁମକୁ ଖୋଜୁଛି" ମୁଁ ! "ତୁମ ପାଇଁ କବିତାଟେ", "ସ୍ମୃତିର କଳାପଟା"ରେ। ବାସ୍ ଏମିତି "ଆସୁଥିବ ମୁହୂର୍ତ୍ତକ ପାଇଁ"- ନିଶ୍ୱାସ ଥିବାଯାଏ ବଂଚିଯିବି ସେଇ ଟିକକ ସ୍ମୃତିକୁ ନେଇ।

"ଉଡାଣ; କିଛି ଇଚ୍ଛାର", "ଘର ଚଟିଆ ଚଢେଇ" ପରି "କଣ ମୁଁ ଯାଇ ପାରୁଛି ବହୁ ଦୂରକୁ"!! ଯୁଗ ଯୁଗ ଧରି କ୍ରୀଡନକ ସାଜି, ପୁରୁଷର ଲୋଲୁପ ଆଖିରେ ନାରୀ ହୋଇଛି ଏ "ଦିବ୍ୟ ପଥର ଯାତ୍ରୀ"। କବିତାର ଗହନ ବନରୁ ଆସ ଯିବା ବାହାରି...

ସ୍ୱାସ୍ଥ୍ୟ ବିଭାଗରେ ଖୁବ୍ ସୁନ୍ଦର ବିଷୟଟି ରହିଛି, "ଧର୍ମ ଭାବନା ଓ ଉତ୍ତମ ସ୍ୱାସ୍ଥ୍ୟ"। ଏଥିରେ ଉଲ୍ଲେଖ କରାଯାଇଛି- ଧର୍ମ ସମ୍ବନ୍ଧୀୟ ରୀତିନୀତି ପାଳନ ଯେପରିକି ପ୍ରାତଃ ସ୍ନାନ, ସୂର୍ଯ୍ୟ ନମସ୍କାର, ଧର୍ମଗ୍ରନ୍ଥ ପାଠ, ଇତ୍ୟାଦି କରିବା ଦ୍ୱାରା ଏକ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ ଯାହାକି ଆମ ଶରୀରରେ ଓଜ ଶକ୍ତି ବା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସକ୍ଷମ ହୋଇଥାଏ।

ISSN NO.
2582-208X

ଆମ ହାଣ୍ଡିଶାଳରେ ଏଥରକ ଅରବିନ୍ଦ ସାର୍ ବନେଇଛନ୍ତି "ମାଂସ ଝୋଳ"। ଗରମ ଭାତ ସାଙ୍ଗରେ ଖାସି ମାଂସ ଝୋଳର ଯେଉଁ ସ୍ୱାଦ ସତରେ!! ମାଂସ ଝୋଳ ଭାତ ଖାଇ ସାରିବା ପରେ ଡେଜର୍ଟ ରେ ରହିଛି "ସୁଜି ଲଡୁ"।

ଶିଶୁ ବିଭାଗରେ "ନୂଆ ଫଳର ନୂଆ ସୁଆଦ" ବିଷୟଟିରେ ପ୍ରଧାନ ଶିକ୍ଷକ, ଶିଶୁ ମାନଙ୍କୁ ଭିଟାମିନ୍ ଓ ଖଣିଜ ପଦାର୍ଥରେ ଭରପୁର ଏକ ବିଷୁବୀୟ ଅଂଚଳର ଫଳ ସହିତ ପରିଚିତ କରାଇଛନ୍ତି। ଏଥି ସହିତ ରହିଛି "ତାକୁ ନ ଜାଣେ କିଏ", "ଶୀତ ମାସର ମଜା", "ଆସନ୍ତୁ ପଢିବା ବହି", "ଖୋଜି ଆଣିବା ଖୁସି" ଭଳି ସୁନ୍ଦର ତଥା ଶିକ୍ଷଣୀୟ କବିତା।

କୁନି ଆଦବିକା ତାଙ୍କ "ଚିତ୍ର"ରେ ୨୦୨୩ କୁ ବିଦାୟ ଜଣାଇ ନୂଆ ସୂର୍ଯ୍ୟୋଦୟର ନୂତନ ଆଲୋକ, ଉତ୍ସାହ ସହିତ ଦୁଇ ହାତ ବିସ୍ତାର କରି ସ୍ୱାଗତ ଜଣାଇଛନ୍ତି ୨୦୨୪ ମସିହାକୁ।

ଶେଷରେ ପର୍ବ ପର୍ବାଣୀ ତାଲିକାରେ ଅନ୍ୟାନ୍ୟ ପର୍ବ ସହିତ ରହିଛି ବିଦ୍ୟା ଦାୟିନୀ, ହଂସ ବାହିନୀ, ସ୍ୱର ସଙ୍ଗୀତର ଦେବୀ, ମା' ସରସ୍ୱତୀଙ୍କ ପୂଜା।

ଆସନ୍ତୁ ସମସ୍ତେ ମିଳି ମା' ସରସ୍ୱତୀଙ୍କ ପୂଜା କରି ଆଶୀର୍ବାଦ କାମନା କରିବା।

ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ମାର୍ଚ୍ଚ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୬/୦୩/୨୦୨୪ | ପଙ୍କୋଦ୍ଧାର ଏକାଦଶୀ |
| ୦୮/୦୩/୨୦୨୪ | ମହାଶିବ ରାତ୍ରି (ଜାଗର) |
| ୦୯/୦୩/୨୦୨୪ | ବୈଷ୍ଣବ ସମ୍ମତ ମହାଶିବ ରାତ୍ରି |
| ୧୦/୦୩/୨୦୨୪ | ଅମାବାସ୍ୟା |
| ୧୧/୦୩/୨୦୨୪ | ଦ୍ୱିତୀୟାର ଚନ୍ଦ୍ରଦର୍ଶନ |
| ୧୨/୦୩/୨୦୨୪ | ରମଜାନ ମାସ ଆରମ୍ଭ |
| ୧୪/୦୩/୨୦୨୪ | ମୀନ ସଂକ୍ରାନ୍ତି ଓ ଗୁରୁ ପଞ୍ଚମୀ ବ୍ରତ |
| ୧୯/୦୩/୨୦୨୪ | ଦୋଳ ଯାତ୍ରା ଆରମ୍ଭ, ଫଗୁ ଦଶମୀ |
| ୨୦/୦୩/୨୦୨୪ | ପାପ ନାଶିଇ ଏକାଦଶୀ |
| ୨୧/୦୩/୨୦୨୪ | ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ |
| ୨୨/୦୩/୨୦୨୪ | ରାଷ୍ଟ୍ରିୟ ୧୯୪୬ ନବବର୍ଷ ଆରମ୍ଭ |
| ୨୪/୦୩/୨୦୨୪ | ବରାହ ଦୋଳ, ରାଜାଗ୍ନି, ଓଳକଣା ମେଲଣ |
| ୨୫/୦୩/୨୦୨୪ | ଦୋଳ ପୂର୍ଣ୍ଣିମା, ଶ୍ରୀ ଚୈତନ୍ୟ ଦେବଙ୍କର ଜନ୍ମୋତ୍ସବ |
| ୨୯/୦୩/୨୦୨୪ | ଗୁଡ ଫ୍ରାଇଡେ |
| ୩୦/୦୩/୨୦୨୪ | ପଞ୍ଚୁ ଦୋଳ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଫେବୃୟାରୀ ମାସର ବିଜେତାଙ୍କ ନାମ



ISSN NO.
2582-208X

ଛୁଆ ବେଳେ ଆମେ କାନ୍ଦୁଥିଲୁ କେତେ
ବେଲୁନ ଧରିବା ପାଇଁ
ଆଜି କନ୍ତୁ ଯୁଗ ବଦଳ ଯାଇଛି
ବେଲୁନ ହୋଇଛି ଉଡିବା ପାଇଁ

ଜନାର୍ଦ୍ଦନ ସାମନ୍ତ , କେନ୍ଦ୍ରାପଡା

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**